ଅମୃତସ୍ୟ ପୁତ୍ରୀ

କମଳ ଦାସ

Digitized by srujanika@gmail.com

ଅମୃତସ୍ୟ ପୁତ୍ରୀ

(କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ)

ମୂଳ ରଚନା
କମଳ ଦାସ
ଅନୁବାଦ
ବଂଶୀଧର ଦାଶ

ବିଦ୍ୟାପୁରୀ

Digitized by srujanika@gmail.com

AMRUTASYA PUTRI
(A Novel)
by Kamal Das
Translated by Bansidhara Dash
Publishers : Vidyapuri, Cuttack 753002

ISBN 81-7411-115-8

ପ୍ରଥମ ପ୍ରକାଶ ଡିସେମ୍ବର ୧୯୮୬
ଦ୍ୱିତୀୟ ମୁଦ୍ରଣ ନଭେମ୍ବର ୧୯୯୫

ପ୍ରକାଶକ

ପୀତାମ୍ବର ମିଶ୍ର

ବିଦ୍ୟାପୁରୀ

ବାଲୁବଜାର, କଟକ ୭୫୩୦୦୨

ଟାଇପ୍‌ସେଟ୍

ବିଦ୍ୟାଶ୍ରୀ ଡିଟିପି ସେଣ୍ଟର

କଟକ

ମୁଦ୍ରଣ

ଜଗନ୍ନାଥ ପ୍ରୋସେସ୍

କଟକ

ମୂଲ୍ୟ ଟ ୪୫.୦୦

Digitized by srujanika@gmail.com

ଏକ

"ପ୍ରାଣ ଚଞ୍ଚଳ, ସ୍ପନ୍ଦିତ । ମାନେ, କଲିକତାର ଦୃଶ୍ୟ ଦେଖିଦେଲେ କବିଙ୍କର ଗୋଟିଏ ଲାଇନ୍ ମୋର ମନେ ପଡ଼ିଯାଏ,-ଜାଗିଯା ଉଠେଛ ପ୍ରାଣ" ।

"ଥାଉ ଥାଉ ରିନ୍, ବହୁତ ହୋଇଗଲା । ତୁ ଯେଉଁ ରେଟ୍‌ରେ କଲିକତା ପ୍ରେମରେ ପଡ଼ିଯାଇଛୁ ନା, ସେଥିରେ ଆଉ କୌଣସି ମଣିଷ ପ୍ରେମିକ ତୋ ଆଖିରେ ପଡ଼ିବେନି ।"

"ଆଲୋ ନାହିଁ ଲୋ, ତୁ ବୁଝି ପାରିଲୁନି । ମୁଁ ଯେ କଲିକତାର କେବଳ ସବୁ ମଣିଷଙ୍କୁ ଭଲପାଏ ସେତିକି ନୁହେଁ, କଲିକତାର ସବୁ ଜିନିଷ— ତା'ପାଣି ପବନ, ତା'ପଶୁପକ୍ଷୀ, ତା'ଭଲମନ୍ଦ, ସବୁକିଛିକୁ ମୁଁ ଭଲପାଏ ।"

ବଡ଼ ବଡ଼ ଆଖି କରି ବନ୍ଧୁଆଡ଼କୁ ବୁଲିପଡ଼ି ସଙ୍ଗୀତା କହିଉଠିଲା, "ଏଇଟା କିଛି ଭଲକଥା ନୁହେଁ ଲୋ ରିନ୍, ଦେଖୁଛି ତତେ ଶେଷରେ ଜେଲ୍ ଖଟି ଖଟି ମରିବାକୁ ପଡ଼ିବ ।"

"ମାନେ ?"

"ମାନେଟା ତ ସ୍ପଷ୍ଟ । ଇଣ୍ଡିଆନ୍ ପେନେଲ୍ କୋଡ୍ ଅନୁସାରେ କେବଳ 'ଏକମେବାଦ୍ୱିତୀୟମ୍'କୁ ହୃଦୟ ଦାନ କରାଯାଇପାରେ । ଅବଶ୍ୟ ଜଣକ ପରେ ଜଣକୁ ଦାନ କଲେ ଦୋଷ ନାହିଁ ।"

"ଓଃ, ଏଇକଥା ! ତୁ ତ ମତେ ପୂରାପୂରି ଚିନ୍ତାରେ ପକାଇ ଦେଇଥିଲୁ ଲୋ ସୁ !"

ଦୁଇବନ୍ଧୁ ହୋ ହୋ ହୋଇ ହସିଉଠିଲେ ।

ରେଡ୍‌ରୋଡ୍ ଦେଇ କାର୍ ଛୁଟି ଚାଲିଛି । ସଙ୍ଗୀତା ହାତରେ ଷ୍ଟିଅରିଂ ହ୍ୱିଲ୍ । ପାଖରେ ରିନ୍‌ରିନ୍ ।

ଦୁହିଁଙ୍କର ବବ୍‌କଟା ସାମ୍ପୁଦିଆ କୋମଳ ରେଶମୀ କେଶଗୁଚ୍ଛ ପବନରେ ଉଡୁଛି ମଧୁର ସୁଗନ୍ଧ ଖେଳାଇ ।

Digitized by srujanika@gmail.com

ପଛ ସିଟ୍‌ରେ ଯଦି କେହି ଅନ୍ୟ ଲୋକ ବସିଥାଆନ୍ତା, ତେବେ ନିଶ୍ଚୟ ତାର ଚିତ୍ତ ହୋଇଉଠନ୍ତା ଚଞ୍ଚଳ କିମ୍ବା ସେ ଆବେଶରେ ହୋଇଯାଆନ୍ତା ସେଲ୍‌ବାଉଣ୍ଡ୍, ମନ୍ତ୍ରମୁଗ୍ଧ ।

କିନ୍ତୁ ସେ ଭୟ ନାହିଁ । କାହିଁକି ନା, ପଛରେ ଯେ ବସିଛନ୍ତି, ସେ ଏସବୁର ବହୁ ଉର୍ଦ୍ଧରେ । ସାକ୍ଷାତ୍ ସାଧୁପୁରୁଷ । କାହିଁକି ନା, ପୁରୁଷ ତ ନିଶ୍ଚୟ, କିନ୍ତୁ ସାଧୁ ନ କହି ଆଉ କଣ କୁହାଯାଇ ପାରେ ? ଏତେ ଶୁଣିବା ସତ୍ତ୍ୱେ ତାଙ୍କର ଏତିକି ଟିକିଏ ବି ଚାଞ୍ଚଲ୍ୟ ନାହିଁ ।

ତାର ଛୋଟ ଛୋଟ ଆଖି ଦୁଇଟିରେ ସ୍ପାନିଏଲ୍ କୁକୁର ପୁସି ଚତୁର୍ଦ୍ଦିଗ ପର୍ଯ୍ୟବେକ୍ଷଣ କରିବାରେ ବ୍ୟସ୍ତ । ଏ ଦୁଇ ଝିଅଙ୍କର କଥାରେ କାନ ଦେବାକୁ ତାର ସମୟ ନାହିଁ ।

ହଠାତ୍ ଗାଡ଼ିଟା ଅଟକିଗଲା । ମାନେ ଜୋର୍‌ରେ ବ୍ରେକ୍ ଦେଇ ଅଟକାଇଦେବାକୁ ପଡ଼ିଲା ।

"କଣ ହେଲା କିଲୋ ସୁ ?"

"ଚାହିଁ ଦେଖ । ହେଇଟି ତୋର ପ୍ରେମର ପ୍ରାଣବନ୍ତ କଲିକତା । ଟ୍ରାଫିକ୍ ଲାଇଟ୍ ଖରାପ ହୋଇଯାଇଛି । ସମସ୍ତେ ତ ସ୍ୱଚ୍ଛନ୍ଦ, ତେଣୁ କେହି ଅଟକିପାରୁ ନାହାନ୍ତି । ସମସ୍ତେ ଆଗକୁ ମାଡ଼ି ଚାଲିଛନ୍ତି । ବେଶ୍, ଗୋଟିଏ ଗୋଟିଏ ହୋଇ ଅଡୁଆ ବଢୁ ବଢୁ ପୂରା ଜଟା ବାନ୍ଧିଯାଇଛି । ନେ ଲୋ ଧନ, ଏଥର ସମ୍ଭାଳ ।"

"ତୁ ଏତେ ଘାବଡ଼େଇ ଯାଉଛୁ କାହିଁକି ଯେ ? ମତେ ତ ବଢ଼ିଆ ଲାଗୁଛି । ସମସ୍ତେ ହର୍ଣ୍ଣ ଦେଉଛନ୍ତି । ଅବଶ୍ୟ ସେଥିରେ କିଛି ଅର୍ଥ ନାହିଁ । ନାନା ସ୍ୱରର ହର୍ଣ୍ଣ ମିଶି ଗୋଟିଏ ଅର୍କେଷ୍ଟ୍ରାପରି ଶୁଭୁନି ?"

"ଯାଃ, କିଛି ଭଲ ଲାଗୁନି ଲୋ । ତୋର ତ ସବୁକଥାରେ ଖାଲି ପିଲାଳିଆ ଢଙ୍ଗ । ସିନେମା ଯାଉଥାଇଁ, ଏବେ ହେବ କଣ ? ପହଞ୍ଚୁ ପହଞ୍ଚୁ ଯେ କେତେବେଳ ହୋଇଯିବ, କିଏ କହିବ ?"

"ଜାଣିଛୁ ସୁ ? ପ୍ୟାରିସ୍‌ରେ ପାଞ୍ଚବର୍ଷ ରହି ନିୟମାନୁବର୍ତ୍ତିତା ଦେଖି ଦେଖି ମନଟା କିମିତି ଗୋଟେ ନିସ୍ପନ୍ଦ ହୋଇଯାଇଥିଲା । —ବାପ୍‌ରେ ବାପ୍, ତୁ ତ ରାଗରେ ଜଳିଗଲୁଣି ! ଘବଡ଼ାଓ ମତ୍; ମୁଁ ତାର ବ୍ୟବସ୍ଥା କରୁଛି ।"

କହୁ କହୁ ରିନ୍‌ରିନ୍ ରାଓ ଗାଡ଼ିର କବାଟ ଖୋଲି ତଳକୁ ଡେଇଁପଡ଼ିଲା । ଅଣ୍ଟାରେ ସ୍ଲାକ୍‌ସ । ଦେହରେ ସ୍ମାର୍ଟ୍ ବୁଶ୍ ସାର୍ଟ ।

"ଆଲୋ, ଆଲୋ, ଯାଉଛୁ କୁଆଡ଼େ ?"

Digitized by srujanika@gmail.com

"ଟ୍ରାଫିକ୍ କଣ୍ଟ୍ରୋଲ କରିବି ।"

ପାଟିରୁ ଦ୍ୱିତୀୟ କଥା ବାହାରିବା ପୂର୍ବରୁ ସଙ୍ଗୀତା ଦେଖିଲା, ତା ବନ୍ଧୁ ଭିଡ଼ ଭିତରେ ଠିଆହୋଇ ରେଗୁଲାର ଟ୍ରାଫିକ୍ ପୋଲିସ୍‌ପରି ହାତଗୋଡ଼ ହଲାଇ ଅର୍ଡ଼ର ଦେବା ଆରମ୍ଭ କରିଦେଲାଣି ।

ଏଠାରେ ପୁଅମାନେ ଏଭଳି ଅବସ୍ଥାରେ ବେଳେବେଳେ ପୋଲିସର କାର୍ଯ୍ୟ କରନ୍ତି । କିନ୍ତୁ ଝିଅମାନେ !

ତେଣୁ କିଏ କଥା ମାନୁଥିଲା ତ କିଏ ମାନୁ ନ ଥିଲା । କିଏ ବା ମଜା ଦେଖିବାକୁ ଭିଡ଼ ଜମାଇବାର ଚେଷ୍ଟା କରୁଥିଲା ।

ସଙ୍ଗୀତା ବଡ଼ ଅଡୁଆରେ ପଡ଼ିଗଲା । କଣ କରିବ ? ରିନ୍‌କୁ ସେ ଭଲଭାବେ ଜାଣେ । କିଛି କରିବାକୁ ବାହାରିଲା ତ ନିଶ୍ଚୟ କରିବ । ତାକୁ ଆଉ ରୋକି ହେବନି ।

ପୋଲିସ୍‌ର କାହିଁ ଦେଖା ନାହିଁ । ଏପଟେ ସୁସି ତୋଟି ଫଟାଇ ଭୁକିବାକୁ ଆରମ୍ଭ କଲାଣି । ଡିଆଁମାରି ଗାଡ଼ିରୁ ଓହ୍ଲାଇପଡ଼ିବାକୁ ଚେଷ୍ଟା କଲାଣି ।

ହଠାତ୍ ଦେଖାଗଲା, ଭିଡ଼ ଭିତରେ ଠେଲିପେଲି ଜଣେ ଯୁବକ ଦ୍ରୁତପଦରେ ରିନ୍ ଆଡ଼କୁ ମାଡ଼ିଆସୁଛି । ବଙ୍ଗାଳୀ ଚେହେରା, ଖୁବ୍ ଚୋଖା, କିନ୍ତୁ କୋମଳ ଭାବଭଙ୍ଗୀରୁ ଜଣାପଡୁଛି ଅଣବଙ୍ଗାଳୀ ।

କିନ୍ତୁ ଆଶ୍ଚର୍ଯ୍ୟ ! ସେ ପରିଷ୍କାର ବଙ୍ଗଳାରେ କହିଉଠିଲା, "ଆପଣମାନେ ସିନା ତାଙ୍କ କଥା ଶୁଣୁ ନାହାନ୍ତି, ସେ କିଏ ଜାଣନ୍ତି ? ପୋଲିସ୍ ଅଫିସର୍; ଅଫ୍ ଡିଉଟିରେ । ତେଣୁ ସାଦା ପୋଷାକରେ ଅଛନ୍ତି । ସେ ଯଦି ଆପଣମାନଙ୍କର ଗାଡ଼ି ନମ୍ବର ଟିପିନେବେ ନା, ହଇରାଣରେ ପଡ଼ିଯିବେ । — ଠିକ୍ ଅଛି, ଆପଣ ଯେଉଁଠିକୁ ଯାଉଥିଲେ ଯାଆନ୍ତୁ, ପୋଲିସ୍ ନ ଆସିବା ପର୍ଯ୍ୟନ୍ତ ମୁଁ ଏଠାରେ ରହିଲି ।"

ଯୁବକଟି ଠିଆ ହୋଇଯାଇ ଅକ୍ଳେଶରେ ଟ୍ରାଫିକ୍ କଣ୍ଟ୍ରୋଲ କରି ଚାଲିଲା । ରିନ୍‌ରିନ୍ ଧୀରେ ଧୀରେ ଫେରିଆସି ଗାଡ଼ିରେ ବସିଲା ।

"ଯାହାହେଉ, ମଣିଷ ବଞ୍ଚିଗଲା । ତୁ ଯେଉଁ ଭାବିଥିଲୁ ! —ଆଲୋ, ଭୁଲିଯାଅନା, ଏଇଟା ପ୍ୟାରିସ୍ ନୁହେଁ, କଲିକତା ।"

ରିନ୍ କୌଣସି ଉତ୍ତର ଦେଲା ନାହିଁ । ଗାଡ଼ି ଛୁଟିଚାଲିଲା ସିନେମା ହାଉସ୍ ଆଡ଼େ ।

Digitized by srujanika@gmail.com

''କିଲୋ, ତୋର ହେଲା କଣ ? ତୁ କଣ ଗୁମ୍ ମାରି ବସିଗଲୁ ! ଟୋକାଟି କିଏ କି ଲୋ ?''

''ଜାଣିନି ।''

''ନାଆଁଟା ପଚାରିଲୁନି ?''

''ନା ।''

''ଇଏ ପୁଣି କଣ ? —ଭଲ ଟୋକାଟିଏ ଲୋ । ପୁଣି କିପରି ଦେଖା ହେବ ?''

''ଦେଖାହେବାକୁ ଥିଲେ ବଳେ ଦେଖାହେବ ।''

ମେନ୍ ପିକ୍‌ଚର୍‌ଟି ଷ୍ଟାର୍ଟ୍ ଆରମ୍ଭ ହୋଇଛି । ଅନ୍ଧାର ଭିତରେହିଁ ଟର୍ଚ୍ଚଲାଇଟ୍ ସାହାଯ୍ୟରେ ବସିଥିବା ଲୋକଙ୍କର ଅଭିଶାପ ଶୁଣି ଶୁଣି ସେମାନେ ଯାଇ ଯେ ଯାହା ସିଟ୍‌ରେ ବସିପଡ଼ିଲେ ।

''ଯାହାହେଉ, ଶେଷକୁ ପହଞ୍ଚିଗଲେ । ମତେ ଲାଗୁଥିଲା ଆଜି ଆଉ ପହଞ୍ଚିହେବନି, ଦି ଦି'ଟା ଟିକଟ ମାରା ହୋଇଯିବ ଏବଂ ତା'ସହିତ ଗୋଟିଏ ସୁନେଲି ସନ୍ଧ୍ୟା ।''

''ସୁ, ଗୋଟେ କଥା କହିବି ? ସ୍ପିକ୍ ଠୁ ମଚ୍ । କଥା କହିବାରେ ବାଧା ନାହିଁ, କିନ୍ତୁ ସ୍ଥାନ କଣ, ଅବସ୍ଥା କଣ, ସେକଥା ବୁଝିବାକୁ ଚେଷ୍ଟା କର । କିଛି ନାହିଁ, ଖାଲି ବକିଚାଲିଛୁ ! ଭାଗ୍ୟକୁ ଭୋଳାନାଥ ବୋଧିସତ୍ତ୍ୱ ସାଙ୍ଗରେ ଜୁଟିଯାଇଛୁ, ନ ହେଲେ କଣ ଯେ ହୁଅନ୍ତା !''

''ହଁ, ମୋର ତ ଦିନ ସରୁ ନ ଥିଲା ଯେ ଜୁଟିଯାଇଛି ! ଚାରିଜଣ ମିଶି ଏ ଜୁଟାଜୁଟିଟା ହୋଇଛି, ନାହିଁ ତ କହିପାରୁ ଦୁଇଜଣ ମିଶି ଜୁଟିଛୁ !''

ଆଗ ସିଟ୍‌ର ଜଣେ ଯୁବକ କହିଉଠିଲେ, ''ପ୍ଲିଜ୍ ।''

ଦୁଇବନ୍ଧୁ 'ସ'ରି' କହି ପାଟି ବନ୍ଦ କଲେ । ଏଥର ଚୁପ୍ ହୋଇ ସିନେମା ଦେଖାରେ ମନ ଦେଲେ ।

ହସଖୁସିଆ ବହି । —ନୂଆ ବାହାପରେ ନୂତନତ୍ୱ ସୃଷ୍ଟି କରି ଲଙ୍ଗଲଙ୍ଗ୍ ଟ୍ରେଲର୍ ଧରି ହିରୋ ହିରୋଇନ୍ ବାହାରିଛନ୍ତି ହନିମୁନ୍ କରିବାକୁ । ରନ୍ଧାବଢ଼ା, ଖିଆପିଆ, ବସାଉଠା ସବୁ ତା'ରି ଭିତରେ । ତା ଭିତରେ ଦେଶଦେଖା ବି ଚାଲିବ । ଅଭିନବ କର୍ମସୂଚୀ ।

Digitized by srujanika@gmail.com

ଅଭିନବ ହେଲେ ଯାହା ହୁଏ । କଥାରେ ନାହିଁ, 'ପାଗ ବାନ୍ଧୁ ବାନ୍ଧୁ କଟିରି ବରଖାସ୍ତ', ଦୁଇ ଅନାଡ଼ିଙ୍କର ଘରସଂସାର ।

''ଆରେ, ଲୁଣ ତ ଅଣାହୋଇନି ! ଅଣ୍ଡାପୋଚ୍ ଖାଇବା କିମିତି ?''

ଟ୍ରେଲର୍ ତଳେ ଶୋଇ ବବ୍ କଣ ଗୋଟିଏ ଖୁଡ୍‌ଖାଡ୍ କରୁଥିଲା । ବାହାରକୁ ମୁଣ୍ଡ କାଢ଼ି କହିଲା, ''ଠିକ୍ ଅଛି ଡାର୍ଲିଙ୍ଗ୍, ବ୍ରେଡ୍ ବଟର ସହିତ ଖାଇଦେଲେ ଚଳିଯିବ ।''

ଖୁଡ୍ ଖାଡ୍, ଖୁଡ୍ ଖାଡ୍ ।

''ନାଃ, ଭାରି ଭୋକ ହେଲାଣି; ଆଗ ଖାଇଦିଏ'' କହି ବବ୍ ଟ୍ରେଲର୍ ତଳୁ ଉଠିଆସିଲା, କିନ୍ତୁ ଆସି ଦେଖେ ତ ଲୁସିଲ୍ ମୁହଁ ଫୁଲାଇ କାନ୍ଦୁଛି ।

''କଣ ହେଲା ? ହାତ ଫୋଟକା ହେଇଗଲା ନା କଣ ?''

''ତୁମକୁ ମୁଁ ସେତିକିବେଳୁ କହୁଥିଲିନା, ସବୁ ଟିନ୍ ପ୍ୟାକ୍ଟ୍ ନେଇଯିବା ? କାଟିବା ତ ଖାଇବା । କିନ୍ତୁ ନା, ତୁମେ ଜିଦ୍ ଧରିଲ, ରୁଷେଇ ପ୍ରାକ୍ଟିସ୍ କରିବାକୁ ପଡ଼ିବ; ସଂସାର ତ କରିବାକୁ ହେବ ।

ଲୁସିଲ୍‌ଠାରୁ କୌଣସି ଉତ୍ତର ନ ପାଇ ବବ୍ ଚିନ୍ତାରେ ପଡ଼ିଗଲା । ବର୍ତ୍ତମାନ କଣ କରାଯାଇପାରେ ! ଇଏ ତ ଖାଲି କାନ୍ଦି ଚାଲିଛନ୍ତି !

''କଣ ହେଇଛି କହୁନା କାହିଁକି ? ଭୋକରେ ମୋ ପେଟ ଜଳିଲାଣି ଯେ ।''

''ବ୍ରେଡ୍ ନାହିଁ । ବଟର ଅଛି ।''

''ଏବେ ହବ କଣ ! ଆଃ, ତୁମେ ଯେଉଁ ବଜାର କଲ ନା !''

''ବାଃ ରେ, ମୁଁ ତ ଆଜିଯାକେ ବାପାମାଆଙ୍କ ପାଖରେ ଥିଲି, ନ ହେଲେ ଥିଲି ହଷ୍ଟେଲରେ ।''

''ସେଇଥିପାଇଁ ତ କହୁଥିଲି, ଏସବୁ ହାଙ୍ଗାମାରେ କି ଦରକାର, ଚାଲ କେଉଁଠି ଗୋଟେ ହୋଟେଲରେ ରହିଆସିବା । ଯେତେସବୁ ଅଡୁଆର ମୂଳ ହେଉଛ ତୁମେ । ପ୍ରାକ୍ଟିସ୍ କରିବି, ପ୍ରାକ୍ଟିସ୍ କରିବି । ଏଥର କରୁଥା ପ୍ରାକ୍ଟିସ୍ ।''

''କଣ ହେଲା ! ଦିନ ଦିଇଟା ଯାଇଛି କି ନାହିଁ, ତୁମେ ମୋତେ ଗାଳି ଦେବାକୁ ବସିଲଣି !! ଆଉ ତୁମେ ପୁଣି କଣ କହୁଥିଲ ନା, ଜୀବନରେ ଦିନେହେଲେ

Digitized by srujanika@gmail.com

ମତେ କଡ଼ା କଥା କହିବ ନାହିଁ । ତୁମେ କଥା ଦେବାରୁ ହିଁ ତ ମୁଁ ବାହା ହେବା ପ୍ରସ୍ତାବରେ ରାଜି ହେଲି । ଦେଖିଲାବେଳକୁ କଣ ନା, ଦିନ ଦିଇଟା ଯାଇଛି କି ନାହିଁ... !''

ଲୁସିଲ୍ ଜୋର୍‌ରେ ଆଖି ମଳିବାକୁ ଆରମ୍ଭ କରିଦେଲା ।

ବବ୍ ଅପ୍ରସ୍ତୁତ ହୋଇ ବାରମ୍ବାର କହିବାକୁ ଲାଗିଲା, ''ଆହେ, ସେକଥା ମୁଁ ତୁମକୁ କହୁ ନ ଥିଲି, କହୁଥିଲି ନିଜକୁ । ମୋର ହିଁ ତ ବଜାରରୁ ସବୁ କିଣାକିଣି କରିବା ଉଚିତ ଥିଲା । କିନ୍ତୁ ସବୁ ଭାର ତୁମ ଉପରେ ଲଦି ଦେଇ ମୁଁ ଟ୍ରେଲର୍ କାମରେ ବୁଡ଼ି ରହିଲି । ଡାର୍ଲିଙ୍ଗ୍, ଦୋଷଟା ମୋର ।''

ଶେଷରେ ବିସ୍କୁଟରେ ବଟର୍ ଲଗାଇ ଅଲଣା ଅଣ୍ଡାପୋଚ ଖାଇ ଉପସ୍ଥିତ କ୍ଷୁଧା ନିବାରଣ କରାଗଲା ।

ହୀରୋ ହୀରୋଇନ୍‌ଙ୍କ ଦୁରବସ୍ଥା ଦେଖି ସାରା ଅଡ଼ିଟୋରିଅମ୍‌ରେ ହସର ସୁଅ ଖେଳିଗଲା ।

ସଂସାରଟା ଏଇଆ । କାହାର ପୁଷମାସ ତ, କାହାର ସର୍ବନାଶ । ଲୁସିଲ୍ ଓ ବବ୍‌ର ଅଧାପେଟ ପୂରିଲା ନାହିଁ ଅଥଚ ଏପଟେ ଲୋକେ ହସି ହସି ବେଦମ୍ ।

ଭାଗ୍ୟକୁ ବିଚରାମାନେ ପରଦାରେ । ନ ହେଲେ ଯେ କଣ ହୁଅନ୍ତା !

ହସି ହସି ସଙ୍ଗୀତା ଓ ରିନ୍‌ରିନ୍‌ର ପେଟ ବି ଦରଜ ।

''ସୁ, ହସି ହସି ମୋ ପେଟ କଣ ହୋଇଗଲାଣି ।''

''ମୋର ବି ।'' ସଙ୍ଗୀତା ଜଣାଇଲା ।

''ଆଲୋ, ଏଭଳି ବିପଦ ପଡ଼ିବ ବୋଲି କିଏ ଜାଣିଥିଲା ? ଜାଣିଥିଲେ ତ ସାଙ୍ଗରେ ସାରିଡନ୍ ନେଇ ଆସିଥାନ୍ତେ ।''

ଏପରି ଏକ ପରିସ୍ଥିତି ଘଟିବ ବୋଲି ଆଗରୁ ଜାଣିପାରି କି କଣ, ସିନେମା କର୍ତ୍ତୃପକ୍ଷ ଏଇଠି ଡ୍ରପ୍ ଦଉଡ଼ି ଟାଣିଦେଲେ । ଚାରିଆଡ଼େ ବତି ଜଳିଉଠିଲା । ଇଣ୍ଟରଭାଲ୍ ହୋଇଗଲା ।

ସୁସିର ସନ୍ଧାନ ନେବାଲାଗି ଦୁଇବନ୍ଧୁ ହଲ୍‌ରୁ ବାହାରି ଆସିଲେ । କିଛିଦିନ ଧରି ଏହି ନିୟମ ହିଁ ଚାଲିଆସିଛି । ସଙ୍ଗୀତା ଯେଉଁଠିକି ଯାଉନା କାହିଁକି, ସୁସି ସାଙ୍ଗରେ ଯିବ । ତାକୁ ଟିକିଏ ଏଣେତେଣେ ବୁଲାଇ, କିଛି ଖୁଆଇ, ନିଜେ କିଛି ଖାଇ ଯେ ଯାହା ସିଟ୍‌ରେ ଯାଇ ବସିଲେ ।

Digitized by srujanika@gmail.com

ସୁସି, ସୁସି ସିଟ୍‌ରେ ମାନେ କାର୍ ଭିତରେ, ସୁ ଓ ରିନ୍ ହଲ୍ ଭିତରେ ।

ପିକ୍‌ଚର୍ ଶେଷରେ ଯେତେବେଳେ ସମସ୍ତେ ବାହାରିଆସିଲେ, ସବୁରି ମୁହଁରେ ହସ । ମନେହେଲା କ୍ଷଣକ ପାଇଁ ହେଲେ ମଧ୍ୟ ପୃଥିବୀ ଦୁଃଖଶୂନ୍ୟ ।

"ଇମିତି ବହି ଦେଖିବାକୁ ଭଲ ଲାଗେ । ନାହିଁ ଲୋ ?"

"ତା' ଆଉ ପଚାରିବାକୁ ଅଛି ! ମୁଁ ତ ବାଛି ବାଛି କେବଳ ଇମିତି ପିକ୍‌ଚର୍ ଦେଖେ । ଅଶାନ୍ତି ତ ଚିରଦିନ ଥିଲା, ରହିଛି, ରହିଥିବ । ଅନ୍ତତଃ କିଛି ସମୟଲାଗି ସେଇଟିକୁ ଭୁଲି ନ ଯିବା କାହିଁକି କହିଲୁ ?"

ରିନ୍‌ରିନ୍ ଗାଡ଼ିରେ ଚଢ଼ୁ ଚଢ଼ୁ କହିଲା, "ତୋର ଏବେ କେଉଁ ଦୁଃଖ ଯେ !"

"ବୋଧହୁଏ ଭାବିଛୁ କିଛି ନାହିଁ ?"

"ଛାଡ଼ ସେ କଥା । ଭାରି ହସ ମାଡୁଛି । ଯାହାସବୁ ଦେଖିଲେ ସେଇ ସୀନ୍‌ଗୁଡ଼ିକ ମନେ ପଡ଼ିଯାଉଛି । ହାଃ ହାଃ ହାଃ ।"

"ହସ ବନ୍ଦ କଲୁ ! ଭାବିଛୁ ମତେ ଆଉ ହସ ମାଡୁନି ! ହାତରେ ଷ୍ଟିଅରିଙ୍ଗ ହ୍ୱିଲ୍, କାଳେ ଆକ୍‌ସିଡେଣ୍ଟ୍ ହୋଇଯିବ !"

"ଠିକ୍ କଥା । ମୁଁ ଚୁପ୍ ରହିଲି ।"

ଏମାନଙ୍କର ଢଙ୍ଗ ଦେଖି ସୁସି କେତେବେଳେ ବାଆଁକୁ ତ କେତେବେଳେ ଡାହାଣକୁ ବେକ ମୋଡୁଥିଲା । ଏଥର ଶାନ୍ତ ହୋଇ ଉଦାସ ଦୃଷ୍ଟିରେ ବାହାରକୁ ଚାହିଁଲା ।

Digitized by srujanika@gmail.com

ଦୁଇ

ରାମକୃଷ୍ଣ ଆଶ୍ରମର ମହାରାଜ ପ୍ରାତଃ ଭ୍ରମଣରେ ବାହାରିଛନ୍ତି ।

ପ୍ରାତଃ କହିଲେ ତ ଠିକ୍ ହେବ ନାହିଁ । ଏଇଟି ହେଉଛି ସେହି ମୋହମୟ ସମୟ, ଯେତେବେଳେ ରୂପେଲି ରଜନୀ ତା ମୁହଁରୁ ଓଢ଼ଣାଟି ସମ୍ପୂର୍ଣ୍ଣଭାବେ ଖୋଲିଦେଇ ନାହିଁ । ଏହା ଅନ୍ଧାର ଓ ଆଲୋକର ମିଳନ କ୍ଷଣ । ଓଢ଼ଣା ଫାଙ୍କଦେଇ ସଲଜ୍ଜ ଚାହାଣି ଏବଂ ସେହି ଫାଙ୍କଦେଇ ଦିବସର ଆଲୋକ ତାର ପ୍ରଣୟିନୀର ମୁହଁରୁ ଓଢ଼ଣା ଖୋଲିଦେବାକୁ ଅଧୀର ।

ଅନ୍ଧାର ଓ ଆଲୋକର ଏହି ମିଳନ-ମଧୁର କ୍ଷଣଟି ସ୍ୱାମୀଜୀଙ୍କର ବଡ଼ ପ୍ରିୟ । ଏହି ସମୟରେ ସେ ଧ୍ୟାନରେ ବସନ୍ତି, ନ ହେଲେ ବାହାରିପଡ଼ନ୍ତି ନୀଳନୀରବତା ଭିତରେ ନିଜକୁ ବିଲୀନ କରିଦେବାକୁ ।

ଏ ସମୟଟି ହେଉଛି ତାଙ୍କର ନିଜସ୍ୱ । ଦିନସାରା ବ୍ୟସ୍ତତାର ଅନ୍ତ ନ ଥାଏ । ଏତେବଡ଼ ଗୋଟିଏ ଇନ୍‌ଷ୍ଟିଚ୍ୟୁସନ୍ ଚଳାଇବା ତ କିଛି ସହଜ କଥା ନୁହେଁ ! କେତେ ପ୍ରକାର ସମସ୍ୟା । ଭଲମନ୍ଦ, ସୁନ୍ଦର-ଅସୁନ୍ଦର । ତା'ଛଡ଼ା ଭକ୍ତମାନଙ୍କର ଭିଡ଼ ତ ଲାଗିରହିଥାଏ । ନର ନାରାୟଣ ।

ଶ୍ରୀରାମକୃଷ୍ଣ ମଧ୍ୟ ସେହି କଥା କହିଛନ୍ତି । ସ୍ୱାମୀ ବିବେକାନନ୍ଦ ମଧ୍ୟ ସେହି ଏକା କଥା ଉଚ୍ଚାରଣ କରିଛନ୍ତି । ଯେଉଁମାନେ ଜୀବରେ ଦୟା କରନ୍ତି, ସେମାନେ ଈଶ୍ୱରସେବା କରନ୍ତି ।

ତେଣୁ ସେ କାହାକୁ ବିମୁଖ କରିପାରନ୍ତି ନାହିଁ । ତଥାପି ତାଙ୍କର ବି ତ ନିଜର କିଛି ପାଥେୟ ଆବଶ୍ୟକ । ତେଣୁ ମହାରାଜ ଏହି ସମୟଟି ବାଛି ନେଇଛନ୍ତି ନିଜସ୍ୱ ହିସାବରେ ।

ରାସ୍ତାଘାଟ ନିର୍ଜନ । ଲୋକେ ନିଘୋଡ଼ ନିଦ୍ରାରେ ଆଚ୍ଛନ୍ନ ।

ସେ ଚାଲିଛନ୍ତି ନିର୍ଜନତା ଭିତରେ ବି ଗୋଟିଏ ନିର୍ଜନ ରାସ୍ତା ଧରି । ଏ ରାସ୍ତାଟି ତାଙ୍କର ବଡ଼ ପ୍ରିୟ ।

କହିବାକୁ ଗଲେ ପ୍ରାୟ ସବୁଦିନ ଏହି ଆଲୋକ ଅନ୍ଧାରର ସନ୍ଧିକ୍ଷଣରେ ସେ ଏହି ରାସ୍ତା ଦେଇ ବୁଲି ବାହାରନ୍ତି ।

Digitized by srujanika@gmail.com

ମନ ଆନନ୍ଦରେ ପରିପୂର୍ଣ୍ଣ । ସବୁକିଛି ଆପଣାର ପରି ମନେହେଉଛି । ମନ ହେଉଛି ନିଜକୁ ସମସ୍ତଙ୍କ ଭିତରେ ବିଲୀନ କରିଦେବାକୁ । ସବୁରି ଭିତରେ, ବିଶ୍ୱ ଚରାଚରରେ ।

ହଠାତ୍ ପାଦ ଅଟକିଗଲା; ସତେ ଯେପରି କଣ ଗୋଟିଏ ଝୁଣ୍ଟି ପକାଇଲେ । ଠିଆ ହୋଇଯାଇ ଦେଖିଲେ ରାସ୍ତାକଡ଼ରେ ଗୋଟିଏ ଛୁଆ । ଲୁଗାପଟା ଘୋଡ଼ାଇ ସୁନ୍ଦର ଭାବରେ ଶୁଆଇଦେଇ ତାକୁ ଯେପରି ସେଠାରେ କେହି ପକାଇଦେଇ ଯାଇଛି । ଟିକିଏ ଭଲକରି ଚାହିଁ ଦେଖିଲେ । ଚାରିଆଡ଼କୁ ଅନାଇଲେ । ନାଃ, ଆଖପାଖରେ କେହି ନାହାନ୍ତି ।

ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ, ଯେ କେହି ପକାଇଦେଇ ଥାଉ ନା କାହିଁକି, ବଡ଼ ଯତ୍ନରେ, ବଡ଼ ସ୍ନେହରେ ପକାଇଦେଇ ଯାଇଛି । ଲୁଗାପଟା ଘୋଡ଼ାଇ ଆରାମରେ ନିଦରେ ଶୁଆଇଦେଇଛି । ପାଖରେ ଗୋଟିଏ ଛୋଟ ଗଣ୍ଠିଲି । ଖୋଲି ଦେଖିଲେ । ତା ଭିତରେ କିଛି ଜାମାପଟା, ଗିନାଟିଏ, ଚାମଚଟିଏ, ଖୁବ୍ ଛୋଟ ଦୁଧଡବାଟିଏ ।

ଛୁଆଟି କେତେଦିନର ହେବ ଠିକ୍ ଜାଣିହେଲା ନାହିଁ । ପନ୍ଦରଦିନର ହୋଇପାରେ, ମାସକର ବି ହୋଇପାରେ ।

ମନେହେଲା, ବୋଧହୁଏ ତାଙ୍କରି ହାତରେ ଦେଇଦେବାଲାଗି ହିଁ କେହି ଠିକ୍ ଏହି ସମୟରେ ଏପରି ସ୍ଥାନରେ ଆଣି ରଖିଦେଇ ଯାଇଛି । କେବଳ ନିରୁପାୟ ହୋଇ ଯେ ପକାଇଦେଇ ଯାଇଛି, ତାହା ସ୍ପଷ୍ଟ ଜଣାପଡ଼ିଯାଉଛି; କେତେ ଯତ୍ନରେ, ଯଥାସମ୍ଭବ ସୁବିଧା କରିଦେଇ, ସାଙ୍ଗରେ ଜିନିଷପତ୍ର ଦେଇ ।

ଏଣେତେଣେ ଚାହିଁଲେ । ଯଦି କେହି ଆଖିରେ ପଡ଼େ । ନା, କେହି ଦେଖାଯାଉ ନାହାନ୍ତି । ଏପଟେ ଦିନର ଆଲୁଅ ଧୀରେ ଧୀରେ ରାତିର ଅନ୍ଧାରକୁ ପଛକୁ ଠେଲିଦେଇ ଆଗେଇ ଆସୁଛି । କିଛି ଗୋଟିଏ ତ କରିବାକୁ ପଡ଼ିବ । ଆଶ୍ରମକୁ ନେଇଗଲେ ଅନାଥାଶ୍ରମକୁ ପଠାଇବା ବନ୍ଦୋବସ୍ତ କରାଯାଆନ୍ତା ।

କିନ୍ତୁ ତାର ଦେବଶିଶୁସମ ମୁହଁଟିକୁ ଚାହିଁଦେଇ ସେପରି ବ୍ୟବସ୍ଥାରେ ତାଙ୍କର ମନଃପୂତ ହେଲା ନାହିଁ ।

ତା'ହେଲେ କଣ କରାଯାଏ ? ସାଧାରଣ ନିୟମ ଅନୁସାରେ ତ ପୋଲିସକୁ ଖବର ଦେବା ଦରକାର । କିନ୍ତୁ ତା'କଲେ ଯେଉଁ ଅଭାଗିନୀ ଜନନୀ ଛୁଆଟିକୁ ରାସ୍ତାକଡ଼ରେ ପକାଇଦେଇ ଯାଇଛି, ତାକୁ ଖୋଜାପଡ଼ିବ; ତାର ସନ୍ଧାନ ମିଳିଗଲେ ବିଚାରୀକୁ ସାରାଜୀବନ ଦୁର୍ନାମ ବୋହିବାକୁ ପଡ଼ିବ । ଯଦି ତାର ସନ୍ଧାନ ନ

Digitized by srujanika@gmail.com

ମିଳିଲା, ଏହି ନିଷ୍ପାପ ଶିଶୁଟିକୁ ଜୀବନସାରା ଅବୈଧ ଅନାଥ ବୋଲି ଛାପ ଧରି ବଞ୍ଚିରହିବାକୁ ପଡ଼ିବ ।

କଣ ଏହି ପରିଣତି ପାଇଁ ଏପରି ଏକ ପବିତ୍ର ପ୍ରଭାତରେ ଏ ଶିଶୁଟିକୁ ମୋ ଆଗରେ ଥୋଇଦେଇଛ ପ୍ରଭୁ ?

"ହେ ପ୍ରଭୁ, ବୁଦ୍ଧି ଦିଅ । ବାଟ ଦେଖାଅ ।"

ସେ ପ୍ରାର୍ଥନା ବୋଧହୁଏ ତାଙ୍କ ଗୁରୁଙ୍କର କାନରେ ପଡ଼ିଲା । ହଠାତ୍ ତାଙ୍କର ମନେପଡ଼ିଗଲା ଗୋଟିଏ ନାମ, ଶ୍ରୀମତୀ ସାରଦା ସାରଥିଙ୍କ ନାମ । ତାଙ୍କର ଶିଷ୍ୟା । ପ୍ରକୃତ ଶିଷ୍ୟା ।

ରହନ୍ତି ଗୋଟିଏ ଛୋଟ ଫ୍ଲାଟ୍‌ରେ, ଟାଉନ୍ ବାହାରେ । ପ୍ରତିଦିନ ତାଙ୍କ ପାଖକୁ ଆସନ୍ତି । ସ୍ୱାମୀ ସ୍ତ୍ରୀ ଉଭୟେ ଧର୍ମପ୍ରାଣ । ଉଭୟେ ତାଙ୍କର ଶିଷ୍ୟ ।

କିଛିଦିନ ତଳେ ସ୍ୱାମୀ ମରି ଯାଇଛନ୍ତି ।

ନିଜ ଲୋକ, ମାନେ ପ୍ରକୃତରେ ନିଜର ହୋଇ ଦୁଇକୂଳରେ କେହି ନାହିଁ । ଯେତେବେଳେ ଯାହା ଦରକାର, ଆଶ୍ରମ ପକ୍ଷରୁ ହିଁ ଦେଖାଶୁଣା କରାଯାଏ । ମହାରାଜଙ୍କର ବଡ଼ ଅନୁଗତ । ମଧ୍ୟବୟସୀ । ନିଃସନ୍ତାନ ।

ସ୍ୱାମୀଙ୍କର ଇନ୍‌ସୁରେନ୍‌ସରୁ ମିଳିଥିବା ଟଙ୍କାଟି ଲଗାଇ ଯାହାକିଛି ପାଆନ୍ତି, ସେଥିରେ ହିଁ ଚଳନ୍ତି । ସାଦାସିଧା ଜୀବନଯାତ୍ରା । ତା'ଛଡ଼ା ଦିନସାରା ଆଶ୍ରମରେ ହିଁ ପଡ଼ିଥାନ୍ତି । କେବଳ ରାତିରେ ବସାକୁ ଫେରନ୍ତି ।

ହଠାତ୍ ମହାରାଜଙ୍କର ଶ୍ରୀମତୀ ସାରଥିଙ୍କ କଥା ମନେପଡ଼ିଗଲା ? ସନ୍ତାନସନ୍ତତି ନାହାନ୍ତି । ତା'ଛଡ଼ା ତାଙ୍କର ବଡ଼ ଭକ୍ତ । ଯାହା କହିବେ ତାହା କରିବେ ।

ଛୁଆଟିକୁ କୋଳକୁ ଟେକିନେଲେ । ଆହା, ନିଘୋଡ଼ ନିଦରେ ଶୋଇଛି । ବିଚରା ତାର ଭାଗ୍ୟ ପରିବର୍ତ୍ତନ କଥା କିଛି ହିଁ ଜାଣିପାରିଲା ନାହିଁ । କେଡ଼େ ନିର୍ଭରଶୀଳ !

ସ୍ୱାମୀଜୀଙ୍କର କୃପାରୁ ଯଦି ଆମେ ମଧ୍ୟ ଠିକ୍ ଏହି ଦେବଶିଶୁଟିପରି ନିର୍ଭରଶୀଳ ହୋଇପାରନ୍ତୁ, ତେବେ ସେ ମଧ୍ୟ ଠିକ୍ ଏହିପରି ଆମମାନଙ୍କୁ ସବୁକିଛି ବିପଦରୁ ଘଣ୍ଡ ଘୋଡ଼ାଇରଖନ୍ତେ ।

ଆମେ ସାଧାରଣ ମନୁଷ୍ୟମାନେ ସେତିକି କରିପାରୁ ନାହୁଁ ବୋଲି ଆମକୁ ଏତେ ଦୁର୍ଦ୍ଦିନ, ଏତେ ଦୁର୍ଦ୍ଦଶା ଭିତରେ ଗତି କରିବାକୁ ପଡୁଛି ।

Digitized by srujanika@gmail.com

ଏତେ ସକାଳୁ ଟ୍ୟାକ୍‌ସି ବି ମିଳିବ ନାହିଁ । ଏପରି ଭାବୁଛନ୍ତି, ଠିକ୍ ଏତିକିବେଳକୁ ଦେଖାଗଲା, ଦୂରରୁ ଗୋଟିଏ ଟ୍ୟାକ୍‌ସି ଆସୁଛି । ଟ୍ୟାକ୍‌ସି ଆସିଯିବା ଭିତରେ ସ୍ୱାମୀଜୀ ମନେ ମନେ ସବୁ ଠିକ୍ କରିଦେଲେ । ଟ୍ୟାକ୍‌ସିରେ ବସୁ ବସୁ ଶ୍ରୀମତୀ ସାରଥିଙ୍କ ଠିକଣା ଜଣାଇଦେଲେ ।

କିଛି ସମୟ ପରେ ଶ୍ରୀମତୀ ସାରଥିଙ୍କ ଘରର କଲିଂବେଲ୍ ବାଜି ଉଠିଲା । ସାରଦାଦେବୀଙ୍କ ନିଦଟା ସେହି ସାଙ୍ଗେ ସାଙ୍ଗେ ଭାଙ୍ଗିଛି । ଉଠିବି ଉଠିବି ହୋଇ ସେପର୍ଯ୍ୟନ୍ତ ଶେଯରୁ ଉଠିନାହାନ୍ତି । ଏକା ଲୋକ । ଘରର ସବୁ କାମ ନିଜେ କରନ୍ତି ।

ସକାଳେ ରୋଷେଇ କରିଦେଇ ଚାଲିଯାଆନ୍ତି ଆଶ୍ରମକୁ । ଦିନସାରା ସେଇଠି ରହିଯାଆନ୍ତି । ସେଠାରେ ହିଁ ପ୍ରସାଦ ପାଆନ୍ତି । କିଛି କାମଦାମ କରନ୍ତି । ବକ୍ତୃତା ଶୁଣନ୍ତି । ମହାରାଜ ଯାହା ଆଦେଶ ଦିଅନ୍ତି, ତାହା ପାଳନ କରନ୍ତି । ରାତିରେ ଫେରିଆସନ୍ତି ନିଜ ବସାକୁ ।

ସ୍ୱାମୀ ମରିଯିବା ପରଠାରୁ ଏହା ହୋଇଛି ତାଙ୍କର ପ୍ରତିଦିନର ରୁଟିନ୍ । ଦେହପା ଖରାପ ହେଲେ ଆଶ୍ରମରୁ ସ୍ୱାମୀଜୀମାନେ ଯାଇ ଦେଖାଶୁଣା କରନ୍ତି ।

"ଏଡ଼େ ପାହାନ୍ତିଆଟାରୁ କିଏ ବେଲ୍ ମାରିଲାଣି !" ନିଜ ଅଜାଣତରେ ତାଙ୍କ ମୁହଁରୁ କଥାଟି ବାହାରିପଡ଼ିଲା ।

ଦୁଆର ଖୋଲି ଦେଉ ଦେଉ ହତବାକ୍ ହୋଇଗଲେ । ସ୍ୱୟଂ ମହାରାଜ ଆସି ଦୁଆରେ !

ମନପ୍ରାଣ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ମହାରାଜଙ୍କ ପାଦତଳେ ଲୋଟିପଡ଼ିଲେ, ହାତରେ କଣ ଧରିଛନ୍ତି ସେଆଡ଼େ ଦୃଷ୍ଟି ହିଁ ପଡ଼ି ନାହିଁ ।

"ସାରଦା, ଦୁଆରଟା ବନ୍ଦ କରିଦିଅ, ତୁମ ସହିତ ଅନେକ କଥା ଅଛି ।"

ଦୁଆର ବନ୍ଦ କରି ଆସୁ ଆସୁ ଛୁଆଟି ଉପରେ ଦୃଷ୍ଟି ପଡ଼ିଲା ।

"ଏ କିଏ ମହାରାଜ ? କାହା ଝିଅ ? କେଉଁଠୁ ପାଇଲେ ?"

"ସେସବୁ ଯଦି ଜାଣିଥାନ୍ତି, ତୁମ ଘରକୁ କାହିଁକି ଧାଇଁଆସନ୍ତି ? ଯାହା କହିବି, ମାନିବ ? ଏବେ ନୁହଁ, କେବେ ନୁହଁ, ୪କହି ଯେପରି କିଛି ଜାଣି ନ ପାରନ୍ତି ।"

Digitized by srujanika@gmail.com

''ମହାରାଜ, ମୁଁ ତ ଆପଣଙ୍କୁ ଈଶ୍ୱରଙ୍କର ପ୍ରତିଭୂ ବୋଲି ମନେକରେ । ଚିରଦିନ ତାହା ହିଁ ମନେକରିବି । ଆପଣ ଯାହା କହିବେ, ତାହା ମୋର ଆମରଣ ଶିରୋଧାର୍ଯ୍ୟ ।''

''ତେବେ ଶୁଣ । ପ୍ରାତଃଭ୍ରମଣରେ ବାହାରି ମୁଁ ଏହିଟିକୁ ରାସ୍ତାକଡ଼ରୁ ପାଇଛି । ଆଶ୍ରମକୁ ନେଇଗଲେ ଅନାଥାଶ୍ରମକୁ ପଠାଇଦେବାର ବ୍ୟବସ୍ଥା ହୁଅନ୍ତା, ଭଲରେ ରହିଯାଆନ୍ତା ।''

''ତଥାପି, ଜାଣ, କିପରି ଗୋଟିଏ ମାୟା ଆସିଗଲା । ଭାବିଲି ଏହି ନିଷ୍ପାପ ଶିଶୁଟିକୁ ମାଆକୋଳକୁ ଟେକିଦିଅନ୍ତି କି ଏବଂ ସେ ଏହାକୁ ନେଇ ସମ୍ମାନରେ ଜୀବନଯାପନ କରନ୍ତା କି ! ଜାଣିଛ ସାରଦା, ଆମ ଧର୍ମରେ ଅଛି, ଯେ ଜନ୍ମଦିଏ ସେ ଯେପରି ମାଆ, ଯେ ପାଳେ ସେ ବି ସେହିପରି ମାଆ ।''

ସ୍ୱାମୀଜୀ ଟିକିଏ ଅଟକିଲେ । ଏ ଭିତରେ ସାରଦା ଛୁଆଟିର ମୁହଁଟିକୁ ଭଲକରି ଦେଖିବାର ସୁଯୋଗ ପାଇଗଲେଣି । ନିଃସନ୍ତାନ ମାତୃହୃଦୟ ଯେପରି କଣ ହୋଇଯାଉଛି । ଧୀରେ ଧୀରେ ସେ ମହାରାଜାଙ୍କ ଆଡ଼କୁ ଦୁଇହାତ ବଢ଼ାଇଦେଲେ ।

ତାଙ୍କ କୋଳରେ ଛୁଆଟିକୁ ଦେଇଦେଇ ସ୍ୱାମୀଜୀ ତାଙ୍କ ଆଖିକୁ ଚାହିଁଲେ । ଦୁଇଆଖି ଲୁହରେ ଭରିଗଲାଣି । ମୁହଁସାରା ମାତୃସ୍ନେହ ବୋଲି ହୋଇଗଲାଣି ।

ସେ ଧୀରେ ଧୀରେ କହିଲେ, ''ସାରଦା, ମୁଁ ଏହାହିଁ ଭାବିଥିଲି । ତୁମରି ପାଇଁ ହିଁ ଭଗବାନ୍ ଏହାକୁ ମୋ ହାତରେ ପଠାଇଛନ୍ତି । ଏଥର ମନ ଦେଇ ମୋ କଥା ଶୁଣ । ଏହାକୁ କୌଣସିଦିନ ଜାଣିବାକୁ ଦିଆଯିବ ନାହିଁ ଯେ, ଏ ପରିତ୍ୟକ୍ତା, ପରିଚୟହୀନା । କେବଳ ସେତିକି ନୁହେଁ । ତୁମ ଓ ମୋ ଛଡ଼ା ଦୁନିଆଁର ଅନ୍ୟ କେହି ଯେପରି ଜାଣିବେ ନାହିଁ । ଏପରି କିଛି ବ୍ୟବସ୍ଥା କରିପାରିବ କି ଯେଉଁଥିରେ ସମାଜର କୌଣସି କ୍ଷତି ହେବ ନାହିଁ, ଆଇନ୍ ଦୃଷ୍ଟିରୁ କୌଣସି ଅସୁବିଧା ହେବ ନାହିଁ, ଅଥଚ ଏହି ନିଷ୍ପାପ ଶିଶୁଟି ସ୍ୱାଭାବିକ ଭାବରେ ସୁସ୍ଥ ଜୀବନଯାପନ କରିପାରିବ ?''

ସାରଦା ଭାବିବାକୁ ଲାଗିଲେ ।

ସ୍ୱାମୀଜୀ କହିଲେ, ''ତୁମର ମାତୃହୃଦୟ ହିଁ କହିଦେବ ଏ ଅବସ୍ଥାରେ କଣ କରିବା ସମ୍ଭବ ।''

Digitized by srujanika@gmail.com

"ମୁଁ ଏକୁ ନେଇ କୌଣସି ଦୂର ସ୍ଥାନକୁ ଚାଲିଯିବି ଯେଉଁଠି କେହି ମୋତେ ଚିହ୍ନନ୍ତି ନାହିଁ ।"

"ତା'ପରେ ?"

"ଦୁଇଦିନ ପରେ ଫେରିଆସି କହିବି, ମୋର ଜଣେ ଦୂରସମ୍ପର୍କୀୟା ଯାଆ ସାଙ୍ଘାତିକ ବେମାର ପଡ଼ି ମୋ ପାଖକୁ ଟେଲିଗ୍ରାମ୍ କରିଥିଲେ । ତେଣୁ ମୁଁ ହଠାତ୍ ଚାଲିଗଲି । ସେଠାରେ ଯାଇ ପହଞ୍ଚୁ ପହଞ୍ଚୁ ଯାଆ ମୋ ହାତରେ ଏହି ଝିଅଟି ଧରାଇଦେଇ ଆଖି ବୁଜିଦେଲେ ।

"ଅବଶ୍ୟ ଏ ଝିଅଟିର ପ୍ରକୃତ ମାଆ ଯଦି ପ୍ରମାଣ ପରିଚୟ ଦେଇ ସମ୍ମାନ ସହକାରେ ଏହାକୁ ନେଇଯିବାକୁ ଚାହିଁବେ, ତେବେ ସେ ବାଟଟି ମଧ୍ୟ ଖୋଲା ରଖିବାକୁ ପଡ଼ିବ । କିନ୍ତୁ ସେପର୍ଯ୍ୟନ୍ତ ଇଏ ମୋ ଝିଅ ହୋଇ, ମୋ ସାଙ୍ଗା ନେଇ ରହିଲା । ମୁଁ ନିଃସନ୍ତାନ ହୋଇ ମଧ୍ୟ ଆଜିଠାରୁ ସନ୍ତାନବତୀ ହୋଇଗଲି କେବଳ ଆପଣଙ୍କ କୃପାରୁ । ସେଥିପାଇଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ।"

"ଭଗବାନ୍ ତୁମର ମଙ୍ଗଳ କରନ୍ତୁ । ମୋତେ ବଡ଼ ଆଶ୍ୱସ୍ତ ଲାଗୁଛି ।"

ମହାରାଜ ଏ ପର୍ଯ୍ୟନ୍ତ ଠିଆହୋଇ ରହିଥିଲେ । ଏଥର ଚଉକିରେ ବସିଲେ ।

"ତୁମ ପାଖରେ ଟଙ୍କାପଇସା ଅଛି ତ ?"

"ଯାହା ଅଛି ସେତିକିରେ ଚଳିଯିବ ।"

"ତା'ହେଲେ ଆଉ ଡେରି କରନି । ତଳେ ଟ୍ୟାକ୍ସିଟିକୁ ଠିଆ କରାଇଛି । ଲୋକେ ଉଠିବା ପୂର୍ବରୁ ବାହାରିପଡ଼ ।"

ଦୁଆରେ ତାଲା ପକାଇ ସେମାନେ ବାହାରିପଡ଼ିଲେ । ଭଗବାନଙ୍କର କି ଅଶେଷ କରୁଣା ! ଛୁଆଟି ସେତେବେଳେ ମଧ୍ୟ ନିଘୋଡ଼ ନିଦରେ ଶୋଇଥାଏ । ଟ୍ୟାକ୍ସି ଚାଲିଗଲା ଷ୍ଟେସନ ଅଭିମୁଖରେ ।

ମହାରାଜ ଧୀରେ ଧୀରେ ଫେରି ଚାଲିଲେ ଆଶ୍ରମ ଉଦ୍ଦେଶ୍ୟରେ ।

Digitized by srujanika@gmail.com

ତିନି

ସଙ୍ଗୀତା ଧନୀଘରର ଝିଅ ।

ଜୀବନରେ ଝଡ଼ଝଞ୍ଜା କିଛି ଦେଖି ନାହିଁ ।

କୃତୀ ବାରିଷ୍ଟରଙ୍କର ଏକମାତ୍ର କନ୍ୟାରତ୍ନ । ଅବଶ୍ୟ ତଳ ଉପର ହୋଇ ଦୁଇଟି ଭାଇ ଅଛନ୍ତି । କଲିକତାର ସ୍ଥାୟୀ ବାସିନ୍ଦା ।

ଛୁଟିଦିନମାନଙ୍କରେ ବାପାମାଆଙ୍କ ସହିତ ଭାରତର ବିଭିନ୍ନ ଅଞ୍ଚଳ ବୁଲି ଦେଖିଛି । ଭାରତ ବାହାରକୁ ବି ଯାଇଛି । ପାଶ୍ଚାତ୍ୟ ସହିତ ଅପରିଚିତ ବି ନୁହେଁ ।

କେତେକାଂଶରେ ସେ ବିଲାତି ଢାଞ୍ଚାରେ ମଣିଷ ହୋଇଛି । ଆଉ କେତେକାଂଶରେ ସନାତନୀ ମଧ୍ୟ ।

ଜେଜେମାଆ ଜେଜେବାପା ବଞ୍ଚିଥିବା ଯାଏଁ ଘରେ ଦୋଳ ଓ ଦୁର୍ଗାପୂଜା ହେଉଥିଲା ।

ଘରେ ପୂଜାରୀ ଚାକର ଯେପରି ରହିଥିଲେ ବେୟାରାର୍ ବବୁର୍ଚ୍ଚି ମଧ୍ୟ ସେପରି ରହିଥିଲେ ।

ରୋଷ୍ଟଷ୍ଟୁର ସାଙ୍ଗକୁ ଚଡ଼ଚଡ଼ୀ ଓ ପିତାଡିଅଣର ସଂଯୋଗ ବେଶ୍ ଲକ୍ଷଣୀୟ ।

ମିଷ୍ଟର ଓ ମିସେସ୍ ଚୌଧୁରୀ ଦୁଇନାଆରେ ଗୋଡ଼ ଦେଇ ଖୁବ୍ ସୁନ୍ଦରଭାବରେ ସଂସାର ଚଳାଇନେଉଥିଲେ । ଫଳରେ ପୁଅଝିଅ ବି ଦିହିଁଙ୍କ ଘରେ ଯେପରି ମୁଣ୍ଡିଆ ମାରୁଥିଲେ, ଇଂରାଜୀ ମଧ୍ୟ ସେହିପରି ଡଗଡଗ ହୋଇ କହିଯାଉଥିଲେ । ଏହାକୁ ହିଁ କହନ୍ତି ପ୍ରାଚ୍ୟ ଓ ପାଶ୍ଚାତ୍ୟର ମଧୁର ସମନ୍ୱୟ ।

ମନେ ହେଉଥିଲା, ଉଭୟପଟର ଭଲ କଥାଗୁଡ଼ିକ ବାଛିନେବା ପାଇଁ ସେ ଘରେ ଏକ ଅହରହ ଉଦ୍ୟମ ଚାଲିଥିଲା ।

ଚୌଧୁରୀ ନିବାସରେ ବିଶେଷଭାବରେ ବଙ୍ଗଳାଭାଷା ଚର୍ଚ୍ଚା କରାଯାଉଥିଲା । ଘରେ ଆଇନ୍‌ବହିର ଯେତିକି ବଡ଼ ଲାଇବ୍ରେରୀ ରହିଥିଲା, ବଙ୍ଗଳା ଲାଇବ୍ରେରୀଟି ସେତିକି ବଡ଼ ନ ହେଲେ ମଧ୍ୟ ବଙ୍ଗଳା ବହିସଂଖ୍ୟା କିଛି କମ୍ ନ ଥିଲା ।

Digitized by srujanika@gmail.com

ତେଣୁ କଲିକତାର ଅଭିଜାତ ଓ କଲଚର୍ଡ଼ ଶିକ୍ଷିତ ଲୋକଙ୍କ ମଧ୍ୟରେ ଚୌଧୁରୀ ପରିବାରର ଗୋଟିଏ ବିଶେଷ ସ୍ଥାନ ରହିଥିଲା ।

ଏତେ ସ୍ୱଚ୍ଛଳତା ସତ୍ତ୍ୱେ ସେମାନଙ୍କଠାରେ ଅହଙ୍କାର ବୋଲି କିଛି ନ ଥିଲା । ସେ ଘରର ଦ୍ୱାର ଥିଲା ସମସ୍ତଙ୍କ ପାଇଁ ଉନ୍ମୁକ୍ତ । କେବଳ ବ୍ୟକ୍ତିବିଶେଷଙ୍କୁ ନୁହେଁ, ସମସ୍ତଙ୍କୁ ଆଦର ଅଭ୍ୟର୍ଥନା କରାଯାଉଥିଲା ।

ଏହିସବୁ କାରଣରୁ ପୁଅଝିଅ ବଡ଼ ଭଲରେ ବଢ଼ିଥିଲେ । ଚୌଧୁରୀଙ୍କର ବାପାମାଆ ମରିଗଲେଣି । କିନ୍ତୁ ସେ ସେମାନଙ୍କର ଉପଦେଶ କୌଣସିଦିନ ଭୁଲିଯାଇ ନାହାନ୍ତି ।

"ଭଗବାନ ଆମକୁ ସବୁକିଛି ଦେଇଛନ୍ତି । ଦେଇଛନ୍ତି ମୁକ୍ତହସ୍ତରେ ଦୁଇହାତ ଖୋଲି । ଏ କଥାଟି ଯେପରି କେବେ ଭୁଲି ନ ଯାଅ । ପ୍ରଭୁଙ୍କ ଦୟାର ଅମର୍ଯ୍ୟାଦା କରିବ ନାହିଁ । କାହାରି ମନରେ ବ୍ୟଥା ଦେବ ନାହିଁ । କାହାକୁ ବିମୁଖ କରିବ ନାହିଁ ।"

ସ୍ୱାମୀ ସ୍ତ୍ରୀ ଉଭୟେ ଏ କଥା ମାନି ଚଳନ୍ତି ।

ମାଆଙ୍କର ଶେଷ କଥା – "ନାତିକୁ ପାଠ ପଢ଼ାଇବାକୁ ବିଲାତ ପଠାଇବୁ, କିନ୍ତୁ ସଙ୍ଗୀତାକୁ ଠିକ୍ ସମୟରେ ବାହା କରାଇଦେବୁ । ଏ ଘରର ଝିଅକୁ ଚାକିରି ବ୍ୟବସ୍ଥା କରି ପେଟ ପୋଷିବାକୁ ପଡ଼ିବନି । ବାହା ହୋଇଯିବା ପରେ ଶାଶୁଘରକୁ ଗଲେ ଅଧିକ ପଢ଼ାଶୁଣା କରିପାରେ, ସେଥିରେ ଆପତ୍ତି ନାହିଁ ।"

ପୁଅକୁ ଯେପରି ବାରିଷ୍ଟରି ପଢ଼ାଇବାକୁ ବିଲାତ ପଠାଇଥିଲେ, ଝିଅକୁ ବି ସେପରି ପଠାଇବାକୁ ମନ ହୋଇଥିଲା । କିନ୍ତୁ ମାଆଙ୍କର ଶେଷ ଇଚ୍ଛାଟି ସେ ଭାଙ୍ଗିପାରି ନ ଥିଲେ । ତେଣୁ ସଙ୍ଗୀତା ସିନିୟର କ୍ୟାମ୍ବ୍ରିଜ ପାସ୍ କରି ଗ୍ରାଜୁଏଟ୍ ହେବାପରେ ଏମ୍.ଏ. ପଢୁଛି ।

ଚୌଧୁରୀ ସାହେବଙ୍କର ବନ୍ଧୁପୁତ୍ର ବୋଧିସତ୍ତ୍ୱ ସିହ୍ନା ସହିତ ସଙ୍ଗୀତାର ବାହାଘର ଠିକ୍ ହୋଇଛି । ଆଉ ମାସ କେତେଟା ପରେ ବାହାଘର ହୋଇଯିବ । ବଡ଼ପୁଅ ବିଲାତରୁ ଫେରିଲେ ସେ କାମ ବଢ଼ାଇଦେବେ ।

ବାହା ପ୍ରସ୍ତାବଟି ବାପା ମାଆ ହିଁ ପ୍ରଥମେ ଠିକ୍ କରିଥିଲେ ତା'ପରେ ଅବଶ୍ୟ ଏ ଦୁହିଁଙ୍କ ଭିତରେ ମଧ୍ୟ ଯଥେଷ୍ଟ ଦେଖାସାକ୍ଷାତ୍ ହୋଇଛି । ଦୁହେଁ ଦୁହିଁଙ୍କୁ ପସନ୍ଦ କରିଛନ୍ତି; କହିବାକୁ ଗଲେ, ଭଲ ପାଇ ସାରିଛନ୍ତି ।

ଏହା ହିଁ ହେଲା ଏହି ବିବାହ ପ୍ରସ୍ତାବଟିର ଅଭିନବତ୍ୱ । ଚାରିଜଣ ମିଶି ଠିକ୍ କରିଛନ୍ତି କହିଲେ ଚଳେ । ପୁଣି ଦୁଇଜଣ ମିଶି ଠିକ୍ କରିଛନ୍ତି ବୋଲି ମଧ୍ୟ କୁହାଯାଇ ପାରେ ।

Digitized by srujanika@gmail.com

ରିନ୍‌ରିନ୍ ଓ ସଙ୍ଗୀତା ଏକାଠି ପଢ଼ନ୍ତି । ସ୍କୁଲପଢ଼ା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନ ହେଲେ ମଧ୍ୟ ଅନେକ ବର୍ଷ ଏକାଠି ପଢ଼ିଛନ୍ତି । ତା ପରେ ଅନେକ ବର୍ଷ ଅଲଗା ହୋଇଯାଇଛନ୍ତି । ସ୍କୁଲରୁ ପାସ୍ କରି ରିନ୍‌ରିନ୍ ଯାଇ ଭର୍ତ୍ତି ହୋଇଗଲା ଆର୍ଟ୍ ସ୍କୁଲରେ । ତାର ଅଙ୍କନ-ପ୍ରତିଭା ଦେଖି କନ୍‌ଭେଣ୍ଟର ମଦର ସୁପିରୀୟର୍ ହିଁ ନିଜ ଚେଷ୍ଟାରେ ତାକୁ ସେଠାରେ ଭର୍ତ୍ତି କରାଇ ଦେଇଥିଲେ । ଆର୍ଟସ୍କୁଲରୁ ଭଲ ରିଜଲ୍ଟ କରି ପାସ୍ ହେବାପରେ ପୁଣିଥରେ ସେ ହିଁ ଚେଷ୍ଟା କରି ରିନ୍‌ରିନ୍ ଯାଇ ପ୍ୟାରିସ୍‌ରେ ଚିତ୍ରାଙ୍କନ—କଳା ଶିଖିବା ପାଇଁ ଗୋଟିଏ ଫରେନ୍ ସ୍କଲର୍‌ସିପ୍ ଯୋଗାଡ଼ କରିଦେଇଥିଲେ ।

ସଙ୍ଗୀତା ବିଦେଶ ନ ଯାଇ ଦେଶରେ ରହିଗଲା ସତ, କିନ୍ତୁ ଦୁଇ ସହପାଠିନୀଙ୍କର ବନ୍ଧୁତା ରହିଗଲା ଅତୁଟ ହୋଇ । ପ୍ରତି ସପ୍ତାହରେ ଦୁହେଁ ଦୁହିଁଙ୍କୁ ଚିଠି ଖଣ୍ଡିଏ ନ ଦେଲେ ଶାନ୍ତି ପାଆନ୍ତି ନାହିଁ ।

ତେଣୁ ମଝି ମଝିରେ ଥଟ୍ଟା କରି ବୋଧିସତ୍ତ୍ୱ କହନ୍ତି, "ତୁମ ବନ୍ଧୁ ଯଦି ରିନ୍‌ରିନ୍ ନ ହୋଇ ରଣବୀର ହୋଇଥାନ୍ତେ, ତେବେ ବୁଝିଲ, ମୋର କୌଣସି ଚାନ୍‌ସ ହିଁ ନ ଥାନ୍ତା ।"

ମୁଣ୍ଡ ଟୁଙ୍ଗାରି ଦେଇ ସଙ୍ଗୀତା କହେ, "ସେକଥା ଆଉ ପଚାରିବାକୁ ଅଛି ?"

ସଙ୍ଗୀତା ରିନ୍‌ରିନ୍‌କୁ ଏତେ ଭଲପାଏ, ତଥାପି ତାର ବେଳେବେଳେ ମନେହୁଏ ରିନ୍‌ରିନ୍‌ର କେଉଁଠି ଯେପରି ଗୋଟିଏ ବଡ଼ କ୍ଷତ ରହିଯାଇଛି, ଯେଉଁଟିକୁ ସେ ଅନ୍ୟମାନଙ୍କଠାରୁ ଲୁଚାଇ ରଖିଛି ।

ବେଳେବେଳେ ମନେହୁଏ ସେ ଯେପରି ତାକୁ ମୋଟେ ଚିହ୍ନିପାରି ନାହିଁ; ସେ ତା'ର ଅନେକ କଥା ଜାଣେ ନାହିଁ । ତା ଭିତରେ ଯେପରି ଦୁଇଟି ସତ୍ତା ରହିଛି । ସେଥିରୁ ଗୋଟିଏ ଜଣା, ଆରଟି ଅଜଣା ।

ପୁଣି ମନରେ ଆସେ, ଝିଅଟି କେଡ଼େ ଖୋଲା; କହିବାକୁ ଗଲେ ସେ ହିଁ ତ ତାର ପ୍ରାଣର ବନ୍ଧୁ । ତା ବିଷୟରେ ପୁଣି ଏପରି ଏକ ଧାରଣା ! ଏଇଟା ନିତାନ୍ତ ମନଗଢ଼ା ।

ରିନ୍‌ରିନ୍‌ର ମାଆ ଅମୃତା ରାଓ ଅନେକ ଦିନ ହେଲା କନ୍‌ଭେଣ୍ଟର ଟିଚର୍ । ରିନିର ଖୁବ୍ ଛୋଟବେଳୁ ସେ ବିଧବା ହୋଇଗଲେଣି । ମାନ୍ଦ୍ରାଜୀ ଝିଅ । ମାନ୍ଦ୍ରାଜରେ ହିଁ ରହୁଥିଲେ ।

ସ୍ୱାମୀଙ୍କ ମୃତ୍ୟୁ ପରେ କଲିକତା ପଳାଇଆସିଲେ । ଚାକିରି-ଜୀବନଟା ଏହି କଲିକତାରେ ଆରମ୍ଭ । ମିଷ୍ଟର୍ ଓ ମିସେସ୍ ଚୌଧୁରୀଙ୍କ ସହିତ ମିସେସ୍ ରାଓଙ୍କର

Digitized by srujanika@gmail.com

ଖୁବ୍ ଭଲ ଭାବ । ଏକାଘରର ଲୋକପରି । ଝିଅମାନେ ହିଁ ଏହାର ସୂତ୍ରପାତ କରିଥିଲେ ।

ସ୍ୱାମୀଙ୍କ କଥା ପଡ଼ିବାମାତ୍ରେ ମିସେସ୍ ରାଓ କିପରି ହୋଇଯାଆନ୍ତି । ତେଣୁ ସେ ବିଷୟରେ କେହି କିଛି ପଚାରନ୍ତି ନାହିଁ । କେହି ଅମୃତାଙ୍କ ମନରେ କଷ୍ଟ ଦେବାକୁ ଚାହାନ୍ତି ନାହିଁ । ଏପରି ଶାନ୍ତ ଧର୍ମପ୍ରାଣ ମହିଳା ପ୍ରାୟ ଆଖିରେ ପଡ଼ନ୍ତି ନାହିଁ; ପାଟିକରି କଥା କହିପାରନ୍ତି ନାହିଁ । ବେଶୀ କହିପାରନ୍ତି ନାହିଁ । ଯାହା କହନ୍ତି, ମୃଦୁ ମଧୁର ।

ମଧ୍ୟବୟସ୍କା ହେଲେ କଣ ହେବ, ଏବେ ବି ରୂପ ଯେପରି ଉଛୁଳିପଡୁଛି । ମନେହୁଏ ରିନ୍‌ର ବଡ଼ ଭଉଣୀ । ଅଳ୍ପ ବୟସର ସୁନ୍ଦରୀ ବିଧବା । କେତେ ପୁରୁଷଙ୍କ ହୃଦୟରେ ନିଆଁ ଲଗାଇଦେଇଛନ୍ତି । କିନ୍ତୁ ଯେତେବେଳେ ବଡ଼ ବଡ଼ ସ୍ଥିର ଶାନ୍ତ ଆଖି ଟେକି ଚାହିଁଦେଇଛନ୍ତି, ସେତେବେଳେ ପୁରୁଷମାନଙ୍କର ମନକଥା ମନରେ ହିଁ ରହିଯାଇଛି ।

ସେମାନେ ବୁଝି ଯାଇଛନ୍ତି—ଏ ମାନବୀ ନୁହନ୍ତି, ଦେବୀ । ଏହାଙ୍କୁ ଦୂରରୁ ଆରାଧନା କରାଯାଇପାରେ, ପାଖକୁ ଟାଣି ଆଣିହେବ ନାହିଁ ।

ରିନି ଠିକ୍ ଓଲଟା । ଜୀବନ୍ତ । ଚଞ୍ଚଳ । ମାଆପରି ଏତେ ସୁନ୍ଦର ନ ହେଲେ ମଧ୍ୟ ଯାହାକୁ କହନ୍ତି ଚାର୍ମିଙ୍ଗ୍ ।

ଲୋକଙ୍କୁ ଆହୁରି ଆକର୍ଷଣ କରେ ତାର ସ୍ୱଭାବ । ମନଖୋଲା ହସ । ଅଫୁରନ୍ତ କଥା । ଆଖିପିଛୁଳାକେ ଲୋକଙ୍କୁ ପାଖକୁ ଟାଣି ନେଇପାରେ ।

ସେ ଯେପରି ଆହୁରି ଏକ ମିଷ୍ଟି । ପାଖକୁ ଯେପରି ଟାଣି ନେଇପାରେ, କ୍ଷଣକ ଭିତରେ ଦୂରକୁ ବି ସେପରି ଠେଲି ଦେଇପାରେ । ସେଥିପାଇଁ ସମୟ ଲାଗେ ନାହିଁ ।

ପ୍ୟାରିସ୍‌ରେ କେତେ ଯୁବକ ତା ପ୍ରେମରେ ଉବୁଟୁବୁ ହୋଇଛନ୍ତି । ସହଜେ ତ ଶିଳ୍ପୀ ମହଲର କଥା, ଯାହା କହନ୍ତି ଭାବରାଜ୍ୟରେ ଭାବୁକମାନଙ୍କର କାରବାର ।

କିନ୍ତୁ ସେ ଭିତରେ ବି ରିନ୍‌ରିନ୍ ମନରେ କେହି ଛାୟାପାତ କରିପାରି ନାହାନ୍ତି । ଯଦିବା କେହି ଦୁଇ ଚାରି ପାଦ ଆଗେଇ ଆସିଛନ୍ତି, ମଧୁର ମୃଦୁଳଭାବରେ ସେ ସେମାନଙ୍କୁ ବାଟ ଦେଖାଇଦେଇଛି, ''ଏଣେ ନୁହେଁ, ଏଣେ ନୁହେଁ, ଅନ୍ୟ ବାଟ ଦେଖ ।''

Digitized by srujanika@gmail.com

ଚାରି

ମାନ୍ଦ୍ରାଜର ରାମକୃଷ୍ଣ ଆଶ୍ରମର ମହାରାଜ ଏହି ଆଶ୍ରମର ଅଧିକର୍ତ୍ତା ହେବାର ଅନେକ ବର୍ଷ ହୋଇଗଲାଣି ।

ବୋଧହୁଏ କେବଳ ଧର୍ମଭୀରୁ ହୋଇଥିଲେ ଲୋକଙ୍କଠାରୁ ସେ ଏତେ ପ୍ରେମ, ଏତେ ଶ୍ରଦ୍ଧା ପାଆନ୍ତେ ନାହିଁ । ସେ ବଡ଼ ଦୟାଳୁ । ମଣିଷ ମନର ଦୁଃଖ ଜାଣିଦେବା କ୍ଷଣି, ନିଜେ ଧାଇଁଯାଇ ତା ପାଖରେ ଠିଆ ହୋଇଯାଆନ୍ତି । ସେ ଯେ କେବଳ ଆର୍ତ୍ତର ସେବା କରନ୍ତି, ଖାଦ୍ୟପେୟର ଅଭାବ, ଚିକିତ୍ସାର ଅଭାବ ଅର୍ଥାତ୍ କେବଳ ପାର୍ଥିବ ଅଭାବ ଦିଗଟି ହିଁ ପୂର୍ଣ୍ଣ କରନ୍ତି, ତା ନୁହେଁ । ମାନସିକ ଶାନ୍ତିର ଅଭାବ ହେଉଛି ଏ ସବୁ ଅଭାବ ଠାରୁ ଆହୁରି ବଡ଼ ଅଭାବ । ମହାରାଜ ସେହି ଅଭାବ ପୂର୍ଣ୍ଣ କରିବାକୁ ଚେଷ୍ଟା କରୁଛନ୍ତି ।

ଶାସ୍ତ୍ରରୁ ଦି'ଚାରିଟି ଶୁଖିଲା ଉପଦେଶ ଦେଇଦେଲେ ବା ଟିକିଏ କର୍ତ୍ତବ୍ୟାକର୍ତ୍ତବ୍ୟ କଥା ଶୁଣାଇଦେଲେ ତାଙ୍କର କାମ ସରିଯାଏନି ।

ପ୍ରତ୍ୟେକ ଲୋକର ଅନ୍ତର ଭିତରେ ପହଞ୍ଚିବାକୁ ସେ ଚେଷ୍ଟା କରନ୍ତି । ଏ ଲୋକ ପାଟି ଖୋଲି କିଛି ନ କହିଲେ ବି ସେ ଯେପରି ଏକ ତୃତୀୟ ଶକ୍ତି ସାହାଯ୍ୟରେ ମନକଥା ବୁଝିନିଅନ୍ତି ଏବଂ ସେହି ଅନୁସାରେ ବୁଝାଇଶୁଝାଇ ଶାନ୍ତି ଦେବାକୁ ଚେଷ୍ଟା କରନ୍ତି ।

ସେ ପାପପୁଣ୍ୟ ବିଚାରକୁ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । ଜୀବକୁ ଶାନ୍ତି ଓ ସୁଖ ଦେବା ହିଁ ତାଙ୍କ ଦୃଷ୍ଟିରେ ବଡ଼ ଧର୍ମ । ସେଥିପାଇଁ ସେ ଜୁଆଟିର ମଙ୍ଗଳ ହେବ ଜାଣି ଏତେ ସହଜରେ ଏକ ନିର୍ଦ୍ଦୋଷ ଛଳନାର ଆଶ୍ରୟ ନେବାକୁ ଦ୍ୱିଧାବୋଧ କରି ନ ଥିଲେ । ସମସ୍ତଙ୍କୁ ରକ୍ଷା କରିବା ହିଁ ତାଙ୍କ ଦୃଷ୍ଟିରେ ସବୁଠାରୁ ବଡ଼ ଧର୍ମ ।

"ମହାରାଜ, ଦେଖୁଛି ଆପଣ କାହିଁକି ଦି'ଦିନ ହେଲା ବଡ଼ କ୍ଳାନ୍ତ ଚିନ୍ତିତ ମନେ ହେଉଛନ୍ତି । ଦେହପା' ଭଲ ଅଛି ତ ?" ଜଣେ ବ୍ରହ୍ମଚାରୀ ପଚାରି ବୁଝିଲେ ।

Digitized by srujanika@gmail.com

ଦୁଇଦିନ ହେଲା ସମସ୍ତେ ମନେ କରୁଛନ୍ତି, ମହାରାଜ ଯେପରି କିଛି ଗୋଟିଏ ଚିନ୍ତାରେ ବୁଡ଼ିଯାଇଛନ୍ତି । ତାଙ୍କଠାରେ ଟିକିଏ ଅସ୍ଥିରତା ଦେଖାଯାଉଛି ।

"ନା, ନା । ସିମିତି କିଛି ନୁହେଁ, ମୁଁ ଭଲ ଅଛି ।"

ମହାରାଜ ନିଜ କାମରେ ମନ ଦେଲେ । ସେ ଗୋଟିଏ ସଂଶୟ ଭିତରେ ପଡ଼ିଯାଇଥିଲେ । ଶ୍ରୀମତୀ ସାରଥି ମିଥ୍ୟାର ଆଶ୍ରୟ ନିଅନ୍ତୁ ବୋଲି ସେ ନିଜେ ପରାମର୍ଶ ଦେଇଦେଲେ । ଏ ଶିଷ୍ୟାଟି ତାଙ୍କର ବଡ଼ ସ୍ନେହର ପାତ୍ରୀ ।

ଏତେବର୍ଷ ଧରି ସେ କହି ଆସିଛନ୍ତି, ସତ୍ୟର ଆଶ୍ରୟ ନିଅ । ଅଥଚ ସେ ନିଜେ ତାଙ୍କୁ ମିଥ୍ୟାର ପଥ ଦେଖାଇଦେଲେ । ଏଇଟା କଣ ଠିକ୍ ହେଲା ?

ସେ ଧ୍ୟାନରେ ବସିପଡ଼ିଲେ । 'ହେ ପ୍ରଭୁ, ହେ ଦେବ, ତୁମେ ହିଁ କହିଦିଅ, ତୁମେ ହିଁ ବୁଝାଇଦିଅ, ମୁଁ ଏ ଯେଉଁ ବାଟ ଧରିଛି, ଏଇଟା ଠିକ୍ ବାଟ ତ ।'

ମନଭିତରେ କିଏ ଯେପରି କହିଉଠିଲା, 'ଜୀବର ସେବା କେବଳ ତାର ଶୁଶ୍ରୂଷା ନୁହେଁ, ତାକୁ ଠିକ୍ ବାଟରେ ଠିଆ କରାଇଦେବା, ଦରକାର ପଡ଼ିଲେ ମଣିଷଗଢ଼ା ଶୃଙ୍ଖଳ କାଟିଦେଇ ତାକୁ ଠିଆହେବାରେ ସାହାଯ୍ୟ କରିବା ମଧ୍ୟ ସେବା । ତୁମେ ଖୁବ୍ ଠିକ୍ କରିଛ ।'

ଧୀରେ ଧୀରେ ଆଖି ଖୋଲିଲେ । ମନ ଏଥର ଶାନ୍ତ ।

ନିଜ ଗୁରୁମହାରାଜଙ୍କର ମତ ଯେ କଣ, ସେ ତାହା ଜାଣିପାରିଲେ; ନିଷ୍ପାପ ଶିଶୁଟିକୁ ସମସ୍ତଙ୍କ ଆଗରେ ପାପର ଚିହ୍ନ ବୋଲି ଚିହ୍ନାଇ ଦେଇଥିଲେ ହିଁ ପାପ ହୋଇଥାନ୍ତା । ସେ ତାକୁ ସେଥିରୁ ବଞ୍ଚାଇଦେଇଛନ୍ତି ।

ସେ ଶ୍ରୀମତୀ ସାରଥିଙ୍କର ମାତୃହୃଦୟ ପୂର୍ଣ୍ଣ କରିଦେଇଛନ୍ତି ।

ଭଦ୍ରମହିଳା ପିଲାଟିକୁ ଏପରି ପାଳିଲେ ପୂର୍ଣ୍ଣ ସ୍ନେହ ଓ ମର୍ଯ୍ୟାଦା ଦେଇପାରିବେ । ଏପରି କରି ନ ଥିଲେ ପିଲାଟିକୁ ମଣିଷର ଘୃଣାର ସ୍ପର୍ଶରୁ ରକ୍ଷା କରିବାକୁ ଯାଇ ସେ ନିଜର ଶାନ୍ତିଟିକକ ହରାଇବସନ୍ତେ ।

ଜନ୍ମଠାରୁ ବି ବଡ଼ ହେଉଛି କର୍ମ । ଏ ପିଲାଟିର ଉତ୍ପତ୍ତି ଯେକୌଣସି ସ୍ଥାନରୁ ହୋଇଥାଉ ନା କାହିଁକି, ଏପରି ଜଣେ ଧର୍ମପ୍ରାଣା ମାଆଙ୍କ ହାତକୁ ଚାଲିଆସିବା ଅର୍ଥ ପିଲାଟିର ପୂର୍ବଜନ୍ମର ବହୁ ସତ୍କର୍ମର ଫଳ ।

ଏ ପିଲାର ପ୍ରକୃତ ବାପାମାଆ ବୋଧହୁଏ ସାଧାରଣ ସ୍ତରର ମନୁଷ୍ୟ । ସେମାନଙ୍କର ପ୍ରକୃତ ବିବାହିତ ଜୀବନର ସନ୍ତାନ ହୋଇ ଜନ୍ମ ହୋଇଥିଲେ

Digitized by srujanika@gmail.com

ମଧ୍ୟ ଏ ପିଲାଟି ଅନ୍ୟ ସାଧାରଣ ଝିଅଙ୍କ ପରି ହିଁ ବଢ଼ିଥାନ୍ତା, ଏପରିକି ଖରାପ ବାଟରେ ବି ପଶିଯାଆନ୍ତା । ଏପରି ଘଟଣା ତ ସବୁବେଳେ ଘଟୁଛି । କିନ୍ତୁ ଏଥର ସେ ଅନ୍ୟ ଏକ ପରିବେଶରେ ବଢ଼ିବ ।

ସେ ପ୍ରାର୍ଥନାଗୃହରୁ ବାହାରି ଆସିଲେ । ସମସ୍ତେ ଦେଖିବାକୁ ପାଇଲେ, ସ୍ୱାମୀଜୀ ସେହି ପୂର୍ବପରି ଶାନ୍ତ, ସୌମ୍ୟ, ସଦାହାସ୍ୟମୟ ।

ଏ ଭିତରେ ଦୁଇଦିନ କଟିଗଲାଣି । ସାରଦାଙ୍କର ଫେରିବାର ସମୟ ହୋଇଗଲାଣି । ଈଶ୍ୱର ତାଙ୍କର ମଙ୍ଗଳ କରନ୍ତୁ ।

ଆଶ୍ରମର ସମସ୍ତେ ଦେଖିଲେ, ମହାରାଜ ପୁଣି ଥରେ ଆଗପରି ଦୈନନ୍ଦିନ କାର୍ଯ୍ୟରେ ମନ ଦେଲେଣି । ପ୍ରଶାନ୍ତ କପାଳରେ ଯେଉଁ ଚିନ୍ତାର ରେଖାଟି ପଡ଼ିଯାଇଥିଲା, ତାହା ଲିଭିଗଲାଣି ।

ଦୁଇଦିନ ପରେ ସାରଦାଦେବୀ ଆସି ଆଶ୍ରମରେ ପହଞ୍ଚିଗଲେ । ସେ ତ ପ୍ରତିଦିନ ଆସନ୍ତି; ପ୍ରଥମଦିନ ନ ଆସିବା ପରେ ତାଙ୍କର ସନ୍ଧାନ ନେବା ପାଇଁ ଜଣେ ବ୍ରହ୍ମଚାରୀ ଯାଇଥିଲେ । ସାରଦା ଦେବୀ ବିଧବା ହେବା ପରଠାରୁ ଏହି ନିୟମ ହିଁ ଚାଲିଆସିଥିଲା ।

''ମହାରାଜ, ସାରଦାଦେବୀଙ୍କର ସନ୍ଧାନ ନେବାକୁ ଯାଇଥିଲି । ଦେଖି ଅବାକ୍ ହୋଇଗଲି, ତାଙ୍କ ଦୁଆରେ ତାଲା ପଡ଼ିଛି । ପାଖପଡ଼ିଶା ଲୋକଙ୍କୁ ପଚାରିଲି । କେହି ଠିକ୍ କରି କିଛି କହିପାରିଲେ ନାହିଁ; କୁଆଡ଼େ ଯାଇଛନ୍ତି, କଣ ହୋଇଛି, କେହି ଜାଣନ୍ତି ନାହିଁ । ବର୍ତ୍ତମାନ କଣ କରାଯାଏ, ମହାରାଜ ?''

''ସାରଦାଦେବୀ ବୟସ୍କା ମହିଳା । ସେପରି କିଛି ଅବସ୍ଥାପନ୍ନ ନୁହନ୍ତି ଯେ କିଛି ଅଘଟନ ଘଟିଯିବ । ଦି'ଦିନ ଅପେକ୍ଷା କରାଯାଉ । ଭଗବାନଙ୍କ କୃପାରୁ ଭଲ ଖବର ହିଁ ମିଳିବ । ଈଶ୍ୱର ମଙ୍ଗଳମୟ ।''

ସାରଦାଦେବୀଙ୍କୁ ଦେଖି ଆଶ୍ରମର ସମସ୍ତେ ଖୁସୀ ।

''ଘଟଣା କଣ ? ହଠାତ୍ ଇମିତି କୁଆଡ଼େ ଚାଲିଯାଇଥିଲେ ? ଆମେ ଚିନ୍ତାରେ ପଡ଼ିଯାଇଥିଲୁ ଯେ । କେହି କିଛି ଜାଣନ୍ତିନି... ।''

''ଘଟଣାଟା ହଠାତ୍ ଘଟିଗଲା । କିଛିଦିନ ତଳେ ମୋର ଜଣେ ଅତି ଦୂରସମ୍ପର୍କୀୟା ଯାଆ ବିଧବା ହୋଇଯାଇଥିଲେ । ତାଙ୍କରି ପାଖରୁ ଗୋଟିଏ ଅର୍ଜେଣ୍ଟ ଟେଲିଗ୍ରାମ୍ ପାଇଲି– 'ମରିଯିବା ଉପରେ, ଶୀଘ୍ର ଆସ' । ଫଳରେ କାହାକୁ କିଛି ଖବର ଦେବାକୁ ସମୟ ପାଇଲି ନାହିଁ ।''

Digitized by srujanika@gmail.com

ବଡ଼ ଦୁଃଖରେ ମୁଣ୍ଡ ପୋତିଦେଇ ସେ କହିଚାଲିଲେ, "ତାଙ୍କରି ପାଖକୁ ଧାଇଁ ଯାଇଥିଲି । ସେ ବି ମୋରିପରି ଅଭାଗିନୀଟିଏ । ତିନିକୁଳରେ କେହି ବୋଲି କେହି ନାହିଁ... ।"

"ଇଏ ପୁଣି କି କଥା କହୁଛନ୍ତି ସାରଦା ଦେବୀ ! ଆମେ ତ ଆପଣଙ୍କର ହୋଇ ରହିଛୁ । ଆପଣ ଆମର ଗୁରୁଭଉଣୀ ନା ? ଆମେ ପରା ଏକାଗୁରୁଙ୍କ ଶିଷ୍ୟ !"

"ସତ କଥା । ମୋ କହିବାଟା ଠିକ୍ ହୋଇନି । ଯାହାହେଉ, ମୁଁ ଯାଇ ପହଞ୍ଚିବାର ଘଣ୍ଟା କେତେଟା ଭିତରେ ସେ ଆଖି ବୁଜିଦେଲେ । ରଖି ଯାଇଛନ୍ତି ମାସକର ହେବ କୁନି ଝିଅଟିଏ ।"

"ଝିଅଟିକୁ ନେଇଆସିଛନ୍ତି ତ ? —ତା'ହେଲେ ତ ଏଥର ଆପଣ ମାଆ, ସନ୍ତାନର ଜନନୀ", ସମସ୍ତେ କହିଉଠିଲେ ।

"ହଁ, ତା ନୁହେଁ କଣ । ନଈ ଏ କୂଳ ଭାଙ୍ଗିଲେ ଆରକୂଳ ଗଢ଼େ । ମଣିଷ ଜୀବନଟା ବି ସେଇଆ । ସେପଟେ ମାଆ ମରିଗଲା, ଏପଟେ ସନ୍ତାନହୀନା ହୋଇଗଲା ସନ୍ତାନବତୀ ।"

"ଯାହା କହନ୍ତୁ, ଝିଅଟିର ମାଆଙ୍କ କପାଳ ଟାଣ, ନ ହେଲେ କି ଏପରି ମାଆ ହାତରେ ଝିଅଟିକୁ ଟେକିଦେଇ ପାରିଥାନ୍ତେ ? ଇଏ କଣ କମ୍ କଥା ! ଚାଲ, ଚାଲ, ସମସ୍ତେ ଯାଇ ମହାରାଜଙ୍କୁ ଖବର ଦେବା ।"

"ସେ ତ ଏଇନେ ମନ୍ଦିରରେ, କବାଟ ବନ୍ଦ ।"

"ଆପଣମାନେ ଯେ ଯାହା ନୈମିତ୍ତିକ କାମରେ ଯାଆନ୍ତୁ, ମୁଁ ନିଜେ ଯାଇ ମହାରାଜଙ୍କୁ ସବୁକଥା ଜଣାଇଦେବି ।"

"ଝିଅଟିକି କେଉଁଠି ରଖିଦେଇ ଆସିଛନ୍ତି ?"

"ପଡ଼ିଶାଘରେ ଗୋଟିଏ ବୋହୂ ଅଛି, ଝିଅକୁ ଖୁଆଇ ପିଆଇ ତାରି ପାଖରେ ଶୁଆଇଦେଇ ଆସିଛି ।"

"ତା'ହେଲେ ଆପଣ ଆଜି ଦିନସାରା ଏଠାରେ ରହିପାରିବେ ନାହିଁ ?"

"ନା, ଆଜି ଆଉ ରହିହେବ ନାହିଁ ।"

ଠିକ୍ ସେତିକିବେଳକୁ ମହାରାଜ ମନ୍ଦିରରୁ ବାହାରି ଆସିଲେ ।

Digitized by srujanika@gmail.com

''ଯାହାହେଉ, ତୁମେ ଚାଲିଆସିଛ ସାରଦା । ତୁମ ପାଇଁ ଆମେ ସମସ୍ତେ ଚିନ୍ତାରେ ପଡ଼ିଯାଇଥିଲୁ ।''

ପ୍ରଣାମ କରିସାରି ସାରଦାଦେବୀ କହିଲେ, ''ଆଶୀର୍ବାଦ କରନ୍ତୁ ମହାରାଜ ! ଆପଣଙ୍କର ଆଶୀର୍ବାଦର ବଡ଼ ପ୍ରୟୋଜନ ।''

''ମୁଁ ତ ସବୁବେଳେ ତୁମମାନଙ୍କୁ ଆଶୀର୍ବାଦ କରୁଛି'', କହି କହି ମହାରାଜ ନିଜର କୋଠରି ଆଡ଼କୁ ପାଦ ବଢ଼ାଇଲେ ।

ସାରଦାଦେବୀ ମଧ୍ୟ ତାଙ୍କ ପଛେ ପଛେ ଚାଲିଲେ । ଅନ୍ୟମାନେ ଯେ ଯାହାର ନିତ୍ୟନୈମିତ୍ତିକ କାର୍ଯ୍ୟରେ ବାହାରିଗଲେ ।

ଦିହେଁ ଯାଇ କୋଠରିରେ ପଶୁ ପଶୁ ମହାରାଜ କବାଟ ବନ୍ଦ କରିଦେଲେ ।

''ମହାରାଜ, ଆପଣଙ୍କ ଆଦେଶ ଅନୁଯାୟୀ ସବୁ କରିଛି । ଆପଣଙ୍କ ଆଶୀର୍ବାଦରୁ ବାଟରେ କୌଣସି ଅସୁବିଧା ହୋଇନି । ସେ ସହରଟି ତ ଛୋଟ; ମୁଁ ଯେଉଁଠି ରହିଥିଲି, ସେଇଟି ଛୋଟ ହୋଟେଲଟିଏ । ତଥାପି ସବୁକିଛି ସୁବିଧା ମିଳିଲା । ଏଠାକୁ ଫେରିବା ପରେ ଆପଣ ଯାହାସବୁ କହିଥିଲେ, ସମସ୍ତଙ୍କୁ ଅବିକଳ ସେହିକଥା କହିଦେଇଛି ।''

''ଭଗବାନ ତୁମର ମଙ୍ଗଳ କରନ୍ତୁ । ଛୁଆଟିକୁ କେଉଁଠି ରଖିଦେଇ ଆସିଛ ?''

''ପଡ଼ିଶାଘର ବୋହୂ ପାଖରେ ।''

''ତା'ହେଲେ ତ ତୁମେ ଆଉ ବେଶୀ ସମୟ ଏଠାରେ ରହିଲେ ଚଳିବ ନାହିଁ !''

''ମହାରାଜ, ଝିଅଟିକୁ ପାଇ ମୋର ଗୋଟିଏ ଦିଗ ପୂର୍ଣ୍ଣ ହୋଇଯାଇଛି ସତ, କିନ୍ତୁ ଆପଣଙ୍କୁ ଛାଡ଼ିଦେଲେ, ଏ ଆଶ୍ରମ ଛାଡ଼ିଦେଲେ, ମୋ ଜୀବନଟା ଯେ ଦୁର୍ବିଷହ ହୋଇଯିବ, ମୁଁ ଦି'ସୁଅ ମଝିରେ ପଡ଼ିଯିବି । ମତେ କିଛି ଗୋଟିଏ ଉପାୟ କହିଦିଅନ୍ତୁ ମହାରାଜ !''

''ଠିକ୍ ଅଛି ସାରଦା । ମୁଁ ତାର ବ୍ୟବସ୍ଥା କରିଦେଉଛି, ଆଗ ଛୁଆଟି ଟିକିଏ ବାଟକୁ ଚାଲିଆସୁ; ସେଥିପାଇଁ କିଛିଦିନ ଲାଗିଯିବ । କଣ କରାଯାଏ ! ତୁମେ ପ୍ରତିଦିନ ଅଳ୍ପ କିଛି ସମୟ ପାଇଁ ଚାଲିଆସୁଥିବ ।''

''ତା'ପରେ ?''

Digitized by srujanika@gmail.com

"ତା'ପରେ ଛୁଆଟିକୁ ସାଙ୍ଗରେ ନେଇ ଚାଲି ଆସୁଥିବ; ଏଠାରେ ତା ଦେଖାଶୁଣା କରୁଥିବ; ତା'ଛଡ଼ା ତୁମେ ଆଶ୍ରମର ଯେଉଁ କେତୋଟି କାମ କରୁଛ, ଯଥାସମ୍ଭବ ସେସବୁ କରିବାକୁ ଚେଷ୍ଟା କରିବ ।"

"ମତେ ବଞ୍ଚାଇଦେଲେ ମହାରାଜ । ମୁଁ ବୁଝିସାରିଛି ଯେ ଏହି ଆଶ୍ରମ ଓ ଆପଣ ହିଁ ମୋର ପ୍ରାଣ; ଚିନ୍ତାରେ ପଡ଼ିଯାଇଥିଲି ଯେ, ବୋଧହୁଏ ଝିଅପାଇଁ ମତେ ଏ ଦିଗଟି ହରାଇଦେବାକୁ ପଡ଼ିବ ।"

"କଣ କେବେହେଲେ ସେପରି ଘଟିବ ବୋଲି ଭାବିଛ ସାରଦା ? ଏ ଛୁଆଟି ତୁମକୁ କୌଣସି ଦିନ ବାନ୍ଧିରଖିବ ନାହିଁ; ତୁମକୁ ସେ ମୁକ୍ତିପଥରେ ନେଇଯିବ ।"

"ସେହି ଆଶୀର୍ବାଦ ହିଁ କରନ୍ତୁ ମହାରାଜ ।"

"ମୁଁ ସେ ଝିଅଟିକୁ ଅମୃତା ବୋଲି ନାଆଁ ଦେଉଛି । ତାକୁ ସକଳ ଯତ୍ନ ଦେଇ ପାଳ ସାରଦା; କିନ୍ତୁ ତୁମେ ଓ ମୁଁ ଯାହା ଜାଣିଥାଇଁ, ତାହା ଯେପରି ତୃତୀୟ ବ୍ୟକ୍ତି କେହି ନ ଜାଣେ, ଅମୃତା ବି ଯେପରି କିଛି ନ ଜାଣେ ।"

"ମହାରାଜ, ଆପଣଙ୍କର ଆଦେଶ ଏତିକି ଟିକିଏ ବି ଏପଟ ସେପଟ ହେବ ନାହିଁ ।

"ତୁମରି କଥା ହିଁ ଭାବୁଥିଲି । ଛୁଆଟି ଭଲ ଅଛି ତ ?"

"ହଁ ମହାରାଜ, ଖୁବ୍ ଭଲ ଅଛି । କୌଣସି ଅଝଟ ହେଉନି । ବଡ଼ ଶାନ୍ତ । ଖାଲି କହୁଛି ଶୋଇବ । ଶୁଆଇଦେଲେ ତା'କାମ ସରିଲା । ରାତିରେ ବି ଉଠୁନି । ପଡ଼ିଶାଅଡ଼ିଶା ଲୋକେ ଦୁଃଖ କରି କହୁଛନ୍ତି, କି ଝିଅ ଜନମ କରିଥିଲା, ମାଆ ସେକଥା ଜାଣିନି । ଦିଦି ଗୋ, ତୁମ କପାଳ ଭଲ, ଝିଅଟି କପାଳ ବି ଭଲ; ତୁମପରି ମାଆ ପାଇଲା ଟି !"

"ଲୋକେ ଠିକ୍ କହିଛନ୍ତି ସାରଦା; ପୂର୍ବଜନ୍ମର ପୁଣ୍ୟ ନ ଥିଲେ ତୁମପରି ମାଆ ମିଳେନି ।"

ପ୍ରଣାମ କରିସାରି ସାରଦା ମହାରାଜଙ୍କ କୋଠରିରୁ ବାହାରି ଆସିଲେ । ଆଶ୍ରମର କିଛି କାମଦାମ କରିଦେଇ ସେ ଫେରିଗଲେ ନିଜ ଘରକୁ ।

Digitized by srujanika@gmail.com

ମନ ଆଶ୍ରମରେ ଲାଗିରହିଲା । ଆଶ୍ରମରେ ବାସ ନ କରି ମଧ୍ୟ ସେ ମନପ୍ରାଣରେ ହୋଇଯାଇଥିଲେ ଆଶ୍ରମବାସିନୀ । ତେଣୁ ସେ ଏତେଶୀଘ୍ର ଘରକୁ ଫେରିଯିବାକୁ ଚାହୁଁ ନ ଥିଲେ । କିନ୍ତୁ କର୍ତ୍ତବ୍ୟ ।

ଏପରି ଭାବରେ କିଛିଦିନ କଟିଯିବା ପରେ ମହାରାଜ ଆଶ୍ରମବାସୀଙ୍କୁ ଡାକି ସାରଦାଦେବୀଙ୍କୁ ସେ ଯେଉଁ ଆଦେଶ ଦେଇଥିଲେ, ତାହା ଜଣାଇଦେଲେ ।

''ଠିକ୍ ଆଦେଶ ଦେଇଛନ୍ତି ମହାରାଜ । ସାରଦାଦେବୀ ତ ଆଶ୍ରମର ଗୋଟିଏ ଅଂଶ ହୋଇଯାଇଛନ୍ତି । ସେ ନ ଥିଲେ ପରା କାମରେ ଟିକିଏ ବିଶୃଙ୍ଖଳା ହୋଇଯାଉଛି ।''

''ମୁଁ କହୁଛି, ସେ ଏଥର ଝିଅଟିକୁ ସାଙ୍ଗରେ ନେଇ ଏଠିକି ଚାଲି ଆସୁଥିବେ, ସନ୍ଧ୍ୟାବେଳକୁ ଝିଅକୁ ନେଇ ଘରକୁ ଫେରିଯାଉଥିବେ । ଗଲାବେଳେ ତୁମ ଭିତରୁ କେହି ଜଣେ ସାଙ୍ଗରେ ଯାଉଥିବ ।

''ନିଶ୍ଚୟ, କେହି ଜଣେ ଯିବାକୁ ପଡ଼ିବ । ଯିବେ ।''

''ମୁଁ କହୁଛି, ଆସିବାବେଳେ ଖୁବ୍ ସକାଳୁ ସକାଳୁ ଚାଲିଆସନ୍ତୁ ଯେ ବିଶେଷ କିଛି ଅସୁବିଧା ହେବନି ।'' କହି ମହାରାଜ ଟିକିଏ ଅଟକିଗଲେ ।

''ଝିଅଟିକୁ ନାଆଁ ଦେଇଛି ଅମୃତା ।''

''ବାଃ ! ଖୁବ ସୁନ୍ଦର ନାଆଁଟିଏ ଦେଇଛନ୍ତି ମହାରାଜ । ଆପଣଙ୍କ ଆଶୀର୍ବାଦରୁ ସେ ସମସ୍ତଙ୍କ ମଧ୍ୟରେ ଅମୃତ ବର୍ଷଣ କରିବ ।''

ମହାରାଜଙ୍କ ମୁହଁରେ ଖେଳିଗଲା କେବଳ ଟିକିଏ ହସ । ସେ ମୁହଁ ଖୋଲି କିଛି କହିଲେ ନାହିଁ ।

Digitized by srujanika@gmail.com

ପାଞ୍ଚ

କିଛିଦିନ ଭିତରେ ସାରଦାଦେବୀଙ୍କର ଜୀବନ ଦୁଇନାଆରେ ଗୋଡ଼ ଦେଇ ବି ବେଶ୍ ସୁନ୍ଦର ଭାବରେ ଚାଲିବାକୁ ଆରମ୍ଭ କରିଦେଲା । ସକାଳେ ଅମୃତାକୁ ନେଇ ସେ ଆଶ୍ରମକୁ ଚାଲିଆସନ୍ତି । ଆଶ୍ରମରେ ଝିଅକୁ ଶୁଆଇଦେଇ କାମରେ ଲାଗିଯାଆନ୍ତି ।

ମହାରାଜଙ୍କର କୋଠରିଟି ନିଜ ହାତରେ ନ ପୋଛିଲେ ସେ ଶାନ୍ତି ପାଆନ୍ତି ନାହିଁ । ଏପରି ସବୁ ଟିକିନିଖି କାମ । ବିଭିନ୍ନ ସମାଜ-କଲ୍ୟାଣକର କାମରେ ମଧ୍ୟ ତାଙ୍କର କଲ୍ୟାଣମୟ ହାତ ଲାଗେ ।

ଆଗେ ଆଶ୍ରମକାର୍ଯ୍ୟରେ ସେ ଆଶ୍ରମ ବାହାରକୁ ମଧ୍ୟ ଯାଉଥିଲେ । ଏଥର କିନ୍ତୁ ସେଥିରେ ବାଧା ପଡ଼ିଲା ।

ଶାନ୍ତ ସୁନ୍ଦର ଝିଅଟି ଏହିପରି ଭାବରେ ବଢ଼ିଚାଲିଲା । ମଝି ମଝିରେ ଝିଅର ଦେହପା' ଖରାପ ହୁଏ; ଅନ୍ୟ କିଛି କାରଣରୁ ବି ଆଶ୍ରମକୁ ଆସିବାରେ ବିଘ୍ନ ଘଟେ । ତଥାପି ସେ ବିଘ୍ନ ବେଶିଦିନ ଲାଗିରହେନି ।

ମହାରାଜଙ୍କ ଆଶୀର୍ବାଦରୁ ଅମୃତା ସାଧାରଣ ଝିଅଙ୍କଠାରୁ କମ୍ ରୋଗ ଭୋଗି ବଢ଼ିବାକୁ ଲାଗିଲା ।

ଏଠାରେ ଯେଉଁମାନେ ରହନ୍ତି, ସେମାନେ ସଂସାରରୁ ବାହାର । ସେଇଥିପାଇଁ ବୋଧହୁଏ ସେମାନେ କାହାରି ନଜରରେ ପଡ଼ନ୍ତି ନାହିଁ । ଝିଅଟି ଧୀରେ ଧୀରେ ଆଗେଇ ଚାଲିଲା ଅର୍ଥ ହିଁ ବଢ଼ିଚାଲିଲା ।

ହଠାତ୍ ସମସ୍ତଙ୍କର ମନେହେଲା, ଅମୃତା ଏଥର ଟିକିଏ ଟିକିଏ ଚାଲିପାରୁଛି । ମହାରାଜଙ୍କୁ ଦରୋଟି ଭାଷାରେ 'ମହାୟାଜ' ବୋଲି ଡାକୁଛି, ପୁଣି ତଳେ ବସିପଡ଼ି ମାଆଙ୍କ ଦେଖାଦେଖି ଛୋଟ ଛୋଟ ହାତଯୋଡ଼ି ପ୍ରଣାମ କରୁଛି ।

"ଆହେ, ଏଇଟା ଏଥର ବଡ଼ ହୋଇଗଲା ହେ !"

Digitized by srujanika@gmail.com

ମହାରାଜ ହସି ହସି ସମସ୍ତଙ୍କୁ ଶୁଣାଇଦେଲେ, "ତୁମେ କଣ ଭାବିଥିଲ ସେ ସବୁଦିନ ପିଲା ହୋଇ ରହିଥିବ ଏବଂ ତୁମେସବୁ ତାକୁ କାଖେଇ କୋଳେଇ ବୁଲୁଥିବ ?"

ସାରଦାଦେବୀଙ୍କର ନିଜ ମାତୃଭାଷା ଜାଣିବାଟା ଏକ ସ୍ୱାଭାବିକ କଥା । କିନ୍ତୁ ସେ ଓ ତାଙ୍କ ସ୍ୱାମୀ ଏଡ଼େ ସୁନ୍ଦର ବଂଗଳା ଶିଖିଥିଲେ ଯେ, ଉଚ୍ଚାରଣରେ ଟିକିଏ ଅଣବଙ୍ଗାଳିଆ ଢଙ୍ଗ ଛାଡ଼ିଦେଲେ ସେ ବଙ୍ଗଭାଷୀ ନୁହନ୍ତି ବୋଲି ଜାଣିହେବନି ।

ଶ୍ରୀରାମକୃଷ୍ଣଙ୍କର କଥାମୃତ ତାଙ୍କର ନିଜ ଭାଷାରେ ପଢ଼ିବାଲାଗି ହିଁ ସ୍ୱାମୀ-ସ୍ତ୍ରୀ ଅତି ଯତ୍ନସହକାରେ ବଙ୍ଗଳା ଶିଖିଥିଲେ ।

ତା'ଛଡ଼ା ନିଜ ଗୁରୁଦେବଙ୍କ ସହିତ ତାଙ୍କ ନିଜ ଭାଷାରେ କଥା କହିବାର ସୌଭାଗ୍ୟରୁ ବଞ୍ଚିତ ନ ହେବା ଥିଲା ସେମାନଙ୍କର ବଙ୍ଗଳା ଶିଖିବା ପଛରେ ଆଉ ଗୋଟିଏ ବଡ଼ କାରଣ ।

ଅମୃତା ମଧ ତା ମାଆଙ୍କଠାରୁ ଉଭୟ ତାମିଲ ଓ ବଙ୍ଗଳା ଶିଖିଚାଲିଲା ।

ଝିଅଟି ଅନ୍ୟାନ୍ୟ ଝିଅଙ୍କଠାରୁ କିମିତି ଟିକିଏ ଭିନ୍ନ ସ୍ୱଭାବର ହୋଇଗଲା । ପିଲାଟିଦିନରୁ କଣ୍ଢେଇ ଧରି ଖେଳିବାକୁ ଯେତେ ଆଗ୍ରହ ଦେଖାଇଲା, ତା'ଠାରୁ ବେଶି ଆଗ୍ରହ ଦେଖାଇଲା ମାଆଙ୍କ ସହିତ ମିଶି ମନ୍ଦିରର କାମଦାମ କରିବାକୁ ।

ଏପରି ଭାବରେ ହିଁ ଆରମ୍ଭ ହୋଇଥିଲା ଅମୃତାର ଜୀବନ ।

ସାରଦାଦେବୀଙ୍କର ମାତୃସ୍ନେହ ଓ ମହାରାଜଙ୍କର ଆଶୀର୍ବାଦ-ଉପଦେଶ ଭିତର ଦେଇ ସେ ବଢ଼ିଚାଲିଲା । ରୂପ ଓ ସ୍ୱଭାବ ଉଭୟରୁ ମନେ ହେଉଥିଲା, ସେ ହେଉଛି ଆଲୋକପୁରୀରୁ ଅକସ୍ମାତ୍ ଖସିପଡ଼ିଥିବା ଗୋଟିଏ ତାରକା ।

ନିଜେ ମହାରାଜ ଦିନେ କହିଦେଲେ, "ସାରଦା, ତୁମ ଝିଅ ଏଥର ବଡ଼ ହୋଇଗଲା ।"

"ଆପଣଙ୍କର ଦୟା ।"

"ଏଥର ତାକୁ ସ୍କୁଲକୁ ପଠାଇବାକୁ ପଡ଼ିବ ।"

"ଆପଣ ଯାହା କହିବେ, ସେଇଆ ହେବ ।"

ମହାରାଜଙ୍କର ପରାମର୍ଶକ୍ରମେ ସାରଦାଦେବୀ ଆଶ୍ରମ ପାଖରେ ଥିବା ଗୋଟିଏ ମିଶନାରୀ ସ୍କୁଲରେ ଝିଅର ନାଆଁ ଲେଖାଇଦେଲେ ।

Digitized by srujanika@gmail.com

ସମୟ କାହା ପାଇଁ ଅପେକ୍ଷା କରେ ନାହିଁ । ଅମୃତା ଧୀରେ ଧୀରେ ବଡ଼ ହୋଇ ଚାଲିଲା ।

କ୍ଲାସ୍ ପରେ କ୍ଲାସ୍ ସେ ଯେତେ ଆଗେଇ ଚାଲିଲା, ଯୌବନର ସ୍ପର୍ଶ ତା ଦେହରେ ସେତେ ଅଧିକ ଲାଗିବାକୁ ବସିଲା । ସେ ହୋଇଉଠିଲା ସତରେ ସମସ୍ତଙ୍କ ଆଖିରେ ପଡ଼ିଲାପରି ଅସାମାନ୍ୟା ସୁନ୍ଦରୀ ।

ମହାରାଜ ଥଟ୍ଟା କରି ସାରଦାଦେବୀଙ୍କୁ କହନ୍ତି, "ତୁମ ଝିଅ ସତରେ କି ସୁନ୍ଦର ନୁହେଁ ସାରଦା ! ରୂପରେ ଲକ୍ଷ୍ମୀ, ଗୁଣରେ ସରସ୍ୱତୀ ।"

ସାରଦାଦେବୀଙ୍କର ଆଖି ଦୁଇଟି ସଜଳ ହୋଇଉଠେ, "ସବୁ ଆପଣଙ୍କ ଦୟାରୁ ।"

ଗୁରୁ-ଶିଷ୍ୟା ମଧ୍ୟରେ ଯେତେବେଳେ ନିଭୃତରେ ଆଲୋଚନା ଚାଲିଥାଏ, ସେତେବେଳେ ଅମୃତା ସେମାନଙ୍କର କଥା ସହିତ ମଜ୍ଜିଯାଇଥାଏ ।

ଏପଟେ ସାରଦାଦେବୀଙ୍କର ଦେହ କ୍ରମେ ଭାଙ୍ଗିଯିବାକୁ ବସିଲା । ଜୀବନର ଯାହା ଧର୍ମ ତାକୁ ତ ଆଉ ଅନ୍ୟଥା କରିହେବ ନାହିଁ ।

ଘରର ଯାହାକିଛି କାମଦାମ, ସବୁ ଅମୃତା ହିଁ ସ୍କୁଲଯିବା ଆଗରୁ କରିଦିଏ । କିନ୍ତୁ ଝିଅର ଶତ ନିଷେଧ ସତ୍ତ୍ୱେ ଆଶ୍ରମର ସବୁ କାମ ସେ ନିଜ ହାତରେ କରନ୍ତି ।

"ଆମ୍ମି, ତମେ କାହିଁକି ଏତେ ଖଟୁଛ ? ମୁଁ ରାତି ପାହାନ୍ତିଆରୁ ଉଠି ଦି'ପଟଯାକର ସବୁ କାମ ଏକା ସାରିଦେବି; ସବୁ କାମ ସାରି ମୁଁ ସ୍କୁଲ ଯିବି । ତୁମେ ଆଶ୍ରମକୁ ଯାଇ କେବଳ ବସ । ତୁମକୁ ଛାଡ଼ିଦେଲେ ଯେ ମୋର ହୋଇ ଆଉ କେହି ନାହିଁ ଆମ୍ମି ।" କହୁ କହୁ ତାର ବଡ଼ ବଡ଼ ଆଖି ଦୁଇଟି ଲୁହରେ ଭରିଯାଏ ।

"ଛିଃ, ଏଭଳି କଥା ତୁଣ୍ଡରେ ଧରିବୁନି ମାଆ । ଉପରେ ଭଗବାନ ଅଛନ୍ତି । ଆଖି ଆଗରେ ରହିଛନ୍ତି ମହାରାଜ । ମୁଁ ତ ନିମିତ୍ତମାତ୍ର । ତୁ ସେହିମାନଙ୍କର କୃପା ପାଇଛୁ, ତୋର କେଉଁଥିକୁ ଚିନ୍ତା ??"

ଦିନେ ଦିନେ ମାଆକୁ ଜାବୋଡ଼ି ଧରି ଝିଅ କହେ, "ତୁମକୁ ଛାଡ଼ି ମୁଁ ବଞ୍ଚିପାରିବି ନାହିଁ ଆମ୍ମି ।"

Digitized by srujanika@gmail.com

ମହାରାଜଙ୍କ ପାଖକୁ ଯାଇ କହେ, ''ମହାରାଜ, ଆପଣ ମାଆଙ୍କୁ ଭଲ କରିଦିଅନ୍ତୁ ।''

''ତୋ ମାଆର କଣ, ଆମମାନଙ୍କର କଣ, ଈଶ୍ୱର ହିଁ ସମସ୍ତଙ୍କର ମଙ୍ଗଳ କରିବେ । ସେ ମଙ୍ଗଳମୟ । କିନ୍ତୁ ଗୋଟିଏ କଥା ସବୁବେଳେ ଉପଲବ୍ଧି କରିବାକୁ ଚେଷ୍ଟା କର । ସଂସାରରେ ଜନ୍ମ ହେଲେ, ସଂସାରର ସବୁକିଛି ଭିତର ଦେଇ ଯିବାକୁ ପଡ଼ିବ । ସୁଖ-ଦୁଃଖ, ମିଳନ-ବିଚ୍ଛେଦ, ଶାନ୍ତି-ଅଶାନ୍ତି, ସକଳ ବିଷୟ ଶାନ୍ତ ଚିତ୍ତରେ ଗ୍ରହଣ କରିନେବାକୁ ପଡ଼ିବ । ସବୁ ପ୍ରଭୁଙ୍କର ଲୀଳା ।''

ଏପରି ନାନା ଉପଦେଶ ଶୁଣି ଶୁଣି ଅମୃତାର ମନ ସ୍ଥିର ହୋଇ ଆସେ ।

ତଥାପି ତାର କାହିଁକି ବେଳେବେଳେ ମନେହୁଏ, ତା ଅବସ୍ଥା ଅନ୍ୟମାନଙ୍କ ଅବସ୍ଥାପରି ନୁହେଁ । ତା ସହିତ ଅନ୍ୟ ଯେଉଁସବୁ ଝିଅ ପଢୁଛନ୍ତି, ସେମାନଙ୍କର ଯେ କେବଳ ବାପାମାଆ ଅଛନ୍ତି ତା'ନୁହେଁ, ଭାଇଭଉଣୀ, ବନ୍ଧୁବାନ୍ଧବ କେତେ କଣ ଅଛନ୍ତି । ବଡ଼ହେବା ପରେ ସେ ମାଆଙ୍କପାଖରୁ ଶୁଣିଛି, ତା ବାପା କାଳେ ସେ ଜନ୍ମହେବା ପୂର୍ବରୁ ମରିଯାଇଥିଲେ; ସେ ଅତି ଛୋଟଟିଏ ହୋଇଥିବାବେଳେ ତାର ଜନ୍ମଦାତ୍ରୀ ମାଆ କାଳେ ପୃଥିବୀର ମାୟା ଛାଡ଼ିଦେଇ ଚାଲିଗଲେ ।

ଏସବୁ ଗଳ୍ପ ତା ପାଖରେ ଗଳ୍ପ ହୋଇ ହିଁ ରହିଯାଇଛି । ଏସବୁ ତା'ମନରେ କୌଣସି ପ୍ରଭାବ ପକାଇପାରି ନାହିଁ । ଏହି ମାଆଙ୍କୁ ହିଁ ସେ ମାଆ ବୋଲି ଜାଣେ । ଏହି ମାଆ ହିଁ ତାର ସଂସାର ।

ତେଣୁ ଅମୃତା ମନରେ ବେଳେବେଳେ ଭୟ ହୁଏ, ସେ ନିଶ୍ଚୟ ଏକ ବିରାଟ ଦୁର୍ଭାଗ୍ୟ ଧରି ଜନ୍ମ ହୋଇଛି । ତା ମନ୍ଦଭାଗ୍ୟ ଏ ମାଆଙ୍କୁ ବି ତା ପାଖରୁ ଛଡ଼ାଇ ନ ନେବ କାହିଁକି ? କିଏ କହିବ !

ନିଘୋଡ଼ ନିଦରେ ବି ଦିନେ ଦିନେ ସେ ତାର ସାରଦା ମାଆଙ୍କୁ ଜାବୋଡ଼ି ଧରେ ।

''କିଲୋ ମାଆ ! କଣ ହେଲା ମାଆ ? କିଛି ଖରାପ ସ୍ୱପ୍ନ ଦେଖିଲୁ କି ?''

''ନା, କିଛି ନୁହେଁ; ତୁମେ ଭଲ ଥାଅ ଆମ୍ମି ।''

''ପାଗଳୀ କୋଉଠିକାର !''

Digitized by srujanika@gmail.com

ସାରଦାଦେବୀ ମନେ ମନେ ବୁଝି ସାରିଲେଣି, ତାଙ୍କ ଦେହଟା ଭାଙ୍ଗିପଡୁଛି । ଏଣେ ଆଶ୍ରମ ପକ୍ଷରୁ ଚିକିତ୍ସା କରିବା ଚେଷ୍ଟାରେ କୌଣସି ତ୍ରୁଟି ନାହିଁ । କିନ୍ତୁ ସାରଦାଦେବୀଙ୍କ ମନ ଗୋଟିଏ ଦୃଷ୍ଟିରୁ ଆନନ୍ଦରେ ଭରିଉଠେ । ସେ ଏଥର ତାଙ୍କର ହୃଦୟଦେବତା ସ୍ୱାମୀଙ୍କ ନିକଟକୁ ଚାଲିଯିବେ । କିନ୍ତୁ ଅନ୍ୟଦିଗରୁ ଅମୃତା ତାଙ୍କୁ ପଛରୁ ଟାଣେ ।

ଅମୃତାକୁ ଛାଡ଼ି ଚାଲିଯିବାକୁ ପଡ଼ିବ ବୋଲି ଭାବିଦେଲେ ତାଙ୍କ ମନ ଭିତରଟା କିମିତି କିମିତି ହୋଇଯାଏ ।

ଦିନେ ସେ ମହାରାଜଙ୍କୁ ମନକଥା ଜଣାଇଦେଲେ, "ମହାରାଜ, ମୋର ଯଦି କିଛି ହୋଇଯାଏ, ଆପଣ ଅମୃତାକୁ ଦେଖିବେ ।"

ମହାରାଜ ଟିକିଏ ହସିଦେଇ କହିଥିଲେ, "ଯେ ଦେଖିବା କଥା, ସେ ହିଁ ଦେଖିବେ । ସେଦିନ ଘଟଣା କଥା ମନେପଡୁଛି ତ ସାରଦା ? ଅଧା ଆଲୁଅ ଅଧା ଅନ୍ଧାର ଭିତରେ ତାକୁ ରାସ୍ତାକଡ଼ରୁ ଗୋଟାଇନେଇ ତୁମ ହାତରେ ଦେଇଥିଲି । ସେଦିନ କିଏ ଦେଖିଥିଲା ? ମୁଁ ? ନା ତୁମେ ? ଆମେ ନିମିତ୍ତମାତ୍ର । ଯାହାଙ୍କ କାମ, ସେ କରିବେ । ମନ ଶାନ୍ତ ରଖ, ସ୍ଥିର ରଖ ।"

"ଠିକ୍ କହିଛନ୍ତି ମହାରାଜ ! ଆମେ ସଂସାରର ଜୀବ, ସେଥିପାଇଁ ମଝି ମଝିରେ ଭୁଲିଯାଉ । ସେଥିପାଇଁ ତ ମନର ଯାହାକିଛି ଦ୍ୱିଧା, ଦ୍ୱନ୍ଦ୍ୱ, ସବୁ ଆପଣଙ୍କ ଆଗରେ ଖୋଲିଦିଏ ।"

ସାରଦାଦେବୀ ଶାନ୍ତମନରେ ମହାରାଜଙ୍କ କୋଠରିରୁ ବାହାରି ଆସିଲେ ।

ଏପରି ଭାବରେ ଦିନ ଗଡ଼ିଚାଲିଲା । ଦିନେ ଅମୃତା ଖୁବ୍ ଭଲରେ ସିନିୟର୍ କେମ୍ବ୍ରିଜ୍ ପାସ୍ କରି ଆସି ମାଆ ଓ ସ୍ୱାମୀଜୀଙ୍କୁ ପ୍ରଣାମ କଲା । ସେଦିନ ଆଶ୍ରମ ଲୋକଙ୍କର କି ଆନନ୍ଦ !

ମନେ ହେଉଥିଲା, ଅମୃତା ସତରେ ଆଶ୍ରମଦୁହିତା । ସମସ୍ତଙ୍କର ସ୍ନେହମମତା ଭିତରେ ସେ ବଢ଼ ହୋଇଛି ଠିକ୍ କଣ୍ୱମୁନିଙ୍କ ଆଶ୍ରମର ଶକୁନ୍ତଳା ପରି ।

ଅବଶ୍ୟ ସ୍ୱଭାବଦୃଷ୍ଟିରୁ ପ୍ରଭେଦ ଅନେକ । ଯୌବନରେ ପାଦ ଦେଲେ ସାଧାରଣତଃ ଝିଅଙ୍କ ମନରେ ଯେଉଁ ବିଶେଷ ପରିବର୍ତ୍ତନ ବା ଆକାଙ୍‌କ୍ଷା ଆସେ, ତାହା ଅମୃତାଠାରେ ଆଦୌ ନ ଥିଲା ।

Digitized by srujanika@gmail.com

ସେ ଯେପରି ସନ୍ନ୍ୟାସୀଙ୍କ ମଝିରେ ଜଣେ ଛୋଟ ସନ୍ନ୍ୟାସିନୀ ହୋଇ ଯାଇଥିଲା । ମାଆ ତ ସଂସାରରେ ଥାଇ ମଧ୍ୟ ସଂସାରୀ ନ ଥିଲେ; ତାଙ୍କ ମନ ଉପରେ ଗେରୁଆରଙ୍ଗର ଛାପ ପଡ଼ିଯାଇଥିଲା ।

ଅବଶ୍ୟ ବାହାରକୁ ସାରଦା ଦେବୀଙ୍କ ଆକାଙ୍କ୍ଷା ଅନୁଯାୟୀ ଅମୃତା ମଧ୍ୟ ଅନ୍ୟ ଝିଅଙ୍କପରି ବେଶଭୂଷା ହୋଇ ବୁଲେ ।

ସତରେ ଅମୃତା ବଡ଼ ସୁନ୍ଦର ଦେଖାଯାଉଥିଲା । ସାମାନ୍ୟ ଟିକିଏ ବେଶ ହୋଇଗଲେ ସେ ରାଜେନ୍ଦ୍ରାଣୀ ପରି ଦେଖାଯାଉଥିଲା । ରାସ୍ତାଘାଟରେ ପୁଅମାନେ ତାକୁ ମୁଗ୍ଧ ହୋଇ ଚାହିଁ ରହୁଥିଲେ । କିନ୍ତୁ ତାର ଶାନ୍ତ ସ୍ନିଗ୍ଧ ଆଖିକୁ ଚାହିଁଦେଲେ ଆଗକୁ ବଢ଼ିବାଲାଗି କେହି ସାହସ ପାଉ ନ ଥିଲେ । ହଠାତ୍ ଦିନେ ବିନାମେଘରେ ବଜ୍ରପାତ ହୋଇଗଲା ।

ଅମୃତା ସେତେବେଳକୁ ବି.ଏ. ପଢୁଛି । ସାରଦାଦେବୀ ଦିନେ ମନ୍ଦିରରେ ପ୍ରାର୍ଥନା କରୁ କରୁ ଚିରଦିନଲାଗି ଆଖି ବୁଜିଦେଲେ ।

ଆଶ୍ରମରୁ ଜଣେ ବ୍ରହ୍ମଚାରୀ ଧାଇଁଯାଇ ଅମୃତାକୁ କଲେଜରୁ ନେଇ ଆସିଲେ । ମାଆଙ୍କୁ ଶୋଇଥିବା ଅବସ୍ଥାରେ ଦେଖିଦେବାକ୍ଷଣି ଅମୃତା ତାଙ୍କୁ ଜାବୋଡ଼ିଧରି ଯେ ଗୋଟିଏ ଚିତ୍କାର କରି ଅଚେତ ହୋଇଗଲା, ସେତିକି; ତାପରେ କଣ ଯେ ସବୁ ଘଟିଗଲା, ସେ ଜାଣେନା । ଚେତା ଫେରିଆସିବା ପରେ ଦେଖିଲା, ତା ମୁଣ୍ଡ ଉପରେ ହାତରଖି ସ୍ୱୟଂ ମହାରାଜ ବସିଛନ୍ତି ।

ମହାରାଜଙ୍କ ମୁହଁକୁ ଅନାଇଦେଇ ଅମୃତା ଯେପରି ଶାନ୍ତ ହୋଇଗଲା ।

"ମାଆ, ତୋର ବର୍ତ୍ତମାନ ଅନେକ କାମ । ତତେ ମାଆଙ୍କର ଶେଷକୃତ୍ୟ କରିବାକୁ ପଡ଼ିବ । ସମସ୍ତେ ସମସ୍ତଙ୍କର କାମ କରିଛନ୍ତି । ଏଥର ତୋ କର୍ତ୍ତବ୍ୟ ତୁ କର । ସାରଦା ତୋ ପ୍ରତି ତାଙ୍କର କର୍ତ୍ତବ୍ୟର ଏତିକି ଟିକିଏ ବି ତ୍ରୁଟି କରିନାହାନ୍ତି । ମୁଁ ଜାଣେ, ତୁ ବି କୌଣସି ତ୍ରୁଟି କରିବୁ ନାହିଁ । ତୋ ମାଆ ପୁଣ୍ୟବତୀ । ତେଣୁ ଈଶ୍ୱରଙ୍କ ନାମ ଜପ କରୁ କରୁ ତାଙ୍କ ପାଖକୁ ଚାଲିଗଲେ । ଏପରି ଭାଗ୍ୟ କେତେଜଣଙ୍କୁ ମିଳେ ? ଯେ ସାରଦାଙ୍କୁ ଦେଖିଛନ୍ତି, ସେ ତତେ ବି ଦେଖିବେ ।"

ଅମୃତା ଧୀରେ ଧୀରେ ଉଠି ତାର କରଣୀୟ ସବୁକିଛି ଗୋଟିକ ପରେ ଗୋଟିଏ କରିଗଲା, ସବୁ ସ୍ଥିର ଶାନ୍ତ ଭାବରେ ।

Digitized by srujanika@gmail.com

କିଛିଦିନ ପରେ ମହାରାଜ କହିଲେ, ''ତୁ ତ ସେ ଫ୍ଲାଟ୍‌ରେ ଏକାଟିଆ ରହି ଚଳିପାରିବୁ ନାହିଁ । ତେଣୁ ତୋ ରହିବାଲାଗି ମୁଁ କଲେଜ ହଷ୍ଟେଲରେ ବ୍ୟବସ୍ଥା କରିଦେଉଛି । ଆର୍ଥିକ ଦୃଷ୍ଟିରୁ ତୋର କୌଣସି ଅସୁବିଧା ହେବ ନାହିଁ । ସାରଦା ତୋ ନାଆଁରେ ସବୁକିଛି ଲେଖିଦେଇ ଯାଇଛନ୍ତି । କଲେଜ ଝିଅମାନଙ୍କର ହଷ୍ଟେଲରେ କୌଣସି ଅସୁବିଧା ହେବ ନାହିଁ ।''

''କିନ୍ତୁ ମହାରାଜ, ସକାଳୁ ଉଠି ମାଆଙ୍କ ସହିତ ମିଶି ଆଶ୍ରମରେ ଯେଉଁ କାମଗୁଡ଼ିକ କରିଦେଇ ମୁଁ ସ୍କୁଲ ବା କଲେଜକୁ ଯାଉଥିଲି, ସେଥିରୁ ବଞ୍ଚିତ ହୋଇଗଲେ ତ ମୋ ପକ୍ଷରେ ଚଳିବା କଷ୍ଟକର ହୋଇଯିବ; ସେହିତକ ହିଁ ତ ମୋର ପାଥେୟ ମହାରାଜ !''

''ମୁଁ ସେକଥା ଜାଣେ ଅମୃତା । ତେଣୁ ସେ ବ୍ୟବସ୍ଥା ବି କରିଦେଉଛି । ତୁ ତ ଜାଣୁ, ସମସ୍ତେ ମୋ କଥାକୁ ମାନ୍ୟ କରନ୍ତି । ତୁ ଯେପରି ଭାବରେ ଆଶ୍ରମକୁ ଆସୁଥିଲୁ, ସେପରି ଆସିବୁ ଏବଂ କଲେଜ ସମୟରେ କଲେଜ ଯିବୁ । ଛୁଟିଦିନମାନଙ୍କରେ ଅଧିକାଂଶ ସମୟ ଏଇଠି ହିଁ କଟାଇବୁ ।''

''ମହାରାଜ, ମୁଁ ତ ଈଶ୍ୱରଙ୍କୁ କୌଣସିଦିନ ଆଖିରେ ଦେଖି ନାହିଁ । ଆପଣ ଓ ମାଆ ହିଁ ମୋର ଈଶ୍ୱର; ଇହକାଳର, ପରକାଳର । ମାଆ ବର୍ତ୍ତମାନ ମୋ ଅନ୍ତର ଭିତରେ ଏବଂ ଆପଣ ମୋ ଆଖି ଆଗରେ ।

ସେ ପ୍ରଣାମ କରୁ କରୁ ମହାରାଜ ତା ମୁଣ୍ଡ ଉପରେ ହାତ ରଖିଦେଲେ, ''ଶତ ଦୁଃଖ-କଷ୍ଟରେ ପଡ଼ିଲେ ବି ସର୍ବଦା ସତ୍ୟପଥରେ ରହିଥିବୁ । ଏ କଥାଟି ମୁଁ ସାରଦାଙ୍କୁ କହେ, ତତେ ବି କହୁଛି ।''

Digitized by srujanika@gmail.com

ଛଅ

କାର୍‌ଟା ବାଲିଗଞ୍ଜ ସର୍କୁଲାର ରୋଡ଼ର ଗୋଟିଏ ଘରର ଗେଟ୍ ଭିତରେ ଭୁସ୍‌କରି ପଶିଗଲା ।

"ଦେଖ ଲୋ, ତୋ ବୋଧିସତ୍ତ୍ୱବାବୁ ହାଜର ହୋଇଗଲେ ।" ରିନ୍‌ରିନ୍ ଚିତ୍କାର କରି ଉଠିଲା ।

ଦୂରରେ ଦେଖାଗଲା, ଜଣେ ଯୁବକ ଲନ୍ ଦେଇ ଚାଲିଆସୁଛି । ଆଖିରେ ଆଜିକାଲିକା ଫେଶନର କଳାରଙ୍ଗର ମୋଟା ରିମ୍‌ବାଲା ଚଷମା । ଏପରି ଫ୍ରେମ୍‌ବାଲା ଚଷମାର ଗୋଟିଏ ବିଶେଷତ୍ୱ ରହିଛି; ପିନ୍ଧିଲେ ବୁଦ୍ଧିହୀନମାନେ ବି ବୁଦ୍ଧିମାନ୍ ପରି ଦେଖାଯାଆନ୍ତି । ଆଉ ବୁଦ୍ଧିମାନ୍‌ମାନଙ୍କ କଥା ତ ନ କହିଲେ ଚଳେ; ସେମାନଙ୍କୁ ଏ ଚଷମା ଗୋଟିଏ ବ୍ୟକ୍ତିତ୍ୱ ମଧ୍ୟ ପ୍ରଦାନ କରେ । ଆଜିକାଲିକା ଅଧିକାଂଶ ଯୁବକ ଏଇଥିପାଇଁ ଏପରି ଚଷମା ପିନ୍ଧନ୍ତି ।

ଅବଶ୍ୟ ବୋଧିସତ୍ତ୍ୱ ସହଜେ ବୁଦ୍ଧିମାନ୍; ତାଙ୍କ ଚେହେରା ଓ ଚାଲିଚଳଣରୁ ସେକଥା ସ୍ପଷ୍ଟ ହୋଇଯାଏ । ଯାହାକୁ କହନ୍ତି ନରମ-ଗରମ ଅତି ବୁଦ୍ଧିମାନ୍ ଯୁବକ । ଏ ଭିତରେ ଗାଡ଼ି ଯାଇ ପାର୍କିଂ ପ୍ଲେସରେ ରହିଗଲାଣି ।

"ବୋଧିସତ୍ତ୍ୱ, ତୁମେ ଆମ ସାଙ୍ଗରେ ଗଲ ନାହିଁ କାହିଁକି ? ଠକିଗଲ । ଗ୍ରାଣ୍ଡ୍ ଛବି ।" ରିନ୍‌ରିନ୍ ଅଟକିଗଲା ।

"ଯେହେତୁ ଦେବୀ ତଥାସ୍ତୁ କହି ନାହାନ୍ତି ।"

"ଜାଣିଶୁଣି କହିନି । ତୁମକୁ ମୁଁ କହିଦେଇଛି ନା, ଆଉ ମାସକେତେଟା ପରେ ରେଷ୍ଟ୍ ଅଫ୍ ଦ ଲାଇଫ୍ ବସିଲେ ବୋଧିସତ୍ତ୍ୱ, ଉଠିଲେ ବୋଧିସତ୍ତ୍ୱ । ନୋ ଏସ୍‌କେପ୍ । ତେଣୁ ଏ କେତେଟା ଦିନ ଦେହକୁ ଟିକିଏ ପବନ ଖୁଆଇ ଦେଉଛି ।" ସଙ୍ଗୀତା କହିଉଠିଲା ।

"ଇଏ ପୁଣି କି କଥା ବୋଧି ! ମୁଁ କିନ୍ତୁ କିଛି ଜାଣିନି । ସୁ, ତୁ ଯେ କଣ କହୁଛୁ ! ତେବେ ଇନ୍ ଏ ଉଏ ମୁଁ ବି ସୁ କଥାରେ ଟିକିଏ ପାଳି ଧରେ," କହି ରିନ୍‌ରିନ୍ ହସି ଉଠିଲା, "ଉଠିତେ କିଶୋରୀ, ବସିତେ କିଶୋରୀ, କିଶୋରୀ କରେଛେ ସାର । -ଏଇଆ ନା ବୋଧି ?"

Digitized by srujanika@gmail.com

"ଯାହା କହି ପାରିବ କହ । ମୁଁ ଆଉ କଣ କହିବି ? ଦୁଇବନ୍ଧୁ ଯେତେବେଳେ ଏକପଟିଆ ହୋଇଯାଇଛ, ମୁଁ ତ ନାଚାର । ପ୍ରଥମେ ଯାହା ଟିକିଏ ଆଶାର ଆଲୁଅ ଦେଖିପାରୁଥିଲି; ପରେ ଦେଖୁଛି ଯେଉଁ ତିମିରେକୁ ସେହି ତିମିରେ ।"

ଗେଟ୍ ପାଖରେ ଦେଖାଗଲା ଜଣେ ନବଯୁବକ ଲନ୍ ଭିତରକୁ ଆସୁଛି । ମୁହଁରେ ନବଜାତ ଶ୍ମଶ୍ରୁରେଖା ।

"ଇଏ କଣ, ତୁମେ ସବୁ ବାହାରେ ମେଳା ଜମେଇଛ ! ଘରେ କେହି ନାହାନ୍ତି ନା କଣ ?" ଅନୁଜ କହି କହି ଚାଲି ଆସିଲା ।

ସଙ୍ଗୀତାର ସାନଭାଇ ଅନୁଜ । ଏବେ ଏବେ କଲେଜରେ ନାଆଁ ଲେଖାଇଛି । ଯାହା କହନ୍ତି 'ଫାଷ୍ଟ୍ ଇଏର୍, ନୋ ଫିଏର୍' ଯୁଗ ଚାଲିଛି ।

"କିଲୋ, କିମିତି ଲାଗିଲା ? —ସମସ୍ତେ କଣ ବାହାରେ ? ଘରେ କେହି ନାହାନ୍ତି ନା କଣ ମ ?" ଅନୁଜ ମୁହଁରେ ପ୍ରଶ୍ନ ।

ବୋଧି ଆଗେଇ ଆସି କହିଲେ, "ସମସ୍ତଙ୍କ ପକ୍ଷରୁ ମୁଁ ଉତ୍ତର ଦେଇଦେଉଛି । କିନ୍ତୁ ଗୋଟିକ ପରେ ଗୋଟିଏ; ଏତେଗୁଡ଼ିଏ ପ୍ରଶ୍ନର ଉତ୍ତର ତ ଆଉ ଏକାସାଙ୍ଗରେ ଦେଇହେବ ନାହିଁ । ଘରେ ତୁମ ବାପା ତାଙ୍କର ଦୁଇଜଣ ବନ୍ଧୁଙ୍କ ସହିତ ଗପ କରୁଛନ୍ତି । ମାଆ ଯାଇଛନ୍ତି ଅମୃତାମାଉସୀଙ୍କୁ ଡାକିଆଣିବାକୁ । ଏ ଦୁଇଜଣ ହେଇଟି ଏଇନେ ଆବିର୍ଭୂତା ହୋଇଛନ୍ତି । ବାକି ମୁଁ, ଦେଖୁଛୁ ତ ଲନ୍‌ରେ ଠିଆ ।"

"ବୋଧିଦା, ତୁମେ ଗଲ ନାହିଁ କାହିଁକି ? -ତୁମକୁ ସବୁ କିମିତି ଲାଗିଲା କିଲୋ ?"

"ପ୍ରଥମ ପ୍ରଶ୍ନର ଉତ୍ତରଟା ମୁଁ ଦେଉଛି, କାରଣ ସେଇଟା ମୋ ବିଷୟରେ । ତୁମ ଦିଦିଙ୍କ ହୁକୁମ ମିଳିନି, ତେଣୁ ମୁଁ ପିକ୍‌ଚର ଯାଇପାରିଲିନି ।" ବୋଧି ଚୁପ୍ ହେଲେ ।

"ବୋଧିଦା, ତୁମେ ଯେ କଣ ! —ଆହେ ହୁକୁମ ପୁଣି କଣ ମ ? ତୁମେ ତୁମର ଚାଲିଯାଇଥାନ୍ତ । ମୁଁ ହୋଇଥିଲେ ତ... ।"

"ତୋ ବୋଧିଦାଙ୍କର ନାଆଁଟା ଖାଲି ବୋଧିସତ୍ତ୍ୱ, କିନ୍ତୁ କାମବେଳେ ସେ ସବୁକ୍ଷେତ୍ରରେ ସେଇଆ ନୁହନ୍ତି । —ମୁଁ ଆଗରୁ ଯାଇ ଥରେ ଦେଖିଆସିଛି, ହୁକୁମନାମା ପରା ଆଗରୁ ଜାରିହୋଇ ରହିଛି !"

"ଏ ମାଆ, ଦେଖିଲ ! ତୁମେ ତ ବଢ଼ିଆ ଲୋକ ! କାହିଁ କିଛି ତ କହିନା ? ଠିକ୍ ଅଛି; ମୁଁ ଯଦି ଏଥର କିଛି କହିଛି, ଦେଖିବ ।"

Digitized by srujanika@gmail.com

"ଆରେ ବାଃ ! ତୁମେ ତ କେବେ ପଚାରି ନାହିଁ; ପଚାରିଥିଲେ କହିଥାନ୍ତି ।"

ରିନ୍‌ରିନ୍ ମଧ୍ୟସ୍ଥତା କଲା, "ମୁଁ କହେ, ସୁ ଠିକ୍ କଥା କହିଛି । ସାରା ଜୀବନ ତ ତୁମକୁ ଟାଣିନେଇ ଚଳିବାକୁ ପଡ଼ିବ; ତେଣୁ ଏହି ଅଳ୍ପ କେତେଟା ଦିନ । କିନ୍ତୁ ସେପଟେ ବୋଧି ବି ଠିକ୍ କହିଛନ୍ତି । ସୁ, ତୁ ତ ତାଙ୍କୁ ପଚାରି ନାହୁଁ । ତେଣୁ ଛାଡ଼ିଦିଅ ।"

ହୋ ହଲ୍ଲା କରି ଚାରିଜଣଯାକ ଘରେ ପଶିଗଲେ ।

ବୈଠକଖାନାରେ ବସି ମିଷ୍ଟର ଚୌଧୁରୀ ଗପ ଜମେଇଥିଲେ । ସମସ୍ତଙ୍କୁ ଦେଖି ସେ କହିଉଠିଲେ, "ଯାହାହେଉ, ସମସ୍ତେ ଆସି ପହଞ୍ଚିଗଲ । ଏଥର ସେ ଅମୃତାମାଉସୀଙ୍କୁ ନେଇ ଚାଲି ଆସିଲେ ସମସ୍ତେ ଖାଇବାକୁ ବସିପଡ଼ିବା ।"

ସମସ୍ତେ ଆର ବଖରାକୁ ଯାଇ ଗୋଲ ହୋଇ ବସି ଗପ ଜମାଇଦେଲେ ।

"ଜାଣିଛ ? ପିକ୍‌ଚରଠାରୁ ବି ଗୋଟିଏ ବଡ଼ ଖବର ରହିଛି; ରିନ୍ ଆଜି କଲିକତା ରାସ୍ତାରେ ଟ୍ରାଫିକ୍ ପୋଲିସ୍‌ର କାମ କରିଛି । ଇଏ ଟ୍ରାଫିକ୍ କଣ୍ଟ୍ରୋଲ କରୁଛି, ଏତିକିବେଳେ ଗୋଟିଏ ସୁନ୍ଦର ଟୋକା ଆସି ତା'କୁ ସେଥିରୁ ରିଲିଭ୍ କଲା । ସେଇଥିପାଇଁ ତ ପିକ୍‌ଚରଟା ଶେଷ ପର୍ଯ୍ୟନ୍ତ ଦେଖିହେଲା ।"

"ସେ ଟୋକାଟି କିଏ ? ନାଆଁ କଣ ରିନ୍ ?"

"ମୁଁ ଜାଣେନି ।" ରିନ୍ କହିଲା ।

"ରାଗ ଲାଗିବ ନାହିଁ ବୋଧି ? ନାଆଁଟା ତ ଅନ୍ତତଃ ପଚାରିଥାନ୍ତା । ସେ ବାହା ହେବନି, ତେଣୁ କୌଣସି ଇଣ୍ଟରେଷ୍ଟ୍ ବି ଦେଖାଇବନି । ଯଦି ତୁମ ଉପରେ କେହି ଇଣ୍ଟରେଷ୍ଟ୍ ଦେଖାଇଲା, ତେବେ ତୁମେ କଣ ପଦଟିଏ କଥାରେ ତା ମୁହଁ ଭାଙ୍ଗିଦେଉଛ ? କିଛି ବାଟ ଆଗେଇବାକୁ ଦେଇ ତାପରେ ଏବାଉଟ୍ ଟର୍ଣ୍ଣ ଦେଉଛ । ନା ନୁହେଁ ?" ସୁ ମନ୍ତବ୍ୟ କଲା ।

ବୋଧି କହିଲେ, "ସିଧା କଥା । ମୁଁ କୌଣସି ଆଗ୍ରହ ହିଁ ଦେଖାଏନି ।"

"ତା'ହେଲେ ତୁ ଜୀବନଟାକୁ ଏଇମିତିକା କଟେଇବୁ ରିନ୍ ?"

"କାହିଁକି ? ନିଜ ଲାଞ୍ଜ ତ କଟିଯାଇଛି, ତେଣୁ ଅନ୍ୟମାନଙ୍କ ଲାଞ୍ଜ ଉପରେ ଦୃଷ୍ଟି । ନୁହେଁ ଲୋ ?" କହି ରିନ୍ ଟିକିଏ ହସିଦେଲା ।

ତାପରେ କହିଲା, "ଦେଖ ସୁ, ଜୀବନଟା ଏଡ଼େ ଛୋଟ ନୁହେଁ । ବିରାଟ ଜୀବନକାଳ ଭିତରେ କଣ ହେବ, କିଏ କୁଆଡ଼େ ଯିବେ, ତାର କଣ କିଛି ଠିକଣା ଅଛି ?"

Digitized by srujanika@gmail.com

ହଠାତ୍ ସେ କିମିତି ଗମ୍ଭୀର ଦେଖାଗଲା ।

ରିନ୍‌ର ଏହି ରୂପଟିକୁ ସଙ୍ଗୀତା ବଡ଼ ଭୟ କରେ । ତାକୁ ସେ ଭାରି ଭଲ ପାଏ । ତା ପାଟିରୁ ଦୁଃଖର ସ୍ୱର ବାହାରିଲେ ସେ ଅନ୍ତରରେ ବେଦନା ପାଏ । ସେ ତାର ହାଲୁକା ଝଲମଲିଆ ହାସ୍ୟମୁଖର ରୂପଟି ହିଁ ଦେଖିବାକୁ ଚାହେଁ ।

ତେଣୁ ସେ ହଠାତ୍ କଥାର ସୁଅ ବଦଳାଇଦେଲା ।

"ଚାଲ, ସମସ୍ତେ ଜଣ ଜଣ କରି ହାତମୁହଁ ଧୋଇ ଟିକିଏ ଫ୍ରେଶ୍ ହୋଇଯିବା ଯେ ମାଉସୀଙ୍କୁ ନେଇ ମାଆ ଆସିଯିବା ମାତ୍ରେ ଖାଇବସି ପଡ଼ିବା । କାଲି ତ ରବିବାର; ଗପ କରୁ କରୁ ରାତି ଡେରି ହୋଇଗଲେ ବି ଚଳିବ ।"

ସମସ୍ତଙ୍କ ଆଗରୁ ସମସ୍ତଙ୍କଠାରୁ ଛୋଟଟି ସଭାଭଙ୍ଗ କରି ଚାଲିଗଲା ।

ଅନୁଜ ନିଜ ଭଉଣୀକୁ ଡାକେ ଦିଦି ଏବଂ ରିନ୍‌କୁ ଡାକେ ଦିଦିଭାଇ । ପିଲାଟିବେଳୁ ସେ ରିନ୍‌କୁ ନିଜର ଦିଦି ଭଳି ଭଲପାଏ । ଅତି ପିଲାବେଳେ ସେ ଜାଣି ନ ଥିଲା ଯେ, ସେ ତା ନିଜ ଭଉଣୀ ନୁହେଁ ।

ସେ କାହିଁକି ଏକାଘରେ ରହୁ ନାହାନ୍ତି, ତାହା ହିଁ ଥିଲା ତା'ପାଖରେ ବଡ଼ ସମସ୍ୟା । ଘରର କେହି ସେ କଥାଟି ଠିକ୍‌ରୂପେ ବୁଝାଇଦେଇ ପାରନ୍ତି ନାହିଁ । ବଡ଼ ହେବାପରେ ଅବଶ୍ୟ ସେ ସବୁ ଜାଣିପାରିଲାଣି । କିନ୍ତୁ ଭଲ ପାଇବାଟା ସେହି ପୂର୍ବପରି ରହିଯାଇଛି । ଉଭୟଙ୍କୁ ସେ ଏକାଦୃଷ୍ଟିରେ ଦେଖେ । ଲୋକେ ପଚାରିଲେ ବର୍ତ୍ତମାନ ବି କହେ —ମୋର ଦି'ଭଉଣୀ ।

ତାହା ହିଁ ଘଟିଥାଏ । ଭଲପାଇବା ପାଖରେ ସମସ୍ତେ ଏକାକାର ହୋଇଯାଆନ୍ତି ।

ମିସେସ୍ ଚୌଧୁରୀଙ୍କ ସହିତ ଅମୃତାଦେବୀ ଆସି ଘରେ ପହଞ୍ଚିଗଲେ ।

"ସତରେ ତୁ କେତେ ଖଟୁଛୁ କହିଲୁ ଅମୃତା ? ଦିନସାରା ସ୍କୁଲରେ ଖଟି ଖଟି ତା ଉପରେ ପୁଣି କେତେ ପ୍ରକାର ସୋସିଆଲ୍ ୱାର୍କ ହାତକୁ ନେଇଛୁ, ତାର ହିସାବ ନାହିଁ । ଇମିତି କଲେ ଦେହ ସମ୍ଭାଳିବଟି ? ଝିଅଟି କଥା ତ ଫେରେ ଭାବିବୁ ? ତୁ ହିଁ ତ ରିନ୍‌ରିନ୍‌ର ସବୁକିଛି ।"

"ସିଏ କି କଥା ! ତୁମେମାନେ ଅଛ । ତା'ଛଡ଼ା ମୋ ଦେହ ବି ତ ବେଶ୍ ଭଲ ଅଛି । ଖହେ ନ ପୂରୁଣୁ ମୋର କିଛି ଗୋଟେ ହୋଇଯିବ ବୋଲି ମୁଁ ଭାବୁନି ।" କହିଦେଇ ଟିକିଏ ହସିଦେଲେ ଅମୃତାଦେବୀ ।

Digitized by srujanika@gmail.com

ଅମୃତାଦେବୀଙ୍କୁ କେହି କେବେ ଜୋରରେ ହସିଥିବାର ଦେଖି ନାହିଁ । ଲୋକେ ହସି ହସି ଗଡ଼ି ଯାଉଥିବେ, ସେତେବେଳେ ବି ତାଙ୍କ ମୁହଁରେ ଖାଲି ଟିକିଏ ମୃଦୁହସ ଖେଳିଯାଏ, ସତେ ଯେପରି କିଛି ଗୋଟିଏ ଅପ୍ରକାଶ୍ୟ ଦୁଃଖ ସେ ମନ ଭିତରେ ଚାପି ରଖିଛନ୍ତି ।

ମିଷ୍ଟର ଓ ମିସେସ୍ ଚୌଧୁରୀ ଅନେକ ସମୟରେ ଅମୃତାଙ୍କ ବିଷୟରେ ଆଲୋଚନା କରନ୍ତି ।

ମିସେସ୍ ଚୌଧୁରୀ କହନ୍ତି, ''ଅଳ୍ପ ବୟସରେ ବିଧବା; ବାପା ମାଆ ବି ମରି ଯାଇଛନ୍ତି । ବୋଧହୁଏ ସେଇଥିପାଇଁ ଏତେ ଗମ୍ଭୀର ଓ ସ୍ୱଳ୍ପଭାଷିଣୀ ।''

''କାହିଁକି ? ଏପରି ପରିସ୍ଥିତିରେ ପଡ଼ିଥିବା ଅନ୍ୟ ଲୋକ ତ ଫେରେ ଅଛନ୍ତି । ସେମାନେ କେଡ଼େ ହସଖୁସିରେ ଚଳୁଛନ୍ତି ।'' ମିଷ୍ଟର ଚୌଧୁରୀ କହନ୍ତି ।

''ସେକଥା ଠିକ୍ । କିନ୍ତୁ ସେ ପରା ପିଲାବେଳୁ କହିବାକୁ ଗଲେ ଆଶ୍ରମବାସିନୀ, ତେଣୁ ସେ ସଂସାରରେ ରହି ମଧ୍ୟ ସଂସାରରୁ ବାହାରେ ।''

''ଏଇଟା ଯାହା କହିଲ, ଇଏ ହେଲା ଅସଲ କାରଣ ।''

''ଠିକ୍ କହିଛ । କେବଳ ଗିନି ପାଇଁ ସଂସାରଟାକୁ ପୂରାପୂରି ଛାଡ଼ିଦେଇ ପାରୁ ନାହିଁ; ନ ହେଲେ ଯେ କଣ ହୁଅନ୍ତା କହିହେଉ ନାହିଁ ।''

ଖିଆପିଆ ପରେ ସେମାନେ ଦି'ଘରେ ଦି'ଭାଗ ହୋଇ ବସିପଡ଼ିଲେ ।

ମିଷ୍ଟର ଓ ମିସେସ୍ ଚୌଧୁରୀ ଅମୃତାଦେବୀଙ୍କୁ ନେଇ ବସିଗଲେ । ଆରଘରେ ବସିଗଲେ ବାକି ଚାରିଜଣ । ମିସେସ୍ ରାଓ ଏହି ଚୌଧୁରୀ ପରିବାରର ଜଣେ ହୋଇ ଯାଇଛନ୍ତି । ଝିଅଟିକୁ ଛାଡ଼ିଦେଲେ ତାଙ୍କର ନିଜର ବୋଲି ଆଉ କେହି ନାହିଁ ।

ତଥାପି କଲିକତା ଆସୁ ଆସୁ ପ୍ରଥମ ଦିନରୁ ରାମକୃଷ୍ଣ ଆଶ୍ରମ ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇ ଯାଇଛନ୍ତି । କଲେଜକୁ ଯେପରି ଯାଆନ୍ତି ବେଲୁଡ଼୍‌କୁ ବି ସେପରି ଯାଆନ୍ତି, ଜୀବେ-ସେବା ଭିତର ଦେଇ । ଏ ଘରଛଡ଼ା ସେମାନେ ବି ତାଙ୍କର ସଂସାର ।

ବହୁବର୍ଷ ଧରି ଝିଅ ସହିତ ପ୍ୟାରିସ୍‌ରେ ଥିଲେ । କାମ କରୁଥିଲେ; ତା'ସହିତ ନାନା ପ୍ରକାର ଜନସେବାରେ ମଧ୍ୟ ଜଡ଼ିତ ଥିଲେ । ସେ ଅନେକ କିଛି କରନ୍ତି ନିଃଶବ୍ଦରେ ସମସ୍ତଙ୍କର ଅଜ୍ଞାତସାରରେ । ତେଣୁ ତାଙ୍କ ବିଷୟରେ କେହି ବିଶେଷ କିଛି ଜାଣିପାରନ୍ତି ନାହିଁ ।

Digitized by srujanika@gmail.com

ମିସେସ୍ ଚୌଧୁରୀ ମଝି ମଝିରେ କହନ୍ତି, "ମାଆ ଓ ଝିଅ ଭିତରେ ସ୍ୱଭାବ ଦୃଷ୍ଟିରୁ ଅନେକ ପ୍ରଭେଦ । ମାଆ ପ୍ରଶାନ୍ତ ମହାସାଗର ପରି ଶାନ୍ତ, କିନ୍ତୁ ଝିଅ ବେ ଅଫ୍ ବେଙ୍ଗଲ୍ ।"

"ତା'ସତ," ମିଷ୍ଟର ଚୌଧୁରୀ କହନ୍ତି, "କିନ୍ତୁ ଲକ୍ଷ୍ୟ କର ଖୁବ୍ ଗଭୀରକୁ ଗଲେ ଦେଖିବ ଉଭୟେ ସମାନ । ଲକ୍ଷ୍ୟ କରିଛ ? ରିନ୍ ବେଳେବେଳେ କିମିତି ଗୋଟେ ଅନ୍ୟରକମ ହୋଇଯାଏ, ଠିକ୍ ତା ମାଆପରି ଶାନ୍ତ ଓ ଧୀର ।"

"ଅସଲ କଥା ହେଉଛି— ଶୁଣିଛି, ତା ବାପା କାଳେ ଖୁବ୍ ହସଖୁସିଆ ଲୋକ ଥିଲେ । ବାପା ଯେହେତୁ ପ୍ରାଣପ୍ରାଚୁର୍ଯ୍ୟରେ ପୂର୍ଣ୍ଣ ହୋଇ ରହିଥିଲେ, ଝିଅ ତାଙ୍କଠାରୁ କିଛି ପାଇଛି । ସତରେ ସେମାନଙ୍କୁ ଦେଖିଲେ ମନଟା କିମିତି କିମିତି ହେଇଯାଏ । ଅମୃତା ତ ମତେ ମୋ ସାନଭଉଣୀ ପରି ଲାଗେ । ତେଣୁ ତା ଆଡ଼କୁ ଚାହିଁଦେଲେ ମନ ବେଳେ ବେଳେ ବ୍ୟଥାରେ ବିଦୀର୍ଣ୍ଣ ହୋଇଯାଏ । କି ବା ବୟସ ! କଣ ବା ଦେଖିଲା ! କଣ ବା ପାଇଲା !! ରିନି ବାହା ହେଇଗଲେ ??"

"କାହିଁକି ? ତୁମେ ତ ଅଛ, ତୁମ ଭଉଣୀ ତ । ଆମେ ତ କେବଳ ଦୁଇଜଣ ନୋହୁ, ତିନି ଜଣ । କଣ କହୁଛ ?"

"ଠିକ୍ କହିଛ ।" ଚୌଧୁରୀ ସାହେବ ସ୍ତ୍ରୀଙ୍କ ପିଠି ଉପରେ ହାତ ରଖିଦିଅନ୍ତି ।—

"ରାତି କିନ୍ତୁ ଅନେକ ଡେରି ହେଲାଣି । ଏଥର ବୋଧହୁଏ ସମସ୍ତେ ରଣଭଙ୍ଗ ଦେବା ଦରକାର ।" ଚୌଧୁରୀସାହେବ କହିଲେ ।

"ତେବେ କାଲି କଣ କରିବା, ସେହି ପ୍ରୋଗ୍ରାମଟା ଠିକ୍ କରାଯାଉ । ଉଇକ୍ ଡେ'ଜ୍‌ରେ ତ ରିନିର ପତ୍ତା ପାଇବା ମୁସ୍କିଲ୍ । ତତୋଽଧିକ ମୁସ୍କିଲ୍ ଅମୃତାମାଉସୀଙ୍କୁ ପାଇବା," ସଙ୍ଗୀତା କହିଉଠିଲା ।

"ମୁଁ କିନ୍ତୁ ସମସ୍ତଙ୍କ ଅଜ୍ଞାତରେ ଫର୍ ଏ ଚେଞ୍ଜ୍ ଗୋଟିଏ ପ୍ରୋଗ୍ରାମ୍ କରିଦେଇଛି । ଟିକିଏ ସଅଳ ସଅଳ, ମାନେ ଧର ତିନିଟା ଚାରିଟା ବେଳକୁ ସମସ୍ତେ ବାରାକ୍‌ପୁର ଚାଲିଯିବା । ସେଠାରେ ଗଙ୍ଗା ଆରପଟେ ମୋର ଜଣେ ବନ୍ଧୁଙ୍କର ସୁନ୍ଦର ଘରବାରି ରହିଛି । ସାଥିରେ ଖାଇବା ଜିନିଷ ନେଇ ଯାଇଥିବା ଯେ ପିକ୍‌ନିକ୍ ଭଳି ହୋଇଯିବ । ନଈକୂଳରେ ବୁଲିବା । ଇଚ୍ଛା ହେଲେ ଡଙ୍ଗାରେ ବି ବସି କିଛିଦୂର ଯିବା ।" —ପ୍ରସ୍ତାବ ଆଗତ କରି ଚୌଧୁରୀସାହେବ କହିଲେ ।

Digitized by srujanika@gmail.com

''ବାପା, ତୁମେ ଏତେ କଥା ଠିକ୍ କରି ରଖିଛ ! ରିନ୍, ଖୁବ୍ ବଢ଼ିଆ ହେବନି ?'' ସଙ୍ଗୀତା କହିଉଠିଲା ।

''ସତରେ, ମଉସା ବୁଦ୍ଧିଆ ଲୋକ । ନ ହେଲେ କି ଏତେବଡ଼ ବାରିଷ୍ଟର ହୋଇପାରନ୍ତେ ।'' ରିନ୍ ମୁହଁରେ ଆନନ୍ଦ ଖେଳିଗଲା । ସେ କହିଚାଲିଲା, ''ମୋର କିଛି ଅସୁବିଧା ହେବନି । ସକାଳୁ ସକାଳୁ ଉଠି ପିଲାଙ୍କ ଖାତାପତ୍ର ଦେଖିପକାଇବି । ଆରେ ହଁ ତ, ଦଶଟାବେଳକୁ ଜଣେ ଅଙ୍କନ ଶିଖିବାକୁ ଆସିବ । ଯାହାହେଉ, ଉପରବେଳାକୁ ନୋ ପ୍ରବ୍‌ଲେମ୍ ।''

''ମୋର ତ ସେପଟେ...,'' ଅମୃତାଦେବୀ ପାଟି ଖୋଲୁ ଖୋଲୁ ରିନ୍‌ରିନ୍ ମାଆଙ୍କ ମୁହଁରେ ହାତ ଦେଇ ପାଟି ବନ୍ଦ କରିଦେଲା ।

''ମାମି, ତମେ ମତେ ପ୍ରମିସ୍ କରିଛ, ସପ୍ତାହରେ ଅନ୍ତତଃ ଦିନଟିଏ ତୁମେ ଓ ମୁଁ ଏକାଠି ରହିବା । ତୁମକୁ କେଉଁଠିକି ଯିବାକୁ ଦେବି ନାହିଁ । ସୁ'ଘର କଥା ଅଲଗା; ତାଙ୍କ ଆମ ଭିତରେ ତ କୌଣସି ପ୍ରଭେଦ ନାହିଁ ।''

ଅନୁଜ କହି ଉଠିଲା, ''ତମେ ମାଉସୀ, ଆଉଟ୍ ଭେଟେଡ୍ । ଦିଦିଭାଇ ଠିକ୍ କହିଛନ୍ତି ।''

''ତା'ହେଲେ ସେହିକଥା ଠିକ୍ ହେଲା, ଅମୃତା । ଆମେସବୁ ତୁମ ଘରଠିକି ଚାଲିଯିବୁ; ସେଇଠୁ ଦି'ଟାଯାକ ଗାଡ଼ି ଆଗପଛ ହୋଇ ବାହାରିବେ ।''

ସ୍ତ୍ରୀ କଥାରେ ପାଳିଧରି ଚୌଧୁରୀସାହେବ କହିଲେ, ''ଏହି ଶୀତ ମାସ କେଇଟା ତ କଲିକତାରେ ବୁଲିବା କଥା ।''

ଘଣ୍ଟାକଣ୍ଟା ସେତେବେଳକୁ ବାର ପାଖରେ ପହଞ୍ଚିଲାଣି । ତେଣୁ କେହି ଆଉ କଥା ବଢ଼ାଇଲେ ନାହିଁ ।

ବୋଧିସତ୍ତ୍ୱ ଏ ମାଆଝିଅଙ୍କୁ ସେମାନଙ୍କର ବସାରେ ଓହ୍ଲାଇଦେଇ ନିଜ ବସାକୁ ଚାଲିଗଲେ ।

ସତ କହିବାକୁ ଗଲେ ରିନ୍‌ରିନ୍ ସହିତ ତା ମାଆଙ୍କର ଦିନସାରା ଦେଖା ହୋଇ ନାହିଁ । ମାଆଝିଅ ପାଶ୍ଚାତ୍ୟର ଅଭ୍ୟାସଟା ପୂର୍ବପରି ରଖିଛନ୍ତି । ସେମାନଙ୍କର ଛୋଟ ଦି' ବଖୁରିଆ ଫ୍ଲାଟ୍‌ଟିରେ ତୃତୀୟ ପ୍ରାଣୀ କାହାକୁ ରଖି ନାହାନ୍ତି ।

ରିନି ସକାଳୁ ଉଠି ଘରଦ୍ୱାର ପରିଷ୍କାର କରିଦିଏ । ଅମୃତା ହେଲେ ବ୍ରେକ୍‌ଫାଷ୍ଟ୍ ତିଆରି କରନ୍ତି । ମାଆ ଝିଅ ଖାଇପିଇ ଯେ ଯାହାର କାମରେ ବାହାରିପଡ଼ନ୍ତି ।

Digitized by srujanika@gmail.com

ରିନି ଆଜିକାଲି ଆର୍ଟ କଲେଜର ଲେକ୍‌ଚରର । ତା'ଛଡ଼ା ଗୋଟିଏ ଦୁଇଟି ଟ୍ୟୁସନ୍ କରେ । ଛାତ୍ରଛାତ୍ରୀମାନେ ତାଙ୍କ ଘରକୁ ଆସନ୍ତି । ଅନ୍ୟ କାହା ଘରକୁ ଯାଇ ସମୟ ନଷ୍ଟ କରିବାଲାଗି ତା'ହାତରେ ସମୟ ନାହିଁ ।

ମାଆଙ୍କ ହାତରେ କୌଣସି ଧରାବନ୍ଧା କାମ ସେ ଆଉ କରାଇ ଦିଏନା । ଦରକାର ବି ନାହିଁ । ଅମୃତାଦେବୀ ଯଦି କିଛି କରିବାକୁ ଚାହାନ୍ତି, ତେବେ କରନ୍ତି । ରିନି ସେଥିରେ ବାଧା ଦିଏନି । ମାଆ ଯେଉଁଥିରେ ଖୁସୀ ହେବେ, ଆନନ୍ଦ ପାଇବେ, ବଡ଼ହେବା ଦିନୁ ତାର ଲକ୍ଷ୍ୟ ସେହି ଦିଗରେ ।

ମିସନାରୀ ସ୍କୁଲରେ ପାର୍ଟଟାଇମ୍ ପଢ଼ାନ୍ତି, ମିସନ୍‌ରେ ବି ପାର୍ଟଟାଇମ୍ ପଢ଼ାନ୍ତି । ତା'ଛଡ଼ା ଅନେକ ଜନସେବା ଓ ଜନକଲ୍ୟାଣ କାର୍ଯ୍ୟରେ ବି ଜଡ଼ିତ ।

ରିନି ବାହାରୁ ନ ଫେରିବା ପର୍ଯ୍ୟନ୍ତ ସେ ପୂରାଦମ୍‌ରେ ଘରକାମ କରୁଥିଲେ । ସେ ହିଁ ତ ଘର ଚଳାଉଥିଲେ । ବର୍ତ୍ତମାନ ଅସଲ ଭାରଟା ଝିଅ ବୋହିଛି ।

ସାରଦାଦେବୀଙ୍କର କଥା ଭାବିଲେ ଅମୃତାଙ୍କୁ ଅନେକ ସମୟରେ ବଡ଼ ଦୁଃଖ ଲାଗେ । ସେ ମାଆଙ୍କର ସେବା ଏପରି ଭାବରେ କରିବାର ସୁଯୋଗ ପାଇ ନ ଥିଲେ । ଛାତ୍ରୀ ଅବସ୍ଥାରେ ହିଁ ମାଆଙ୍କୁ ହରାଇବସିଲେ । ସେ ଯଦି ଜଗତରେ ଆଉ କିଛିଦିନ ବଞ୍ଚିଥାନ୍ତେ, ତେବେ ଅବସ୍ଥାଟା ବୋଧହୁଏ ଅନ୍ୟ ପ୍ରକାର ହୋଇଥାନ୍ତା ।

ମଝିରେ ମଝିରେ ତାଙ୍କ ମନଭିତରଟା କିମିତି ଥରିଉଠେ । ପୂର୍ବଜନ୍ମରେ ସେ ଏପରି କି ପାପ କରିଥିଲେ ଯେ, ତାଙ୍କ ସଂସ୍ପର୍ଶରେ ଯେ ଆସିଛି, ସେ ଚାଲିଯାଇଛି !

ମାଆ— ।

ଏପରି ଦେବୋପମ ସ୍ୱାମୀ ।

ବେଳେ ବେଳେ ରାତିରେ ନିଦ ଭାଙ୍ଗିଯାଏ । ପାଖରେ ଶୋଇଥିବା ଝିଅର ମୁଣ୍ଡରେ ହାତରଖି ତାର ମଙ୍ଗଳ କାମନା କରନ୍ତି । ତାପରେ ଧୀରେ ଧୀରେ ଶେଯରୁ ଉଠି ଚାଲିଯାଆନ୍ତି ମାଆ ସାରଦାଦେବୀଙ୍କ ଫଟୋ ପାଖକୁ । ସେଠାରେ ଠିଆହୋଇ ସେ ରିନି ପାଇଁ ପ୍ରାର୍ଥନା କରନ୍ତି ।

ସେହିପରି ପ୍ରାର୍ଥନା କରନ୍ତି ତାଙ୍କ ଗୁରୁଦେବଙ୍କୁ, ଯାହାଙ୍କ ଦୟାରୁ ସେ ଏ ପୃଥିବୀରେ ମଣିଷ ପରି ବଞ୍ଚିବାର ଅଧିକାର ପାଇଥିଲେ । ତା'ପରେ ତାଙ୍କର ସେହି ହୃଦୟର ପ୍ରେମର ଦେବତା ସ୍ୱାମୀଙ୍କ ଫଟୋ ପାଖରେ ମୁଣ୍ଡ ନୁଆଇଁ ଦିଅନ୍ତି, ଯାହାଙ୍କୁ ସେ ଆଶାତୀତ ଭାବରେ ପାଇ ମଧ୍ୟ ହରାଇ ଦେଇଛନ୍ତି ।

Digitized by srujanika@gmail.com

ସେହି ଗୋଟିଏ ପ୍ରାର୍ଥନା- 'ରିନିକୁ ରକ୍ଷାକର, ଆଉ ମତେ ବାଟ ଦେଖାଅ ।'

ଫଟୋ ତିନିଟି ତାଙ୍କର ଶୋଇବାଘରେ ଥାଏ । କେତେ ରାତିରେ କେତେଥର ରିନି ଏ ଦୃଶ୍ୟ ଦେଖିଛି ।–

ପିଲାବେଳେ ସେ ମାଆଙ୍କୁ ଡାକି ପଚାରେ, "ତୁମେ କାହିଁକି ରାତିରେ ଉଠି ଏ ଫଟୋ ତିନିଟିକୁ ପ୍ରଣାମ କରୁଛ ? ଦିନରେ ତ କରିପାରନ୍ତ ।"

"ପାଗଳି, ପ୍ରାର୍ଥନା ଓ ପ୍ରଣାମ କରିବା ପାଇଁ କଣ କିଛି ନିର୍ଦ୍ଦିଷ୍ଟ ସମୟ ଥାଏ ? ଯେତେବେଳେ ମନ ହେଲା, ସେତେବେଳେ କରୁଛି; ଦିନରେ ବି କରୁଛି, ରାତିରେ ବି ।"

ରିନି ଏବେ ବଡ଼ ହେଲାଣି । ସବୁ ବୁଝିପାରିଲାଣି । ମାଆଙ୍କ ପାଇଁ ତା ମନ କାନ୍ଦିଉଠେ । ଇଚ୍ଛାହୁଏ, ମାଆଙ୍କୁ ଜାବୋଡ଼ି ଧରି ତାଙ୍କର ସବୁ ଦୁଃଖ ପୋଛିଦିଅନ୍ତା ।

କିନ୍ତୁ ସେପରି କିଛି କରେନି । ପ୍ରଣାମ କରିସାରି ମାଆ ଯେତେବେଳେ ଶେଯକୁ ଫେରି ଆସନ୍ତି ଏବଂ ତା ମୁଣ୍ଡ ଉପରେ ହାତରଖି ଭୁଟୁଭୁଟୁ ହୋଇ ପ୍ରାର୍ଥନା କରନ୍ତି, ସେତେବେଳେ ସେ ଶୋଇବାର ଛଳନା କରି ପଡ଼ିରହେ ଏବଂ ମନେ ମନେ ମାଆଙ୍କ ପାଇଁ ପ୍ରାର୍ଥନା କରେ ।

ବସାକୁ ଫେରି ମାଆଝିଅ ଯଥାଶୀଘ୍ର ଶୋଇପଡ଼ିଲେ । ସକାଳେ ଅନେକ କାମ । ଘରକାମ ସାରି ବ୍ରେକ୍‌ଫାଷ୍ଟ୍ ଖାଇ ରିନିକୁ ଟ୍ୟୁସନ ଛାତ୍ର ପାଖରେ ବସିବାକୁ ପଡ଼ିବ । ଅମୃତାଦେବୀ ଚାଲିଯିବେ ଆଶ୍ରମକୁ, କ'ଣ ଗୋଟିଏ କାମ ଅଛି ।

ତେଣୁ ରିନିକୁ ଦି'ପହର ପାଇଁ ମଧ ରୋଷେଇ ସାରିଦେବାକୁ ପଡ଼ିବ । ଅଧିକାଂଶ ରବିବାର ଏଇଆ ହିଁ ହୁଏ, ରାତି ଖିଆପିଆ ତ ସଙ୍ଗୀତା ଘରେ ହେବା ଧରାବନ୍ଧା ।

କିନ୍ତୁ ଅନ୍ୟ ସବୁଦିନ ବସାକୁ ଫେରିଲେ ରାତିରେ ମାଆ ଝିଅ ମିଶି ରନ୍ଧାବଢ଼ା କରନ୍ତି । ଘରେ ଖାଆନ୍ତି । ବେଳେ ବେଳେ ବାହାରକୁ ଯାଇ ଖାଇଆସନ୍ତି ।

ସେହି ସମୟଟିରେ ତୃତୀୟ ବ୍ୟକ୍ତିର ସାନ୍ନିଧ ତାଙ୍କୁ ଭଲ ଲାଗେ ନାହିଁ । ସେତେବେଳେ ଦିହେଁ ହୋଇଯାଆନ୍ତି ଦୁଇ ଅନ୍ତରଙ୍ଗ ବନ୍ଧୁ ।

ଅଧିକାଂଶ ସମୟ ରିନି ବକ୍ତା, ଅମୃତା ଶ୍ରୋତା ।

Digitized by srujanika@gmail.com

ରିନି ମୁହଁକୁ ଚାହିଁଦେଲେ ଅମୃତାଙ୍କୁ କୃଷ୍ଣା ରାଓଙ୍କ ସାନ୍ନିଧ ପାଇଲାପରି ଲାଗେ । ସେ ବି ଠିକ୍ ଏପରି ଥିଲେ । ଅନର୍ଗଳ କଥା କହିଯାଉଥାନ୍ତି ଏବଂ ସେ ଶୁଣୁଥାନ୍ତି ଠିକ୍ ଏବେ ଯେପରି ରିନିର କଥା ଶୁଣୁଛନ୍ତି । ରିନି ଭିତରେ ଯେପରି କୃଷ୍ଣା ରାଓ ଜୀବନ୍ତ ହୋଇଉଠନ୍ତି ।

ଅନେକ ସମୟରେ ଏପରି ବି ଘଟିଛି— ଅମୃତା ଯେପରି ଭୁଲିଯାଆନ୍ତି ଯେ ତାଙ୍କର ବୟସ ହୋଇଗଲାଣି, ତାଙ୍କର କୃଷ୍ଣା ଇହଜଗତରୁ ଚାଲିଯିବାର ଅନେକ ଦିନ ହୋଇଗଲାଣି । ସେ ଯେପରି ବାହାହେବା ପରର ଅମୃତା ହୋଇଯାଆନ୍ତି, ସେହି ସମୟର, ଯେବେ ରିନି ଜନ୍ମ ହୋଇ ନ ଥିଲା, ସେହି ସମୟର, ଯେବେ ରିନି ଖୁବ୍ ଛୋଟ ହୋଇଥିଲା ।

"ମାଆ, ତୁମେ ବଡ଼ ଦୁଷ୍ଟ । ମୁଁ କହିଚାଲିଛି, କିନ୍ତୁ ତୁମେ ମୋର ପଦେ କଥା ବି କାନରେ ପୂରାଉ ନାହଁ । ତୁମେ ତୁମର ଭାବରାଜ୍ୟରେ । ଠିକ୍ ଅଛି, ମୁଁ ଯଦି ଆଉ କଥା କହିବି,... ।"

"ଆଲୋ ନାହିଁ ଲୋ, ମୋର ଭୁଲ୍ ହୋଇଗଲା । ଏଥରଟା ମତେ କ୍ଷମା ଦେ ।"

ରିନିର କ୍ରୋଧ ମିନିଟକ ଭିତରେ ପାଣି ଫାଟିଯାଏ, ପୁଣିଥରେ ଅନର୍ଗଳ ଭାବରେ କଥା କହିବା ଆରମ୍ଭ କରିଦିଏ । ମାଆଙ୍କର ସାନ୍ନିଧ ବା ବନ୍ଧୁତ୍ୱ ତାକୁ ଯେତେ ଆନନ୍ଦ ଦିଏ, ଅନ୍ୟ କାହାରି ସାନ୍ନିଧ ସେତେ ଦିଏନା ।

ରିନିର ବନ୍ଧୁ ଅସଂଖ୍ୟ । ସମସ୍ତେ ବନ୍ଧୁ । କିନ୍ତୁ ସତ କହିବାକୁ ଗଲେ ସେ ମନେକରେ, ମାଆ ହିଁ ତାର ଏକମାତ୍ର ବନ୍ଧୁ ।

ଅବଶ୍ୟ ସଙ୍ଗୀତା ବି ବନ୍ଧୁ, କିନ୍ତୁ ତା ସ୍ଥାନ ମାଆଙ୍କ ପଛକୁ । ସବୁକଥା ମାଆଙ୍କ ପାଖରେ ଯେତେଟା ଖୋଲି କହିପାରେ, ସଙ୍ଗୀତା ପାଖରେ ବୋଧହୁଏ ସେତେଟା ପାରେନି ।

Digitized by srujanika@gmail.com

ସାତ

ସେଦିନ ଛୁଟି । ସୂର୍ଯ୍ୟ ମେଘ ଆଡୁଆଳରେ ମୁହଁ ଲୁଚେଇଦେଇଛନ୍ତି ।

ଅମୃତା ତାଙ୍କ ଫ୍ଲାଟ୍‌ର ଛୋଟ ବାରଣ୍ଡାଟିରେ ଖଣ୍ଡିଏ ବେତଚେୟାର୍‌ରେ ଗୋଡ଼ ହାତ ଲମ୍ବାଇ ବସି ପଡ଼ିଛନ୍ତି ଏବଂ ବସି ବସି ଆକାଶ ପାତାଳ ଭାବି ଚାଲିଛନ୍ତି । ହଜିଲା ଦିନଗୁଡ଼ାକ ଆଖି ଆଗରେ ଭାସିଉଠୁଛି–

ସେଦିନ ପାଗଟା ବି ଏଭଳି ମେଘୁଆ ହୋଇଥାଏ । ସୂର୍ଯ୍ୟଦେବତାଙ୍କର ବି ବୋଧହୁଏ ମଣିଷ ପରି ବିଶ୍ରାମ ନେବାର ଇଚ୍ଛା ହୁଏ; ତେଣୁ ସେଦିନ ଲୋକେ ତାଙ୍କ ଉପସ୍ଥିତିରୁ ବଞ୍ଚିତ ।

ସାରଦାଦେବୀ ମରିବାର କିଛିଦିନ ହୋଇଗଲାଣି । ଅମୃତା ସେତେବେଳକୁ ଏମ୍.ଏ. ଶ୍ରେଣୀର ଛାତ୍ରୀ । ଆଶ୍ରମର ଆଶ୍ରୟ ପାଇ ଦିନଗୁଡ଼ିକ ସୁରୁଖୁରୁରେ କଟିଯାଉଛି ।

ମାଆଙ୍କର ଅଭାବ ଅନେକାଂଶରେ ମହାରାଜ ପୂର୍ଣ୍ଣ କରିବାକୁ ଚେଷ୍ଟା କରନ୍ତି ତାଙ୍କର ସ୍ନେହ ଓ ମମତା ଦେଇ । ଅମୃତା ବି ସୁଯୋଗ ପାଇବା କ୍ଷଣି ତାଙ୍କ ପାଖକୁ ଧାଇଁଆସୁଥାଏ ।

ସେ ତ ଚିରକାଳ ନିଃସଙ୍ଗ । ବନ୍ଧୁବାନ୍ଧବ, ହୋହଲ୍ଲା ତାକୁ ଭଲ ଲାଗେନି । ତା ପାଖକୁ ଆସିବାକୁ ଚେଷ୍ଟା କରନ୍ତି ଅନେକ–ପୁଅ ଓ ଝିଅ, ସହପାଠୀ ଓ ସହପାଠିନୀ । କିନ୍ତୁ କେହି ତା ମନ ପାଖରେ ପହଞ୍ଚିପାରନ୍ତି ନାହିଁ । ତା'ର ରୂପ ଓ ସ୍ୱଭାବ ଲୋକଙ୍କୁ ଯେପରି ଟାଣି ଆଣିଛି, ତାର ନିଃସ୍ପୃହତା ସେହିପରି ସେମାନଙ୍କୁ ଧୀରେ ଧୀରେ ଦୂରକୁ ଠେଲିଦେଇଛି ।

କିନ୍ତୁ ଜଣେ ଲୋକ ଅଳ୍ପ କିଛିଦିନ ହେଲା ଅମୃତା ମନରେ ବୋଧହୁଏ ଟିକିଏ ରେଖାପାତ କରିଛନ୍ତି । ସେ ହେଉଛନ୍ତି ଡକ୍ଟର କୃଷ୍ଣା ରାଓ ।

ଏମ୍.ଏ.ରେ ପଢ଼ାଇବାକୁ ଆସିଛନ୍ତି । ପ୍ରଥମ ଚାକିରି । ଏହି ଅଳ୍ପ କେତୋଟି ଦିନ ଭିତରେ ବଡ଼ ଜ୍ଞାନୀ ବୋଲି ବେଶ୍ ନାଆଁ କରି ସାରିଛନ୍ତି ।

ହାର୍ଭାର୍ଡ଼ ୟୁନିଭର୍‌ସିଟିରୁ ଡକ୍ଟରେଟ୍ କରିଛନ୍ତି । ବିଦେଶରେ ହିଁ ରହିଯାଇ ପାରିଥାନ୍ତେ, କିନ୍ତୁ ସ୍ୱଦେଶର ଆକର୍ଷଣ ତାଙ୍କୁ ଫେରାଇ ଆଣିଛି ।

Digitized by srujanika@gmail.com

ଖୁବ୍ ଟିପ୍‌ଟପ୍ । ଖୁବ୍ ସ୍ମାର୍ଟ୍ । ମିଷ୍ଟଭାଷୀ ବରଂ କୁହାଯାଇପାରେ, ଟିକିଏ ବେଶୀ କଥା କହନ୍ତି । ହସନ୍ତି ବି ଟିକିଏ ବେଶୀ । ଛାତ୍ରଛାତ୍ରୀଙ୍କ ସହିତ ଥଟ୍ଟାତାମସା ବି କରନ୍ତି ।

ବନ୍ଧୁଙ୍କ ପରି ବ୍ୟବହାର । ସେସବୁ ଦେଶରେ ରହି ରହି ଏପରି ବ୍ୟବହାର ଦେଖାଇବା ଅଭ୍ୟାସ ହୋଇଯାଇଛି । ପ୍ରଫେସର ହୋଇଯିବାକ୍ଷଣି ତାଙ୍କୁ ଯେ ସବୁବେଳେ ଗମ୍ଭୀର ହୋଇ ରହିବାକୁ ପଡ଼ିବ, ତାହା ସେ ମନରେ ଆଣି ନାହାନ୍ତି । ଅଳ୍ପ କେତୋଟି ଦିନ ଭିତରେ ସମସ୍ତଙ୍କର ନାଆଁ ମୁଖସ୍ଥ କରି ସାରିଲେଣି । ସମସ୍ତଙ୍କୁ ନାଆଁ ଧରି ଡାକନ୍ତି ।

ଝିଅଗୁଡ଼ାକ ତ ଡଃ ରାଓ କହିଦେଲେ ପାଗଳ । କାହା ସହିତ ବେଶୀ କଥା କହିଲେ, କାହା ଆଡ଼କୁ ବେଶୀ ଚାହିଁଲେ, ସେହି ଆଲୋଚନାରେ କମନ୍ ରୁମ୍ ସରଗରମ ।

ଏକମାତ୍ର ଅମୃତା ହିଁ ବ୍ୟତିକ୍ରମ ।

‘‘କିଲୋ ଅମୃତା, ତତେ କିପରି ଲାଗନ୍ତି ?’’ ଗୁଡ଼ାଏ ଝିଅ ମିଶି ଦିନେ ଅମୃତାକୁ ପଚାରିବସିଲେ ।

ଅମୃତା ହସିଦେଇ କହିଦେଇଥିଲା, ‘‘ଭଲ ଲାଗନ୍ତି ତ ।’’

‘‘ଆଲୋ, ତା କଥା ଛାଡ଼ିଦେ । ସେଇଟା ଭିତରେ ରସ ବୋଲି କିଛି ଥିଲେ ତ ।’’ ମନ୍ତବ୍ୟ କରିଥିଲା ମୀନାକ୍ଷୀ ।

କିନ୍ତୁ ସେହି ନୀରସ ମରୁଭୂମି ଭିତରେଯେ ସେତେବେଳକୁ ଗୋଟିଏ ସବୁଜିମାର ରେଖା ଦେଖାଗଲାଣି, ତାହା କେହି ଜାଣନ୍ତି ନାହିଁ ।

ଅମୃତା ସେହି ମେଘୁଆ ସକାଳଟିରେ ଏକାଟିଆ ବୁଲି ବାହାରିଛି । ଛୁଟି ଦିନ । ଖରାର ଟାଣ ନାହିଁ । ମନ କରିଛି ଚାଲି ଚାଲି ଆଶ୍ରମକୁ ଯିବ । କାନ୍ଧର ଝୁଲାବ୍ୟାଗରେ କିଛି ବହିପତ୍ର ଧରିଛି । ମହାରାଜଙ୍କ କୋଠରିରେ ବସି ଦିନସାରା ପଢ଼ିବ । ସନ୍ଧ୍ୟା ହେଲେ ଆରତି ଦର୍ଶନ କରି ହଷ୍ଟେଲକୁ ଫେରିବ ।

‘‘କିଏ, ଅମୃତା ନା ?’’

ଯାହାଙ୍କର କଥା ମନ ଭିତରେ ଉଙ୍କି ମାରୁଥିଲା, ତାଙ୍କରି କଣ୍ଠସ୍ୱର ଶୁଣିଦେଇ ଅମୃତା ପ୍ରଥମେ ଚମକି ପଡ଼ିଲା ।

Digitized by srujanika@gmail.com

ତା'ର ମନର କଥା ଜୀବନ୍ତ ହୋଇଗଲା ନା କଣ !

ମୁଣ୍ଡ ଟେକି ଚାହିଁଦିଏ ତ ଡଃ କୃଷ୍ଣା ରାଓ ଆସି ଆଗରେ ଠିଆ ହୋଇଗଲେଣି । ସେ ସତରେ ଚମକିପଡ଼ିଲା ।

''ତୁମେ ମୁଣ୍ଡପୋତି କିଛି ଭାବି ଭାବି ଚାଲିଥିଲ, ତେଣୁ ମତେ ଦେଖିପାରିନା । ଖୁବ୍ ଚମକେଇ ଦେଲି, ନୁହେଁ ?''

''ହଁ, ଟିକିଏ ଚମକିପଡ଼ିଲି'', ଅମୃତା କହିଲା ।

''କିଛିଦିନ ହେଲା ମୁଁ ତୁମକୁ ଲକ୍ଷ୍ୟ କରୁଛି, ତୁମେ ଅବଶ୍ୟ ଜାଣନି । ତା'ଛଡ଼ା ମୁଁ ବି ଖୁବ୍ ଡିସ୍କ୍ରିଟ୍ ଭାବରେ ଚାହୁଁଛି । ତା'ନକଲେ ସମସ୍ତେ ତୁମକୁ କଲବଲ କରିଦେବେ ନା ।

''ମୁଁ କେଡ଼େ ବୁଦ୍ଧିମାନ, ଏଇଥିରୁ ବୁଝିପାରୁଥିବ; ଯାହାକୁ ବେଶୀ ସମୟ ଚାହେଁ, ସେ ବି ଜାଣିପାରେନି ।''

ଅମୃତାର ଗୋରା ମୁହଁଟି ନାଲି ପଡ଼ିଗଲା । ଛାତି ଭିତରଟା କିମିତି କିମିତି ହୋଇଗଲା ।

କୌଣସି ଉତ୍ତର ନ ଦେଇ ସେ ଠିଆ ହୋଇ ରହିଲା ।

ଏପରି କାହିଁକି ହେଲା ? କଣ ଏଇଆକୁ ଭଲ ପାଇବା ବୋଲି କହନ୍ତି ? କିନ୍ତୁ ସେ ତ ଠିକ୍ କରିଛି, ସେ କୌଣସି ଦିନ ସଂସାରରେ ପଶିବ ନାହିଁ ।

ତା'ମାଆ ସଂସାରରେ ଥାଇ ମଧ୍ୟ ସନ୍ନ୍ୟାସିନୀ ଥିଲେ । ସେ ତ କହିବାକୁ ଗଲେ ଆଶ୍ରମରେ ହିଁ ମଣିଷ ହୋଇଛି ମହାରାଜଙ୍କର ସ୍ନେହ ପାଇ । ଯଦି ବା ସେ ପୂରାପୂରି ସନ୍ନ୍ୟାସିନୀ ନ ହୁଏ, ତଥାପି ଜୀବନଟା ଏହିପରି କଟାଇଦେବ । ଏ ବୟସ ପର୍ଯ୍ୟନ୍ତ ତାର ମନର ବୀଣା ଗୋଟିଏ ସ୍ୱରରେ ହିଁ ବନ୍ଧା ହୋଇଥିଲା ।

ହଠାତ୍ କାହିଁକି ସେଇଟା ଅନ୍ୟ ସ୍ୱର ଧରିଲା ?

ନା, ତା'ହୋଇପାରିବ ନାହିଁ, ତାକୁ ସଂଯତ ହେବାକୁ ପଡ଼ିବ ।

''କଣ ହେଲା ? ଚିନ୍ତାମଗ୍ନା ଅମୃତା ପୁଣି ଥରେ ଚିନ୍ତାରେ ବୁଡ଼ିଗଲା ନା କଣ ? ଦେଖୁଛି, ତୁମେ ଅନ୍ୟମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଛାଞ୍ଚରେ ଗଢ଼ା । ତୁମେ ନିଜ ଭିତରେ ବୁଡ଼ି ରହିଥାଅ ।''

''ଆପଣ ଏତେ କଥା ଲକ୍ଷ୍ୟ କରିଛନ୍ତି ?''

Digitized by srujanika@gmail.com

"ମୁଁ ସବୁବେଳେ ସେଇଆ କରେ । ଯେଉଁମାନଙ୍କୁ ପଢ଼ାଏ, ସେମାନଙ୍କୁ ବୁଝିବାକୁ ଚେଷ୍ଟା କରେ । ତା' ନ କଲେ ସେମାନଙ୍କର ମନ ମୁତାବକ ପଢ଼ାଇବି କିପରି ? ମୁଁ ଚାହେଁ, ସେମାନେ ଶିଖନ୍ତୁ, ଜାଣନ୍ତୁ, କେବଳ ଗିଳିପକାନ୍ତୁ, ସେଇଟା ମୋ ଇଚ୍ଛା ନୁହେଁ ।"

ଅମୃତାର ମନେହେଲା କ୍ଲାସ୍‌ର ହସଖୁସିଆ ମିଶାଣିଆ ଲୋକଟିର ଭିତରଟା କିଛି ଫମ୍ପା ନୁହେଁ ।

"ତୁମେ ଜାଣିନା ଅମୃତା, ମୁଁ ତୁମର ସବୁ ଖବର ରଖିଛି ।"

"ସତେ ନା ? ଆପଣ ଏତେ କଷ୍ଟ କରି ଖବର ନେଉଥିଲେ କାହିଁକି ? ମତେ ପଚାରିଦେଇଥିଲେ ତ ମୁଁ କହିଦେଇଥାନ୍ତି ।"

"ତୁମେ ଭାବିଛ ମତେ କିଛି କଷ୍ଟ କରିବାକୁ ପଡ଼ିଛି ? ମୋଟେ ନୁହେଁ ।" କହିଦେଇ ସେ ହସିଦେଲେ ।

"ହସିଲେ କାହିଁକି ?"

"ତୁମ କଥା ନେଇ ୟୁନିଭର୍‌ସିଟିର ସମସ୍ତେ ଖୋଳତାଡ଼ କରନ୍ତି । ତୁମେ କେବଳ ଶାନ୍ତ ସ୍ଥିର ବୋଲି ଏକଥା କହିଲି, ସମସ୍ତେ ତୁମ କଥା ଜାଣନ୍ତି ।"

ଟିକିଏ ହସିଦେଇ ଅମୃତା କହିଲା, "ତା'ହେଲେ ତ ଆପଣ ସବୁ ଜାଣନ୍ତି ।"

"ଆଜି ଛୁଟିଦିନଟାରେ ଏ ସକାଳୁ ସକାଳୁ କୁଆଡ଼େ ଯାଉଥିଲ ?"

"ମୁଁ ? —ମୁଁ ଆଶ୍ରମକୁ ଯାଉଥିଲି ।"

"ସୁଯୋଗ ପାଇବାମାତ୍ରେ ସେଠିକି ଯାଅ । ନୁହେଁ ?"

"ହଁ, ପ୍ରାୟ ସେଇଆ । ଏତେବଡ଼ ପୃଥିବୀରେ ଯଦି ମୋର ବୋଲି କେହି ଥାଆନ୍ତି, ତେବେ ସେ ହେଉଛନ୍ତି ମହାରାଜ ଏବଂ ସେହି ଆଶ୍ରମଟି ହେଉଛି ମୋର ଛୋଟ ସଂସାର ।"

"ଜୀବନଟା ସାରା କ'ଣ ଏହା ହିଁ ନେଇ ରହିବ ଅମୃତା ? ସେହି ଛୋଟ ସଂସାରଟିର ବାହାରକୁ କେବେ ଆଖି ଖୋଲି ଚାହିଁବ ନାହିଁ ?"

ଅମୃତାର ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇଉଠିଲା, ସତେ ଯେପରି ତା ମୁହଁ ଉପରେ ଏକ ଆଲୋକ ଖେଳିଗଲା ।

Digitized by srujanika@gmail.com

''ମୋର ତ ତାହା ହିଁ ଆକାଙ୍କ୍ଷା । ତେବେ ଏତେବଡ଼ ସୌଭାଗ୍ୟ ମିଳିବ କି ନାହିଁ ଜାଣେନା ।''

ତା ମୁହଁକୁ ଚାହିଁଦେଇ ଡଃ ରାଓ ଚୁପ୍ ହୋଇଗଲେ । ସକାଳର ସ୍ନିଗ୍ଧ ବାତାବରଣଟିକୁ ସେ ନଷ୍ଟ କରିଦେବାକୁ ଚାହୁଁ ନ ଥିଲେ ।

''ମୋ ସାଙ୍ଗରେ ଟିକିଏ ବୁଲିଯିବ ନା ଅମୃତା ? —ଚାଲ, ଅବଶ୍ୟ ଆଶ୍ରମରେ ପହଞ୍ଚିବାକୁ ଟିକିଏ ଡେରି ହୋଇଯିବ, ମାନେ ତୁମେ ଯେତେବେଳକୁ ପହଞ୍ଚିବ ବୋଲି ଠିକ୍ କରିଛ, ତାଠାରୁ ଟିକିଏ ଡେରି ହୋଇଯିବ ।'' କହିଦେଇ ଡଃ ରାଓ ଅପେକ୍ଷା କଲେ ।

''ନା, ଠିକ୍ ତାହା ନୁହେଁ । ଆଶ୍ରମକୁ ଯିବାପାଇଁ ମୋର ତ କିଛି ଧରାବନ୍ଧା ସମୟ ନ ଥାଏ, ମନ ହେଲେ ଚାଲିଯାଏ । ସେଇଟା ତ ମୋର ନିଜ ଜାଗା । ବର୍ତ୍ତମାନ ମୁଁ ଏ ଯେଉଁ ଯାଉଛି, ସେମାନେ ତାହା ଜାଣନ୍ତି ନାହିଁ ।''

''ତା'ହେଲେ କିଛି ଅସୁବିଧା ନାହିଁ । ଚାଲ ଅମୃତା, ଟିକିଏ ବୁଲିଆସିବା । ତୁମେ ବୁଲିବାକୁ ଭଲ ପାଅ, ମୁଁ ବି ବୁଲିବାକୁ ଭଲ ପାଏ ।''

ଅମୃତା ପ୍ରଥମେ ଟିକିଏ ଇତସ୍ତତଃ ହେଲା ।

ତା ପରେ ମନ ସ୍ଥିର କରିନେଲା । ସେ ମନର ଦୁର୍ବଳତା ଦୂର କରିଦେବ । ସେ ସ୍ୱାଭାବିକ ହୋଇଯିବ । ଏଇଟା ତ ସୁଯୋଗ । ଏଥିରେ ହିଁ ତାର ମନ ସଂଯତ ହୋଇଯିବ ।

''ଭଲ କଥା । ଚାଲନ୍ତୁ ।''

''ତୁମେ ରାଜି ହେବ ବୋଲି ମୁଁ ଆଶା କରି ନ ଥିଲି । ତୁମ ସହିତ ଟିକିଏ କଥା ହେବାପାଇଁ ଅନେକ ଦିନ ହେଲା ଇଚ୍ଛା ଥିଲା । ସୁଯୋଗ ପାଉ ନ ଥିଲି ।''

''ପ୍ରଫେସରଙ୍କ ହଲ୍‌ରେ ତ ଆପଣଙ୍କର ଅଲଗା କୋଠରି ଅଛି, କ୍ଲାସରେ କହିଦେଇଥିଲେ ତ ମୁଁ ସେଠିକି ଚାଲିଯାଇଥାନ୍ତି ।''

''ନା, ସେପରି ନୁହେଁ, ସ୍ୱାଭାବିକ ପରିବେଶରେ, ଠିକ୍ ଯେପରି ଆଜି ଦେଖା ହୋଇଗଲା ।''

ଅମୃତା ମନ ସ୍ଥିର କରିସାରିଥିଲା, ଏ ଧରଣର କଥାରେ ସେ ମୋଟେ ପାଳି ଧରିବ ନାହିଁ । ସେ ଚୁପ୍ ରହିଲା ।

Digitized by srujanika@gmail.com

"ଅମୃତା, ତୁମକୁ ସମୁଦ୍ର କିମିତି ଲାଗେ ?"

"ଖୁବ୍ ଭଲଲାଗେ ।"

"ତେବେ ଚାଲ, ଟ୍ୟାକ୍‌ସିରେ ଚାଲିଯିବା, ସେଇଠି କିଛି ସମୟ କଟାଇବା । ତାପରେ ତୁମେ ତୁମ ବାଟରେ ଚାଲିଯିବ; ମୁଁ ଫେରିବି ମୋ ବାଟରେ ।"

ଅମୃତାକୁ ସମୁଦ୍ର ଖୁବ୍ ଭଲ ଲାଗେ; ବିଭିନ୍ନ ରୂପରେ, ବିଭିନ୍ନ ସମୟରେ, ବିଭିନ୍ନ ଭାବରେ ।

ଏ ପାଗରେ ମେଘ ଛାଇରେ ସମୁଦ୍ର ଢେଉଗୁଡ଼ିକର ରୂପ କଣ ହୋଇଥିବ, ତାହା ଦେଖିବାଲାଗି ହଠାତ୍ ଅମୃତାର ଇଚ୍ଛା ଜାଗିଉଠିଲା ।

"ତା'ହେଲେ ଚାଲନ୍ତୁ ।"

ପ୍ରକୃତିର ବିଭିନ୍ନ ରୂପକୁ, ବିଭିନ୍ନ ଭାବକୁ ଅମୃତା ବଡ଼ ଭଲପାଏ । ପିଲାଟିବେଳୁ ସେ ପ୍ରକୃତିର ବିଭିନ୍ନ ରୂପ ସହିତ କେତେ ନା କେତେ କଥା ହୋଇଛି । ଏବେ ବି ବର୍ଷାପାଣିର ବଡ଼ ବଡ଼ ଟୋପା ସହିତ, ଜୁଳୁଜୁଳିଆ ପୋକ ସହିତ, ପକ୍ଷୀର ରାବ ବା ଗଛର ଫୁଲ ସହିତ ତାର ଯେଉଁ ଏକାତ୍ମତା ରହିଛି, ସେ ଭାବେ, ତା'ବୋଧହୁଏ ମନୁଷ୍ୟ ସହିତ ନାହିଁ ।

ମାଆ ହିଁ ତା ପାଖରେ ଜୀବନ୍ତ ମନୁଷ୍ୟ ଥିଲେ । ଅନ୍ୟ କୌଣସି ସ୍ଥାନରେ ସେ ପ୍ରାଣର ଆକର୍ଷଣ ଅନୁଭବ କରେନି ।

ମହାରାଜଙ୍କ କଥା ସ୍ୱତନ୍ତ୍ର । ସେ ତାର ଗୁରୁ । ତା'ପାଖରେ ତ ସେ ସ୍ୱୟଂ ବ୍ରହ୍ମ ।

ସେଦିନ ସମୁଦ୍ର ଦେଖାଯାଉଥିଲା ସତେ ଯେପରି ଏକ ନୂଆ ବେଶ ଧରିଛି । ମଝିରେ ମଝିରେ ଓଢ଼ଣା ଟେକିଦେଇ ମେଘ ଯେପରି କାହାକୁ ଦେଖିବାକୁ ଚେଷ୍ଟା କରୁଛି । ମେଘର ଆବରଣ ତଳେ ମୁଣ୍ଡ ଟେକିଦେଉଥିବା ଢେଉଗୁଡ଼ାକ ବେଳେବେଳେ ଭାଙ୍ଗିପଡୁଛନ୍ତି । ସେହି ଫାଙ୍କ ଭିତରେ ଆଖିରେ ପଡ଼ିଯାଉଛି ଚକିତ ଚାହାଣି ।

ଅମୃତାକୁ ବଡ଼ ଭଲ ଲାଗୁଥିଲା । ବିଶେଷକରି କୃଷ୍ଣା ରାଓଙ୍କ ପାଖେ ପାଖେ ଚାଲିବାକୁ ।

ଯଦି ବା ତାଙ୍କୁ ମନରୁ ଦୂରେଇ ଦେଇଛି, ତଥାପି ତାଙ୍କର ପ୍ରଭାବଟା ଏ ପର୍ଯ୍ୟନ୍ତ ରହିଯାଇଛି ।

ସବୁଠାରୁ ଭଲ ଲାଗୁଥିଲା ଏତେବଡ଼ ଗପୁଡ଼ି ଲୋକଟି ଯାହା ପଦେହେଲେ ବି କଥା କହୁନଥାନ୍ତି । ଏକଧ୍ୟାନରେ ଚାଲିଥାନ୍ତି । ସତେ ଯେପରି କିଛି ଗୋଟିଏ ଭାବରେ ବିଭୋର ହୋଇଯାଇଛନ୍ତି ।

Digitized by srujanika@gmail.com

କିଛି ସମୟ ପରେ ସେ କହିଲେ, ''ଅମୃତା, ଚାଲ ତୁମକୁ ନେଇ ଆଶ୍ରମ ପାଖରେ ପହଞ୍ଚାଇଦେଇ ଆସିବି । ଆଉ ଡେରି କରିବା ଠିକ୍ ହେବ ନାହିଁ । ଛୁଟିଦିନ ହୋଇଥିବାରୁ ମହାରାଜ ନିଶ୍ଚୟ ତୁମେ ଆସିବ ବୋଲି ଆଶା କରିଥାଇ ପାରନ୍ତି ।''

''ତା'ହେଲେ ଚାଲନ୍ତୁ ।''

ଆଶ୍ରମ ପାଖକୁ ଆସି କୃଷ୍ଣା ରାଓ ଟ୍ୟାକ୍ସି ଅଟକାଇଲେ । ''ଅମୃତା, ତୁମ ସହିତ ତ ପଦେ ବି କଥା ହୋଇପାରିଲି ନାହିଁ । ଆସନ୍ତା ରବିବାର ଦିନ ପୁଣି ଥରେ ତୁମ ସହିତ ଦେଖା ହେବ ବୋଲି ଆଶା କରୁଛି; ଆଜି ଯେଉଁଠି ଦେଖା ହୋଇଥିଲା, ଠିକ୍ ସେଇଠି, ସେହି ସମୟରେ ।''

ଅମୃତା ଶତଚେଷ୍ଟା କରି ମଧ 'ନା' ବୋଲି କହିପାରିଲା ନାହିଁ । ତା ପାଟିରୁ କଥା ହିଁ ବାହାରିଲା ନାହିଁ । କେବଳ ମୁଣ୍ଡ ଟୁଙ୍ଗାରି ସ୍ୱୀକୃତି ଜଣାଇଦେଲା ।

ତା'ରି ଆଗଦେଇ ଟ୍ୟାକ୍ସିଟା ଚାଲିଗଲା । ଅମୃତା ଆଶ୍ରମ ଭିତରେ ପଶିଲା । ନିଜ କାମଟିକୁ ସେ ଠିକ୍ ସମର୍ଥନ କରି ନ ପାରିଲେ ବି ଅସମର୍ଥନ ବି କରିପାରିଲା ନାହିଁ ।

ସେ ତ ସମସ୍ତଙ୍କ ସହିତ କଥା ହୁଏ, ସବୁରି ସହିତ ମିଶେ । ତା'ହେଲେ ୟାଙ୍କ ସହିତ କଥା ନ ହେବ କାହିଁକି ? କଥା ନ ହେବା ତ ବିଶେଷ କରି ଦେଖାଇହେବାର ପର୍ଯ୍ୟାୟରେ ଆସେ । ତା'ଅପେକ୍ଷା ବରଂ ୟାଙ୍କୁ ବି ଅନ୍ୟମାନଙ୍କ ସହିତ ସମାନ ବୋଲି ଧରିନେବାଟା ଠିକ୍ ହୋଇଛି ।

ଏପରି ଦୋଦୋପାଞ୍ଚ ହୋଇ ସେ ଆଶ୍ରମ ଭିତରେ ପଶିଗଲା । କେହି କୌଣସି ପ୍ରଶ୍ନ କଲେ ନାହିଁ । ଏଇଠିକାର ଝିଅଭଳି ସେ ଯିବା ଆସିବା କରେ ।

ସେ ସିଧା ଚାଲିଗଲା ମହାରାଜଙ୍କ କୋଠରିକୁ ।

ଏହିପରି ଭାବରେ କୃଷ୍ଣା ରାଓଙ୍କ ସହିତ ମଝି ମଝିରେ ଅମୃତାର ଦେଖାସାକ୍ଷାତ ହେବାକୁ ଲାଗିଲା । ଦେଖାଗଲା, ପ୍ରାୟ ସୂର୍ଯ୍ୟୋଦୟ ବେଳକୁ ଦିହେଁ ସମୁଦ୍ର କୂଳରେ ପାଣିରେ ଗୋଡ଼ ବୁଡ଼ାଇ ବସିଥିବେ । ଅନେକ ସମୟରେ ଉଭୟେ ନୀରବ ।

ତେବେ ଅଧିକାଂଶ ସମୟରେ ଜଣେ ବକ୍ତା ଏବଂ ଆରଜଣକ ଶ୍ରୋତା ।

ଡଃ ରାଓ ଏକାଦମ୍‌ରେ କେତେ କ'ଣ କହିଯାଆନ୍ତି । କେତେବେଳେ ତାଙ୍କର ବିଦେଶ ଅଭିଜ୍ଞତା । ପ୍ରଥମେ ହାର୍ଭାର୍ଡ଼ ୟୁନିଭର୍ସିଟିରେ ପହଞ୍ଚି କିପରି ତାଙ୍କର ଆଖି ଝଲସିଉଠିଥିଲା । ମନେହେଲା, ସତେ ଯେପରି ସେଠାର ଲୋକେ ସେ ଦେଶଟାକୁ ଆଉ ଗୋଟିଏ ଦେଶ କରି ଗଢ଼ି ଦେଇଛନ୍ତି ।

Digitized by srujanika@gmail.com

''ଭଗବାନଙ୍କ ସୃଷ୍ଟି ଉପରେ ବି ଯେ ଆହୁରି କେତେ କଣ କରାଯାଇପାରେ, ସେଠାକାର ଲୋକେ ଯେପରି ତାହା ପ୍ରମାଣ କରି ଦେଇଛନ୍ତି କିମ୍ବା ପ୍ରମାଣ କରିଦେବାକୁ ପ୍ରାଣପଣେ କାମରେ ଲାଗିଯାଇଛନ୍ତି ।''

''କେବଳ ସେମାନେ କାହିଁକି ? ଚାହିଁ ଦେଖନ୍ତୁ, ଦିନେ ଆମ ଦେଶରେ ଲୋକେ ବି ସେହି ତାଳରେ ଚାଲିଥିଲେ । ଚତୁର୍ଦ୍ଦିଗରେ ଗଢ଼ି ଉଠିଥିବା ମନ୍ଦିର ଓ ମନ୍ଦିରର କାରୁକାର୍ଯ୍ୟ ଦେଖିଲେ କଣ ତାହା ମନେହୁଏ ନା ?''

''ଠିକ୍ କହିଛ ଅମୃତା । କିଛିଦିନ ପରେ ମାନେ ପ୍ରଥମ ପ୍ରେମର ମୋହଟା ଯେତେବେଳେ ଭାଙ୍ଗିଯିବାକୁ ଆରମ୍ଭ କଲା, ସେତେବେଳେ ମନେ ମନେ ଆଖି ଖୋଲି ଆମ ଦେଶଆଡ଼କୁ ଚାହିଁବାକୁ ଶିଖିଲି । ତୁମେ ଏଇଠି ରହି ଯାହା ବୁଝିଛ, ସାତସମୁଦ୍ର ତେରନଈ ସେପଟେ ରହି ମଧ୍ୟ ମୁଁ ତାହା ଉପଲବ୍ଧି କରିଛି ।''

''ଏକଥା ପୁଣି କିପରି କହୁଛନ୍ତି ?''

''ଠିକ୍ କହୁଛି ଅମୃତା । ଘରକୋଣର ସୌନ୍ଦର୍ଯ୍ୟ ଆଖିରେ ପଡ଼ିନଥିଲା । ଆମ ଦେଶର ଏ ଯେଉଁ ଅପୂର୍ବ ସ୍ଥାପତ୍ୟବିଦ୍ୟା, ହେଇଟି ଏଠାର କପାଳେଶ୍ୱର ମନ୍ଦିରର, ମାନେ ଶିବମନ୍ଦିରର ନିପୁଣ କଳାକୌଶଳ କଣ କମ୍ ସୁନ୍ଦର ? ଏ ଯେଉଁ ଗୋପୁରମ୍, ଏଥିରେ ତ ଆଖି ଲାଖିରହେ । ଅଷ୍ଟମ ଶତାବ୍ଦୀର ପଲ୍ଲବ ରାଜାମାନଙ୍କର ବିଷ୍ଣୁମନ୍ଦିର ବି କେଡ଼େ ସୁନ୍ଦର ନୁହେଁ !''

''ମୋ ମନେହେଉଛି ପ୍ରାଚୀନ କାଳରେ ଆମେ ମଧ୍ୟ କର୍ମର ଆନନ୍ଦରେ ମାତି ଉଠିଥିଲୁ । ଈଶ୍ୱରଙ୍କର ଦୟାର ଦାନ ଆମକୁ ଯେପରି ମୁଗ୍ଧ କରିଦେଇଥିଲା, ସେପରି କର୍ମପ୍ରେରଣା ମଧ୍ୟ ଯୋଗାଇଥିଲା । ଆମେ ବି ତ ତାଙ୍କରି ସନ୍ତାନ । ଆମେ ଏବେ କେଉଁଥିରେ ଉଣା ଯେ ?''

''ଠିକ୍ କହିଛ ଅମୃତା, ବଡ଼ ଚମତ୍କାର କଥା କହିଛ ।''

''ଅବଶ୍ୟ ପରବର୍ତ୍ତୀ କାଳରେ ଆମେ ମଠେଇ ଯାଇଛୁ ଏବଂ ସେମାନଙ୍କଠାରେ ଦେଖାଦେଇଛି କର୍ମପ୍ରେରଣା ।''

''ଠିକ୍ କଥା । କିନ୍ତୁ ଏପରି ଘଟିଲା କାହିଁକି ? ଭାବୁଛି, ନାନା ପ୍ରକାରର ଧକ୍କା ଖାଇ ଖାଇ ଆମେ ଜଡ଼ ନିସ୍ତବ୍ଧ ହୋଇପଡ଼ିଛୁ । ତେଣୁ କେତେଜଣ ବା କବିଗୁରୁଙ୍କ ପରି ବୁଝିପାରିଛନ୍ତି ଯେ ଦୁଃଖ ଭିତରେ ବି ରହିଛି ଉଭୟ ଶାନ୍ତି ଓ ପ୍ରେରଣା ? କେତେଜଣ ବା ସେ ସତ୍ୟ ଉପଲବ୍ଧି କରିବାକୁ ଚେଷ୍ଟା କରିଛନ୍ତି ?''

Digitized by srujanika@gmail.com

"ଆପଣ ବୋଧହୁଏ ରବି ଠାକୁରଙ୍କର ବଡ଼ ଭକ୍ତ ?"

"ହଁ । ସେ ହିଁ ତ ମୋର ଗୁରୁ । ତାଙ୍କର ଲେଖା ପଢ଼ିବାଲାଗି, ମନପ୍ରାଣଦେଇ ତାଙ୍କୁ ବୁଝିବାଲାଗି ମୁଁ ବଙ୍ଗଳା ଶିଖିଛି ।"

"ସତେ ନା ? ଆପଣ ବି ବଙ୍ଗଳା ଜାଣନ୍ତି ?"

"ହଁ ଜାଣେ ।"

"ମୁଁ ବି ଜାଣେ ।"

"ସତେ ? ତୁମେ କାହିଁକି ?"

"ଆମ ଘରେ ତ ସମସ୍ତେ ଜାଣିଥିଲେ । ମାଆ ଥିଲେ ଶ୍ରୀ ରାମକୃଷ୍ଣଙ୍କର ଭକ୍ତ । ତାଙ୍କର କଥାମୃତ ପଢ଼ିବାଲାଗି ସେ ବଙ୍ଗଳା ଶିଖିଥିଲେ । ତା'ଛଡ଼ା ତାଙ୍କର ଗୁରୁଦେବ ମଧ୍ୟ ବଙ୍ଗାଳୀ ।"

"ଓଃ, ସେଇଥିପାଇଁ ତୁମେ ପିଲାଦିନରୁ ବଙ୍ଗଳା ଶିଖିଯାଇଛ ?"

"ହଁ ।"

"ତା'ହେଲେ ଆମ ଦୁଇଜଣଙ୍କ ଭିତରେ ଅନେକ ଅସାମଞ୍ଜସ୍ୟ ରହିଥିଲେ ମଧ୍ୟ ଏ ଦିଗରୁ ବହୁ ସାମଞ୍ଜସ୍ୟ ରହିଛି । ନୁହେଁ ?"

ଡଃ ରାଓଙ୍କ ମୁହଁରୁ ଉଛୁଳି ପଡ଼ିଲା ପ୍ରାଣଖୋଲା ହସ । ଅମୃତା ମୁହଁରେ ଫୁଟି ଉଠିଲା ତାର ସ୍ୱାଭାବିକ ମୃଦୁହାସର ରେଖା ।

ଏପରି ଭାବରେ ସେ ଦୁହିଁଙ୍କ ଭିତରେ ପ୍ରାୟ ଦେଖାହୁଏ । କେବେ ଏଇଠି ତ କେବେ ସେଇଠି । କେବେ କେବେ ସେମାନେ ଯାଇ ପାର୍ଲିଆମେଣ୍ଟ ରୋଡ଼ରେ ନ୍ୟାସ୍‌ନାଲ ଆର୍ଟ ଗ୍ୟାଲେରିରେ ଅନେକ ସମୟ କଟାଇଦିଅନ୍ତି । ଏପରି ଭାବରେ ଦୁହିଁଙ୍କ ଭିତରେ ନିଭୃତରେ ନିରୋଳାରେ ଦେଖାସାକ୍ଷାତ୍ ହେବାକୁ ଲାଗିଲା ।

କ୍ଲାସ୍‌ରେ ଅବଶ୍ୟ କେହି କୌଣସି ପ୍ରକାର ବ୍ୟତିକ୍ରମ ଲକ୍ଷ୍ୟ କରନ୍ତି ନାହିଁ ।

ଅମୃତାକୁ କୃଷ୍ଣା ରାଓଙ୍କ ସହିତ ବୁଲିଯିବାକୁ ଖୁବ୍ ଭଲଲାଗେ । ଏପରି ବୁଲିଯାଇ ଗପସପ କରିବା ଭିତରେ ହିଁ ସେ ତାଙ୍କର ପରିବାରର ଅନେକ କଥା ଜାଣିବାକୁ ପାଇଥିଲା ।

ନୈଷ୍ଠିକ ସନାତନୀ ବ୍ରାହ୍ମଣପରିବାରର ପୁଅ । ଟିକିଏ ବଡ଼ ହୋଇଛନ୍ତି କି ନାହିଁ, ମାଆ ମରିଗଲେ । ବାପା କଲେ ଦ୍ୱିତୀୟ ବିବାହ ।

ନିଜ ମାଆପେଟର ଭାଇ ଭଉଣୀ କେହି ନାହାନ୍ତି । ଅଛନ୍ତି ଦୁଇଟି ସାବତ ଭାଇ ।

Digitized by srujanika@gmail.com

ଘରେ କେବଳ ସେ ହିଁ ଭଲ ପଢ଼ାଶୁଣା କରିଛନ୍ତି । ସ୍କଲରସିପ୍ ପାଇ ପାଇ ଉପରକୁ ଉଠିଛନ୍ତି । ଯେତେବେଳେ ବିଦେଶ ଯିବାର ସୁଯୋଗ ମିଳିଲା, ସେତେବେଳେ ବାପା ମାଆ ଉଭୟେ ଅଡ଼ିବସିଲେ, ମ୍ଲେଚ୍ଛଦେଶକୁ ଯିବାକୁ ଦେବେ ନାହିଁ । ଗାଆଁରେ ଜମିବାଡ଼ି ଅଛି । ସେହିତକ ଦେଖାଶୁଣା କଲେ ବେଶ୍ ଚଳିଯିବ ।

ଇଏ ଧରିବସିଲେ, ଯିବେ ।

ଯେତେବେଳେ କହିଲେ ଯେ ବିଦେଶରେ ଭଲ ଟଙ୍କା ପଇସା ମିଳିବ, ଘରକୁ ବହୁତ ଟଙ୍କା ପଇସା ପଠାଇବେ, ଗାଆଁରେ ଆହୁରି ଜମିବାଡ଼ି କିଣିହେବ, ସେତେବେଳେ ଯାଇ ଔଷଧ କାଟିଲା । ସାବତମାଆ ବାପାଙ୍କୁ ବୁଝାଇଦେଲେ, ତୁମର ତ ଆହୁରି ଦି'ଟା ପୁଅ ଅଛନ୍ତି, ସେମାନେ ହିଁ କୁଳ ରଖିବେ, ଏ ଏକଜିଦିଆ ପୁଅଟା ବାହାରକୁ ପଳାଇବ ତ ପଳାଉ, ଗଲେ ସେଠାରୁ ଟଙ୍କା ପଠାଇବ ।

ବାପା ବି ଭାବି ଦେଖିଲେ, କଥାଟା ମନ୍ଦ ହେବନି । ଆମ ଦେଶରେ ଗୋଟିଏ କଥା ଅଛି ନା, ମାଆ ମରିଗଲେ ବାପ ଛାଡ଼ରା; ଅବଶ୍ୟ ସବୁକ୍ଷେତ୍ରରେ ତା'ହୁଏନି । କିନ୍ତୁ ଦେଖାଗଲା, ଏ କ୍ଷେତ୍ରରେ ତାହା ଘଟିଲା । ବାପା ରାଜି ହୋଇଗଲେ ।

ବାପାମାଆଙ୍କୁ ନମସ୍କାର କରି କୃଷ୍ଣା ରାଓ କଳାପାଣି ପାର୍ ହୋଇଗଲେ ।

"ଫେରିବା ପରେ କଣ ହେଲା ?" ଅମୃତା ବିସ୍ମୟ-ବିସ୍ଫାରିତ ନୟନରେ ଶୁଣୁଥିଲା ।"

"ତା'ପରେ ଆଉ କଣ ହୁଅନ୍ତା ? ପ୍ରଥମରୁ ତ ମୋ ପାଇଁ ଏଠାରେ ବିଶେଷ କିଛି ଆଦର ଆକର୍ଷଣ ନ ଥିଲା, ଯେଉଁ ଟିକକ ବା ଥିଲା, ସେ ଟିକକ ମୋ ଫେରିବା ପରେ କଟିଗଲା ।"

"ସେଇଠି ରହିଗଲେନି ? ଅନେକେ ତ ରହିଯାଉଛନ୍ତି ।"

"ତାହା ହିଁ ଭାବିଥିଲି । ଗୋଟିଏ ଝିଅ ସହିତ ଟିକିଏ ଭାବ ବି ହୋଇଯାଇଥିଲା । ହଠାତ୍ ଦିନେ ଜଣେ ନିଗ୍ରୋ ଉପରେ ଦୃଷ୍ଟି ପଡ଼ିଗଲା । ସେ ଝିଅଟି ବି ନିଗ୍ରୋଲୋକଟି ଆଡ଼େ ଚାହିଁଥିଲା । କିନ୍ତୁ ତା ଆଖିରେ ସେ ଲୋକଟି ପ୍ରତି ଯେଉଁ ଘୃଣାର ଛାୟା ଖେଳିଗଲା... ।"

"ଘୃଣା କାହିଁକି ?"

"ବର୍ଣ୍ଣ ବିଦ୍ୱେଷ । ସେତିକିବେଳେ ମୋ ଆଖି ଖୋଲିଗଲା । ଆଜି କଳା, କାଲି ବ୍ରାଉନ୍ ହେବାକୁ କେତେ ସମୟ ଲାଗିବ ? ଦେଖିଲି, ସମସ୍ତ ପାଶ୍ଚାତ୍ୟ

Digitized by srujanika@gmail.com

ଦେଶଟା ଏହି ରୋଗରେ ଆକ୍ରାନ୍ତ । ନିଜ ଦେଶ ଥାଉ ଥାଉ କି ଗରଜ ପଡ଼ିଛି ଯେ ମୁଁ ଏଠାରେ ସେକେଣ୍ଡ୍ କ୍ଲାସ୍ ସିଟିଜେନ୍ ହୋଇ ପଡ଼ିରହିଛି ? ମନ ସ୍ଥିର କରିନେଲି । ତେଣୁ ମୁଁ ଆଜି ଏଠାରେ ।''

ଆଉ ଗୋଟିଏ ଦିନର କଥା । ଏପରି ବୁଲି ବୁଲି ଗପ କରୁ କରୁ ଶୁଣିଲା, କୃଷ୍ଣା ରାଓଙ୍କ ବାପାମାଆ ତାଙ୍କୁ ଏବେ ବି ଘରେ ପୂରାଉ ନାହାନ୍ତି । କାରଣ ସେ ଗୋବରପାଣି ପିଇ ପ୍ରାୟଶ୍ଚିତ୍ତ କରିବାକୁ ରାଜି ହେଲେ ନାହିଁ । କିନ୍ତୁ ତାଙ୍କଠାରୁ ଟଙ୍କା ନେବାକୁ ଘରେ କାହାର ଆପତ୍ତି ନାହିଁ । ଆମେରିକାରେ ଥିବାବେଳେ ମଧ୍ୟ ସେ ନିୟମିତ ଟଙ୍କା ପଠାଉଥିଲେ । ତେଣୁ ସେମାନଙ୍କର ଅବସ୍ଥା ଖୁବ୍ ଭଲ ହୋଇଯାଇଛି । କଫି ବଗିଚାଟିଏ ବି କରିଛନ୍ତି ।

''ଦୁଇପୁଅ ବାହା ହୋଇଗଲେଣି । ପୂରା ସଂସାର । ଘରେ ଆଉ ସ୍ଥାନ ମିଳିବା କଷ୍ଟକର । ତେବେ ଏସବୁ କଥାରେ ମୁଁ ବିଶେଷ ଦୁଃଖିତ ନୁହେଁ । ପିଲାଟିଦିନରୁ ବାହାରେ ବାହାରେ ଚଳିଆସିଛି । ମୁଁ ଦେଶକୁ ଭଲ ପାଏ । ଦେଶ ମୋତେ ଆଗ୍ରହରେ ହାତ ବଢ଼ାଇ କୋଳକୁ ନେଇଛି । ମୋର ସେତକ ଯଥେଷ୍ଟ । ତା ଛଡ଼ା ବହିପତ୍ର ରହିଛି ।''

ଅମୃତା ଚୁପ୍ ହୋଇ ସବୁ ଶୁଣେ । ମନ ଭିତରଟା ଡଃ ରାଓଙ୍କ ପାଇଁ ଦରଦରେ ଭରି ଉଠେ ।

ତା'ର ଅଜାଣତରେ ସେ ମନେ ମନେ ଧୀରେ ଧୀରେ ଆଗେଇଯିବାକୁ ଲାଗିଲା । କୃଷ୍ଣା ରାଓଙ୍କର ଯେ ତା ପ୍ରତି ଦୁର୍ବଳତା ରହିଛି, ତାହା ସେ ବୁଝୁଥିଲା । ସେ ଠିକ୍ ଖୋଲାଖୋଲି କହି ନ ଥିଲେ ବି, ହାବଭାବରୁ କଥାଟା ବେଶ୍ ସ୍ପଷ୍ଟ ବୁଝି ହେଉଥିଲା ।

Digitized by srujanika@gmail.com

ଆଠ

ଦିନେ ସ୍ୱାମୀଜୀ ଝରକାବାଟେ ବାହାରକୁ ଚାହିଁଲାବେଳକୁ ଦେଖାଗଲା— ଅମୃତାକୁ ଆଶ୍ରମ ପାଖରେ ପହଞ୍ଚାଇଦେଇ କୃଷ୍ଣା ରାଓ ବାହାରୁ ବାହାରୁ ଚାଲିଗଲେ ।

ଡଃ ରାଓଙ୍କ ସହିତ ସାକ୍ଷାତରେ କଥାଭାଷା କରି ନ ଥିଲେ ମଧ୍ୟ ଚେହେରାରୁ ସେ ତାଙ୍କୁ ଚିହ୍ନନ୍ତି । ଅମୃତା ମୁହଁକୁ ଚାହିଁଦେଇ ସେ ଯେପରି କିଛି ଅନୁଭବ କଲେ ।

"ମହାରାଜ, ମୁଁ ଆସିଗଲି" —କହି ଅମୃତା ମହାରାଜଙ୍କର ପାଦଧୂଳି ମୁଣ୍ଡରେ ମାରି ତାଙ୍କର ପାଦତଳେ ବସିପଡ଼ିଲା । ଏପରି କିଛି ସମୟ ବସିପଡ଼ିବା ତାର ପିଲାଦିନରୁ ଅଭ୍ୟାସ ।

"କିଛି କହିବୁ ?"

"ନା, ସିମିତି କିଛି ନୁହେଁ," କହି ଅମୃତା ମହାରାଜଙ୍କ ମୁହଁକୁ ଚାହିଁଲା ।

ତାଙ୍କ ଆଖିରେ ଯେପରି ଏକ ପ୍ରଶ୍ନ; ଅବଶ୍ୟ ସେ ଚୁପ୍ ହୋଇ ବସିଥାନ୍ତି ।

ଅମୃତା ପିଲାଟିଦିନରୁ ତାଙ୍କୁ ସବୁକଥା କହେ । ଏବେ ଏ ଯେଉଁ ନୂଆ ଅନୁଭୂତି ପାଇଛି, ଏ ବିଷୟରେ ଅବଶ୍ୟ କିଛି କହିନାହିଁ ।

ବର୍ତ୍ତମାନ ସେ ସଂଶୟ ଭିତରେ ପଡ଼ିଛି । ତା ମନଟା ଏ ପର୍ଯ୍ୟନ୍ତ ତା ନିଜ ହାତମୁଠାରେ । ଦୂରେଇ ଆଣିବାକୁ ଇଛା କଲେ କ୍ଷଣକ ଭିତରେ ସେ ଦୂରେଇ ଆଣିପାରିବ । ପ୍ରାଣରେ ଆଘାତ ଲାଗିବ ସତ, ତଥାପି ସେ ଦୂରେଇ ଆଣିପାରିବ ।

ତାକୁ ଲାଗିଲା, ଏହା ହିଁ ଉପଯୁକ୍ତ ସମୟ । ଏବେ ଦୁଇପଟ ଖୋଲା । ପଛେଇ ଆସିପାରିବ । ଆଗେଇ ମଧ୍ୟ ଯାଇପାରିବ । ଏହାପରେ ଆଉ ଜଣାଇବାର କୌଣସି ଅର୍ଥ ରହିବ ନାହିଁ । ଜଣାଇବା ନ ଜଣାଇବାର ସୀମା ବାହାରକୁ ଚାଲିଯିବା ପରେ ଗୁରୁଜନମାନଙ୍କୁ ଜଣାଇବା ନ ଜଣାଇବା ସହିତ ସମାନ ।

"ମହାରାଜ, ଆପଣ ଠିକ୍ ପଚାରିଛନ୍ତି, ଆପଣଙ୍କୁ କହିବାଲାଗି ମୋର ଅନେକ କଥା ଅଛି ।"

"କଣ କହିବୁ କହ ।"

Digitized by srujanika@gmail.com

''ଏପର୍ଯ୍ୟନ୍ତ ମୁଁ ଠିକ୍ କରିଥିଲି, କୌଣସି ଦିନ ସଂସାରରେ ସେଭଳି ଜଡ଼ିତ ହେବି ନାହିଁ; ଏବେ ଯେପରି ଚାଲିଛି, ସେହିପରି ସେବା ଭିତର ଦେଇ ଆପଣଙ୍କର ଆଶ୍ରୟରେ କାଳ କଟାଇଦେବି ।''

''ସେଥିରେ କିଛି ବାଧା ପଡ଼ିଛି ?''

''ନା, ସେପରି କୌଣସି ବାଧା ନୁହେଁ, ଯାହାଫଳରେ ମୁଁ ଆଉ ଏ ବାଟକୁ ଫେରି ଆସିପାରିବି ନାହିଁ ।''

''ତେବେ ସଂଶୟଟା କଣ, ଟିକିଏ ଖୋଲି କହ ।''

''ଆମ ପ୍ରଫେସର ଡଃ ରାଓଙ୍କ କଥା ବୋଧହୁଏ ଆପଣ ଶୁଣିଛନ୍ତି ?''

''ନିଶ୍ଚୟ । ବଡ଼ ପଣ୍ଡିତ ଲୋକ । ଲେକ୍‌ଚର୍ ଦେବାଲାଗି ତାଙ୍କୁ ଦିନେ ଡାକିବା ବୋଲି ଭାବୁଛି ।''

ଅମୃତା ଚୁପ୍ ରହିଲା ଦେଖି ମହାରାଜ କହିଲେ, ''କହ ଅମୃତା, ତୁ ପରା କଣ କହିବୁ ବୋଲି ଭାବିଛୁ ?''

''ଭାବୁଛି, ଡଃ ରାଓ ମୋତେ ବିବାହ କରିବାକୁ ଚାହିଁବେ ।''

''ଅର୍ଥାତ୍ ?''

''ଖୋଲାଖୋଲି କହି ନ ଥିଲେ ମଧ୍ୟ, ବିଷୟଟାକୁ ଅନ୍ୟ ପ୍ରକାରରେ ସୂଚାଇ ଦେଇଛନ୍ତି । ଯେକୌଣସି ଦିନ କହିଦେଇ ପାରନ୍ତି ।''

''ତୁ କଣ କହିଛୁ ?''

''ମୁଁ ପ୍ରଥମରୁ କହିଛି ଯେ, ମୁଁ ସଂସାରରେ ପଶିବାକୁ ଚାହେଁନା । ତାପରେ ଆଉ କିଛି କହିନି ।''

''ତୋର ଇଚ୍ଛା କଣ ?''

ତଳକୁ ମୁଣ୍ଡ ପୋତିଦେଇ ଅମୃତା ଧୀରେ ଧୀରେ କହିଲା, ''ଆପଣଙ୍କର ଆଦେଶ ନ ପାଇଲେ ତ ମୁଁ କିଛି କରିପାରିବି ନାହିଁ । ମତେ ସେ ଭଲଲାଗନ୍ତି । କିନ୍ତୁ ମନକୁ ଦୂରେଇ ଆଣିବାର ଶକ୍ତି ମୋର ରହିଛି । ଯଦି ସେଥିରେ ଆପଣଙ୍କର ମତ ଥାଏ .....''

ମହାରାଜ ଅନେକ ସମୟ ପର୍ଯ୍ୟନ୍ତ ଚୁପ୍ ହୋଇ ବସିପଡ଼ିଲେ ।

ଅମୃତା ମୁହଁକୁ ଚାହିଁ ମନଭିତରଟା ଖୋଳତାଡ଼ ହେବାକୁ ଲାଗିଲା । ଡଃ ରାଓ ସବୁଦୃଷ୍ଟିରୁ ଉପଯୁକ୍ତ । ସେ ତାଙ୍କର ପ୍ରଶଂସା ଶୁଣିଛନ୍ତି ।

Digitized by srujanika@gmail.com

କିନ୍ତୁ ।

ମଝିରେ ଯେ ଗୋଟିଏ ବଡ଼ କିନ୍ତୁ ରହିଯାଉଛି । ଯେଉଁକଥା ନ ଜଣାଇ ସାରଦାଦେବୀ ମରିଗଲେ, ସେ କଥା କଣ ଅଜଣା ହୋଇ ରହିଯିବ ? ଯାହାର କଥା, ସେ ଜାଣିବ ନାହିଁ ?

ବର୍ତ୍ତମାନ ପୃଥିବୀରେ ସେ ହିଁ ଏକମାତ୍ର ଲୋକ, ଯେ କି ସମସ୍ତ ସତ୍ୟ ଜାଣନ୍ତି । ତାଙ୍କ ମୃତ୍ୟୁ ସହିତ ସେ କଥାର ଇତିଶ୍ରୀ ହୋଇଯିବ । ଏତେଦିନ ଧରି ଯଦି ଅମୃତା ଜାଣିବାକୁ ନ ପାଇଲା, କିଛି ନ ଜାଣି ଯଦି ଏତେବାଟ ନିର୍ବିଘ୍ନରେ ପାର ହୋଇ ଆସିଛି, ତେବେ ଜୀବନର ବାକିତକ ବାଟ ମଧ୍ୟ ପାରି ହୋଇଯିବ ।

ତା'ହେଲେ ତାହା ହିଁ ହେଉ ।

ପଙ୍କ ଖୋଳି କାଦୁଅ ବାହାର କରିବାର କି ଦରକାର ? କାଦୁଅ ଉପରେ ଯେଉଁ କଇଁ ଫୁଟିଛି, ସେହି କଇଁକୁ ସମସ୍ତେ ଦେଖନ୍ତୁ; କଇଁ ବି ସମସ୍ତଙ୍କ ମଧ୍ୟରେ ଶୋଭା ବିତରଣ କରୁ । ତା'ର ପଙ୍କିଳତା ଲୁଚି ରହିଯାଉ ।

କିନ୍ତୁ ସ୍ୱାମୀଜୀଙ୍କୁ ଅନ୍ୟ ଦିଗଟି ବି ଦେଖାଗଲା । ଅମୃତା ବା ଜୀବନରେ କେତେ ବାଟ ଆଗେଇଛି ? ଏବେ ବି ଅନେକ ବାଟ ପଡ଼ିଛି । ଅକଳନ୍ତି ବାଟ ପଡ଼ିଛି ।

ସେ ଦେହତ୍ୟାଗ କରିବା ପରେ ଯଦି କୌଣସି ଭାବରେ ସତକଥାଟା ପଦାକୁ ବାହାରି ଆସେ, ଅମୃତା ଏକାଟିଆ ତାର ଧକ୍କା ସହିପାରିବ ତ ? ତା ଅପେକ୍ଷା ବରଂ ସତ୍ୟର ହିଁ ଜୟ ହେଉ ।

ସେ ସଂସାରରେ ପ୍ରବେଶ କରିବା କଥା ଭାବୁଛି । ତାକୁ ସବୁକିଛି ଖୋଲି କହିଦେବାକୁ ହେଲେ ଏହାହିଁ ଉପଯୁକ୍ତ ସମୟ । ତାର ବୟସ ଯାହା, ସେ ଯେତିକି ଶିକ୍ଷା ପାଇଛି, ସେତିକିରେ ତାଠାରେ ନିଜ ପାଦରେ ନିଜେ ଠିଆ ହେବାର ଶକ୍ତି ରହିବା ଆବଶ୍ୟକ ।

ତା' ଛଡ଼ା, ସେ ତା' ପାଖେ ପାଖେ ରହିଛନ୍ତି ।

ସବୁ ଜାଣିବା ପରେ, ସବୁ ଶୁଣିବାପରେ ଯଦି କୃଷ୍ଣା ରାଓ ତାକୁ ଗ୍ରହଣ କରିବାକୁ ରାଜି ହୁଅନ୍ତି, ତେବେ ଯାଇ ତାହା ହେବ ପ୍ରକୃତ ଗ୍ରହଣ କରିବା ।

ଚୋରାବାଲିରେ ଘର ତୋଳିବାକୁ ଚେଷ୍ଟା କରିବା ଏକ ବିରାଟ ଭୁଲ । ସେ ଘର ଭାଙ୍ଗିଗଲେ ମଣିଷର ଆଉ ଠିଆ ହେବାର ଶକ୍ତି ରହେନି । ତେଣୁ

Digitized by srujanika@gmail.com

ଘର ଯଦି ତୋଳିବାକୁ ହେବ, ତେବେ ତାର ମୂଳଦୁଆଟି ଶକ୍ତ ହେବା ଆବଶ୍ୟକ । ନାହିଁ ତ ରାସ୍ତାକଡ଼ର ଲୋକ ରାସ୍ତାକଡ଼ରେ ହିଁ ରହିଯିବା ଭଲ ।

"ଏତେ କଣ ଭାବୁଛନ୍ତି ମହାରାଜ ? ଡଃ ରାଓ ଆପଣଙ୍କ ପସନ୍ଦକୁ ଆସୁନାହାନ୍ତି ?"

ଟିକିଏ ରହି ଅମୃତା ପୁଣି ଥରେ ପଚାରିଲା, "ମୁଁ ତା'ହେଲେ ଧୀରେ ଧୀରେ ତାଙ୍କ ବାଟରୁ ଘୁଞ୍ଚିଆସୁଛି । ପ୍ରଥମେ ଟିକିଏ କଷ୍ଟ ହେବ । ତା'ପରେ ଠିକ୍ ହୋଇଯିବ । ସମୟ କାହାପାଇଁ ଅପେକ୍ଷା କରେ ନାହିଁ ।"

"ନା ଅମୃତା, ମୁଁ ସେକଥା ଭାବୁ ନାହିଁ । ସମସ୍ତଙ୍କ ମୁହଁରୁ ଡଃ ରାଓଙ୍କ ବିଷୟରେ ଯାହା ଶୁଣିଛି, ସେଥିରୁ ମୁଁ ଜାଣିପାରୁଛି ଯେ, ସେ ତୋର ଉପଯୁକ୍ତ । ତଥାପି ଗୋଟିଏ କିନ୍ତୁ ରହିଯାଉଛି ।"

"ଆପଣ କଣ କହିବାକୁ ଚାହୁଁଛନ୍ତି ମୁଁ ଠିକ୍ ବୁଝିପାରୁନି ମହାରାଜ ।"

"ଅମୃତା, ତୁ ତ ଜାଣୁ ଯେ ରାଜା ଜନକ ସୀତାଙ୍କୁ ଗୋଟାଇ ଆଣିଥିଲେ ମାଟିମାଆର ବୁକୁ ଉପରୁ । ସୀତା ସାଧାରଣ ନାରୀ ନ ଥିଲେ । ସେ ଥିଲେ ମାଟିମାଆ ଦୁହିତା । ତେଣୁ ରାଜା ଜନକ ନିଜର ଜନ୍ମିତା ଝିଅଲାଗି ଅନ୍ୟ ସାଧାରଣ ଝିଅଙ୍କ ବିବାହ ପରି ସାଧାରଣ ସୂତ୍ରରେ ବିବାହ ବ୍ୟବସ୍ଥା କରିଥିଲେ । କିନ୍ତୁ ସୀତାଙ୍କର ପାଣିପ୍ରାର୍ଥୀଙ୍କ ପାଇଁ ରଖିଥିଲେ ଏକ ଅଜେୟ ଧନୁ, ଯାହାକୁ ଏକମାତ୍ର ରାମଚନ୍ଦ୍ର ହିଁ ଟେକି ବଙ୍କାଇ ପାରିଥିଲେ ।"

"ମହାରାଜ, ଆପଣ କଣ କହିବାକୁ ଚାହୁଁଛନ୍ତି, ମୁଁ କିଛି ହିଁ ବୁଝିପାରୁ ନାହିଁ ।"

"ତତେ କାହିଁକି ଅମୃତା ବୋଲି ନାଆଁ ଦିଆଯାଇଛି, ତୁ କେବେହେଲେ ସେକଥା ଭାବି ଦେଖିଛୁ ?"

"ହଁ ମହାରାଜ, ପିଲାଦିନୁ ଶୁଣିଆସିଛି ସ୍ୱାମୀଜୀମାନେ କହନ୍ତି–'ତୁ ଚତୁର୍ଦ୍ଦିଗରେ ଅମୃତ ବିତରଣ କରିବୁ ବୋଲି ମହାରାଜ ତତେ ଅମୃତା ବୋଲି ନାଆଁ ଦେଇଛନ୍ତି ।"

"ଠିକ୍, ଠିକ୍ କଥା, କିନ୍ତୁ ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ ।"

ଅମୃତା ମହାରାଜଙ୍କର ଏହି ପ୍ରହେଳିକାପୂର୍ଣ୍ଣ କଥାର ତାତ୍ପର୍ଯ୍ୟ ବୁଝିପାରିଲା ନାହିଁ । ଭାବିବାକୁ ଲାଗିଲା, ମହାରାଜ ତ କେବେ ଏପରି ବୁଲେଇ ବୁଲେଇ କଥା କହନ୍ତି ନାହିଁ !

Digitized by srujanika@gmail.com

ଅମୃତାର ମନଟା ହଠାତ୍ କିମିତି ଗୋଟେ ହୋଇଗଲା । ମୁହଁରୁ କଥା ବାହାରିଲା ନାହିଁ । ମହାରାଜଙ୍କ ମୁହଁକୁ ଚାହିଁ ସେ ମୂକ ପାଲଟିଗଲା ।

"ତା'ହେଲେ ଶୁଣ । ତୋର ଜାଣିବାର ସମୟ ହୋଇଛି । ତୁ ଅମୃତସ୍ୟ ପୁତ୍ରୀ । ତେଣୁ ତତେ ନାଆଁ ଦିଆଯାଇଛି ଅମୃତା ।"

"ମହାରାଜ, ସମସ୍ତେ ତ ଅମୃତସ୍ୟ ପୁତ୍ର—ପରଂବ୍ରହ୍ମଙ୍କର ସନ୍ତାନ ସମସ୍ତେ ।"

"ଠିକ୍ କହିଛୁ, ତଥାପି ଟିକିଏ ପାର୍ଥକ୍ୟ ରହିଛି । ସୀତା ଯେପରି ଧରିତ୍ରୀର କନ୍ୟା, ତାଙ୍କୁ ଯେପରି ରାଜା ଜନକ ତୋଳି ଆଣିଥିଲେ ମାଟି ଭିତରୁ, ତତେ ବି ଠିକ୍ ସେହିପରି ମୁଁ ତୋଳି ଆଣିଥିଲି ମାଆ ଧରିତ୍ରୀର କୋଳରୁ ।"

ଟିକିଏ ଚୁପ୍ ହୋଇ ରହିଯିବା ପରେ ସେ ପୁଣି କହିଚାଲିଲେ, "ସେ ସକାଳଟା ଥିଲା ଅନ୍ୟ ଦିନର ସକାଳଠାରୁ ସଂପୂର୍ଣ୍ଣ ଭିନ୍ନ । ସୁଲୁସୁଲୁ ହୋଇ ମିଠା ମିଠା ପବନ ବୋହୁଥାଏ । ଅଧା ଆଲୁଅ ଅଧା ଅନ୍ଧାର ଭିତରେ ମୁଁ ଚାଲିଁଥାଏ । ସେ ସମୟଟି ଯାହାକୁ କହନ୍ତି ଆଲୋକ-ଅନ୍ଧାରର ସନ୍ଧିକ୍ଷଣ । ହଠାତ୍ ଦେଖିଲି, ସ୍ୱର୍ଗର ଗୋଟିଏ ପାରିଜାତ କେଜାଣି କିପରି ଖସିପଡ଼ିଛି ଏହି ମର୍ତ୍ତ୍ୟର ବୁକୁରେ । ମୁଁ ତାକୁ ଛାତି ଉପରକୁ ତୋଳିନେଲି । ସ୍ୱର୍ଗର ଫୁଲ ତ ଏପରି ସଂସାରର ପାଣିପବନରେ ବଞ୍ଚିପାରିବ ନାହିଁ । ତେଣୁ ତାକୁ ଦେଇଦେଲି ସାରଦାଙ୍କର କୋଳରେ । ସେ ଥିଲେ ମନୁଷ୍ୟରୂପଧାରିଣୀ ଦେବୀ; ଦେଖିଲି ସେ'ହିଁ ହେବେ ତୋର ଉପଯୁକ୍ତ ମାଆ ।" ମହାରାଜ ଚୁପ୍ ରହିଲେ ।

"ଇଏ କଣ କହୁଛନ୍ତି ମହାରାଜ ! ତା'ହେଲେ ଆଜିପର୍ଯ୍ୟନ୍ତ ଯାହା ଶୁଣିଥିଲି, ସେସବୁ ମିଛ ? ମୁଁ ମୋ ମାଆଙ୍କର କେହି ନୁହେଁ ? ମୋର ପ୍ରକୃତ ପରିଚୟ ତା'ହେଲେ କିଛି ନାହିଁ !!"

"ତୋର ସବୁଠାରୁ ବଡ଼ ପରିଚୟ ହେଉଛି ତୁ ଈଶ୍ୱରଙ୍କର ସନ୍ତାନ । ଆଉ ଗୋଟିଏ କଥା; ତୁ ଜାଣୁ, ତଥାପି ମୁଁ ପୁଣିଥରେ କହିଦେଉଛି— ଯେ ପାଳନ୍ତି, ସେ ଜନ୍ମଦାତ୍ରୀ ଜନନୀଙ୍କଠାରୁ ମଧ ବଡ଼ । ଯେ ଜନ୍ମ ଦିଅନ୍ତି, ସେ କଷ୍ଟ ପାଆନ୍ତି ଥରଟିଏ; ଯେ ପାଳନ କରନ୍ତି ସେ କଷ୍ଟ ପାଆନ୍ତି ପ୍ରତି ମୁହୂର୍ତ୍ତରେ, ପ୍ରତିଦିନ, ପ୍ରତି ମାସ, ପ୍ରତି ବର୍ଷ । ଆମ ଶାସ୍ତ୍ରରେ ବି ଅଛି ଯେ, ଏ ଦୁଇ ମାଆ ସମାନ । ଅବଶ୍ୟ ଅଧିକାଂଶ ଲୋକ ଜଣକ ଭିତରେ ହିଁ ଏ ଦୁଇ ମାଆଙ୍କୁ ପାଇଥାନ୍ତି ।"

Digitized by srujanika@gmail.com

ଅମୃତା ମୁଣ୍ଡ ପୋତିଦେଇ ଅନେକ ସମୟ ପର୍ଯ୍ୟନ୍ତ ବସିରହିଲା । ଯଦିବା ସେ ଆଶ୍ରମରେ ମଣିଷ, ସାରଦାଦେବୀଙ୍କ ପରି ମାଆଙ୍କ କୋଳରେ ମଣିଷ, ମହାରାଜଙ୍କର ସ୍ନେହପାଳିତା, ତଥାପି ତା ମନଭିତରଟା କିମିତି ଗୋଟେ ହୋଇଗଲା ।

ହଠାତ୍ ମନେହେଲା, ତା ପାଦତଳୁ ମାଟିଗୁଡ଼ାକ ଖସିଯାଉଛି । ଆଖି ଆଗରୁ ଆଲୁଅ ଲିଭିଯାଉଛି । ଯାହା ଉପରେ ସେ ଠିଆ ହୋଇଥିଲା, ତାହା ଚୂରମାର ହୋଇ ଭାଙ୍ଗିପଡୁଛି ।

ତା ମୁହଁକୁ ଚାହିଁଦେଇ ମହାରାଜ ତା ମନର ଅବସ୍ଥା ବୁଝିପାରିଲେ । ଧୀରେ ଧୀରେ ତା ମୁଣ୍ଡ ଉପରେ ହାତ ରଖି କହିଲେ, ‘‘ତୋର ନିଶ୍ଚୟ ମନେଥିବ, ମହାରାଜ ସବୁବେଳେ କହି ଆସିଛନ୍ତି ସର୍ବଦା ସତ୍ୟ ଉପରେ ଠିଆ ହୁଅ । କଦାପି ସତ୍ୟଠାରୁ ଦୂରରେ ଠିଆ ହୁଅ ନାହିଁ । ଏବେ ମୁଁ ସେହିକଥା କହେ । ଆମେ ଈଶ୍ୱରଙ୍କର ସନ୍ତାନ । ତାହା ହିଁ ଆମର ସବୁଠାରୁ ବଡ଼ ପରିଚୟ । ସମାଜରେ ତା'ଠାରୁ ଛୋଟ ପରିଚୟକୁ ବଡ଼ ବୋଲି ଧରୁଥିବାରୁ ହିଁ ପୃଥିବୀରେ ଆଜି ଏତେ ଦୁଃଖ, ଏତେ କଷ୍ଟ, ଏତେ ଅନାଚାର । ଏ ଯେଉଁ ମଣିଷତିଆରି ଶୃଙ୍ଖଳ, ଏଇଟା ବଡ଼ ନୁହେଁ ଅମୃତା । ତେବେ ଏକଥା ଠିକ୍ ଯେ, ସ୍ୱର୍ଗର ପାରିଜାତକୁ ବଞ୍ଚାଇ ରଖିବାଲାଗି ମୁଁ ଓ ତୋ ମାଆ ଏହି ବାଟ ହିଁ ବାଛି ନେଇଥିଲୁ ।’’ ମହାରାଜ ଟିକିଏ ଅଟକିଲେ ।

‘‘ଭାବିଥିଲି, ସମୟ ଆସିଲେ ତତେ ସବୁକଥା କହିବି । ଆଜି ତୁ ନିଜ ଗୋଡ଼ରେ ଠିଆ ହୋଇପାରିଛୁ । ସାରଦାଙ୍କ ପରି ମାଆ ପାଖରେ ବଡ଼ ହୋଇଛୁ । ମୋର ସ୍ନେହ ପାଇଛୁ । ସବୁଠାରୁ ବଡ଼କଥା ହେଲା, ତୁ ପୂର୍ବଜନ୍ମର ପୁଣ୍ୟବଳରେ ଏପରି ନିର୍ମଳ ସ୍ୱଭାବ ପାଇଛୁ । ତୁ ସୀତା ସମାନ । ତେଣୁ ତତେ ଯେ ପାଇବାକୁ ଚାହିବେ, ତାଙ୍କୁ ରାମଙ୍କ ପରି ହେବାକୁ ପଡ଼ିବ । ତେବେ ଯାଇ ସେ ହେବେ ତୋର ଉପଯୁକ୍ତ ।’’

ଏତେ ସମୟ ପରେ ଅମୃତା ମୁହଁ ଟେକି ମହାରାଜଙ୍କ ଆଡ଼କୁ ଚାହିଁଲା । ମନେହେଲା, ତାଙ୍କର ଚକ୍ଷୁ ଓ ମୁଖମଣ୍ଡଳ ଦେଇ ଯେପରି ଗୋଟିଏ ଉଜ୍ଜ୍ୱଳ ଆଲୋକ ଝରିପଡୁଛି ।

‘‘ମହାରାଜ, ଆପଣଙ୍କ କଥା ଶୁଣି ପ୍ରଥମେ ମନଟା କିମିତି ଗୋଟେ ହୋଇ ଯାଇଥିଲା । ମୁଁ ପରିଚୟହୀନା, ମୁଁ କିପରି ସମସ୍ତଙ୍କ ଆଖି ଆଗରୁ ଧାଇଁ ପଳାଇବି, କେଉଁଠି ଲୁଚିଯିବି ତାହା ହିଁ ଭାବୁଥିଲି । କିନ୍ତୁ ଆପଣଙ୍କର ସବୁକଥା ଶୁଣିବା ପରେ ମୋର ସେ ଦ୍ୱନ୍ଦ୍ୱ ଦୂର ହୋଇଯାଇଛି । ମୁଁ ଅମୃତସ୍ୟ

Digitized by srujanika@gmail.com

ପୁତ୍ରୀ । ଦେବୀତୁଲ୍ୟ ମାଆଙ୍କ କୋଳରେ ବଡ଼ ହୋଇଛି । ଆପଣ ଭଗବାନଙ୍କର ପ୍ରତିଭୂ । ଆପଣଙ୍କ ସ୍ନେହର ଛାୟାରେ ମୁଁ ମଣିଷ ହୋଇଛି । ମୋ ପରି ଭାଗ୍ୟବତୀ ଆଉ କିଏ ଅଛି ? ଆପଣ ଠିକ୍ କହିଛନ୍ତି ।''

''ବଡ଼ ଆନନ୍ଦର କଥା ଯେ, ତୁ ସବୁ ବୁଝିପାରିଛୁ । ମୁଁ ଜାଣେ, ତୁ ପାରିବୁ । ତୁ ଯଦି ଏତକ ବୁଝି ନ ପାରନ୍ତୁ, ତେବେ ସାରଦା ସ୍ୱର୍ଗରେ ଥାଇ ମଧ୍ୟ ବ୍ୟର୍ଥତାର ଆଘାତ ପାଆନ୍ତେ । ଏଥର ତୁ ଯାହା ଠିକ୍ ବୁଝିବୁ, ସେଇଆ କର । ମୋର କିଛି କହିବାର ନାହିଁ ।''

''ମୁଁ ମନ ସ୍ଥିର କରିନେଇଛି ମହାରାଜ । ମୁଁ ମୋର ପୂର୍ବର ସଂକଳ୍ପ ରଖିବି । ମୁଁ ବିବାହ ନ କରି ସେବାଧର୍ମ ହିଁ ଗ୍ରହଣ କରିବି ।''

''ସଂସାରରେ ରହି ମଧ୍ୟ ଭଗବାନଙ୍କଠାରେ ମନ ରଖାଯାଇପାରେ ମାଆ; ସଂସାରରୁ ବାହାରେ ରହି ମଧ୍ୟ ରଖାଯାଇପାରେ । ଯଦି ଡଃ ରାଓ ସବୁକଥା ଜାଣିବା ପରେ ତତେ ସମ୍ମାନର ସହିତ ଗ୍ରହଣ କରନ୍ତି, ତେବେ ମୋର କୌଣସି ଆପତ୍ତି ନାହିଁ । ତୁ ଭାବି ଦେଖ ।''

ଅମୃତା ଧୀରେ ଧୀରେ ଉଠି ଠିଆହେଲା ।

''ରାତି ହୋଇଗଲା ମହାରାଜ । ମୁଁ ଯାଏଁ । ଆପଣଙ୍କୁ ମୁଁ ସବୁକଥା ଜଣାଇବି ।''

ସେ ପ୍ରଣାମ କରୁ କରୁ ମହାରାଜ ତା ମୁଣ୍ଡଟିକୁ ନିଜ ଛାତି ଉପରକୁ ଟାଣିନେଲେ, ''ଅମୃତା, ତୁ ଅମୃତ ବିତରଣ କରି ଚତୁର୍ଦ୍ଦିଗରେ ଶାନ୍ତି ସୁଖ ବିତରଣ କରିଦେ । ଏହା ହିଁ ପ୍ରାର୍ଥନା । ନିଜେ ପାଇବାଟା ତ ସାମାନ୍ୟ କଥା, ପରକୁ ଦେଇପାରିବା ହିଁ ସବୁଠାରୁ ବଡ଼ କର୍ମ, ସବୁଠାରୁ ବଡ଼ ଧର୍ମ ।''

Digitized by srujanika@gmail.com

ନଅ

ନିର୍ଦ୍ଦିଷ୍ଟ ବେଳରେ ନିର୍ଦ୍ଦିଷ୍ଟ ସ୍ଥାନରେ ଅନେକ ସମୟ ଅପେକ୍ଷା କରିବା ପରେ ମଧ୍ୟ ଅମୃତା ଯେତେବେଳେ ଆସିଲା ନାହିଁ, ସେତେବେଳେ ଡଃ ରାଓ ଧୀରେ ଧୀରେ ଫେରିଗଲେ ।

ଆଜି ସେ ବଡ଼ ଆଶା କରି ଆସିଥିଲେ ଯେ, ତାଙ୍କ ମନର କଥାଟି ଅମୃତାକୁ ଜଣାଇବେ ।

ସେ ଯଥେଷ୍ଟ ସମୟ ଦେଇ ଅନେକ ଭାବିଛନ୍ତି । ତରତର ହୋଇ କିଛି ଗୋଟିଏ ସ୍ଥିର କରିଦେବା ଲୋକ ସେ ନୁହନ୍ତି ।

ତାଙ୍କ ଭିତରେ ଦୁଇଟି ସତ୍ତା ରହିଛି । ବାହାରଟା ଯେପରି ପ୍ରାଣୋଚ୍ଛଳ, ଭିତରଟା ସେହିପରି ସ୍ଥିର, ଅଚଞ୍ଚଳ । ପଢ଼ାଶୁଣା ଭିତରେ ହିଁ ବୁଡ଼ି ରହିବେ ଏବଂ ବୁଡ଼ି ରହିଥିବେ ତାଙ୍କର ଛାତ୍ରଛାତ୍ରୀ ଓ ବନ୍ଧୁବାନ୍ଧବଙ୍କ ଭିତରେ– ଏହିପରି ଏକ ଜୀବନ ହିଁ ସେ ବାଛି ନେଇଥିଲେ ।

ଅମୃତାକୁ ଦେଖିବା ମୁହୂର୍ତ୍ତରୁ ମନରେ ଯେପରି ଅନ୍ୟ ଗୋଟିଏ ଭାବ ଦେଖାଦେଲା । ହଁ, ଅମୃତା ହିଁ ତାଙ୍କର ଉପଯୁକ୍ତ ସଙ୍ଗିନୀ । ବୋଧହୁଏ ସେ ଏତେଦିନ ଧରି ତାକୁ ହିଁ ଖୋଜୁଥିଲେ । ତାକୁ ପାଇଲେ ସେ ତାଙ୍କ ସାଧନାରେ ସିଦ୍ଧିଲାଭ କରିବେ ।

ପ୍ରଥମେ ମନେ ହେଉଥିଲା, ଦୁଇଜଣଙ୍କର ସ୍ୱଭାବରେ ଆକାଶ ପାତାଳ ପ୍ରଭେଦ ରହିଛି । କିନ୍ତୁ ସେ ଧୀରେ ଧୀରେ ବୁଝିଗଲେ, ଏ ପାର୍ଥକ୍ୟଟା କେବଳ ବାହ୍ୟ ଆବରଣରେ, ଅନ୍ତର ଭିତରଟି ଏକା । ଚିନ୍ତାଧାରା, ଜୀବନଧାରାରେ କୌଣସି ପ୍ରଭେଦ ନାହିଁ । ସେ ଏପର୍ଯ୍ୟନ୍ତ ଅନ୍ୟ କାହାରିକୁ ଏଭଳି ଦେଖିନାହାନ୍ତି ।

ଆଜି ତାକୁ ନ ଦେଖି ମନଟା ଚଞ୍ଚଳ ହୋଇଉଠିଲା । କାଲି କ୍ଲାସ୍‌ରେ ଦେଖିଥିଲେ । ଭଲ ଅଛି । ତେବେ ?

ଆସିଲା ନାହିଁ କାହିଁକି ?

କ'ଣ ସେ ଏପରି କିଛି କହିଦେଇଛନ୍ତି, ଯାହା ତାକୁ ଦୂରେଇଦେଲା ? ବା ଏପରି କିଛି ବ୍ୟବହାର ଦେଖାଇଛନ୍ତି ? ସେପରି ତ ଲାଗୁନି ।

Digitized by srujanika@gmail.com

ସେ କେବଳ କହିବେ ବୋଲି ଭାବିଥିଲେ । ତା'ହେଲେ ?

କ୍ଲାସ୍‌ରେ ତ ତାକୁ ଧରିହେବ ନାହିଁ । ପୁଣି କ୍ଲାସ୍ ସରିବା ପରେ ତ ସେ ଗୋଟିଏ ମିନିଟ୍ ବି ଠିଆ ହୁଏ ନାହିଁ । ଅନ୍ୟମାନଙ୍କର ଉପସ୍ଥିତିରେ କଥା ହେବା ତ ଠିକ୍ ହେବ ନାହିଁ ।

ଡଃ ରାଓ ଅନେକ ଦିନ ଚେଷ୍ଟା କରି ମଧ୍ୟ ଅମୃତା ଏକାଟିଆ ଥିବାବେଳେ ତା ସହିତ ସାକ୍ଷାତ କରିବା ସୁଯୋଗ ନ ପାଇ ହତାଶ ହୋଇଯାଇଥିଲେ । ବହିପତ୍ର ଥିଲା ତାଙ୍କର ସଙ୍ଗୀ, ବହିପତ୍ର ଥିଲା ପ୍ରାଣ । ଭଗବାନ୍ ତାଙ୍କୁ ସେତକ ଅକୃପଣ ହାତରେ ଦେଇଥିଲେ । ଅଧିକରୁ ଅଧିକ ଭଲ କରି ସେ ପରୀକ୍ଷା ପରେ ପରୀକ୍ଷା ପାସ୍‌କରି ଚାଲିଥିଲେ ।

ତା'ପରେ ଆସିଥିଲା ଆମେରିକା ଯିବାପାଇଁ ଆମନ୍ତ୍ରଣ । ବ୍ୟକ୍ତିଗତ ଜୀବନରୁ କିଛି ନ ପାଇବାଟା କ୍ରମେ ସ୍ୱଳ୍ପରୁ ସ୍ୱଳ୍ପତର ହେବାକୁ ଲାଗିଥିଲା । ଶେଷରେ ଧୀରେ ଧୀରେ ଶୂନ୍ୟ ହୋଇ ଉଭେଇ ଯାଇଥିଲା ।

ରହିଯାଇଥିଲା ଗୋଟିଏ ମାତ୍ର ସୂତ୍ର । କର୍ତ୍ତବ୍ୟ । ସେଇଟା ସେ ପୂରାପୂରି କରିଛନ୍ତି । ପ୍ରତି ସପ୍ତାହରେ ଖଣ୍ଡିଏ ଚିଠି ଏବଂ ମାସ ଶେଷରେ କିଛି ମୋଟା ଟଙ୍କା ନିୟମିତ ଭାବରେ ଯାଇ ତାଙ୍କ ଜନ୍ମଦାତାଙ୍କ ପାଖରେ ପହଞ୍ଚେ ।

କିନ୍ତୁ ଅମୃତାକୁ ଦେଖିବାଦିନୁଁ ତାଙ୍କର ମନେହେଲା, ପୃଥିବୀରେ କର୍ତ୍ତବ୍ୟ ଛଡ଼ା ଆହୁରି କିଛି ବି ଅଛି —ସ୍ନେହ, ମମତା, ଭଲ ପାଇବା । ଏସବୁକୁ ପୂରାପୂରି ଉଡ଼ାଇଦେଇ ହେବ ନାହିଁ ।

ଛୁଟିଦିନର ସକାଳଟା କେବେ ଆସିବ ବୋଲି ସେ ଦିନ ଗଣନ୍ତି । ନିର୍ଦ୍ଦିଷ୍ଟ ସ୍ଥାନଟିକୁ ଅମୃତା ଆସିବ । ଦୁହେଁ ପାଖାପାଖି ହୋଇ ଚାଲିବେ; ନ ହେଲେ ବସିବେ ।

ବେଳେବେଳେ କଥାଭାଷା କରିବେ, ପୁଣି ବେଳେବେଳେ ଯେ ଯାହା ଚିନ୍ତାରେ ବୁଡ଼ିରହିବେ । ତଥାପି ସାନ୍ନିଧ୍ୟର ଆବେଗଟି ଦୁହିଁଙ୍କ ମନରେ ରହିଯିବ ।

ଡଃ ରାଓ ଅମୃତାକୁ ନେଇ ମନେ ମନେ କେତେ କଣ କଳ୍ପନା କରନ୍ତି । କିନ୍ତୁ ଏ କଥାସାଗର ଲୋକଟି ଅସଲ ସ୍ଥାନକୁ ଆସିଗଲେ କିପରି ଗୋଟିଏ ହୋଇଯାଆନ୍ତି ।

ତେଣୁ କହିବେ କହିବେ ବୋଲି ମଧ୍ୟ କିଛି କହିପାରି ନାହାନ୍ତି ।

ତଥାପି ଏ କିଛିଦିନ ଭିତରେ ସେ ବୁଝିପାରିଛନ୍ତି ଯେ, ଅମୃତାକୁ ଛାଡ଼ିଦେଲେ ତାଙ୍କର ଜୀବନ ଅଚଳ ହୋଇଯିବ, ସେ ଚଳିପାରିବେ ନାହିଁ । ତା ସହିତ

Digitized by srujanika@gmail.com

ସେ ଜାଣନ୍ତି, ଅମୃତା ଏପରି ଭାବରେ ମଣିଷ ହୋଇଛି ଯେ, ସେ ସଂସାରରେ ରହି ମଧ୍ୟ ସଂସାର ବାହାରେ ରହିପାରିବ । ସେ ଅନ୍ତର୍ମୁଖିନୀ । ତାର ଯେଉଁ ମାନସିକ ଶକ୍ତି ରହିଛି, ସେ ଶକ୍ତି କଣ ତାଙ୍କଠାରେ ଅଛି ?

ସେ କଣ କରି ନ ବସିଲେ !

ସେ ନିଜକୁ ସର୍ବସ୍ୱାନ୍ତ କରିଦେଇ ଏପରି ଜଣକ ଭିତରେ ହଜାଇଦେଲେ, ଯାହାକୁ କିଛି ହିଁ କୁହାଯାଇପାରି ନାହିଁ । ଏବେ ସେ କରିବେ କଣ ?

ଯେକୌଣସି ପ୍ରକାରେ ଅମୃତାକୁ ଧରିବାକୁ ପଡ଼ିବ । ତାକୁ ବୁଝାଇବାକୁ ପଡ଼ିବ, ତାକୁ ଛାଡ଼ିଦେଲେ ବର୍ତ୍ତମାନ ତାଙ୍କର ଆଉ ନିଜର ବୋଲି କିଛି ନାହିଁ ।

ଏହା କିଛି ପ୍ରଥମ ଯୌବନର ପାଗଳାମି ନୁହେଁ । ଏହା କେବଳ ଦେହର ଆକର୍ଷଣ ନୁହେଁ । ଏହା ହେଉଛି ମନ ସହିତ ମନର ମେଳ ।

ଅମୃତାକୁ ବୁଝାଇବାକୁ ପଡ଼ିବ । ସେ ଯେପରି ଭାବରେ ଚଳିବାକୁ ଚାହୁଁଛି, ସେଥିରେ କୌଣସି ବ୍ୟତିକ୍ରମ କରିବା ଆବଶ୍ୟକ ନାହିଁ । ସେ ଯଦି ଚାହେ ଯେ, ତାଙ୍କୁ ମହାରାଜଙ୍କର ଶିଷ୍ୟ ହେବାକୁ ପଡ଼ିବ, ସେ ସେଥିପାଇଁ ପ୍ରସ୍ତୁତ ।

କିନ୍ତୁ ସେ ତାକୁ ଏକାକୀ କେଉଁଠି ପାଇବେ ଯେ ଏସବୁ ବୁଝାଇବେ ?

ଝିଅମାନଙ୍କର ହଷ୍ଟେଲକୁ ସେ ଯାଇପାରିବେ ନାହିଁ, ଗଲେ ଅମୃତାକୁ ଅନ୍ୟମାନଙ୍କ ଦୃଷ୍ଟିରେ ଛୋଟ କରିଦେବା ଭଳି ହେବ । ତାହା ସେ କଦାପି କରିପାରିବେ ନାହିଁ । ମଣିଷ ଯାହାକୁ ଭଲପାଏ, ତାକୁ ସମସ୍ତଙ୍କ ସମକ୍ଷରେ ସମସ୍ତଙ୍କଠାରୁ ଉଚ୍ଚସ୍ଥାନ ଦେବାକୁ ଇଚ୍ଛା କରେ । ଏହା ଏକ ସ୍ୱାଭାବିକ କଥା ।

ନାନା ଚିନ୍ତା ଭିତରେ ରାତି ପରେ ରାତି କଟିଯିବାକୁ ଲାଗିଲା । ଆଖିକୁ ନିଦ ଆସିଲା ନାହିଁ । ଅମୃତାର ଏପରି କୌଣସି ବନ୍ଧୁ ନାହିଁ, ଏପରି କୌଣସି ଆତ୍ମୀୟ ନାହାନ୍ତି, ଯାହା ପାଖକୁ ସେ ଯାଇପାରିବେ, ଯାହା ପାଖରେ ମନକଥା ଖୋଲି କହିପାରିବେ ।

ଏଡ଼େ ହସଖୁସିଆ ଲୋକ । ସେ କାହିଁକି ଏପରି ଗମ୍ଭୀର ହୋଇଯାଇଛନ୍ତି ? ଏକଥା ସମସ୍ତଙ୍କ ଦୃଷ୍ଟିରେ ପଡ଼ିଲା । ସମସ୍ତଙ୍କ ପୂର୍ବରୁ ପ୍ରଥମେ ପଡ଼ିଲା ଅମୃତା ଦୃଷ୍ଟିରେ ।

ତାର ଅନ୍ତର ବ୍ୟଥାରେ ପୂର୍ଣ୍ଣ ହୋଇଯାଇଛି —ତା ନିଜ ପାଇଁ ଓ ଡଃ ରାଓଙ୍କ ପାଇଁ । କିନ୍ତୁ ସେ ନିରୁପାୟ । ତାକୁ ବାଧ୍ୟହୋଇ ନିଜ ସଂକଳ୍ପରେ ଅଟୁଟ ରହିବାକୁ ପଡ଼ିବ ।

Digitized by srujanika@gmail.com

ଦିନେ ଯାଇ ମହାରାଜଙ୍କ ପାଖରେ ବସି ପଡ଼ୁ ପଡ଼ୁ ସେ ତାଙ୍କୁ ପଚାରିଲେ, "ଅମୃତା, ଏ ଭିତରେ ତ କିଛିଦିନ କଟିଗଲାଣି, କାହିଁ ତୁ ତ ମୋତେ କିଛି ଜଣାଇଲୁ ନାହିଁ ! ଜଣାଇବୁ ବୋଲି କହିଥିଲୁ ନା ?"

"ଜଣାଇବା ଭଳି କିଛି ଘଟି ନାହିଁ, ତେଣୁ ଜଣାଇନି ।"

"ମାନେ ?"

"ମୁଁ ଆଉ ଡଃ ରାଓଙ୍କ ସହିତ ଦେଖା କରିନି ।"

"ତାଙ୍କ ଭିତରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରୁଛୁ ?"

"ଦୂରରୁ ଦେଖିଲେ ମନେହେଉଛି, ସେ ବ୍ୟଥିତ ହେଉଛନ୍ତି ।"

"ସବୁକଥା କହି ଦେଖିଲେ କିପରି ହୁଅନ୍ତା ?"

"କି ଦରକାର ମହାରାଜ, ସବୁ କଥା ସହି ହୋଇଯାଏ; ବେଳ ଆସିଲେ ସେ ବାଟ ପାଇଯିବେ ।"

"ମୁଁ ସେକଥା ବୁଝିପାରୁଛି । କିନ୍ତୁ ଅମୃତା, ତୁ ତ ବଡ଼ କ୍ଲାନ୍ତକ୍ଲିଷ୍ଟ ଦେଖାଯାଉଛୁ । ମୁଁ ତତେ ଲକ୍ଷ୍ୟକରୁଛି, ଆଉ ମନେ ମନେ ଭାବୁଛି, ମୋର କିଛି ଭୁଲ ହୋଇଗଲା କି ? ମୁଁ ବି ତ ମଣିଷ !"

"ନା ମହାରାଜ, ଆପଣ ଠିକ୍ କରିଛନ୍ତି । ମୋ ମନରେ ଠିକ୍ ଆଘାତ ଲାଗିଛି । ତା'ସହିତ ଏକଥା ବି ଠିକ୍ ଯେ, ଆପଣଙ୍କର ଶିକ୍ଷା ମୋତେ ବାଟ ଦେଖାଇଦେଇଛି । ମୋ ପାଇଁ ଭାବିବେ ନାହିଁ ।"

ମହାରାଜ ଆଉ କିଛି କହିଲେ ନାହିଁ । ସମସ୍ୟାର ଯେ କିପରି ସମାଧାନ ହେବ, ସେ ତାର କୌଣସି ସୂତ୍ର ପାଉ ନ ଥିଲେ ।

ହଠାତ୍ ସେହି ସମାଧାନର ଏକ ପଥ ଖୋଲିଗଲା । ଅନେକ ଭାବିଚିନ୍ତି, ଅନେକ ଦିନ ଅପେକ୍ଷା କରିବାପରେ ଡଃ ରାଓଙ୍କର ମନେହେଲା, ଆରେ ହଁ ତ, ମହାରାଜଙ୍କ ପାଖକୁ ଗଲେ ଅମୃତା କଥା ଜାଣିହେବ । କହିବାକୁ ଗଲେ ସେ ହିଁ ତ ତାର ଗାର୍ଡ଼ିଆନ୍ ।

ଏପରି ଗୋଟିଏ ସାଧାରଣ କଥା ଆଜି ପର୍ଯ୍ୟନ୍ତ ତାଙ୍କ ମନକୁ ଆସି ନ ଥିଲା କିପରି ?

ମଣିଷ ବେଶି ଚିନ୍ତାରେ ପଡ଼ିଯାଇ ଯେତେବେଳେ ଉବ୍‌ଟୁବୁ ହୋଇଯାଏ, ସେତେବେଳେ ବୋଧହୁଏ ଏହିଭଳି ଦିଗହରା ହୋଇଯାଏ । ସହଜ ସରଳ କଥାଟିଏ ମଧ୍ୟ ମନେପଡ଼େନା ।

Digitized by srujanika@gmail.com

ଡଃ ରାଓ ମନେ ମନେ ହସିଲେ । ଏପର୍ଯ୍ୟନ୍ତ ତାଙ୍କୁ ସମସ୍ତେ ବୁଦ୍ଧିମାନ୍ ବୋଲି ହିଁ କହିଛନ୍ତି । କିନ୍ତୁ ବର୍ତ୍ତମାନ ତାଙ୍କର ବୁଦ୍ଧିର ଧାପ ଜଣାପଡ଼ିଗଲା । ସତରେ ତାଙ୍କର ଉପସ୍ଥିତ ବୁଦ୍ଧିର ଅଭାବ ।

ଗୋଟିଏ ଇଂରାଜୀ ପ୍ରବାଦ ମନେ ପଡ଼ିଗଲା । କମନ୍ ସେନ୍ସ ଅର୍ଥାତ୍ ସାଧାରଣ ଜ୍ଞାନକୁ ସାଧାରଣ ବୋଲାଯାଉଥିଲେ ମଧ୍ୟ ତାହା ଆଦୌ ସାଧାରଣ ବା କମନ୍ ନୁହେଁ । ଦୁନିଆରେ ଏହି ଜିନିଷଟିର ହିଁ ଯେତେକ ଅଭାବ । କିଏ ଯେ ପରିହାସ କରି ଏପରି ଗୋଟିଏ ନାଆଁ ଦେଇଥିଲା । ଏହି ଜିନିଷଟିର ଅଭାବ ହିଁ ସଂସାରର ଅର୍ଦ୍ଧେକ ଦୁର୍ଭାଗ୍ୟର କାରଣ ।

ଅନେକ ଭାବିଚିନ୍ତି ଡଃ ରାଓ ଯାଇ ଆଶ୍ରମରେ ପହଞ୍ଚିଗଲେ । ମହାରାଜଙ୍କର ସାକ୍ଷାତପ୍ରାର୍ଥୀ । ଜଣେ ବିଜ୍ଞ ପଣ୍ଡିତ ଭଦ୍ରବ୍ୟକ୍ତି ବୋଲି ମାନ୍ଦ୍ରାଜର ଚାରିଆଡ଼େ ତାଙ୍କର ନାଆଁ । ପ୍ରତ୍ୟକ୍ଷ ଆଳାପ ନ ହୋଇଥିଲେ ମଧ୍ୟ ସ୍ୱାମୀଜୀମାନେ ତାଙ୍କ ନାମ ସହିତ ସୁପରିଚିତ ।

ଏବଂ ଏପଟେ ମହାରାଜଙ୍କର ମନ କହୁଥିଲା, ଦିନେ ଡଃ ରାଓ ନିଜେ ଆସି ତାଙ୍କ ପାଖରେ ପହଞ୍ଚିଯିବେ ।

ସେ ଏ ପର୍ଯ୍ୟନ୍ତ ଦେଖି ଆସିଛନ୍ତି, ତାଙ୍କ ମନରେ ଯାହା ଉଠେ, ପ୍ରତ୍ୟେକ କ୍ଷେତ୍ରରେ ତାହା ହିଁ ଘଟେ । ଏହା ବୋଧହୁଏ ଆଜୀବନ ବ୍ରହ୍ମଚର୍ଯ୍ୟର ଗୋଟିଏ ଦୁର୍ଲଭ ଶକ୍ତି ।

"ଆସନ୍ତୁ ଡଃ ରାଓ ।" କୃଷ୍ଣା ରାଓ କୋଠରିରେ ପାଦ ଦେଉ ଦେଉ ମହାରାଜ ତାଙ୍କୁ ସାଦରେ ପାଛୋଟି ନେବାକୁ ହାତ ବଢ଼ାଇଦେଲେ ।

ଡଃ ରାଓ ପ୍ରଣାମ କରିସାରି ଆସନରେ ବସୁ ବସୁ ମହାରାଜ କହିଲେ, "ଆପଣଙ୍କୁ ଲେକ୍‌ଚର୍ ଦେବାପାଇଁ ଆମନ୍ତ୍ରଣ କରିବି ବୋଲି କିଛିଦିନ ହେଲା ଭାବୁଥିଲି, ଭଲ ହୋଇଛି ଆପଣ ସ୍ୱୟଂ ଚାଲିଆସିଛନ୍ତି । ଆପଣଙ୍କ ପରି ବିଜ୍ଞ ପଣ୍ଡିତଙ୍କର ଭାଷଣ ଶୁଣିବାଲାଗି ସମସ୍ତେ ଆଗ୍ରହୀ ।"

"ଇଏ କି କଥା କହୁଛନ୍ତି ମହାରାଜ ! ମୁଁ ବା କେତେଦିନର ମଣିଷ, କଣ ବା ଜାଣିଛି ! ଏଇଟା ତ ପ୍ରଥମ ସୋପାନ । ଜୀବନ ସାରା ସାଧନା କରି ଯେପରି କିଛି ଶିଖିପାରେ, ସେହି ଆଶୀର୍ବାଦ କରନ୍ତୁ ।"

"ବିଦ୍ୟା ବିନୟ ଦାନ କରେ । ଆପଣଙ୍କର କଥା ହିଁ ତାର ପ୍ରମାଣ । ଈଶ୍ୱର ଆପଣଙ୍କର ଆକାଙ୍‌କ୍ଷା ପୂର୍ଣ୍ଣ କରନ୍ତୁ ।"

Digitized by srujanika@gmail.com

କୃଷ୍ଣା ରାଓଙ୍କ ମନ ଭିତରେ ଭରିହୋଇ ରହିଛି ଅମୃତାର କଥା, କିନ୍ତୁ ଉପରେ ନାନା ଆଲୋଚନା ଚାଲିଛି । ଅସଲ ପ୍ରସଙ୍ଗକୁ ସେ କୌଣସି ପ୍ରକାରେ ଆସିପାରୁ ନାହାନ୍ତି । ଭିତରର କଥା ଉବୁକି ଆସି ଯେପରି ତୋଟି ପାଖରେ ଅଟକିଯାଉଛି ।

କଥାଟି କେଉଁଠାରୁ ଆରମ୍ଭ କରିବେ, କି ସୂତ୍ର ଧରି ଆରମ୍ଭ କରିବେ, ସେ କିଛି ସ୍ଥିର କରିପାରୁ ନାହାନ୍ତି ।

ମହାରାଜ ମନେ ମନେ ସବୁ ବୁଝିପାରୁଥିଲେ । କିନ୍ତୁ ସେ ଚାହୁଥିଲେ କଥାଟା ଡଃ ରାଓଙ୍କ ଆଡୁ ଆରମ୍ଭ ହେଉ ।

ଅମୃତା କଥାରୁ ସେ ବୁଝିପାରିଥିଲେ ଯେ, ସେ ଡଃ ରାଓଙ୍କୁ ଏଡ଼ାଇ ଚାଲିଛି । ବୁଝିପାରିଥିଲେ ଯେ, ଦୁହେଁ ଦୁହିଙ୍କୁ ଭଲ ପାଆନ୍ତି ଏବଂ ଏକଥା ବି ବୁଝିପାରିଥିଲେ ଯେ, ସେମାନଙ୍କର ଭଲପାଇବା ଭିତରେ କୌଣସି ଖାଦ ନାହିଁ ।

ଡଃ ରାଓଙ୍କୁ ଦେଖି ଏବଂ ତାଙ୍କ ସହିତ ଆଳାପ କରି ସେ ଏ ବିଷୟରେ ସ୍ଥିରନିଶ୍ଚିତ ହୋଇଗଲେ ।

ମନେ ମନେ ସେ ବ୍ୟଥା ଅନୁଭବ କରୁଥିଲେ —ଅମୃତା କାହିଁକି ସତ୍ୟ ସହିତ ମୁହାଁମୁହିଁ ହୋଇପାରୁ ନାହିଁ ?

କାହିଁକି ?

ତାର ଏତେଦିନର ଶିକ୍ଷା କଣ ତା'ହେଲେ ବୃଥା ? ମାଆ ସାରଦାଦେବୀଙ୍କ ମନରେ ଯେଉଁ ଶକ୍ତି ଥିଲା, ଝିଅ କଣ ସେହି ମାନସିକ ଶକ୍ତିରୁ କିଛି ପାଇ ନାହିଁ ?

ପୁଣି ଭାବିଲେ, ଏହା ବି ହୋଇଥାଇପାରେ ଯେ, ବୋଧହୁଏ ସଂସାରରେ ପଶିବ କି ନାହିଁ, ସେହି ଦ୍ୱନ୍ଦ୍ୱର ମୀମାଂସା ଏପର୍ଯ୍ୟନ୍ତ କରିପାରି ନାହିଁ ।

ବାହାରକୁ ଦିହେଁ ନାନା ବିଷୟରେ ଗଭୀର ଆଲୋଚନା କରୁଥିଲେ, କିନ୍ତୁ ମନ ଭିତରେ ଦୁଇଜଣଙ୍କର ଭାବନା ଥିଲା ପରସ୍ପର ବିପରୀତ ।

କୃଷ୍ଣା ରାଓଙ୍କର ଚିନ୍ତା ହେଲା, କେତେବେଳେ ଏବଂ କିପରିଭାବରେ ଅସଲ କଥାଟି ଆରମ୍ଭ କରିବେ ଏବଂ ମହାରାଜଙ୍କର ଚିନ୍ତା ହେଲା କୃଷ୍ଣା ରାଓ କେତେବେଳେ ଅସଲ କଥାଟି ପକାଇବେ ।

KASHASALI

Digitized by srujanika@gmail.com

ଡଃ ରାଓଙ୍କ ମନରେ ଅନ୍ୟ ଗୋଟିଏ ଦୁର୍ଭାବନା ରହିଥିଲା । ଅମୃତା ଯଦି ହଠାତ୍ ଆସି ପହଞ୍ଚିଯାଏ ? ସେ ତ ଏଠିକାର ଝିଅପରି, ଯେତେବେଳେ ଇଚ୍ଛା ସେତେବେଳେ ଚାଲି ଆସୁଛି । ସେ ଚାଲି ଆସିଲେ କ'ଣ କରାଯିବ ??

ତା'ହେଲେ ଆଉ କିଛି କହିହେବ ନାହିଁ ।

ଏତେଦିନ ଧରି ମନଭିତରେ ଚିନ୍ତା ପୋଷିରଖି ସେ ଯେପରି ଆଉ ସମ୍ଭାଳିପାରୁ ନାହାନ୍ତି । ସେଥିପାଇଁ ତ ମହାରାଜଙ୍କର ଶରଣାପନ୍ନ ହୋଇଛନ୍ତି ।

ଅନେକ ଘାତପ୍ରତିଘାତ ଭିତରଦେଇ ତାଙ୍କୁ ଜୀବନପଥରେ ଆଗେଇବାକୁ ପଡ଼ିଛି । ପାଖରେ ଠିଆ ହେବାଭଳି କାହାକୁ ପାଇନାହାନ୍ତି । ସକଳ ବାଧା ସତ୍ତ୍ୱେ ସେ ଆଗେଇଛନ୍ତି । ସମ୍ଭବତଃ ସେହିହେତୁ ତାଙ୍କଠାରେ ଈଶ୍ୱର ବିଶ୍ୱାସ ରହିଥିଲା । ସେଥିପାଇଁ ତ ସେ ଆଜି ମହାରାଜଙ୍କ ସମ୍ମୁଖରେ ଠିଆହେବାକୁ ସାହସ ପାଇଛନ୍ତି ।

ସେ ସବୁକଥା ଜାଣିବାକୁ ଚାହାନ୍ତି । ଅମୃତା କାହିଁକି ହଠାତ୍ ତାଙ୍କ ପାଖରୁ ଦୂରେଇ ଯାଇଛି ? ହଠାତ୍ ଏପରି କଣ ହୋଇଗଲା ? ତାଙ୍କ ଅଜାଣତରେ କଣ ବା ଏପରି ହୋଇଥାଇପାରେ ?

ମହାରାଜ ହିଁ ଏକମାତ୍ର ଲୋକ, ଯାହାଙ୍କଠାରୁ ନିର୍ଦ୍ଦିଷ୍ଟ କଥା ଜାଣିହେବ । ତେଣୁ ଡଃ ରାଓ ଆଉ ସମ୍ଭାଳି ନ ପାରି ଅନ୍ୟକଥା ମଝିରେ ହିଁ ହଠାତ୍ କହିପକାଇଲେ, "ମହାରାଜ, ଆପଣ ଯଦି ଅନୁମତି ଦିଅନ୍ତି, ତେବେ ଆପଣଙ୍କ ପାଖରେ ମୋର କେତୋଟି ପ୍ରଶ୍ନ ଅଛି । ସେସବୁ ପଚାରିବା ଯଦି ମୋର ଅନଧିକାର ଚର୍ଚ୍ଚା ବୋଲି ମନେକରନ୍ତି, ତେବେ ଦୋଷ ମାର୍ଜନା କରିବେ ।"

"ମୁଁ ଭଲ ଭାବରେ ଜାଣେ ଯେ, ଆପଣଙ୍କ ପରି ଲୋକ କଦାପି ଅନ୍ୟାୟ ପ୍ରଶ୍ନ ପଚାରିବେ ନାହିଁ । କଣ ପଚାରିବେ, ପଚାରନ୍ତୁ; କୌଣସି ଦ୍ୱିଧା କରନ୍ତୁ ନାହିଁ । ଲୋକଙ୍କ ମନର ଦ୍ୱିଧା ଓ ଦ୍ୱନ୍ଦ୍ୱର ମୀମାଂସା କରିବାକୁ ଚେଷ୍ଟା କରିବା, ସେମାନଙ୍କ ମନରେ ଶାନ୍ତି ଦେବା —ଏହା ହିଁ ତ ଆମର କାର୍ଯ୍ୟ । ଆମର ଗୁରୁଦେବ ଆମମାନଙ୍କୁ ସେହି କଥା ହିଁ କହିଯାଇଛନ୍ତି । ତାହା ହିଁ ଆମର ମନ୍ତ୍ର, ତାହା ହିଁ ଆମର ଧର୍ମ । କହନ୍ତୁ ଡଃ ରାଓ, କେଉଁ ବିଷୟ ଆପଣଙ୍କୁ ବ୍ୟଥିତ କରୁଛି, କହନ୍ତୁ ।"

"ମାନେ, ଅମୃତା ତ କହିବାକୁ ଗଲେ ଆପଣଙ୍କ ଆଶ୍ରୟରେ ହିଁ ମଣିଷ ହୋଇଛନ୍ତି ?"

ବାଧା ଦେଇ ମହାରାଜ କହିଲେ, "ସାରଦା ଦେବୀ ତାକୁ ମଣିଷ କରିଛନ୍ତି । ଅମୃତା ଆମ୍ଭମାନଙ୍କର ସ୍ନେହର ପାତ୍ରୀ ।"

Digitized by srujanika@gmail.com

"ହଁ ମହାରାଜ, ମୁଁ ତାହା ହିଁ କହିବାକୁ ଚାହୁଁଥିଲି । ସେ ମୋର ଛାତ୍ରୀ । ସେ ଆପଣଙ୍କୁ ମୋ ବିଷୟରେ କିଛି କହି ନାହାନ୍ତି ?"

"ହଁ, କହିନି କାହିଁକି, ନିଶ୍ଚୟ କହିଛି । ସେ ତ ମୋତେ ସବୁକଥା କହେ । ବିଶେଷକରି ସାରଦା ମରିଯିବା ପରଠାରୁ କୌଣସିଟି କଥା ସେ ମୋ ପାଖରେ ଗୋପନ ରଖେ ନାହିଁ ।"

"ତା'ହେଲେ ତ ମୋ କାମଟା ଅନେକ ସହଜ ହୋଇଗଲା । ତାଙ୍କଠାରୁ ବି ଶୁଣିଛି, ମାଆ ମରିଯିବାଦିନୁଁ ଆପଣ ହିଁ ତାଙ୍କର ଏକମାତ୍ର ଆପଣାର ଲୋକ ।"

ମହାରାଜ କୌଣସି ଉତ୍ତର ନ ଦେଇ ମନୋଯୋଗ ସହକାରେ ଡଃ ରାଓଙ୍କ କଥା ଶୁଣିଚାଲିଲେ ଏବଂ ତାଙ୍କ ମୁହଁକୁ ଚାହିଁରହି ତାଙ୍କୁ ବୁଝିବାକୁ ଚେଷ୍ଟା କଲେ ।

ଭଲଭାବରେ ବୁଝିଗଲେ ଯେ, ଡଃ ରାଓଙ୍କର ଅମୃତା ପ୍ରତି ଗଭୀର ପ୍ରେମ ରହିଛି ଏବଂ ଏକଥା ବି ବୁଝିଗଲେ ଯେ, ଏ ହେଉଛନ୍ତି ଅମୃତାର ଉପଯୁକ୍ତ; ସବୁ ଦୃଷ୍ଟିରୁ, ବିଶେଷକରି ମନୁଷ୍ୟତ୍ୱ ଦୃଷ୍ଟିରୁ ।

ଜୀବନରେ ସେ ଅନେକ ଲୋକଙ୍କ ସାନ୍ନିଧ୍ୟରେ ଆସିଛନ୍ତି, କିନ୍ତୁ ଏପରି ଲୋକ କମ୍ ହିଁ ଦେଖିଛନ୍ତି ।

ଡଃ ରାଓ କହିଚାଲିଲେ, "କିଛିଦିନ ହେଲା ଆମେ ଦୁହେଁ ପରସ୍ପର ମଧ୍ୟରେ ଦୂରତା କମାଇଦେଇ, ମାନେ ଭଲ ଭାବରେ ପରିଚିତ ହୋଇ, ଦେଖାଶୁଣା କରି ବୁଝିପାରିଛୁ ଯେ, ଆମର ମନୋଭାବ ଘନିଷ୍ଠ ଭାବରେ ମିଳିଯାଉଛି । ତାଙ୍କପରି ଝିଅ ପାଇଁ ମୁଁ ଅବଶ୍ୟ ଉପଯୁକ୍ତ ନୁହେଁ । ବୋଧହୁଏ ସେ ତାହା ବୁଝିପାରିଛନ୍ତି । ତେଣୁ କିଛିଦିନ ହେଲା ସେ ମୋତେ ଏଡ଼ାଇ ଚାଲିଛନ୍ତି । କିନ୍ତୁ ମହାରାଜ, ବିଶ୍ୱାସ କରନ୍ତୁ, ମୋ ଆଡ଼ୁ ମୁଁ ତାଙ୍କୁ କୌଣସି କଥା କହିନାହିଁ । ଭାବିଥିଲି କହିବି ଯେ, ମୁଁ ତାଙ୍କୁ ଜୀବନସଙ୍ଗିନୀ ରୂପେ ଗ୍ରହଣ କରିବାକୁ ଚାହେ । ସେ ସୁଯୋଗ ଆଉ ମିଳିଲା ନାହିଁ । କ୍ଲାସ୍‌ରେ ଦୂରରୁ ଦେଖେ । କିନ୍ତୁ ଆଗେଇଯାଇ କଥାଭାଷା କଲେ ନାନା ଗୁଜବ ଉଠିପାରେ; ସେପରି ପଦକ୍ଷେପ ନେବା ତ ମୋ ପକ୍ଷରେ ଠିକ୍ ହେବ ନାହିଁ । ତେଣୁ ଆପଣଙ୍କ ପାଖକୁ ଚାଲିଆସିଲି ।"

"ଆପଣ କଣ ଜାଣିବାକୁ ଚାହୁଁଛନ୍ତି ?"

"ସେ କାହିଁକି ମୋତେ ଏଡ଼ାଇ ଚାଲିଛନ୍ତି ? ମୋ କହିବା କଥା, ମୁଁ ଯଦି ତାଙ୍କର ଉପଯୁକ୍ତ ନୁହେଁ, ତା'ହେଲେ ମୁଁ ଉପଯୁକ୍ତ ହେବାପାଇଁ ଚେଷ୍ଟା କରିବି; ଚେଷ୍ଟା କଲେ ଅନେକ ଉନ୍ନତି କରିହୁଏ । ଆପଣ କଣ କହୁଛନ୍ତି ?"

Digitized by srujanika@gmail.com

''ନିଶ୍ଚୟ । କିନ୍ତୁ ଆପଣ ଠିକ୍ କଣ କହିବାକୁ ଚାହୁଁଛନ୍ତି, ସେକଥା କହିଲେ ନାହିଁ ଯେ !''

''ଠିକ୍ କହିଛନ୍ତି । ଦୟାକରି ଆପଣ ମୋତେ 'ତୁମେ' ବୋଲି ଡାକିବେ; ମୁଁ ଆପଣଙ୍କର ସ୍ନେହର ପାତ୍ର ।''

''ଠିକ୍ ଅଛି; 'ତୁମେ' ବୋଲି ହିଁ ଡାକିବି'' କହି ମହାରାଜ ଉତ୍ସୁକ ନୟନରେ ଚାହିଁରହିଲେ ।

''ମୁଁ ଅମୃତାକୁ ବିବାହ କରିବାକୁ ଚାହେ । ଏପର୍ଯ୍ୟନ୍ତ ଭାବିଥିଲି, ଜୀବନରେ ବିବାହ କରିବି ନାହିଁ । ସତ କହିବାକୁ ଗଲେ ଏଭଳି ଚଳିଯିବାଲାଗି ମୋର କୌଣସି ଅସୁବିଧା ନାହିଁ; ପଢ଼ି ପଢ଼ାଇ ଜୀବନଟା କଟାଇଦେବି । ଜ୍ଞାନର ଭଣ୍ଡାର ତ ଅସରନ୍ତି; ସେହିଥିରେ ହିଁ ଗୋଟିଏ ଜୀବନକାଳ କଟିଯିବ । କିନ୍ତୁ ଅମୃତାଙ୍କୁ ଚିହ୍ନିବାପରେ ମତ ବଦଳାଇଦେଲି । ବର୍ତ୍ତମାନ ମୁଁ କଣ କରିବି, ତାହା ଆପଣ ହିଁ କହନ୍ତୁ ମହାରାଜ !''

Digitized by srujanika@gmail.com

ଦଶ

"ତା ବିଷୟରେ ତୁମେ ସବୁକିଛି ଜାଣିଛ ?"

"ହଁ ତାଙ୍କଠାରୁ ହିଁ ଶୁଣିଛି, ଯଦିବା ସାରଦାଦେବୀ ତାଙ୍କୁ ପାଳିଥିଲେ, ଯଦିବା ସେ ତାଙ୍କୁ ମାଆ ବୋଲି ଡାକୁଥିଲେ, ପ୍ରକୃତରେ ସେ ତାଙ୍କ ମାଆ ନୁହନ୍ତି ।"

"ଆଉ କିଛି ଶୁଣିନା ?"

"ସବୁ ଶୁଣିଛି । ସେ ଜନ୍ମହେବା ପୂର୍ବରୁ ତାଙ୍କର ବାପା, ମାନେ ସାରଦା ଦେବୀଙ୍କର ଜଣେ ଅତି ଦୂରସମ୍ପର୍କୀୟ ଦିଅର ମରିଯାଇଥିଲେ । ପୁଣି ତାଙ୍କ ବୟସ ମାସେ ଖଣ୍ଡେ ହୋଇଛି କି ନାହିଁ, ତାଙ୍କ ମାଆ ବି ତାଙ୍କୁ ଛାଡ଼ିଦେଇ ଚିରଦିନଲାଗି ଚାଲିଗଲେ ।"

"ତୁମେ ତ ନିଶ୍ଚୟ ସାରଦା ଦେବୀଙ୍କ ବିଷୟରେ ସବୁକଥା ଶୁଣିଥିବ !"

"ସବୁ ଶୁଣିଛି ମହାରାଜ; ସେ ସଂସାରୀ ହୋଇ ମଧ୍ୟ ସନ୍ନ୍ୟାସିନୀ ଥିଲେ । ବୋଧହୁଏ ସେଥିପାଇଁ ଏ ମାଟି ସହିତ ଅମୃତାଙ୍କର ସଂଯୋଗଟା ଟିକିଏ ଭିନ୍ନ ପ୍ରକାରର ।"

"ଠିକ୍ ଧରିଛ । ସେ ଠିକ୍ ତା ସାରଦା ମାଆଙ୍କ ପରି ହୋଇଛି ।"

"ତା'ହେବା ତ ସ୍ୱାଭାବିକ । ମଣିଷ ଜନ୍ମରୁ ଯାହା ପାଖରେ ବଢ଼ିବ, ତା'ରି ପରି ହୋଇଯିବ ।"

"କୃଷ୍ଣା, ତୁମେ କଣ ଏ କଥା ବିଶ୍ୱାସ କର ଯେ, ଯେ ପାଳନ କରେ, ତାହାର ଧାରା ହିଁ ମନୁଷ୍ୟକୁ ବେଶୀ ପ୍ରଭାବିତ କରେ ?"

"ସେଇଟା ତ ସ୍ୱାଭାବିକ । ଯାହା ପାଖରେ ରହି ମନୁଷ୍ୟ ଛୋଟରୁ ବଡ଼ ହୁଏ, ତାର ଅନୁଭୂତି, ତା'ର ସବୁକିଛି ତାକୁ ପ୍ରଭାବିତ କରେ ।"

"ଅର୍ଥାତ୍ ତୁମେ ଯାହା କହୁଛ, ମଣିଷର ପିତାମାତା ଯାହା ହୋଇଥାନ୍ତୁ ନା କାହିଁକି, ସେମାନଙ୍କର ପ୍ରଭାବଟା ବଡ଼ ନୁହେଁ ।"

Digitized by srujanika@gmail.com

''ସେଇଆ ତ । ସେମାନଙ୍କର ପ୍ରଭାବ କିଛି ରହିଥାଇପାରେ, କିନ୍ତୁ ଯେ ପାଳନ କରନ୍ତି, ତାଙ୍କର ପ୍ରଭାବ ହିଁ ମୁଖ୍ୟ । ପାଳକ ପିତା ବା ମାତାଙ୍କର ପ୍ରଭାବ ହିଁ ବେଶୀ ପଡ଼େ ।''

''ଏଥିରେ ତୁମର ଆନ୍ତରିକ ବିଶ୍ୱାସ ରହିଛି ?''

''ନିଶ୍ଚୟ । ଏଥିରେ ଅବିଶ୍ୱାସ କରିବାର କଣ ଥାଇପାରେ ? ତା'ଛଡ଼ା ଆମ ହିନ୍ଦୁଧର୍ମ ମଧ୍ୟ ଯେ ଲାଳନପାଳନ କରନ୍ତି, ତାଙ୍କୁ ଜନ୍ମଦାତ୍ରୀଙ୍କ ସହିତ ସମାନ ଆସନ ଦିଏ ।''

ଟିକିଏ ରହିଯାଇ ଡଃ ରାଓ ହଠାତ୍ ପଚାରିଲେ, ''ମହାରାଜ, ଆପଣ ଏ ବିଷୟଟି ଏପରି ଭାବରେ ଆଲୋଚନା କରୁଛନ୍ତି କାହିଁକି ? ମୁଁ ତ ଏସବୁ ଜାଣେ ।''

''ମୁଁ ଯଦି କହେ ଯେ ତୁମେ ଅନେକ ବିଷୟ ଜାଣିନାହଁ; ମୁଁ ଯଦି କହେ ଯେ ଅମୃତାର ବାପା ଦୁଶ୍ଚରିତ୍ର, ମଦ୍ୟପ, ନୀଚ ପ୍ରକୃତିର ଲୋକ ଥିଲେ, କଣ ତୁମେ ତଥାପି କହିବ–ହଁ, ସେଥିରେ କଣ ଯାଏ ଆସେ ? ମୁଁ ତ ଅମୃତାର ପାଣିପ୍ରାର୍ଥୀ । ତା'ର ଯେଉଁ ବୟସ, ତା'ର ଗୋଟିଏ ନିଜସ୍ୱ ସତ୍ତା ଗଢ଼ିଉଠିଛି, ତାକୁ ମୁଁ ଚିହ୍ନେ । ମୁଁ ଜାଣେ ଯେ ସେହି ସତ୍ତାଟି ହିଁ ତାର ଅସଲ ସତ୍ତା । ସେ ଯେଉଁ ଅତୀତଟା ଛାଡ଼ି ଆସିଲା, ମୋ ପାଖରେ ତାହା କେବଳ ଅତୀତ ବା ସେ ଅତୀତଟା ଅସ୍ତିତ୍ୱହୀନ ।''

ମହାରାଜ ଟିକଏ ଚୁପ୍ ମାରି ବସିଗଲେ ।

କିଛି ସମୟ ପରେ ଧୀରେ ଧୀରେ କହିଲେ, ''ଧର ତା ମାଆ ଯଦି ପଦସ୍ଖଳିତା ହୋଇଥିବେ ? —ସେ ବିଷୟଟି ତୁମେ କିପରି ଭାବରେ ଗ୍ରହଣ କରିବ ?''

ସେତେବେଳକୁ ଡଃ ରାଓ ଅତ୍ୟନ୍ତ ବିଚଳିତ ହୋଇଗଲେଣି; —ମହାରାଜ କଣ କହିବାକୁ ଚାହୁଁଛନ୍ତି !

ଅମୃତାର ଜନ୍ମ ଯେପରି ସତରେ ଏକ ଅଜଣା ରହସ୍ୟରେ ଆବୃତ । ସେ ରହସ୍ୟଟାକୁ ଧୀରେ ଧୀରେ ଖୋଲିବାକୁ ଚେଷ୍ଟା କରୁଛନ୍ତି ମହାରାଜ ।

ସେ ବୁଝିପାରୁ ନାହାନ୍ତି କାହିଁକି ତାଙ୍କ ପାଖରେ ଅମୃତାର ପାରିପାର୍ଶ୍ୱିକ ପରିଚୟଟା ବଡ଼କଥା ନୁହେଁ ? ଅତୀତ କଥା ଜାଣିବାଲାଗି ତାଙ୍କର କୌଣସି ଆଗ୍ରହ ନାହିଁ ।

Digitized by srujanika@gmail.com

କିଏ କିପରି ଭାବରେ ଜନ୍ମ ହୋଇଥିଲା, କେଉଁଠୁ ଆସିଥିଲା, ସେଥିରେ ମୁଣ୍ଡ ଖେଳାଇବାର ମାନେ ନାହିଁ । ଉପ୍ରିଟା ଯେ ସବୁ କିଛି ନୁହେଁ, ନିଜେ କୃଷ୍ଣା ରାଓ ତ ତା'ର ପ୍ରମାଣ ।

ସେ ଯେଉଁଠାରୁ ଆସିଛନ୍ତି, ସେଠାରେ ବିଦ୍ୟାର ସ୍ଥାନ ନାହିଁ । ସରସ୍ୱତୀ ସେଠାରେ ଅବହେଳିତା । ଲକ୍ଷ୍ମୀଙ୍କ ସାଧନା ହିଁ ସେ ଘରର ମୂଳମନ୍ତ୍ର । ନିଜର ସ୍ୱାର୍ଥ ବ୍ୟତୀତ ସେ ଘରେ ଅନ୍ୟ ଚିନ୍ତା ନାହିଁ ।

ସେ ଭଲମନ୍ଦର ବିଚାର କରିବାକୁ ଚାହାନ୍ତି ନାହିଁ । ସେମାନଙ୍କ ସହିତ ତାଙ୍କର କୌଣସି ପ୍ରକାର ସାମଞ୍ଜସ୍ୟ ନାହିଁ, କୌଣସି ପ୍ରକାର ମେଳ ନାହିଁ । ତେଣୁ ସେ ନିଜ ଜୀବନରୁ ବୁଝିଛନ୍ତି ଯେ, ଯେ ଯାହାର ସଂସ୍କାର ନେଇ ଆସିଥାଏ; ଜନ୍ମଟା ଅନେକ ସମୟରେ ଏକ ଆକ୍ସିଡେଣ୍ଟ ।

''ତୁମେ ମୋର ଶେଷ ପ୍ରଶ୍ନର ଉତ୍ତରଟି ଏପର୍ଯ୍ୟନ୍ତ ଦେଲ ନାହିଁ ।'' ମହାରାଜ ମନ୍ତବ୍ୟ କଲେ ।

''ମୋର ତ ସେହି ଗୋଟିଏ ଉତ୍ତର ମହାରାଜ । ପ୍ରତ୍ୟେକ ମନୁଷ୍ୟ ତାର ଅତୀତ ଜନ୍ମର ସଂସ୍କାର ନେଇ ଜନ୍ମ ହୋଇଥାଏ । କିନ୍ତୁ ଦେଖାଯାଉଛି ସାଧୁର ପୁଅ ଡକାୟତ । ପୁଣି ଠିକ୍ ବିପରୀତ କଥା ମଧ୍ୟ ଘଟୁଛି । ତେଣୁ ଜନ୍ମଟା ବଡ଼ ନୁହେଁ; ମନୁଷ୍ୟଟି ବଡ଼ ।''

''ଯଦି ଏକଥା କହୁଛ, ତେବେ ସବୁକଥା ଶୁଣ । ମୁଁ ତାକୁ ନାମ ଦେଇଛି ଅମୃତା । ସେ 'ଅମୃତସ୍ୟ ପୁତ୍ରୀ' । ସେ ସ୍ୱୟଂ ବ୍ରହ୍ମାଙ୍କ ସନ୍ତାନ । ମୁଁ ତାକୁ ଗୋଟାଇ ଆଣିଥିଲି ଏକ ନୈସର୍ଗିକ ସନ୍ଧିକ୍ଷଣରେ ଏକ ଅଧା ଆଲୁଅ ଅଧା ଅନ୍ଧାରର ପୁଣ୍ୟ ପ୍ରଭାତରେ । ପଥପାର୍ଶ୍ୱର ଧୂଳିରୁ ମୁଁ ତାକୁ ଗୋଟାଇ ଆଣିଥିଲି ନିଷ୍ପାପ ଶିଶୁ ଅବସ୍ଥାରେ ।''

ଟିକିଏ ରହିଯାଇ ମହାରାଜ କହିଚାଲିଲେ, ''ଶିଶୁଟିର ଉପଯୁକ୍ତ ଦେବୀତୁଲ୍ୟ ମାତା ହାତରେ ହିଁ ତାକୁ ଟେକିଦେଇଥିଲି । ସତରେ ସାରଦା ଥିଲେ ଦେବୀତୁଲ୍ୟ । ମୋର ବଡ଼ ସ୍ନେହର ଶିଷ୍ୟା । ତା ସ୍ୱାମୀ ମଧ୍ୟ ଥିଲେ ଠିକ୍ ତା'ପରି । ସେ ବି ମୋର ଶିଷ୍ୟ । ଲୋକେ ଯେଉଁ ପରିଚୟ ଜାଣିଛନ୍ତି, ତାହା ମିଥ୍ୟା ।''

ପୁଣି ଥରେ ଟିକିଏ ରହିଯାଇ ସେ ଆରମ୍ଭ କଲେ, ''ସଂସାର ବଡ଼ କଠିନ । ଏହି କଠିନ ସଂସାରର ଆଘାତରୁ ଶିଶୁଟିକୁ ରକ୍ଷା କରିବାଲାଗି, ତାକୁ ମୁଣ୍ଡଟେକି ଠିଆହେବାରେ ସାହାଯ୍ୟ କରିବାଲାଗି ଏହି ମିଥ୍ୟାର ଆଶ୍ରୟ ନିଆଯାଇଥିଲା ।

Digitized by srujanika@gmail.com

ସାରଦା ମୋତେ ଦେବତାଜ୍ଞାନରେ ଭକ୍ତି କରୁଥିଲେ । ତେଣୁ ମୋ ନିର୍ଦ୍ଦେଶ ସେ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ସେ ଥିଲେ ନିଃସନ୍ତାନ । ସନ୍ତାନ ସ୍ନେହରେ ଲାଳିତାପାଳିତା ହୋଇ ଅମୃତା ମନୁଷ୍ୟ ହୋଇଛି । ତା'ଛଡ଼ା ତାର ପୂର୍ବ ପୁଣ୍ୟବଳରେ ହିଁ ସେ ଏପରି ମାଆଙ୍କର ଆଶ୍ରୟ ଲାଭ କରିଥିଲା । ଏ ସଂସାରରେ ମୋ ବ୍ୟତୀତ ଏବଂ ସାରଦା ବ୍ୟତୀତ ତୃତୀୟ ବ୍ୟକ୍ତି କେହି ଏ ରହସ୍ୟ ଜାଣି ନ ଥିଲେ । ଅମୃତା ବି ଜାଣି ନ ଥିଲା ।'' ମହାରାଜ ଅଟକିଲେ ।

କୃଷ୍ଣା ରାଓଙ୍କ ଆଖି ଆଗରୁ ଧୀରେ ଧୀରେ ଗୋଟିଏ ପତଳା ପରଦା ଘୁଞ୍ଚି ଯାଉଥିଲା । କଣ ଅମୃତା ଏକଥା କିଛି ଜାଣେ ? କଣ ସେଇଥିପାଇଁ ସେ ତାଙ୍କ ପାଖରୁ ଦୂରେଇ ଯାଉଛି ?

ତାଙ୍କ ଅନ୍ତର ବେଦନାରେ ପୂର୍ଣ୍ଣ ହୋଇଗଲା । ଗୋଟିଏ ଦିଗରେ ଅମୃତା ପାଇଁ ବେଦନା, ଅନ୍ୟ ଦିଗରେ ନିଜ ପାଇଁ । ଅମୃତା ତାଙ୍କୁ ଆଦୌ ଚିହ୍ନିପାରିଲା ନାହିଁ, ଟିକିଏ ବି ଚିହ୍ନିପାରିଲା ନାହିଁ ! ଇଏ କଣ ସାମାନ୍ୟ କଥା ! ଯାହାକୁ ସେ ପ୍ରାଣ ଦେଇ ଭଲ ପାଆନ୍ତି, ସେ ତାଙ୍କୁ ଚିହ୍ନେନା, ଜାଣେନା, ବୁଝେନା !!

''କଣ ଭାବୁଛ କୃଷ୍ଣା ? ଅମୃତା କାହିଁକି ତୁମ ପାଖରୁ ଦୂରେଇ ଯାଉଛି ବୁଝିପାରିଲ ତ ? ଏ ପର୍ଯ୍ୟନ୍ତ ସେ କିଛି ଜାଣି ନ ଥିଲା । ବୋଧହୁଏ ମୁଁ ମଧ୍ୟ ବର୍ତ୍ତମାନ ସବୁକଥା ଖୋଲି କହି ନ ଥାନ୍ତି । ଅବଶ୍ୟ ଏହା ନିଶ୍ଚିତ ଯେ, ମରିବା ପୂର୍ବରୁ ସତକଥାଟି ଜଣାଇ ଦେଇଥାନ୍ତି । କିନ୍ତୁ ସେ ଯେଉଁଦିନ ମୋତେ ତୁମ ବିଷୟରେ କହିଲା, ସେହିଦିନ ମୁଁ ତାକୁ ସବୁକଥା ଖୋଲି କହିଦେଲି ।''

''ସେ କାହିଁକି ମୋତେ ଏଡ଼ାଇ ଚାଲିଛନ୍ତି, ଏଥର ମୁଁ ବୁଝିଗଲି ।''

''ମୁଁ ତାକୁ ଏକଥା ବି କହିଦେଇଛି, —ତୁ ହେଉଛୁ ସୀତାଙ୍କ ପରି । ସୀତାଙ୍କୁ ଯେପରି ରାଜା ଜନକ ମାଟିତଳୁ ଗୋଟାଇ ପାଇଥିଲେ, ତତେ ବି ମୁଁ ସେହିପରି ପାଇଛି । ତୁ ସାଧାରଣ ଝିଅଙ୍କଠାରୁ ଊର୍ଦ୍ଧ୍ୱରେ, ତୁ ଅମୃତର ସନ୍ତାନ । ଡଃ ରାଓ ତୋର ଉପଯୁକ୍ତ କି ନା, ତାହା ଭାବି ଦେଖ ।''

''ଅମୃତା ଆପଣଙ୍କୁ କଣ କହିଲେ ?''

''ସେ ବି ମୋତେ ଭକ୍ତି କରେ । ତେବେ ଭାବୁଛି, ସଂସାରରେ ପଶିବ ନା ସଂସାର ବାହାରେ ରହି ସେବା କରି ଜୀବନ କଟାଇଦେବ, ସେ ବିଷୟରେ ଏ ପର୍ଯ୍ୟନ୍ତ ମନ ସ୍ଥିର କରିପାରି ନାହିଁ ।''

Digitized by srujanika@gmail.com

କୃଷ୍ଣା ରାଓ କିଛି ସମୟ ଚୁପ୍‌ ହୋଇ ବସି ରହିଲେ ।

ମହାରାଜ ମଧ୍ୟ ତାଙ୍କୁ ସେହି ସୁଯୋଗ ଦେଲେ । ଭଲ ଭାବରେ ଭାବିଚିନ୍ତି ଆଗେଇବା ଉଚିତ । ଅବଶ୍ୟ ଅମୃତା ମନରେ ଯନ୍ତ୍ରଣା ଦେବାକୁ ସେ ଚାହାନ୍ତି ନାହିଁ । ଅନ୍ତର୍ବେଦନା ପାଇଲେ ବି ଅମୃତାର ଠିଆହେବାର ଶକ୍ତି ରହିଛି । ସେକଥା ସେ ଭଲ ଭାବରେ ଜାଣନ୍ତି ।

"ତୁମେ ତ ସବୁ ଶୁଣିଲ । ସବୁକଥା ଭଲକରି ଭାବି ଦେଖ । ମୁଁ ଭାବୁଛି, ଅମୃତାର ଉପଯୁକ୍ତ ହେବା ବଡ଼ କଠିନ । ତା ଛଡ଼ା ତୁମେ ସଂସାରର ମନୁଷ୍ୟ । ସଂସାରର ଶୃଙ୍ଖଳା ବାହାରକୁ ପାଦ ବଢ଼ାଇବା ବଡ଼ କଷ୍ଟକର । ତେଣୁ ସଂସାରର ଶୃଙ୍ଖଳା ଭିତରୁ ବାହାରି ଆଗେଇ ଆସିବା ଯଦି ତୁମ ପକ୍ଷରେ କଷ୍ଟକର ହୁଏ, ତେବେ ମୁଁ କିଛି ମନେ କରିବି ନାହିଁ । କିନ୍ତୁ ତୁମକୁ ମୋର ଗୋଟିଏ ଅନୁରୋଧ ଯେ, ତୁମେ ଯାହାସବୁ ଶୁଣିଲ, ତାହା ଯେପରି ଦ୍ୱିତୀୟ କେହି ନ ଜାଣନ୍ତି । ଏସବୁ କଥା ଅମୃତାକୁ ଛାଡ଼ିଦେଲେ ତୁମ ଓ ମୋ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ । ତୁମେ ଆଉ ତା'ଆଡ଼କୁ ଅଗ୍ରସର ହୁଅ ନାହିଁ । ସେ ବେଶୀ କିଛି ଆଘାତ ପାଉ —ମୁଁ ତାହା ଚାହେ ନା ।"

ମହାରାଜ ଧୀରେ ଧୀରେ ଉଠି ଠିଆ ହୋଇପଡ଼ିଲେ ।

ଏ ପର୍ଯ୍ୟନ୍ତ କୃଷ୍ଣା ରାଓ ଯେପରି ଏକ ଆବେଶ ଭିତରେ ରହି ସବୁ ଶୁଣିଯାଉଥିଲେ । ମହାରାଜ ହଠାତ୍‌ ଠିଆ ହୋଇପଡ଼ିଲେ ଦେଖି ସେ ତାଙ୍କ ପାଦ ଧରିପକାଇ ବସିବାକୁ ଅନୁରୋଧ କଲେ ।

"ମହାରାଜ, ଟିକିଏ ବସନ୍ତୁ । ଆପଣଙ୍କୁ ଜଣାଇବାଲାଗି ମୋର ଆହୁରି ଅନେକ କଥା ରହିଯାଇଛି । କେତେ ଆଶା ନେଇ ଆପଣଙ୍କ ପାଖକୁ ଆସିଛି, ନିରାଶ କରିଦିଅନ୍ତୁ ନାହିଁ ।"

ତାଙ୍କ ମୁହଁକୁ ଚାହିଁଦେଇ ମହାରାଜଙ୍କ ମନରେ ଟିକିଏ ମାୟା ଚାଲିଆସିଲା । ସେ ଧୀରେ ଧୀରେ ବସିପଡ଼ିଲେ ।

"ମହାରାଜ, ଆପଣ କେବଳ ଆପଣଙ୍କର ସ୍ନେହର ପାତ୍ରୀର ଦୁଃଖଟା ଅନୁଭବ କଲେ । ମୋ ଦୁଃଖକଥା ତ ଭାବିଲେ ନାହିଁ । ଯେଉଁ ଅମୃତାଙ୍କୁ ମୁଁ ମୋର ସବୁକିଛି ସରା ଦେଇ ଦେଇ ଭଲ ପାଇଛି, ସେ ଅମୃତା ମୋତେ ଏତିକି ଟିକିଏ ବି ଚିହ୍ନି ପାରିଲେ ନାହିଁ ! ଏଇଟା ଯେ କେତେବଡ଼ ଆଘାତ, ଆପଣ ତାହା ନିଶ୍ଚୟ ଅନୁଭବ କରୁଥିବେ । ମୁଁ ତାଙ୍କୁ ଭଲ ପାଇଛି ।

Digitized by srujanika@gmail.com

ସେତିକି ଛଡ଼ା ମୋର ଅନ୍ୟ କିଛି ଜାଣିବା ଆବଶ୍ୟକ ନାହିଁ । ମୋ ଜୀବନକାହାଣୀ ଶୁଣନ୍ତୁ ।''

ଏହା କହି ସେ ନିଜ ଜୀବନର, ନିଜ ଘରର ସବୁକଥା ଖୋଲି କହି ପକାଇଲେ ।

''ନିଜକୁ ଲକ୍ଷ୍ୟକରି ହିଁ ମୁଁ ସବୁ ବୁଝିପାରିଛି । ମୋର କୌଣସି ଦ୍ୱିଧା ନାହିଁ । ଆପଣ ମୋତେ ଅମୃତାଙ୍କର ଯୋଗ୍ୟ ବୋଲି ମନେ କରୁଛନ୍ତି ନା ନାହିଁ ? —ବର୍ତ୍ତମାନ ମୁଁ କେବଳ ଏତିକି ଜାଣିବାକୁ ଚାହେ ।''

ଡଃ ରାଓ ମହାରାଜଙ୍କ ମୁହଁକୁ ଚାହିଁ ବସିରହିଛନ୍ତି । ମହାରାଜ ଏକଧ୍ୟାନରେ କୃଷ୍ଣା ରାଓଙ୍କୁ ଚାହିଁ ରହିଛନ୍ତି । ମନେହେଉଛି, ସତେ ଯେପରି ଶିବ ହାତ ପତାଇ ଭିକ୍ଷା ମାଗୁଛନ୍ତି ଦକ୍ଷରାଜକନ୍ୟା ସତୀଙ୍କୁ । ମୁଖର ଭାବ ସେପରି ଅସହାୟ ଏବଂ ଗୋଟିଏ ଦୃଷ୍ଟିରୁ ଶାନ୍ତ ।

ମହାରାଜ ସିଦ୍ଧାନ୍ତରେ ପହଞ୍ଚିଗଲେ । କୃଷ୍ଣ ଅମୃତାର ଉପଯୁକ୍ତ । ଉଭୟେ ଉଭୟଙ୍କର ଯୋଗ୍ୟ ।

''ଦେଖୁଛି, ତୁମେ ଦିହେଁ ଦିହିଁଙ୍କର ଉପଯୁକ୍ତ । ତୁମ ଉଭୟଙ୍କର ଜୟ ହେଉ । ମୁଁ ଅମୃତାକୁ ସବୁ କହିବି । ଆସନ୍ତା ଛୁଟିଦିନ ସକାଳେ ତୁମର ନିର୍ଦ୍ଦିଷ୍ଟ ସ୍ଥାନରେ ତୁମେ ତାକୁ ପାଇବ ।''

ମହାରାଜଙ୍କୁ ପ୍ରଣାମ କରି ମନରେ ଯଥାସମ୍ଭବ ଶାନ୍ତି ନେଇ କୃଷ୍ଣା ରାଓ ଫେରିଆସିଲେ ନିଜର ଫ୍ଲାଟ୍‌କୁ ।

ଦୁଇଟି ଫ୍ଲାଟ୍ । ତଳମହଲାରେ ରହନ୍ତି ଆଉଜଣେ ପ୍ରଫେସର । କଲିକତାରୁ ଆସିଛନ୍ତି । ଶ୍ରୀ ଓ ଶ୍ରୀମତୀ ରଣେନ୍ ପାଲିତ୍ । କେମେଷ୍ଟ୍ରି ପ୍ରଫେସର ।

ଉପରେ କୃଷ୍ଣା ରାଓ ଥାଆନ୍ତି ଏକାଟିଆ । ଅଳ୍ପଦିନ ଭିତରେ ଦୁହିଁଙ୍କ ମଧ୍ୟରେ ଖୁବ୍ ଭାବ ଜମିଯାଇଛି ।

''ବୁଝିଲ ବାଣୀ, କୃଷ୍ଣର କିଛି ନା କିଛି ଗୋଟେ ହୋଇଛି । ଆଗର ହସଖୁସିଆ ମଣିଷଟା କିମିତି ଗୋଟେ ବଦଳିଯାଇଛି ।''

''ସେଇଆ ତ, ମୁଁ ବି ଦେଖିପାରୁଛି । ମୁଁ ତାଙ୍କ ଚାକର ଭରଦ୍ୱାଜକୁ ପଚାରିଥିଲି —ଭରଦ୍ୱାଜ ତ ତାଙ୍କର ଏକମାତ୍ର ଚାକର । କିନ୍ତୁ ସେ ବିଚରା ସ୍ଥିର କରି କିଛି କହିପାରିଲା ନାହିଁ । ତେବେ କିଛିଦିନହେଲା ରାତି ହେଲେ

Digitized by srujanika@gmail.com

ଘରକୁ ଫେରୁଛନ୍ତି । ସକାଳୁ ବାହାରି ପଡୁଛନ୍ତି ବୁଲିଯିବେ ବୋଲି । ମୋଟେ କଥାଭାଷା କରୁ ନାହାନ୍ତି ।'' ବାଣୀ ମନ୍ତବ୍ୟ ଶେଷ କଲେ ।

''ସତରେ କୃଷ୍ଣାଟା ବଡ଼ ଚିନ୍ତାରେ ପକେଇଦେଇଛି । ଦେଶ ଛାଡ଼ି ଆସିବାପରେ ପ୍ରଥମେ ବଡ଼ ଖରାପ ଲାଗୁଥିଲା । କୃଷ୍ଣାକୁ ପାଇ ମନର ସେ ଭାବ ସଂପୂର୍ଣ୍ଣ ଦୂର ହୋଇଯାଇଛି । ଲୋକଟା ଭାଇଠାରୁ ବି ଅଧିକ ଆପଣାର ପରି ଲାଗେ ।''

ନିଜ ଭାଇ ତ କ୍ୟାନେଡ଼ାରେ ମେମ୍ ବାହାହୋଇ ମସ୍ତି କରୁଛି । ଦି ଚାରିମାସରେ ଥରେ ମାଆଙ୍କ ପାଖକୁ ଚିଠି ଖଣ୍ଡିଏ ଲେଖିଦେଲେ ଦାୟିତ୍ୱ ଶେଷ । ବାପାମାଆ ତ ବର୍ଦ୍ଧମାନରେ । ତେଣୁ କୃଷ୍ଣା ରାଓ ହିଁ ଦୁହିଁଙ୍କ ସ୍ଥାନ ଅଧିକାର କରିଛନ୍ତି ।

''ତା'ନୁହେଁ କ'ଣ, ତେବେ ତାଙ୍କର କ'ଣ ହୋଇଛି ଜାଣିବାଲାଗି କେତେଥର ପଚାରିଲିଣି, ଆମ ଘରକୁ ଟିକିଏ ଆସ ବୋଲି ଡକେଇ ପଠେଇଲିଣି । କିନ୍ତୁ କେବଳ କର୍ତ୍ତବ୍ୟଦୃଷ୍ଟିରୁ ଉତ୍ତର —ଭଲ ଅଛି; ଆସିବି, ଆସିବି ।''

''ନା ବାଣୀ, ମୋର କାହିଁକି ମନେହେଉଛି, କୃଷ୍ଣାଟା ମନଭିତରେ କିଛି ଗୋଟିଏ କଥା ଲୁଚାଇ ରଖିଛି ।''

ଠିକ୍ ଏତିକିବେଳେ ''ରଣେନ୍, କବାଟ ଖୋଲ । —କି ହୋ, କଥା କଣ ? କଣ ଇମିତି ଦିନରାତି ଚୁପ୍‌ଚାପ୍, ଫୁସ୍‌ଫାସ୍ ଚଲେଇଛ ?'' କହି କହି କୃଷ୍ଣା ରାଓ ପାଲିତଙ୍କ ଘର ଭିତରକୁ ପଶିଆସିଲେ । କହିଲେ, ''ବାଣୀ, ଚା ଖୁଆଅ ଆଉ ତା'ସହିତ ଗରମ ଗରମ ବରା ।''

''ଯାହାହେଉ, ଏତେଦିନକେ ବରଫ ତରଳିଛି । କଥା କଣ କୃଷ୍ଣା ? କାହା ତପସ୍ୟାରେ ଏତେଦିନ ବସିଯାଇଥିଲୁ ?'' ରଣେନ୍ ଚିତ୍କାର କରି ଉଠିଲେ ।

''ଏତିକି ବୁଝିପାରୁନା କିମିତି ମ ? ବୋଧହୁଏ କୌଣସି ରାଧିକାଙ୍କ ତପସ୍ୟାରେ ।'' ବାଣୀ ଟିପ୍ପଣୀ କଲେ ।

''ଏସବୁ କିନ୍ତୁ ଭଲକଥା ନୁହେଁ ବାଣୀ । ମାଗିଲି ଚାହା, ଆଉ ତୁମେ ବାଢ଼ି ଦେଉଛ କଣ ନା କଥାର ଫୁଲଝରି ! ତୁମର ଏସବୁ କଥା ଶୁଣିବାକୁ କାହାର ବା ଗରଜ ପଡ଼ିଛି ?''

''ବାଣୀ କଥାରେ ତ କଣ ଭାରି ଖପ୍‌ପା ହୋଇଯାଉଛ । କାନରେ ଆଉ କିଏ ମିଠାକଥା ଢାଳୁଛି ନା କଣ ?'' ବାଣୀ ପଚାରି ବସିଲେ ।

Digitized by srujanika@gmail.com

''ଓଃ, ମଣିଷ କି ହଇରାଣରେ ପଡ଼ିଲା ! ତୁମ ଭାଇଭଉଣୀଙ୍କ ଝଗଡ଼ା କଣ କୌଣସି ଦିନ ତୁଟିବ ନାହିଁ ନା ? ସୁନାଟି ପରା, ଆଗ ଚା' ବ୍ୟବସ୍ଥା କର ।'' ରଣେନ୍ ମଧ୍ୟସ୍ଥତା କଲେ ।

ବାଣୀ ଆଉ କିଛି ନ କହି ହସି ହସି ଯାଇ ରୋଷେଇଘରେ ପଶିଗଲେ ।

ମାନ୍ଦ୍ରାଜ ଆସି ଏ ଦୁଇଜଣଙ୍କ ମନ ମୋଟେ ଭଲ ନ ଥିଲା । ଏଯାବତ୍ ଦେଶରେ ରହି ଆସିଥିଲେ, ତେଣୁ ସବୁବେଳେ ଦେଶକୁ ଫେରିଯିବାର ଅଭିଳାଷ ।

ଏଠାକାର ଭାଷା ବୁଝିବା ଅତ୍ୟନ୍ତ କଷ୍ଟକର । କୃଷ୍ଣାଙ୍କୁ ପାଇ ଦୁଇଜଣଯାକ ଜାଣ ବଞ୍ଚିଗଲେ । ବିଶେଷ କରି ବାଣୀ; ସେ ଯେଉଁଦିନ କୃଷ୍ଣାଙ୍କ ସହିତ ବଙ୍ଗଳାରେ କଥାବାର୍ତ୍ତା କରିବାର ସୁଯୋଗ ପାଇଗଲେ, ତାର ଦିନ ଦୁଇଟା ଭିତରେ ସେ ତାଙ୍କୁ ଆପଣାର କରିନେଇଛନ୍ତି ।

କୃଷ୍ଣା ରାଓ କାହିଁକି କେଜାଣି, ଅନ୍ୟ ସମସ୍ତଙ୍କୁ ଛାଡ଼ିଦେଇ କେବଳ ଏହି ଦୁଇଜଣଙ୍କୁ ହିଁ ଆପଣାର ବୋଲି ମନେକରନ୍ତି । ଛୁଟିର ଅଧିକାଂଶ ସମୟ ସେ ଏହିମାନଙ୍କ ସହିତ କଟାଇଦିଅନ୍ତି । ରଣେନ୍ ଯେପରି ମନର ସବୁକଥା ତାଙ୍କୁ କହନ୍ତି, ସେ ସେହିପରି ସବୁକଥା ରଣେନ୍‌ଙ୍କୁ କହନ୍ତି । କେବଳ ଏହି ଅସଲ କଥାଟି ଖୋଲି କହିପାରି ନାହାନ୍ତି ।

ସେ ଯେ ପ୍ରତ୍ୟେକ ଛୁଟିଦିନ ସକାଳେ ଅମୃତା ସହିତ ବୁଲିବାକୁ ଯାଆନ୍ତି, ତାହା କେହି ଜାଣନ୍ତି ନାହିଁ ।

ଦିନେ ବାଣୀ ଧରିଥିଲେ, ''କି ହୋ କୃଷ୍ଣା, କଥା କଣ ? ଛୁଟି ହେଲାକ୍ଷଣି ରାତି ପାହାନ୍ତିଆରୁ କୁଆଡ଼େ ଇମିତି ବାହାରିପଡୁଛ ?''

ରଣେନ୍ ନିଜ ଅଜାଣତରେ କୃଷ୍ଣାଙ୍କୁ ବଞ୍ଚାଇ ଦେଇଥିଲେ, ''କାହିଁକି ? ବୁଲିବାକୁ ଯାଏ ମନେ ନାହିଁ ? ସେ କେତେଥର, କହିଛି ହାର୍ଭାର୍ଡ଼ରେ ଥିବାବେଳୁ ଖୁବ୍ ପାହାନ୍ତିଆରୁ ଉଠି ବୁଲିଯିବାର ଅଭ୍ୟାସ କରିଛି । ଏଠାକୁ ଆସି ସେ ଅଭ୍ୟାସ ଛାଡ଼ିଦେଇଥିଲା । ସେହି ପୁରୁଣା ଅଭ୍ୟାସଟାର ପୁନରାବୃତ୍ତି କରୁଛି, ନା ଆଉ କଣ ?''

''ସେ କଥା ତ ବୁଝିପାରୁଛି, କିନ୍ତୁ ଛୁଟିଦିନରେ କାହିଁକି ?''

''ନା, ନା; ତୁମକୁ ଆଉ ପାରିହେବନି ବାଣୀ । ଆହେ, ଅଭ୍ୟାସଟା ଯେତେ ଭଲ ହୋଇଥିଲେ ବି, ତାର ପୁନରାବୃତ୍ତି କରିବାକୁ ତ ପୁଣି ସମୟ ଲାଗିବ ନା ନାହିଁ ?''

Digitized by srujanika@gmail.com

କୃଷ୍ଣାଙ୍କୁ କୌଣସି ଉତ୍ତର ଦେବାକୁ ପଡ଼ିନାହିଁ । ତାଙ୍କୁ ଏ ଦୁଇପ୍ରାଣୀ ବଡ଼ ଭଲ ପାଆନ୍ତି । ଉଭୟେ ଏକାତାଳରେ କଥା କହନ୍ତି । ଦିହିଁଙ୍କି ଦିହେଁ ସାଦାସିଧା ଖୋଲାମନର ମଣିଷ ।

କୃଷ୍ଣା କେତେଥର କହିଛନ୍ତି, ''ବୁଝିଲ, ପୂର୍ବଜନ୍ମରେ ଆମେ ଆତ୍ମୀୟ-ସ୍ୱଜନ ଥିଲେ । ତା'ନ ହୋଇଥିଲେ ଦେଖା ହୋଇଯିବା ସଙ୍ଗେ ସଙ୍ଗେ ଏତେ ଆକର୍ଷଣ ଚାଲିଆସନ୍ତା କିପରି ?''

ମଝି ମଝିରେ ତିନିଙ୍କ ଭିତରେ ଗୋଟିଏ ଗୁରୁତର ଆଲୋଚନା ଆରମ୍ଭ ହୋଇଯାଏ —କୃଷ୍ଣା ପୂର୍ବଜନ୍ମରେ ବାଣୀଙ୍କର ଭାଇ ଥିଲେ, ନା ରଣେନ୍‌ଙ୍କର ଭାଇ ଥିଲେ ?

ଏତେ ଘନିଷ୍ଠ ଥିଲା ସେମାନଙ୍କର ମଧୁର ସମ୍ପର୍କ ।

ମହାରାଜଙ୍କ ସହିତ କଥାଭାଷା କରି ଆସିବା ପରଠାରୁ ଡଃ ରାଓଙ୍କ ମନଟା ବଡ଼ ହାଲୁକା ଲାଗୁଥିଲା ।

ତଥାପି ସେ ଅସଲ କଥାଟି ଏଡ଼ାଇଦେଲେ । ଏମାନେ ବି ନିଜର ପୂର୍ବ କୃଷ୍ଣାକୁ ଫେରିପାଇ ଆଉ କଥା ଘାଣ୍ଟିବାକୁ ଚାହିଲେ ନାହିଁ । ପୂର୍ବପରି ତିନିହେଁ ଖାଇପିଇ ହୋ-ହଲ୍ଲା କରି ଯେ ଯାହା ଘରକୁ ଚାଲିଗଲେ ।

ପରବର୍ତ୍ତୀ ଛୁଟିଦିନ ଡଃ ରାଓ ନିର୍ଘଣ୍ଟ ସମୟର ଟିକିଏ ଆଗରୁ ହିଁ ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଗଲେ ।

ଅମୃତାର ଦେଖା ନାହିଁ ।

ସେ କ'ଣ ଆସିଲା ନାହିଁ ? ନ ଆସିବାର କାରଣ ? ମହାରାଜ ତ କହିଛନ୍ତି, ସେ ତୁମକୁ ଭଲପାଏ ।

Digitized by srujanika@gmail.com

ଏଗାର

ହାତଘଡ଼ିକୁ ଚାହିଁଦେଇ କୃଷ୍ଣା ଦେଖିଲେ, ସମୟ ହୋଇ ନାହିଁ । ସେ ଟିକିଏ ସଅଳ ଚାଲିଆସିଛନ୍ତି । ଦୂରରେ ଦେଖାଗଲା, ଅମୃତା ସେ ଆଡ଼କୁ ଆସୁଛି ।

ସେହି ଶାନ୍ତସ୍ନିଗ୍ଧ ଅମୃତା ।

ମୁଗ୍ଧ ନୟନରେ ଚାହିଁ ରହିଲେ ଡଃ ରାଓ ।

"ଚାଲନ୍ତୁ, ଟିକିଏ ସମୁଦ୍ର ଆଡ଼େ ବୁଲିଆସିବା ।"

କେଡ଼େ ଟିକିଏ କଥା । କିନ୍ତୁ ଡଃ ରାଓଙ୍କର ମନେହେଲା, 'ସେ ଯେପରି ଜୀବନରେ କେବେ ଏପରି ମଧୁର କଥା ଶୁଣି ନ ଥିଲେ । ଏହିପରି ଟିକିଏ କଥା ଶୁଣିବାପାଇଁ ମଣିଷ ସାରା ଜୀବନ ଅପେକ୍ଷା କରି ରହିଯାଇପାରେ ।

କାହାରି ମୁହଁରେ କଥା ନାହିଁ । ଚାଲୁ ଚାଲୁ କେତେବେଳେ ଯେ ଆସି ସମୁଦ୍ର କୂଳରେ ବସିପଡ଼ିଲେଣି, ମନେ ନାହିଁ; ଇଏ ଏକ ବିଚିତ୍ର ଅନୁଭୂତି ।

ଅମୃତା ପାଟିରୁ ହିଁ ପ୍ରଥମେ କଥା ବାହାରିଲା, "ମହାରାଜ ମତେ ସବୁକଥା କହିଛନ୍ତି । ସେ ମତ ଦେଇଛନ୍ତି ।"

"ତୁମେ ?"

"କାହିଁକି ? ଆପଣ କଣ ମୋ ମନକଥା ବୁଝିନାହାନ୍ତି ?"

"ତା'ହେଲେ ତୁମେ ଇମିତି ଦୂରେଇ ଯାଇଥିଲ କାହିଁକି ?"

"ଆପଣ ନିଜକୁ ବୁଝନ୍ତୁ ବୋଲି ସମୟ ଦେଇଥିଲି ।"

"ମୋତେ ପରୀକ୍ଷା କରୁଥିଲ ?"

ଅମୃତା ଚୁପ୍ ରହିଲା ।

"କହ ଅମୃତା, ମୁଁ ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଛି ନା ନାହିଁ ?"

"ମୋର କେବଳ ଗୋଟିଏ କଥା ପଚାରିବାକୁ ବାକି ଅଛି । ବାପାଙ୍କୁ କ'ଣ କହିବେ ?"

"ତାଙ୍କୁ ବେଶୀ କିଛି କହିବାକୁ ପଡ଼ିବ ନାହିଁ । ସାରଦାଦେବୀଙ୍କ ଝିଅ ବୋଲି ଶୁଣିଦେବା କ୍ଷଣି ସେ ମୋତେ ତ୍ୟାଜ୍ୟପୁତ୍ର କରିଦେବେ । ସେ କାମ

Digitized by srujanika@gmail.com

ସେ ଅନେକଥର କରିଛନ୍ତି । ଅବଶ୍ୟ ଟଙ୍କା ଦେବାବେଳକୁ କିଛି ବାଧେ ନାହିଁ । ଏବେ ବି ବାଧିବ ନାହିଁ ।''

''ମାଆଙ୍କର ଝିଅ ବୋଲି ଜାଣିଲେ ଆପତ୍ତି କରିବେ କାହିଁକି ?''

''ଆମର ପରା ଭିନ୍ନ ଜାତି । ଏହିସବୁ କଥା ଭାବି ତୁମେ ଦୂରେଇ ଯାଇଥିଲ ଅମୃତା ?'' ଏ କିଛିଦିନ ମୁଁ ଯେ କି ମରଣ ଯନ୍ତ୍ରଣାରେ ସଢ଼ିଛି, ତୁମେ ତାହା ଜାଣ ?'' କହି କୃଷ୍ଣା ରାଓ ଦୁଇ ହାତରେ ଅମୃତାର ଗୋଟିଏ ହାତ ଚିପି ଧରିଲେ ।

ଅମୃତା ଆଖିରେ ଲୁହ । ''ମୁଁ ବି ବଡ଼ ଯନ୍ତ୍ରଣା ପାଇଛି । ମାଆଙ୍କ ଯିବା ପରଠାରୁ ଏଭଳି ଯନ୍ତ୍ରଣା ପାଇ ନ ଥିଲି ।''

କହୁ କହୁ ଅମୃତାର ମୁଣ୍ଡଟି ଧୀରେ ଧୀରେ କୃଷ୍ଣାଙ୍କ କାନ୍ଧ ଉପରେ ଢଳିପଡ଼ିଲା । କୃଷ୍ଣା ତାକୁ ଧୀରେ ଧୀରେ ପାଖକୁ ଟାଣି ଆଣିଲେ । କେତେ ସମୟ ଯେ ଏପରି କଟିଗଲା, କେହି ଜାଣିପାରିଲେ ନାହିଁ ।

ଦେହରେ ଖରା ପଡ଼ି ତାତି ଲାଗିବାରୁ ଅମୃତା କହିପକାଇଲା, ''ସତେ ତ ! କେତେ ବେଳ ହୋଇଗଲାଣି, କେହି ଯଦି ଦେଖିଦିଏ ନା... ।''

''ଆଜି ଆଉ ଭୟ ନାହିଁ । ଆଜି ମୋର ଇଚ୍ଛା ହେଉଛି, ସମସ୍ତଙ୍କୁ ଡାକି ଡାକି କହି ବୁଲିବି —ଶୁଣ, ଏହି ଧରାପୃଷ୍ଠରେ ହିଁ ରହିଛି ସ୍ୱର୍ଗ, ଆମେ ଦୁହେଁ ସେ ସ୍ୱର୍ଗ ଗଢ଼ିବୁ ।''

ଅମୃତା କଥାରେ ଯେପରି ଅନ୍ୟ ଏକ ସ୍ୱର ବାଜିବାକୁ ଆରମ୍ଭ କରିଛି । ସୁନାକାଠିର ସ୍ପର୍ଶରେ ଯେପରି ଘୁମନ୍ତ ରାଜକୁମାରୀ ନୂତନ ପ୍ରାଣ ପାଇଯାଇଛି ।

''ଯଥେଷ୍ଟ ହୋଇଗଲା, ଏଥର ଉଠ । ମତେ ଯାଇ ମହାରାଜଙ୍କୁ ସବୁକଥା କହିବାକୁ ପଡ଼ିବ ।''

''ମୋତେ ଯାଇ ମହାରାଜଙ୍କୁ ସବୁକଥା କହିବାକୁ ପଡ଼ିବ ।''

''ମାନେ ?''

''ମାନେଟା ତ ପରିଷ୍କାର । ମହାରାଜ ତୁମକୁ ଖୁବ୍ ସ୍ନେହ କରନ୍ତି, ମାନୁଛି । କିନ୍ତୁ ତା'ସହିତ ମୋତେ ବି ଟିକିଏ ସ୍ନେହ କରନ୍ତି, ମୁଁ ତୁମଠାରୁ କିଛି ଭାଗ ମାରିନେଇଛି ।''

Digitized by srujanika@gmail.com

ଦିହେଁ ଏକାଠି ହସିଉଠିଲେ ।

ସେମାନଙ୍କଠାରୁ କିଛି ଦୂରରେ ବସିଥିଲେ ଦୁଇଟି ପକ୍ଷୀ ନିବିଡ଼ ଭାବରେ । ସେମାନଙ୍କର ଅଙ୍ଗରେ ବି ଲାଗିଗଲା ଉଛୁଳା ଆନନ୍ଦର ସ୍ପର୍ଶ । ସେ ଦୁଇଟି ଡେଣା ମେଲି ଉଡ଼ିଗଲେ ଆକାଶର ବୁକୁ ଭିତରକୁ ।

ତା ପରଦିନ ମହାରାଜଙ୍କଠାରୁ ଅନୁମତି ନେଇ ଦୁହେଁ ଏକାଠି ଯାଇ ତିନିମାସିଆ ନୋଟିସ୍ ଦେଇଆସିଲେ । ଇଣ୍ଡିଆନ୍ ସ୍ପେସେଲ୍ ମ୍ୟାରେଜ୍ ଆକ୍ଟ ଅନୁଯାୟୀ ବିବାହ ପାଇଁ ତିନିମାସ ଅପେକ୍ଷା କରିବାକୁ ହୁଏ ।

ଏଥର ଖବରଟା ପବନଠାରୁ ଅଧିକ ବେଗରେ ଉଡ଼ିଚାଲିଲା । କୃଷ୍ଣା ରଣେନ୍ ଓ ବାଣୀଙ୍କୁ କଥାଟା କହିଥିଲେ । ତାଙ୍କର ନିଜର ଲୋକ କହିଲେ ତ କେବଳ ସେହିମାନେ । କଥାଟା ଶୁଣୁ ଶୁଣୁ ବାଣୀ ତାଳରେ ପଡ଼ି ନଡ଼ିଆରେ ଡେଇଁଥିଲେ ।

''ସତ କହିବାକୁ ଗଲେ ଅମୃତାର ତ କେହି ନାହିଁ । ମୁଁ ହେବି ବରଘର ପିଉସୀ ଓ କନ୍ୟାଘର ମାଉସୀ । ବୁଝିଲ କୃଷ୍ଣା, ତୁମକୁ କିଛି ଚିନ୍ତା କରିବାକୁ ପଡ଼ିବ ନାହିଁ ।''

''ମୁଁ କିନ୍ତୁ ସଫା ସଫା କହିଦେଉଛି, ମୁଁ କନ୍ୟାକର୍ତ୍ତା ହେବି ।''

ରଣେନ୍ କହିଥିଲେ ।

ତା ସହପାଠିନୀମାନେ ତ ଯାହା କହନ୍ତି ଆକାଶରୁ ଖସି ପଡ଼ିଥିଲେ ।

''ହଇଲୋ, ଭିତରେ ଭିତରେ ଏତେ !!''

କିଏ ହୋଇଥିଲା ଖୁସୀ କିଏ ବା ଦୁଃଖିତ ।

କୃଷ୍ଣା କରଛଡ଼ା ହୋଇଗଲେ ବୋଲି କାହା କାହା ମନରେ ଜଳି ଉଠିଥିଲା ଈର୍ଷା ଓ ହିଂସାର ଜ୍ୱାଳା ।

''ଛିଃ ଲୋ ଛୋପରି ! ଯୋଉ ତ ରୂପ ! ସେଥିରେ ପୁଣି ତିନି କୁଳରେ କେହି ବୋଲି କେହି ନାହିଁ । ମରଦଗୁଡ଼ାକ କି ଯେ ବୋକା ! ନୁହଁ ଲୋ ?''

''ସିମିତି ଆଉ କହନା ମ । ଆଲୋ ଅମୃତା ଭଳିଆ କେତେଟା ଝିଅ ଅଛନ୍ତି କି ? ଆମେ ତ କାହିଁ ଜଣକୁ ବି ଦେଖିପାରୁନୁ !''

''ଆଲୋ ଡଃ ରାଓଙ୍କ ଆଖି ବି ଠିକ୍ ତମରି ଆଖିପରି ହୋଇଥିବ । ସେଇଥିପାଇଁ ତ ଏ ଦଶା ।''

Digitized by srujanika@gmail.com

ନାନା ଲୋକଙ୍କର ନାନା କଥା ଯେ ଅମୃତା କାନରେ ଆସି ନ ପଡ଼ିଲା, ତା ନୁହେଁ । କିନ୍ତୁ ସେ ତ ଆଉ ଶାନ୍ତ ବାଳିକାଟିଏ ନୁହେଁ । ତା ଭିତରେ ବି ଯେପରି ପ୍ରାଣସଞ୍ଚାର ହୋଇଯାଇଛି । ମନଟା କୃଷ୍ଣାଙ୍କ ଭାବନାରେ ପୂର୍ଣ୍ଣ ।

ରାତିରେ ମାଆଙ୍କ କଥା ମନେପଡ଼େ । ବଞ୍ଚିଥିଲେ କେଡ଼େ ଖୁସି ନ ହୁଅନ୍ତେ !

ଅମୃତା ଆଜିକାଲି ପ୍ରାୟ ବାଣୀଙ୍କ ଘରକୁ ଯାଏ । ସେଠାରେ କୃଷ୍ଣାଙ୍କ ସହିତ ଦେଖାହୁଏ ।

ଦିନେ ବାଣୀ କହିଲେ, ‘‘କି ହୋ କନ୍ୟାକର୍ତ୍ତା, ଜିନିଷପତ୍ର କିଣାକିଣି କେବେ ହେଉଛି ? ଝିଅ ବାହାଘର କଣ ଇମିତିରେ ହୋଇଯାଏ ? ତୁମେ ତ ଏଯାଏଁ କିଛି କଲନି ! ମୁଁ ସବୁ ଲିଷ୍ଟ୍ କରି ରଖିଦେଇଛି ।’’

‘‘ଆରେ ସତେ ତ ! ମୋର ଭୁଲ ହୋଇଯାଇଛି,’’ ରଣେନ୍ କହିଥିଲେ ।

‘‘ଆହା ଲୋ ମୋ କନ୍ୟାକର୍ତ୍ତା ! ଖାଲି ମୁହଁ ଭୁରୁଡ଼ି ମାରିଲେ ହେବନି । ଥୋ ପଇସା, ଖା ଦହି । ଖାଲି ଇମିତି ଫାଙ୍କି ମାରିବାକୁ ମୁଁ ଦେବିନି ।’’

ରଣେନ୍ ଗୁଡ଼ାଏ ଟଙ୍କା ଦେଇଥିଲେ । କୃଷ୍ଣା ବି । ଅମୃତାକୁ ପଇସାଟିଏ ବି ଖର୍ଚ୍ଚ କରିବାକୁ ଏମାନେ ଦେଇ ନାହାନ୍ତି ।

ଖର୍ଚ୍ଚ କରିବାଲାଗି ତା ପାଖରେ ସେପରି ଥିଲା ବା କଣ ? ସାରଦା ଦେବୀଙ୍କର ଯତ୍‌ସାମାନ୍ୟ ଇନ୍‌କମ୍ ଉପରେ ହିଁ ତ ଅମୃତା ଏତେଦୂର ଆଗେଇ ଆସିଥିଲା ।

ବାଣୀ ଥିଲେ ସିଲେଇରେ ଓସ୍ତାଦ୍ । ସେ କାମଟା ସେ ନିଜେ ସମ୍ଭାଳି ନେଇଥିଲେ । ତା ଛଡ଼ା ଅମୃତାର ବନ୍ଧୁ ଓ ବାନ୍ଧବୀମାନେ ମଧ୍ୟ ସାହାଯ୍ୟ କରିଥିଲେ ।

ଅମୃତାର ଆଖି ଆଗରେ ସେଦିନର ଘଟଣାଗୁଡ଼ିକ ଏପରି ଭାବରେ ଭାସି ଉଠୁଥିଲା ଯେ, ମନେ ହେଉଥିଲା ସେସବୁ ହେଇଟି ସେଦିନର କଥା । ବାଣୀ ହିଁ ତାକୁ କନ୍ୟାବେଶରେ ସଜାଇ ଦେଇଥିଲେ । ସମସ୍ତେ ତାକୁ ଚାହିଁ ରହିଥିଲେ ମୁଗ୍ଧ ନୟନରେ ।

କୃଷ୍ଣା ତ ଆଉ ଆଖି ଫେରାଇ ନେଇପାରୁ ନ ଥିଲେ ।

ଅମୃତାର ମୁଖମଣ୍ଡଳ ହୋଇ ଉଠିଥିଲା ଲଜ୍ଜାରେ ଆରକ୍ତ । ଆଶ୍ରମରେ, କହିବାକୁ ଗଲେ ସଂସାରର ବାହାରେ ବଢ଼ିଥିବା ଅମୃତା ପକ୍ଷରେ ତାହା ଥିଲା ଏକ ନୂତନ ଅନୁଭୂତି ।

Digitized by srujanika@gmail.com

ରେଜିଷ୍ଟ୍ରୀ ଅଫିସକୁ ଯିବା ପୂର୍ବରୁ ଦୁହେଁ ଯାଇଥିଲେ ମହାରାଜଙ୍କର ଆଶୀର୍ବାଦ ମାଗିବାକୁ । ସେଦିନ ସମସ୍ତେ ଦେଖିଥିଲେ ମହାରାଜଙ୍କ ଆଖିରେ ଅଶ୍ରୁ । ଆନନ୍ଦର ଅଶ୍ରୁ । ଶାନ୍ତିର ଅଶ୍ରୁ । ଦୁହିଁଙ୍କ ମଥାରେ ହାତ ରଖି ମନେ ମନେ ଆଶୀର୍ବାଦ କରିଥିଲେ ।

ବିବାହ ପରେ ସେମାନେ ଅମୃତାର କଥା ଅନୁସାରେ ଆଶ୍ରମକୁ ଫେରିଆସିଥିଲେ । ସ୍ୱାମୀଜୀମାନଙ୍କ ସହିତ ବସି ସେମାନେ ଖାଇଥିଲେ ଏବଂ ସେଠାରେ ଅଧିକାଂଶ ସମୟ କଟାଇଥିଲେ । ରାତିରେ ଘରକୁ ଫେରି ଦେଖିଲେ ରଣେନ୍ ଓ ବାଣୀ ସେମାନଙ୍କର ଫ୍ଲାଟ୍‌ଟିକୁ ସୁନ୍ଦର ଭାବରେ ସଜାଇଦେଇ ସେମାନଙ୍କ ପାଇଁ ଅପେକ୍ଷା କରି ରହିଛନ୍ତି ।

ଡଃ ରାଓ ଏକ ବିରାଟ ପାର୍ଟି ଦେଇଥିଲେ । ସବୁ ସୁଚାରୁରୂପରେ ହୋଇଥିଲା । ବିବାହର କିଛିଦିନ ପରେ ବାଣୀଙ୍କ ହାତରେ ଚାବି ଦେଇ ଦୁହେଁ ବାହାରି ପଡ଼ିଥିଲେ ଦେଶ ବୁଲିବାକୁ ।

ଦୁହେଁ ଅନେକ ଭାବିଚିନ୍ତି ଠିକ୍ କରିଥିଲେ ଆନ୍ଧ୍ରପ୍ରଦେଶଟା ବୁଲି ଦେଖିଆସିବେ । ପୂରା ଛୁଟିଟା ସେଇଠି ହିଁ କଟାଇ ଆସିବେ । ସମସ୍ତେ ମନ୍ତବ୍ୟ କରିଥିଲେ, ''ଦେଖିବାକୁ କେତେ ଜାଗା ଅଛି । ସବୁ ଛାଡ଼ିଦେଇ ଶେଷରେ ଆନ୍ଧ୍ରକୁ ଯାଉଛ ?''

''ବାଃ ରେ ! ଏଇଟା କଣ ବାହାରକୁ ଚାହିଁବାର ସମୟ ? ଏଇଟା ହେଉଛି ନିଜକୁ ନେଇ ନିଜ ଭିତରେ ରହିବାର ସମୟ । ତେଣୁ ବାଛି ବାଛି ସେଠାକୁ ଯାଉଛନ୍ତି ।'' ବାଣୀ ମନ୍ତବ୍ୟ କରିଥିଲେ ।

''ବାଣୀ ନିଜକଥା ଭାବି ଏ କଥାଟି କହିଛନ୍ତି ।'' କୃଷ୍ଣା ରହସ୍ୟ କରିଥିଲେ ।

''ଆହା, ତୁମକୁ ତ ମାଛିକି ମ କହି ଆସେନି ! ଭିତରେ ଭିତରେ ବୁଡ଼ି କେତେବାଟ ଆଗେଇ ଯାଇଥିଲ । ଆଉ ଆମେ ଏଣେ ହାଉଳି ଖାଉଥିଲୁ କଣ ନା ଆହା, ଆମ କୃଷ୍ଣାଙ୍କର କ'ଣ ଇମିତି ହୋଇଗଲା !!''

''ମୋ ଭଉଣୀ କିନ୍ତୁ ପୂରା ସାଦାସିଧା ।''

''ଦେଖ, ଦେଖ; ତା ଆଖିରେ କିମିତି ବିଜୁଳି ଝଟକୁଛି । ଇଏ କିନ୍ତୁ ସେହି ଆଗର 'ପ୍ରେମର ସାଗରେ ସିନାନ କରିୟା', ବୁଝିପାରୁଛ ବାବୁ ?''

''ଯାଃ, ବାଣୀଦିଦି ଯେ କଣ କହନ୍ତି !''

''ଆହେ, ବାଣୀ ଠିକ୍ କହିଛନ୍ତି । ତୁମେ ହିଁ କହିଛ ନା, ଚାଲ ଇମିତି ଗୋଟେ ଜାଗାକୁ ଯିବା, ଯେଉଁଠି ଦେଖିବାର ବେଶିକିଛି ନ ଥିବ । ଦୁହେଁ ଖାଲି ଗପ କରିବା, ଆଉ ରହିବା ।'' ହସି ହସି କୃଷ୍ଣା କହିଥିଲେ ।

Digitized by srujanika@gmail.com

"ଠିକ୍ ଅଛି । ଆଉ ଯଦି କେବେ କିଛି କହିଛି ! ତମେ କଣ କଲ କହିଲ ? ଥିଲ, ଥିଲ, ହାଟ ମଝିରେ ବ୍ରହ୍ମଜ୍ଞାନ ଖୋଲିଦେଲ ନା !!"

ସେମାନଙ୍କୁ ଶୁଭକାମନା ଜଣାଇବାକୁ ୟୁନିଭରସିଟିର ପ୍ରାୟ ସମସ୍ତେ ଏୟାରପୋର୍ଟକୁ ଯାଇଥିଲେ । ହାଇଦ୍ରାବାଦରେ ପହଞ୍ଚି କହିବାକୁ ଗଲେ ପୂରା ଗୋଟିଏ ଦିନ ସେମାନେ ହୋଟେଲରେ ହିଁ କଟାଇ ଦେଇଥିଲେ ।

"ଜାଣିଛ,. ମାଡ୍ରାଜ ଛାଡ଼ି ବାହାରକୁ ଆସିବା ଏଇଟା ମୋର ପ୍ରଥମ । ଏ ବୟସ ପର୍ଯ୍ୟନ୍ତ ମୁଁ କିଛି ହିଁ ଦେଖି ନାହିଁ । ନିଜ କଥା ଭାବି ବସିଲେ ମତେ ବଡ଼ ଅବାକ୍ ଲାଗେ । ପିଲାଟିଦିନୁଁ ଗୋଟିଏ ଭାବରେ ମଣିଷ ହୋଇଥିଲି । ଏଇଟା ଯିମିତି ଏକ ଭିନ୍ନ ଜଗତ । ସତରେ ପ୍ରଥମେ ବଡ଼ ଭୟ ଲାଗୁଥିଲା । ଦ୍ୱିଧାରେ ପଡ଼ିଥିଲି । ସମସ୍ତଙ୍କ ସହିତ ଚଳିପାରିବି ତ ?"

ପାଖକୁ ଟାଣିନେଇ କୃଷ୍ଣା ପଚାରିଥିଲେ, "ଆଉ ଏଇନେ ?"

"ଏଇନେ ମନେହେଉଛି ଏହି ଭିତରେ ହିଁ ଥିଲି । ତୁମ ପାଖେ ପାଖେ, ତୁମ ଦେହ ସହିତ ମିଶି ।"

କପାଳରୁ ଛୋଟ ଛୋଟ କୁନ୍ତଳଗୁଡ଼ିକ ଘୁଞ୍ଚାଇ ଦେଉ ଦେଉ କୃଷ୍ଣା କହିଥିଲେ, "ସେଇଆ ହିଁ ହୁଏ ।"

"ମହାରାଜ ମୋତେ ସାହସ ଦେଇଥିଲେ —କୃଷ୍ଣାଙ୍କୁ ମୁଁ ଚିହ୍ନିଛି, ସବୁ ଦୃଷ୍ଟିରୁ ସେ ତୋର ଉପଯୁକ୍ତ । ତୁ ତାଙ୍କ ପାଖରେ ଶାନ୍ତି ପାଇବୁ । ତାଙ୍କର ବି ତତେ ଭଲ ପାଇବା ଦରକାର ।"

ଏହିଭଳି ଛୋଟ ଛୋଟ କଥାର ଅନ୍ତ ନ ଥିଲା । ତା ପରଦିନ ଦୁହେଁ ବାହାରି ପଡ଼ିଥିଲେ ବିଭିନ୍ନ ସ୍ଥାନ ବୁଲି ଦେଖିବାକୁ ।

"ଜାଣିଛ ? ହାଇଦ୍ରାବାଦ ହେଉଛି ଭାରତର ପ୍ରଥମ ପାଞ୍ଚଟି ବଡ଼ ସହର ମଧ୍ୟରୁ ଗୋଟିଏ ।"

ଅମୃତା ଶୁଣିବାକୁ ଭଲପାଏ । ବିଶେଷକରି କୃଷ୍ଣାଙ୍କ କଥା ତାକୁ ଅମୃତ ପରି ଲାଗେ ।

କୃଷ୍ଣା କହିବାକୁ ଭଲ ପାଆନ୍ତି । ପୁଣି ପାଖରେ ଯେତେବେଳେ ଏଭଳି ଶ୍ରୋତା ।

"ଭାରତର ଅନ୍ୟାନ୍ୟ ଅନେକ ସହର ତୁଳନାରେ ଏଇଟି କମ୍ ପୁରୁଣା । ମୁସଲମାନ ସୁଲତାନମାନେ ହିଁ ଏ ସହର ବସାଇଥିଲେ । ତେଣୁ ଦେଖିଥିବ

Digitized by srujanika@gmail.com

ଚାରିଆଡ଼େ ପର୍ସିଆନ୍ ସ୍ପର୍ଶ ଲାଗିରହିଛି ।''

''ସତରେ ସେଇଆ ଦେଖୁଛି । ମାନ୍ଦ୍ରାଜରେ ଯେପରି ହିନ୍ଦୁ ପ୍ରଭାବ, ଏଠାରେ ସେପରି ନାହିଁ ।''

ସହର ବୁଲି ଦେଖୁ ଦେଖୁ ସେମାନେ ଯାଇ ହାତ ଧରାଧରି ହୋଇ ଚାରମିନାର ତଳେ ଠିଆ ହୋଇଗଲେ ।

କୃଷ୍ଣାଙ୍କ ହାତଧରି ବୁଲିବାକୁ ଅମୃତାକୁ ବଡ଼ ଭଲ ଲାଗେ ।

''ହାତଟାକୁ ଏଡ଼େ ଜୋରରେ ଧରିଛ କାହିଁକି ?''

''ଯଦି ଖସି ଚାଲିଯିବ ?'' ହସି ହସି ଅମୃତା କହିଥିଲା ।

''କି ଯେ ପାଗଳୀ ଝିଅଟେ !''

ବର୍ତ୍ତମାନ ଲାଗୁଛି, ଭଗବାନ ଏଡ଼େ ଶୀଘ୍ର ଦୂରେଇ ନେବେ ବୋଲି କି କଣ, ପ୍ରଥମରୁ ହିଁ ହଜାଇଦେବି କି, ହଜାଇଦେବି କି ବୋଲି ଲାଗୁଥିଲା ।

''ଏଇଟାକୁ ଅନେକ ସମୟରେ ପ୍ରାଚ୍ୟର 'ଆର୍କ ଅଫ୍ ଟ୍ରାୟମ୍ଫ' ବୋଲି କୁହାଯାଏ ।

ସେଠାରୁ ସେମାନେ ମକ୍‌କା ମସଜିଦ୍ ଦେଖିବାକୁ ଗଲେ ।

''ଦେଖୁଛ, କେଡ଼େ ବଡ଼ ହୋଇଛି ! ଏତେ ବଡ଼ ମସ୍‌ଜିଦ୍ ଭାରତରେ ଅନ୍ୟ କେଉଁଠି ଅଛି କି ନାହିଁ ଜାଣେନା । ଏଠାରେ ଏକ ସଙ୍ଗରେ ଦଶହଜାର ଲୋକ ବସି ପ୍ରାର୍ଥନା କରିପାରିବେ ।''

''ସତରେ ଖୁବ୍ ବିରାଟ ହୋଇଛି ।''

''ତୁମେ କିଛି ଦେଖୁନା । ଦେଖୁଛି, ତୁମେ ଖାଲି ମତେ ଚାହିଁରହିଛ । ମୋ ଆଡ଼କୁ ବେଶୀ ଚାହଁନି । ମୋତେ ତ ସାରାଜୀବନ ଦେଖିବ, ସେତିକିବେଳେ ମଜା ବୁଝିବ ।'' କୃଷ୍ଣା ରାଓ ହସି ଉଠିଥିଲେ ।

ଯେଉଁ ଅମୃତାର ହସରେ ଶବ୍ଦ ବାହାରେନି, ଯାହାର ହସ କେବଳ ମୁହଁରେ ଫୁଟି ମିଳେଇଯାଏ, ସେ ବି ଟିକିଏ ଜୋରରେ ହସିଉଠିଲା । ସେଥିରେ ଟିକିଏ ଚମକିପଡ଼ି କୃଷ୍ଣା ତା ଆଡ଼କୁ ଚାହିଁ ଦେଇଥିଲେ ।

''ବାଃରେ, ମୋ ଆଖିକୁ ଯାହା ସୁନ୍ଦର ଦେଖାଯିବ, ମୁଁ ତାହା ଦେଖିବି । ସେଥିରେ ବାଧାଦେବାକୁ ତୁମେ କିଏ ? ଏଠାରେ ବି ମାଷ୍ଟରି କଲେ ଚଳିବନି ମ,'' କହି ଅମୃତା ତାଙ୍କ ହାତଟାକୁ ଆହୁରି ଜୋରରେ ଚିପି ଧରିଲା । କୃଷ୍ଣାଙ୍କୁ ବଡ଼ ଭଲ ଲାଗିଲା ସେ ହସ ଓ ସେ ଉଲ୍ଲାସ ।

Digitized by srujanika@gmail.com

''ତୁମେ କିନ୍ତୁ ବହୁତ ବଦଳି ଯାଇଛ ।''

''ବଦଳି ଯାଇଛି ତ । ମୋତେ ଏଥର ହସିବାକୁ, କଥା କହିବାକୁ ଖୁବ୍ ଭଲ ଲାଗୁଛି । ଲାଗୁଛି, ଏ ପୃଥିବୀରେ ମୋ ଜାଣିବା ବାହାରେ ଆହୁରି ଅନେକ କିଛି ଅଛି । ସୁନ୍ଦର ପୃଥିବୀ ନୂଆ ରୂପରେ, ନୂଆ ବେଶରେ ମୋ ପାଖରେ ଧରା ଦେଇଛି । ମୋତେ ଏଥର ସବୁକିଛି ଭଲ ଲାଗୁଛି ଏବଂ ଲାଗୁଛି କେବଳ ତୁମକୁ ପାଇଛି ବୋଲି ।''

କୃଷ୍ଣା ରାଓ ଗୋଟିଏ ହାତରେ ଅମୃତାର ଅଣ୍ଟା ଜାବୋଡ଼ିଧରି ଚାଲିବାକୁ ଲାଗିଲେ । ତାଙ୍କୁ ଦେଖି ମନେହେଲା ସେ ଯେପରି ପ୍ରାର୍ଥନା କରୁଛନ୍ତି, ''ହେ ପ୍ରଭୁ, ଅମୃତା ମୁହଁର ଏ ହସଟି ଚିରଦିନ ଅତୁଟ ରଖ ।''

''କଣ ହେଲା ? ଲେକ୍‌ଚରରେ ବାଧାପଡ଼ିଲା ଦେଖି ଚୁପ୍ ହୋଇଗଲ କି ? ପ୍ରଫେସର ମହାଶୟ, ଏଥର ତୁମ ଭାଷଣ ଆରମ୍ଭ କର । ହେଇଟି, କାନ ଡେରି ରହିଲି ।''

କୃଷ୍ଣାଙ୍କ ମନଟା ଏପରି ପରିପୂର୍ଣ୍ଣ ହୋଇ ରହିଥିଲା ଯେ, ସେ ଯେପରି ଦିଗହରା ହୋଇ ଯାଇଥିଲେ ।

''ଠିକ୍ କଥା । କଣ କହୁଥିଲି ଟି ? ସୁନାଝିଅଟା ପରା, ମତେ ଟିକିଏ ଖିଅ ଧରେଇଦେଲ ।''

''ଏପରି ବିରାଟ ପଣ୍ଡିତଙ୍କ ମୁହଁରେ ଇଏ କି କଥା ! ହେ ମା ଧରଣି, ତୁ ଦ୍ୱିଧା ହୋଇଯା ।''

''ଧରଣୀ କିନ୍ତୁ ଆଦୌ ଦ୍ୱିଧାବୋଧ କରିବ ନାହିଁ । ତା'ର ଯେ ମନେଅଛି ସେହି ମୁହୂର୍ତ୍ତଟିର କଥା —'ତୋମାର ଚୋଖେ ଦେଖେଛିଲାମ୍ ଆମାର ସର୍ବନାଶ ।'

''ଆମେ କିନ୍ତୁ ଗପ କରି କରି ଆସି ସାଲାରଜଙ୍ଗ ମ୍ୟୁଜିୟମ୍ ପାଖରେ ପହଞ୍ଚିଗଲେଣି । ଭିତରକୁ ଯିବା ନା କଣ ?''

''ନିଶ୍ଚୟ । ଏ ଭିତରେ ଅନେକ ଜିନିଷ ଦେଖିବାର ଅଛି । ଏଠାରେ ରହିଛି ଅନେକ ନଥିପତ୍ର । ପୁଣି ରହିଛି ବହୁବର୍ଷ ପୂର୍ବର ପୋଷାକପତ୍ର । ତା'ଛଡ଼ା ଅତୀତ ସମୟର ବହୁ ଅସ୍ତ୍ରଶସ୍ତ୍ର ବି ଏଠାରେ ରହିଛି ।''

ଏପରି ବୁଲି ବୁଲି ଦିହେଁ ହାଇଦ୍ରାବାଦର ବହୁତ କିଛି ଦେଖିଗଲେ, ଦିନେ ସକାଳେ ଚାଲିଗଲେ ଗୋଲକୁଣ୍ଡା ଦୁର୍ଗ ଓ କୁତବଶାହୀ ରାଜାମାନଙ୍କର କବର ଦେଖିବାକୁ ।

Digitized by srujanika@gmail.com

"ଶୁଣ, ମୁଁ ଏଥର ତୁମକୁ ମିତା ବୋଲି ଡାକିବି । ତୁମର ଅମୃତା ନାମଟି ଅତୁଳନୀୟ । କିନ୍ତୁ ସେହି ନାମ ସହିତ ଏପରି ଏକ ଅପାର୍ଥିବ ଗୁଣ ମିଶି ରହିଛି ଯେ, ତୁମକୁ ପାଖକୁ ଟାଣିଆଣିବାକୁ ଭୟ ଲାଗୁଛି । ସମାନ ବୋଲି ଭାବି ହେଉ ନାହିଁ । ତେଣୁ ଅନେକ ଭାବିଚିନ୍ତି ମୁଁ ଏହି ନୂଆ ନାଆଁଟି ଠିକ୍ କରିଛି । ଯଦି ତୁମର ଆପତ୍ତି ନ ଥାଏ... ।"

"ଖୁବ୍ ସୁନ୍ଦର ହୋଇଛି । ମୁଁ କେବଳ ତୁମର ମିତା । ଅନ୍ୟ ସମସ୍ତଙ୍କ ଅମୃତା । ଜାଣିଛ, ଯଦିବା ମୋ ନାଆଁ ଅମୃତା ଓ ମୁଁ ସେହି ନାମରେ ପରିଚିତା, ତଥାପି ମୋ ମାଆ ମଧ୍ୟ ଠିକ୍ ତୁମପରି ମୋର ଗୋଟିଏ ନାଆଁ ରଖିଥିଲେ । ବଡ଼ ଆଦରରେ ସେ ମୋତେ ଘରେ ଡାକୁଥିଲେ 'ଆମ୍ନି' । ମୋର ଯେତେବେଳେ ସେ କଥା ମନେପଡ଼ିଯାଏ, ସେତେବେଳେ ମୁଁ ବୁଝିପାରେ ଅନ୍ୟ ସମସ୍ତଙ୍କଠାରୁ ଭିନ୍ନ କରି ସେ ମୋତେ କେବଳ ତାଙ୍କରି ନିଜର କରି ନେଇଥିଲେ ସେହି ଛୋଟ ଡାକଟି ଭିତର ଦେଇ ।"

କୃଷ୍ଣା ରାଓ ତା' ଆଖିଆଡ଼କୁ ଚାହିଁ ଦେଖିଲେ ଆଖି ଲୁହରେ ଟଳମଳ । ତା ପାଟିରୁ ଆଉ କଥା ବାହାରିଲା ନାହିଁ । କିଛି କହି ନ ପାରି ସେ ଅନ୍ୟଆଡ଼େ ମୁହଁ ବୁଲାଇନେଲା ।

ଅନ୍ତର ଭିତରର ଏସବୁ ଅନୁଭୂତି ଶୋକ ଯେପରି ଦିଏ, ଶାନ୍ତି ବି ସେପରି ଦିଏ ।

"ତୁମେ ଥିଲ ତୁମ ମାଆଙ୍କର "ଆମ୍ନି", ଏବେ ହେଲ ମୋର 'ମିତା' । ଏ ଡାକଟି ତୁମ ଓ ମୋ ଭିତରେ ରହିଲା । କେହି ଜାଣିବେ ନାହିଁ । କେହି ଶୁଣିବେ ନାହିଁ । ଅନ୍ୟ ସମସ୍ତଙ୍କ ପାଖରେ ତୁମେ ଅମୃତା ।"

"ବେଶ୍ । ତେବେ ସେଇଆ ହେଉ ।"

ଡଃ ରାଓ ତାଙ୍କର ସ୍ୱାଭାବିକ ଚିନ୍ତାଧାରାକୁ ଫେରିଆସିଲେ । ଗୋଲକୁଣ୍ଡା ଦୁର୍ଗର ଇତିହାସ କହି ବସିଲେ ।

"ଏ ଦୁର୍ଗ ଅନେକ ଭାବରେ ଆକ୍ରମିତ ହୋଇଥିଲା । କିନ୍ତୁ କେହି ଜୟ କରିପାରି ନ ଥିଲେ । ଆଓରଙ୍ଗଜେବ ଏ ଦୁର୍ଗକୁ ଦଶବର୍ଷ ଘେରାଉ କରି ରଖିବାପରେ ଯାଇ ଜୟଲାଭ କରିଥିଲେ । ଏହି ଗୋଲକୁଣ୍ଡାର ହୀରାଖଣିରୁ ହିଁ କେତେଖଣ୍ଡ ପୃଥିବୀବିଖ୍ୟାତ ହୀରା ବାହାରିଥିଲା । କ୍ୟାଥାରୀନ୍ ଦ ଗ୍ରେଟ୍ କିଣିଥିଲେ ଆର୍ଲଫ୍ ଡାୟମଣ୍ଡ । ବ୍ରିଟିଶ୍ ରାଜାଙ୍କ ମୁକୁଟର କୋହିନୂର ହୀରା

Digitized by srujanika@gmail.com

ମଧ୍ୟ ଏଇଠିକାର । ଆହୁରି କେତୋଟି ଲାଗିଛି ଇରାନର ଶାହାଙ୍କ ମୟୂର ସିଂହାସନରେ ।''

''ସତେ ! ଦିନେ ନା ଦିନେ ତୁମ ସହିତ ଯାଇ ସେସବୁ ଆଖିଝଲସିଆ ହୀରା ଦେଖିଆସିବି । କଣ କହୁଛ ?''

ଡଃ ରାଓଙ୍କ କାନରେ ସେ କଥା ପଡ଼ିଲା କି ନାହିଁ ବୁଝିହେଲାନି । ସେ ସେତେବେଳକୁ ତାଙ୍କ ନିଜ ଭାବରେ ବିଭୋର !

''ଆଉ ଗୋଟିଏ ହୀରା ବିଷୟରେ ଗୋଟିଏ ଅଦ୍ଭୁତ କାହାଣୀ ଶୁଣିଛି ।''

''କି କାହାଣୀ ?''

''ଶୁଣିଛି ସେ ହୀରାଟି ଯାହା ପାଖକୁ ଯାଉଛି, ତାର ସର୍ବନାଶ ହୋଇ ଯାଉଛି । ତା'ନାଆଁଟି କିନ୍ତୁ ହୋପ୍ ଡାୟମଣ୍ଡ୍ ।''

''ଓଲଟା ଫଳ ଫଳୁଛି; ସେଇଆ ନା ? ଯାହାର ନାମ ଆଶା, ସେ କରେ ନିରାଶ ।''

Digitized by srujanika@gmail.com

ବାର

‘‘ରିନ୍‌ରିନ୍‌ଟା ଆସିଲା ନା କ’ଣ ? ଆଜି ତ ଏତେଶୀଘ୍ର ଆସିବା କଥା ନୁହେଁ ।’’ ମନକୁ ମନ କହିପକାଇଲେ ଅମୃତାଦେବୀ ।

ବସିଥିବା ଜାଗାରୁ ଉଠିଯାଇ ଦେଖିଆସିଲେ । ନା, କେହି ନାହିଁ । ଦୂରର କଣ ଗୋଟିଏ ଶବ୍ଦ ପାଖର ପରି ଶୁଭୁଥିଲା ।

ଆଜି ବଡ଼ ଭଲ ଲାଗୁଛି ଅତୀତ କଥାଗୁଡ଼ାକ ଭାବିବାକୁ, ଅତୀତର ସେହି ଦିନକୁ ଫେରିଯିବାକୁ, ଅତୀତର ସେହି ସମୟକୁ ଫେରିଯିବାକୁ । ବାସ୍ତବରେ ତ ତାହା ଆଉ ହେବାର କଥା ନୁହେଁ । ତଥାପି ଭାବନା ଭିତରେ ପାଇଯିବା ବି କିଛି କମ୍ କଥା ନୁହେଁ ।

ଏତେ ସମୟ ଧରି ଏକା ରହିବାର ସୁଯୋଗ ଅମୃତାଦେବୀଙ୍କୁ ବିଶେଷ ମିଳେନି । ଆଗେ ସେ ଇଚ୍ଛା କରି ନିଜକୁ ବ୍ୟସ୍ତ ରଖୁଥିଲେ । ନ ରଖୁଥିଲେ ଏତେଦୂର ଆଗେଇ ଆସିବା ତାଙ୍କ ପକ୍ଷରେ କଷ୍ଟକର ହୋଇଯାଆନ୍ତା । ବର୍ତ୍ତମାନ ଅନେକ ପରିମାଣରେ ଶାନ୍ତ ହୋଇଗଲେଣି ।

ତେଣୁ ଏହି ଏକାକିତ୍ୱ ତାଙ୍କୁ ପୂର୍ଣ୍ଣତା ଆଣିଦେଇଛି ।

ଅନୁଭବ କରନ୍ତି, କାହିଁ କେଉଁଠି କିଛି ତ ହରାଇ ନାହାନ୍ତି । ସବୁ ଅଛି, ସମସ୍ତେ ଅଛନ୍ତି । ମାଆ ସାରଦା ଦେବୀ, ମହାରାଜ, କୃଷ୍ଣା ।

ତାଙ୍କର ମନେହୁଏ, ସେମାନେ ବଞ୍ଚିଥିଲେ କିମିତି ଗୋଟିଏ ହଜାଇଦେବି ହଜାଇଦେବି ଭାବ ତାଙ୍କୁ କଷ୍ଟ ଦିଅନ୍ତା । ବର୍ତ୍ତମାନ ଆଉ ସେ ଭୟ ନାହିଁ । ଆଖି ଆଗରେ ନାହାନ୍ତି ବୋଲି ହିଁ ତ ଆଜି ସେମାନେ ଆଖିର ତାରା ଭିତରେ ଆସ୍ଥାନ ଜମାଇ ବସିଛନ୍ତି । ଅନ୍ତର ଭିତରେ ସମସ୍ତେ ରହିଛନ୍ତି ।

କୌଣସି କାଳ ସେମାନଙ୍କୁ ଆଉ ଦୂରେଇ ନେଇପାରିବ ନାହିଁ । ଏହା ହିଁ ପରମ ଶାନ୍ତି ବୋଲି ଅନୁଭବ କରିସାରିବା ଦିନଠାରୁ ତାଙ୍କର ମନ ଶାନ୍ତ ସୁସ୍ଥିର ହୋଇଯାଇଛି ।

ବାହାରୁ ଦେଖୁଥିବା ଲୋକେ ବିଶେଷ କିଛି ବୁଝିପାରୁ ନ ଥିଲେ । ସମସ୍ତେ ଭାବୁଥିଲେ, ଅମୃତା କେଡ଼େ ଧୀରସ୍ଥିର ଭାବରେ ଏତେବଡ଼ ଦୁଃଖ ସହିନେଇଛି ।

Digitized by srujanika@gmail.com

କିନ୍ତୁ ତାଙ୍କ ଭିତରେ ଯେଉଁ ପ୍ରବଳ ଝଡ଼ ବୋହୁଥିଲା, ସେ ଝଡ଼କୁ କେହି ଦେଖିପାରୁ ନ ଥିଲେ କି ବୁଝିପାରୁ ନ ଥିଲେ । ମୃତ ଆଗ୍ନେୟଗିରି ଜୀବନ୍ତ ହୋଇଉଠି ହାଡ଼ମାଂସ ସବୁ ଭାଙ୍ଗି ଚୂରମାର କରି ଶେଷ କରିଦେଇଛି ।

ତାଙ୍କ ଗୁରୁମହାରାଜଙ୍କର ଆଶୀର୍ବାଦ ନ ଥିଲେ ସେ ଆସି ଆଜି ଯେଉଁଠି ଠିଆ ହୋଇଛନ୍ତି, ସେଠାରେ ଠିଆ ହୋଇପାରି ନ ଥାନ୍ତେ । ସଂସାରର ଆଉ ଦଶଟା ସ୍ତ୍ରୀଙ୍କ ପରି ସେ ମଧ୍ୟ ଭାସିଯାଇଥାନ୍ତେ କିମ୍ବା ତା ନ ହୋଇଥିଲେ ସ୍ଖଳିତ ଛିଦ୍ରଗ୍ରସ୍ତ ବାରନାରୀରେ ପରିଣତ ହୋଇ ଯାଇଥାନ୍ତେ ।

କୃଷ୍ଣା ମରିଯିବା ପରେ ପରେ ସେ ଯେତେବେଳେ ଦୁଃଖରେ ଅସ୍ଥିର ହୋଇ ଭାଙ୍ଗିପଡୁଥିଲେ, ସେତେବେଳେ ସେ ଅନୁଭବ କରିଛନ୍ତି —ମାଆ ତାଙ୍କୁ ଦୁଇହାତରେ ଜାବୋଡ଼ି ଧରିଛନ୍ତି ଏବଂ ମହାରାଜଙ୍କର ହାତ ରହିଛି ତାଙ୍କ ମଥା ଉପରେ ।

କାନେ କାନେ ଶୁଣିବାକୁ ପାଇଛନ୍ତି, "ଏ ବିଶ୍ୱରେ କେହି କେବେ ହଜିଯାଆନ୍ତି ନାହିଁ । ତୁମେ ଯେପରି ଅଛ, ଆମେ ବି ସେପରି ଅଛୁ, କୃଷ୍ଣା ବି ଅଛନ୍ତି । ତୁମ କାମ ସରିଯିବା ପରେ ଆମେ ପୁଣିଥରେ ଏକାଠି ହେବା ।"

ବାରଣ୍ଡାକୁ ଫେରିଆସି ଚଉକିରେ ବସିପଡ଼ି ସେ ପୁଣି ଥରେ ହଜିଲା ଦିନର ଚିନ୍ତାରେ ବୁଡ଼ିଗଲେ ।

"ଚାଲ ମିତା, କାଜିପେଟ୍ ଯିବା ।"

"ସେ ଜାଗା ତ ଏଠାରୁ ଅନେକ ଦୂର ହେ ।"

"ମୁଁ ଜାଣି ନ ଥିଲି ଯେ, ସେଠାକୁ ଯିବାକୁ ହେଲେ ଦି'ଦି'ଟା ମହାସାଗର ପାରହେବାକୁ ପଡ଼ିବ ।"

"ଇମିତି ଦୁଷ୍ଟାମି କରୁଛ, ଭଲ ହେବନି କହୁଛି । ମତେ କଣ ପିଲା କରି ପାଇଛକି ? କାଜିପେଟ୍ ପରା ଏଠାରୁ ମୋଟେ ନବେ ମାଇଲ୍ ।"

"ସତେ ନା ?"

"ପୁଣି ଥରେ ଦୁଷ୍ଟାମି ! ତୁମେ ତ ସେ କଥା ଭଲ କରି ଜାଣ ।"

"ତାହେଲେ ଚାଲ, କାଲି ହିଁ ଯିବା । ସେଠାରେ ତୁମକୁ ଅନେକ ଜିନିଷ ଦେଖାଇବି ।"

"ତୁମେ ତ ଦେଖିନ, ତୁମେ ବି ଦେଖିବ ।"

Digitized by srujanika@gmail.com

"ସତ କଥା । କିନ୍ତୁ ଜାଣ ମିତା, ନିଜେ ଦେଖିବାର ଆନନ୍ଦଠାରୁ ତୁମକୁ ଦେଖାଇବାରେ ମୁଁ ବେଶୀ ଆନନ୍ଦ ପାଏ ।"

ଅମୃତାର ଏବେ ବି ମନେପଡୁଛି । ତା ଆଖି ଦୁଇଟି ଆନନ୍ଦାଶ୍ରୁରେ ଛଳ ଛଳ ହୋଇ ଯାଇଥିଲା । ଏ ପୃଥିବୀରେ ତାକୁ ଏଡ଼େ ଭଲ ପାଇବା ଲୋକ ଥିଲେ ! ତା'ପରଦିନ ସକାଳେ ବିଛଣାପତ୍ର ବାନ୍ଧି ଦୁହେଁ ବସ୍ ଧରି ବାହାରି ପଡ଼ିଥିଲେ କାଜିପେଟ୍ ଉଦ୍ଦେଶ୍ୟରେ । କୃଷ୍ଣାଙ୍କର ଦେଖାଇବାର ଉତ୍ସାହ, ଅମୃତାର କୃଷ୍ଣାଙ୍କ ପାଖେ ପାଖେ ରହିବାର ଆନନ୍ଦ ।

ସେମାନେ ସେଠାରେ କେତୋଟି ଦ୍ରାବିଡ଼ ମନ୍ଦିର ଦେଖିଲେ । ସେସବୁର ବିଶେଷତ୍ୱ ହେଉଛି ମନ୍ଦିର-ଚୂଡ଼ାଗୁଡ଼ିକ ପିରାମିଡ଼ ପରି । ହେଲାମକୋଣ୍ଡାର ମନ୍ଦିରକୁ ଯାଇ କୃଷ୍ଣା କହିଥିଲେ, "ଚାଲୁକ୍ୟ ରାଜାମାନେ ଏ ମନ୍ଦିର ଗଢ଼ିଥିଲେ । ଏହାର ବିଶେଷତ୍ୱ ହେଉଛି ଏଥିରେ ହଜାରଟି ସ୍ତମ୍ଭ ରହିଛି ।"

"ସତେ ତ ! ପୁଣି ଦେଖ, କି ସୁନ୍ଦର କାରୁକାର୍ଯ୍ୟ ! ଯାହା କହ, ସବୁଠାରୁ ସୁନ୍ଦର ହୋଇଛି ଏ କଳାମୁଗୁନି ପଥରର ନନ୍ଦୀ ମୂର୍ତ୍ତିଟି ।"

"ଠିକ୍ କହିଛ । ଏ ମୂର୍ତ୍ତିଟି ଅନ୍ୟ ସବୁ ମୂର୍ତ୍ତିକୁ ଘୋଡ଼ାଇ ଦେଉଛି ।"

ସେଠାରେ ସେମାନେ ଦୁଇଦିନ ରହିଥିଲେ ।

ଅମୃତାକୁ ଆଉ ବୁଲିବାକୁ ଭଲ ଲାଗୁ ନ ଥିଲା ।

"ମୋର ଟିକିଏ ବିଶ୍ରାମ ନେବାକୁ ମନ ହେଉଛି । ମୁଁ ଏଠା ହୋଟେଲରେ ରହୁଛି, ତୁମେ ଯାଅ ଓ୍ୱାରଙ୍ଗଲ୍ ଦେଖିଆସିବ ।"

"ତା'କିପରି ହେବ ? ମୁଁ ତ ତୁମକୁ କହିଦେଇଛି ମିତା, ତୁମକୁ ଛାଡ଼ି ମୁଁ ଦିନଟିଏ ବି ରହିପାରିବି ନାହିଁ । ତା ବଦଳରେ ବରଂ ଆସ, ତୁମକୁ ସେଠାକାର କଥା ଏପରି ବର୍ଣ୍ଣନା କରି ଶୁଣାଇଦେବି ଯେ ତୁମେ କହିବ...

"ମୁଁ, ମୁଁ କହୁଛି !ମୁଁ କଣ କହିବି ! —ତୁମେ କି ମ୍ୟାଜିକ୍ ଜାଣିଛ କେଜାଣି ବନ୍ଧୁ, ସେଠାକୁ ନ ନେଇଯାଇ ମଧ୍ୟ ସବୁଆଣି ଆଖିଆଗରେ ଥୋଇଦେଲ ।"

ସେ ଦୁହିଁଙ୍କୁ ଦେଖି ସମସ୍ତଙ୍କର ଆଖି ଲାଖି ରହିଯାଉଥିଲା, ଚିହ୍ନା ଅଚିହ୍ନା । ସେସ୍ବାନଙ୍କର ଆଖିର ଚାହାଣିରୁ ଯେପରି ସେ ଦୁହିଁଙ୍କ ପ୍ରତି ଏକ ଅପୂର୍ବ ପ୍ରୀତି ଝରିପଡୁଥିଲା । ମନେହେଉଥିଲା, ସେ ଦୁଇଜଣ ଯେପରି ସତରେ ରାଧା ଓ କୃଷ୍ଣ ।

Digitized by srujanika@gmail.com

କୃଷ୍ଣା ରାଓ ଥିଲେ ଶ୍ୟାମଳ । ଅମୃତା ଥିଲେ ଗୌରବର୍ଣ୍ଣା ।

ବାହୁବନ୍ଧନରେ ଧରି କୃଷ୍ଣା କହିଥିଲେ, ‘‘ତୁମେ ଯେ ମୋତେ କି ବନ୍ଧନରେ ବାନ୍ଧିଦେଲ ! ଏ ବନ୍ଧନରୁ ମୁଁ ଆଉ କୌଣସିଦିନ ଉଦ୍ଧାର ପାଇବି ନାହିଁ । ଏ ଜନ୍ମର କଥା ତ ହିସାବରୁ ଛାଡ଼ିଦେଲି, ଜନ୍ମଜନ୍ମାନ୍ତରରେ ବି ନୁହେଁ ।’’

ଆଖି ଦେଖାଇ ଅମୃତା କହିଥିଲା, ‘‘ସିଏ ପୁଣି କି କଥା ! ଆଜିଠାରୁ ମନଟା ଉଡ଼ିବାକୁ ବସିଲାଣି ନା କଣ ? ସେକଥା ଚଳିବନି । ମୋର ଏ ଯେଉଁ ଲମ୍ବା ବେଣୀ ଓ ପଣତକାନି ଦେଖୁଛ, ଏଇଥିରେ ଗୁଡ଼େଇପୁଡ଼େଇ ବାନ୍ଧି ରଖିବି, ଆଉ ତୁମର ଏ ସୁନ୍ଦର ଆଖିଦୁଇଟି ବାନ୍ଧି ରଖିବି ମୋର ଦୁଇ ଆଖିରେ ।’’

‘‘ରଖିବି ବୋଲି କଣ କହୁଛ ? ରଖି ତ ଦେଇଛ । କିନ୍ତୁ ତୁମେ ଜାଣିନା ମିତା, ମୁଁ ଏ ବନ୍ଧନ ଭିତରେ ଚିରଦିନ ରହିଯିବାକୁ ଚାହେ । ଏ ତ ବନ୍ଧନହୀନ ଗ୍ରନ୍ଥି । କାହାର ସାଧ ଏ ବନ୍ଧନ ଖୋଲିଦେବ ?’’

ହଠାତ୍ ଅମୃତାର ଦୃଷ୍ଟି ଚାଲିଗଲା ଆକାଶର ତାରା ଆଡ଼କୁ । ମାଆଙ୍କ କଥା ମନେ ପଡ଼ିଗଲା ।

ସେ ପିଲାଦିନେ ଭାବୁଥିଲା, ମାଆ ତାକୁ କୌଣସିଦିନ ଛାଡ଼ିଯାଇ ପାରିବେ ନାହିଁ । କିନ୍ତୁ ଆଜି ?

ତା ଆଖିରୁ ଦୁଇଧାର ଲୁହ ଝରିପଡ଼ିଲା । କୃଷ୍ଣା ତାକୁ ଏକଧ୍ୟାନରେ ଚାହିଁ ରହିଥିଲେ । ତାକୁ ସେତେ ଭଲ ପାଆନ୍ତି ବୋଲି ହିଁ ବୋଧହୁଏ ସେ ତା ମନକଥା ବୁଝିପାରନ୍ତି ।

‘‘ମାଆଙ୍କ କଥା ଭାବୁଛ ନା ?’’

ଅବାକ୍ ହୋଇଯାଇ ଅମୃତା ପଚାରିଥିଲା, ‘‘ତୁମେ କିପରି ଜାଣିଲ ?’’

‘‘ତୁମ ମନ ଓ ମୋ ମନ ପରା ଗୋଟିଏ ସୂତ୍ରରେ ବନ୍ଧା । ସିତାରର ଗୋଟିଏ ତାରରେ ହାତ ମାରିଲେ ଅନ୍ୟ ତାରଗୁଡ଼ିକ ବି ଏକ ମୃଦୁ ଝଙ୍କାର ତୋଳନ୍ତି ନା ?’’

‘‘ହଁ, ତା’ହୁଏ ।’’

‘‘ଠିକ୍ ସେହିପରି ତୁମ ମନରେ ଯେଉଁ ଭାବନାର ଛାପ ପଡ଼େ, ତା ପ୍ରଭାବ୍ ମୋ ପ୍ରାଣରେ ବି ପଡ଼େ ।’’

Digitized by srujanika@gmail.com

"ମାଆଙ୍କ କଥା ହିଁ ଭାବୁଥିଲି । ଧାରଣା ଥିଲା, ମାଆ ମୋତେ କୌଣସି ଦିନ ଛାଡ଼ିଯିବେ ନାହିଁ । ଅବଶ୍ୟ ସେତେବେଳେ ଖୁବ୍ ଛୋଟ ଥିଲି । ଆଜି ମୁଁ କେଉଁଠି, ଆଉ ମାଆ ବା କେଉଁଠି ?"

"ଶୁଣ ମିତା, ତୁମ ମାଆ ତୁମକୁ ଛାଡ଼ି ଯାଇ ନାହାନ୍ତି; କୌଣସି ଦିନ ଛାଡ଼ିଯିବେ ନାହିଁ ମଧ୍ୟ । ତେଣୁ ସେ ତୁମର ଅନୁଭୂତି ଭିତରେ ଓତପ୍ରୋତ ଭାବରେ ଜଡ଼ିତ ହୋଇ ରହିଛନ୍ତି । କିନ୍ତୁ ମୁଁ କେବଳ ତୁମର ଆଖିଆଗରେ ଅନେକ ଦିନ ହେଲା ରହିଛି । ଯେତେଦିନ ପର୍ଯ୍ୟନ୍ତ ତୁମ ମନ ଭିତରେ ପଶି ନ ପାରିଛି, ସେତେଦିନ ପର୍ଯ୍ୟନ୍ତ ମୋର ଅସ୍ତିତ୍ୱ କାହିଁ ? ତେଣୁ ମୁଁ କହେ, ଭଲ ପାଇବା ଲୋକ ପାଖରେ ଥାଆନ୍ତି, ସାଥିରେ ଥାଆନ୍ତି । ସେ ରହିବାଟା ଦୃଷ୍ଟିର ସମ୍ମୁଖରେ ହୋଇପାରେ, ଅନ୍ତରାଳରେ ବି ହୋଇପାରେ ।"

କୃଷ୍ଣାଙ୍କ କଥା ଶୁଣି ଅମୃତା ବଡ଼ ଶାନ୍ତି ପାଏ । ତା'ର ମନଃପ୍ରାଣ ସ୍ନିଗ୍ଧତାରେ ଭରିଯାଏ ।

ତାଙ୍କ କାନ୍ଧ ଉପରେ ମୁଣ୍ଡ ରଖି ତାଙ୍କ ଦେହରେ ଘଷିହୋଇ ସେ ଆଖି ବୁଜିଆଣିଲା । କୃଷ୍ଣା ତାକୁ ଆହୁରି ପାଖକୁ ଟାଣି ଆଣିଲେ । ମୁଣ୍ଡ ଉପରଟା ସାଉଁଳିଦେବାକୁ ଲାଗିଲେ ।

"ରାତି ଡେରି ହୋଇଗଲାଣି ମିତା, ଶୋଇପଡ଼ ।"

"କିନ୍ତୁ କାଲି ମନସା ୱାରଙ୍ଗଲ ଗଚ୍ଛାମି ।"

ସକାଳେ ବ୍ରେକ୍‌ଫାଷ୍ଟ ଖାଇ ଦିହେଁ ଯାଇ ବସିପଡ଼ିଲେ ହୋଟେଲ ଆଗର ସୁନ୍ଦର ବଗିଚାଟିରେ ।

"ବର୍ତ୍ତମାନ ତୁମ ଆଖିଆଗରେ ଧରି ରଖିବି ୱାରଙ୍ଗଲ ସହରର ଇତିକଥା । ବହୁବର୍ଷ ପୂର୍ବେ କାକତୀୟ ନାମରେ ଏକ ଆନ୍ଧ୍ର ରାଜବଂଶ ଏହି ସହରର ଆଧାରଶିଳା ପକାଇଥିଲେ । ଏହା ହିଁ ଥିଲା ସେମାନଙ୍କର ରାଜଧାନୀ ।"

"ଏସବୁ ଶୁଣିଲେ ମନେହୁଏ, ଚାଲ ଆମର ସେହି ସମୟକୁ ଫେରିଯିବା, ଯେତେବେଳେ ଆମେ ଆମର ନିଜସ୍ୱ ସଂସ୍କୃତି ମଧ୍ୟରେ ରହିଥିଲେ । ଆଜିର ଏ ଯେଉଁ ଖେଚୁଡ଼ି ଅବସ୍ଥା, ଏହାଠାରୁ କେଡ଼େ ସୁନ୍ଦର ନ ଥିଲା ସେ ଅବସ୍ଥା ସତେ !"

"ବୋଧହୁଏ ଥିଲା, ବୋଧହୁଏ ନ ଥିଲା । କିନ୍ତୁ ଏକଥା ଠିକ୍ ଯେ, କୌଣସି ଜିନିଷ ଯେତେବେଳେ ଗୋଟିଏ ସ୍ଥାନରେ ସ୍ଥାଣୁ ହୋଇ ଠିଆ ହୋଇଯାଏ, ସେତେବେଳେ ତାର ମୃତ୍ୟୁ ଚାଲିଆସେ । ଆମେ ସମସ୍ତେ ଚଳମାନ –ଦେହରେ,

Digitized by srujanika@gmail.com

ମନରେ, ଚିନ୍ତାରେ । ତେଣୁ ପରିବର୍ତ୍ତନ ହେବ ହିଁ ହେବ । ତା ଛଡ଼ା ଦିଆନିଆ ମଧ୍ୟଦେଇ ପୂର୍ଣ୍ଣତା ଆସେ । ଗୁରୁଦେବ ରବୀନ୍ଦ୍ରନାଥ ଗାଇଛନ୍ତି —'ଦିବେ ଆର ନିବେ, ମିଳାବେ ମିଲିବେ ।' ଜାଣିଛ ?''

''ଠିକ୍ କଥା କହିଛ । କୁହ, ମୁଁ ଶୁଣିବି ।''

''ଶୁଣ, ମାର୍କୋପୋଲୋ ଲେଖିଯାଇଛନ୍ତି, ଏ ସହରକୁ ଆସି ଏହାର ସୌନ୍ଦର୍ଯ୍ୟରେ ସେ ମୁଗ୍ଧ ହୋଇ ଯାଇଛନ୍ତି । ସେ ଆହୁରି ମଧ୍ୟ ଲେଖିଛନ୍ତି —ଏଠାର ଲୁଗାପଟା ଏଡ଼େ ସୁନ୍ଦର ଯେ, ଯେ କୌଣସି ଦେଶର ରାଜା-ରାଣୀଙ୍କ ପକ୍ଷରେ ତାହା ଆଦରଣୀୟ । ଶୁଣାଯାଏ, ଏଠାରୁ ଟିକିଏ ଦୂରରେ ଗୋଟିଏ ଦୁର୍ଗମ ସ୍ଥାନରେ ଏ ଦେଶର ସବୁଠାରୁ ସୁନ୍ଦର ମନ୍ଦିରଟି ରହିଛି । ନାମ ରାମାପା ।''

''ଏପରି ସ୍ଥାନରେ କାହିଁକି ମନ୍ଦିର ଗଢ଼ିଥିଲେ ? ମଣିଷ ଯଦି ସେଠାକୁ ଯାଇପାରିବ ନାହିଁ, ତେବେ... ?''

''ସେତେବେଳର ଅବସ୍ଥା ତ ଆଉ ଏପରି ନ ଥିଲା । ଜନବହୁଳ ନଗର ଥିଲା । ହୋଇଥାଇପାରେ ସେତେବେଳେ ଆମେ ଦୁହେଁ ଦେବଦର୍ଶନ କରିବାଲାଗି କେତେଥର ସେଠାକୁ ଏକାଠି ଯାଇଥିବା ।''

ଏଥର ସେମାନଙ୍କର ମୁହଁର କଥା ଯେପରି ସରିଆସିଲା । ଦୁହେଁ ଦୁହିଁଙ୍କ ହାତଧରି କେତେ ସମୟ ଯେ ଏକାଠି ବସି ରହିଥିଲେ ତା'ର ଠିକ୍ ନାହିଁ । ଚେତା ପଶିଲା ଯାଇ ହୋଟେଲ୍‌ବିଅରର୍ ଡାକିବାରୁ —''ସାର୍, ଦିପହର ଖାଇବା ସମୟ ହୋଇଗଲା ।''

ଛୁଟିଦିନଗୁଡ଼ିକ ଏହିପରି ସରିଗଲା । ମାନ୍ଦ୍ରାଜ ଫେରିଆସିବା ପୂର୍ବରୁ ସେମାନେ ତିରୁପତି ମନ୍ଦିର ଦେଖିଯାଇଥିଲେ । ପୁଣିଥରେ ଏପଟକୁ କେବେ ଆସିବେ ତାର ଠିକ୍ ନ ଥିଲା ।

ଡଃ ରାଓ ତ ଦେଶ ବିଦେଶ ବୁଲି ଦେଖିବାକୁ ଖୁବ୍ ଭଲପାଆନ୍ତି । ମିତା ପରି ସଙ୍ଗୀଟିଏ ପାଇ ସେ ସ୍ଥିର କରିଦେଲେ ଯେ, ପ୍ରତ୍ୟେକ ବର୍ଷ ନିଶ୍ଚୟ କେଉଁଠିକି ନା କେଉଁଠିକି ବୁଲିଯିବେ ।

ଏବଂ ଅମୃତା ପାଖରେ ଏହା ହୋଇଗଲା ଏକ ଅନାସ୍ୱାଦିତ ଆନନ୍ଦର ଉତ୍ସ । ତାର କ୍ଷୁଦ୍ର ଜୀବନରେ ସେ ତ ମାନ୍ଦ୍ରାଜରୁ ପାଦ କାଢ଼ିବାକୁ କୌଣସି ଦିନ ସୁଯୋଗ ପାଇ ନ ଥିଲା ! ମନରେ କେବେ ଇଚ୍ଛା ବି ହୋଇ ନ ଥିଲା ! ତେଣୁ ବର୍ତ୍ତମାନ ସେ ଭାବିବାକୁ ଲାଗିଲା, ତା ମନକୋଣରେ କିପରି ଏଭଳି ଏକ ଆକାଙ୍‌କ୍ଷା ଲୁଚି ରହିଥିଲା !

Digitized by srujanika@gmail.com

ଶାନ୍ତି ଓ ସୁଖ ଭିତର ଦେଇ ସମୟ ଦ୍ରୁତଗତିରେ ଗଡ଼ିଚାଲିଲା । ଅମୃତା ଖୁବ୍ ଭଲରେ ଏମ୍.ଏ. ପାସ୍ କଲା । କୃଷ୍ଣା ରାଓ ମହାରାଜଙ୍କ ପାଖରୁ ଦୀକ୍ଷା ନେଲେ । ଛୁଟିଦିନ ହେଲାମାତ୍ରେ ଦିହେଁ ଯାଇ ମହାରାଜଙ୍କ ପାଦତଳେ ବସିପଡ଼ି ଶୁଣନ୍ତି କେତେ ନା କେତେ କଥା ।

ସେ ତ କେବଳ ଗୁରୁ ନ ଥିଲେ, ଥିଲେ ଅତି ଆପଣାର ଲୋକ ।

ଦିନେ ମହାରାଜ କହିଲେ, "ସାରା ଜୀବନ ମୁଁ ଗୋଟିଏ ଇନ୍‌ଷ୍ଟିଚ୍ୟୁଟ୍ ଚଳାଇ ଆସିଲି । ମନ ଏଥର ଛୁଟି ଚାହୁଁଛି । ଆଉ ଯେଉଁ କେତୋଟି ଦିନ ବଞ୍ଚିବି, ଚାହୁଁଛି ପ୍ରକୃତିକୋଳକୁ ଚାଲିଯିବି । ପଢ଼ାଶୁଣା ସାରି ଭଗବତ୍ ଚିନ୍ତାରେ କଟାଇଦେବି । ବେଲୁଡ଼ମଠକୁ ମନକଥା ଜଣାଇଥିଲି । ଚାହିଥିଲି ହରଦ୍ୱାର ଆଶ୍ରମକୁ ଯାଇ ସେଠାରେ ନିର୍ଜନରେ ଜୀବନ କଟାଇଦେବି । ଅନୁମତି ମିଳିଛି ।"

"ମହାରାଜ, ଆପଣ ଚାଲିଯିବେ ?" ଅମୃତା କଣ୍ଠରୁ କ୍ରନ୍ଦନର ସ୍ୱର ବାହାରିପଡ଼ିଲା ।

"ଆଚ୍ଛା ପାଗଳୀଟିଏ ! କିଲୋ, ଜୀବନସଙ୍ଗୀ ତ ପାଇଯାଇଛୁ, ତା ଛଡ଼ା ମୁଁ ତ ହରଦ୍ୱାର ଆଶ୍ରମରେ ରହିଥିବି ଯେ, ଯେତେବେଳେ ଇଚ୍ଛା ସେତେବେଳେ ଆସି କିଛିଦିନ ରହି ଆସୁଥିବୁ ।"

ମହାରାଜ ଅନ୍ୟ ଆଡ଼କୁ ମୁହଁ ବୁଲାଇଦେଇ ଗମ୍ଭୀର ହୋଇଗଲେ । ତାଙ୍କର ଗମ୍ଭୀର ମୁଖମଣ୍ଡଳ ଦେଖିଦେଇ ସେ ଆଉକିଛି କହିବାକୁ ସାହସ ପାଇଲା ନାହିଁ । ମନ ଭିତରଟା ଖାଲି ଦୁଇଁ ହୋଇଯିବାକୁ ଲାଗିଲା ।

ସେ ଯଥାଶୀଘ୍ର ପ୍ରଣାମ କରି କୃଷ୍ଣାଙ୍କ ହାତଧରି ଉଠିପଡ଼ିଲା ।

"ଆଗୋ, ମୋ ଅବସ୍ଥା ଏଥର କଣ ହେବ କହିଲ ? ମୋ କପାଳରେ ତା'ହେଲେ ଏଇଆ ଲେଖାଥିଲା ? ମତେ ଭଲପାଉଥିବା ଭଳି ଦୁଇଜଣ ଲୋକଙ୍କୁ ମୁଁ ଦିନ କେତେଟା ଲାଗି ଏକାଠି ପାଖରେ ରଖିପାରିଲି ନାହିଁ !"

"ତୁମେ ଏତେ ଅଧୀର ହୋଇଯାଉଛ କାହିଁକି ମିତା ? ଆମେ ପ୍ରତିବର୍ଷ ମହାରାଜଙ୍କ ପାଖକୁ ଯାଉଥିବା ।"

"ତୁମେ ବୁଝିପାରୁ ନାହଁ । ଆଜି ତାଙ୍କ ମୁହଁକୁ ଚାହିଁଦେଇ ମୁଁ ଠିକ୍ ବୁଝିପାରିଛି —ସେ ଆଉ ବେଶୀଦିନ ଏ ପୃଥିବୀରେ ରହିବେ ନାହିଁ ।" କହୁ କହୁ ଅମୃତା କଇଁ କଇଁ ହୋଇ କାନ୍ଦିପକାଇଲା ।

Digitized by srujanika@gmail.com

"ଆହା, ତୁମେ ପରା ମହାରାଜଙ୍କ ସ୍ନେହରେ ବଡ଼ ହୋଇଛ ? ତୁମେ ପରା ସାରଦାଦେବୀଙ୍କ ପରି ମାଆଙ୍କର ଝିଅ ? ଏଭଳି ଅସ୍ଥିରତା କଣ ତୁମକୁ ଶୋହେ ?"

ଅମୃତା ଅନେକ ସମୟ ପର୍ଯ୍ୟନ୍ତ ଆଖିବୁଜି ବସିରହିଲା । ବୋଧହୁଏ ଶକ୍ତି ପାଇବା ପାଇଁ ମନେ ମନେ ପ୍ରାର୍ଥନା କଲା ।

"ମୁଁ ଟିକିଏ ତଳକୁ ଯାଉଛି ବାଣୀଦିଦିଙ୍କ ପାଖକୁ ।"

କୃଷ୍ଣା କେବଳ ମୁଣ୍ଡ ଟୁଙ୍ଗାରିଦେଲେ । ତାଙ୍କ ମନ ବି ଅସ୍ଥିର ହୋଇ ଯାଇଥିଲା । ସେ ବି ବୁଡ଼ି ଯାଇଥିଲେ ଭାବନାରେ ।

ମହାରାଜ ଯେ କେବଳ ଗୁରୁ ଥିଲେ ତା'ନୁହେଁ, ସେ ଥିଲେ ଏକ ବିରାଟ ଭରସା । ଇଏ ତାଙ୍କ ପାଖକୁ ଯାଇ ମନର ସବୁକଥା ଖୋଲି କହି ଦେଉଥିଲେ । କୌଣସି ସଂଶୟ ଜାତ ହେଲେ, ସେ ତାର ସମାଧାନ କରି ଦେଉଥିଲେ । ପିଲାଟିଦିନରୁ ଆଶ୍ରୟହୀନ ଭାବରେ, କହିବାକୁ ଗଲେ ତାଙ୍କରି ପାଖରେ ବଡ଼ ହୋଇଛନ୍ତି, ତାଙ୍କରି ପାଖରେ ହିଁ ଆଶ୍ରୟ ପାଇଛନ୍ତି ।

ଏଥର ଯାଇ ସେ ଅନୁଭବ କଲେ, ମଣିଷ ଏ ବୟସରେ ବି ଆଶ୍ରୟ ଖୋଜେ ନିର୍ଭର କରିବାଲାଗି । ଭଲ ହୋଇଛି, ସେ ବାଣୀ ପାଖକୁ ଯାଇଛନ୍ତି । ସେ ନିଜେ ଯେତେବେଳେ ଏତେ ବିଚଳିତ ହୋଇପଡ଼ିଛନ୍ତି, ଅମୃତାକୁ ବା କି ସାନ୍ତ୍ୱନା ଦେବେ !

ଦିନେ ଦିହେଁ ଯାଇ ମହାରାଜଙ୍କୁ ପ୍ଲେନ୍‌ରେ ବସାଇଦେଇ ଆସିଲେ । ମହାରାଜ କିଛିଦିନ ବେଲୁଡ଼ରେ ବିଶ୍ରାମ କରିବାପରେ ହରଦ୍ୱାର ଚାଲିଯିବେ । ଦୁହିଁଙ୍କ ମଥାରେ ହାତରଖି ଆଶୀର୍ବାଦ ଦେଲେ । ଆଶ୍ୱାସନା ଦେଲେ, ଚିଠି ଦେବେ ।

ଅମୃତା କୌଣସି କଥା ହିଁ କହିପାରିଲା ନାହିଁ । କଥା କହୁ କହୁ ଯଦି ଏତେଲୋକଙ୍କ ଭିତରେ କାନ୍ଦିପକାଏ ?

କେବଳ କୃଷ୍ଣା ଏତିକି କହିଲେ, "ଆମେ ଅଳ୍ପ କିଛିଦିନ ଭିତରେ ଆପଣଙ୍କ ପାଖରେ ଯାଇ ପହଞ୍ଚିବୁ ।"

ପ୍ଲେନ୍ ଛାଡ଼ିଦେଲା ।

Digitized by srujanika@gmail.com

ତେର

ଖୁବ୍ ସକାଳୁ ସକାଳୁ ନିଦ ଭାଙ୍ଗିଯାଇଛି ଅମୃତାର ।

କୃଷ୍ଣା ସେଯାଏଁ ଶୋଇଛନ୍ତି । ତାଙ୍କୁ ଉଠାଇଦେବାକୁ ମନ ହେଲା । କିନ୍ତୁ ତାଙ୍କ ଆଡ଼କୁ ଚାହିଁଦେଇ ମନରେ କିମିତି ଟିକିଏ ମାୟା ଆସିଗଲା । ଦିନସାରା ଖଟି ଖଟି ଟିକିଏ ଶୋଇଛନ୍ତି ।

ବାହାରୁ ଦେଖିଲେ ପ୍ରଫେସରଜୀବନଟା ବଡ଼ ସହଜ, ବଡ଼ ହାଲୁକା ପରି ମନେହୁଏ । କିନ୍ତୁ ଯଦି କେହି ସିରିଅସ୍‌ଲି ନିଏ, ତେବେ ତାହା ଠିକ୍ ନୁହେଁ । ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତି ଦୃଷ୍ଟିଦେବାକୁ ପଡ଼େ ଅର୍ଥାତ୍ ସେମାନଙ୍କୁ ବୁଝିବାରେ ବା ଜାଣିବାରେ ବହୁ ପରିଶ୍ରମ କରିବାକୁ ପଡ଼େ, ଯିମିତି କୃଷ୍ଣା ରାଓ କରନ୍ତି ।

ସମସ୍ତଙ୍କର ଅଜାଣତରେ ସମସ୍ତଙ୍କ ଉପରେ ଦୃଷ୍ଟି ରଖିବାକୁ ପଡ଼ିବ । ସେହିମାନଙ୍କ ଭିତରେ ଜଣେ ହୋଇ ଏପରି ଭାବରେ ସେମାନଙ୍କର ଦୋଷତ୍ରୁଟି ଓ ଦୁର୍ବଳତା ଧରାଇଦେବାକୁ ପଡ଼ିବ, ଯେପରି ସେମାନେ ବୁଝିପାରିବେ ନାହିଁ ଯେ ସେମାନଙ୍କୁ ବୁଝାଇ ଦିଆଯାଉଛି । ଅଳ୍ପ ବୟସର ପିଲାଙ୍କ ସହିତ ଚଳିବା ଯେତେ ସହଜ, ବୟସ୍କ ଅଥଚ ଯଥାର୍ଥରେ ବୁଦ୍ଧି ପାକଳ ହୋଇ ନ ଥିବା କଲେଜ ବା ୟୁନିଭରସିଟି ଛାତ୍ରଛାତ୍ରୀଙ୍କ ସହିତ ଚଳିବା ସେତେ ସହଜ ନୁହେଁ ।

ଅମୃତା ଭାବେ, ସତରେ କୃଷ୍ଣା ଯେ କେବଳ ବିଦ୍ୟାରେ ପଣ୍ଡିତ ତାହା ନୁହେଁ, ମଣିଷ ହିସାବରେ ମଧ ସେ ଭଲ, ସତରେ ଖୁବ୍ ଭଲ । ଭଗବାନଙ୍କର ତା ପ୍ରତି ବଡ଼ ଦୟା, ସେଇଥିପାଇଁ ସେ ଡଃ ରାଓଙ୍କ ପରି ସ୍ୱାମୀ ପାଇଛି ।

ଝରକା ପାଖରେ ଠିଆହୋଇ ସୂର୍ଯ୍ୟ ଉଇଁବାର ପୂର୍ବ ମୁହୂର୍ତ୍ତରେ ଫଗୁବୋଳା ଆକାଶ ଆଡ଼କୁ ଚାହିଁଥିଲା ଅମୃତା । ମନ ଭିତରେ ଖେଳିଯାଉଥିଲା କେତେ କଥା । ତାର ଜନ୍ମବେଳାଟା ଚିରଦିନ ଅଜ୍ଞାତ ହୋଇ ରହିଗଲା । ମନେହେଉଛି, ଇଏ ଯେପରି ଏକ ରୂପକଥାର କାହାଣୀ । ସମସ୍ତଙ୍କର ଅଲକ୍ଷ୍ୟରେ ଜଣେ ଏ ଘଟଣାଗୁଡ଼ିକୁ ଗୋଟିକ ପରେ ଗୋଟିଏ କରି କି ସୁନ୍ଦର ଭାବରେ ସଜାଇ ରଖିଥିଲେ ! ମହାରାଜ, ମାଆ ସାରଦା, ତା ପରେ ଆସିଲେ କୃଷ୍ଣା ।

Digitized by srujanika@gmail.com

କାନ୍ଧରେ ହଠାତ୍ କାହାର କରସ୍ପର୍ଶ ପାଇ ସେ ପଛକୁ ଚାହିଁଦେଲା । ଦେଖିଲା—ପଛରେ କୃଷ୍ଣା । ସେ ମଧ୍ୟ ଆକାଶ ଆଡ଼କୁ ସ୍ତବ୍ଧ ହୋଇ ଚାହିଁଛନ୍ତି ।

"ଚାଲ, ଆଜି ଛୁଟି; ସମୁଦ୍ରକୂଳରେ ଯାଇ ଟିକିଏ ବସିବା ।"

"ଚାଲ ।"

ଭରଦ୍ୱାଜଙ୍କୁ କହିଦେଇ ଦିହେଁ ବାହାରି ପଡ଼ିଲେ ।

"ମତେ ଟିକିଏ ବୁଦ୍ଧି ବତାଇଦେଲ, ଏମ୍.ଏ. ପାସ୍ କରିବାର ଗୁଡ଼ାଏ ଦିନ ହୋଇଗଲାଣି । ତା ପରେ ଆଉ କିଛି କରିପାରିନି ।"

"କାହିଁକି ? ଦେଖୁଛି ପ୍ରାୟ ଲାଇବ୍ରେରୀରେ ବସି ପଢ଼ାଶୁଣା କରୁଛ ।"

"ସେ କଥା ଠିକ୍ । ପ୍ରଥମେ ଭାବିଥିଲି ପଢ଼ିବି, ଖାଲି ପଢ଼ିବି । ମହାରାଜ ଚାଲିଯିବା ପରେ ଆଶ୍ରମରେ ଯେଉଁ କାମତକ କରିବାକୁ ପ୍ରତିଦିନ ଯାଉଥିଲି, ତାହା ବନ୍ଦ ହୋଇଗଲା । ସେଠାକୁ ଯିବାକୁ ଆଉ ମନ ସେତେ ଡାକୁନି ।"

"କାହିଁକି ? ତୁମେ ତ ପ୍ରାୟ ଯାଉଛ ।"

"ପ୍ରାୟ ଯିବା ଏବଂ ତାହା ହିଁ ଆଶ୍ରୟ ବୋଲି ଭାବିବା ଭିତରେ ପ୍ରଭେଦ ଅଛି ତ ? ଥାଉ ସେ କଥା । ମହାରାଜ ନାହାନ୍ତି, ତେଣୁ ମନ ଆଉ ଟାଣୁନି । ଅସଲ କଥାଟି କ'ଣ ଜାଣିଛ ? ମୁଁ ମାଆଙ୍କର ସଂପୂର୍ଣ୍ଣ ମନଟି ପାଇ ନାହିଁ ।"

"ଏଇଟା ଯେଉଁ କହିଲ, ଠିକ୍ ନୁହେଁ । ତୁମେ ଯେତେବେଳେ ତାଙ୍କୁ ଦେଖିଲ, ସେତେବେଳକୁ ତୁମ ବାପା ଚାଲିଗଲେଣି । ତୁମ ଅବସ୍ଥା ଟିକିଏ ଭିନ୍ନ ରକମର ତ ।"

"ଠିକ୍ କହିଛ । ତୁମକୁ ପାଇବାପରେ ମୁଁ ବଦଳିଯାଇଛି । ବର୍ତ୍ତମାନ ମନ ହେଉଛି କିଛି କରିବି, ବହୁତ କିଛି କରିବି; କିନ୍ତୁ କ'ଣ କରିବି ବାଟ ପାଉନି । କିଛି ଗୋଟିଏ ଚାକିରି କରିବି କି ?"

"କି ଗରଜ ପଡ଼ିଛି ଶୁଣେ ? ତା ଅପେକ୍ଷା ବରଂ ତୁମେ ଡକ୍ଟରେଟ୍ ପାଇଁ ପଢ଼ାଶୁଣା ଆରମ୍ଭ କର ।"

"ଗ୍ରାଣ୍ଡ୍ ହେବ !"

ଟିକିଏ ରହି ସେ କହିଥିଲା, "ନାଃ, ଥାଉ । ଗୋଟିଏ ଘରକୁ ଗୋଟିଏ ଡକ୍ଟର ଯଥେଷ୍ଟ । ମୁଁ ନ କଲେ ନେକ୍ସ୍ଟ ଜେନେରେସନ ସେଇଟା କରିବ ।"

Digitized by srujanika@gmail.com

"ଠିକ୍ ଅଛି । ତା'ହେଲେ କ'ଣ କରିବ ବୋଲି ସ୍ଥିର କରୁଛ ?"

"ଗୀତ ଶିଖିବି, ରବି ଠାକୁରଙ୍କ ଗୀତ, କେବଳ ସେହି ଗୀତ ଶିଖିବି, ସେହି ଗୀତ ଗାଇବି । ତୁମକୁ ତ ଭଲ ଲାଗେ ।"

"ଭଲ ହେବ ।"

ଏହିପରି କଥାଭାଷା କରୁ କରୁ କୃଷ୍ଣା ଯେଉଁ କଥାଟି ଏ ପର୍ଯ୍ୟନ୍ତ କହିପାରି ନ ଥିଲେ, କାହାରି ପାଖରେ କହି ନ ପାରି ମନ ଭିତରେ ଚାପି ରଖିବା ଫଳରେ ଯେଉଁ ଅଶାନ୍ତି ପାଉଥିଲେ, ସେହି କଥାଟି କହିଦେଲେ ।

"ମିତା, କଣ କରିବି କହିଲ, ମୁଁ ବଡ଼ ଚିନ୍ତାରେ ପଡ଼ିଯାଇଛି । ତୁମଠାରୁ ଦୁଇବର୍ଷ ଜୁନିଅର ଥିଲା ସେ ଯେଉଁ କାମାକ୍ଷୀ, ମନେପଡୁଛି ନା ? ସେ ମୋତେ ବଡ଼ ଚିନ୍ତାରେ ପକାଇ ଦେଇଛି ।"

"କାହିଁକି ? ତା ଦେହ ଖରାପ ଅଛି ନା କଣ ? ମୁଁ ଅବଶ୍ୟ ଆଜିକାଲି ତା ଖୋଜଖବର ରଖିନି । ୟୁନିଭର୍‌ସିଟି କଥା । ବେଳ ବି ପାଉନି ।"

"କାହିଁକି ମ ? ଏବେ ତ କହୁଥିଲ ଅନେକ ସମୟ ମିଳୁଛି, କିମିତି କଟାଇବି ଭାବି ପାରୁନି ।"

"ହଁ, ହଁ; ତୁମକୁ ତ ଖାଲି ସେଇଆ କହୁଥିଲି । ନିଜର ଛୋଟ ସୁଖର ସଂସାର । ତା ଭିତରେ ବାଣୀଦିଦିଙ୍କ ସହିତ ଗପ, ତାଙ୍କଠାରୁ ରୋଷେଇ ଶିକ୍ଷା । ତା'ଛଡ଼ା ନିଜର ପଢ଼ାଶୁଣା ତ ରହିଛି ।"

"ଅର୍ଥାତ୍ ମୁଁ ପୂରା ବରବାଦ ?"

"ସେ କଥା କିଏ କହିଲା ?? ତୁମେ ତ ସମସ୍ତଙ୍କ ଉପରେ, ସର୍ବୋପରି କୃଷ୍ଣା ।"

"ଥାଉ, ଥାଉ; ବହୁତ ହୋଇଗଲା । ଲୁଚିଛି, ନା ଗୋଡ଼ ଦି'ଟା ଦିଶୁଛି । ଧରା ପଡ଼ିଗଲେ କଥା ବାଗେଇଦେବାର ଜାଣିଛ । ଏଥର ପ୍ଲିଜ୍, ମୋ କଥା ଟିକିଏ ମନଦେଇ ଶୁଣ ।"

"ମୁଁ ତ ଭାବିଥିଲି ମକ୍ଷୀକୁ ନେଇ ପ୍ରବ୍‌ଲମ୍ । ସେ ହିଁ ତ ବର୍ତ୍ତମାନ ଏଠିକାର ମକ୍ଷୀରାଣୀ । ଆଖିଝଲସିଆ ରୂପ । ସହଜେ ତ ଚାର୍ମିଂ । ଗୁରୁ ଶିଷ୍ୟ ସମସ୍ତେ ଏବେ ତାକୁ ଘେରି ରହିଛନ୍ତି । ସବୁ ମହୁମାଛି ଆସି ତାରି ଚାରିପାଖରେ ଭଣ ଭଣ ।"

Digitized by srujanika@gmail.com

କୃଷ୍ଣା ଟିକିଏ ହସିଲେ, ‘‘ଠିକ୍ ଲକ୍ଷ୍ୟ କରିଛ । ମକ୍ଷୀଟା ଦେଖିବାକୁ ସୁନ୍ଦରୀ । ବୁଦ୍ଧି ମଧ ଯଥେଷ୍ଟ ଅଛି । ତା ଚାରିପଟେ ଯାହାକିଛି ଘଟୁଛି, କୌଣସିଟି ତା ଦୃଷ୍ଟିରୁ ବାଦ୍ ପଡୁନାହିଁ । ଉପରଟା ଯିମିତି କୋମଳ, ଭିତରଟା ସିମିତି କଠୋର । ସେ ମକ୍ଷୀରାଣୀ ହେବାକୁ ଉପଯୁକ୍ତ ।

‘‘ତୁମେ ଏତେକଥା ଜାଣିଲ କିମିତି ମ ? କେବେ ମନ ଲାଖିଯାଇଥିଲା ନା କଣ ?’’ ହସି ହସି ଅମୃତା ପଚାରିଲା ।

‘‘ମନ ନୁହେଁ, ଆଖି ଲାଖିଯାଇଥିଲା ବୋଲି କହିପାର । ଭାବିଥିଲି ତା ବାହାରଟା ଯିମିତି ସୁନ୍ଦର, ଭିତରଟା ବି ସିମିତି ସୁନ୍ଦର । ଜାଣିଥାଅ, କୃଷ୍ଣା ରାଓ ଆଖି ବୁଜି ଚାଲେନି । ତେଣୁ ଦିନ ଦୁଇଟା ଚାହିଁ ଦେଖିବାପରେ ଧରିଦେଲି । ସେପରି ଶକ୍ତି ରହିଛି ବୋଲି ତ କଣ୍ଟାବୁଦା ଆଡୁଆଳରୁ ରଜନୀଗନ୍ଧାଟି ଚିହ୍ନି ତୋଳି ଆଣିପାରିଛି ।’’

‘‘କିନ୍ତୁ ତୁମେ ଯାହା ଭାବିଛ, ମୁଁ ଠିକ୍ ତାହା ହୋଇ ନ ଥାଇପାରେ କୃଷ୍ଣା । ତୁମକୁ ପରେ ପସ୍ତେଇବାକୁ ପଡ଼ିପାରେ ।’’

‘‘ଠିକ୍ କହିଛ । ମୁଁ ଯାହା ବୋଲି ଭାବିଛି, ତାହା ହୋଇ ନ ଥାଇପାରେ । ରଜନୀଗନ୍ଧା ବୋଲି ଯାହାକୁ ନେଇ ଆସିଛି, ବୋଧହୁଏ ଶେଷରେ ଦେଖିବି ସେଇଟି ପାରିଜାତ, ସ୍ୱର୍ଗର ସୁମନ ।’’

‘‘ଥାଉ । ବହୁତ ହୋଇଗଲା । କୁହାଳିଆପଣରେ ତୁମପରି ତୁମେ । କିନ୍ତୁ କାହିଁ, ଅସଲ କଥାଟି ତ କହିଲ ନାହିଁ ? —କହୁଥିଲ କାମାକ୍ଷୀକୁ ନେଇ ଚିନ୍ତାରେ ପଡ଼ିଯାଇଛ । ଘଟଣା କଣ ? କାହାର ଚିନ୍ତା ?’’

‘‘ଗୁଡ଼ାଏ ଦିନ ହୋଇଗଲାଣି ଲକ୍ଷ୍ୟ କରୁଥିଲି ସେ ବେଣୁଗୋପାଳ ସାଙ୍ଗରେ ବୁଲୁଛି, ବସୁଛି, ହସୁଛି, ଗପ କରୁଛି ।’’

‘‘ସେଥିରେ କଣ ହୋଇଗଲା ? ମଣିଷ ମଣିଷ ସାଙ୍ଗରେ ବୁଲିବନି ? କଥା ହେବନି ?’’

‘‘ସେଇଆ ତ କହିବ । କିନ୍ତୁ ଯେଉଁ ଲୋକ ଆଖିର ଭାଷା ପଢ଼ିପାରେ, ତାକୁ ତ ଆଉ ଫାଙ୍କିଦେଇ ପାରିବ ନାହିଁ ! ଜାଣିଛ ମିତା, ମୁଁ ସେ ଭାଷା ପଢ଼ିପାରେ । ତେଣୁ ମୁଁ ମଣିଷକୁ ସହଜରେ ବୁଝିପାରେ, ଚିହ୍ନିପାରେ ।’’

‘‘କେବେ ମ ? ମୁଁ ତ ତୁମକୁ ଭଲ ପାଉଥିଲି । କାହିଁ ତୁମେ ତ ତାହା ବୁଝିପାରି ନ ଥିଲ !’’

Digitized by srujanika@gmail.com

ଅମୃତା ସମୁଦ୍ର ଆଡ଼କୁ ଚାହିଁଥିଲା । ମନେ ହେଉଥିଲା, ସେ ଯେପରି ଜାଣିଶୁଣି କୃଷ୍ଣାଙ୍କ ଦୃଷ୍ଟିରୁ ନିଜ ଆଖିଦୁଇଟି ଦୂରେଇ ନେଇଥିଲା ।

ଉତ୍ତର ଦେବାକୁ କୃଷ୍ଣା ଟିକିଏ ସମୟ ନେଲାପରି ଲାଗିଲା ।

"ମୁଁ ଠିକ୍ ବୁଝିପାରିଥିଲି । ସେଇଥିପାଇଁ ତ ସାହସ କରି ସିଧା ତୁମ ପାଖକୁ ଆଗେଇ ଯାଇପାରିଲି ନାହିଁ ଯେ ମହାରାଜଙ୍କୁ ମଧ୍ୟସ୍ଥ କରି ଠିଆ କରାଇଲି । ତୁମ ଆଖି ହିଁ ମୋତେ କହିଦେଇଥିଲା ଯେ, ତୁମେ ମୋତେ ଭଲପାଅ, କିନ୍ତୁ ଏଭଳି ଆମ୍ବହରା ହୋଇ ଭଲପାଅନି ଯେ ମୋତେ ଛାଡ଼ି ରହିପାରିବ ନାହିଁ । ତୁମେ ଏପରିଭାବରେ ବଢ଼ିଛ ଯେ, କୌଣସି ବିଷୟ ତୁମକୁ ଅଧୀର କରିଦେଇପାରିବ ନାହିଁ, କିନ୍ତୁ ବିଚାରୀ କାମାକ୍ଷୀ ତ ସାଧାରଣ ଝିଅଟିଏ । ସେଇଥିପାଇଁ ଏତେ ଚିନ୍ତା ।"

"ଏତେ ଚିନ୍ତା କରୁଛ କାହିଁକି ଯେ ? ଦୁହେଁ ଯଦି ଦୁହିଁଙ୍କୁ ଭଲ ପାଉଥିବେ ? ପରିଣତି ଭଲ ତ ସବୁ ଭଲ ।",

"କଥାଟି ତ ସେଇଁଠି ରହିଛି । ବେଣୁର ଭଲ ପାଇବାଟା ଦି'ଦିନିଆ । ଏ ବୟସରେ ଅଧିକାଂଶ କ୍ଷେତ୍ରରେ ଯାହା ଘଟେ ସେଇଆ । ତା ଛଡ଼ା ମକ୍ଷୀକୁ ଦେଖି ସେ ଆମ୍ବହରା ହୋଇଯାଇଛି; ହୋଇପାରେ ସାମୟିକ । ନ ହୋଇପାରେ ବି । ମକ୍ଷୀ ତ ମକ୍ଷୀରାଣୀ । ଯେତେ ଆସନ୍ତୁ ତାର ଆପତ୍ତି ନାହିଁ । ଅଥଚ ଏପଟେ ବିଚାରୀ କାମାକ୍ଷୀ ଉଦ୍‌ଭ୍ରାନ୍ତ ପରି ଏଣେତେଣେ ବୁଲୁଛି । ପଢ଼ାଶୁଣାରେ ମନ ନାହିଁ । ଦୂରରେ ବେଣୁକୁ ଦେଖିଦେଲେ ତାର ଆଖି ହୋଇଯାଉଛି ସଜଳ ଚଞ୍ଚଳ ।"

"ତୁମେ ଏତେ ଖିଆଲ ରଖିପାର ?"

"ପାରେ ମିତା, ପାରେ । ଯେଉଁମାନଙ୍କୁ ପଢ଼ାଉଛି, ସେମାନଙ୍କୁ ମୁଁ ବଡ଼ ସ୍ନେହ କରେ । ତେଣୁ କେହି ମୋ ଆଖିକୁ ଏଡ଼ାଇଦେଇ ଯାଇପାରୁ ନାହାନ୍ତି । କାମାକ୍ଷୀର ମନୋବଳ କମ୍ । କିଛି ଯଦି ଅଘଟନ ଘଟାଇଦିଏ ନା..."

"ତା'ହେଲେ ତ ବଡ଼ ଚିନ୍ତାରେ ପକାଇଦେଲ । ...ରହ, କିଛି ଗୋଟିଏ ବ୍ୟବସ୍ଥା କରିବାକୁ ପଡ଼ିବ । ମୁଁ ଆଗେ ବାଣୀଦେଈଙ୍କୁ ପଚାରେ । ଏ ସଂସାରଟା ଯେ କି ବିରାଟ, ଏଠାରେ ଥରେ ଅଧେ ଠକି ହୋଇଯିବା ଯେ କିଛି ବିଚିତ୍ର ନୁହେ, ସେ ବିଷୟ ଯେ କୌଣସି ଉପାୟରେ ତାକୁ ବୁଝାଇ ଦେବାକୁ ପଡ଼ିବ । ତା ଛଡ଼ା... ।"

Digitized by srujanika@gmail.com

—''ରହ, ରହ ମିତା । ଦେଖିପାରୁଥିବ, ହେଇ ସେ ଦୂରରେ ଗୋଟିଏ ଝିଅ ପାଣିରେ ଗୋଡ଼ ବୁଡ଼ାଇ କୂଳରେ ବସିଛି । ଝିଅଟି ଠିକ୍ କାମାକ୍ଷୀ ଭଳି ଦେଖାଯାଉନି ?'' ହଠାତ୍ କୃଷ୍ଣା କହିଉଠିଲେ ।

''ହଁ ତ । ସେଇଟା କାମାକ୍ଷୀ । ଏତେ ସକାଳୁ ! ଏକାଟିଆଟା ! ଏତେ ପାଣି ପାଖରେ ! କଣ ହୋଇଥିବ ସତେ ??''

''ଶୀଘ୍ର ଉଠ, ଆମେ ହାତ ଧରାଧରି ହୋଇ ଦୌଡ଼ିଯିବା ।''

ଦୁହେଁ ମିଶି ତା ପାଖକୁ ଦୌଡ଼ିଛନ୍ତି । ଦେଖାଗଲା —କାମାକ୍ଷୀ ବସିଥିବା ଜାଗାରୁ ଉଠିପଡ଼ି ଧୀରେ ଧୀରେ ସମୁଦ୍ର ପାଣି ଭିତରକୁ ପଶିଯାଉଛି ।

ଅମୃତା ଏକାଝାମ୍ପରେ ହାତ ଛଡ଼ାଇନେଇ ପ୍ରାଣପଣେ ଦୌଡ଼ିଗଲା ଏବଂ କ୍ଷଣକ ଭିତରେ ଯାଇ କାମାକ୍ଷୀକୁ ପଛରୁ ଜାବୋଡ଼ି ଧରିଲା । କିନ୍ତୁ ଘଟଣାଟି ଏପରି ଅପ୍ରତ୍ୟାଶିତ ଭାବରେ ଘଟିଗଲା ଯେ, ଦୁହିଁଙ୍କୁ ଦୁହେଁ ଦୁବ୍‌ଦାବ୍ ହୋଇ ପାଣିରେ ପଡ଼ିଗଲେ ।

ଠିକ୍ ସେତିକିବେଳକୁ ରାକ୍ଷସ ପରି ମାଡ଼ିଆସିଲା ଏକ ବିରାଟ ଲହରୀ । କିନ୍ତୁ ଲହରୀଟା ସେମାନଙ୍କ ଉପରେ ମାଡ଼ିଯିବା ପୂର୍ବରୁ କୃଷ୍ଣା ଏକ ଲମ୍ଫ ଦେଇ ମିତାକୁ ତା'ର ରାକ୍ଷସମୁଖରୁ ଝାମ୍ପି ଆଣିଲେ । ଆଖିପିଛୁଳାକେ ଏତେ କାଣ୍ଡ ଘଟିଗଲା । ଫଳରେ ସମସ୍ତେ ସ୍ତବ୍ଧବିମୂଢ଼ ହୋଇଗଲେ ।

ସେହି ରାକ୍ଷସଲହରୀଟାକୁ ଦେଖି ଦେଉ ଦେଉ କୃଷ୍ଣାଙ୍କର ମନେପଡ଼ିଗଲା ଯେ ଅମୃତା ପହଁରା ଜାଣେନି । ଯଦି ସେ ନିଜକୁ ସମ୍ଭାଳି ନ ପାରେ, ତେବେ ଲହରୀ ମୁହଁରେ... !! ସେ ଆଉ ଅଧିକ ଚିନ୍ତା କରି ନ ପାରି ଗୋଟିଏ ଚିତ୍କାର କରି ମିତା ଉପରକୁ ଲମ୍ଫ ଦେଇଦେଲେ ।

ପରିସ୍ଥିତିଟା ଯେ କ'ଣ, ମୁହୂର୍ତ୍ତକ ପାଇଁ ତାହା ଭୁଲିଗଲେ; ଭୁଲିଗଲେ କାମାକ୍ଷୀର କଥା । ମିତା ଦୌଡ଼ି ଯାଇଥିଲା କେବଳ କାମାକ୍ଷୀକୁ ରକ୍ଷା କରିବାଲାଗି ।

''ମିତା, ତୁମେ ଏପରି ଧାଇଁଯାଇ ପାଣିରେ ପଶିଗଲ କାହିଁକି ? ଯଦି କିଛି ହୋଇଯାଇଥାନ୍ତା ? ସେ ଯେଉଁ ରାକ୍ଷସ ପରି ଲହରୀଟା ନା !''

ଅମୃତା ସବୁବେଳେ ଶାନ୍ତ, ସବୁବେଳେ ସ୍ଥିର । ଏତେବଡ଼ ଘଟଣା ଘଟିଥିଲେ ବି ତାର ବ୍ୟତିକ୍ରମ ଘଟିଲା ନାହିଁ, କେତେବଡ଼ ବିପଦରୁ ଯେ ସମସ୍ତେ ବଞ୍ଚିଗଲେ, ସେ ତାହା ବୁଝିଥିଲା ।

Digitized by srujanika@gmail.com

ସେ ଶାନ୍ତଭାବରେ କହିଲା, ‘‘ଆଚ୍ଛା, ତୁମର ହଠାତ୍ ଇମିତି କଣ ହୋଇଗଲା କି ? ତୁମେ ଭୁଲିଗଲ ଯେ କାମାକ୍ଷୀ ଗାଧୋଉଛି ଦେଖି ମୋର ବି ପାଣିରେ ପଶିବାକୁ ମନ ହେଲା । ହଠାତ୍ କିଛି ଗୋଟିଏ କରିଦେବା ଭଳି ବୋକାମି ବୋଲି ଭାବିଦେଲ କି ? ସିମିତି ନୁହେଁ ମ । ...ହେ ଦେଖିଲ, ମୁଁ କଣ କରି ନ ବସିଲି !! ସାଙ୍ଗରେ ତ ଲୁଗାପଟା ଆଣିନି !’’

କାମାକ୍ଷୀ ଏକପ୍ରକାର ହତବୁଦ୍ଧି ହୋଇଯାଇଥିଲା । ସେ ବେଣୁଗୋପାଳକୁ ମନଃପ୍ରାଣ ଦେଇ ଭଲ ପାଉଥିଲା । ତାର ସବୁ ଚିନ୍ତା, ସକଳ ଭାବନା ଗଢ଼ି ଉଠିଥିଲା ସେହି ବେଣୁଗୋପାଳକୁ କେନ୍ଦ୍ର କରି । ସେ ନିଜର ଅସ୍ତିତ୍ୱଟିକୁ ମଧ ହରାଇ ଦେଇଥିଲା ।

ତାର ବାପା ମାଆ ଅଛନ୍ତି । କିନ୍ତୁ ତା ମନରୁ ସେମାନଙ୍କ ପ୍ରତି ଭାବ, ଭକ୍ତି, କର୍ତ୍ତବ୍ୟ ସବୁ ପୋଛି ହୋଇ ଯାଇଥିଲା । ଛୋଟ ଭାଇ ଭଉଣୀଙ୍କୁ ମଧ କେଡ଼େ ତୁଛ କରିଦେଇଥିଲା । ବେଣୁଗୋପାଳ ହିଁ ଥିଲା ତାର ମନ, ଧ୍ୟାନ, ସବୁକିଛି ।

ସେହି ବେଣୁଗୋପାଳ ତାକୁ ଛାଡ଼ି ମକ୍ଷୀ ପାଖକୁ ଚାଲିଯାଇଛି । ଫଳରେ ତା ମନ ଏତେ ଅଧୀର ହୋଇଯାଇଥିଲା ଯେ, ତା ପକ୍ଷରେ ବଞ୍ଚିରହିବା ହୋଇଯାଇଥିଲା ଏକ ବିଡ଼ମ୍ବନା । ତେଣୁ ସେ ସକାଳୁ ସକାଳୁ ଚାଲି ଆସିଥିଲା ସମୁଦ୍ରକୂଳକୁ ।

କେଉଁ କଥାରୁ କେଉଁ କଥା ହୋଇ ନ ଗଲା !!

ଅମୃତାଦିଦି ପଛରୁ ଧାଇଁ ଆସି ତାକୁ ହଠାତ୍ ଜାବୋଡ଼ି ଧରିବା ଫଳରେ ମୁଣ୍ଡଟା କ’ଣ ହୋଇ ଯାଇଥିଲା । ତା ଉପରେ ପୁଣି ସେ ଯେଉଁ ରାକ୍ଷସପରି ଗର୍ଜନ କରି ମାଡ଼ି ଆସିଲା ପାହାଡ଼ ଭଳି ଲହରୀଟା, ତାର ପରମୁହୂର୍ତ୍ତରେ ତ ବ୍ୟାକୁଳ ଚିତ୍କାର କରି ଡଃ ରାଓ ଡେଇଁ ପଡ଼ିଲେ ଯେ, ଏକା ଝାମ୍ପକେ ସେମାନଙ୍କୁ କୂଳକୁ ଟାଣିଆଣିଲେ ।

ଗତ କିଛିଦିନ ହେଲା ତା ମନ ଉପରେ ବହୁତ ଷ୍ଟ୍ରେନ୍ ପଡ଼ି ଚାଲିଥିଲା । ତା ଉପରେ ଅଳ୍ପ କେତେଟା ସେକେଣ୍ଡ ଭିତରେ ଗୋଟିକ ପରେ ଗୋଟିଏ ହୋଇ ଏସବୁ ଘଟଣା ଘଟିଗଲା ।

ସେ ଆଉ ସହିପାରିଲା ନାହିଁ । ଟଳିପଡ଼ିଲା ଅମୃତାର ଦେହ ଉପରେ ।

‘‘ଇଏ କଣ ! ଇଏ କଣ !! ଆଉଥରେ କଣ ହେଲା ?’’ ଡଃ ରାଓ ଆର୍ତ୍ତନାଦ କରି ଉଠିଲେ ।

Digitized by srujanika@gmail.com

"କିଛି ନାହିଁ ମ । ମାନସିକ ଅଶାନ୍ତି ଫଳରେ ଅଚେତ ହୋଇଯାଇଛି । ଟିକିଏ ଧରିଲ, ବାଲି ଉପରେ ଶୁଆଇଦେବା ।"

ଯାହାହେଉ, ଅମୃତା ଭଲ ଅଛି ଦେଖି ଡଃ ରାଓ ଆଶ୍ୱସ୍ତ ହୋଇଗଲେ ।

କିଛି ସମୟ ଭିତରେ କାମାକ୍ଷୀ ଆଖି ଖୋଲି ଚାହିଁଲା ।

ଗୋଟି ଗୋଟି ହୋଇ ତାର ସବୁକଥା ମନେ ପଡ଼ିଗଲା । ଲାଜରେ ସଢ଼ିଯାଇ ସେ ଉଠି ବସିବାକୁ ଚେଷ୍ଟା କଲା ।

"ତୁ ଉଠିବାକୁ ଚେଷ୍ଟା କରନା । ତତେ ମତେ ଦୁହିଁଙ୍କୁ କିଛି ଗୋଟେ ଭୂତ ମାଡ଼ି ବସିଥିଲା, ନ ହେଲେ କି ସାଙ୍ଗରେ ଲୁଗାପଟା ନ ଆଣି ପାଣିରେ ପଶିଯାଆନ୍ତେ । ଦେଖୁଛି, ଆମର ଆହୁରି ପିଲାକିଆ ବୁଦ୍ଧି ଯାଇନି ।"

"ପିଲାକିଆ ବୁଦ୍ଧି କଣ ମ ! ତୁମକୁ ପିଲାକିଆ । କିନ୍ତୁ ତୁମ ସହିତ ପଡ଼ି ମୁଁ ବି କେଞ୍ଚାଏ ପାଇଛି । ଯାଏଁ, ଗୋଟେ ଟାକ୍‌ସି ମିଳୁଛି କି ନାହିଁ ଦେଖେଁ ।"

ଡଃ ରାଓ ତରତର ହୋଇ ସଡ଼କ ଆଡ଼କୁ ଚାଲିଲେ । ଏ ଦୁଇଜଣ ଚାଲିଲେ ତାଙ୍କ ପଛେ ପଛେ ।

ଅମୃତାଦେବୀ ଆଖିବୁଜି ବସି ବସି ଭାବିଚାଲିଥିଲେ । କେତେ ଯେ ଘଟଣା ତାଙ୍କ ଚାରିପଟେ ଘଟି ନ ଯାଇଛି ! ବିଚିତ୍ର ପୃଥିବୀ । ବିଚିତ୍ର ତାର ଗତି । ମୁଦ୍ରିତନୟନା ନିର୍ଲିପ୍ତ ମୁଖର ଅଧରକୋଣରେ ଗୋଟିଏ ଛୋଟ ହସର ରେଖା ଫୁଟି ଉଠିଲା । ତା ସହିତ ତୃପ୍ତିର । ତାଙ୍କର ମନେ ପଡ଼ିଗଲା କାମାକ୍ଷୀର କଥା । ସେ ଝିଅଟିକୁ ବୁଝାଇଶୁଝାଇ ଶାନ୍ତ କରିବାକୁ ତାଙ୍କୁ ଓ ବାଣୀଦେଈଙ୍କୁ ନାକେଦମ୍ ହୋଇଯିବାକୁ ପଡ଼ିଥିଲା । କେତେଦିନ ଯାଏଁ ଯେ ସେମାନେ କେବଳ ସେହି କାମ କଲେ— ତାର ହିସାବ ନାହିଁ ।

ହଁ, ଗୀତ ଶିଖିବାର ନିଶା ଉଠିଥିଲା । ତା'ପରେ ସେହି କାମାକ୍ଷୀ କମ୍ପିଟିଟିଭ ପରୀକ୍ଷା ଦେଇ ଅଡ଼ିଟ୍ ସର୍ଭିସ୍‌ରେ ପଶିଥିଲା । ଚାକିରି ପାଇବାପରେ ମଧ୍ୟ ସେ ତା ଅମୃତାଦିଦିଙ୍କୁ ଭୁଲି ନ ଥିଲା । ଅନେକ ଥର ଦେଖା କରିବାକୁ ଆସିଥିଲା ।

ତା'ପରେ ତ ସବୁ ଓଲଟପାଲଟ ହୋଇଗଲା ।

Digitized by srujanika@gmail.com

ରିନିର ହାତଧରି ସେ ଚାଲିଆସିଲେ କଲିକତା କୃଷ୍ଣାଙ୍କୁ ହରାଇଦେଇ । ରିନି ସେତେବେଳେକୁ ଖୁବ୍ ଛୋଟ । ମାନ୍ଦ୍ରାଜ ଜାଗାଟା ତାଙ୍କୁ ଆଉ ସୁହାଇଲା ନାହିଁ; ତେଣୁ ତାଙ୍କୁ ଜଣା ଜାଗା ଛାଡ଼ି ଅଜଣା ଜାଗାକୁ ପଳାଇ ଆସିବାକୁ ପଡ଼ିଲା ।

ସେ ଯେଉଁ କନ୍‌ଭେଣ୍ଟ୍ ସ୍କୁଲରେ ପଢ଼ିଥିଲେ, ସେହି ସ୍କୁଲର ମଦର ହିଁ ତାଙ୍କ ପାଇଁ କଲିକତା ମିଶନ୍ ସ୍କୁଲରେ ଟିଚର୍ ପୋଷ୍ଟଟିଏ ଜୁଟାଇ ଦେଇଥିଲେ । ତା'ଛଡ଼ା ବାଣୀଦେଈଙ୍କ ସ୍ୱାମୀ ମଧ୍ୟ କଲିକତାରେ ଭଲ ପ୍ରଫେସର ଚାକିରିଟିଏ ପାଇ ମାନ୍ଦ୍ରାଜରୁ ଚାଲିଆସିବା କଥା ସ୍ଥିର କଲେ ।

ସେହିମାନେ ହିଁ ଥିଲେ ସେଠାର ପ୍ରକୃତ ଆଶ୍ରୟ । ଚାକିରିଟି ବି ମିଳିଲା । ତେଣୁ ସେହିମାନଙ୍କ ସହିତ ପ୍ରଥମେ ଚାଲି ଆସିଲେ । ଆସି ରହିଥିଲେ ଗୋଟିଏ ଫ୍ଲାଟ୍‌ରେ ।

''ମିତା, କଣ ଭାବୁଛ ?''

Digitized by srujanika@gmail.com

ଚଉଦ

ଅମୃତାଦେବୀ ଚମକିପଡ଼ି ଆଖି ଖୋଲିଦେଲେ ।

ସେହି ଡାକ । ସେହି କଣ୍ଠସ୍ୱର । କୃଷ୍ଣା ତ ନାହାନ୍ତି । ଏ ଡାକ ସେ ଶୁଣିଲେ କିପରି ? ଏହି କଣ୍ଠସ୍ୱର ଶୁଣିବାଲାଗି ସେ ଦିନ ପରେ ଦିନ ପ୍ରାର୍ଥନା କରି ଆସିଛନ୍ତି ।

ସେ ଅନୁଭବ କଲେ, ସେ ପାଖେ ପାଖେ ଅଛନ୍ତି; ଏକା ସାଙ୍ଗରେ ରହି ସେମାନେ ଏକା କଥା ଭାବୁଛନ୍ତି । ବସିଥିବା ଜାଗାରୁ ଘୁଞ୍ଚିପଡ଼ି ଝାଡ଼ିଝୁଡ଼ି ହୋଇ ସେ ଟିକିଏ ଆରାମରେ ବସିଲେ ।

ହଁ ସେ ରବୀନ୍ଦ୍ର ସଙ୍ଗୀତ ଶିଖିଥିଲେ ମିସେସ୍ ଭେଙ୍କଟେଶଙ୍କ ପାଖରୁ । ଅତି ସୁନ୍ଦର ଗାଇପାରନ୍ତି ସେ । ସ୍ୱାମୀ ଭଲ ଚାକିରିଟିଏ କରୁଥାନ୍ତି । ମିସେସ୍ କଲିକତାରେ ହିଁ ମଣିଷ । ତେଣୁ ସେ ଏ ବିଦ୍ୟା ଆୟତ୍ତ କରିପାରିଥିଲେ । ତାଙ୍କ ସାଙ୍ଗରେ ରହି ରହି ସ୍ୱାମୀ ବି କିଛି କିଛି ବୁଝିପାରନ୍ତି ।

ରିଟାୟାର୍ ହେବାର ବୟସ ହୋଇଗଲାଣି । ଝିଅ ଜ୍ୱାଇଁ ଦିଲ୍ଲୀରେ । ପୁଅ କ୍ୟାନେଡ଼ାରେ ।

ମିସେସ୍ ଭେଙ୍କଟେସ୍ ବଡ଼ ଭଲ ପାଆନ୍ତି ଅମୃତାକୁ । ପୁଅ ଝିଅ ତ ଦୂରରେ । ତେଣୁ ଏମାନଙ୍କ ଉପରେ ମମତା ଆସି ଯାଇଥିଲା ।

ଅମୃତା ତ ଯାଏ । କୃଷ୍ଣା ବି ପ୍ରାୟ ଯାଆନ୍ତି । ଯାଆନ୍ତି ରଣେନ୍ ଓ ବାଣୀ । ବଡ଼ ସୁନ୍ଦର ହୋଇଥିଲା । ସମସ୍ତେ ମିଶି ଗୋଟିଏ ଯୌଥ ପରିବାର ଭଳି ।

ଅମୃତା କଣ୍ଠର ରବୀନ୍ଦ୍ର ସଙ୍ଗୀତ କୃଷ୍ଣାଙ୍କୁ ଖୁବ୍ ଭଲ ଲାଗେ । ବିଶେଷକରି ସେହି ଗୀତଟି—

'ନୂପୁର ବେଜେଯାୟେ ରିନି ରିନି, ଆମାର ମନ୍ କୟ ଚିନି ଚିନି'

ଝିଅ ଜନ୍ମହେବା ପରେ ଡଃ ରାଓ ହିଁ ନାଆଁ ଦେଇଥିଲେ ରିନ୍‌ରିନ୍ ।

Digitized by srujanika@gmail.com

''ଜାଣିଛ ? ଝିଅ ଆମ ଜୀବନରେ 'ରିନ୍‌ରିନ୍' କରି ଶାନ୍ତି, ସୁଖ ଓ ଆନନ୍ଦର ଝଙ୍କାର ତୋଳିବ । ତେଣୁ ଏ ନାଆଁଟି ଦେଲି ।''

ଅମୃତା ଭାବେ, ''ସତରେ ଝିଅ ମୋ ଜୀବନରେ ଶାନ୍ତି ଓ ଆନନ୍ଦର ଝଙ୍କାର ତୋଳିବ ।'' ଏ ବିଶ୍ୱାସ ତାର ଅଛି ଯେ ରିନି ତାକୁ ଶାନ୍ତି ଦେବ ।

କିନ୍ତୁ କୃଷ୍ଣା କ'ଣ କିଛି ଭାଗ ପାଇବେ ? ମନ କହେ ପାଇବେ । ସେଇଟା ହିଁ ଭରସା । ମହାରାଜ ଦେହତ୍ୟାଗ କରିବା ଆଗରୁ ରିନ୍‌ରିନ୍ ଜନ୍ମ ହୋଇଥିଲା । ମହାରାଜ ତାକୁ ବି ଆଶୀର୍ବାଦ କରି ଯାଇଛନ୍ତି ।

ସେଦିନ କଥା ମନେ ପଡ଼ିଗଲା । ବର୍ଷକର ଝିଅ ରିନିକୁ ଧରି ସ୍ୱାମୀ–ସ୍ତ୍ରୀ ବସିପଡ଼ିଥିଲେ ଦିଲ୍ଲୀଗାଡ଼ିରେ ।

''ମିତା, ମତେ ବଡ଼ ଖୁସି ଲାଗୁଛି, ରିନି ବି ମହାରାଜଙ୍କର ଆଶୀର୍ବାଦ ପାଇବ ।''

''ନିଶ୍ଚୟ । ମୁଁ କିନ୍ତୁ ଏହାଠାରୁ ଆହୁରି ଛୋଟବେଳେ ପାଇଥିଲି । ଅବଶ୍ୟ ରିନି ପରି ବାପାମାଆଙ୍କ ସହିତ ନ ଯାଇ, ଧୂଳିଗଦାରେ ପଡ଼ି ।''

ସ୍ୱାମୀ ମୁହଁ ଚାପି ଧରିଥିଲେ । ''ଥାଉ, ସେ କଥା ଥାଉ ମିତା । କିନ୍ତୁ ଏକଥା ଭୁଲିଯିବନି ଯେ, ସେଇଥିପାଇଁ ତୁମେ ଅମୃତା ।''

ସେଥର ସେମାନେ ମାତ୍ର ଗୋଟିଏ ଦିନ ଦିଲ୍ଲୀରେ ରହି ଚାଲି ଯାଇଥିଲେ ହରଦ୍ୱାର ଆଶ୍ରମକୁ । ହରଦ୍ୱାରର ମହାରାଜଙ୍କ ପାଖରେ ହିଁ ରହିଥିଲେ । ଏଣେତେଣେ ବୁଲିଯାଉ ନ ଥାନ୍ତି । ସେଠାରେ ପନ୍ଦରଦିନଖଣ୍ଡେ ରହି ମାନ୍ଦ୍ରାଜ ଫେରିଥିଲେ ।

ସେଇଟା ହିଁ ଥିଲା ଶେଷ ଯିବା ।

ତାର ଅଳ୍ପ କେତେମାସ ପରେ ଖବର ଆସିଥିଲା, ମହାରାଜ ଶୋଇଥିବା ଅବସ୍ଥାରେ ହିଁ ଦେହତ୍ୟାଗ କରିଛନ୍ତି । ଦିନଟିଏ ବି ରୋଗ ଭୋଗିନାହାନ୍ତି ।

ସେଇଟା ଥିଲା ଅମୃତା ଜୀବନର ଦ୍ୱିତୀୟ ଶୋକ ।

ମାଆଙ୍କ ମୃତ୍ୟୁ ପରେ ସେ ଯେପରି ମହାରାଜଙ୍କୁ ଆଶ୍ରୟ କରି ଉଠି ଠିଆ ହୋଇପାରିଥିଲା, ମହାରାଜଙ୍କୁ ହରାଇବାର ଶୋକ ସେହିପରି କୃଷ୍ଣାଙ୍କୁ ପାଖରେ ପାଇ ଭୁଲି ପାରିଥିଲା । ତା'ଛଡ଼ା ରହିଥିଲା ଛୋଟ ରିନି, ଚଞ୍ଚଳ ରିନି ।

ରିନି ମୁହଁ ଦେଖି ଗୀତବୋଲା ବି ବନ୍ଦ ହୋଇଯାଇଥିଲା । କୃଷ୍ଣା ଥଟ୍ଟାକରି କହନ୍ତି, ''କି ହୋ, ଅଜସ୍ର ସମୟ, ଡକ୍ଟରେଟ୍ କରିବି, ଚାକିରି କରିବି; କୁଆଡ଼େ ଗଲା ସେ ସବୁ ?''

Digitized by srujanika@gmail.com

"କାହିଁକି ?" ରିନ୍‌ରିନ୍‌କୁ ଜାବୋଡ଼ି ଧରି ସେ କହେ, "ଏହିତ ମୋ ଡକ୍ଟରେଟ୍ । ଦେଖିବ ରହ, ମୋ ଝିଅକୁ ମୁଁ ଇମିତି ଶିକ୍ଷା ଶିଖେଇବି ଯେ, ତୁମେ ତା' ପାସଙ୍ଗରେ ପଡ଼ିବ ନାହିଁ ।"

ୟୁନିଭରସିଟିରୁ ଫେରୁ ଫେରୁ କୃଷ୍ଣା ରିନିର ଚାର୍ଜ୍ ନିଅନ୍ତି ।

"ସୁନାଟା ପରା, ତୁମେ ଏଥର ଟିକିଏ ବିଶ୍ରାମ ନିଅ । ଯାଅ ଗୀତ ଗାଇବ । ଆହେ, କୌଣସି ଗୋଟିଏ ଜିନିଷରେ ସବୁ ମନଃପ୍ରାଣ ଢାଳି ନ ଦେବା ହିଁ ଭଲ । ବୁଝିପାରୁ ନା, ବଡ଼ ହେଲେ ଯଦି କୁଆଡ଼େ ଦୂରକୁ ଚାଲିଯିବ ? ତୁମର ନିଜସ୍ୱ ହୋଇ କିଛି ଟିକିଏ ଥିବା ଦରକାର । ମୁଁ ତ ଭାବୁଛି, ରିନି ଟିକିଏ ବଡ଼ ହୋଇଗଲେ ତୁମକୁ ପୁଣି ଥରେ ପଢ଼ାଶୁଣା ଭିତରକୁ ଫେରିଯିବାକୁ ପଡ଼ିବ ।"

ଦୁହିଁଙ୍କ ଭିତରେ ପ୍ରାୟ ଏପରି ସବୁକଥା ପଡ଼େ । ସେତେବେଳେ କଣ ଅମୃତା ଜାଣିଥିଲା ଯେ, ରିନି ବଡ଼ହେବାର ଅନେକ ଆଗରୁ ତାକୁ ଏକକ ଜୀବନ ଭିତରକୁ ପାଦ ବଢ଼ାଇବାକୁ ପଡ଼ିବ ?

ରିନି ଜନ୍ମହେବା ଆଗରୁ ସେମାନେ ଥରେ ବାଙ୍ଗାଲୋର ଯାଇଥିଲେ । କି ସୁନ୍ଦର ଜାଗା ! ମହୀଶୂରର ଅର୍ଥାତ୍ କର୍ଣ୍ଣାଟକର ରାଜଧାନୀ ।

ବୁଲି ବୁଲି ଦର୍ଶନୀୟ ସ୍ଥାନ ଦେଖିବାକୁ ଯିବା ପୂର୍ବରୁ ହିଁ ସେମାନେ ଏକ ସମସ୍ୟା ଭିତରେ ପଶି ଯାଇଥିଲେ । ତା'ର ମୀମାଂସା ପାଇଁ ଅମୃତାକୁ ଯଥେଷ୍ଟ ସମୟ ଦେବାକୁ ପଡ଼ିଥିଲା, ଗୁଡ଼ାଏ ଚିନ୍ତା ବି କରିବାକୁ ପଡ଼ିଥିଲା ।

ଏମାନେ ଯାଇ ଗୋଟିଏ ହୋଟେଲରେ ପହଞ୍ଚିବାବେଳକୁ ଗୋଟିଏ ପୁଅ ଓ ଗୋଟିଏ ଝିଅ ଘରୁ ପଳାଇ ଆସି ସେଠାରେ ରହିଛନ୍ତି ।

ଝିଅଟି ଥିଲାଘରର । ପୁଅଟି ସେତେ ଉପଯୁକ୍ତ ନୁହେଁ । ତେଣୁ ଝିଅ ଘରର ଲୋକେ ତା'ସହିତ ବାହା ଦେବାକୁ ନାରାଜ । ସେମାନେ ତାହା ସ୍ପଷ୍ଟ ଭାବରେ ଜଣାଇ ଦେଇଥିଲେ । ଝିଅକୁ ଅନ୍ୟ ଜାଗାରେ ବାହା ଦେବାପାଇଁ ବି ଚେଷ୍ଟା କରୁଥିଲେ ।

ପୁଅଟି ବୋଧହୁଏ ସେକଥା ମାନିଯାଆନ୍ତା, କିନ୍ତୁ ଝିଅ ନ ମାନେ । ଝିଅଟି ହିଁ ବୁଦ୍ଧିବାଟ ଦେଖାଇ ସାହସ କରି ପୁଅଟିକୁ ନେଇ ସେଠାକୁ ପଳାଇ ଆସିଛି । ସେଠାରେ ନିଜକୁ ସ୍ୱାମୀ-ସ୍ତ୍ରୀ ବୋଲି ପରିଚୟ ଦେଇ ରହିଛନ୍ତି ।

ଘରଲୋକେ ଅନେକ ଖୋଜାଖୋଜି କରିବାପରେ ପୋଲିସ ଜରିଆରେ ସନ୍ଧାନ ପାଇଛନ୍ତି । ତେଣୁ ଯେଉଁଦିନ କୃଷ୍ଣା ଓ ଅମୃତା ଯାଇ ସେ ହୋଟେଲରେ

Digitized by srujanika@gmail.com

ପହଞ୍ଚିଛନ୍ତି, ଠିକ୍ ସେହିଦିନ ଝିଅର କକେଇ ବି ଆସି ସେଠାରେ ପହଞ୍ଚିଛନ୍ତି । ଅବଶ୍ୟ ସେ ପୁଅ ବା ଝିଅ ଯେପରି କିଛି ଜାଣି ନ ପାରନ୍ତି, ତାର ବ୍ୟବସ୍ଥା କରି । କାରଣ, ଯଦି ଜାଣିଦେବାମାତ୍ରେ ଅନ୍ୟ କେଉଁଆଡ଼େ ପଳାଇଯାଆନ୍ତି ?

ଅମୃତାକୁ ଦେଖୁ ଦେଖୁ ଝିଅର କକେଇଙ୍କର ମନ ପାଇଯାଇଥିଲା । ତାଙ୍କୁ କାହିଁକି ଲାଗିଥିଲା, ଅମୃତା ଦେଇ ହିଁ କାମ ହୋଇପାରିବ । ସେ ହୋଟେଲ ମ୍ୟାନେଜରଙ୍କୁ ସବୁକଥା ଖୋଲି କହିବାରୁ ସେ ମତ ଦେଇଥିଲେ ଯେ, ଏପରି ଭାବରେ ଜୀବନ ଆରମ୍ଭ କଲେ ତ ସେମାନଙ୍କୁ ସମାଜରେ ଗ୍ରହଣ କରିବେ ନାହିଁ । ପରିଣତି ବଡ଼ ଦୁଃଖମୟ ହୋଇଯିବ ।

ଫଳରେ ସେମାନେ ଡଃ କୃଷ୍ଣା ରାଓଙ୍କ ପାଖକୁ ଆସି ସବୁକଥା ଜଣାଇ ଅମୃତାର ସାହାଯ୍ୟ ମାଗିଥିଲେ । ଝିଅଟି ବଡ଼ ଏକଜିଦିଆ । ବର୍ତ୍ତମାନ ସେମାନଙ୍କୁ ବାହା କରାଇଦେବାକୁ ସମସ୍ତେ ରାଜି । ତେବେ ଝିଅବାପ ଚାହାନ୍ତି ଯେ ପୁଅଟିକୁ ତାଙ୍କ ବ୍ୟବସାୟରେ ଯୋଗଦେବାକୁ ପଡ଼ିବ ।

ସବୁ ଶୁଣି ଅମୃତା ବ୍ୟାକୁଳ ହୋଇ କହିପକାଇଥିଲା, ‘‘ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଝିଅଟିକୁ ବୁଝାଇ ଶୁଝାଇ କାମ କରିବାକୁ ପଡ଼ିବ । ସେ କାମଟି ମୁଁ ଯେକୌଣସି ପ୍ରକାରେ କରିବି । ଆପଣ ଯାଆନ୍ତୁ । ପରେ ମୁଁ ଆପଣଙ୍କୁ ସବୁକଥା ଜଣାଇବି ।’’

ଝିଅର କକେଇ ଯେତେବେଳେ ଡଃ ରାଓଙ୍କୁ କହିଲେ, ‘‘ଆପଣଙ୍କର ସ୍ତ୍ରୀ ସାକ୍ଷାତ୍ ଦେବୀଟିଏ, ନ ହେଲେ କି ପରଦୁଃଖରେ ଏତେ ବ୍ୟଥିତ ହୋଇପଡ଼ନ୍ତେ ? ତାଙ୍କ ଆଶ୍ୱାସନାରେ ମତେ ଟିକିଏ ଶାନ୍ତି ମିଳିଛି । ଭଗବାନ ତାଙ୍କୁ ସାହାଯ୍ୟ କରନ୍ତୁ’’ ସେତେବେଳେ ଅମୃତା ଅନ୍ୟଆଡ଼େ ମୁହଁ ବୁଲାଇନେଇଥିଲା ।

ଅମୃତା ଯେ କାହିଁକି ଏତେ ଅସ୍ଥିରତା ବୋଧ କରୁଥିଲା, ଡଃ ରାଓ ତାହା ବୁଝିଥିଲେ । ନିଜର ସେହି ଅତୀତ କଥା, ଯେଉଁ କଥାକୁ ମିତାଠାରୁ ଦୂରେଇ ରଖିବାକୁ କୃଷ୍ଣା ଚେଷ୍ଟା କରୁଥିଲେ, ସେହି ଅତୀତ କଥା ହିଁ ତାକୁ ଅସ୍ଥିର ଚଞ୍ଚଳ କରିଦେଇଥିଲା ।

କୃଷ୍ଣାଙ୍କ ମନଟା ମିତା ପାଇଁ ବ୍ୟଥାରେ ପୂର୍ଣ୍ଣ ହୋଇଯାଇଥିଲା । ଏଭଳି କାହିଁକି ଘଟିଲା ? ଆସିଥିଲେ ଆନନ୍ଦରେ କେତୋଟି ଦିନ କଟାଇଦେବେ ବୋଲି । ଏଠାରେ ବି ମୁକ୍ତି ନାହିଁ !

ସଂସାରରେ କେତେ ଦୁଃଖ ! ସମାଜରେ କେତେ ଅବିଚାର ! ତାଙ୍କର ଇଚ୍ଛା, ସେ ମିତାକୁ ଏ ପ୍ରକାରର ସମସ୍ତ ଆଘାତରୁ ନିରାପଦରେ ଘୋଡ଼ାଇ

Digitized by srujanika@gmail.com

ରଖିବେ । ଭାବିଥିଲେ ମିତାକୁ କହିବେ, ଆହେ, ତୁମର ଏ ଛୋଟ ହାତ ଦୁଇଟିରେ ସମସ୍ତଙ୍କୁ କେତେ ଆଗୋଳିବ ? କିନ୍ତୁ କିଛି କହି ନ ଥିଲେ ।

ସେ ଜାଣିଥିଲେ, ମିତାକୁ ତା'ର ସଂକଳ୍ପରୁ ଫେରାଇ ଆଣିହେବ ନାହିଁ । କିଛି ନ କହି କେବଳ ଅତି ଧୀରେ ଧୀରେ ମିତାର ହାତ ଉପରେ ନିଜର ହାତ ରଖିଦେଇଥିଲେ ।

ମିତା ମୁହଁ ଫେରାଇଆଣି ତାଙ୍କ ଆଡ଼କୁ ଚାହିଁଥିଲା, ''ଆହେ, ଝିଅଟିକୁ ବୁଝାଇବାକୁ ପଡ଼ିବ । ...କେଡ଼େ ଦୁଃଖରେ, କେତେ ଅସହାୟ ହୋଇ ମାଆ ତାର ନିଜ ରକ୍ତମାଂସରେ ଗଢ଼ା ସନ୍ତାନକୁ ତ୍ୟାଗ କରେ, ମୁଁ ତାହା ଜାଣେ, ମୁଁ ତାହା ପୂର୍ଣ୍ଣପ୍ରାଣରେ ବୁଝେ ।''

''ତୁମେ ଅଧୀର ହୁଅନି ମିତା । ମୁଁ ଜାଣେ, ତୁମେ ଅସାଧ୍ୟ ସାଧନ କରିପାରିବ ।''

''ତୁମେ ବୋଲି କହୁଛ ? ଆଗୋ ତୁମେ ମୋ ପାଖରେ ଥିଲେ ହିଁ ମୁଁ ପାରିବି । ଭାବୁଛି, ମ୍ୟାନେଜରଙ୍କ ହାତରେ ଝିଅଟିକୁ ଚା ଖାଇବାକୁ ଡକାଇ ପଠାଇବି ।''

''ମ୍ୟାନେଜର କ'ଣ କହି ନିମନ୍ତ୍ରଣ କରିବେ ?''

''ମୁଁ ସେକଥା ଭାବିସାରିଛି । କୁହାଯିବ ଝିଅଟିକୁ ଦୂରରୁ ଦେଖି ମୋତେ ଭାରି ଭଲ ଲାଗିଛି, ତୁମେ ଅନେକ ସମୟ ହେଲା କେଉଁଆଡ଼େ ବୁଲି ଯାଇଛ; ମୁଁ ଉପରବେଳାଟାରେ ଏକାଟିଆ ବସିଛି । ତେଣୁ... ।''

''ଠିକ୍ ଅଛି । ଧର ତୁମ କଥା ଅନୁସାରେ ସବୁ ଘଟିଲା । ତା'ପରେ ଅସଲ କଥାଟି ପକାଇବ କିପରି ?''

''ସେଇଟା ମୁଁ ମ୍ୟାନେଜ୍ କରିବି । ଗପ କହିବା ଛଳରେ ଇମିତି ଗୋଟିଏ ଘଟଣା ଓ ତାର ଭୟାବହ ପରିଣତି ବିଷୟ ବର୍ଣ୍ଣନା କରିବି ଯେ, ଝିଅଟି ଡରିଯିବ । ସେହିଥିରୁ ତା'ରି ମୁହଁରୁ ତା'ରି କଥା ବାହାର କରିବି ବୋଲି ମୋ ଇଚ୍ଛା ।''

କୃଷ୍ଣା ହସି ହସି କହିଥିଲେ, ''ମହାରାଣୀଙ୍କର ଜୟ ହେଉ ।''

ମ୍ୟାନେଜର ଯେତେବେଳେ ଝିଅଟିକୁ ଡାକି ନେଇଆସିଲେ, ଦେଖି ମନେ ହୋଇଥିଲା —ଝିଅଟି ଭାରି ତେଢ଼ା, ଭାରି ବଦରାଗୀ ହୋଇଥିବ ।

ସେ ପଚାରିଥିଲା, ''ମୋତେ ଦେଖୁ ଦେଖୁ ଆପଣଙ୍କର ଭଲ ଲାଗିବାର ଅର୍ଥ ?''

Digitized by srujanika@gmail.com

ହସି ହସି ଅମୃତା କହିଥିଲା, ''ପ୍ରଶ୍ନଟା ଆପଣ ପଚାରିପାରନ୍ତି, କିନ୍ତୁ କଥା କଣ ଜାଣନ୍ତି ? କିଏ କେତେବେଳେ କାହାକୁ କାହିଁକି ଭଲ ଲାଗିଯାଆନ୍ତି ବା ମଣିଷ କାହାକୁ କାହିଁକି ଭଲପାଇ ବସେ, ଠିକ୍ ତାର ଉତ୍ତର ବୋଧହୁଏ ଦେବତାମାନେ ମଧ୍ୟ ଦେଇପାରିବେ ନାହିଁ । ତେଣୁ ପୁରାଣରେ ପଢ଼ିଥିବ, ବେଳେବେଳେ ସେମାନେ ବି ବିପଦରେ ପଡ଼ିଯାଇଛନ୍ତି ।''

ଏତିକି ଶୁଣୁ ଶୁଣୁ ଝିଅଟିର ଆଖିର ରଙ୍ଗ ବଦଳିଯାଇଥିଲା । ଜ୍ୱଳନ୍ତ ନିଆଁର ରଙ୍ଗ ଯେପରି ଲିଭି ଲିଭି ଆସୁଥିବା ନିଆଁଝୁଲର ରଙ୍ଗ ଧରିଲା ।

ଅମୃତା କହିଥିଲା, ''ବୟସରେ ତ ବହୁତ ଛୋଟ-ବଡ଼ ହେବା । ତୁମେ ବୋଲି କହିଲେ ରାଗିବ ?''

''ନା, ମୋତେ ନୁହେଁ । ଆପଣ ମୋ ମାଉସୀଙ୍କ ଝିଅ ଦିଦି ବୟସର ହେବେ, ମୁଁ ଆପଣଙ୍କଠାରୁ ଛୋଟ ।''

''ତା'ହେଲେ ତ ଠିକ୍ ଅଛି'', କହି ଅମୃତା ଚାହା କପ୍ ବଢ଼ାଇ ଦେଇଥିଲା । ନିଜେ ବି ନେଇଥିଲା ।

ଚାହା ଖାଉ ଖାଉ ଅମୃତା ନିଜର କାହାଣୀ ହିଁ କହିଯାଇଥିଲା —କିପରି ଭାବରେ ଡଃ ରାଓଙ୍କ ସହିତ ଭାବ ହୋଇଥିଲା, ସେହିକଥା ।

ଘଟଣାଟି ଟିକିଏ ଏପଟ ସେପଟ କରି ବାଗେଇଦେଇ କହିଥିଲା, ''ସେ ଭିନ୍ନ ଜାତିର, ତେଣୁ ତାଙ୍କ ବାପା ମତ ଦେବେ ନାହିଁ ଜାଣି ମୁଁ ନିଜେ ପଛେଇ ଆସିଥିଲି । ଠିକ୍ କରିଥିଲି ଯେ, ସେ ମୋତେ ଭଲ ପାଉଥିଲେ ବି ରେଜିଷ୍ଟ୍ରେସନ କରି ବିବାହ ନ କରିବା ପର୍ଯ୍ୟନ୍ତ ମୁଁ ଆଗେଇବି ନାହିଁ । ଯଦି ତାଙ୍କର ସେଥିରେ ମତ ନ ଥାଏ, ତେବେ ଚିରଦିନଲାଗି ଦୂରେଇଯିବି ।''

''ଆପଣ ଯଦି ତାଙ୍କୁ ଛାଡ଼ିଦେଇ ପାରିଥାନ୍ତେ, ତା'ହେଲେ ଆପଣ ଆଉ କି ଭଲ ପାଉଥିଲେ ଯେ ?''

''ତୁମେ ବର୍ତ୍ତମାନ ପିଲା, ଜାଣିନା । କିନ୍ତୁ ଶୁଣ, ପ୍ରକୃତ ଭଲପାଇବା କେବଳ ପାଖକୁ ଟାଣିଆଣେନି, ଦୂରକୁ ବି ଠେଲିଦେଇପାରେ ।''

ଅମୃତା ଦେଖିଥିଲା, ଝିଅଟି ମନଧ୍ୟାନ ଦେଇ ତା କଥା ଶୁଣୁଛି । ତା'ର ତେଜ୍ୱାଭାବ କୁଆଡ଼େ ମିଳେଇଗଲାଣି; ମୁହଁରେ ଫୁଟି ଉଠିଲାଣି ଗୋଟିଏ ଦୁଃଖର ଭାବ ।

'ବିଚାରୀ ଏପରି ପଳାଇଆସି କି ଶାନ୍ତି ପାଉଛି ?' ମନେ ମନେ ବ୍ୟଥା ଅନୁଭବ କରିଥିଲା ଅମୃତା —'ଆହା ! ଏ ବୟସଟା ସାଧାରଣ ପୁଅଝିଅଙ୍କ

Digitized by srujanika@gmail.com

ପକ୍ଷରେ କି ଦୁଃଖ, କି ବିପଦର ବେଳ ନୁହେଁ ! ନ ବୁଝି ନ ଜାଣି ଅନେକେ ଖରାପ ଦିଗରେ ପାଦ ବଢ଼ାଇଦିଅନ୍ତି । ନିଜକୁ ବଡ଼ ବୁଦ୍ଧିମାନ, ବଡ଼ ବିଚକ୍ଷଣ ମନେକରନ୍ତି । ସାମୟିକ ଆକାଙ୍‌କ୍ଷାର ବଶବର୍ତ୍ତୀ ହୋଇ ନିଜକୁ ଦୁଃଖରେ ବୁଡ଼ାଇ ଦିଅନ୍ତି ଏବଂ ଅତି ଆପଣାର ଲୋକଙ୍କ ସମ୍ପର୍କ ବି ମନରେ ପ୍ରାଣରେ ଶେଷ କରି ଦିଅନ୍ତି ।

ଯିମିତି ଏ ଝିଅଟି କରିଛି ।

'ଏ ଯଦି ବାପାମାଆଙ୍କୁ ବୁଝାଇ କହିଥାନ୍ତା ମତେ ଦୁଇଟି ବର୍ଷ ସମୟ ଦିଅନ୍ତୁ, ଏ ଦୁଇବର୍ଷ ଭିତରେ ମୁଁ ବାହାହେବିନି କି ସେ ପୁଅଙ୍କ ସହିତ ଦେଖା ପର୍ଯ୍ୟନ୍ତ କରିବି ନାହିଁ । ଦୁଇବର୍ଷ ପରେ ମଧ୍ୟ ଯଦି ମୋ ମନରେ ତାଙ୍କ ପ୍ରତି ଭଲପାଇବା ଥିବ ଏବଂ ସେ ମଧ୍ୟ ଯଦି ମୋ ପ୍ରତି ଆକୃଷ୍ଟ ହୋଇ ରହିଥିବେ, ତେବେ ମୋର ବିଶ୍ୱାସ, ତୁମେ ଆମ ବିବାହରେ ଆପତ୍ତି କରିବ ନାହିଁ । ଯଦି ସେ ଓ ମୁଁ ଆମ ଦୁଇଜଣଙ୍କ ମଧ୍ୟରୁ କେହି ଜଣେ ଭଲପାଇବା ଭୁଲିଯିବୁ, ତେବେ ତ ବିବାହର ପ୍ରଶ୍ନ ହିଁ ଉଠୁ ନାହିଁ ।

'ମାଆବାପା ନିଶ୍ଚୟ ଏଥିରେ ଏକମତ ହୋଇଥାନ୍ତେ, ସେମାନଙ୍କର ମନ ନରମ ହୋଇଯାଇଥାନ୍ତା; ଭାବିଥାନ୍ତେ, ଆମ ଝିଅ ଆମକୁ ଭଲପାଏ ବୋଲି, ଆମ ମନରେ କଷ୍ଟ ହେବ ବୋଲି ଏ ବାଟ ଧରିଛି । ବୋଧହୁଏ ସେତେବେଳେ ହିଁ ସେମାନେ ବିବାହ କରାଇଦେବାକୁ ରାଜି ହୋଇଯାଇଥାନ୍ତେ କିମ୍ବା ଦୁଇଟି ବର୍ଷ ପରେ କରାଇଦିଅନ୍ତେ । କେତେ ଶାନ୍ତି, କେତେ ଆନନ୍ଦ ଭିତରେ ସବୁ ହୋଇଯାଇ ନ ଥାନ୍ତା !'

"ଆପଣ କଣ ଭାବି ଦୂରେଇ ଯାଇଥିଲେ ?"

"ହିନ୍ଦୁ ମତରେ ଯେତେବେଳେ ବିବାହ ହୋଇପାରୁନି, ତେବେ ରେଜିଷ୍ଟ୍ରି କରି ବିବାହ କରନ୍ତୁ ବୋଲି ? ନଚେତ୍ ଭାବି ଦେଖୁନା, କି ସର୍ବନାଶ ହୋଇ ନ ଯାଇପାରେ ! ଗୋଟିଏ ପିଲା ହେବାପରେ ସ୍ୱାମୀ ଛାଡ଼ି ଚାଲିଯାଇ ପାରନ୍ତି; କୌଣସି ପ୍ରକୃତ ସାମାଜିକ ବନ୍ଧନ ତ ନୁହେଁ । ସେତେବେଳେ ପିଲାଟିର କି ପରିଚୟ ? ସମାଜର ଅବହେଳା ଭିତରେ, ସମସ୍ତଙ୍କର ଦୂର୍‌ଦୂର୍ ମାର୍‌ମାର୍ ଭିତରେ ସେ ବଡ଼ ହୁଅନ୍ତା । ଭାବି ଦେଖିଲ, କେଡ଼େ ବଡ଼ ଦୁର୍ଭାଗ୍ୟର କଥା ନ ହୁଅନ୍ତା ! ମୁଁ ତ ସେ କଥା ଭାବି ହିଁ ପାରୁନି ।"

କହୁ କହୁ ଅମୃତାର ଆଖିଦୁଇଟି ଲୁହରେ ଛଳଛଳ ହୋଇଗଲା ।

ଦରଦଭରା କୋମଳ କଣ୍ଠରେ ଝିଅଟି କହିଲା, "ଦିଦି, ଆପଣ ଏତେ ଭାବନ୍ତି !"

Digitized by srujanika@gmail.com

ଅମୃତା ବୁଝିଲା, ଔଷଧ କାଟିଛି; ଏତେ ସମୟ ପରେ ବରଫ ତରଳିବାକୁ ଆରମ୍ଭ କରିଛି ।

"ଆଚ୍ଛା ଦିଦି, ଯଦି ଛଡ଼ାଛଡ଼ି ନ ହୁଏ ?"

"ତେବେ ବି ଅସୁବିଧା । ଆଇନ୍ ଦୃଷ୍ଟିରୁ ସେ ସନ୍ତାନର ତ କୌଣସି ଧନସମ୍ପତ୍ତିରେ ଅଧିକାର ରହିବ ନାହିଁ । ପୁଣି କଥାଟି ଯଦି କୌଣସି ପ୍ରକାରେ ବାହାରେ ଜଣାପଡ଼ିଯାଏ, ତେବେ ସେ ପିଲାକୁ ସ୍କୁଲରେ ଭର୍ତ୍ତି କରିବା ମଧ କଷ୍ଟକର । ତେଣୁ ସବୁଦୃଷ୍ଟିରୁ ହଇରାଣ । କେବଳ ଲାଞ୍ଛନା ଗଞ୍ଜଣା ସାର । କୌଣସି ମାଆ କଣ ସେସବୁ ସହିପାରିବ ? ତେଣୁ ମୁଁ ଭାବେ, ଝିଅମାନେ ସାମୟିକ ଉତ୍ତେଜନା ହେତୁ କେତେ ଯେ ବିପଦରେ ପଡ଼ନ୍ତି, ତାର କୌଣସି ଠିକଣା ନାହିଁ । ପୃଥିବୀର ଅଧେ ଦୁଃଖ ତ ସାମୟିକ ଉତ୍ତେଜନାରେ ପଡ଼ି କାମ କରିଦେବା ହେତୁ ଫଳେ ।"

ଝିଅଟି ମନରେ କିଛି ରେଖାପାତ କରିପାରିଛି କି ନାହିଁ, ଅମୃତା ତାଁହା ଚୁପ୍ ହୋଇ ବସିପଡ଼ି ବୁଝିବାକୁ ଚେଷ୍ଟା କରିଥିଲା ।

କିଛି ସମୟ ମୁଣ୍ଡପୋତି ବସିରହିବା ପରେ ଝିଅଟି ହଠାତ୍ କହିଉଠିଥିଲା, "ଦିଦି, ମୁଁ ଭିତରେ ଭିତରେ ବଡ଼ ଅଶାନ୍ତି ପାଉଛି । ଆପଣଙ୍କୁ ସବୁକଥା କହିଦେବାକୁ ମନ ହେଉଛି । –କାହାକୁ କହିପାରୁନି କି କଣ କରିବି ବୁଝିପାରୁନି ।"

"କଣ କହିବ ଖୋଲି କହୁନା । ମୋର ସାନଭଉଣୀ ହୋଇ କେହି ନାହାନ୍ତି । କିନ୍ତୁ କାହିଁକି କେଜାଣି, ତୁମେ ମୋର ସାନଭଉଣୀ ପରି ଲାଗୁଛ । କଥାଟା କଣ ଜାଣିପାରିଲେ ତୁମ ଭଲ ପାଇଁ ମୁଁ ସବୁକିଛି କରିବାକୁ ରାଜି ।"

ଝିଅଟି ଧୀରେ ଧୀରେ ସବୁକଥା ଖୋଲି କହିଦେଇଥିଲା । ଏ କଥା ବି କହିଥିଲା –"ମୋ ବାପାମାଆଙ୍କ ମନରେ ବଡ଼ କଷ୍ଟ । ମୁଁ ମନେ ମନେ ସବୁ ବୁଝିପାରୁଛି । ସେମାନଙ୍କ ପାଖକୁ ଫେରିଯିବାକୁ ମନ ଛଟପଟ ହେଉଛି । କିନ୍ତୁ ଏପଟେ ଇଏ ଅଛନ୍ତି; ଯାଙ୍କୁ ଛାଡ଼ି ତ ମୁଁ ରହିପାରିବି ନାହିଁ ।"

ଏପରି କହୁ କହୁ ତା ବାପାଙ୍କ ନାଆଁ ଗାଆଁ, ସେମାନେ କାହିଁକି ଆପତ୍ତି କରୁଛନ୍ତି, ଇତ୍ୟାଦି ଇତ୍ୟାଦି ସବୁକଥା କହି ଦେଇଥିଲା ।

ଅମୃତା କହିଥିଲା, "ତୁମ ବାପାଙ୍କର ଭଲ ବ୍ୟବସାୟପତ୍ର ଅଛି । ତୁମର ଯେଉଁ ଦୁଇଭାଇ ଅଛନ୍ତି, ସେମାନେ ତ ତୁମଠାରୁ ବହୁତ ସାନ । ତୁମ ସ୍ୱାମୀ ଯେଉଁ ଚାକିରିଟିଏ କରିଛନ୍ତି, ତାହା ହିଁ ତ ଅନ୍ତରାୟ ? ତୁମ ବାପା ଯଦି

Digitized by srujanika@gmail.com

ତାଙ୍କୁ ନିଜ ବ୍ୟବସାୟରେ ଜଣେ କରି ନେଇଯାଆନ୍ତେ, ତେବେ ତ ସବୁ ଅଡୁଆ ତୁଟିଯାଆନ୍ତା ।''

ଝିଅଟି ଉତ୍ସାହର ଆବେଗରେ ଅମୃତାର ହାତ ଚିପି ଧରିଥିଲା । ''ଦିଦି, ସତରେ ତା'ହେଲେ ତ କେଡ଼େ ଭଲ ହୁଅନ୍ତା । ଆପଣ ତାଙ୍କୁ ଟିକିଏ ଦେଖୁ ନାହାନ୍ତି ? ଦେଖିବେ, ସେ ସବୁ ଦୃଷ୍ଟିରୁ ଭଲ । ସେ ଏବେ ଆମ ରୁମ୍‌ରେ ଅଛନ୍ତି । ଯାଏଁ, ତାଙ୍କୁ ଡାକିଆଣେ ?''

''ହଉ ।''

ଝିଅଟି ଯାଇ ପୁଅଟିକୁ ଡାକି ଆଣିଥିଲା । ଅମୃତାକୁ ପୁଅଟି ଭଲ ଲାଗିଥିଲା । ବି.ଏ.ପାସ୍ । ପ୍ରତିଭାବାନ୍ । ଧୀର ସ୍ଥିର ।

ପୁଅଟି ବି କହିଥିଲା, ''ମୁଁ ତାଙ୍କ ବାପାମାଆଙ୍କ ମନରେ ଦୁଃଖ ଦେବାକୁ ଚାହେନି । କିନ୍ତୁ କିପରି ଯେ କଣ ସବୁ ହୋଇଗଲା !''

ଅମୃତା ବୁଝିପାରିଥିଲା, ପୁଅଟିକୁ ଅନୁତାପର ଦୁଃଖ ଦଂଶନ କରୁଛି ।

''ଜାଣନ୍ତି ଦିଦି ! ମୋ ବାପା ହଠାତ୍ ମରିଗଲେ । ଆମେ ବଡ଼ ଅଭାବରେ ପଡ଼ିଯାଇଥିଲୁ । ମୁଁ, ମୋ ତଳକୁ ତିନିଟି ଛୋଟ ଭଉଣୀ । ଘରେ ଯାହାକିଛି ଥିଲା, ସେହି ଖୁଦଣାଗରେ, ବଡ଼ ଅସହାୟ ଅବସ୍ଥାରେ ମାଆ କୌଣସି ପ୍ରକାରେ ସଂସାର ଚଳାଉଥିଲେ । ଉପଯୁକ୍ତ ଚିକିତ୍ସା ନ ପାଇ ମୋ ତଳ ଭଉଣୀଟି ମରିଗଲା । ମୁଁ ଟ୍ୟୁସନ୍ କରି କରି ପାସ୍ କଲି । ମୁଁ ୟାଙ୍କୁ ପଢ଼ାଇବାକୁ ଆସୁଥିଲି... ।'' ଆଉକିଛି କହି ନ ପାରି ପୁଅଟି ଚୁପ୍ ହୋଇଗଲା ।

''ତା'ହେଲେ ତ ତୁମେ ବୁଝିପାରୁଥିବ । ତାଙ୍କଆଡୁ ଆପତ୍ତି କରିବାଟା ସ୍ୱାଭାବିକ ।''

''ହଁ, ତା'ନୁହେଁ କ'ଣ ।'' ପୁଅଟି ଏକମତ ହେଲା ।

''ମୁଁ କଣ କହୁଛି କି, ଏପରି ଅଘୋରୀଙ୍କ ପରି ଆଉ କେତେଦିନ ଚଳିବ ? ତା ଅପେକ୍ଷା ବରଂ ଦୁହେଁ ଯାଇ କ୍ଷମା ମାଗି ବାପାମାଆଙ୍କ ପାଦତଳେ ବସିପଡ଼ିଲେ ସେମାନେ ସବୁ ଦୋଷାଦୋଷ ଭୁଲିଯାଇ କୋଳକୁ ଟାଣିନେବେ । ମୋତେ ବିଶ୍ୱାସ କର, ଯେତେ ଦୋଷ କରିଥିଲେ ବି କ୍ଷମାମାଗିଲେ ବାପାମାଆ ସବୁ ଭୁଲିଯାଆନ୍ତି ।''

''ଆମେ ଆଗେଇଯିବୁ କିପରି, କୌଣସି ବାଟ ପାଉନୁ ।''

Digitized by srujanika@gmail.com

"ଆଚ୍ଛା ମୁଁ ବାଟ କରିଦେବି, ତୁମେ ମୋ କଥା ମାନିନେବ ନା ?"

"ହଁ ଦିଦି, ଆପଣ ଯାହା କହିବେ, ତାହା କରିବି । ଆପଣ ନିଶ୍ଚୟ ମୋର ପୂର୍ବଜନ୍ମର ଦିଦି ଥିଲେ ।"

"ଠିକ୍ ଅଛି । ତା'ହେଲେ ଶୁଣ ।"

ଅମୃତା ସବୁକଥା ଖୋଲି କହିଦେଇଥିଲା । କହିଦେଇଥିଲା ଝିଅଟିର କକେଇ ଆସିଥିବା କଥା ଏବଂ ସେହି କାରଣରୁ ତାଙ୍କୁ ଡକାଇଥିବାର କୌଶଳ ।

କକେଇଙ୍କ ପ୍ରତି ସେମାନେ ଭଲ ବ୍ୟବହାର ଦେଖାଇଥିଲେ ।

ସେମାନଙ୍କର ବାଙ୍ଗାଲୋର ଦେଖା ସେଥର ଆଉ ହୋଇପାରି ନ ଥିଲା । ସେ ପୁଅ, ସେ ଝିଅ ଓ ତା କକେଇ ସେମାନଙ୍କୁ ବାଧ୍ୟକରି ନିଜ ସହିତ ମାନ୍ଦ୍ରାଜ ନେଇଯାଇଥିଲେ । ସେମାନଙ୍କର ବିବାହବେଳେ ବାଣୀଦେଇ ଯେପରି କନ୍ୟାଘରର ପିଉସୀ ଓ ବରଘରର ମାଉସୀ ହୋଇଥିଲେ, ଅମୃତା ସେ ପୁଅଝିଅଙ୍କ ବିବାହ ଉତ୍ସବରେ ସେପରି କାମ ତୁଲାଇଥିଲା । ବଡ଼ ଭଲରେ, ହସଖୁସି ଭିତ୍‌ରେ ବାହାଘରଟା ହୋଇଥିଲା । ଝିଅର ବାପାମାଆ ଏପରି ଜ୍ୱାଇଁଟିଏ ପାଇ ଖୁସି ହୋଇଥିଲେ । ସେପଟେ ଶାଶୁବୁଢ଼ୀ ତ ଘରକୁ ବୋହୂ ଆସିଲା ଦେଖି ସବୁ ଦୁଃଖ ଭୁଲିଗଲା ।

"ଅମୃତା, ବାଙ୍ଗାଲୋର ଦେଖାଠାରୁ ଆମେ ଏଥିରୁ ବେଶୀ ଆନନ୍ଦ ଓ ତୃପ୍ତି ପାଇଥାଇଁ ।"

"ଠିକ୍ କହିଛ । ମନେ ମନେ ମୁଁ ପ୍ରଥମେ ଭୟ କରୁଥିଲି, ଯଦି ନେଇଆଣି ଥୋଇ ନ ପାରିବିନା, ତେବେ ସରିଲା ! କିନ୍ତୁ ମହାରାଜଙ୍କ କୃପାରୁ ଯାହାର ପରିଣତି ଭଲ, ସେସବୁ ଭଲ ।"

କଲିକତା ଚାଲିଆସିବାବେଳେ ଖବର ମିଳିଥିଲା । ସେ ଝିଅଟି ସ୍ୱାମୀ, ପୁଅ, ବାପାମାଆ ସମସ୍ତଙ୍କୁ ପାଇ ବଡ଼ ସୁଖରେ ଅଛି । ବରଟି ବ୍ୟବସାୟରେ ପଶିବାରୁ ତା ମାଆ ଓ ଭଉଣୀ ସୁଖ କଣ ଜାଣିଲେଣି । କଲିକତାକୁ ପ୍ରଥମେ ଆସିବାପରେ ସେଠାର ସମସ୍ତଙ୍କଠାରୁ ନିୟମିତ ଚିଠିପତ୍ର ଆସୁଥିଲା । ଅମୃତା ବି ଲେଖୁଥିଲା । କିନ୍ତୁ ଧୀରେ ଧୀରେ ନାନା ଦିଗରେ ଇଣ୍ଟରେଷ୍ଟ୍ ବାଣ୍ଟି ହୋଇଯିବା ଫଳରେ ଉତ୍ତର ଦେବା ଶିଥିଳ ହେଉ ହେଉ ପ୍ରାୟ ବନ୍ଦ ହୋଇଗଲାଣି । କିନ୍ତୁ ମନ ଭିତରେ ସମସ୍ତେ ପୂର୍ବପରି ନିକଟରେ ଅଛନ୍ତି ।

Digitized by srujanika@gmail.com

ପନ୍ଦର

ମନ-ଆଇନାରେ ସମସ୍ତେ ଏପରି ଧରାହୋଇ ରହିଥାନ୍ତି । ମନ ଭିତରେ ଏତେ ପାଖରେ, କିନ୍ତୁ ବାହାରେ କେତେ ଦୂରରେ ! ତେଣୁ ଅମୃତା ଦେବୀ ଭାବୁଥିଲେ, ମଣିଷର ବାହାର ରୂପଟି ବଦଳେ, କିନ୍ତୁ ସେ ତାଙ୍କର ସେହି ଅମ୍ଳାନ କୃଷ୍ଣଙ୍କୁ ଠିକ୍ ପାଇଛନ୍ତି; ଅନ୍ୟ ସବୁ ବିଷୟ ଆଡ଼େଇଦେଇ କେବଳ କୃଷ୍ଣାଙ୍କ ବିଷୟ, କୃଷ୍ଣାଙ୍କ କଥା, କୃଷ୍ଣାଙ୍କ ସଙ୍ଗ ଯେପରି ତାଙ୍କର କାମ୍ୟ ।

ଅମୃତାଙ୍କର ମନେହେଲା, ସେ ଯେପରି ତାଙ୍କର ସମସ୍ତ ଅନୁଭୂତି ଦେଇ ସମସ୍ତ ଇନ୍ଦ୍ରିୟ ଦେଇ କୃଷ୍ଣାଙ୍କୁ ଫେରିପାଇଛନ୍ତି । ସେହି ସ୍ପର୍ଶ, ସେହି ମନଖୋଲା ହସ– ସବୁ ଯେପରି ତାଙ୍କୁ ଆଜି ଘେରି ରହିଛି ।

"ମିତା, ଏଥର ତ କେବଳ ଫେରିଆସିବାଲାଗି ବାଙ୍ଗାଲୋର ଯାଇଥିଲେ । ଆସନ୍ତା ଛୁଟିରେ ସେଠାକୁ ନିଶ୍ଚୟ ଯିବା । ଏଥର କିନ୍ତୁ ପରାର୍ଥେ ଦେବୀ ସାଜିଲେ ଚଳିବ ନାହିଁ । ମାଟିର ମଣିଷ ଦି'ଜଣ ମାଟିର ମଣିଷଙ୍କ ପରି ଚାରିଆଡ଼େ ବୁଲାବୁଲି କରି ସ୍ଥାନଟି ଦେଖିଆସିବା ।"

ତେଣୁ ସେମାନେ ତା ପରବର୍ଷ ପୁଣିଥରେ ବାଙ୍ଗାଲୋର ଯାଇଥିଲେ । ବାଣୀଦେଈ କହିଥିଲେ, "ଆଲୋ, ଏହି ସମୟରେ ବୁଲାବୁଲି କରି ସବୁ ଦେଖିପକାଅ । ପିଲାଛୁଆ ହୋଇଗଲେ ଆଉ ସୁବିଧା ପାଇବନି ।"

ବାଣୀଦେଈ ବାହା ହେବାର ଗୁଡ଼ାଏ ବର୍ଷ ହୋଇଗଲାଣି । ଲାଗୁଥିଲା ତାଙ୍କର ବୋଧହୁଏ ଆଉ ପିଲାଛୁଆ ହେବନି ।

ଅମୃତା ଭାବେ, ସେମାନଙ୍କର ଜନ୍ମଭୂମି ପ୍ରତି କେତେ ମୋହ ! ପୁଣି ବାପାମାଆ ବଞ୍ଚି ଥାଉ ଥାଉ ! ଛୁଟି ହେବାମାତ୍ରେ କଲିକତା ଦୌଡ଼ନ୍ତି । ସେମାନେ ଦକ୍ଷିଣର ବେଶୀ କିଛି ଦେଖିନାହାନ୍ତି । ସେମାନେ ନିଜ ଦେଶ ଦେଖି ଫେରିଆସିଲେ ଦୁହିଁଙ୍କ ମୁହଁରେ ଦେଖାଯାଏ ଗୋଟିଏ ତୃପ୍ତିର ଭାବ । ସେତେବେଳେ ଅମୃତା ଭିତରଟା ଦଲିଚକଟି ହୋଇଯାଏ —'ମାଆ ଆଉ କେତେଟା ଦିନ ବଞ୍ଚିପାରିଲେ ନାହିଁ । ନିଜ ପାଖରେ ରଖିଥାନ୍ତି, ଯତ୍ନ କରିଥାନ୍ତି, ଦେଶ ବିଦେଶ ବୁଲାଇ ଦେଖାଇ ଥାଆନ୍ତି । କିଛି କରିପାରିଲି ନାହିଁ ।"

Digitized by srujanika@gmail.com

କଣ ସେତେବେଳେ ଅଜାଣତରେ ବାଣୀଦେଈଙ୍କ ଉପରେ ଈର୍ଷା ହୁଏ ? ସେପରି ତ ମନେପଡୁନି । କଦାପି ହେଉ ନ ଥିବ । ଯଦି ସେପରି ହେଉଥାନ୍ତା, ସେ କାହିଁକି ତାଙ୍କର ମଙ୍ଗଳ ହେଉ, ସେ ଭଲରେ ଥାଆନ୍ତୁ ବୋଲି ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତା ?

ସେଥର ବାଙ୍ଗାଲୋର ଯାଇ ସେମାନେ ସେହି ଆଗର ହୋଟେଲଟିରେ ରହିଥିଲେ । ସେହି ପୁଅ ଓ ସେହି ଝିଅକଥା ମନେପକାଇ ବଡ଼ ଆନନ୍ଦ ଲାଗିଥିଲା । ସେଥର ଖୁବ୍ ବୁଲାବୁଲି କରି ବିଭିନ୍ନ ସ୍ଥାନ ଦେଖିଥିଲେ ।

କର୍ଣ୍ଣାଟକର ରାଜଧାନୀ ।

କୃଷ୍ଣା କହିଥିଲେ, ‘‘ଏ ସହରଟିର ଗୋଟିଏ ବିଶେଷତ୍ୱ ରହିଛି । ଏଠାରେ ବଡ଼ ବଡ଼ ଇଣ୍ଡଷ୍ଟ୍ରି ଗଢ଼ିଉଠିଛି, ତଥାପି ଜାଗାଟିର ଏତିକି ଟିକିଏ ବି ସୌନ୍ଦର୍ଯ୍ୟ ନଷ୍ଟ ହୋଇ ନାହିଁ । ଯେଉଁଆଡ଼କୁ ଚାହିଁବ, ସେଆଡ଼େ ଉଦ୍ୟାନ । ଫୁଲଫଳରେ ପୂର୍ଣ୍ଣ ।’’

‘‘ଠିକ୍ କହିଛ । ଆମ ଦେଶରେ ଏ ଦୁଇଟିର ସମ୍ମିଶ୍ରଣ ବିଶେଷ ଦେଖାଯାଏ ନାହିଁ ।’’

‘‘ସହରଟି ଦେଖୁଛ ? ପୂରା ଅରଖ ନୂଆ, ସତେ ଯେପରି ଏହିମାତ୍ର ଫ୍ୟାକ୍ଟରୀରୁ ବାହାରିଛି । ପୁରୁଣା ବୋଲି କେଉଁଠି ଟିକିଏ ବି ନାହିଁ । ଏତେ ସୁନ୍ଦର ଭାବରେ ପ୍ଲାନ୍ କରାଯାଇଛି ଯେ, ଅଭାବ ଲୁଚିଯାଇଛି ।’’

କୃଷ୍ଣା ରାଓ ଅନର୍ଗଳ କହିଚାଲିଥିଲେ । ସେଦିନ ସେ ଯେପରି କହିବାର ଆନନ୍ଦରେ ମତୁଆଲା ହୋଇଯାଇଥିଲେ ।

‘‘ଷୋଡ଼ଶ ଶତାବ୍ଦୀରେ ଏଠାରେ ଥିଲା ମାତ୍ର ଗୋଟିଏ ମାଟିକିଲ୍ଲା । ଏଠାର ନବାବ ହାଇଦର ଅଲ୍ଲୀ ସେହି ମାଟିକିଲ୍ଲାଟିକୁ ଇଟାପଥରରେ ଗଢ଼ି ନୂଆ ରୂପ ଦେଇଥିଲେ ।’’

ଅମୃତା କହିଥିଲା, ‘‘ମହାରାଜଙ୍କର ନଅରଟି କିନ୍ତୁ ଇଙ୍ଗ୍ଲିଶ୍ କ୍ୟାସେଲ୍‌ପରି ହୋଇଛି ।’’

ଅମୃତାଙ୍କୁ ଅବାକ୍ ଲାଗିଲା । ତାଙ୍କର ସ୍ମୃତିଶକ୍ତି ଯେ ଏତେ ବେଶୀ, ତାହା ସେ କଳ୍ପନା କରି ନ ଥିଲେ । କେତେଦିନର କଥା ହେଲାଣି, କିନ୍ତୁ ଟିକିନିଖି

Digitized by srujanika@gmail.com

ହୋଇ ସବୁକଥା ଏପରି ମନେରହିଛି । ସବୁ ଭଲ କଥା, ସବୁ ମନେରଖିବା କଥା ଯଦି ଏପରି ମନେରହନ୍ତା, ତେବେ ଆଉ ଦୁଃଖ କାହିଁକି ଆସନ୍ତା ?

ଦିନେ ଗୋଧୂଳି ଲଗ୍ନରେ ସେମାନେ ବୁଲିଯାଇଥିଲେ ସେଠାର ପ୍ରସିଦ୍ଧ ସବୁଠାରୁ ସୁନ୍ଦର ଉଦ୍ୟାନ ଲାଲବାଗକୁ । ସେ ପିନ୍ଧିଥିଲା ଗୋଟିଏ ଫିକା ନୀଳରଙ୍ଗର ମହୀଶୂର ସିଲ୍କଶାଢ଼ୀ । ଶାଢ଼ୀଟିର ପାଡ଼ ଥିଲା ସୁନ୍ଦର ରୂପେଲି ରଙ୍ଗର । ସେଠାରେ ପହଞ୍ଚିବାର ପ୍ରଥମ ଦିନ ହିଁ କୃଷ୍ଣା କିଣି ଦେଇଥିଲେ । ଶାଢ଼ୀଟି ଯେପରି ଅବିଳମ୍ବେ ପିନ୍ଧିବ, ସେଥିପାଇଁ ମ୍ୟାଚିଂ କରି ବ୍ଲାଉଜ୍ ବରାଦ ଦେଇଥିଲା । ଦରଜୀଟି ଏଡ଼େ ଭଲ ଯେ, ସେମାନଙ୍କର ତରବରିଆ ଦେଖି ଲାଗିପଡ଼ି ଦିନକରେ ସିଲେଇ କରି ଦେଇଥିଲା ।

ମନେପଡ଼ିଲେ ହସ ମାଡୁଛି । କେଡ଼େ ପିଲାକିଆ ନ ଥିଲେ ସେ !

ସେଦିନ ଉଦ୍ୟାନରେ ବୁଲୁବୁଲୁ ସେ ଗୋଟିଏ ନୂଆ ନାଆଁ ଦେଇଥିଲେ —ନୀଳପରୀ ।

ତା'ର ନିଜର ହୋଇ ବା କ'ଣ ଥିଲା ! ସବୁ ତ କୃଷ୍ଣା କିଣିଦେଇଥିବା ଜିନିଷ ।

ସେଠାରେ ସେମାନେ ବୁଲିଚାଲି କେତେ କ'ଣ ଦେଖି ପକାଇଲେ— ଶହେବର୍ଷର ପୁରୁଣା ଗଛ, ଝରଣା, ସୁନ୍ଦର ସୁନ୍ଦର ପୁଷ୍କରିଣୀକୁ ଆଲୋକିତ କରି ରଖିଥିବା ସଦ୍ୟଫୁଟା ପଦ୍ମ । ତା'ଛଡ଼ା ଜାତିଜାତିକା ମାଛ, ଲତା, ଗୁଳ୍ମ, ଫୁଲପତ୍ର, ତାହା ଏକ ବହୁଏକର-ବ୍ୟାପୀ ବିରାଟ ଉଦ୍ୟାନ ।

ମନେହେଉଛି ଆଜି ଅମୃତାଦେବୀ ତାଙ୍କର ଦୁଇ ହାତରେ ମୁଠେଇ ଧରିବାକୁ ଚେଷ୍ଟା କରୁଛନ୍ତି ସାରା ଜୀବନଟିକୁ, ବିଶେଷକରି କୃଷ୍ଣାଙ୍କ ସହିତ ତାଙ୍କର ସ୍ୱଳ୍ପ ପରିସରର ଜୀବନଟିକୁ ।

ଏ ଆକାଙ୍‌କ୍ଷା ତ ତାଙ୍କୁ କେବେ ଏପରିଭାବରେ ଆକ୍ରମଣ କରି ନ ଥିଲା !

ପ୍ରଥମେ ପ୍ରଥମେ ଏହି ସ୍ମୃତିଭାର ଓହ୍ଲାଇ ଦେବାଲାଗି ସେ ବ୍ୟାକୁଳ ପ୍ରାଣରେ ଡାକୁଥିଲେ 'ଏ ବୋଝ ଆମାର୍ ନାମାଓ ପ୍ରଭୁ' —ପ୍ରଭୁ, ମୋ ମୁଣ୍ଡରୁ ଏ ବୋଝ ଓହ୍ଲାଇଦିଅ ।

Digitized by srujanika@gmail.com

କିନ୍ତୁ ଆଜି କାହିଁକି ଟିକିନିଖି କରି ସବୁ ଗୋଟେଇ ଧରି ରଖିବାକୁ ମନ ବ୍ୟାକୁଳ ହେଉଛି । ଆଜି ମନେ ହେଉଛି, କୃଷ୍ଣା ବଞ୍ଚିଥିଲାବେଳେ ମଧ୍ୟ ସେ ତାଙ୍କୁ ଏତେ ପାଖରେ ପାଇ ନ ଥିଲେ ଏତେ ଆପଣାର କରି, ଏତେ ନିଜସ୍ୱ କରି ।

କେହି ନା କେହି ତାଙ୍କର ଅଂଶୀଦାର ଥିଲେ । କିଛି ନ ହେଲେ ମଧ୍ୟ କୃଷ୍ଣାଙ୍କର ନିଜସ୍ୱ ଚିନ୍ତା ।

ସେ ଦିନେ ବାଙ୍ଗାଲୋରର ସଇଁତିରିଶ ମାଇଲ ଦୂରରେ ଥିବା ନଦୀ ଓ ପାହାଡ଼ ଦେଖିବାକୁ ଯାଇଥିଲେ । କି ସୁନ୍ଦର ଦୃଶ୍ୟ ! ପାହାଡ଼ ତଳର ମନ୍ଦିରଟି ବି ସେମାନେ ଟିକିନିଖି କରି ଦେଖିଥିଲେ । ଶୁଣିଲେ, ପାହାଡ଼ ଉପରେ ଥିବା ମନ୍ଦିରଟି ଅପେକ୍ଷା ତଳର ମନ୍ଦିରଟି ବେଶୀ ସୁନ୍ଦର ।

"ମୁଁ କିନ୍ତୁ ଉପରକୁ ଉଠିପାରିବି ନାହିଁ ।"

"ଯେଉଁମାନେ ଏ ମନ୍ଦିର ଗଢ଼ିଥିଲେ, ସେମାନେ ପୂର୍ବରୁ ଜାଣିପାରିଥିଲେ ଯେ, ମିତା ଉପରକୁ ଯାଇପାରିବ ନାହିଁ, କେବଳ ସେଇଥିପାଇଁ ସେମାନେ ତଳ ମନ୍ଦିରଟି ବେଶୀ ସୁନ୍ଦର କରି ଗଢ଼ିଥିଲେ ।"

କଥାଟି ଅମୃତାକୁ ଏତେ ଭଲ ଲାଗିଥିଲା ଯେ, ସେ କୌଣସି ଉତ୍ତର ଦେଇ ନ ଥିଲା । କେବଳ ପ୍ରାଣଭରି ଶୁଣିଥିଲା ।

ଏବେ ବି ତା'ର ସ୍ପଷ୍ଟ ମନେଅଛି ।

ସତରେ କୃଷ୍ଣାଙ୍କ ସହିତ ସେହି କେତୋଟି ବର୍ଷ କେଡ଼େ ଖୁସିରେ କେଡ଼େ ଭଲରେ ବିତି ନ ଯାଇଛି ! ଦିନେହେଲେ ବି ପ୍ରକୃତରେ କୌଣସି ଦୁଃଖ କି କଷ୍ଟ କି ଅଶାନ୍ତି ପାଇଥିବାପରି ମନେପଡୁନାହିଁ ।

ସେତେବେଳେ ମନେହେଉଥିଲା ପୃଥିବୀଟା ଯେ ଏଡ଼େ ଶାନ୍ତିମୟ ସ୍ଥାନ, ସେ ଆଗରୁ ଜାଣି ନ ଥିଲା । ଭାବୁଥିଲା, ଲୋକେ କାହିଁକି ଅଲଗା କରି ସ୍ୱର୍ଗର ଛବି ଆଙ୍କୁଛନ୍ତି ଭଲା ? ସ୍ୱର୍ଗଟା ତ ଏଇଠି !

ଝିଅ ଜନ୍ମହେବା ପର୍ଯ୍ୟନ୍ତ ସେମାନେ ଦକ୍ଷିଣର ଅନେକ ଜାଗା ବୁଲି ଦେଖିବାକୁ ଯାଉଥିଲେ ।

Digitized by srujanika@gmail.com

ଅମୃତା କହୁଥିଲା, "ତୁମକୁ କଣ କୌଣସି ଛୁଟିରେ ବି ଟିକିଏ ଆରାମରେ ଅଯସରେ ଘରେ ବସିବାକୁ ଭଲଲାଗେ ନା ? ଆମେ ଆରାମରେ ଘରେ ରହି ଶୋଇବସି କଟାଇ ନ ଦେବା କାହିଁକି ଯେ ?"

କୃଷ୍ଣାଙ୍କର ସବୁବେଳେ ସେହି ଗୋଟିଏ କଥା, "କେଜାଣି କାହିଁକି ଲାଗୁଛି, ଆମେ ଦିହେଁ ମିଶି ଦେଶଦେଶାନ୍ତର ବୁଲିବାକୁ ବୋଧହୁଏ ବେଶୀଦିନ ସୁଯୋଗ ପାଇପାରିବା ନାହିଁ; କିଛି ଗୋଟେ ବାଧା ପଡ଼ିବ । ଅବଶ୍ୟ ଏ ଭୟଟା ଅମୂଳକ ବୋଲି ଜାଣିପାରୁଛି ।"

"ନା, ଠିକ୍ କହୁଛ । ପୁଅ-ଝିଅ ହୋଇଗଲେ କେତେବର୍ଷ ପର୍ଯ୍ୟନ୍ତ ଇଚ୍ଛା କଲେ ବି ଘରୁ ବାହାରିପାରିବା ନାହିଁ । ସେମାନେ ବଡ଼ ହୋଇଗଲେ ପୁଣି ଫ୍ରି ।"

"ହଁ, ସେ କଥା ଠିକ୍ । ଯେତେସବୁ ଅମୂଳକ ଚିନ୍ତା ।"

କୃଷ୍ଣାଙ୍କ ମନରେ ଝିଅମାନଙ୍କ ପାଇଁ ବଡ଼ ଦରଦ ଥିଲା, ବିଶେଷକରି ଆମ ଦେଶର ଝିଅଙ୍କ ପାଇଁ । ଅନେକ ସମୟରେ ସେ କହନ୍ତି, "ଏ ଦେଶର ଅଧିକାଂଶ ଝିଅ ବଡ଼ ଅସହାୟ । ଆଗେ ତ ସବୁ ଝିଅ ସେଇଆ ଥିଲେ । ବର୍ତ୍ତମାନ ଅବଶ୍ୟ କିଛି କିଛି ବଦଳିଗଲାଣି । ତଥାପି ସେତକ ବା କେତେ, କହିଲ ? ବିଶେଷକିଛି ନୁହେଁ, ସେମାନଙ୍କ ସଂଖ୍ୟା ଦୁଇ କି ଚାରି । ସତ କହିବାକୁ ଗଲେ ପ୍ରାୟ ସମସ୍ତେ ଅନ୍ଧକାର ଅନ୍ତରାଳରେ ।"

କହୁ କହୁ ଟିକିଏ ଅଧୀର ହୋଇଯିବା ପରି ଦେଖାଯା'ନ୍ତି ।

ଅମୃତାର ସାଂସାରିକ ଅଭିଜ୍ଞତା ଅତି ସାମାନ୍ୟ, ସୀମିତ । ତା ମାଆ ତ ସମାଜ କଥା ନେଇ ଆଦୌ ଆଲୋଚନା କରନ୍ତି ନାହିଁ । ତା'ଛଡ଼ା ଅବସର ସମୟତକ ଆଶ୍ରମରେ କଟିଯାଏ ।

ତେଣୁ ସେ କୃଷ୍ଣାଙ୍କୁ ହିଁ ପଚାରିଥିଲା, "ଅଧିକାଂଶ ଝିଅ ଦୁଃଖୀ, ମୁଁ ତାହା ଠିକ୍ ବୁଝିପାରୁଛି । କିନ୍ତୁ ଏ କଥା କହୁ କହୁ ତୁମେ କାହିଁକି ଏପରି ଅଧୀର ହୋଇଯାଉଛ ?"

"କାରଣ ଅଛି ମିତା, ଯଥେଷ୍ଟ କାରଣ ଅଛି । ପିଲାଦିନର ଘଟଣା ମନରେ ବଡ଼ ଗଭୀରଭାବରେ ଖୋଳିହୋଇ ରହିଯାଏ । ମୁଁ ସେତେବେଳକୁ ଛୋଟ ପିଲାଟିଏ । ମାଆ ବସିଛନ୍ତି । ମୋ ସାନମାଉସୀ ଆମ ଗାଁ ପାଖର ଜଣେ ବଡ଼ଲୋକଙ୍କ

Digitized by srujanika@gmail.com

ଘରେ ବାହା ହୋଇଥିଲେ । ବଡ଼ଲୋକ କହିଲେ ଟଙ୍କା ପଇସା ସମ୍ପତ୍ତିବାଡ଼ି ଦୃଷ୍ଟିରୁ ଦିନକୁଦିନ ବଡ଼ ହେଉଥିଲେ, କିନ୍ତୁ ଶିକ୍ଷାଦୀକ୍ଷା ବୋଲି କିଛି ନ ଥାଏ । ଅସଲ କଥା ହେଲା, ଚେହେରା ଦୃଷ୍ଟିରୁ ମଣିଷ ଥିଲେ ମଧ୍ୟ ବୁଦ୍ଧିବୃତ୍ତି ଦୃଷ୍ଟିରୁ ସେମାନେ ଥିଲେ ପଶୁ ।''

ଟିକିଏ ଚୁପ୍ ରହି ସେ କହିଥିଲେ, ''ସେହି ଛୋଟ ଝିଅଟି ଉପରେ କି ଅତ୍ୟାଚାର ଯେ ସେ ସମସ୍ତେ ମିଶି ନ କରନ୍ତି ! ଫଳରେ ସେ ଚାଲି ଆସିଥିଲେ ଆମ ଘରକୁ, ଅନ୍ତତଃ ଆମ ଘରେ ଆଶ୍ରୟ ନେଇ ରହିଯିବେ ବୋଲି । କିନ୍ତୁ ବାପା ଭୟ କଲେ, ତାକୁ ଘରେ ରଖିଲେ ଝମେଲା ବଢ଼ିବ; ତେଣୁ ସେ ରାଜି ହେଲେନି । ମାଆଙ୍କର ଶତ କନ୍ଦାକଟା ସତ୍ତ୍ୱେ ତାଙ୍କ ହୃଦୟ ତରଳିଲା ନାହିଁ । ମାଆଙ୍କର ଆଖିଲୁହ ଦେଖି କେଜାଣି କାହିଁକି ସେହି ପିଲାଟିଦିନେ ମଧ୍ୟ ମୋର ଇଚ୍ଛା ହେଉଥିଲା– ବାପାଙ୍କ ବିରୋଧରେ ଓ ସମାଜ ବିରୋଧରେ ଏକ ବିଦ୍ରୋହ କରିବି । ସେତେବେଳେ ମୁଁ ଅନୁଭବ କରିଥିଲି, ମୋ ମାଆ ଏ ଯେଉଁ ସଂସାର ପାଇଁ ସକାଳୁ ସଞ୍ଜଯାଏଁ ଖଟି ଚାଲିଥିଲେ, ସଂସାର ଉପରେ ପ୍ରକୃତରେ ତାଙ୍କର କୌଣସି ଅଧିକାର ନାହିଁ । ଅବସ୍ଥା ଯେତେବେଳେ ଏଇଆ, ତେବେ ଏ ଝିଅମାନେ କାହିଁକି ଏପରି ବୋକୀଙ୍କ ପରି ଖଟୁଛନ୍ତି ?''

କିଛି ସମୟ ଚୁପ୍ ରହିବାପରେ କୃଷ୍ଣା ପୁଣି କହିବାକୁ ଆରମ୍ଭ କରିଥିଲେ, ''ସେତେବେଳେ ମୁଁ ବୁଝି ନ ଥିଲି ଯେ ସେମାନଙ୍କ ଆଗରେ ସେପରି ଖଟିବା ଛଡ଼ା ଅନ୍ୟ ପନ୍ଥା ଆଉ ନାହିଁ । ସେମାନେ ସବୁଦିଗରୁ ବନ୍ଧା । ସେଥିପାଇଁ ସେମାନଙ୍କୁ ଶିକ୍ଷା ଦିଆଯାଏ ନାହିଁ, ଯଦି ସବୁକଥା ବୁଝିପାରି ସେମାନେ ବିଦ୍ରୋହ କରି ବସନ୍ତି ?''

ଅମୃତା ପଚାରିଥିଲା, ''ତୁମ ମାଉସୀଙ୍କର କଣ ହେଲା କହିଲ ?''

କୃଷ୍ଣା ମୃଦୁସ୍ୱରରେ କହିଥିଲେ, ''ତା'ର କିଛିଦିନ ପରେ ମାଉସୀ ହଠାତ୍ ମରିଗଲେ । ତାଙ୍କ ଶାଶୁଘର ଜଣାଇଥିଲେ— ଦେହ ଖରାପ ଥିଲା । କିନ୍ତୁ ପ୍ରକୃତରେ କଣ କିପରି ହେଲା, ମୁଁ ଜାଣେନି । କିନ୍ତୁ ମାଆଙ୍କ ମନରେ ଏପରି ଆଘାତ ଲାଗିଗଲା ଯେ, ସେହି ଘଟଣାର ଅଳ୍ପ କିଛିଦିନ ଭିତରେ ସେ ଶଯ୍ୟାଶାୟୀ ହୋଇଗଲେ । ଆଉ ଉଠିଲେ ନାହିଁ ।''

ଅମୃତା ଚୁପ୍ ହୋଇ ଶୁଣୁ ଶୁଣୁ ଭାବନା-ରାଜ୍ୟରେ ବୁଡ଼ି ଯାଇଥିଲା– ସେ କଣ ନିଜ କଥା ମନେପକାଇ ଦୁଃଖ ଅନୁଭବ କରୁଛନ୍ତି ? ତା'ର ନିଶ୍ଚୟ

Digitized by srujanika@gmail.com

ପୂର୍ବଜନ୍ମରୁ ଅନେକ ପୁଣ୍ୟ ସଞ୍ଚିତ ହୋଇ ରହିଥିଲା । ସେହି କାରଣରୁ ସେ ଜଣକ ପରେ ଜଣେ କରି ଏପରି ଲୋକଙ୍କୁ ପାଇଯାଇଛି ବା ଯାଉଛି ଯେ, ସେ ପ୍ରକୃତ ଦୁଃଖରେ ପଡ଼ି ନାହିଁ ।

କୃଷ୍ଣା ଆହୁରି କହିଥିଲେ, ''ସାମାନ୍ୟ ଟିକିଏ ସତ୍ତା ପାଇବା ପାଇଁ ସ୍ତ୍ରୀମାନଙ୍କୁ ତିଳ ତିଳ କରି, ପଳ ପଳ କରି କେତେ ତ୍ୟାଗ ସ୍ୱୀକାର କରିବାକୁ ପଡୁଛି, ତୁମେ ଜାଣ ମିତା ? ଭାବିଦେଲେ ମନଭିତରଟା କିପରି କରତି ହୋଇଯାଏ ।''

''ସତ କହୁଛି, ତୁମପରି କେତେଜଣ ପୁରୁଷଙ୍କର ଜନ୍ମ ହିଁ ନାରୀମାନଙ୍କର ଅଗ୍ରଗତି ଲାଗି ବାଟ ଖୋଲିଦେଇଛି । ତା'ଛଡ଼ା ଏକଥା ବି ଠିକ୍ ଯେ, ମାଟି ଖୋଳିବାକୁ ହୁଏ, ପଥର ଭାଙ୍ଗିବାକୁ ହୁଏ, ସେହି ସ୍ତୂପାକୃତି ଜଞ୍ଜାଳ ବୋହିନେବାକୁ ହୁଏ, ତେବେ ଯାଇଁ ରାସ୍ତା ତିଆରି ହୁଏ; ଖୋଲିଯାଏ ଆଗକୁ ଯିବାର ବାଟ ।''

''ତେଣୁ ମାଆଙ୍କର ସେହି ଅସହାୟତାର ଦୁଃଖ ମୋ ଭିତରେ ରୁଦ୍ଧ ହୋଇ ରହିଥିଲା । ମୁଁ ତାରି ପ୍ରତିଶୋଧ ନେଇଛି ବିପରୀତ ଦିଗରୁ । ମୁଁ ଆରମ୍ଭରୁ ଦେଇଛି; ନେଇନି । ଏବଂ ଯେଉଁ ସଂସାର ମାଆଙ୍କୁ ଦେଇ ନାହିଁ, ମୁଁ ସେ ସଂସାରରୁ କିଛି ହିଁ ନେବି ନାହିଁ ।''

''ବୋଧହୁଏ ସେଇଥିପାଇଁ ମୋତେ ବାହାହେବାକୁ ତୁମେ ଏତେ ବ୍ୟସ୍ତ ହୋଇପଡ଼ିଥିଲ ?'' ଦୁଷ୍ଟାମି କରି ଅମୃତା କହିଦେଇଥିଲା ।

''ମୋ ଭଲ ପାଇବାଟାକୁ ତୁମେ ଆଉ ଏପରି ଅଲଣା କରିଦିଅନି । ମୁଁ ତୁମକୁ ଭଲପାଇ ସାରିଥିଲି କୌଣସି କଥା ଜାଣିବା ପୂର୍ବରୁ । ତୁମ ବିଷୟରେ ଯେତେବେଳେ ସବୁକଥା ଜାଣିଗଲି, ବୁଝିଗଲି ଭଗବାନ ମୋତେ ଭଲ ପାଆନ୍ତି, କେବଳ ସେଇଥିପାଇଁ ସବୁଦୃଷ୍ଟିରୁ ମୋର ଆକାଙ୍କ୍ଷା ପୂର୍ଣ୍ଣ କରିଦେଲେ । ତୁମେ ମୋ ଜୀବନକୁ ଆସିଗଲ ଅମୃତର ଭଣ୍ଡାର ନେଇ ।''

କେତେ ଅଳ୍ପ ସମୟ ଭିତରେ ସେହି କୃଷ୍ଣ ପୃଥିବୀ ଛାଡ଼ି ଚାଲିଗଲେ ! କିଛି ଏକ ମହାପାପ କରି ସ୍ୱର୍ଗର ଦେବତା ଚାଲି ଆସିଥିଲେ ଧୂଳିର ଧରଣୀକୁ । ତେଣୁ ତାଙ୍କୁ ଫେରିଯିବାକୁ ପଡ଼ିଲା ଏତେ ତରବର ହୋଇ ଦେବଲୋକକୁ, ସ୍ୱସ୍ଥାନକୁ ।

ଏ ବିଷୟ ମନରେ ଜାଗିଉଠିଲେ ତାକୁ କିପରି ଗୋଟିଏ ଲାଗିଯାଏ । —ତେବେ ସେ କଣ ମୃତ୍ୟୁ ପରେ କୃଷ୍ଣାଙ୍କୁ ଆଉ ପାଇବ ନାହିଁ ? ନା, ତା'ହୋଇ ନ ପାରେ । ସେ ସେପରି ମହତ୍ ସ୍ଥାନର ଉପଯୁକ୍ତ ନ ହେଲେ

Digitized by srujanika@gmail.com

ବି ତା କୃଷ୍ଣା ତାକୁ ଠିକ୍ ଟାଣିନେବେ ଆପଣା ଗୁଣରେ, ଆପଣା ଶକ୍ତିରେ ।

ମନେପଡ଼େ, ଗିନ୍‌ଗିନ୍ ଯେଉଁଦିନ ହେଲା, ସେଦିନ କୃଷ୍ଣାଙ୍କର କି ଖୁସି !

ବାଣୀଦେଈଙ୍କ ମୁହଁରୁ ସେ ପରେ ଶୁଣିଥିଲା, ତୋ ବରର ସେ ଯେଉଁ କାଣ୍ଡ ଲୋ ! ତୋ କଷ୍ଟ ଦେଖି ଏକା ରାହା ଧରିଲା— ମୋର କିଛି ଦରକାର ନାହିଁ, ମୋ ମିତା ଭଲ ଥାନ୍ତୁ, ମୁଁ ତାଙ୍କ କଷ୍ଟ ସହିପାରିବି ନାହିଁ । ଡାକ୍ତରଙ୍କୁ କହିଲା, ମିତା ଯେପରି କଷ୍ଟ ନ ପାଆନ୍ତି, ଦୟାକରି ଆପଣ ତା'ର ଉଚିତ ବ୍ୟବସ୍ଥା କରନ୍ତୁ ।

ଝିଅ ଜନ୍ମହେବା ପରେ ସେ ଅଭିମାନ କରି ଝିଅ ଆଡ଼କୁ ମୁହଁ ଫେରାଇ ଚାହିଁ ନ ଥିଲେ । କହିଥିଲେ, ''ଯେ ମିତାକୁ ଏତେ କଷ୍ଟ ଦେଇଛି, ସେ ମୋ ଶତ୍ରୁ ।''

ବାଣୀଦେଈ କହିଥିଲେ, ''ଆହେ ମହାଶୟ, ନିଜେ ବି ତ ଦୁଃଖ ଦେଇ ଆସିଛ ।''

''ବାଣୀ, ସେଥିପାଇଁ ମୁଁ ମାଆଙ୍କୁ ଶାନ୍ତି ଦେଇପାରିଲି ନାହିଁ ।''

''ସତରେ ତୋ କପାଳ ଟାଣ ।''

ଆଉ ଗୋଟିଏ ବିଶେଷ ଦିନର କଥା ମନେ ପଡ଼ିଗଲା ।

ଗୋଟିଏ ଛୁଟିଦିନ ୟୁନିଭରସିଟିର ସବୁ ପ୍ରଫେସର ନିଜ ନିଜ ସ୍ତ୍ରୀଙ୍କୁ ସଙ୍ଗରେ ନେଇ ଗୋଟିଏ ପିକ୍‌ନିକ୍ କରିବାର ଆୟୋଜନ କରିଥାନ୍ତି । ଠିକ୍ ହୋଇଥାଏ ଯେ, ଖାଇବା ଜିନିଷସବୁ ଘରୁ ତିଆରି କରି ନେଇଥିବେ । ନିଜ ନିଜ ଭିତରେ ଦାୟିତ୍ୱ ସବୁ ବାଣ୍ଟି ଦିଆଯାଇଥାଏ ।

ଅମୃତା ରବୀନ୍ଦ୍ର ସଙ୍ଗୀତ ଗାଇବ । ତେଣୁ ତାକୁ ରନ୍ଧାରନ୍ଧିରୁ ଛାଡ଼ ମିଳିଥାଏ ।

ସତରେ କଣ ଛାଡ଼ ମିଳିଥିଲା !

''ବାଃ ରେ, ବଢ଼ିଆ ମଜା ! ଗୋଟେ କି ଦି'ଟା ଗୀତ ବୋଲିବେ, ତେଣୁ ହାତବାନ୍ଧି ଘରେ ବସିପଡ଼ । କାହିଁକି ମ ? କଣ ହାତ ଚାଲିଲେ ପାଟି ଚାଲିବ ନାହିଁ ?''

କୃଷ୍ଣା ଛିଗୁଲେଇ ଦେଇ କହିଥିଲେ, ''ଠିକ୍ କଥା କହିଛ । ଏସବୁ କେବଳ କାମ ଫାଙ୍କିଦେବାର ମତଲବ । ଚଳିବ ନି, ଚଳିବ ନି ।''

Digitized by srujanika@gmail.com

ଅମୃତା ଚୁପ୍ ହୋଇ ସବୁ ଶୁଣି ଯାଉଥିଲା । ତାକୁ ଭାରି ମଜା ଲାଗୁଥିଲା । ସେ ହାତବାନ୍ଧି ବସିବା କଥା କହି ନ ଥିଲେ ବି ସବୁ ବାକ୍ୟବାଣ ତା'ରି ଉପରକୁ ଛଡ଼ାଯାଉଥିଲା । ପ୍ରଫେସର ଆସୋସିଏସନ ପକ୍ଷରୁ ହିଁ ପ୍ରସ୍ତାବ କରି ଏ କଥା ଜଣାଇ ଦିଆଯାଇଥିଲା ।

ରଣେନ୍ ମଝିରେ ଚିଡ଼ି ଉଠିଲେ, "ଆହେ, ତୁମର ଇଏସବୁ କଣ ଚାଲିଛି ! ଏଡ଼ିକି ବକଟେ ଝିଅଟା ପଛରେ ଲାଗିଛ ନା ! ତା ଗୁଣ ତ ତୁମଠାରେ ନାହିଁ, ତେଣୁ ତା ପଛରେ ଲାଗିଯାଇଛ । ତା'ଛଡ଼ା, ସେ ତ ଏକଥା କହି ନାହିଁ ।"

"ଦେଖୁଛ କୃଷ୍ଣା, ଦେଖୁଛ କିମିତି ରାଗ ? ତାଙ୍କ ସାନଭଉଣୀ ଦେହରେ ଏତିକି ଟିକିଏ ଆଞ୍ଚ ଲଗାଇଦେବେନି । ଠିକ୍ ଅଛି ବାପା, ଠିକ୍ ଅଛି; ତୁମ ଭଉଣୀ କିଛି କରିବା ଦରକାର ନାହିଁ । ମୁଁ ଏକାଟିଆ ସବୁ କାମ କରିଦେବି । ଆମ କଥା ଭାବିବାକୁ କିଏ ଅଛି ଯେ ?"

ବାଣୀଦେଈ କ୍ଷୁବ୍ଧ ହୋଇଯାଇଥିଲେ । ସେ ତ ସାଧାରଣରେ ଖୁବ୍ ହସଖୁସିଆ; କାହିଁକି ଯେ ହଠାତ୍ ଚିଡ଼ି ଉଠିଲେ, ଅମୃତା ବୁଝିପାରିଲାନି । ତା ମନଟା ଖରାପ ହୋଇଗଲା ।

ଚାହିଁ ଦେଖିଲା, କୃଷ୍ଣା ରଣେନ୍‌ଙ୍କୁ ତା ଆଡ଼କୁ ମୁହାଁଇଦେଇ ନିଜେ ବାଣୀ ଦେଈଙ୍କ ସହିତ ରୋଷଘରକୁ ଚାଲିଗଲେ ।

"ଦାଦା, ଆପଣ କାହିଁକି ଭଲା ଇମିତି କହିଦେଲେ ! ମୁଁ ତ ବାଣୀଦେଈଙ୍କୁ ସାହାଯ୍ୟ କରିବାକୁ ଯାଇଥା'ନ୍ତି; ମୋ ଉପରେ ଭରସା ରଖି ତ ସମସ୍ତଙ୍କ ପାଇଁ ଦି'ଟା ଜଳଖିଆ ତିଆରି କରିଦେବେ ବୋଲି କଥା ଦେଇଥିଲେ । ମୁଁ ଖାଲି ମଜା ଦେଖୁଥିଲି ନା !"

"ମୁଁ କଣ ଆଉ ସେତକ ଜାଣିନି ? ତେବେ ତୁମ ଗୀତ ପ୍ରାକ୍ଟିସ୍ ?"

"ହେଇଟି ଲୋ ମା ! ସତେ ଯିମିତି ଜାଣିନାହାନ୍ତି ! କାଲି ସନ୍ଧ୍ୟାବେଳେ ଯେଉଁ ଗୀତ କେତୋଟି ଗାଇଥିଲି, ସେଇଥିରୁ ଗାଇଦେବି ପରା !"

"ଆଚ୍ଛା, ଆଚ୍ଛା; ସେ କଥା କହୁନା ! ଆସ, ଦିହେଁ ପାଦ ଚିପି ଚିପି ରୋଷେଇ ଘରକୁ ଯିବା, କଣ ଚାଲିଛି ଦେଖିବା ।"

ଯାଇ ଦେଖିଲାବେଳକୁ କୃଷ୍ଣା ବାଣୀଦେଈଙ୍କୁ ସାହାଯ୍ୟ କରୁଛନ୍ତି ଏବଂ ଦିହେଁ ମିଶି ମହା ଆନନ୍ଦରେ ଗପ କରି କରି ହାତ ଚଳେଇଛନ୍ତି ।

Digitized by srujanika@gmail.com

ଏମାନଙ୍କୁ ଦେଖିଦେଇ ବାଣୀଦେଈ ଚିତ୍କାର କରିଉଠିଲେ, ''ଆ, ଆ, ଶୀଘ୍ର ପଳେଇ ଆ । ବସିପଡ଼ି ଟିକିଏ ହାତ ଲଗେଇଦେଲୁ । କୃଷ୍ଣା ପରି ଅପଦାର୍ଥ ଲୋକ ହାତରେ କି ଏ କାମ ହୁଏ ! ଆରେ ବାବୁ, ଏଥିରେ ବୁଦ୍ଧି ଦରକାର ।''

''କ'ଣ ହେଲା ! ଏତେ ବଡ଼ କଥା କହିପାରୁଛ ? ଆହେ, ମୁଁ ବୋଲି ଏତେ କଲି; ତୁମେ କଣ ନା ସଜ ମାଉଁସରେ ପୋକ ପକେଇ ଦେଉଛ ! କଥାରେ ଅଛି ପରା, ଯାଚିଲା ମଣ୍ଡା ସୁହାଏ ନାହିଁ ।''

ସମସ୍ତେ ମିଶି ଏକ ସଙ୍ଗରେ ହସିଉଠିଥିଲେ ।

ତା ପରଦିନ ସକାଳୁ ସକାଳୁ ଖାଇବା ଜିନିଷତକ ଧରି ସେମାନେ ଯାଇ ୟୁନିଭର୍‌ସିଟିରେ ପହଞ୍ଚିଯାଇଥିଲେ । ଅନ୍ୟ ସମସ୍ତେ ଆସିଯାଇଥିଲେ । ସମସ୍ତେ ଗୋଟିଏ ବସ୍ କରି ଚାଲିଯାଇଥିଲେ ମହାବଳୀପୁରମ୍ ।

ସେଠାରେ ଗୋଟିଏ ସୁନ୍ଦର ସ୍ଥାନ ବାଛି ସମସ୍ତେ ଏକାଠି ବସିଗଲେ । ତାସ୍ ଖେଳ, ବାଜାବାଜଣା, ଗୀତ, ଗପ, କେତେ କଣ ହୋଇଥିଲା । ହସଖୁସି ଭିତରେ କେଉଁବାଟେ ଯେ ଦିନଟା ସରିଗଲା, ଜଣାପଡ଼ିଲା ନାହିଁ । କିନ୍ତୁ ସବୁକୁ ବଳି ଯାଇଥିଲା ଅମୃତାର ଗୋଟିଏ ଗୀତ– ''ଚାନ୍ଦେର୍ ହାସିର୍ ବାନ୍ଧ୍ ଭେଙ୍ଗେଛେ ।''

ସତରେ ଜ୍ୟୋତ୍ସ୍ନାସ୍ନାତ ସମୁଦ୍ରର ଜଳ ଝଲମଲ କରୁଥିଲା । ମନେ ହେଉଥିଲା, ପ୍ରକୃତି ଆନନ୍ଦର ଜୁଆରରେ ମାତିଉଠିଛି । ତାର ସ୍ପର୍ଶ ସମସ୍ତଙ୍କୁ ଛୁଇଁ ଛୁଇଁ ଯାଉଥିଲା ।

ସମସ୍ତେ ତାର ସ୍ୱର ସହିତ ତାଳ ମିଳାଇବାକୁ ଚେଷ୍ଟା କରିଥିଲେ— କେହି ଜାଣି ତ କେହି ଅଜାଣତରେ । ସମସ୍ତେ ତା'ର ଜୟଧ୍ୱନି କରିଥିଲେ ଏକ ସ୍ୱରରେ । ତା ସହିତ ଏପରି ଖ୍ରୀଟିଏ ପାଇଥିବାରୁ କୃଷ୍ଣାଙ୍କୁ ଦେଇଥିଲେ ଅଶେଷ ଧନ୍ୟବାଦ ।

ଘରକୁ ଫେରିବା ପରେ ସେଦିନ ଏ ଚାରିଜଣଙ୍କ ଆଖିକୁ ଆଉ ନିଦ ଆସିଲା ନାହିଁ । ରାତି ତମାମ ଗପ କରିଥିଲେ ।

ତା ପରଦିନଟା ବି ଛୁଟି ଥିଲା । ତେଣୁ ରଣେନ୍ କହିଥିଲେ, ''ଏ ରାତିଟିକୁ ଆମେ ଧରିନେବା ଅନ୍ୟସବୁ ରାତିଠାରୁ ଭିନ୍ନ ବୋଲି ।''

ଅମୃତା ମନରେ ସେ ରାତିଟି ରହିଯାଇଛି ଅମ୍ଳାନ ହୋଇ ।

ବାଣୀଦେଈ ଓ ରଣେନ୍‌ଙ୍କର ବି ନିଶ୍ଚୟ ମନେଅଛି । କୃଷ୍ଣାଙ୍କର ?

Digitized by srujanika@gmail.com

ମନେପଡ଼ିଗଲା, ଅନେକ ଦିନ ହୋଇଗଲାଣି ସେ ଦୁଇଜଣଙ୍କ ସହିତ ଦେଖା ହୋଇ ନାହିଁ । ଅବଶ୍ୟ ଭଲ ଅଛନ୍ତି । ଚିଠି ଆସେ । ବର୍ତ୍ତମାନ ଲଣ୍ଡନରେ ।

କଲିକତା ଚାଲିଆସିବାର ବର୍ଷ ତିନିଟା ପରେ ଗୋଟିଏ ଭଲ ଚାକିରି ପାଇ ରଣେନ୍ ବିଲାତ ଯିବାକୁ ସ୍ଥିର କଲେ । ଏ ଭିତରେ ସେମାନଙ୍କର ବାପାମାଆ ସଂସାର ଛାଡ଼ି ଚାଲିଗଲେଣି । ଜଞ୍ଜାଳ କିଛି ନାହିଁ ।

ତାକୁ ଓ ଗିନିକୁ ବି ସାଙ୍ଗରେ ନେଇଯିବେ ବୋଲି କହୁଥିଲେ । ଅମୃତା ରାଜି ହେଲା ନାହିଁ ।

ଏ ଭିତରେ ତାକୁ କଲିକତା ଭଲ ଲାଗିଯାଇଥିଲା ।

Digitized by srujanika@gmail.com

ଷୋହଳ

ପୁଣି ଥରେ ଭରସା ମିଳିଯିବା ପରି ଲାଗୁଥିଲା । ଗିନି ସ୍କୁଲରେ ଭଲ କରୁଛି । ଚାକିରିଟି ମଧ ଭଲ ଲାଗୁଛି । ତା'ଛଡ଼ା ରାମକୃଷ୍ଣ ମିଶନ ସହିତ ଜଡ଼ିତ ହୋଇପଡ଼ିଛି । ଇନ୍‌ଷ୍ଟିଚ୍ୟୁଟ୍‌ର ସ୍ୱାମୀଜୀ ଭଲ ଲାଗୁଛନ୍ତି । ତେଣୁ ସେ ଆଉ ଯାଇନି ।

କହିଦେଇଥିଲା, "ବାଣୀଦେଈ, ତୁମେ ତ ଆସିବ, ସେତେବେଳେ ଦେଖାହେବ । ତାଛଡ଼ା ଗିନି ଟିକିଏ ବଡ଼ ହୋଇଗଲେ ଯିବାର ବ୍ୟବସ୍ଥା କରିବି ।"

ଦୁଇ ପ୍ରାଣୀ ପ୍ରାୟ ଆସନ୍ତି । ଏଇଠି ଘର କିଣିଛନ୍ତି । ଆସନ୍ତାବର୍ଷ ପୂରାପୂରି ଚାଲିଆସିବେ । ସେ ଯେତେବେଳେ ଗିନି ସହିତ ପ୍ୟାରିସ୍‌ରେ ଥିଲା, ସେତେବେଳେ ପ୍ରାୟ ଦେଖା ହେଉଥିଲା । କି ଆନନ୍ଦରେ ସେମାନଙ୍କ ସହିତ ସେ ଦିନଗୁଡ଼ିକ କଟିଯାଇଥିଲା ! ବଡ଼ ଭଲଲାଗେ ସେମାନଙ୍କର ସଙ୍ଗଲାଭ । ବିଶେଷକରି ତାକୁ ।

କୃଷ୍ଣା ତ ସେହିମାନଙ୍କ ଭିତରୁ ଜଣେ ଥିଲେ ।

ଆଜିକାଲି ସପ୍ତାହରେ ଥରେ ଚିଠି ନ ପାଇଲେ ସେମାନେ ଟେଲିଗ୍ରାମ୍ କରନ୍ତି, ନ ହେଲେ ଟେଲିଫୋନ୍ କରନ୍ତି ।

ସେହିମାନଙ୍କଲାଗି ହିଁ ତ ଗିନିକୁ ଧରି ଆଗେଇଯିବା ତା ପକ୍ଷରେ ଏତେ ସହଜ ହୋଇଥିଲା । ସେ ଯେଉଁ ପାଗଳୀ ଝିଅ ! ସ୍କଲରସିପ୍ ପାଇ ମଧ୍ୟ ଯିବ ନାହିଁ ବୋଲି ଅଡ଼ି ବସିଥିଲା ।

"ଆମ୍ମି, ତୁମକୁ ଛାଡ଼ି ମୁଁ କୁଆଡ଼େ ଯିବି ନାହିଁ । କାହିଁକି, କଣ ଏଇଠି ରହି କେହି ବଡ଼ ହୋଇପାରି ନାହାନ୍ତି ? ଯେତେସବୁ ବାଜେ ଧାରଣା ! ଅବନୀନ୍ଦ୍ରନାଥ ଠାକୁର, ନନ୍ଦଲାଲ ବୋଷ ?"

ଏକାବେଳକେ ଅକାଟ୍ୟ ଯୁକ୍ତି ।

ଅମୃତାର ମନେପଡ଼ିଗଲା ବାଣୀଦେଈଙ୍କର କଥା । ସଙ୍ଗେ ସଙ୍ଗେ ଟେଲିଫୋନ କରି ସବୁକଥା ଜଣାଇଦେଲା । ଖବର ଶୁଣି ସେମାନେ ଖୁସିରେ ଡେଇଁଲେ ।

Digitized by srujanika@gmail.com

"ଏ ବିଷୟ ନେଇ ମୋତେ ଭାବିବୁ ନାହିଁ । ଆମେ ହେଇଟି ଏହିକ୍ଷଣି ତୁମ ଦୁଇଜଣଙ୍କର ଟିକେଟ୍ ଟଙ୍କା ପଠାଇ ଦେଉଛୁ । ଏଠାର ଚିଠି ମଧ୍ୟ ପଠାଉଛୁ । ତୁ ତୋ ଦାଦାଙ୍କ ପାଖରେ ରହିବୁ, ସେ ସବୁ ଖର୍ଚ୍ଚ ତୁଲାଇବେ ।"

ସେହି ଭରସାରେ ମାଆଝିଅ ଚାଲିଯାଇଥିଲେ । ଗିନି ତ କହିବାକୁ ଗଲେ, ଅଧେ ତାଙ୍କରି ଝିଅ । ଜନ୍ମ ହେବା ଦିନଠାରୁ ବିଲାତ ଯିବା ପର୍ଯ୍ୟନ୍ତ ଗିନି ବାଣୀଦେଈଙ୍କ ପାଖରେ ହିଁ ମଣିଷ ।

ଲଣ୍ଡନ ଯିବାବେଳେ କହିଥିଲେ, "ଆଜି ଯଦି କୃଷ୍ଣା ବଞ୍ଚିଥାନ୍ତେ, ତେବେ କଣ ଗିନିକୁ ଛାଡ଼ିଦେଇ ଚାଲିଯାଆନ୍ତି ? ତାକୁ ଛାଡ଼ିଯିବାକୁ ମୋ ଛାତି ଫାଟିଯାଉଛି । କିନ୍ତୁ ଦେଖୁଛି, ତୋର ତ ପୁଣି ଗୋଟିଏ ଅବଲମ୍ବନ ଦରକାର । ଆମେ ତ ଦୁଇଜଣ ଅଛୁ, କଷ୍ଟେମଷ୍ଟେ ବର୍ଷ କେତେଟା କଟାଇଦେବୁ । ତୁ ଗିନିକୁ ନେଇ ଥାଆ ।"

ସେମାନେ ଚାଲିଯିବା ଦିନଠାରୁ ମିଷ୍ଟର ଓ ମିସେସ୍ ଚୌଧୁରୀଙ୍କ ସହିତ ଗୋଟିଏ ଆନ୍ତରିକତା ଗଢ଼ିଉଠିଛି । ଗଢ଼ିଉଠିଛି ଗିନିର ପ୍ରାଣର ବନ୍ଧୁ ସଙ୍ଗୀତା ହେତୁ ।

ଏହିମାନେ ହିଁ ବର୍ତ୍ତମାନ ବଡ଼ ଆପଣାର ହୋଇଯାଇଛନ୍ତି ।

ଲୋଡ଼ାରେ ଅଲୋଡ଼ାରେ, ଭଲରେ ମନ୍ଦରେ ଏହିମାନେ ହିଁ ଆସି ଠିଆ ହୁଅନ୍ତି ।

ହଠାତ୍ ଅମୃତାଦେବୀଙ୍କର ମନଟା ଛିନ୍ନ ହୋଇଗଲା । ଯଦି ତାଙ୍କର କିଛି ହୋଇଯାଏ, ଗିନିର ଅବସ୍ଥା କ'ଣ ହେବ ! ପରମୁହୂର୍ତ୍ତରେ ମନଟା ନିଶ୍ଚିନ୍ତ ହୋଇଗଲା ।

ନାଃ, ବର୍ତ୍ତମାନ ଆଉକିଛି ଭାବିବାର ନାହିଁ । ଗିନି ତ ଆଉ ଆଗର ସେହି ଛୋଟ ଝିଅ ନୁହେଁ । କହିବାକୁ ଗଲେ ସେ ହିଁ ତ ତାଙ୍କୁ ଚଳାଉଛି । ଉପଯୁକ୍ତ ଝିଅ, ରୋଜଗାରିଆ ଝିଅ, ପ୍ରତିଷ୍ଠାପନ୍ନ ଝିଅ ।

କେତେ ଅଳ୍ପ ବୟସରେ କେତେ ନାଆଁ କରିଛି ! ଆଉ କେତେଦିନ ଭିତରେ ନିଜ ହାତଅଙ୍କା ଛବିରେ ଗୋଟିଏ ପ୍ରଦର୍ଶନୀ କରୁଛି । କୃଷ୍ଣା, ଦେଖ; ତୁମେ ଯେପରି ଚାହିଁଥିଲ, ସେହିପରି ଭାବରେ ମୁଁ ତୁମ ଝିଅକୁ ମଣିଷ କରିଛି । ତୁମେ ଝିଅକୁ ମଣିଷ କରିବାର ଇଚ୍ଛା କରିଥିଲ । ଦି ପଇସା କମ୍ ରୋଜଗାର

Digitized by srujanika@gmail.com

କଲା କି ଦି ପଇସା ବେଶୀ ରୋଜଗାର କଲା, ସେଇଟା ବଡ଼ କଥା ନୁହେଁ । ମଣିଷ ହେବାଟା ଅର୍ଥାତ୍ ମନୁଷ୍ୟତ୍ୱ ହିଁ ବଡ଼ କଥା ।

ଅମୃତା ଭାବିବାକୁ ଲାଗିଲେ— ତୁମ ଆକାଙ୍କ୍ଷା ବୋଧହୁଏ ମୁଁ ପୂର୍ଣ୍ଣ କରିପାରିଛି । ମୁଁ ତାକୁ ସବୁ କହିଦେଇଛି । ତାର ପ୍ୟାରିସ୍ ଯିବା ଠିକ୍ ହେବା ପୂର୍ବରୁ ତାକୁ ସବୁକଥା କହିଦେଇଛି । ଭୟ ଲାଗୁଥିଲା, ତା ମନରେ କାଳେ କଷ୍ଟ ହେବ । କିନ୍ତୁ ଜାଣିଛ ? ତୁମ ଝିଅ ଠିକ୍ ତୁମରି ପରି ହୋଇଛି । ତୁମରି କଥାଗୁଡ଼ିକ ହିଁ ଆଉଥରେ ନୂଆ କରି, ନୂତନ ରୂପରେ ତା ମୁହଁରୁ ଶୁଣିଲି ।

"ଆମ୍ମି, ତୁମ ଜନ୍ମ ଯୀଶୁଙ୍କ ଜନ୍ମ ପରି । ନ ହେଲେ ମୋତେ ଇମିତି ଜେଜେମାଆ ମିଳି ନ ଥାନ୍ତେ, ମିଳି ନ ଥାନ୍ତା ମହାରାଜଙ୍କର ଆଶୀର୍ବାଦ । ଭାବୁଛି ବାପା ବଡ଼ ଭାଗ୍ୟବାନ, ସେଇଥିପାଇଁ ତୁମକୁ ପାଇଥିଲେ । ଆମ୍ମି, ତୁମେ କାହିଁକି ମୋତେ ଆଗରୁ ଏସବୁ କହି ନ ଥିଲ ? ବୋଧହୁଏ ମନ ଭିତରେ ପଥରଚାପା ଦେଇ ରଖିଥିଲ ବୋଲି ହିଁ ତୁମ ଦେହ ଆଗ ଅପେକ୍ଷା ଏତେ ଖରାପ ହୋଇଯାଇଛି । ବାପା ଯେପରି ତୁମକୁ ରକ୍ଷା କରି ଚାଲିଥିଲେ, ଆଜିଠାରୁ ମୁଁ ବି ସେପରି କରିବି । ମୁଁ ମୋ ବାପାଙ୍କପରି ହେବି ।"

ରିନିଟି ପିଲାଟି ଦିନରୁ ଭଲ । ଏସବୁ ଶୁଣିବାପରଠୁଁ ସେ ଆହୁରି ଦାୟିତ୍ୱଶୀଳ ହୋଇଗଲା ।

ରିନି ପ୍ରାୟ ସବୁବେଳେ କହେ, "ଗୋଟେ ହାଉସ୍‌କିପର୍ କମ୍ ରାନ୍ଧୁଣୀ ରଖିଲେ କିପରି ହୁଅନ୍ତା ? ତୁମକୁ ଟିକିଏ ଆରାମ ମିଳନ୍ତା । ମୁଁ ତ ସବୁ କାମ ସେପରି କରିପାରୁନି, ଅଧିକାଂଶ କାମ ତୁମକୁ ହିଁ କରିବାକୁ ପଡୁଛି । ଯଦି ବାପା ଥାଆନ୍ତେ, ତୁମର କମ୍ ବୟସ ବେଳେ ବି ତୁମକୁ ଏତେ ଷ୍ଟ୍ରେନ୍ ସହିବାକୁ ପଡ଼ନ୍ତା ନାହିଁ । ମୋ କଥା ଶୁଣ ଆମ୍ମି, ତୁମକୁ ସେହିଭଳି ଆରାମରେ ରଖିବି ବୋଲି ମୋର ବଡ଼ ଇଚ୍ଛା ।"

ତା କଥା ଶୁଣି ଅମୃତାଙ୍କ ମନଭିତରଟା କିମିତି ହୋଇଯାଏ । ଛାଡ଼ି ଆସିଥିବା ଦିନଗୁଡ଼ିକୁ ସେ ଆଉ କୌଣସି ପ୍ରକାରେ ଠିକ୍ ସେହି ପୂର୍ବପରି ଫେରିପାଇ ନ ପାରନ୍ତି; ସେ ନାଟକର ମୁଖ୍ୟ ନାୟକଙ୍କର ତ ସତରେ ଆଉ ପ୍ରତ୍ୟାବର୍ତ୍ତନ ହୋଇ ନ ପାରେ ।

ସେ କହନ୍ତି, "ରିନ୍, ତୁ ବୁଝୁନୁ । ସେତେବେଳକାର ମୁଁ ତ ଆଉ ଏବେକାର ମୁଁ ନୁହେଁ । ଏ ଭିତରେ ଅନେକ କିଛି ଘଟିଗଲାଣି । ଅଭ୍ୟାସ ବଦଳିଗଲାଣି ।

Digitized by srujanika@gmail.com

ତା ଉପରେ ପୁଣି ପଶ୍ଚିମରେ ରହିଆସିବା ଫଳରେ କାମ କରିବାର ଇଚ୍ଛା ଓ ଅଭ୍ୟାସ ହୋଇଯାଇଛି । ତା'ଛଡ଼ା ତୋ ପରି ସୁନାଝିଅଟିଏ ପାଖରେ ଅଛି । ମତେ ବା କଣ ଇମିତି କରିବାକୁ ପଡୁଛି ! ଆମେ ତ କେଡ଼େ ସୁନ୍ଦର ସହଜ ସରଳ ବ୍ୟବସ୍ଥା କରିଦେଇଥାଇଁ, ନୁହେଁ ?''

ଟିକିଏ ରହି ସେ ପୁଣି କହନ୍ତି, ''ହାତଗୋଡ଼ ବାନ୍ଧି ବସି ରହିଥିଲେ ତୋ ମାଆ କଣ ଏପରି କର୍ମଠ ହୋଇ ରହିଥା'ନ୍ତା ? ଆଖିଆଗରେ ତୋ ପରି ଝିଅ, ଉପରୁ ଭଲ ପାଉଥିବା ଲୋକଙ୍କର ସ୍ନେହ ଓ ମମତା । ସବୁ ମିଶାଇ ଦେଖିଲୁ ରିନି, ମୋ ଭଳି ଶାନ୍ତିରେ କେତେଜଣ ଅଛନ୍ତି ?''

ରିନି ଚୁପ୍ ହୋଇ ଶୁଣେ । ବୁଝିପାରେ, ତା ମାଆ ବ୍ୟସ୍ତତା ଭିତରେ ରହିବାକୁ ଚାହାନ୍ତି, କାମ କରିଚାଲିବାକୁ ଚାହାନ୍ତି । ସେଥିରେ ବାଧାଦେବା ଠିକ୍ ହେବ ନାହିଁ ।

ତେଣୁ କେବଳ କହିଦିଏ, ''ନାହିଁ ମ, ଭାବୁଥିଲି, ଛୁଟିଦିନଗୁଡ଼ାକ ପାଇଁ କିଛିଗୋଟେ ବ୍ୟବସ୍ଥା କରନ୍ତେ କି ? ସେଦିନଗୁଡ଼ାକରେ ଆହୁରି ବେଶୀ ଖାଟେଣି ପଡୁଛି ତ ।''

''ଆଲୋ ମାଆ, ଛୁଟିଦିନରେ ତ ବେଶୀ କାମ ପଡୁଛି ତୋ ଉପରେ । ସକାଳେ ଟ୍ୟୁସନ୍ ପିଲା ଆସନ୍ତି । ତା ଉପରେ ଦି'ପହର ରୋଷେଇ । ମୁଁ ତ ବଡ଼ ମେମ୍‌ସାହେବ ପରି ବ୍ରେକ୍‌ଫାଷ୍ଟ୍ ଖାଇ ବାହାରିପଡୁଛି ଯେ ଫେରୁଛି ଲଞ୍ଚ୍ ଟେବୁଲ୍‌ରେ ବସିବାବେଳକୁ । ରାତି ରନ୍ଧାବଢ଼ାର ଝାମେଲା ତ ଆମର କୌଣସି ଦିନ ରହୁନି ।''

''ସେ କଥା ଠିକ୍, ରାତିରେ ତ ଖାଇବାକୁ ଚାଲ ବୋଲି ବରାବର କୋଉଁଠୁ ନା କୋଉଁଠୁ ଡାକରା ଆସୁଛି । ତା ଛଡ଼ା ଉପରବେଳାକୁ ତ ପ୍ରାୟ ସଙ୍ଗୀତା ଘରେ ବସିଯାଉଥାଇଁ । ଏଇଥିରୁ ଦେଖୁଥିବୁ । ମତେ ବା କି ଖାଟିଣି ପଡୁଛି ?''

ଏଇଠି କଥାର ଇତି ହୋଇଯାଏ ।

ଅମୃତା ଭାବନ୍ତି, ଝିଅ କେଡ଼େ ଭଲ ନ ପାଉଛି ସତେ ! ବାପାମାଆ ସନ୍ତାନଙ୍କଠାରୁ ଏହିତିକ ହିଁ ଆଶା କରନ୍ତି— ଏହି ସ୍ନେହ, ମମତା, ସହାନୁଭୂତି, ଯାହାଦେଇ ସେମାନେ ପିଲାଙ୍କୁ ବଡ଼ କରିଥାନ୍ତି ।

Digitized by srujanika@gmail.com

ଟଙ୍କା କେତୋଟି କିଏ ବେଶୀ ଖର୍ଚ୍ଚ କଲା, କିଏ କମ୍, ତାହା ଗୌଣ ।

ଦିନେ କୃଷ୍ଣା କହିଥିଲେ "କହିଲ ମିତା, ଏପରି କାହିଁକି ହୁଏ ? କିପରି ବା ହୁଏ ?"

"କେଉଁ କଥା ପଚାରୁଛ ?" ଅମୃତା ଆଖିଟେକି ଚାହିଁଥିଲା କୃଷ୍ଣାଙ୍କର ଚିନ୍ତାକ୍ଲିଷ୍ଟ ମୁହଁକୁ ହାତର ନିଟିଂ ବନ୍ଦ କରି ।

"ନାହିଁ ମ, କଣ କହୁଥିଲି କି, ମୋ ବାପା ମୋତେ ତାଙ୍କର ଅନ୍ୟ ପୁଅଝିଅଙ୍କଠାରୁ କେଡ଼େ ଭିନ୍ନ ଦୃଷ୍ଟିରେ ନ ଦେଖନ୍ତି ! ମୋର ଭଲମନ୍ଦ, ଜୀବନ ମରଣ, କୌଣସିଥିରେ ତାଙ୍କର ଆଗ୍ରହ ନାହିଁ । ଏକାଥରକେ ନିର୍ଲିପ୍ତ । କେବଳ ମାସାନ୍ତେ ଦି ଧାଡ଼ିରେ ଚିରୁଡ଼ାଏ କାଗଜ-ଟଙ୍କା ପାଇଛି । ଏ କିଛିଦିନ ହେଲା ସେ ଚିରୁଡ଼ାକ ବି ବନ୍ଦ । ଝିଅ ହେବାପରେ ଏ କେତେମାସ ହେଲା ମୁଁ ଟଙ୍କା ନ ପଠାଇବା ପରଠୁଁ । ହୁଏତ ସେମାନଙ୍କର ଅବସ୍ଥା ଆମ ଅବସ୍ଥାଠାରୁ ଯଥେଷ୍ଟ ଭଲ । ଅଥଚ ଦେଖୁଛି, ସେହି ମଣିଷଙ୍କର ଅନ୍ୟ ସନ୍ତାନସନ୍ତତିଙ୍କ ପାଇଁ କେତେ ବ୍ୟାକୁଳତା, କେତେ ଚିନ୍ତା !"

ଅମୃତା କି ଜବାବ ଦେବ ? ସେ ତ ଏପରି ପରିସ୍ଥିତି ଭିତରେ ମଣିଷ ହୋଇନି ।

ସେ ଥିଲା ତା ମାଆର ଗୋଟିଏ । ତା ମାଆ ସବୁ ଭଲପାଇବାତକ ତାରି ଉପରେ ଢାଳି ଦେଇଥିଲେ । ତେବେ ଏକଥା ଠିକ୍, ସେ ଅନେକଙ୍କଠାରୁ ଶୁଣିଛି ଯେ, ସମସ୍ତେ ସମାନ ଭାବରେ ମନଖୋଲା ସ୍ନେହଶ୍ରଦ୍ଧା ଦିଅନ୍ତି ନାହିଁ । ଦେଇପାରନ୍ତି ନାହିଁ । ବୋଧହୁଏ ସେମାନେ ଯେ ସାଧାରଣ ମଣିଷ, ଏହାହିଁ ତା'ର ପରିଚୟ ।

କହିଥିଲା, "ତୁମେ ତ ପୁନର୍ଜନ୍ମରେ ବିଶ୍ୱାସ କର । ବୋଧହୁଏ ଯାହାର ଯାହା ପାଉଣା, ସେ ତାଠାରୁ ବେଶୀ ପାଇପାରେନା ।"

"ଠିକ୍ କହିଛ ମିତା ।" କୃଷ୍ଣା ଚୁପ୍ ହୋଇଯାଇଥିଲେ ।

ତା ପରଦିନ ଯେଉଁ ବିଷୟରେ ଲେକ୍‌ଚର ଦେବେ, ସେ ବିଷୟରେ ବହି ପଢ଼ିବାରେ ଲାଗିଯାଇଥିଲେ ।

ଛୁଆ ଚଣ୍ଡାଳ, ସତ କହିବାକୁ ଗଲେ ମିତାକୁ ସହିବାକୁ ହିଁ ପଡ଼ିନି । ବାଣୀଦେଈ ହିଁ ତିନିକୁ ମଣିଷ କରିଥିଲେ । ସକାଳୁ ସନ୍ଧ୍ୟାଯାଏ ସେ ବାଣୀଦେଈଙ୍କ ହେପାଜତରେ ଥାଏ, କେବଳ ରାତିଟି ମାଆ ପାଖରେ ।

Digitized by srujanika@gmail.com

ତା'ମଧ୍ୟ ଯଦି ଦେହପା ଟିକିଏ ଖରାପ ହୋଇଗଲା, ତେବେ ସରିଲା । ବାଣୀଦେଈ କହନ୍ତି, "ଥାଉ, ଥାଉ; ଖୁବ୍ ହୋଇଗଲା । ତୁ ଯେଉଁ ଯତ୍ନକରିବା ଲୋକଟା ନା ! ଦେହ ଭଲ ନ ହେବା ପର୍ଯ୍ୟନ୍ତ ସେ ମୋ ପାଖରେ ଶୋଇବ ।"

ଅମୃତାଙ୍କର ଚିନ୍ତା ଫେରିଗଲା ଅନ୍ୟଦିଗକୁ । ଲୋକେ ଚିନ୍ତାକୁ ଯେଉଁ ନଦୀ ସହିତ ତୁଳନା କରନ୍ତି, ତାହା ଠିକ୍ । ନଦୀସ୍ରୋତର ଗତିପଥ ଯେପରି ଠିକ୍ ନ ଥାଏ, ସେହିପରି ଚିନ୍ତାସ୍ରୋତର । ତେବେ ଏକଥା ଠିକ୍ ଯେ, ଚିନ୍ତାସ୍ରୋତର ଗତି ଆହୁରି ଉଦ୍ଦାମ । କାରଣ ମନ ଭିତରେ ତାକୁ ମିଳେ ଅବାଧ ସୁଯୋଗ । ତେଣୁ ସେ କେଡ଼େ ସହଜରେ ଅନାୟାସରେ ଚାଲିଯାଏ ଏକପଥରୁ ଅନ୍ୟ ଏକ ପଥକୁ । ପାହାଡ଼-ପର୍ବତରେ ବୁଲି ବୁଲି ଅକ୍ଲେଶରେ ଚାଲିଯାଏ ଗାଁ ମାଟିର ସବୁଜିମା ପଥରେ ।

ନଦୀଜଳ ସେତେ ସ୍ୱାଧୀନତା ପାଏନି । ତାର ଅନିଚ୍ଛା ସତ୍ତ୍ୱେ ତାକୁ ଏକ ଧରାବନ୍ଧା ପଥଦେଇ ବହିଯିବାକୁ ପଡ଼େ । ବୋଧହୁଏ ସେହି କାରଣରୁ ଅନେକ ସମୟରେ ତା ମନର ସଞ୍ଚିତ କ୍ଷୋଭ ପ୍ରକାଶ ପାଏ ବନ୍ୟା ଭିତରଦେଇ ।

ଗୋଟିଏ ଧାରାରେ ଚାଲିବା ହିଁ ପ୍ରକୃତିର ନିୟମ । ଦିନ ପରେ ଆସେ ରାତି, ତା ପରେ ପୁଣି ଦିନ । ଦିନ ଆସେ ସୂର୍ଯ୍ୟର ଆଲୋକରଥ ଚଢ଼ି । ପୂର୍ବଦିଗ ଦେଇ ଆସି ପୃଥିବୀ ପରିକ୍ରମା କରି ତାର ଧରାବନ୍ଧା ପଥଦେଇ ପଶ୍ଚିମର ଦ୍ୱାରପଥ ବାଟେ ବାହାରିଯାଏ ନିଜର ଆଶ୍ରମ ଉଦ୍ଦେଶ୍ୟରେ । ବିଶ୍ରାମ ଶେଷରେ ତାକୁ ପୁଣି ବାହାରି ପଡ଼ିବାକୁ ହେବ ସେହି ଗୋଟିଏ ପଥ ଦେଇ ।

ସୂର୍ଯ୍ୟର ଅଦର୍ଶନ ସଙ୍ଗେ ସଙ୍ଗେ ଧୀରେ ଧୀରେ ଅବଗୁଣ୍ଠନବତୀ ରାତ୍ରିର ଆଗମନ ହୁଏ । ଏହି ନିୟମ ହିଁ ଚାଲିଆସିଛି ପୃଥିବୀରେ ।

କିନ୍ତୁ ଏହାର କଣ ବ୍ୟତିକ୍ରମ ହୁଏନା ? ହୁଏ ।

ହଠାତ୍ ଦିନେ ଆମେ ଦେଖୁ, ସୂର୍ଯ୍ୟ ଆଉ ଉଇଁଲେ ନାହିଁ । ଚାଲିଯିବା କଥା ରାତ୍ରି ସଂପୂର୍ଣ୍ଣ ଭୁଲିଗଲା । ପୃଥିବୀକୁ ଡାକି ରଖିଲା ଅଧା ଆଲୁଅ, ଅଧା ଛାଇରେ ।

ସେତେବେଳେ ମନେହୁଏ, ବୋଧହୁଏ ନିୟମ ନ ମାନିବାକୁ ଭବିତବ୍ୟର ମଧ୍ୟ ବେଳେବେଳେ ଇଚ୍ଛା ହୁଏ । ସେଇଥିପାଇଁ ତ ନିୟମ ଭାଙ୍ଗିଦେଇ ମନୁଷ୍ୟକୁ ଅନେକ ସମୟରେ ଅବେଳରେ ଚାଲିଯିବାକୁ ହୁଏ । ଏକଥା ସମସ୍ତେ ଜାଣନ୍ତି, ସମସ୍ତେ ବୁଝନ୍ତି ଯେ, ମନୁଷ୍ୟ ଯେଉଁଠାରୁ ଆସିଥିଲା, ଦିନେ ନା ଦିନେ ସେଇଠିକି ଫେରିଯିବାକୁ ପଡ଼ିବ ।

Digitized by srujanika@gmail.com

ତଥାପି ଏ ଫେରିଯିବାର ମଧ୍ୟ ଗୋଟିଏ ସାଧାରଣ ନିୟମ ରହିଛି । ମନୁଷ୍ୟ ଜୀବନକୁ ସେଇଥିପାଇଁ ବିଭକ୍ତ କରାଯାଇଛି ଚାରିଭାଗରେ— ଶୈଶବ, ଯୌବନ, ପ୍ରୌଢ଼ତ୍ୱ ଓ ବାର୍ଦ୍ଧକ୍ୟରେ । କିନ୍ତୁ ଦେଖାଯାଏ, ହଠାତ୍ ଏ ନିୟମର ହୋଇଯାଏ ବ୍ୟତିକ୍ରମ ।

କୃଷ୍ଣାଙ୍କର ଜୀବନଟା ବି ଏକ ବ୍ୟତିକ୍ରମ । ସୁସ୍ଥ, ସବଳ ପ୍ରାଣଚଞ୍ଚଳ ଯୁବକ ହଠାତ୍ ଏହି ବ୍ୟତିକ୍ରମର ବଳି ହୋଇଗଲେ ।

କିନ୍ତୁ କାହିଁକି ? ଅମୃତା ତାହା ବୁଝିପାରେନି । ତାକୁ ଲାଗେ, ବୋଧହୁଏ ମଣିଷର ଏତେ ସୁଖ ଦେବତାମାନଙ୍କର ସହନର ଅତୀତ । ବୋଧହୁଏ ସେମାନଙ୍କୁ ଦେଖିବାକୁ ଭଲଲାଗେନା ଯେ, ସ୍ୱର୍ଗର ଛିଟାଏ ଆଲୁଅ ଆସି ପୃଥିବୀରେ ପଡ଼ିରହିବ । ବୋଧହୁଏ ସେଇଥିପାଇଁ ସେମାନେ ନାସିକା-କୁଞ୍ଚନ କରି ଏକସ୍ୱରରେ ଚିତ୍କାର କରିଉଠନ୍ତି, ‘‘ସେଇଟାକୁ ହଟାଅ, ହଟାଅ; ଭାଙ୍ଗିଦିଅ ତାର ସୁଖର ନୀଡ଼ ।’’

ହୋଇଥିବ । ମନର ଗୋଟିଏ ଚିନ୍ତା ବା ଗୋଟିଏ ଅନୁଭୂତି । ଅନ୍ୟ କିଛି ନୁହେଁ । ମଣିଷର ତ ଏପରି ବି ହୋଇପାରେ । ଅମୃତା ଏପରି ଭାବେ ।

ମନୁଷ୍ୟ ଭଗବାନଙ୍କର ଅଂଶ । ବୋଧହୁଏ ସେହି କାରଣରୁ ଅନେକ କିଛି ସୃଷ୍ଟି କରିବାକୁ ଭଲପାଏ । ନୂଆ କରି, ନୂଆ ରୂପରେ । ତେଣୁ ସେ ଦିଏ ନୂତନ ବ୍ୟାଖ୍ୟା । ଏହା ତାର ଜନ୍ମଗତ ଗୁଣ ।

ତା କପାଳରେ ବୋଧହୁଏ ଏହା ହିଁ ଲେଖାଯାଇଥିଲା— ତୁ ଏତିକିଦିନ ସ୍ୱାମୀ-ସନ୍ତାନ ନେଇ ପୂରା ସଂସାରୀ ହୋଇ ରହିବୁ, ଏହାଠାରୁ ବେଶୀ ନୁହେଁ । ଏଠାକୁ ଆସିବା ଆଗରୁ ହିଁ ତୋ କପାଳରେ ଲେଖା ହୋଇଯାଇଥିଲା । ସେ ହିସାବରେ ବ୍ୟତିକ୍ରମ ହେବ ନାହିଁ । ହୋଇପାରିବ ନାହିଁ ।

ସେହି ଅମୋଘ ନିୟମର ବଶବର୍ତ୍ତୀ ହୋଇ କୃଷ୍ଣାଙ୍କର କ’ଣ ଗୋଟେ ହୋଇଗଲା । ପ୍ରଥମେ କିଛିଦିନ ଧରି ଦୁର୍ବଳ ଦୁର୍ବଳ ବୋଧକଲେ । ଉତ୍ସାହ କମିଯିବାକୁ ଲାଗିଲା । ସେ ତିନିହେଁ ହୋଇ ଉଠିଲେ ଉଦ୍‌ବିଗ୍ନ । ବଡ଼ଡାକ୍ତରଙ୍କ ପାଖକୁ ନେଇଗଲେ ।

ଅବଶ୍ୟ କୃଷ୍ଣା କହିଥିଲେ, ‘‘ତୁମେ ତିନିଜଣ ମିଶି ମୋତେ ପାଗଳ କରିଦେବ । ମୁଁ ତ ଭଲ ଅଛି । ଟିକିଏ ଦୁର୍ବଳ ଯାହା ଲାଗୁଛି । ବୋଧହୁଏ ଖାଟିଣିଟା ଟିକିଏ ବେଶୀ ହୋଇଯାଉଛି, କିଛି ଗୋଟିଏ ଟନିକ୍ ଖାଇଦେଲେ ଦିନ ଦୁଇଟା ଭିତରେ ସବୁ ଠିକ୍ ହୋଇଯିବ ।’’

Digitized by srujanika@gmail.com

କିଛିଦିନ ପରେ ସେ ପୁଣି ବେଶ୍ ସ୍ୱାଭାବିକ ହୋଇଗଲେ । ତା'କିନ୍ତୁ ମୋଟେ କେତେଟା ମାସ ପାଇଁ । ତା'ପରେ ପୁଣି ସେହି ଦୁର୍ବଳତା ।

ଏଥର ଡାକ୍ତର କଲେ ପୁଙ୍ଖାନୁପୁଙ୍ଖ ପରୀକ୍ଷା । ଗୋଟାଏ ସର୍ବନାଶିଆ ନାଆଁ ଉଚ୍ଚାରିତ ହୋଇଗଲା ଡାକ୍ତରଙ୍କ ମୁହଁରୁ । କ୍ୟାନ୍‌ସର ।

ସେଦିନର କଥା ଅମୃତାର ସ୍ପଷ୍ଟଭାବରେ ମନେପଡ଼େ । କାରଣ ନ ଦେଖାଇ ବିଧାତା ଦେଲେ ଦଣ୍ଡାଦେଶ— "ତୁମର ସୁଖର ସଂସାର ଶେଷ ହୋଇଗଲା ଅମୃତା !" ଯେଉଁ ଅମୃତାର କେବେ ରୋଗ ବୋଲି କିଛି ହୋଇ ନ ଥିଲା, ସେହି ଅମୃତାର ଗୋଡ଼ହାତ ଥଣ୍ଡା ହୋଇ ଯାଇଥିଲା । ତା ପରେ ପରେ ତା'ର ଚେତା ହଜି ଯାଇଥିଲା ।

ବାଣୀଦେଈ କହୁଥିଲେ, ତା'ର ଚେତା ଫେରି ଆସିବାକୁ ଅନେକ ସମୟ ଲାଗିଯାଇଥିଲା । ଭାଗ୍ୟକୁ କୃଷ୍ଣା କିଛି ଜାଣିପାରି ନ ଥିଲେ । ରଣେନ୍ ବି ଜାଣି ନ ଥିଲେ ତା'ର ଅଚେତ ହୋଇଯିବା କଥା ।

ସେମାନେ ପୁଣି ଥରେ ଚାଲିଯାଇଥିଲେ ଡାକ୍ତରଙ୍କ ଘରକୁ । ବାଣୀଦେଈ ଧମକ ଦେଲାପରି କହିଥିଲେ, "ଇମିତି ଭାଙ୍ଗିପଡ଼ିଲେ ଚଳିବ ? ଆମକୁ ପ୍ରାଣପଣେ ଚେଷ୍ଟା କରିବାକୁ ପଡ଼ିବ ତାଙ୍କୁ ବଞ୍ଚାଇ ରଖିବାଲାଗି । ତତେ ହୋଇଯିବାକୁ ପଡ଼ିବ ପଥରପରି ଟାଣ । ଯଦି ଆମେ ସଫଳ ହୋଇ ନ ପାରିବା, ତେବେ ତା'ପର ଦିନଗୁଡ଼ିକ ପାଇଁ ଆମ ମନରେ ଯେପରି ସାନ୍ତ୍ୱନା ରହିଥିବ ଯେ, ଆମେ ଯଥାସାଧ୍ୟ ଚେଷ୍ଟା କରିଛୁ; ସେ ଦିଗରୁ କୌଣସି ତ୍ରୁଟି ହୋଇ ନାହିଁ ।"

କୃଷ୍ଣା ଏସବୁ କିଛି ଜାଣନ୍ତି ନାହିଁ । ଡାକ୍ତର ରଣେନ୍‌ଙ୍କୁ ହିଁ କହିଥିଲେ । ସେ ଆସି ଏମାନଙ୍କୁ କହି ଯାଇଥିଲେ, "ଆମେ ତିନିଜଣ ଜାଣିଲେଇଁ । ଏ କଥା ଯେପରି ଚତୁର୍ଥ ଲୋକ କାନକୁ ନ ଯାଏ !"

ସେହି ଭାବରେ ହିଁ ସେମାନେ ଚଳାଇ ନେଇଥିଲେ । ହାତରେ ଯାହା କିଛି ଥିଲା, ଅମୃତା ସବୁ ଢାଳିଦେଇଥିଲା ତାଙ୍କ ଚିକିତ୍ସାରେ ।

ରଣେନ୍ ଓ ବାଣୀ ମଧ୍ୟ ପ୍ରାୟ ସର୍ବସ୍ୱାନ୍ତ ହୋଇଯାଇଥିଲେ । ସେମାନେ ବୁଝି ସାରିଥିଲେ ଯେ, କୃଷ୍ଣା ଆଉ ବଞ୍ଚିବେ ନାହିଁ । କିନ୍ତୁ ରଣେନ୍ କହିଥିଲେ, "ମୋ ଭାଇର ଚିକିତ୍ସାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ । ନା, ତା'ହେଲେ ଯେ ଆମେ ବଞ୍ଚି ଥାଉ ଥାଉ ମରିଯିବା ।" ଶେଷରେ ତ ରଣେନ୍‌ଙ୍କୁ ଅନେକ ଧାର-ଉଧାର କରିବାକୁ ପଡ଼ିଥିଲା ।

Digitized by srujanika@gmail.com

ଦିନେ ଅମୃତା କାନ୍ଦିପକାଇ କହିଥିଲା, ''ଦାଦା, ତୁମେ ଯେ ବାଟର ଭିକାରି ହୋଇଗଲ ?''

''ମୁଁ ଭିକାରି ହେବି ନାହିଁ ତ କ'ଣ ହେବି ? ମୋର ରାଜରାଣୀ ପରି ଭଉଣୀ ତ ଦାଣ୍ଡର ଧୂଳିରେ । ତା ପାଇଁ କଣ କରିବି ? ତା'ଛଡ଼ା କହିବାକୁ ଗଲେ ଇଏ ତ ମୋର ଜଣେ ଭାଇ । ବୁଢ଼ା ବାପାମାଆଙ୍କୁ ଛାଡ଼ିଦେଲେ ମୋ ସଂସାରରେ ଆଉ କିଏ ଅଛି ଯେ ? ସେମାନଙ୍କୁ ତ ଏଥର ଯେକୌଣସି ଦିନ ଡାକରା ପଡ଼ିବ ।''

ଗିନି ବାଣୀଦେଈଙ୍କ ପାଖରେ ଥାଏ । ଅମୃତା ଦିନେହେଲେ ତାକୁ ଆଡ଼ଆଖିରେ ବି ଚାହେଁନି । ସେ କେବଳ ଏକଧ୍ୟାନରେ ସେବା କରିଥିଲା ଏବଂ କରୁଥିଲା ପ୍ରାର୍ଥନା, ''ପ୍ରଭୁ, ଭଲ ଯଦି କରିଦେବ କରିଦିଅ, ନଚେତ୍ ତାଙ୍କୁ ବିନା କଷ୍ଟରେ ନେଇଯାଅ । ଆଉ କିଛି ମାଗୁନି ପ୍ରଭୁ, ମୋର ଏହି ଗୋଟିଏ କଥା ରଖ ।''

ସେ ଜାଣିଥିଲା, ଏ ରୋଗଟା ଏତେ ଆଡ଼ଭାନ୍ସଡ଼ ଷ୍ଟେଜ୍‌ରେ ଧରାପଡ଼ିଲେ ଭଲ ହୁଏନି । କେତୋଟି ଦିନ ବେଶୀ ବଞ୍ଚିବା କଥା ବା କେତୋଟି ଦିନ କମ୍ ।

ଭଗବାନଙ୍କ ପକ୍ଷରେ ଅମୃତାର ପ୍ରାର୍ଥନାରୁ ଯେତିକିଟି ରଖିବା ସମ୍ଭବ, ବୋଧହୁଏ ସେ ସେତିକିଟି ରଖିଥିଲେ । ଏତେବଡ଼ ଗ୍ୟାଲପିଙ୍ଗ୍ କ୍ୟାନ୍ସରରେ ବି କୃଷ୍ଣା ବେଦନା ଯନ୍ତ୍ରଣା ବୋଲି ଟିକିଏ ବି ପାଇ ନ ଥିଲେ । ଡାକ୍ତରମାନେ ଅବାକ୍ ହୋଇଯାଇଥିଲେ । ସମସ୍ତେ କହିଥିଲେ, 'ଏହା ସମ୍ଭବ ହୋଇଛି କେବଳ ଅମୃତାଙ୍କ ପ୍ରାର୍ଥନାହେତୁ ।'

ଶେଷ ନିଃଶ୍ୱାସ ଛାଡ଼ିବା ଆଗରୁ କୃଷ୍ଣା କହିଥିଲେ, ''ମିତା, ମୁଁ ତୁମ ପାଇଁ କିଛି କରିଦେଇପାରିଲି ନାହିଁ । ତୁମକୁ ରାସ୍ତାକରରେ ବସାଇଦେଇ ନିଃସ୍ୱ କରିଦେଇ ଚାଲିଯାଉଛି ।''

''ସିମିତି କଥା ତୁଣ୍ଡରେ ଧରନି । ତୁମରି ପାଇଁ ହିଁ ମୁଁ ବଞ୍ଚିଛି । ତୁମରି ପାଇଁ ତ ମୁଁ ଜାଣିବାକୁ ପାଇଛି ଯେ, ପୃଥିବୀରେ ଅନେକ କିଛି ପାଇବାର ଅଛି । ମୁଁ ଯେତିଦିନ ବଞ୍ଚିଥିବି, ତୁମେ ଥିବ ମୋର ପାଖେ ପାଖେ, ମୋର ମନ ଭିତରେ । ତା'ହେଲେ ହିଁ ମୁଁ ଚଳିପାରିବି, ପାରିବି ତୁମର ଝିଅକୁ ମଣିଷ କରି । ତୁମେ ଯେ ସଦାସର୍ବଦା ମୋର ହାତ ଧରି ରହିଛ, ମତେ ଖାଲି ସେତିକି ଜାଣିବାକୁ ଦିଅ ।''

Digitized by srujanika@gmail.com

କୃଷ୍ଣା ଧୀରେ ଧୀରେ ତା ହାତଟି ଧରିଥିଲେ । ମୁହଁରେ ଫୁଟି ଉଠିଥିଲା ଗୋଟିଏ ଶାନ୍ତିର ଆଭାସ ।

ତା'ପରେ ସବୁ ଶେଷ ।

ଏବେ ବି ସ୍ପଷ୍ଟ ମନେଅଛି ।

ଅମୃତା ଆଖିରୁ ଟୋପାଏ ବି ଲୁହ ଝରିଲା ନାହିଁ । ସେ ବସିପଡ଼ିଥିଲା କାଠପଥର ହୋଇ । ବାଣୀଦେଈ ତାକୁ କାନ୍ଦି କାନ୍ଦି ଭିଡ଼ି ଧରିଥିଲେ ।

ସମସ୍ତେ କହିଲେ, ଏଭଳି ରହିଗଲେ ଅମୃତା ପାଗଳ ହୋଇଯିବ । ନା ଆଖିରୁ ଲୁହ ଝରୁଥିଲା, ନା ପାଟିରୁ କଥା । ସେ କାହାକୁ ବୁଝାଇପାରୁ ନ ଥିଲା । ସମସ୍ତେ ଦେହଟାକୁ ନେଇ ରହିଥିଲେ, କିନ୍ତୁ ସେ ସ୍ୱଚକ୍ଷୁରେ କୃଷ୍ଣାଙ୍କୁ ଦେଖିପାରୁଥିଲା, ସେ ତା ଆଗରେ ଠିଆ ହୋଇଛନ୍ତି ତାଙ୍କର ସ୍ୱଭାବସୁନ୍ଦର ହସହସ ମୁହଁରେ ।

ସେ ଯେପରି କାନ ପାଖରେ କହୁଥିଲେ, "ତୁମେ କିଛି ଭାବନି, ମୁଁ ତୁମର ପାଖେ ପାଖେ, ରିନିର ପାଖେ ପାଖେ ରହିଛି ।"

ରଣେନ୍ ଦେଇଥିଲେ ମୁଖାଗ୍ନି । ଏହା ହିଁ ତ ପ୍ରକୃତ ବଡ଼ଭାଇପଣିଆ । ତା ପରେ ସେ ତାକୁ ନେଇ ଯାଇଥିଲେ ନିଜ ଫ୍ଲାଟକୁ । ସେଠାରେ ସମସ୍ତଙ୍କ ପାଖରୁ ଅମୃତା ଯଥେଷ୍ଟ ସହାନୁଭୂତି ପାଇଥିଲା । କିନ୍ତୁ ତା ସତ୍ତ୍ୱେ ମାନ୍ଦ୍ରାଜ ସହରଟା କାହିଁକି କେଜାଣି ତା ପକ୍ଷରେ ବିଷ ହୋଇଉଠିଥିଲା ।

କେବଳ ମନେହେଉଥିଲା, ଏଠାରୁ ଚାଲି ନ ଗଲେ, ସେ ପାଗଳ ହୋଇଯିବ । ବାହାରକୁ ସେ ଥିଲା ସ୍ଥିର, କିନ୍ତୁ ତା ଭିତରଟା ଭାଙ୍ଗି ଚୂରମାର ହୋଇଯାଇଥିଲା ।

କିଛିଦିନ ପରେ ସେ ବାଣୀଦେଈଙ୍କୁ କହିଥିଲା, "ମୁଁ ଏଠାରେ ପାଗଳ ହୋଇଯିବି । ତୁମେ ଦୂରରେ ମୋ ପାଇଁ କିଛି ଗୋଟିଏ କାମ ଜୁଟାଇଦିଅ ।"

"ତୋ ଦାଦା ବି ସବୁଦିନ ସେହିକଥା କହୁଛନ୍ତି । ତା'ଛଡ଼ା ମୁଁ ବି ଆଉ ଏଠି ପାରୁନି । ତୋ ଦାଦା କଲିକତା ଫେରିଯିବାକୁ ଚେଷ୍ଟା କରୁଛନ୍ତି । ସେଠାରେ କାମଟିଏ ମିଳିଯିବ ବୋଲି ଆଶା ଅଛି । ସେତେବେଳେ ଆମେ ସମସ୍ତେ ଏକସଙ୍ଗରେ ଚାଲିଯିବା ।"

"ସେପର୍ଯ୍ୟନ୍ତ, ଭାବୁଛି, ଏଠାରେ କିଛି ଗୋଟିଏ କରିବି; ତୁମ ଉପରେ... !"

Digitized by srujanika@gmail.com

ମୁହଁ ଚିପି ଧରିଥିଲେ, "ସେକଥା ଇମିତି କହିବୁ ନାହିଁ । ଆମ୍ମି, ମୁଁ ଯେ ତତେ କେତେ ଭଲପାଏ, ସେକଥା କଣ ତୁ କେବେହେଲେ ବୁଝିବୁ ନି ?"

ସେ ଅବାକ୍ ହୋଇ ବାଣୀଦେଈଙ୍କ ମୁହଁକୁ ଚାହିଁ ପକାଇଥିଲା । ଆଖି ତାର ଭରିଯାଇଥିଲା ଲୁହରେ ।

"କିଲୋ, କଣ ହେଲା ? କଣ ଇମିତି ଚୁପ୍ ହୋଇ ଚାହିଁ ରହିଛୁ ?"

"ତୁମେ ଜାଣିନା ବାଣୀଦେଈ, ସମସ୍ତଙ୍କର ଅଜାଣତରେ ଏହି ନାଆଁରେ କେବଳ ମୋ ମାଆ ମୋତେ ଡାକୁଥିଲେ । କେବଳ କୃଷ୍ଣାଙ୍କୁ ମୁଁ ଦିନେ ଏକଥା କହିଦେଇଥିଲି । ତୁମେ ଅଜାଣତରେ ଏହି ନାଆଁ ଧରି ଡାକିଦେଲ । କିନ୍ତୁ ମୁଁ ବୁଝିପାରିଛି, ମୋତେ ସାନ୍ତ୍ୱନା ଦେବା ପାଇଁ ହିଁ ମୋ ମାଆ ତୁମ କଣ୍ଠରେ ଏହି ନାଆଁରେ ଡାକିଦେଲେ । ବୁଝାଇଦେଲେ, ଠିକ୍ ତାଙ୍କରି ପରି ତୁମେ ବି ମୋତେ ପଣତକାନିରେ ଘୋଡ଼ାଇ ରଖିବ ।"

କହୁ କହୁ ସେ ବାଣୀଦେଈଙ୍କୁ ଜାବୋଡ଼ି ଧରିଥିଲା ଏବଂ ଭାଙ୍ଗି ପଡ଼ିଥିଲା କାନ୍ଦରେ । ବୋଧହୁଏ କୃଷ୍ଣା ଚାଲିଯିବା ପରେ ସେ ଏପରି କାନ୍ଦ ଆଉ କେବେ କାନ୍ଦି ନ ଥିଲା ।

ତାଙ୍କ ପାଖରେ ରହିବାକୁ ସେହିଦିନଠାରୁ ତା ମନରେ ଆଉ କୌଣସି ଦ୍ୱିଧା ରହିଲା ନାହିଁ ।

ବଡ଼ କ୍ଲାନ୍ତ ବୋଧ କରୁଥାନ୍ତି ଅମୃତାଦେବୀ ।

ଧୀରେ ଧୀରେ ଆଖି ଖୋଲିଲେ । ଏ କଣ ! ସନ୍ଧ୍ୟା ଗଡ଼ି ଆସିଲାଣି ଯେ ! ସେ ଜାଣି ହିଁ ନାହାନ୍ତି । ଗିନି ସହିତ ଦଶଟାବେଳେ ସକାଳ ଖିଆପିଆ ସାରି ବାରଣ୍ଡାକୁ ଆସି ସେହି ଯେଉଁ ବସି ଯାଇଛନ୍ତି, ଆଉ ଉଠି ନାହାନ୍ତି ।

କି ଯେ ଏକ ଭାବରାଜ୍ୟରେ ବୁଡ଼ି ଯାଇଥିଲେ ! ଦିପହର ଗଡ଼ି, ଆସିଥିଲା ଉପରବେଳା । ତାପରେ ସନ୍ଧ୍ୟାର ପ୍ରସ୍ଥାନ ଓ ରାତ୍ରିର ଆଗମନ । କିଛି ହିଁ ଜାଣିପାରିଲେ ନାହିଁ ।

ରହି ଯାଇଥିଲେ କୃଷ୍ଣାଙ୍କ ଧ୍ୟାନରେ ମଗ୍ନ ହୋଇ ।

ମନଟା ବଡ଼ ତୃପ୍ତ ଲାଗିଲା । ଭଲପାଇବା ଲୋକଙ୍କୁ ନିକଟରେ ପାଇଲେ ଯାହା ହୁଏ । କିନ୍ତୁ ଦୁର୍ବଳ ଲାଗୁଛି । ମୁଣ୍ଡଟା ଧରିଲା ଧରିଲା ପରି ଲାଗୁଛି । ବୋଧହୁଏ ଏତେ ସମୟ ଏକାଭାବରେ ବସିପଡ଼ିବା ହେତୁ । ବୋଧହୁଏ ଠିକ୍ ସମୟରେ ଚାହା ନ ଖାଇଥିବା ହେତୁ ।

Digitized by srujanika@gmail.com

ତରବର ହୋଇ ଉଠିପଡ଼ିବାକୁ ଚେଷ୍ଟା କଲେ, କିନ୍ତୁ ପାରିଲେ ନାହିଁ । ମୁଣ୍ଡଟା ବୁଲାଇଦେଲା । ଅନ୍ଧାର ହୋଇଗଲାଣି । ବତି ଲାଗି ନାହିଁ, ରିନି ଏ ଯାଏ ଆସିଲା ନାହିଁ । ବଡ଼ ଡେରି ହୋଇଯାଉଛି । ତା ପାଇଁ କିଛି କରି ନାହାନ୍ତି । ଝିଅଟା ଖଟି ଖଟି ଆସିବ । ଦିନତମାମ ଛୁଟି ଥିଲା । ଇମିତି ବସି ବସି ଦିନଟା କଟାଇଦେଲେ !

ପରମୁହୂର୍ତ୍ତରେ ଭାବିଲେ– ଭାଗ୍ୟକୁ ବସି ରହିଥିଲି– ସେଥିପାଇଁ ତ କୃଷ୍ଣାଙ୍କୁ ଏଡ଼େ ପାଖରେ ପାଇଥିଲି ।

ଫ୍ଲାଟ୍ ଅନ୍ଧାର ହୋଇ ରହିଛି ଦେଖି ରିନିକୁ ଦୂରରୁ ଅବାକ୍ ଲାଗିଲା ।

ତା ଫେରିବାବେଳକୁ ତ ମାଆ କେବେହେଲେ ଘର ଛାଡ଼ି ବାହାରକୁ ଯାଇ ନ ଥାନ୍ତି; ତା ପାଇଁ ଅପେକ୍ଷା କରିଥାନ୍ତି । କାମରେ ଗଲେ ଅଲଗା କଥା । ଆଜି ତ ସାରା ଦିନଟି ମାଆଙ୍କର ଛୁଟି ।

କଣ ହଠାତ୍ ସଙ୍ଗୀତା ଘର ଆସି ଡାକି ନେଇଛନ୍ତି ? ତା'ହେଲେ ତ ମାଆ ନିଶ୍ଚୟ ଚିଠି ଲେଖି ରଖିଦେଇ ଯାଇଥିବେ । ଏପରି ସାତପାଞ୍ଚ ଭାବି ଭାବି ସେ ଦୋତାଲାକୁ ଉଠି ନିଜ ଫ୍ଲାଟ୍ ଦୁଆରେ ଠିଆହେଲା ।

ଚାବି ଖୋଲି କବାଟ ଫିଟାଉ ଫିଟାଉ ବତି ଜାଳିଦେଲା । ରିନିକୁ ଅପେକ୍ଷା କରି ବାରଣ୍ଡାରେ ବସିଥିଲେ ଅମୃତା । ଉଠିବାମାତ୍ରେ ମୁଣ୍ଡଟା ବୁଲାଉଛି । ତେଣୁ ଉଠିପାରି ନାହାନ୍ତି ।

"କିଲୋ ମାଆ ରିନି, ଆସିଲୁ ? ତୋର ଅପେକ୍ଷାରେ ବସିଥିଲି । ମତେ ଧରି ଟିକିଏ ଭିତରକୁ ନେଇଯାଆ ତ ମାଆ ।"

"କଣ, ଆମ୍ମି ? ତୁମେ ଏ ଅନ୍ଧାରଟାରେ ବାରଣ୍ଡାରେ ବସିଛ !!"

ହାତର ଜିନିଷପତ୍ର ଫୋପାଡ଼ିଦେଇ ରିନି ଦୌଡ଼ି ଆସିଲା ମାଆଙ୍କୁ ଜାବୋଡ଼ି ଧରିବାକୁ ।

"ତମର କଣ ହୋଇଛି ଆମ୍ମି, କହିଲ !"

ରିନିର କାନ୍ଦ କାନ୍ଦ କଥାରେ ଅମୃତାଦେବୀ ବିଚଳିତ ହୋଇଗଲେ । "କିଛି ତ ହୋଇନି । ଖାଲି ମୁଣ୍ଡଟା ଯାହା ଟିକିଏ ବୁଲାଉଛି ।"

Digitized by srujanika@gmail.com

ରିନି ଅତି ସାବଧାନରେ ମାଆଙ୍କୁ ଧରି ଆଣି ବିଛଣାରେ ଶୁଆଇଦେଲା । ସଙ୍ଗେ ସଙ୍ଗେ ପାଣିରେ ଚାମଚେ ବ୍ରାଣ୍ଡି ମିଶାଇ ପିଆଇଦେଇ କହିଲା, ''ଆମ୍ମି, ତୁମେ ଶୋଇଥାଅ । ତୁଁ ଏହିଲାଗେ ଗରମ ଓଭଲ୍‌ଟିନ୍ କରି ତୁମକୁ ଖୁଆଇଦେବି ।''

ମାଆଙ୍କ ଆଡ଼କୁ ଚାହିଁ ଦେଉ ଦେଉ ହିଁ ମନେହେଲା ଅଚେତ ହୋଇ ଯାଇଛନ୍ତି । ଠିକ୍ ତା'ର ଆଗ ମୁହୂର୍ତ୍ତରେ କାନରେ ପଡ଼ିଥିଲା ମାଆଙ୍କର ଦୁର୍ବଳ କଣ୍ଠସ୍ୱର— କୃଷ୍ଣା, କୃଷ୍ଣା ।

ତା ଛାତି ଭିତରଟା ଦାଉଁକରି ପଡ଼ିଗଲା । ତା ବାପାଙ୍କର ତ ଏହି ନାଆଁ । ସେ ଆସି ମାଆଙ୍କ ଆଖିଆଗରେ ଠିଆ ହୋଇଗଲେ ନା କଣ ! ବାପା କଣ ତାର ଶତ୍ରୁତା କରିବାଲାଗି ମାଆଙ୍କୁ ତା ପାଖରୁ ନେଇ ପଳାଇବାକୁ ଆସିଛନ୍ତି !!

ସେ ଶୁଣିଛି, ବେଳେବେଳେ ଏଭଳି ଘଟେ । କିନ୍ତୁ ନା, ସେ କଦାପି ତାହା ହେବାକୁ ଦେବନାହିଁ । ତା' ଆମ୍ମି ତା' ପାଖରେ ରହିବେ ।

ଧାଇଁଯାଇ ସେ ଟେଲିଫୋନ୍ ରିସିଭର୍ ଟେକିଲା ଡାଏଲ୍ କରିବା ଆଶାରେ । ହାୟ ଭଗବାନ ! ଫୋନ୍ ଖରାପ ।

ଏବେ ସେ କରେ କଣ ! କିଛିଗୋଟେ ତ କରିବାକୁ ପଡ଼ିବ । ଧାଇଁଗଲା ତଳ ମହଲାକୁ । କିନ୍ତୁ ଏପରି ପୋଡ଼ା କପାଳ, ସେ ଯାଇ ପହଞ୍ଚିଲାବେଳକୁ ରାନ୍ଧୁଣୀଟି ଛଡ଼ା ଘରେ ଆଉ କେହି ନାହାନ୍ତି । ସମସ୍ତେ ବାହାରକୁ ଚାଲି ଯାଇଛନ୍ତି ।

''ଶୁଣ ମାନଦା, ମାଆଙ୍କର ଚେତା ବୁଡ଼ିଯାଇଛି । ଫୋନ ଖରାପ, ତୁ ଟିକିଏ ମାଆଙ୍କ ପାଖରେ ବସିଥିବୁ, ମୋ କପାଳ ପୋଡ଼ିଯାଉ, ଟିକିଏ ଫୋନ୍ କରିବାଲାଗି ଆଗ ସାମନା ଘରକୁ ଯାଉଛି ।''

''ହଁ, ହଁ; ଯାଅ ଦିଦିମଣି, ମୁଁ ତମ ମାଆଙ୍କ ପାଖରେ ବସିଛି । ହାୟରେ କପାଳ, ଆଜିକି ବୋଲି ଘରେ କେହି ନାହାନ୍ତି !''

ସେତେବେଳକୁ ରିନ୍‌ରିନ୍ ରାସ୍ତା ପାର୍‌ହୋଇ ଧାଇଁଯାଇ ସାମନା ଘରେ ପହଞ୍ଚିଗଲାଣି ।

ଜଣେ ଭଦ୍ରଲୋକ ଉଠିପଡ଼ି କହିଲେ, ''ଆସନ୍ତୁ ମିସ୍ ରାଓ । ଆପଣ ଅମୃତାଦେବୀଙ୍କର ଝିଅ ନୁହନ୍ତି କି... ?''

ବୋଧହୁଏ ଆହୁରି ଅନେକ କିଛି କହି ଥାଆନ୍ତେ, କିନ୍ତୁ ରିନ୍‌ରିନ୍ ମୁହଁଆଡ଼କୁ ଚାହିଁଦେଇ ସେ ଚମକି ପଡ଼ିଲେ ।

Digitized by srujanika@gmail.com

ମୁହଁଟା ଶୁଖିଯାଇଥାଏ । ଆଖିରେ ଉଦ୍‌ଭ୍ରାନ୍ତ ଦିଗହରା ଭାବ ।

"ମୁଁ ଟିକିଏ ଡାକ୍ତରଙ୍କୁ ଫୋନ୍ କରିବାକୁ ଚାହୁଁଥିଲି; ମାଆ ପରା ହଠାତ୍ ଅଚେତ ହୋଇ ପଡ଼ିଯାଇଛନ୍ତି ।"

"ନିଶ୍ଚୟ, ନିଶ୍ଚୟ, କରନ୍ତୁ । କିନ୍ତୁ ବଡ଼ ଡାକ୍ତର ତ ହେଇଟି ଏଇଠି ବସିଛନ୍ତି । —ଡକ୍ଟର ନୀଳକଣ୍ଠ ଚାଟାର୍ଜି । ଆଉ ଫୋନ୍ କାହିଁକି; ଯାଅ ନୀଳ, ଡେରି କରନି ।"

ଡାଃ ନୀଳକଣ୍ଠ ଚାଟାର୍ଜି ରିନ୍‌ରିନ୍‌କୁ ଦେଖୁ ଦେଖୁ ଚିହ୍ନିପାରିଛନ୍ତି । ଏହି ମୁହଁ, ଏହି ଆଖି; —ଭୁଲିବାର ନୁହେଁ । କେତେମାସ ତଳେ ଏହାଙ୍କୁ ହିଁ ସେ ଦେଖିଥିଲେ ଟ୍ରାଫିକ୍ କଣ୍ଟ୍ରୋଲ୍ କରୁଥିବାର ଦୃପ୍ତଭଙ୍ଗୀରେ । ସ୍ଲାକ୍‌ସପିନ୍ଧା, ବୁଶ୍‌ସାର୍ଟ୍ ପିନ୍ଧା । ଚାଲିବା ଭଙ୍ଗୀରୁ ହିଁ ମନେହେଉଥିଲା ସାରା ପୃଥିବୀଟା ତାଙ୍କ ହାତମୁଠାରେ ।

କିନ୍ତୁ ଆଜି ଅସହାୟ ଭାବ ଫୁଟିଉଠୁଛି ସାରା ମୁଖମଣ୍ଡଳରେ ।

ଡଃ ଚାଟାର୍ଜି ବୁଝିପାରିଲେ ଝିଅଟି ତାଙ୍କୁ ଚିହ୍ନିପାରିନି । ହୋଇପାରେ, ସାଧାରଣ ପରିବେଶରେ ମନେପଡ଼ିଲେ ବି ପଡ଼ିଯାଇ ପାରନ୍ତା ।

"ଆପଣ ହିଁ ଡାକ୍ତର ? ଭଗବାନଙ୍କର କି ଦୟା ! ଆସନ୍ତୁ, ଶୀଘ୍ର ଆସନ୍ତୁ; ମାଆ ଏକା ଅଛନ୍ତି । କହୁ କହୁ ରିନ୍‌ରିନ୍ ଦୌଡ଼ି ଦୌଡ଼ି ରାସ୍ତା ପାର୍ ହୋଇ ଆସି ଏକା ନିଃଶ୍ୱାସକେ ଶୋଇବାଘର ଭିତରେ ପଶିଗଲା ।

ଡଃ ଚାଟାର୍ଜି ଆସି ରୋଗିଣୀର ହାତ ଟେକିଧରି ପଲ୍‌ସ୍ ଦେଖିଲେ ।

"ନାଃ, ଭୟର କୌଣସି କାରଣ ନାହିଁ ।" କହିଦେଇ ବ୍ୟାଗ୍‌ରୁ ଗୋଟିଏ ଇଞ୍ଜେକ୍‌ସନ୍ କାଢ଼ି ଦେଇଦେଲେ ।

"ମାଆଙ୍କ ଅବସ୍ଥା କିପରି ଅଛି ?"

ଝିଅଟି ଆଡ଼କୁ ଚାହିଁଦେଇ ଡାକ୍ତରଙ୍କ ମନରେ ତା ପ୍ରତି ଏକ ମାୟା ଆସିଗଲା । ଆହା, ଏ ଝିଅଟିର କଣ ଆଉ କେହି ନାହାନ୍ତି ?

"ନା, ମିସ୍ ରାଓ, ଭୟ କରିବାର କିଛି ହିଁ ନାହିଁ । ଉତ୍ତେଜନା ଓ ଦୁର୍ବଳତା ହେତୁ ଅଚେତ ହୋଇଯାଇଛନ୍ତି । ଅଳ୍ପ କିଛି ସମୟ ଭିତରେ ଚେତା ଫେରିଆସିବ । ମତେ ଗୋଟିଏ କଲମ... ।" କହୁ କହୁ ରିନ୍‌ରିନ୍ ଆଡ଼କୁ ଚାହିଁଦେଇ ଦେଖନ୍ତି ତ ତା ହାତ ଥରୁଛି ।

"ଇଏ କଣ, ଆପଣ ଠିଆ ହୋଇଛନ୍ତି, ପଡ଼ିଯିବେ; ବସିପଡ଼ନ୍ତୁ ।"

Digitized by srujanika@gmail.com

"ଆପଣଙ୍କର କଲମ ଦରକାର ନା ?"

"ନା, ନା; ମୋ ପାଖରେ ଅଛି; ଭୁଲି ଯାଇଥିଲି ।"

ତାପରେ ଷ୍ଟେଥିସ୍କୋପ୍ ନେଇ ଭଲ ଭାବରେ ପରୀକ୍ଷା କରି କହିଲେ, "ଯାହା କହିଛି, ପୁଣି ଥରେ କହୁଛି, ଭୟର କୌଣସି କାରଣ ନାହିଁ । ଏହିକ୍ଷଣି ଚେତା ଫେରିଆସିବ । ସଙ୍ଗେ ସଙ୍ଗେ ତାଙ୍କୁ ଦୁଧ ବା ସେପରି କିଛି ଖାଇବାକୁ ଦେବାକୁ ପଡ଼ିବ ।"

"ମୁଁ ଏଇଲାଗେ କରିଆଣୁଛି ।"

"ଆହା, ଆପଣ କାହିଁକି ଯିବେ ? ଆଉ କାହାକୁ କହନ୍ତୁ ନା । ଆପଣ ସ୍ଥିର ହୋଇ ବସନ୍ତୁ ।"

"ମାଆ ଓ ମୁଁ, ଆମେ ତ ମାତ୍ର ଦୁଇଜଣ । ତୃତୀୟ ହୋଇ କେହି ନାହାନ୍ତି ।" କହି ରିନ୍‌ରିନ୍ ରୋଷଘରଆଡ଼େ ଚାଲିଗଲା ।

ରିନି ଆଡ଼କୁ ଚାହିଁ ଡଃ ଚାଟାର୍ଜିଙ୍କର ଏଥର ମନେହେଲା, ସେ ଆଗ ଅପେକ୍ଷା ଟିକିଏ ସ୍ଥିର ହୋଇଛି । ବୋଧହୁଏ ତାଙ୍କରି ଆଶ୍ୱାସନା ପାଇ ।

ରିନ୍‌ରିନ୍ କପେ ଗରମ ଓଭଲଟିନ୍ ଆଣି ବିଛଣାପାଖ ଟେବୁଲ ଉପରେ ଥୋଇଲା । କିଛିକ୍ଷଣ ମଧ୍ୟରେ ଅମୃତା ଆଖି ଖୋଲିଲେ ।

"ରିନି କୁଆଡ଼େ ଗଲୁ ? କଣ କିଛି ଖାଇଲୁ ଟି ?" କହି ସେ ଉଠିବାକୁ ଯାଉଥିଲେ । ଡଃ ଚାଟାର୍ଜି ଓ ରିନି ମିଶି ତାଙ୍କୁ ଧରି ଶୁଆଇଦେଲେ ।

"ଆପଣ ଉଠନ୍ତୁ ନାହିଁ ।"

"ତୁମେ ଟିକିଏ ଓଭଲଟିନ୍ ଖାଇଲ ଆମ୍ମି ।"

କିଛି ନ କହି ଅମୃତା ଦେବୀ ଓଭଲଟିନ୍ ଗ୍ଲାସ୍‌ଟା ଧରିଲେ ।

"ପୁଅଟି କିଏ ?"

ସେତେବେଳକୁ ରିନିର ଚେହେରାରେ ପଡ଼ି ଆସିଲାଣି ପ୍ରକୃତ ରିନ୍‌ରିନ୍‌ର ଛାପ ।

"ସତେ ତ ଆମ୍ମି, ଦେଖିଲ ତୁମକୁ ମୁଁ ଏଯାଏ ଚିହ୍ନାଇଦେଇନି । ଏ ହେଉଛନ୍ତି ଡଃ ନୀଳକଣ୍ଠ ଚାଟାର୍ଜି । —ମୋ ମାଆ ।"

ଅଧବୁଜା ଆଖିରେ ଅମୃତା କହିଲେ, "ବଡ଼ ଖୁସୀ ହେଲି ଆପଣଙ୍କୁ ଦେଖି । ମତେ ବଡ଼ ନିଦ ନିଦ ଲାଗୁଛି ରିନ୍ । ମୁଁ ଶୁଏ । ତୁ କିଛି ଖିଆପିଆ କର; ଡଃ ଚାଟାର୍ଜିଙ୍କୁ ବି ଦେ ।" କହୁ କହୁ ସେ ଶୋଇପଡ଼ିଲେ ।

Digitized by srujanika@gmail.com

କାନ୍ଦ କାନ୍ଦ ହୋଇ ଗିନ୍‌ଗିନ୍ କହି ଉଠିଲା, "ଏ କଣ ହେଲା ଡାକ୍ତରବାବୁ ! ମାଆ କଣ ଶୋଇପଡ଼ିଲେ !!"

"ବାଃ ! ଶୋଇବେ ତ । ଇଞ୍ଜେକ୍‌ସନ୍‌ରେ ଶକ୍ତି ଦେବାର ଔଷଧ ରହିଛି, ତା ସହିତ ରହିଛି ନର୍ଭ୍ . ସୁଦିଂର ଔଷଧ । ତେଣୁ ବର୍ତ୍ତମାନ କିଛି ସମୟ ଶୋଇବେ । ଆପଣଙ୍କ ମାଆ ତ କହିଲେ, ଖାଇପକାନ୍ତୁ । ମୋ କଥା ବିଶ୍ୱାସ କରନ୍ତୁ; କୌଣସି ଚିନ୍ତା ନ କରି ଖାଇପକାନ୍ତୁ ।"

ବର୍ତ୍ତମାନ ନୀଳକଣ୍ଠ ଚାଟାର୍ଜିଙ୍କ ଆଡ଼କୁ ଚାହିଁ ଗିନିର ହଠାତ୍ ମନେହେଲା, ତାଙ୍କୁ ସେ ବୋଧହୁଏ ଆଗରୁ କେଉଁଠି ଦେଖିଛି । ଠିକ୍ ମନେପକାଇ ପାରୁ ନ ଥିଲା, କିନ୍ତୁ ଖୁବ୍ ଚିହ୍ନା ଚିହ୍ନା ଲାଗୁଥିଲେ ।

"ସତରେ ଆପଣଙ୍କର. କଥାରେ ମତେ ଟିକିଏ ଭରସା ମିଳୁଛି । ଜାଣନ୍ତି ଡଃ ଚାଟାର୍ଜି, ମାଆଙ୍କ ଛଡ଼ା ମୋର ଆଉ କେହି ନାହାନ୍ତି ।"

ସେ କଥାରେ କୌଣସି ମନ୍ତବ୍ୟ ନ କରି ନୀଳକଣ୍ଠ କେବଳ କହିଲେ, "ଆପଣଙ୍କ ମାଆ ତ ଏବେ ଅଧଘଣ୍ଟାଏ କଣ, ତାଠାରୁ ବେଶୀ ସମୟ ଶୋଇବେ । ମତେ ବି ଖୁବ୍ ଭୋକ ହେଉଛି । ବନ୍ଧୁଙ୍କ ଘରେ ଖାଇବି ବୋଲି ହସ୍‌ପିଟାଲରୁ ଏହିମାତ୍ର ଆସି ପହଞ୍ଚିଥିଲି । ପାଟିରେ ତାହା କପଟା ଲଗାଇଛି କି ନାହିଁ, ଆପଣ ଯାଇ ଝଡ଼ଭଳି ପହଞ୍ଚିଗଲେ । ଆପଣ ତ ତା'ପରେ କଣ ହେଉଛି ଦେଖୁଛନ୍ତି ।"

"ମୁଁ ଏହିଲାଗେ ଚା'କରି ନେଇ ଆସୁଛି । ତା'ଛଡ଼ା କଲେଜରୁ ଫେରିବା ବାଟରେ କିଛି ସିଙ୍ଗଡ଼ା ଓ ରସଗୋଲା ବି ନେଇ ଆସିଥିଲି; ସେଥିରୁ ଦି'ଟା ଆଣିଦେଉଛି ।"

"ଆପଣ କଲେଜରେ ପଢ଼ନ୍ତି ?"

ମନ ନିଶ୍ଚିନ୍ତ ହୋଇ ଯାଇଥିବା ଫଳରେ ତା'ର କଥା କହିବାର ସ୍ୱାଭାବିକ ଢଙ୍ଗ ପ୍ରକାଶ ପାଇଗଲା ।

"ଇମିତି ଧୋକଡ଼ୀ ବୁଢ଼ୀଝିଅ କାଳେ କଲେଜରେ ପଢୁଥିବ ! କ'ଣ ଯେ କହୁଛନ୍ତି ! —ମୁଁ ପଢ଼ାଏ ।"

"ସତେ ! ଆପଣ କଲେଜରେ ପଢ଼ାନ୍ତି ? କାହିଁ ଦେଖିଲେ ତ ମୋଟେ ମନେ ହେଉନି ।"

"କାହିଁକି ? ବୋଧହୁଏ ଭାବୁଛନ୍ତି ବୋକୀ ଓଲୀ ଝିଅଟେ, ତେଣୁ ଖାଲି କଥା କହି ଚାଲିଛି; ନା ? ଯାଏ, ଆଗେ ଚା'କରି ନେଇଆସେ । କିନ୍ତୁ... ?"

Digitized by srujanika@gmail.com

"ପୁଣି କିନ୍ତୁ କଣ ?"

"ମାଆଙ୍କ ପାଖରେ କିଏ ରହିବ ?"

"କାହିଁକି ? ମୁଁ ତ ଅଛି । କୌଣସି ଭୟ ନାହିଁ, ମୋ ମାଆଙ୍କର ଦେହପା' ଖରାପ ହେଲେ ତ ପୁଣି ମୁଁ ଜଗିଥାଏ ।"

"ଆପଣଙ୍କର ମାଆ ଅଛନ୍ତି ବୋଧହୁଏ ?"

"ହଁ ।"

ଆଉ କଥାଭାଷା ନ କରି ରିନ୍‌ରିନ୍ ରୋଷଘରକୁ ଚାଲିଗଲା ।

ନୀଳକଣ୍ଠ ଚାଟାର୍ଜି ବସି ବସି ଭାବୁଥିଲେ, –କେବଳ ମାଆ ଓ ଝିଅ ଅଛନ୍ତି । ଅବଶ୍ୟ ଆଜିକାଲି ଅନେକ କ୍ଷେତ୍ରରେ ଏଭଳି ଦେଖାଯାଉଛି । ତଥାପି ଟିକିଏ ସନ୍ଦେହ ଲାଗୁଛି । ବୋଧହୁଏ ଏମାନଙ୍କର ତିନିକୂଳରେ କେହି ନାହିଁ । ତେଣୁ ଏମାନଙ୍କୁ ଏ ଅବସ୍ଥାରେ ଛାଡ଼ିଦେଇ ଚାଲିଯିବା ତାଙ୍କ ପକ୍ଷରେ ସମ୍ଭବ ହେବ ନାହିଁ ।

ନିଜ ଘରେ ତ ଚାକର ଛଡ଼ା ଅନ୍ୟ କେହି ନାହିଁ । ଚାକରଟିକୁ ପାଖଘରର ଟେଲିଫୋନ ନମ୍ବରଟି ଦେଇ ଆସିଛନ୍ତି । କିଛି ଅର୍ଜେଣ୍ଟ କଲ୍ ଆସିଲେ, ସେ ଜଣାଇଦେବ । ଗତକାଲିଠାରୁ କାର୍‌ଟି ଖରାପ ହୋଇଯାଇଥିବା ଫଳରେ ବଡ଼ ହଇରାଣରେ ପଡ଼ିଛନ୍ତି; ଅବଶ୍ୟ ଆସନ୍ତାକାଲି ମରାମତ ହୋଇ ଆସିଯିବା କଥା ।

ଚାହିଁ ଦେଖିଲେ, ଝିଅଟି ଟ୍ରେ ଧରି ସେଆଡ଼କୁ ଆସୁଛି । ସେ କାହିଁକି ପୁଣିଥରେ ବିଷଣ୍ଣ ଦେଖାଯାଉଛି ।

ରିନ୍‌ରିନ୍ ଆସି ଚା କପ୍ ଓ ଜଳଖିଆ ପ୍ଲେଟ୍ ବଢ଼ାଇଦେଲା । ନିଜେ କପ୍ ନେଇ କହିଲା, "ଆଚ୍ଛା ଡଃ ଚାଟାର୍ଜି, ସତ କହୁଛନ୍ତି ତ ? ଭୟ କରିବାର କିଛି ନାହିଁ ? –ପ୍ରଥମେ ନର୍ଭସ୍ ହୋଇଯାଇଥିଲି । ବର୍ତ୍ତମାନ ଅନେକ ସୁସ୍ଥ ବୋଧ କରୁଛି । ନ ହେଲେ ଯେ ଚଳିବ ନାହିଁ; ମତେ ହିଁ ତ ସବୁ କରିବାକୁ ପଡ଼ିବ । ମାଆଙ୍କ ଚିକିତ୍ସାରେ ଯଦି କୌଣସି ପ୍ରକାର ତ୍ରୁଟି ହୋଇଯାଏ, ମୁଁ ନିଜକୁ କୌଣସିଦିନ କ୍ଷମା କରିପାରିବି ନାହିଁ ।"

"ଆପଣ କିଛି ଖାଉ ନାହାନ୍ତି ମିସ୍ ରାଓ ? –ବିଶ୍ୱାସ କରନ୍ତୁ, ମୁଁ କିଛି ଖରାପ ଡାକ୍ତର ନୁହେଁ । ଆପଣଙ୍କ ମାଆଙ୍କର କୌଣସି କାରଣରୁ ଅଳ୍ପ ସମୟ ଭିତରେ ବିଶେଷ ମେଣ୍ଟାଲ୍ ଷ୍ଟ୍ରେନ୍ ହୋଇଛି । ସେହିହେତୁ ଏ ଦୁର୍ବଳତା ଆସିଯାଇଛି । ଆଜି ସକାଳେ ନିଶ୍ଚୟ ନର୍‌ମାଲ୍ ଥିଲେ ?"

Digitized by srujanika@gmail.com

''ଠିକ୍ କହିଛନ୍ତି । ସକାଳେ ମୁଁ କଲେଜ ଯିବାବେଳକୁ ସେ ପୂରା ସ୍ୱାଭାବିକ ଥିଲେ । ସେ ପାର୍ଟଟାଇମ୍ ସ୍କୁଲରେ ପଢ଼ାନ୍ତି । ଆଗେ ଫୁଲ୍‌ଟାଇମ୍ ପଢ଼ାଉଥିଲେ । ମୁଁ ପ୍ୟାରିସ୍‌ରୁ ପାସ୍‌କରି ଆସିବାପରଠୁଁ ଏତେ କାମ କରିବାକୁ ଦେଉନି । ଆଜି ତ ଛୁଟି, କହିଲେ ଘରେ ରହିବେ । ଶୀତଦିନ ତ, ବାରଣ୍ଡାରେ ବସି ଟିକିଏ ଖରା ପୋଇଁବେ । କିନ୍ତୁ ମୁଁ ଫେରିଲାବେଳକୁ ଦେଖେ ତ ଏ ଅବସ୍ଥା ।''

ନୀଳ ଏକଧ୍ୟାନରେ ଶୁଣି ଚାଲିଥିଲେ ଏବଂ ଅନ୍ୟ କାହାକୁ ଖବର ଦେବେ ନା ନାହିଁ, ସେହିକଥା ଭାବୁଥିଲେ । ଭୟର ତ କୌଣସି କାରଣ ନାହିଁ । ରାତିରେ କିଛି ଲାଇଟ୍‌ଫୁଡ୍ ଦେଲେ ଚଳିବ । ସକାଳକୁ ସ୍ୱାଭାବିକ ହୋଇ ଯାଇଥିବେ—ତାଙ୍କର ଏ ଧାରଣା ଆସିଯାଇଥିଲା ।

ତଥାପି ଏ ଝିଅଟି ଏକୁଟିଆ ଏପରି ରହିପାରିବେ ନାହିଁ । ନିଜେ ରହିଯାଇପାରନ୍ତେ । କିନ୍ତୁ ସେଇଟା ଠିକ୍ ହେବନି ।

ମନେ ମନେ ଠିକ୍ କରିନେଲେ ଯେ, ରାତିର ଶେଷ କେତୋଟି ଘଣ୍ଟା ବନ୍ଧୁଙ୍କ ଘରେ କଟାଇଦେବେ । ଅଧରାତି ପର୍ଯ୍ୟନ୍ତ ଏଇଠି ହିଁ ରହିବେ ।

''କ'ଣ ଏତେ ଭାବୁଛନ୍ତି ଡଃ ଚାଟାର୍ଜି ?''

''ନା, ଭାବୁଥିଲି ଆପଣଙ୍କ ମାଆଙ୍କୁ ରାତିରେ ଟିକିଏ ଲାଇଟ୍‌ଫୁଡ୍ ଦେଲେ ଭଲ ହୁଅନ୍ତା । ଆପଣଙ୍କର ନିଜ ଲୋକ କାହାକୁ ଟିକିଏ ଖବର ଦେଲେ ଭଲ ହୁଅନ୍ତା— ଅବଶ୍ୟ ଯଦି କଲିକତାରେ କେହି ଥାଆନ୍ତି ।''

''ଠିକ୍ କହିଛନ୍ତି । ଦେଖିଲେ, ମୋ ମୁଣ୍ଡ କିମିତି ବିଗିଡ଼ି ଯାଇଛି ! ମୋ ବନ୍ଧୁ ସଙ୍ଗୀତାକୁ ଏଇନେ ଫୋନ୍ କରିଦେଉଛି । ନା ବାପାମାଆ ମୋର ନିଜର ମଉସା-ମାଉସୀ ପରି । ମାଆଙ୍କୁ ସାନ ଭଉଣୀ ପରି ଭଲ ପାଆନ୍ତି ।''

''ତା'ହେଲେ ତ ଖୁବ୍ ଭଲ ହୁଅନ୍ତା । ତାଙ୍କୁ ହିଁ ବରଂ କହିଦିଅନ୍ତୁ, ଆପଣ ଦୁଇଜଣଙ୍କ ପାଇଁ କିଛି ଖାଇବାକୁ ନେଇଆସିଥିବେ ।''

''ଆପଣଙ୍କୁ କିନ୍ତୁ ଟିକିଏ ବେଶୀ ରାତି ପର୍ଯ୍ୟନ୍ତ ରହିବାକୁ ପଡ଼ିବ । ପ୍ଲିଜ୍, ରହିବେ ଟି ?''

''ଠିକ୍ ଅଛି, ଆପଣମାନଙ୍କୁ ନିଶ୍ଚିନ୍ତ କରି ହିଁ ଯିବି ।''

''ତେବେ ଆପଣଙ୍କ ପାଇଁ ମଧ୍ୟ କିଛି ଖାଇବାକୁ ନେଇ ଆସନ୍ତୁ ବୋଲି ମାଉସୀଙ୍କୁ କହିଦେଉଛି । ଦେଖେ, ଟେଲିଫୋନଟା ଯଦି ଦୟା କରେ ।''

Digitized by srujanika@gmail.com

ସତର

ଭାଗ୍ୟକୁ ଟେଲିଫୋନ କାମ କରୁଥିଲା । ରିନ୍‌ରିନ୍ ସଙ୍ଗେ ସଙ୍ଗେ ମିଃ ଚୌଧୁରୀଙ୍କୁ ପାଇଗଲା ।

''ମଉସା, ମାଆ ହଠାତ୍ ଅଚେତ ହୋଇଯାଇଥିଲେ । ଭାଗ୍ୟକୁ ମୁଁ କଲେଜରୁ ଆସିବାପରେ ଡଃ ନୀଳକଣ୍ଠ ଚାଟାର୍ଜିଙ୍କୁ ପାଇଯାଇଛି । ଆସୁ ଆସୁ ସେ ଗୋଟିଏ ଇଞ୍ଜେକ୍‌ସନ୍ ଦେଇଛନ୍ତି ।''

''କଣ କହୁଛ !! ଆଲୋ, ଏତେବେଳଯାଏଁ ଖବର ଦେଇନୁ ! ଏବେ କିମିତି ଅଛନ୍ତି ?''

''ଚେତା ଫେରି ଆସିଥିଲା । କପେ ଓଭଲଟିନ୍ ଖାଇ ପୁଣି ଥରେ ଶୋଇ ପଡ଼ିଛନ୍ତି ।''

''ଫୋନ୍‌ଟା ତୁ ଡଃ ଚାଟାର୍ଜିଙ୍କୁ ଦେଲୁ ।''

ରିନି ଦୌଡ଼ିଆସି ଡଃ ଚାଟାର୍ଜିଙ୍କୁ ଡାକିନେଲା, ''ଆପଣଙ୍କ ସହିତ ମଉସା କଥା ହେବାକୁ ଚାହୁଁଛନ୍ତି ।''

''ଠିକ୍ ଅଛି ।''

ଡଃ ଚାଟାର୍ଜି ଫୋନ୍ ଧରିଲେ, ''ମୁଁ କହୁଛି ।''

''ଡଃ ଚାଟାର୍ଜି, ଅମୃତା କିମିତି ଅଛି ? ଆପଣଙ୍କପରି ନାମଜାଦା ଡାକ୍ତର ଯେ ରିନିର ଡାକରା ପାଇ ଆସିଛନ୍ତି, ଏଥିପାଇଁ ଆମେ କୃତଜ୍ଞ ।''

''ନା, ସେଇଟା ଠିକ୍ ନୁହେଁ । ଏହି ଆଗ ସାମନା ଘରେ ବନ୍ଧୁଙ୍କ ସହିତ ଚା. ଖାଇବି ବୋଲି ଆସିଥିଲି । ମିସ୍ ରାଓଙ୍କ କଥା ଶୁଣି ସଙ୍ଗେ ସଙ୍ଗେ ଆସିଛି । ...ନା, ନା; ଭୟର କୌଣସି କାରଣ ନାହିଁ । ମୁଁ ତ ଆଶାକରୁଛି କାଲି ସକାଳ ବେଳକୁ ନରମାଲ୍ ହୋଇଯାଇଥିବେ । ଅବଶ୍ୟ ଟିକିଏ ଦୁର୍ବଳତା ରହିବ ।''

''ଯାହାହେଉ, ଆପଣ ରକ୍ଷା କରିଦେଲେ । ସେ ମୋ ସାନଭଉଣୀ ପରି । ପ୍ରଥମେ ଶୁଣିଦେବାକ୍ଷଣି ମୋ ଗୋଡ଼ହାତ ଥଣ୍ଡା ହୋଇଗଲା । ଆପଣଙ୍କପରି ଡାକ୍ତରଙ୍କ ଭରସା ହିଁ ଭରସା । ଦୟା କରି ଚାଲିଯିବେନି ଟି ।''

Digitized by srujanika@gmail.com

"ଠିକ୍ ଅଛି । ମିସ୍ ରାଓ ଆପଣଙ୍କୁ କଣ କହୁଛନ୍ତି ।"

—"ମଉସା, ସବୁ ତ ଶୁଣିଲ । ଏଇନେ ତମେ ଗୋଟେ କାମ କର । ତମେ ସଙ୍ଗୀତାକୁ ନେଇ ଚାଲିଆସ । ମାଉସୀଙ୍କୁ କହିବ, ମାଆଙ୍କ ପାଇଁ ଟିକିଏ ଲାଇଟ୍ ଡାଏଟ୍, ମାନେ ସୁପ୍ ଓ ଆଉ ଯାହାକିଛି ଟିକିଏ ଆଣିବେ ଆଉ ତୁମମାନଙ୍କର ରାତିଖିଆଟା ଅନ୍ଦାଜ କରି; ଦୁଇଜଣଙ୍କୁ ତ ଏଠି ରହିବାକୁ ପଡ଼ିବ । ତା'ଛଡ଼ା ମୁଁ ଓ ଡଃ ଚାଟାର୍ଜି ତ ରାତିରେ କିଛି ଖାଇବୁ । ସମସ୍ତଙ୍କ ପାଇଁ ଖାଇବା ନେଇ ସେ ପରେ ଅନୁଜ ସାଙ୍ଗରେ ଆସିବେ ।"

"ଠିକ୍ ଅଛି । ଆମେ ହେଇଟି ବାହାରିଲୁ । ଡଃ ଚାଟାର୍ଜିଙ୍କୁ ଟିକିଏ ପଚାରିଲୁ, କିଛି ବିଶେଷ ଔଷଧ ନେବାକୁ ପଡ଼ିବ କି ?"

"ଧରିଥାନ୍ତୁ ।"

ଡାକ୍ତରଙ୍କଠାରୁ ବୁଝିସାରି ରିନ୍‌ରିନ୍ କହିଲା— "ନାହିଁ, ଏଇନେ କିଛି ଆଣିବା ଲୋଡ଼ା ନାହିଁ ।"

ଫୋନ୍ ଛାଡ଼ିଦେଲା ।

"ଯାହା ଦେଖୁଛି, ଆପଣଙ୍କ ମଉସା ଆପଣମାନଙ୍କୁ ଖୁବ୍ ଭଲ ପାଆନ୍ତି ।"

"ହଁ । ଆପଣା ଲୋକେ ବି ଏତେ ଭଲପାଆନ୍ତେ ନାହିଁ । ଯେ ଉପରେ ଅଛନ୍ତି, ସେ ଚଳାଇ ନେଉଛନ୍ତି । ନ ହେଲେ କଣ ଆପଣଙ୍କପରି ଡାକ୍ତରଙ୍କୁ ସଙ୍ଗେ ସଙ୍ଗେ ପାଇଯିବା ସହଜ କଥା ହୋଇଛି ? ସତ କହିବାକୁ ଗଲେ ଦୈନନ୍ଦିନ ସଂସାରରେ ଆମର ବୋଲି କେହି ନାହିଁ ।"

ରିନିର କଣ୍ଠ କିପରି ରୁଦ୍ଧ ହୋଇଆସିଲା ।

"ଆଉ ସେ କଥା ।" ଡଃ ଚାଟାର୍ଜି କହିଲେ, "ଆପଣଙ୍କ ମାଆ ତ ଭଲ ଅଛନ୍ତି ।"

"ହଁ । ତଥାପି ଶୁଣନ୍ତୁ । କାହିଁକି କେଜାଣି, ମୋର କାହିଁକି ସବୁକଥା କହିଦେଇ ମନଟାକୁ ହାଲୁକା କରିଦେବାକୁ ଇଚ୍ଛା ହେଉଛି ।"

"ବେଶ୍ । ଆପଣଙ୍କୁ ଯଦି ଭଲ ଲାଗୁଛି, କହନ୍ତୁ ।"

"ମୋ ମାଆ ଏକମାତ୍ର ସନ୍ତାନ । ତାଙ୍କ ବାପାଙ୍କ କଥା ତାଙ୍କର ମନେ ନାହିଁ । ଜେଜେମାଆ ହିଁ ତାଙ୍କୁ ମଣିଷ କରିଥିଲେ । ମାଆ ବି.ଏ. ପଢୁଥିଲାବେଳେ ମାତୃହରା ହୋଇଗଲେ । ଏମ୍.ଏ. ପଢୁଥିବାବେଳେ ମୋ ବାପା ଡଃ ରାଓଙ୍କ

Digitized by srujanika@gmail.com

ସହିତ ତାଙ୍କର ବିବାହ ହୁଏ । ସେ ଥିଲେ ୟୁନିଭର୍‌ସିଟିର ପ୍ରଫେସର । ମାଆ ଭିନ୍ନ ଜାତିର ବୋଲି ବାପାଙ୍କୁ ତାଙ୍କ ବାପା ତ୍ୟାଗ କରିଦେଲେ ।''

''ଇସ୍ ! କି ଅନ୍ୟାୟ !!''

''ଆହୁରି ଶୁଣନ୍ତୁ । ବାପା ମୋର ମରିଯାଆନ୍ତି ମୁଁ ଯେତେବେଳେ ଖୁବ୍ ଛୋଟ । ମାଆ ଆଉ ଦୁଃଖ ସମ୍ଭାଳି ମାନ୍ଦ୍ରାଜରେ ରହିପାରିଲେ ନାହିଁ । ଚାଲି ଆସିଲେ କଲିକତା ବାପାଙ୍କର ଜଣେ ବନ୍ଧୁ ଓ ବନ୍ଧୁପତ୍ନୀଙ୍କ ସହିତ । ସେହିଦିନୁ ଆମେ କଲିକତାରେ । ସେହି ମାଉସୀଙ୍କୁ ହିଁ ମୁଁ ପିଲାଟିଦିନୁ ମାଆ ମନେକରି ଆସିଛି । ସେମାନେ ଆମର ଏତେ କରିଛନ୍ତି, ଆମକୁ ଏତେ ଭଲ ପାଆନ୍ତି ଯେ ଭାଷାରେ କହିହେବ ନାହିଁ ।''

''ସତରେ ! କେଡ଼େ ଭଲ ପାଇବା ଲୋକ ହୋଇଥିବାରୁ ଆପଣମାନେ ଏତେ ବିପଦରେ ପଡ଼ିଥିବାବେଳେ ମଧ୍ୟ ପାଖରେ ଠିଆ ହେଲେ । ସେମାନେ ବର୍ତ୍ତମାନ କେଉଁଠି ?''

''ସେମାନେ ବିଲାତରେ । ବଡ଼ ଚାକିରି କରୁଛନ୍ତି । କଲିକତାରେ ଘର କିଣିଛନ୍ତି । ଆସନ୍ତାବର୍ଷ ଚାଲିଆସିବେ ।''

''ଯଦି କିଛି ମନେ ନ କରନ୍ତି, ଏବେ ଯେଉଁମାନେ ଆସୁଛନ୍ତି ?''

''ଏ ହେଉଛନ୍ତି ମିଷ୍ଟର ଚୌଧୁରୀ । ତାଙ୍କ ଝିଅ ସହିତ ମୁଁ ପଢୁଥିଲି । ଏମାନେ ବି ଆମକୁ ନିଜ ଘରଲୋକ ପରି ଭଲ ପାଆନ୍ତି ।''

''ମିଷ୍ଟର ଚୌଧୁରୀଙ୍କ ଉତ୍କଣ୍ଠାରୁ ସେକଥା ବୁଝିପାରିଲି ।''

''ମୁଁ କେଡ଼େ ଭୁଲ କଲି ଦେଖନ୍ତୁ ! ସେତିକିବେଳୁ ଗପୁଛି'', କହି ରିନ୍‌ରିନ୍ ତା ମାଆଙ୍କ କପାଳରେ ଧୀରେ ଧୀରେ ହାତ ବୁଲାଇ ଆଣିଲା ।

''ମାଆ ତ ଏବେ ବି ଶୋଇଛନ୍ତି ! କିଛି ଖରାପ ଲକ୍ଷଣ ନୁହେଁ ତ ?''

''କହିଲି ପରା, ଆପଣ ମିଛଟାରେ ବ୍ୟସ୍ତ ହେଉଛନ୍ତି । ଆପଣ ବରଂ ଯାଆନ୍ତୁ, ପ୍ଲେଟ୍‌ଗୁଡ଼ିକ ଧୁଆଧୋଇ କରି ରଖିଦେବେ । ମୁଁ ତ ଅଛି ।''

ରିନ୍‌ରିନ୍ କିଛି ନ କହି କପ୍-ପ୍ଲେଟ୍‌ଗୁଡ଼ିକ ଟ୍ରେରେ ଉଠାଇନେଇ ଚାଲିଗଲା ।

ନୀଳ ବସି ବସି ଭାବୁଥିଲେ, —ସତେତ, ଏ ପୃଥିବୀରେ କେତେ ପ୍ରକାର ଘଟଣା ଘଟି ନ ଯାଉଛି ! ଆମେ ବା କେତେ ଟିକିଏ ଜାଣିଛୁ ? କେତେ ବା ଜାଣିପାରିବୁ ?

Digitized by srujanika@gmail.com

ଅମୃତାଦେବୀଙ୍କର ଘୂର୍ମନ୍ତମୁଖକୁ ଚାହିଁଦେଇ ମନରେ ଗୋଟିଏ ମାୟା ଚାଲି ଆସିଲା । ବାପାଙ୍କୁ ତ ଆଗରୁ ହରାଇଥିଲେ; ମାଆ ବି ଚାଲିଗଲେ । ଶେଷରେ ସ୍ୱାମୀ ବି ଚାଲିଗଲେ ! କି ଯେ ଜୀବନ !

ନିଜ କଥା ମନେପଡ଼ିଲା । ସତରେ କେତେ ଅୟସରେ ସେ ବଡ଼ ହୋଇନାହାନ୍ତି ! ବାପା ଭଲ ଚାକିରି କରୁଥିଲେ । ଏବେ ରିଟାୟାର୍ କରିଗଲେଣି । ବାପାମାଆ ଦିହେଁ ବଞ୍ଚିଛନ୍ତି । ଟଙ୍କା ପଇସାର ଚିନ୍ତା କୌଣସି ଦିନ କରିବାକୁ ପଡ଼ିନାହିଁ । ବାପାମାଆଙ୍କ ସ୍ନେହରେ ବଡ଼ ହୋଇଛନ୍ତି ।

ବିଲାତରୁ ପାସ୍ କରି ସେ ବଡ଼ ଡାକ୍ତର ହୋଇ ଆସିଛନ୍ତି । ସାନଭାଇ ଓକିଲାତି ପାସ୍ କରି ଭଲ ପ୍ରାକ୍‌ଟିସ୍ କରୁଛି । ଆଗରୁ ବାହା ହୋଇଯାଇଛି; ନିଜର ବାହାହେବାକୁ ଇଚ୍ଛା ନାହିଁ ବୋଲି ସେ ପୂର୍ବରୁ ଜଣାଇ ଦେଇଥିଲେ । ସୁଖୀ ପରିବାର । ଶାନ୍ତିରେ ଚଳୁଥିବା ପରିବାର ।

ଦୁର୍ଯୋଗ କଣ ମୋତେ ଆସିନାହିଁ ? ଆସିଛି । କିନ୍ତୁ ଏପରି ଦୁର୍ଯୋଗ ଯେ ତାହା କଟି ଯାଇପାରିବ । କଟି ବି ଯାଇଛି ।

କିନ୍ତୁ ଏମାନଙ୍କର ?

"ହେଇଟି ମଉସାହେରିକା ଚାଲିଆସିଲେ । ମୁଁ ତଳକୁ ଯାଉଛି, ନ ହେଲେ ସେମାନେ ବେଲ୍ ଟିପିବେ ଯେ ବେଲ୍ ଶବ୍ଦରେ ମାଆଙ୍କର ନିଦ ଭାଙ୍ଗିଯିବ ।

ଡଃ ଚାଟାର୍ଜି କେବଳ ମୁଣ୍ଡ ହଲାଇଲେ । କିଛି ସମୟ ଭିତରେ ମିଷ୍ଟର ଚୌଧୁରୀ ନିଜ ଝିଅକୁ ଧରି ରିନି ସହିତ ପାଦ ଚିପି ଚିପି ଆସି ଘରେ ପହଞ୍ଚିଲେ ।

ନୀଳ ଦେଖିବାକୁ ପାଇଲେ ଦିହିଁଙ୍କ ମୁହଁରେ ଚିନ୍ତାର ଛାପ ।

"ସୁ, ତୁ ତୋ ମାଉସୀଙ୍କ ପାଖରେ ବସ; ଆମେ ସେପାଖ ଶୋଇବା ଘରକୁ ଯାଇ ସବୁକଥା ଆଲୋଚନା କରିବୁ ।"

ତିନିଜଣ ଯାଇ ଆରପାଖ ବଖରାରେ ବସିଲେ । ରିନି ଗୋଟି ଗୋଟି କରି ସବୁ କହିଗଲା । ଡଃ ଚାଟାର୍ଜି ବି ତାଙ୍କର ଯାହା କହିବା କଥା କହିଲେ ।

"ଆପଣ ଯେତେବେଳେ କହୁଛନ୍ତି ଯେ, ଅମୃତା ପାଇଁ ଚିନ୍ତା କରିବାର କିଛି ନାହିଁ, ଆମେ ନିଶ୍ଚିନ୍ତ । ଆପଣଙ୍କ ପରି ନାମଜାଦା ଡାକ୍ତର, ଯଦି କିଛି ମନେ ନ କରନ୍ତି, ଗୋଟିଏ କଥା କହିବି; —ଆପଣଙ୍କ ନାଆଁ ଶୁଣି ଭାବୁଥିଲି, ଆପଣ ନିଶ୍ଚୟ ମଧ୍ୟବୟସ୍କ ହୋଇଥିବେ, କିନ୍ତୁ ଆଶ୍ଚର୍ଯ୍ୟ ! ଦେଖୁଛି ଆପଣ ପିଲା ! ଏହି ବୟସରୁ ଏତେ ନାଆଁ କରିଗଲେଣି !"

Digitized by srujanika@gmail.com

ଡଃ ଚାଟାର୍ଜି ଟିକିଏ ହସିଦେଇ କହିଲେ, "ମୁଁ ଆଉ କି ପିଲା ! ମୋଟେ ନୁହେଁ ।"

"ମୋର ଇଚ୍ଛା, ଅମୃତା ଭଲ ହୋଇଗଲେ ଥରେ ଏକ୍‌ଜାମିନେସନ୍ କରିନେବା । ଯେତେ ଚିନ୍ତାର କାରଣ ଥାଉ ନା କାହିଁକି, ହଠାତ୍ ଏପରି ହୋଇଯିବା ଆଦୌ ଉଚିତ ନୁହେଁ । ବୟସ ତ ସେପରି ବେଶୀ ହୋଇଯାଇନି ।"

"ମୁଁ ତାହା ଆଗରୁ ଭାବି ରଖିଛି ।"

ସେପାଖ ବଖରାରୁ ଆସି ସଙ୍ଗୀତା କହିଲା, "ମାଉସୀ ଉଠିଲେଣି । ବାପା, ସେ ତୁମ ସହିତ କଥା ହେବେ ବୋଲି କହୁଛନ୍ତି ।"

"ନା, ନା; କଥାବାର୍ତ୍ତା ଚଳିବ ନାହିଁ । କିଛି ଖାଇବାକୁ ଦେଲେ କିପରି ହୁଅନ୍ତା ଡାକ୍ତରବାବୁ ?"

"ଟିକିଏ ଚା'କରି ନେଇ ଆସନ୍ତୁ, ଆଉ ଡ୍ରାଇ ଟୋଷ୍ଟ୍ ।"

"ଠିକ୍ ଅଛି । ଆମେ ଦିହେଁ ସମସ୍ତଙ୍କ ପାଇଁ କରି ଆଣୁଛୁ ।" କହି ରିନି ଓ ସୁ ଚାଲିଗଲେ ।

ମିଷ୍ଟର ଚୌଧୁରୀଙ୍କ ସହିତ ଡଃ ଚାଟାର୍ଜି ମଧ୍ୟ ଅମୃତା ଶୋଇଥିବା ବଖରାକୁ ଚାଲିଗଲେ । ଡଃ ଚାଟାର୍ଜି ଦେଖିଲେ, ରୋଗୀର ଚେହେରା ଅନେକ ସ୍ୱାଭାବିକ ହୋଇଯାଉଛି ।

ସେ ସଂପୂର୍ଣ୍ଣଭାବରେ ନିଶ୍ଚିନ୍ତ ହୋଇଗଲେ । ସାମୟିକ ଉତ୍ତେଜନାରୁ ହିଁ ଏହି ଆକସ୍ମିକ ଘଟଣାଟି ଘଟିଥିଲା । ତାଙ୍କର ନିଦାନ ଠିକ୍ ହୋଇଛି । ସେ ଆତ୍ମତୃପ୍ତି ଲାଭ କଲେ । କିନ୍ତୁ ଏହା ବି ସ୍ଥିର କଲେ ଯେ, ରୋଗୀ ଭଲ ହୋଇଗଲେ ଭଲକରି ପରୀକ୍ଷା କରିବାକୁ ପଡ଼ିବ ।

"କି କାଣ୍ଡ କରିବସିଲୁ କହିଲୁ ଅମୃତା ! ସାତକାଣ୍ଡ ରାମାୟଣ ଭାବି ବସିଥିଲୁ ନା କଣ ? ତୁ ଲୋକଟା ଅତିଗୁଡ଼ାଏ ଭାବୁ । ନ ହୋଇଥିଲେ, ରିନି କଲେଜ ଯିବାବେଳେ ମାଆକୁ ସୁସ୍ଥ ଅବସ୍ଥାରେ ଛାଡ଼ି ଯାଇଥିଲା ଟି ! ଭାଗ୍ୟକୁ ଡଃ ଚାଟାର୍ଜିଙ୍କୁ ହାତପାଆନ୍ତାରେ ପାଇଗଲା ବୋଲି ସିନା । ଏତେ ଖାଟ ନାହିଁ, ‧ଏତେ ଭାବ ନାହିଁ ବୋଲି କେତେଥର ତତେ କହିଛି ।" ମିଷ୍ଟର ଚୌଧୁରୀ କହିଲେ ।

ଅମୃତା ଭାବୁଥିଲେ ସତରେ ଏକ ରାମାୟଣ, ତାଙ୍କ ଜୀବନର ରାମାୟଣ । ଲୋଭ କରି ହାତମୁଠା ଭିତରେ ଧରି ରଖିବାକୁ ଚାହିଁଥିଲେ ତାଙ୍କର ଆନନ୍ଦର ଦିନଗୁଡ଼ିକ, ସୁଖର ଦିନଗୁଡ଼ିକ । ସେହି କାରଣରୁ ହଠାତ୍ ଅସୁସ୍ଥ ବୋଧ କରିଛନ୍ତି ।

Digitized by srujanika@gmail.com

ସୀମା ଡେଇଁ ପଡ଼ିଲେ ଭଲ ଜିନିଷ ବି ଭଲ ଫଳ ଦିଏ ନାହିଁ । ଅତି ଲୋଭ କରିଥିଲେ । ସେଥିପାଇଁ ଏ ଅବସ୍ଥା ।

ସ୍ମିତ ହସଟିଏ ଫୁଟିଉଠିଲା ଅମୃତାଙ୍କ ମୁହଁରେ । ''ଦିନସାରା ଏକାକୀ ବସି ନାନାକଥା ଭାବୁଥିଲି, ସେଇଟା ଟିକିଏ ବେଶୀ ହୋଇଗଲା । ସମସ୍ତଙ୍କୁ କି ହଇରାଣରେ ପକାଇଦେଲି !''

ଅମୃତାଦେବୀ ସ୍ୱାଭାବିକ ରୀତିରେ କଥା କହିଲେଣି ଦେଖି ମିଃ ଚୌଧୁରୀଙ୍କ ମନରୁ ଦୁଶ୍ଚିନ୍ତା ଦୂର ହୋଇଗଲା । କହିଲେ, ''ବଢ଼ିଆ କରିଛୁ ନା ! ଏଥର ମନେହେଉଛି ତୋ ପାଇଁ ତୁ କାହାକୁ ଭାବିବାକୁ ଦେଇନୁ କି କିଛି କରିବାକୁ ଦେଇନୁ ।''

''ଏଥର ମାଉସୀ ଜବତ୍ ହୋଇଗଲେ । ଏଥର ଆମେ ଯାହା କହିବୁ, ତା'କରିବାକୁ ପଡ଼ିବ'' ହଠାତ୍ ପଛରୁ ସଙ୍ଗୀତା କହିଉଠିଲା । ''ତାଛଡ଼ା, ଆମର କେତେବଡ଼ ଲାଭ ହୋଇଗଲା ଦେଖୁଛନ୍ତି ନା ? ଡଃ ଚାଟାର୍ଜିଙ୍କ ସହିତ କଥାଭାଷା ହୋଇଗଲା । ମୋର ଏଠାରେ ଗୋଟିଏ କଥା କହିଦେବାକୁ ମନ ହେଉଛି । ମାଉସୀ ତ ଭଲ ଅଛନ୍ତି, ଅବଶ୍ୟ ସମସ୍ତେ ହଁ କଲେ ହିଁ କହିବି ।''

''ଆଲୋ ହଁ ମ; କହିଦେଉନୁ ! ଏତେ ଭଣିତା କାହିଁକି ଯେ ?'' ରିନି କହିଲା ।

''କହିବି ? ଡଃ ଚାଟାର୍ଜିଙ୍କୁ ମୁଁ ଅନେକ ଆଗରୁ ଦେଖିଛି । ରିନିଟା ଯେ କି ମଣିଷ ! ଟିକିଏ ଯଦି ମନେ ଥାଆନ୍ତା ! ଆପଣ ରିନିକୁ ଟ୍ରାଫିକ୍ କଣ୍ଟ୍ରୋଲରୁ ରିଲିଭ୍ କରିଥିଲେ ନା ?''

ନୀଳ ସେତେବେଳକୁ ଧୀରେ ଧୀରେ ହସୁଛନ୍ତି, ''ଆପଣଙ୍କ ବନ୍ଧୁ କିନ୍ତୁ ଚିହ୍ନିପାରିଲେ ନାହିଁ ।''

''ନା, ନା, ମତେ କିନ୍ତୁ କେଉଁଠି ଦେଖିଲା ଦେଖିଲା ପରି ଲାଗୁଥିଲା । ମୁଣ୍ଡଟା ବ୍ୟସ୍ତ ହୋଇଯାଇଛି ତ, ଠିକ୍ ପ୍ଲେସ୍ କରିପାରୁ ନ ଥିଲି ।''

ଅମୃତା ସେମାନଙ୍କର କଥାର ଅର୍ଥ କିଛି ବୁଝିପାରୁ ନ ଥିଲେ; ବୁଝିବାର ଚେଷ୍ଟା ବି କରୁ ନ ଥିଲେ । ଦେହର ଅବସାଦ ଭଲଭାବରେ ଦୂର ହୋଇ ନ ଥାଏ ଏବଂ ସେ ପର୍ଯ୍ୟନ୍ତ ମନଟି ପୂର୍ଣ୍ଣ ହୋଇ ରହିଥାଏ ଏକ ସ୍ୱର୍ଗୀୟ ଆନନ୍ଦରେ ।

ମିଃ ଚୌଧୁରୀ କହିଲେ, ''କଥାର ଅଗ ନାହିଁ କି ମୂଳ ନାହିଁ, କ'ଣ ଯେ ସବୁ କହୁଛ, ମୁଁ କିଛି ବୁଝିପାରୁନି ।''

Digitized by srujanika@gmail.com

"ଅଗ ଅଛି, ମୂଳ ବି ଅଛି । ବେଳ ଦେଖି ପରେ ସବୁକଥା କହିବି । ହେଇଟି ବେଲ୍ ବାଜିଲା । ଦେଖିଲୁ ରିନି, ନିଶ୍ଚୟ ମାଆ ଓ ଅନୁଜ ଆସିଗଲେ । ମୁଁ ଏ ଭିତରେ ସମସ୍ତଙ୍କୁ ଚାହାଟା ବଢ଼ାଇ ଦେଉଛି । ଆଚ୍ଛା, ମାଉସୀଙ୍କୁ ଟିକିଏ ଡେରା ଦେଇ ବସାଇଦେଲେ ଚଳିବ ତ ?"

"ଆପତ୍ତି ନାହିଁ, ସେ ପାରିଲେ ହେଲା ।"

ଅମୃତା ମୁଣ୍ଡହଲାଇ ଜଣାଇଦେଲେ ଯେ ସେ ପାରିବେ । ସୁ ଧାଇଁଯାଇ ଆରପାଖ ବଖରାରୁ କେତୋଟି ତକିଆ ନେଇଆସିଲା । ଡଃ ଚାଟାର୍ଜି ଓ ସୁ ମିଶି ଅତି ସାବଧାନରେ ତକିଆ ଡେରାଦେଇ ଅମୃତାଙ୍କୁ ବସାଇଦେଲେ ।

"ମୁଁ କପ୍ ଧରୁଛି, ଆଉ ତୁମେ ଆରାମରେ ଟିକିଏ ଟିକିଏ ପିଅ ।"

ସେତିକିବେଳକୁ ଦୁଇଟି ବଡ଼ ଟିଫିନ୍-କାରିୟର ଧରି ଅନୁଜ ତଳୁ ଉପରକୁ ଉଠି ଆସିଲା । ତା ପଛେ ପଛେ ମିସେସ୍ ଚୌଧୁରୀ ଏବଂ ସମସ୍ତଙ୍କ ଶେଷରେ ରିନି । ମିସେସ୍ ଚୌଧୁରୀ ତ ରିନିଠାରୁ ତଳୁ ସବୁକଥା ଶୁଣି ଆସିଥିଲେ, ତେଣୁ ଅତି ସ୍ୱାଭାବିକ ରୀତିରେ କହିବାକୁ ଆରମ୍ଭ କରିଦେଲେ—

"ବଡ଼ ବଢ଼ିଆ କାମ କରିଛୁ ଭଉଣୀ, ସମସ୍ତଙ୍କୁ ଚମକେଇଦେଲୁ । ନ ହେଲେ ପରା ଆମ ଆଡ଼କୁ କେହି ଆଡ଼ଆଖିରେ ଚାହୁଁ ନାହାନ୍ତି । ଝିଅଗୁଡ଼ାକ ତ ସଂସାରର ଜଞ୍ଜାଳ । ଇମିତି କରିଦେଲେ ଯାଇଁ ସେମାନେ ଚକ୍‌କିବେ ।"

"ଇଏ ପୁଣି କଣ ? ତୁମ ଦେହ ଖରାପ ହେଲେ ମୁଁ କିଛି କରେନି ?" ମିଷ୍ଟର ଚୌଧୁରୀ ବ୍ୟସ୍ତ ହୋଇ କହିପକାଇଲେ ।

"ହଁ, ହଁ; ଏତେ ଯଦି ତୁମ ନଜର, କେବେ ଦିନେହେଲେ 'ଅମୃତା, ଛୁଟି ନେଇ ଯା'ବୋଲି କହିଛ ? ଯେତେସବୁ... ।"

ସେ ଦୁଇଜଣଙ୍କର ବଚନିକା ଅମୃତାଙ୍କୁ ବଡ଼ ଭଲ ଲାଗୁଥିଲା । ସେଥିରୁ ବୁଝି ହୋଇ ଯାଉଥିଲା ଦୁହିଁଙ୍କର ମଧୁର ମନ ମିଳନର ସ୍ୱରୂପ ।

ରିନିକୁ ବି ବଡ଼ ଭଲ ଲାଗୁଥିଲା ତା'ର ଆମ୍ମିକୁ ନେଇ ସମସ୍ତେ ଏ ଯେଉଁ ଫାସ୍ କରୁଛନ୍ତି । ମନେ ହେଉଥିଲା ଆମ୍ମି ଯେପରି କୁନୀ ଝିଅଟିଏ; ସମସ୍ତେ ମିଶି ତାକୁ ଆଦର କରୁଛନ୍ତି ।

ତାର ଇଚ୍ଛା ହେଉଥିଲା, ସେ ବି ତା ଆମ୍ମିକୁ ଜାବୋଡ଼ି ଧରି ଆଦର କରିବ । କିନ୍ତୁ ମନେ ପଡ଼ିଗଲା, ସେ ତ ବର୍ତ୍ତମାନ ଘରର କର୍ତ୍ତ୍ରୀ; ତାକୁ ହିଁ ସମସ୍ତଙ୍କର ସୁଖ ସୁବିଧା ଦେଖିବାକୁ ହେବ ।

Digitized by srujanika@gmail.com

''ଏତେ ପରିଶ୍ରମ କରି ଆମେ ଚା ଓ ଟୋଷ୍ଟ୍ କଲୁ କଣ ଥଣ୍ଡା ହୋଇଯାଉ ବୋଲି ?''

ପ୍ରଥମେ ଚାହା ଢାଳି ଡଃ ଚାଟାର୍ଜିଙ୍କୁ ଧରାଇଦେଲା ।

''ସମସ୍ତେ ମୋ ଖଟ ଉପରେ ବସିପଡ଼; ମଉସା ଚେୟାରରେ ବସନ୍ତୁ ।''

''ଆଚ୍ଛା ଡଃ ଚାଟାର୍ଜି, ଆମେ ଏତେ କଥାବାର୍ତ୍ତା କଲେ ଆପଣଙ୍କର ପେସେଣ୍ଟର କିଛି କ୍ଷତି ହେବ ନାହିଁ ତ ?''

''ନା, ମିଃ ଚୌଧୁରୀ; ମୁଁ ଯାହା ନିଦାନ କରିଥିଲି ସେଇଆ । ବର୍ତ୍ତମାନ ତ ସେ ସଂପୂର୍ଣ୍ଣ ସ୍ୱାଭାବିକ । ଅବଶ୍ୟ ଦୁର୍ବଳତାଟା କିଛିଦିନ ରହିବ । ସେ କିଛିଦିନ ଟିକିଏ ଶୋଇରହିଲେ ଭଲ ।''

''ଅମୃତା ସେଇଆ କରିବ; ଅବଶ୍ୟ ଆମେ ବି ଦେଖିବୁ । କିନ୍ତୁ ଆପଣଙ୍କୁ ପ୍ରତିଦିନ ଥରେ ଆସି ଦେଖିଯିବାକୁ ପଡ଼ିବ । କିଛିଦିନ ପରେ ଆମେ ତାଙ୍କୁ ଆପଣଙ୍କ ଚେମ୍ବରକୁ ନେଇଯିବୁ ।''

''ଠିକ୍ ଅଛି । ମୁଁ ଆସିବି ମିସେସ୍ ଚୌଧୁରୀ ।''

ଅମୃତା ଖାଇସାରି ଶୋଇପଡ଼ିଲେ । ତାଙ୍କୁ ବଡ଼ ଭଲ ଲାଗୁଥିଲା । ସମସ୍ତେ ତାଙ୍କୁ ଘେରି ବସିଛନ୍ତି; ଟିକିଏ ଆଗରୁ ଘେରି ରହିଥିଲେ କୃଷ୍ଣା ।

ଏବେ ମନେପଡ଼ୁଛି ବାଣୀଦେଈ ଓ ଦାଦାଙ୍କ କଥା । ଆସନ୍ତାବର୍ଷ ସେମାନେ ବିଲାତ ଛାଡ଼ି ଚାଲି ଆସୁଛନ୍ତି । ସେମାନେ ଆସିଗଲେ ବେଶ୍ ଜମିବ ।

ଅମୃତା ଡାକ୍ତରଙ୍କ ଆଡ଼କୁ ଚାହିଁଲେ । ବଡ଼ ଡାକ୍ତର । କେଡ଼େ ଅମାୟିକ ! ବୋଧହୁଏ ମନଟା ବି ଭଲ । ତା'ନ ହୋଇଥିଲେ ତାଙ୍କୁ ଦେଖିସାରିବା ପରେ ଅନ୍ୟ ଡାକ୍ତରମାନେ ଫେରିଯିବା ପରି ଫେରି ଯାଇଥାନ୍ତେ । ସାଧାରଣ ଡାକ୍ତରଙ୍କ ପରି ନୁହନ୍ତି । ତେଣୁ ରିନିର ଅବସ୍ଥା ଠିକ୍ ବୁଝିପାରିଲେ । ଏପରି ଅବସ୍ଥାରେ ଏକାଟିଆ ଛାଡ଼ିଦେଇ ଚାଲିଯାଇପାରିଲେ ନାହିଁ ।

ଜୀବନରେ କେତେ ଡାକ୍ତର ଦେଖିଛନ୍ତି । ଇଏ କିନ୍ତୁ ପୁରାପୁରି ଅନ୍ୟ ଛାଞ୍ଚରେ ଗଢ଼ା ।

ଏପଟେ ଅନ୍ୟ ସମସ୍ତେ ଗପ ଜମେଇ ବସିଛନ୍ତି । ସମସ୍ତଙ୍କ ମନରୁ ଦୁଶ୍ଚିନ୍ତାର ଗୁରୁଭାର ଓହ୍ଲାଇ ଯାଇଛି । ସଙ୍ଗୀତା ସମସ୍ତଙ୍କୁ ସବିସ୍ତାର କହି ଚାଲିଥିଲା କେଉଁଠି କିପରି ଭାବରେ ଡଃ ଚାଟାର୍ଜିଙ୍କ ସହିତ ଦେଖା ହୋଇଥିଲା, ସେହି ବିଷୟ ।

Digitized by srujanika@gmail.com

"ମୁଁ କିନ୍ତୁ ଆଦୌ ଭାବିପାରି ନ ଥିଲି ଯେ, ଆପଣ ଡାକ୍ତର ହୋଇଥାଇପାରନ୍ତି ।" ରିନି କହିଦେଲା ।

"କାହିଁକି ? କ'ଣ ବୋଲି ଭାବିଥିଲ ?"

"ମିଲିଟାରୀ ଅଫିସର, ସାଧା ପୋଷାକରେ ଅଛନ୍ତି ।"

"ସେପରି ଦେଖାଯାଉଥିଲି ?"

"ରିନିକୁ ଦେଖି କ'ଣ ମନେହେଉଥିଲା କହିଲେ ?" ସଙ୍ଗୀତା ଏକ ପ୍ରଶ୍ନ କରି ବସିଲା ।"

"କ'ଣ ମନେ ହେଉଥିଲା ? ...କ'ଣ ମନେ ହେଉଥିଲା ? ରହନ୍ତୁ ମନେ ହେଉଥିଲା ବିଦ୍ୟୁତ୍‌ର ଛଟା ।"

"କି ଅପସନ୍ଦ, କି ଶୁଖିଲା କଥାଟାଏ କହିଲେ ଡଃ ଚାଟାର୍ଜି !" କହି ରିନି ମୁହଁ ବୁଲାଇନେଲା । "ବିଦ୍ୟୁତ୍‌ର ବ ମଧ ନାହିଁ । ମୁଁ ଉଜ୍ଜ୍ୱଳ ଶ୍ୟାମ । କହିପାରିଥାନ୍ତେ ମେଘର ଛଟା ।"

"ସତକଥା କହିବି ? ଯାହା କହିଲି ସେକଥା ମୋଟେ ମନେ ହୋଇନି । ଦେଖିଦେଇ ବଡ଼ ଭଲ ଲାଗୁଥିଲା । ମନେ ହେଉଥିଲା, ଯଦି ଆମ ଦେଶର ଝିଅମାନେ ଏହି ଦୃପ୍ତଭଙ୍ଗୀର ଅନ୍ତତଃ ଅଧେ ପାଇଯିବେ, ଦେଶଟା ରକ୍ଷା ପାଇଯିବ । ଯେତେସବୁ ବନେଇ ଚୁନେଇ କୃତ୍ରିମ କଥା କହିବା ଆଉ ବଙ୍କେଇ ବଙ୍କେଇ ଚାଲିବା; ସବୁବେଳେ ଭାବନ୍ତି ଲୋକେ କିପରି ଆମକୁ ଟିକିଏ ଚାହାନ୍ତୁ ।"

ଏତେଗୁଡ଼ିଏ କଥା କହିଦେଇଥିବାରୁ ନୀଳକଣ୍ଠ ଚାଟାର୍ଜି ଟିକିଏ ଅପ୍ରତିଭ ବୋଧ କରିବାପରି ମନେହେଲା । ଏମାନଙ୍କ ସହିତ ଏହିମାତ୍ର ପରିଚୟ ହୋଇଛି ତ ।

"ଠିକ୍ କହିଛନ୍ତି । ଆଗକାଳର ଝିଅମାନେ ଥିଲେ ଝିଅ, କେବଳ ଝିଅ —ଲଜ୍ଜାବତୀ, ନମ୍ର, କୋମଳ । ଏବେ ଯାହାହୋଇଛି ନା ଏପଟ, ନା ସେପଟ; ଯାହା କହନ୍ତି ଖେଚେଡ଼ି ।"

"ହେଇଟି ସାରିଦେଲେ । ଏ ବିଷୟରେ ବାପାଙ୍କ ମୁହଁ ଯେତେବେଳେ ଖୋଲିଗଲାଣି ନା... ।"

"ମୁଁ କିନ୍ତୁ ତାଙ୍କ ସହିତ ଏକମତ ।" ନୀଳକଣ୍ଠ କହିଲେ ।

ତାପରେ ହଠାତ୍ କହିଲେ, "ମୁଁ ଗୋଟିଏ ପ୍ରିସ୍କ୍ରିପ୍‌ସନ୍ ଲେଖିଦେଉଛି; ଏଇଟି ଅଣାଇଦେଲେ ଭଲ ହେବ । ଖାଇବାପରେ ଔଷଧଟି ଖାଇ ଶୋଇପଡ଼ିବେ ।

Digitized by srujanika@gmail.com

ସକାଳେ ଖାଇବାପରେ ଥରେ ଖାଇବେ । ମୁଁ ହସ୍‌ପିଟାଲ ଯିବା ଆଗରୁ ଆସି ଦେଖିଯିବି ।"

"ଡ୍ରାଇଭରକୁ ପଠାଇ ଏଇନେ ନେଇ ଆସୁଛି", କହି ଅନୁଜ ତଳକୁ ଚାଲିଗଲା ।

କିଛି ସମୟ ପରେ ଅମୃତାଙ୍କୁ ଡାଏଟ୍ ଖୁଆଇଦେଇ ସେମାନେ ବି ଖିଆପିଆ କରିବେ ବୋଲି ଖାଇବାଘରକୁ ଚାଲିଗଲେ ।

ତା ପରଦିନ ସକାଳେ ଆସିବେ ବୋଲି କଥା ଦେଇ ଡଃ ଚାଟାର୍ଜି ଯିବାକୁ ବାହାରିଲେ ।

ମିସେସ୍ ଚୌଧୁରୀ କହିଲେ, "ମୁଁ ଓ ଅନୁଜ ଏଇଠି ରହୁଛୁ, ସେଥିପାଇଁ ବ୍ୟବସ୍ଥା କରିଦେଇ ଆସିଛି । ତୁମେ ଓ ସଙ୍ଗୀତା ଘରକୁ ଚାଲିଯାଅ । ସାଙ୍ଗରେ ଡଃ ଚାଟାର୍ଜିଙ୍କୁ ନେଇ ତାଙ୍କ ଘରେ ଛାଡ଼ିଦେଇ ଯିବ । ଆଉ ଡଃ ଚାଟାର୍ଜି, କାଲି ସକାଳେ ଆମ ଗାଡ଼ି ଆପଣଙ୍କୁ ନେଇ ଡାକ୍ତରଖାନାରେ ପହଞ୍ଚାଇ ଦେବ, ଗଲାବେଳେ ଏହି ବାଟ ହେଇ ଯିବେ ।"

"କାହିଁକି ଆଉ ମୋ ପାଇଁ କଷ୍ଟ କରିବେ ?"

"ନା, ନା; କଷ୍ଟ ପୁଣି କ'ଣ ?" ମିଃ ଚୌଧୁରୀ କହିଲେ, "ଆପଣଙ୍କ ପାଖରେ ଆମେ କେତେ କୃତଜ୍ଞ !"

ସକାଳର ଖାଇବାଜିନିଷ ସବୁ ନେଇ ଚାଲି ଆସିବାକୁ ସଙ୍ଗୀତାକୁ ତା ମାଆ ଇନ୍‌ଷ୍ଟ୍ରକ୍‌ସନ୍ ଦେଇଦେଲେ । ତିନିଜଣ ଯାଇ ଗାଡ଼ିରେ ବସିଲେ । ସେତେବେଳକୁ ସମସ୍ତଙ୍କୁ ଶାରୀରିକ ଓ ମାନସିକ କ୍ଳାନ୍ତି ଘୋଟି ଆସିଲାଣି ।

"ଦରକାର ହେଲେ ଆମକୁ ଡାକିବୁ" କହି ମାଆ ଓ ପୁଅ ଶୋଇବା ପାଇଁ ଗେଷ୍ଟ୍‌ରୁମ୍‌କୁ ଯିବାକୁ ବାହାରିଲେ । ଗଲାବେଳେ "ତୁ ନିଶ୍ଚିନ୍ତରେ ଶୁଅ" ବୋଲି କହି ରିନିର ମୁଣ୍ଡ ଆଉଁଶିଦେଲେ ତା ମାଉସୀ ।

"ହଁ, ମୁଁ ଶୋଉଛି, ମାଆ ତ ଶୋଇଛନ୍ତି", ରିନି କହିଲା ।

କିନ୍ତୁ ରାତିରେ ରିନି ଆଖିକୁ ନିଦ ଆସିଲା ନାହିଁ । ସେ ଗୋଟି ଗୋଟି କରି ତିନିଟି ଛବି ଆଗରେ ମୁଣ୍ଡ ନୁଆଇଁ ପ୍ରାର୍ଥନା କଲା । ଅମୃତା ପ୍ରତ୍ୟେକ ଦିନ ଏହି ତିନିଟି ଛବି ଆଗରେ ଠିଆ ହୋଇ ପ୍ରାର୍ଥନା କରନ୍ତି ।

ରିନି କେବେ କରେ ବା କେବେ କରେନା । ଏ ତିନିଙ୍କ ଭିତରୁ କହିବାକୁ ଗଲେ ଦୁଇଜଣଙ୍କୁ ସେ ଦେଖି ନାହିଁ । ସେମାନଙ୍କୁ ଚିହ୍ନିଥିଲା କେବଳ ମାଆଙ୍କଠାରୁ ଶୁଣି ଶୁଣି । ଭଲ ପାଇଥିଲା, ପୁଣି ଶ୍ରଦ୍ଧା ବି କରିବାକୁ ଶିଖିଥିଲା ।

Digitized by srujanika@gmail.com

ତା'ର ବାପାଙ୍କ କଥା ମନେପଡ଼େ । ଛୋଟ ଛୋଟ କେତୋଟି ଘଟଣା ତାର ମନେଅଛି । ବାପା ତାକୁ ଆଦର କରିଛନ୍ତି, ଖେଳାଇଛନ୍ତି । ଅନ୍ୟ ସବୁକଥା ମାଆଙ୍କଠାରୁ ଏପରି ଜୀବନ୍ତ ଭାବରେ ଶୁଣିଛି ଯେ, ତାକୁ ପିଲାଟିଦିନରୁ ବାପାଙ୍କୁ ହରାଇଥିବା ପରି ଆଦୌ ଜଣାପଡ଼େ ନାହିଁ । ଲାଗୁଥାଏ ବାପା ସେଦିନ ବି ତା ପାଖେ ପାଖେ ଅଛନ୍ତି ।

ହଠାତ୍ ମନେହେଲା, ମାଆ ଯେପରି ତାକୁ ଡାକୁଛନ୍ତି, ସେ ଯାଇ ନଇଁ ପଡ଼ିଲା ମାଆଙ୍କର ମୁହଁ ଉପରେ । ନା, ନିଶ୍ଚିନ୍ତରେ ଶୋଇଛନ୍ତି । କେବଳ ନିଦବାଉଳିରେ ଧୀରେ ଧୀରେ ଗିନି ଗିନି କହୁଛନ୍ତି ।

Digitized by srujanika@gmail.com

ଅଠର

ଗିନି ଧୀରେ ଧୀରେ ମାଆଙ୍କ ଦେହରେ ହାତ ବୁଲାଇଦେବାକୁ ଲାଗିଲା । ପ୍ରାୟ ରାତିସାରା ଚେଇଁରହି ସକାଳ ହେଲାବେଳକୁ ମାଉସୀଙ୍କ ଡାକରେ ଗିନିର ନିଦ ଭାଙ୍ଗିଗଲା । ସେ ମାଆଙ୍କ ଶେଯ ଉପରେ ମୁଣ୍ଡ ରଖି ଶୋଇପଡ଼ିଥିଲା ।

ଚାହିଁ ଦେଖିଲା ମାଆ ହସ ହସ ମୁହଁରେ ତା ମୁଣ୍ଡ ଉପରେ ହାତଟି ରଖିଦେଇଛନ୍ତି ଆଉ ମାଉସୀ ଠିଆ ହୋଇଛନ୍ତି ହାତରେ କପେ ଓଭଲଟିନ୍ ଧରି ।

"ଆଚ୍ଛା ପାଗଳୀ ଝିଅଟେ ହେଲୁ ! ଲାଗୁଛି, ରାତିସାରା ଚାହିଁ ଚାହିଁ କଟାଇଦେଇଛୁ । ଏଥର ଉଠ । ନ ହେଲେ ଯେ ତୋ ମାଆକୁ ମୁଁ ଖୁଆଇ ପାରୁନି ।"

"ଦେଖିଲ, ମୁଁ ଶୋଇପଡ଼ିଲି ଟି !" କହି ଗିନି ନିଜେ ଘୁଞ୍ଚିଯାଇ ମାଆଙ୍କୁ ଉଠାଇଦେଲା ଏବଂ ତାଙ୍କୁ ଡେରାଦେଇ ବସାଇଦେଲା ।

"ଏଥର ଯା, ହାତ ମୁହଁ ଧୋଇ ମୁଣ୍ଡ କୁଣ୍ଡାଇପକାଇବୁ । ଆଉ ଟିକିଏକ ପରେ ତ ଡଃ ଚାଟାର୍ଜି ଓ ଅନ୍ୟମାନେ ଆସି ପହଞ୍ଚିବେ ।"

ପ୍ରାତଃକୃତ୍ୟ ପରେ ରେଡି ହୋଇ ଆସି ଗିନି ଦେଖିଲା ମାଉସୀ ରୋଷେଘରେ ରୁଟି ଟୋଷ୍ଟ କରିବାରେ ବ୍ୟସ୍ତ ।

"ତୁମେ ଘୁଞ୍ଚିଯାଅ ମାଉସୀ, ମୁଁ ସମସ୍ତଙ୍କ ପାଇଁ ଚା, ଟୋଷ୍ଟ କରି ନେଇ ଆସୁଛି । ତୁମେ ଯାଇ ହାତମୁହଁ ଧୋଇ ସଫା ହୁଅ ।"

ସମସ୍ତେ ଅମୃତାଦେବୀଙ୍କୁ ଘେରି ବସି ଚା ଖାଇ ଖାଇ ଗପ କରୁଛନ୍ତି, ସଙ୍ଗୀତା ଆସି ସଦଳବଳେ ପହଞ୍ଚିଗଲା ।

ଡାକ୍ତର ପୂରା ନମ୍ବର ଦେଇ ପାସ୍ କରାଇଦେଲେ, "ଅମୃତା ଦେବୀ ଏଥର ଠିକ୍ ଆମମାନଙ୍କ ପରି ସୁସ୍ଥ ହୋଇଗଲେ ।"

"ଆଚ୍ଛା କଥା କହୁଛନ୍ତି ! ନାହିଁ ମାଉସୀ, ତୁମେ ଏ ଡାକ୍ତରମାନଙ୍କ କଥା ବିଶ୍ୱାସ କରିବ ନାହିଁ । ବଢ଼ାଇ ବଢ଼ାଇ କଥା କହିବା ସେମାନଙ୍କର ସ୍ୱଭାବ । ତେଣୁ ସେ ଦୁଇ କହିଲେ ତୁମେ ଏକ ବୋଲି ବିଶ୍ୱାସ କରିବ ।"

Digitized by srujanika@gmail.com

ସଙ୍ଗୀତା ଡଃ ଚାଟାର୍ଜିଙ୍କ ସହିତ ବିଶେଷ ଫ୍ରି ହୋଇଯାଇଛି । ବାରିଷ୍ଟରସାହେବ ଆସିନାହାନ୍ତି । ସକାଳୁ ଉଠୁ ଉଠୁ ବ୍ରିଫ୍ ନେଇ ବସିଛନ୍ତି । ଅବଶ୍ୟ ଫୋନ୍ କରି ବୁଝି ନେଇଥିଲେ ଯେ, ଅମୃତାଦେବୀ ଖୁବ୍ ଭଲ ଅଛନ୍ତି । ଡଃ ଚାଟାର୍ଜି ଆଉ ବିଳମ୍ବ ନ କରି ଉଠିପଡ଼ିଲେ । ସଅଳ ସଅଳ ହସ୍ପିଟାଲ ଯିବାକୁ ପଡ଼ିବ ।

"ଯେଉଁ ଔଷଧଟି ଦେଇଛି, ସେଇଟି ହିଁ ଚଳିବ । ପୂରା ବିଶ୍ରାମ । ଚିନ୍ତା କରିବେ ନାହିଁ । ଖାଇବା ସ୍ୱାଭାବିକ । ତେବେ ପୁଷ୍ଟିକର ଓ ଲାଇଟ୍ ହେଲେ ଭଲ ।"

"ଠିକ୍ ଅଛି । ସେଇଆ ହେବ । ଚାଲନ୍ତୁ; ଆପଣଙ୍କୁ ହସ୍ପିଟାଲରେ ଛାଡ଼ିଦେଇ ମୁଁ ଓ ଅନୁଜ ଘରକୁ ଯିବୁ । ମିଷ୍ଟର ଚୌଧୁରୀ ଓ ଅନୁଜ ଘରୁ ଆସିବାବେଳେ ମୁଁ ତୁମମାନଙ୍କର ଖାଇବା ପଠାଇଦେବି ।"

"ଠିକ୍ ଅଛି ମାଉସୀ, ତୁମେ ଆଉ ଏବେଳା ଆସନି । ସନ୍ଧ୍ୟାବେଳକୁ ଏକାସଙ୍ଗେ ତିନିଜଣ ମିଶି ଚାଲି ଆସିବ ।"

"ହଉ । ତୁ ରିନି ଜଲଦି ଖାଇଦେଇ ଶୋଇପଡ଼ । ସୁ ଅମୃତା ପାଖରେ ବସିବ ।"

"ବସିବା ଆଉ କଣ ଦରକାର ଅଛି ଯେ ! ମୁଁ ତ, ଡାକ୍ତର ଯାହା କହୁଛନ୍ତି, ଭଲ ଅଛି ।"

ଅମୃତା ଏହି ପ୍ରଥମେ କଥା କହିଲେ । ତାଙ୍କୁ ଆଉ ଏପରି ଶୋଇରହିବାକୁ ଭଲ ଲାଗୁ ନ ଥିଲା । କେବେହେଲେ ସେ ଏପରି ଶୋଇ ନାହାନ୍ତି କି ତାଙ୍କର ଶୋଇବା ଦରକାର ପଡ଼ିନାହିଁ । ସେଥିପାଇଁ କିପରି ଏକ ଅସ୍ୱସ୍ତି ଲାଗୁଥିଲା ।

ରୋଗ ଯେ ଭୋଗି ନାହାନ୍ତି ତାହା ନୁହେଁ, କେବେହେଲେ ସାଙ୍ଘାତିକ କିଛି ହୋଇନାହିଁ । ଜ୍ୱର ହେଲେ ବି ସେହି ଜ୍ୱରରେ ସବୁ କାମ କରନ୍ତି । ପେଟମୋଡ଼ା ହେଲେ ବି ସେହିକଥା । ବର୍ତ୍ତମାନର ଏହି ପରିସ୍ଥିତିଟି ତାଙ୍କ ପକ୍ଷରେ ଏକ ଭିନ୍ନ ପ୍ରକାରର ହୋଇଯାଇଛି ।

"ତୁମ ଭାବନାଟାକୁ ଟିକିଏ ଆମକୁ ଭାବିବାକୁ ଦିଅ ତ ।" କହି ରିନି ଚୁପ୍ ହୋଇ ବସିଲା ।

ଝିଅର ରାତି ଉଜାଗର ମୁହଁଆଡ଼କୁ ଚାହିଁଦେଇ ଅମୃତାଦେବୀ ଆଉ କିଛି କହିପାରିଲେ ନାହିଁ । ରିନି ଓ ତା ମାଆ ଦିପହରଟିଯାକ ନିଘୋଡ଼ ନିଦରେ ଶୋଇ ଯେତେବେଳେ ନିଦରୁ ଉଠିଲେ, ସେତେବେଳକୁ ଉପରବେଳା ଗଡ଼ି ସନ୍ଧ୍ୟା ହୋଇଆସୁଛି । ମିଃ ଓ ମିସେସ୍ ଚୌଧୁରୀଙ୍କର ଆସିବା ବେଳ ହୋଇଗଲାଣି ।

Digitized by srujanika@gmail.com

ଏପରିଭାବରେ ତିନି ଚାରିଦିନ କଟିଯିବା ପରେ ଅମୃତାଦେବୀ ସଂପୂର୍ଣ୍ଣ ସୁସ୍ଥ ହୋଇଗଲେ । ଆଉଥରେ ନିତିଦିନିଆ ଚକ ଘୂରିବାକୁ ଆରମ୍ଭ କଲା ।

ତେବେ ଏ ମଝିରେ ଗୋଟିଏ ବଡ଼ ପରିବର୍ତ୍ତନ ଘଟିଗଲା । ଡଃ ନୀଳକଣ୍ଠ ହୋଇଗଲେ ଏହି ପରିବାରର ଜଣେ ବିଶେଷ ବନ୍ଧୁ । ସମୟ ପାଇବାମାତ୍ରେ ସେ ଏଠାକୁ ଚାଲିଆସନ୍ତି । ମାଆ ଓ ଝିଅ ଦିହେଁ ତାଙ୍କ ପ୍ରତୀକ୍ଷାରେ ଥାଆନ୍ତି । ମନେହେଲା, ସତେ ଯେପରି ଏତେଦିନ ପରେ ଗୋଟିଏ ବଡ଼ ଫାଙ୍କ ବୁଜିହୋଇ ଆସୁଛି ।

ଏ ସଂସାରରେ ସୃଷ୍ଟିକର୍ତ୍ତା ହିଁ ନିୟମ କରିଦେଇଛନ୍ତି ଯେ, ପୁଅଝିଅ ମିଶି ଚଳିବେ, ଚଳାଇବେ । ନିତାନ୍ତ ପ୍ରୟୋଜନ ।

କୃଷ୍ଣା ଚାଲିଯିବାର ତିନିଟି ବର୍ଷ ପରେ ରଣେନ୍ ଓ ବାଣୀ ଲଣ୍ଡନ ଚାଲିଗଲେ । ତା'ପରଦିନଠାରୁ ଏମାନେ ପୁରୁଷଛଡ଼ା ହୋଇ ଘର ଚଳାଇ ଚାଲିଥିଲେ । ଅଭ୍ୟାସ ବି ହୋଇଯାଇଥିଲା । ଏହାର ଏକ ବ୍ୟତିକ୍ରମ ଦରକାର ବୋଲି କେବେ ମନରେ ହିଁ ଆସିନାହିଁ ।

ନୀଳଙ୍କୁ ପାଇ ଅମୃତା ଦେବୀ ହଠାତ୍ ସେ କଥାଟି ବୁଝିପାରିଲେ ।

ପିଲାଟି ବଡ଼ ଆପଣାର ହୋଇଯାଇଛି । ବେଳେବେଳେ ଭାବନ୍ତି, ଏଇଟା କ'ଣ ଠିକ୍ ହେଉଛି ? ପରପୁଅ ଦୂରଲୋକ; ହଠାତ୍ ଦିନେ ଦୂରକୁ ଚାଲିଯିବ । ଆପଣା ଲୋକ ତ ଦୂରକୁ ଚାଲିଗଲେ, ବହୁ ଦୂରକୁ । ଥରେ ଫେରି ଚାହିଁଲେ ବି ନାହିଁ ।

ନୀଳ ଘରେ ପଶୁ ପଶୁ ଅମୃତାଦେବୀଙ୍କୁ କାହିଁକି ଭିନ୍ନ ପ୍ରକାରର ଦେଖିଲେ । ମନେହେଲା, ସତେ ଯେପରି ବହୁ ଦୂରକୁ ଘୁଞ୍ଚି ଯାଇଛନ୍ତି, ଯଦିବା ସେ ଆଗରେ ବସିଛନ୍ତି ।

''ଆପଣଙ୍କର କଣ ହୋଇଛି, କହିଲେ ?''

''କିଛି ନାହିଁ ବାପ । କେବଳ ବେଳେବେଳେ ମନେହୁଏ, ମାୟା ବଢ଼ାଇବା ଠିକ୍ ନୁହେଁ; ପୁଣି ଥରେ ଧକ୍କା ଖାଇବାକୁ ପଡ଼ିବ ।''

''ମାନେ ?''

''ତୁମେ ପରପୁଅ, ଦୂରକୁ ଚାଲିଯିବ । ସେଇଟା ତ ସ୍ୱାଭାବିକ ।''

''ଏକଥା କାହିଁକି ଭାବିଲେ ? ମୁଁ ତ କଲିକତାରେ ହିଁ ରହିବି । ଏହା ହିଁ ମୋର କର୍ମକ୍ଷେତ୍ର । ଆପଣଙ୍କର ବି ତ ସେହିକଥା । ଛାଡ଼ବାଡ଼ ହୋଇଯିବାର କୌଣସି କାରଣ ନାହିଁ ।''

Digitized by srujanika@gmail.com

ଦିନେ ଡାକ୍ତର ଚାଟାର୍ଜି କହିଲେ, ''ମୋତେ ନୀଳ ବୋଲି ଡାକିବେ । ମୋ ନିଜ ଲୋକେ ମୋତେ ସେହି ନାଆଁରେ ଡାକନ୍ତି । ମୁଁ ଆପଣଙ୍କ ପାଖରେ ବି ସେହି ନୀଳ ହେବାକୁ ଚାହେ ।''

କଥାଟି ଶୁଣି ବଡ଼ ଭଲ ଲାଗିଲା । ଘର କମ୍ବାଇ ରିନିକୁ ଡାକ ପକାଇଲେ, ''ଆଲୋ ରିନି, ହେଇଟି ଇଏ କି ସୁନ୍ଦର କଥାଟିଏ କହୁଛନ୍ତି ଶୁଣି ଯା ।''

''କଣ ହୋଇଛି ଆମ୍ମି ?'' ରିନି ମୁଣ୍ଡ ବାନ୍ଧୁ ବାନ୍ଧୁ ପଳାଇ ଆସିଲା ।

''ଆଜିଠାରୁ ଇଏ ଆମର ନୀଳ, କେବଳ ନୀଳ; ଆଗରେ କିଛି ରହିବ ନାହିଁ କି ପଛରେ କିଛି ରହିବ ନାହିଁ ।''

ବଡ଼ ତୃପ୍ତିର ହସଟିଏ ହସିଦେଲେ ଅମୃତାଦେବୀ ।

''ତା'ହେଲେ ମୁଁ ବି ସେହି ନାଆଁରେ ଡାକିବି । ବଡ଼ ସୁନ୍ଦର ନାଆଁଟିଏ ହୋଇଛି ।''

''ବେଶ୍ ।''

ନୀଳଙ୍କର ଆହୁରି କହିଦେବାକୁ ମଧ ଇଚ୍ଛା ହୋଇଥିଲା— ମୋର 'ତୁମେ' ହୋଇଯିବାକୁ ମନ ।

କିନ୍ତୁ ସେତେ ସାହସ କରିପାରିଲେ ନାହିଁ । ତେଣୁ ବର୍ତ୍ତମାନ ପାଇଁ ସେ ଅଭିଳାଷଟି ଚୁପ୍ ହୋଇ ରହିଥିଲା ।

ଅବଶ୍ୟ ଅମୃତାଦେବୀ 'ତୁମେ' ଆରମ୍ଭ କରିଦେଲେ । ରାତିଖିଆବେଳକୁ ସେ ତିନିଜଣ ପ୍ରାୟ ସବୁଦିନ ଏକାଠି ବସି ଖାଉଥିଲେ । ମଝିମଝିରେ ଦିନେ ଅଧେ ଘଟିପାରୁ ନ ଥିଲା ।

ନୀଳ ବେଳେବେଳେ ସଙ୍ଗୀତା ଘରକୁ ଯାଉଥିଲେ, ବେଳେବେଳେ ଯାଉ ନ ଥିଲେ । ତାଙ୍କୁ ବେଶୀ ଭଲ ଲାଗୁଥିଲା ଏହି ଦୁଇଜଣଙ୍କର ସହିତ ରହିବାକୁ ।

ଅମୃତାଦେବୀଙ୍କୁ ଦେଖିଦେଲେ ତାଙ୍କର ଖୁଡ଼ୀଙ୍କ କଥା ମନେ ପଡ଼ିଯାଉଥିଲା । ନୀଳ ଅଳ୍ପ ବୟସର ହୋଇଥିଲେ କକା ମରିଗଲେ । ତା'ର କିଛିଦିନ ପରେ ଖୁଡ଼ୀ ବି ମରିଗଲେ । କିନ୍ତୁ ଅନେକ ଦୃଷ୍ଟିରୁ ସେ ଅମୃତାଦେବୀଙ୍କ ପରି ଥିଲେ । ସେ ଥିଲେ ବଡ଼ ନିର୍ଲିପ୍ତ । ନୀଳ ତାଙ୍କୁ ନିଜ ମାଆଙ୍କଠାରୁ ବି ବେଶୀ ଭଲ ପାଉଥିଲେ । ସେସବୁ ଅନେକ ଦିନ ତଳର କଥା ।

ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଦୁଇଜଣ ଭିନ୍ନ ଭିନ୍ନ ଲୋକ । ପରସ୍ପର ମଧ୍ୟରେ କୌଣସି ସମ୍ପର୍କ ନାହିଁ । ଅଥଚ ସେମାନଙ୍କର ଭାବରେ, ଭଙ୍ଗୀରେ, ଚିନ୍ତାଧାରାରେ କିପରି ଏତେ ସାମଞ୍ଜସ୍ୟ ରହିପାରେ !

Digitized by srujanika@gmail.com

ସବୁକିଛି ସମ୍ଭବ ଏ ପୃଥିବୀରେ । ମନେହେଉଛି ଏହା ବି ଏକ ଅଦୃଶ୍ୟ ବନ୍ଧନ, ଯାହା ନୀଳଙ୍କୁ ଏତେ ସହଜରେ ଅମୃତାଦେବୀଙ୍କର ଏତେ ନିକଟକୁ ନେଇ ଆସିଛି ।

ସାରାଦିନର ଖାଟେଣି ପରେ ରାତିରେ ହିଁ ଡାକ୍ତରମାନଙ୍କର ଛୁଟି । ତେଣୁ ରାତି ଶୋ'ରେ ସିନେମା ବା ଥିଏଟର ବା ସଙ୍ଗୀତ-ସଭାକୁ ଯିବା ଆରମ୍ଭ ହେଲା ।

ଅମୃତାଦେବୀଙ୍କ ଜୀବନରେ ଏହା ଯେପରି ଏକ ନୂତନ ଅଧ୍ୟାୟ । ଏସବୁ ଜିନିଷରୁ ସେ ନିଜକୁ ଯଥାସମ୍ଭବ ବିଚ୍ଛିନ୍ନ କରି ରଖିଥିଲେ । ରିନି ତାର ବନ୍ଧୁବାନ୍ଧବଙ୍କ ସହିତ ଯାଉଥିଲା; ସେଥିରେ ସେ କୌଣସି ଦିନ ବାଧା ଦେଇନାହାନ୍ତି । ନିଜକୁ ଭଲ ଲାଗେନି, ତେଣୁ ଖୁବ୍ କମ୍ ଯାଉଥିଲେ । ବର୍ତ୍ତମାନ ନୀଳ ଡାକିଲେ ମନା କରିପାରୁ ନାହାନ୍ତି । ଭଲ ବି ଲାଗୁଛି ତିନିହେଁ ମିଶିଗଲେ ।

ଏପରିଭାବରେ ନୀଳ ଓ ରିନି ମଧ୍ୟରେ 'ଆପଣ'ର ବ୍ୟବଧାନଟି ଧୀରେ ଧୀରେ ତୁଟିଗଲା । ଏପଟେ ସଙ୍ଗୀତାର ଦାଦା ଆସିବେ ଆଉ ମାସ କେତେଟା ଭିତରେ । ସମସ୍ତେ ଦିନ ଗଣୁଛନ୍ତି । ତା ପରେ ହେବ ସଙ୍ଗୀତାର ବାହାଘର ।

ସବୁ କିପରି ଗୋଳମାଳ ହୋଇଗଲା । ମଣିଷ ଭାବେ ପ୍ରକାରେ, କିନ୍ତୁ ହୁଏ ଆଉ ପ୍ରକାରେ । କେତେ କଳ୍ପନାଜଳ୍ପନା, କେତେ ଦିନର କେତେ ଚିନ୍ତାର ଉତ୍ସ ନିମିଷକ ମଧ୍ୟରେ ଛତ୍ରାକାର କରିଦେଇ ବିଧାତା ବୋଧହୁଏ ବଡ଼ ଆନନ୍ଦ ପାଆନ୍ତି । କାହିଁକି ଯେ ତାଙ୍କୁ ଆନନ୍ଦମୟ ବୋଲି ଡକାଯାଏ ! କିଏ ଯେ ଏ ନାଆଁଟି ଦେଇଥିଲା !

ଚୌଧୁରୀ ପରିବାର ଯେତେବେଳେ ଆନନ୍ଦ ଉତ୍ସବ ଭିତରେ, ଠିକ୍ ସେତିକିବେଳେ ଖଣ୍ଡିଏ ଛୋଟ କାଗଜ ସବୁ ଓଲଟପାଲଟ କରିଦେଲା ।

ଚୌଧୁରୀ ପରିବାରର ଜ୍ୟେଷ୍ଠ ସନ୍ତାନ, ଯାହାର ଆସିବା ଉପରେ ସଙ୍ଗୀତାର ବିବାହ-ଦିବସ ନିର୍ଭର କରୁଥିଲା, ସେ ହଠାତ୍ ଜଣାଇଦେଲା, ସେ ନିଜେ ସେଠାରେ ମେମ୍ ବାହା ହୋଇଛି, ତେଣୁ ଏତେଶୀଘ୍ର ସେମାନଙ୍କର କଲିକତା ଆସିବା ସମ୍ଭବ ନୁହେଁ । ଅବଶ୍ୟ ସେ ବାପାମାଆଙ୍କର ଆଶୀର୍ବାଦ ଚାହିଥିଲା ଏବଂ ଚାହିଥିଲା ଭାଇଭଉଣୀଙ୍କର ପ୍ରୀତି ।

ମିଃ ଓ ମିସେସ୍ ଚୌଧୁରୀଙ୍କ ଜୀବନରେ ସେପରି ଆଘାତ କୌଣସିଦିନ ଲାଗି ନ ଥିଲା । ବାପାମାଆ ଉପଯୁକ୍ତ ସମୟରେ ଦେହତ୍ୟାଗ କରିଥିଲେ । ସେମାନଙ୍କୁ ହରାଇବା ବଡ଼ ଦୁଃଖଦାୟକ । କିନ୍ତୁ ସେଇଟା ଜଗତର ନିୟମ । ତେଣୁ ସେ ଦୁଃଖ ଯଦି ଅକାଳରେ ନ ଆସେ, ତେବେ ସହି ହୋଇଯାଏ ।

Digitized by srujanika@gmail.com

ବୋଧହୁଏ ସେହି କାରଣରୁ ଦିହେଁ ଫାଁ'ଗାଳି ବସିପଡ଼ିଲେ । ମନେହେଲା ଦୁହିଁଙ୍କ ଆଗରେ ଘୋଟିଯାଇଛି ଘନ ଅନ୍ଧକାର । ପୁଅ ଯେ ଏତେବଡ଼ ଆଘାତ ଦେଇପାରେ, ତାହା ସେମାନେ ସ୍ୱପ୍ନରେ ବି ଭାବି ନ ଥିଲେ ।

ବଡ଼ ପୁଅ । ଆସି ପାଖରେ ଠିଆ ହେବ । ବୟସ ହୋଇଗଲାଣି । କେଡ଼େଦଡ଼ ସାହା । ବୋହୂ ଆସିବ । ଶାଶୁବୁଢ଼ୀ ହାତରୁ ସଂସାର ଦାୟିତ୍ୱ ନେବ, ଯେପରି ନେଇଥିଲେ ମିସେସ୍ ଚୌଧୁରୀ ତାଙ୍କ ଶାଶୁବୁଢ଼ୀଙ୍କ ହାତରୁ । ସବୁ ଓଲଟପାଲଟ ହୋଇଗଲା !!

ମିଶାଣ ଫେଡ଼ାଣ ହୋଇଗଲା ଭୁଲ । ଦୁଇରେ ଦୁଇ ମିଶି ଚାରି ହେବ ବୋଲି ଭାବିଥିଲେ । ହୋଇଗଲା ତିନି ।

ସଙ୍ଗୀତା ଧାଇଁଯାଇ ଫୋନ୍ ଧରିଲା, "ରିନ୍, ମାଉସୀଙ୍କୁ ଧରି ଶୀଘ୍ର ଆସ୍ । ବାପା ମା କଣ ହୋଇ ଯାଉଛନ୍ତି ।"

"ଏଁ, କି କଥା କହୁଛ ! ଡାକ୍ତରଙ୍କୁ ଜଣାଇଥିଲୁ ? ଡଃ ଚାଟାର୍ଜିଙ୍କୁ ସାଙ୍ଗରେ ନେଇଯିବି ?"

"ନା, ନା, ଡାକ୍ତରଙ୍କର ଦରକାର ନାହିଁ । ତୁମେ ଦି'ଜଣ ଯେତେଶୀଘ୍ର ପାରୁଛ, ଚାଲିଆସ । ଅନୁଜ ବୋଧିଙ୍କୁ ଆଣିବାକୁ ଚାଲିଗଲାଣି ।

"କିଛି ବୁଝିପାରୁନି ଲୋ !"

ସେତେବେଳକୁ ରିନି କାନକୁ ସଙ୍ଗୀତାର କାନ୍ଦଲହରୀ ଭାସିଆସିଲାଣି । ପରେ ପରେ ସେପଟୁ ଫୋନ୍‌ଟା ରଖିଦିଆଗଲା ।

ଅମୃତାଦେବୀ ରୋଷଘରେ ବ୍ୟସ୍ତ ଥିଲେ । ଆଜି ରାତିରେ ବାହାରକୁ ନ ଯାଇ ତିନିଜଣଯାକ, ମାନେ ନୀଳଙ୍କୁ ମିଶାଇ, ଘରେ ଖାଇବେ; ଗପସପ କରି କଟାଇଦେବେ । ଏହି ପ୍ଲାନ୍ କରିଥିଲେ ।

ଠିକ୍ କଥାଟି କ'ଣ ବୁଝି ନ ପାରି ରିନି ପାଟି କରିଉଠିଲା, "ଆମ୍ମି, ରନ୍ଧାବଢ଼ା ଛାଡ଼ି ଶୀଘ୍ର ଆସ ।"

"କିଲୋ ! ହେଲା କ'ଣ ? ପାଗଳୀଙ୍କ ପରି ପାଟି କରୁଛୁ କାହିଁକି ?" ତାଙ୍କ ଛାତି ଭିତରଟା ଧଡ଼ଧଡ଼ ହୋଇଉଠିଲା ।

"କ'ଣ ହେଲା ଜାଣିପାରୁନି । ସୁ କାନ୍ଦୁଛି, ମାଉସୀ ମଉସା କ'ଣ ହୋଇ ଯାଉଛନ୍ତି ।" କହୁ କହୁ ରିନିର ଆଖି ଲୁହ ଛଳଛଳ ହୋଇଗଲା ।

ଅମୃତାଦେବୀ ବୁଝିଗଲେ ଯେ, ଟିକିଏ ଆଗରୁ ଯେଉଁ ଫୋନ୍ ଆସିଥିଲା, ଏ ଖବରଟି ସେହିଥିରୁ ମିଳିଛି ।

Digitized by srujanika@gmail.com

"ଆଲୋ, ଇମିତି ଠିଆହୋଇ ରହିଲେ ଚଳିବ ? ତୁ ଘରଗୁଡ଼ାକ ବନ୍ଦ କର । ମୁଁ ଗ୍ୟାସ୍ ବନ୍ଦ କରି ଆସୁଛି ।"

କିଛି ସମୟ ଭିତରେ ଦିହେଁ ଆସି ଠିଆ ହୋଇଗଲେ ସଙ୍ଗୀତାଘର ଫାଟକ ପାଖରେ । ବାଟସାରା ମାଆ ଝିଅ କୌଣସି କଥାଭାଷା ହୋଇ ନାହାନ୍ତି । ବର୍ତ୍ତମାନ ଉଭୟେ ଯେପରି ଏକ ଅସହାୟ ଭାବ ଉପଲବ୍ଧି କଲେ । ଘରେ ପଶୁ ପଶୁ କଣ ଦେଖିବେ ? କଣ ହୋଇଥିବ ??

ଅମୃତାଦେବୀ ହିଁ ଆଗେଇଗଲେ । ମିଷ୍ଟର ଚୌଧୁରୀ ଆଖିବୁଜି ଶୋଇଛନ୍ତି । ମିସେସ୍ ବସିଛନ୍ତି ମୁହଁ ଘୋଡ଼ାଇ । ସଙ୍ଗୀତା ବାପାଙ୍କ ମୁଣ୍ଡ ଆଉଁଶି ଦେଉଛି । ମନେହେଲା କାନ୍ଦଟାକୁ ଜୋର କରି ଭିତରେ ଚାପି ରଖିଛି ।

ଶବ୍ଦ ଶୁଣି ମିଃ ଚୌଧୁରୀ ଆଖି ଖୋଲିଲେ । ମୁହଁରେ କୌଣସି କଥା ନାହିଁ, ନା ଆଖିରେ ଲୁହ । ମନେହେଲା ଏହି କେତୋଟି ଘଣ୍ଟା ଭିତରେ ବୟସଟା ଖୁବ୍ ବଢ଼ିଯାଇଛି । ପୋଖତ ବାରିଷ୍ଟରଙ୍କୁ ଦେଖି ହଠାତ୍ ବିଶେଷ କିଛି ଜାଣିହେଉ ନାହିଁ ।

କ'ଣ ଏପରି ହୋଇପାରେ ?

ଅମୃତାଙ୍କ ହାତକୁ କେବଲ୍‌ଟା ବଢ଼ାଇ ଦେଲେ ।

ଆଖି ବୁଲାଇ ଆଣି ଗିନିକୁ ଦେଲେ ପଢ଼ ବୋଲି । ଧୀରେ ଧୀରେ ଆଗେଇଯାଇ ଜାବୋଡ଼ି ଧରିଲେ ମିସେସ୍ ଚୌଧୁରୀଙ୍କୁ ।

"ଦିଦି, ମୋ ମୁହଁକୁ ଚାହିଁ ମନ ସ୍ଥିର କର । ମୋର ନିଜ ଲୋକେ ଇମିତି ଜାଗାକୁ ଚାଲିଯାଇଛନ୍ତି, ଯେଉଁଠୁ ଆଉ କେବେ ଫେରିବେ ନାହିଁ । ମୁଁ ଗଲେ ଯାଇଁ ଦେଖାହେବ । ସେହି ମୁଁ ଠିଆ ହୋଇଛି, ଚାଲିଛି, ସବୁକିଛି କରିଛି, କରୁଛି । ଆଜି ଆପଣମାନେ ଯେଉଁ ଅଭାବ ଅନୁଭବ କରି ଭାଙ୍ଗିପଡ଼ିଛନ୍ତି, ହୋଇପାରେ ତାହା ଯେତେ ନିର୍ମମ ମନେହେଉଛି, ଭବିଷ୍ୟତରେ ସେତେ ବୋଲି ମନେ ହୋଇ ନ ପାରେ ।"

ଟିକିଏ ରହି ପୁଣି କହିଲେ, "ଏଇନେ ସେମାନେ ଭାବୁଛନ୍ତି, ସେଇଠି ରହିବେ । ପରେ ମତ ବଦଳାଇଦେଇ ପାରନ୍ତି; ଚାଲି ବି ଆସିପାରନ୍ତି । କଣ ହେବ, କିଏ କହିପାରିବ ? ତା'ଛଡ଼ା ଆପଣଙ୍କର ସଙ୍ଗୀତା ଅଛି, ଅନୁଜ ଅଛି; ଏମାନଙ୍କ ପ୍ରତି କର୍ତ୍ତବ୍ୟ ରହିଛି । ଆହୁରି ରହିଛି ମୋ ପ୍ରତି, ମୋ ଗିନି ପ୍ରତି ।"

Digitized by srujanika@gmail.com

ଏହି ପ୍ରଥମଥରଅମୃତା ଦେବୀ ମିଃ ଚୌଧୁରୀଙ୍କ ପାଦରେ ହାତରଖି ପ୍ରଣାମ କଲେ । ''ଦାଦା, ଏ ସାନ ଭଉଣୀ ମୁହଁକୁ ଚାହିଁ ଟିକିଏ ଥୟ ଧର''— କହି ଚୁପ୍ ହେଲେ ।

ତାଙ୍କ କଥାରେ, ତାଙ୍କ ମୁହଁର ଭାବରେ ଯେପରି କିଛି ଗୋଟିଏ ଶକ୍ତି ରହିଥିଲା । ମିଷ୍ଟର ଚୌଧୁରୀ ଉଠି ବସିଲେ । କହିଲେ, ''ଭଉଣୀ, ଯାହା କହିଲୁ ସବୁ ବୁଝୁଛି । କିନ୍ତୁ ମନ ମାନୁନି । ଯେ ଆସି ପାଖରେ ଠିଆହେବ ବୋଲି ଦିନ ଗଣୁଥିଲି... ।'' ସେ ଆଉ କହି ନ ପାରି ଅଟକିଗଲେ ।

ବୁଝାପଡ଼ିଗଲା, ସେ ନିଜକୁ ସଂଯତ କରିବାକୁ ଚେଷ୍ଟା କରୁଛନ୍ତି ।

''ଆପଣମାନେ ତ ଆଉ ମୋ ପରି ଧକ୍କା ଖାଇନାହାନ୍ତି । ମାଆଙ୍କୁ ଆଶ୍ରା କରି ଚାଲିଥିଲି । ନିଜ ପାଦରେ ଠିଆହେବା ଆଗରୁ ହିଁ ସେ ଚାଲିଗଲେ । ତାପରେ ଜଣ ଜଣ କରି... । ସବୁ ତ ଜାଣିଛନ୍ତି । ଏ ସଂସାରକୁ ଆମେ ଆସିଛୁ ପରୀକ୍ଷା ଦେବାଲାଗି । ସେ ଯେଉଁ କେତେଟା ପରୀକ୍ଷା ଅଛି, ଆମକୁ ସେଗୁଡ଼ାକୁ ପାସ୍ କରିବାକୁ ପଡ଼ିବ ଦିଦି । ଆମେ କଣ ଆଉ ସମସ୍ତଙ୍କ ପରି ହୋଇଛୁ ? ଆମେ ଯେ ଈଶ୍ୱରଙ୍କର ଅତି ଆଦରର ସନ୍ତାନ । ମୁଁ ତାହା ହିଁ ମନେକରେ । ତାହା ହିଁ ମୋର ବିଶ୍ୱାସ ।''

ରିନି ଅବାକ୍ ହୋଇ ମାଆଙ୍କ କଥା ଶୁଣି ଚାଲିଥିଲା । ଭାବୁଥିଲା, ମହାରାଜ ଯେଉଁ ଅମୃତା ନାମ ଦେଇଥିଲେ, ତାହା ସାର୍ଥକ ହୋଇଛି ।

ମନେହେଉଥିଲା, ମାଆଙ୍କ କଥାଗୁଡ଼ିକ ଯେପରି ଅନେକ ଦୂରରୁ ଭାସିଆସୁଛି । ସେସବୁ ଏହି ନିତିଦିନିଆ ଦେଖା ପୃଥିବୀର ନୁହେଁ ।

ସତରେ ଅମୃତାଦେବୀଙ୍କର କଥାଗୁଡ଼ିକ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ପ୍ରାଣରେ ଶାନ୍ତିର ପ୍ରଲେପ ବୋଳିଦେଲା । ସେମାନଙ୍କର ଅସ୍ଥିରତା ଧୀରେ ଧୀରେ ମନ୍ଥର ହୋଇଆସିଲା । ପରିବେଶଟା ଦୁଃଖଦ ହେଲେ ବି ସ୍ଥିତିଶୀଳ ହୋଇଗଲା ।

ସଙ୍ଗୀତାକୁ ଆଖିଠାରି ଅନୁଜ ଓ ବୋଧିଙ୍କୁ ନେଇ ଆରପାଖ କୋଠରିକୁ ଯାଅ ବୋଲି ଇଙ୍ଗିତ ଦେଲେ । ରିନି ବି ଚାଲିଗଲା ।

ଅମୃତା ଚୌଧୁରୀ-ଦମ୍ପତି ପାଖରେ ବସି ନିଜ ଜୀବନର କଥା, ସେଦିନ କୃଷ୍ଣଙ୍କୁ କେତେ ପାଖରେ ପାଇବାପରି ଅନୁଭବ କରିଥିଲେ ଇତ୍ୟାଦି ବିଭିନ୍ନ ଘଟଣାର କଥା କହି ସୁଖ ଦୁଃଖ ହେଲେ ।

Digitized by srujanika@gmail.com

ସଂସାରର କେତେ କଥା, ସେ ଯେତିକି ଜାଣିଛନ୍ତି, ଖୁବ୍ କମ୍ ଲୋକଙ୍କୁ ସେତକ ଜାଣିବାକୁ ସୁବିଧା ମିଳେ । ଅଧିକାଂଶ ଲୋକ ନିଜ ଜୀବନର ଅଭିଜ୍ଞତା କଥା ହିଁ ଜାଣନ୍ତି । ଅମୃତାଦେବୀ ନାନା ପ୍ରକାର ସୋସିଆଲ୍ କାର୍ଯ୍ୟ ସହିତ ସଂପୃକ୍ତ । ତା ସହିତ ରାମକୃଷ୍ଣ ଆଶ୍ରମ ସହିତ ପିଲାଟିଦିନରୁ ଓତପ୍ରୋତ ଭାବରେ ଜଡ଼ିତ । ତେଣୁ ସେ ମନୁଷ୍ୟ ଜୀବନର ଦୁଃଖର ଦିଗଟି ହିଁ ବେଶୀ ଜାଣନ୍ତି, ବେଶୀ ଦେଖିଛନ୍ତି ।

''ଜାଣୁ ଅମୃତା, ମନୁଷ୍ୟ ଭାବେ ପ୍ରକାରେ, ହୁଏ ଆଉ ପ୍ରକାରେ । ସେଥିପାଇଁ ଆମେ ଦୁଃଖ ପାଉ । ତାହା ହିଁ ଆମକୁ ଶେଷ କରିଦିଏ ।''

''ଠିକ୍ କଥା । କିନ୍ତୁ ବର୍ତ୍ତମାନ ଆପାତଦୃଷ୍ଟିରେ ଯାହା ଅଧିକ ବୋଲି ମନେହେଉଛି, ଦୁଃଖ ବୋଲି ମନେହେଉଛି, ହୋଇପାରେ, ପରେ ଦେଖାଯିବ, ତା ଫଳରେ କିଛି ଭଲ ହୋଇଯାଇଛି ଏବଂ ମନର କ୍ଷତଟି ଇମିତି ପୂର୍ଣ୍ଣ ହୋଇ ଯାଇଛି ଯେ, ସେ ଆଘାତର, ସେ ଦୁଃଖର ଚିହ୍ନ ହିଁ ନାହିଁ । କେବଳ ଟିକିଏ ସ୍ମୃତିକୁ ଛାଡ଼ିଦେଲେ ।''

Digitized by srujanika@gmail.com

ଊଣେଇଶି

ବାହାରେ ମୋଟରଗାଡ଼ିର ଶବ୍ଦ ଶୁଭିଲା ।

"କିଏ ଫେରେ ଆସିଲା ? ଏତେ ରାତିରେ !"

"ମୁଁ ଦେଖୁଛି ।" କହି ଅମୃତାଦେବୀ ବାହାରକୁ ଆସି ଦେଖନ୍ତି ତ ନୀଳ ସେମାନଙ୍କୁ ସେମାନଙ୍କ ଘରେ ନ ପାଇ ସିଧା ଏଠାକୁ ଚାଲି ଆସିଛନ୍ତି । ଜାଣନ୍ତି, ସେମାନେ ଅଧିକାଂଶ ସମୟରେ ଏହି ଘରକୁ ଆସନ୍ତି ।"

"ହଠାତ୍ ଆପଣମାନେ ଏଇଠି ? ସବୁ ଭଲ ତ ?"

"ହଁ, ଭିତରକୁ ଆସ ।"

ରିନି ପ୍ରଭୃତି ଗମ୍ଭୀର ହୋଇ ଯେଉଁଠି ବସିଥିଲେ, ନୀଳଙ୍କୁ ସେହି ଘରେ ପହଞ୍ଚାଇଦେଇ ସେ ଆଗଘରକୁ ଏକା ଚାଲିଗଲେ ।

"ନୀଳ ଆସିଲେ ନା ? ତାଙ୍କର ତ ତୁମର ସେଠାରେ ଖାଇବା କଥା । ଏପରି ହାତଗୋଡ଼ ଲମ୍ବାଇ ବସିଲେ ତ ଚଳିବ ନାହିଁ । ତୁମକୁ ସବୁ ଖାଇବାକୁ... ।"

ଅମୃତାଦେବୀ କଥା ମଝିରେ ବାଧା ଦେଇ କହିଲେ, "ନା ଦିଦି, ଆପଣ ବ୍ୟସ୍ତ ହେଲେ ଚଳିବ ନାହିଁ । ଆମେ କଣ ଆପଣଙ୍କର ପର ?"

"ନା, ସେକଥା ନୁହେଁ । ତଥାପି ନୀଳ, ବୋଧି, —ଏମାନେ ସବୁ ଅଛନ୍ତି ତ ।"

"ମୁଁ ରିନ୍‌କୁ ନୀଳଙ୍କ ସଙ୍ଗେ ଆମ ଫ୍ଲାଟକୁ ପଠାଇଦେଉଛି । ରୁଷେଇ ହୋଇ ଘରେ ରହିଛି । କିଛି ବେଶୀ ପରିମାଣରେ କରିଥିଲି; କାଲି କାମକୁ ଗଲାବେଳେ ତୁମ ଘରେ ଦେଇଯିବି ବୋଲି ଭାବିଥିଲି ।"

ସେଦିନ ସମସ୍ତେ ଏକାଠି ବସି ଖାଇଲେ । ଟିକିଏ ଥଙ୍ଗ ଥଙ୍ଗ ଭାବ ରହିଥିଲା । ମଣିଷର ମନ କଣ ସହଜରେ ଶାନ୍ତ ହୁଏ, ନା ସହଜରେ ଶାନ୍ତି ପାଏ ?

ରାତିରେ ନୀଳଙ୍କ ସହିତ ଝିଅକୁ ନେଇ ଅମୃତା ଘରକୁ ଫେରି ଆସିଲେ । ସେ କାହିଁକି ଟିକିଏ ବେଶୀ କ୍ଲାନ୍ତ ଦେଖାଯାଉଥିଲେ । ନିଜ ଦୁଃଖଠାରୁ ନିଜର

Digitized by srujanika@gmail.com

ଲୋକଙ୍କ ଦୁଃଖରେ ସେ ବେଶୀ କାତର ହୋଇଯାଆନ୍ତି । ମାଆଙ୍କଠାରୁ ସେ ଯେଉଁ ନିର୍ଭରଶୀଳ ମନଟି ପାଇଛନ୍ତି, ଯାହା ତାଙ୍କୁ ଶତଦୁଃଖରେ ମଧ୍ୟ ଚଳାଇନେଇଛି, ସେ ମନଟି ତ ସେ କାହାକୁ ଦେଇପାରନ୍ତି ନାହିଁ । ତେଣୁ ଅସହାୟଙ୍କ ପରି ସାନ୍ତ୍ୱନା ଦିଅନ୍ତି । ସେ ବୁଝନ୍ତି ଯେ, ସମୟ ହିଁ ପ୍ରକୃତ ସାନ୍ତ୍ୱନା ଦେଇପାରେ । ତା'ଛଡ଼ା ଆଉ କଣ ବା ଥାଇପାରେ ?

"ଆମ୍ମି, ତୁମେ ଶୋଇପଡ଼ । ମୁଁ ଦୁଆର ଝରକା ଦେଇ ଶୋଇବି । ବଡ଼ ଅସ୍ୱସ୍ତି ଲାଗୁଛି, ନା ଆମ୍ମି ?"

"ହଁ । ମୁଁ ଶୁଏ । ଯାହା ଜାଣୁଛି, ନିଦ ତ ସହଜରେ ଲାଗିବ ନାହିଁ ।"

"ତୁମେ ଏତେ ଅସ୍ଥିର ହୋଇଯାଉଛ କାହିଁକି ? ତୁମେ ତ କେତେ ସ୍ଥିର ।"

"ସେମାନଙ୍କର ଦୁଃଖଟା ମୋ ପ୍ରାଣକୁ ବଡ଼ ବାଧୁଛି ।"

"ଯେଉଁ ବାପା-ମାଆ ଏତେ କରିଥାନ୍ତି, ସେହିମାନଙ୍କ ମନରେ ପୁଅ-ଝିଅମାନେ କିପରି ଯେ ଏତେ ଦୁଃଖ ଦିଅନ୍ତି, ମୁଁ ତାହା ମୋଟେ ବୁଝିପାରେନି । ସେମାନେ ବି ତ ଦିନେ ବାପ-ମାଆ ହେବେ ଏବଂ ସେମାନେ ବି ତ ଏପରି ଦୁଃଖ ପାଇପାରିବେ ?"

ରିନ୍‌ରିନ୍ ମାଆଙ୍କ ପାଖରେ ଶୋଇ ମାଆଙ୍କ ହାତଟି ଧରି କେତେ କଥା କହି ଚାଲିଥାଏ ଅନର୍ଗଳ ଭାବରେ ।

ଅମୃତାଦେବୀ ଛୋଟ ଛୋଟ ଉତ୍ତର ଦେଇ ଚାଲିଥିଲେ । ଝିଅଟା କିପରି ଶୋଇପଡୁ; ସକାଳେ ଉଠିଲେ କଲେଜ ଯିବ । ତା'ଛଡ଼ା ଟ୍ୟୁସନ ଅଛି । ସେ କିଛିଦିନ ଛୁଟି ନେବେ ବୋଲି ଭାବିଛନ୍ତି; ସେମାନଙ୍କ ପାଖେ ପାଖେ କିଛିଦିନ ରହିବେ ।

ଦିନେ ନୀଳ କହିଲେ, "ମିଃ ଓ ମିସେସ୍ ଚୌଧୁରୀଙ୍କର କିଛି ଗୋଟିଏ ପରିବର୍ତ୍ତନ ବଡ଼ ଦରକାର ପଡୁଛି । ମନ ଭିତରେ ଏପରି ଦୁଃସହ ବେଦନା ରହିଥିବାରୁ ସବୁବେଳେ ସେହି ଏକା ପରିବେଶରେ ରହି ସେମାନେ ଠିକ୍ ମନ ଫେରି ପାଇପାରୁ ନାହାନ୍ତି ।"

ସମସ୍ତେ ଏଥିରେ ଏକମତ ହେଲେ ।

"ତେବେ କ'ଣ କରାଯିବ, କହିଲ ?" ବୋଧି ଅତ୍ୟନ୍ତ ଚିନ୍ତିତ ହୋଇ ଚାହିଁଲେ ।

Digitized by srujanika@gmail.com

ଏ ଭିତରେ ସମସ୍ତଙ୍କ ମଧ୍ୟରେ ଦୂରତ୍ୱଟା କମିଯାଇଛି । ସମସ୍ତେ ତୁମେ ପର୍ଯ୍ୟାୟକୁ ଚାଲି ଆସିଛନ୍ତି ।

"ମୁଁ କହୁଛି, ବୋଧି, ତୁମେ କିଛିଦିନ ଛୁଟିନେଇ ଏ ସମସ୍ତଙ୍କୁ କୌଣସି ଏକ ନ ଦେଖିଥିବା ସ୍ଥାନକୁ ନେଇଯାଅ । ହାଇକୋର୍ଟ ତ ବନ୍ଦ ହେଲାଣି ।"

"ଠିକ୍ କହିଛ । ବାପା ବି ସେହିକଥା ଲେଖିଛନ୍ତି । ଏମାନଙ୍କୁ ତାଙ୍କର ସେଠାକୁ ଯିବାକୁ ଲେଖିବେ ବୋଲି ଭାବୁଛନ୍ତି ।"

"ମୁଁ ଭାବୁଛି, ତା ଅପେକ୍ଷା ବରଂ କୌଣସି ନୂଆ ପରିବେଶକୁ ଗଲେ ଭଲ ହେବ । ତୁମ ବାପାମାଆଙ୍କ ପାଖକୁ ଗଲେ ପୁଅ ବିଷୟରେ ଆଲୋଚନା ହିଁ ବେଶୀ ହେବ ।"

ନାନା ଆଲୋଚନା ପରେ ଦାର୍ଜିଲିଂ ଯିବାକଥା ଠିକ୍ ହେଲା ।

ଖରାଦିନେ ତ ଯିବାକଥା ପାହାଡ଼କୁ ନ ହେଲେ ସମୁଦ୍ରକୂଳକୁ ।

ସଙ୍ଗୀତା କହିଲା, "ପୁରୀ ଗଲେ ସୁବିଧା ହେବ ନାହିଁ । ପୁରୀଟା ଅତି ଶାନ୍ତ ଜାଗା । ଦାର୍ଜିଲିଂ ଯଥେଷ୍ଟ ଅଧିକ ଜୀବନ୍ତ; ବିଶେଷକରି ଏହି ସମୟଟା । ବାପା ଓ ମାଆଙ୍କ ମନ ସେଠାରେ ଅନ୍ୟ କିଛି ଭାବିବାକୁ ସୁଯୋଗ ପାଇବେ ।"

"ସମସ୍ତେ ତ ଯେ ଯାହା ଯୋଡ଼ି ବାଛିନେଲ, ମୋର କ'ଣ ହେବ ?" ଅନୁଜ କହିଲା ।

"କ'ଣ ଯେ ବେକାର କଥାଗୁଡ଼ାକ କହୁ !"

"ବେକାର କାହିଁକି ମ ଦିଦି ? ମୁଁ ଠିକ୍ କଥା କହୁଛି । ବାପା, ମାଆ ଓ ମାଉସୀ— ଇଏ ଗୋଟିଏ ଦଳ । ଦିଦି ଓ ବୋଧିଦା ଇଏ ଗୋଟିଏ ଯୋଡ଼ି । ସରିଲା ! ମୁଁ ଭାଇ ଏକା ଏକା କ'ଣ କରିବି ?"

"ଆରେ ଏତେ ଭାବୁଛୁ କାହିଁକି ? ସେଠାରେ ତତେ ବି ଯୋଡ଼ି ମିଳିଯିବେ । ଖାଲି ଯଦି ଆଖି ଦି'ଟା ଖୋଲା ରଖିଥିବୁ, ତେବେ ମିଳିଯିବେ ।" ହସି ହସି ନୀଳ କହିଲେ ।

"ମୋର ସେଥିପାଇଁ ମୁଣ୍ଡ ବଥାଉନି" । ହଠାତ୍ ଅନୁଜର କଣ୍ଠ ଗମ୍ଭୀର ହୋଇଗଲା, "ଦେଖିବ ନି, ମୁଁ ବାହା ହିଁ ହେବିନି । ମୁଁ ମାଆବାପାଙ୍କ ତତ୍ତ୍ୱ ବୁଝିବି ।"

Digitized by srujanika@gmail.com

"ଜୀତେ ରହୋ ବେଟା ।" ବୋଧି ତା ପିଠି ଥାପୁଡ଼େଇଦେଲେ ।

ତାପରେ କଥା ଉଠିଲା ରିନିର । ସେ ଅତିଶୀଘ୍ର ଫାଇନ୍ ଆର୍ଟ୍‌ସ୍ ପେଣ୍ଟିଙ୍ଗର ଗୋଟିଏ ଏକକ ଏକ୍‌ଜିଭିସନ୍ କରିବ । ତେଣୁ ଏ ସମୟଟି ସେ କୌଣସି ପ୍ରକାରେ ନଷ୍ଟ କରିପାରିବ ନାହିଁ । ଆହୁରିଗୁଡ଼ାଏ ଛବି ଆଙ୍କିବାକୁ ବାକି ଅଛି ।

ତାହା ହିଁ ଠିକ୍ ହେଲା । ରିନ୍‌ରିନ୍ କଲିକତାରେ ହିଁ ରହିବ ଏବଂ ଅମୃତାଦେବୀ ଅନ୍ୟମାନଙ୍କ ସହିତ ଦାର୍ଜିଲିଂ ଯିବେ । ଏପରି ପରିସ୍ଥିତିରେ ଚୌଧୁରୀ ଦମ୍ପତିଙ୍କ ସହିତ ରହିବା ବିଶେଷ ଦରକାର ।

ଘରମାଲିକ ସସ୍ତ୍ରୀକ ତଳତାଲାରେ ଥାଆନ୍ତି । ଦରକାରବେଳେ ରିନିର ଦେଖାଶୁଣା କରିବେ ବୋଲି ସେମାନେ ଅମୃତାଦେବୀଙ୍କୁ ପ୍ରତିଶ୍ରୁତି ଦେଲେ ।

"ମାଆଙ୍କର ଯେଉଁ କଥା ! ମୋତେ ପୁଣି ଆଉ ଜଣେ କେହି ଦେଖିବ !! ମୁଁ ତ ସମସ୍ତଙ୍କୁ ଦେଖି ବୁଲିପାରିବି ।" ରିନି କହିଥିଲା ।

ରିନି କଥା ଅଗ୍ରାହ୍ୟ କରି ଅମୃତା ନୀଳଙ୍କୁ ବି ଚୁପ୍ ଚୁପ୍ କରି ସେହିକଥା କହିଥିଲେ ।

ଦିନେ ସମସ୍ତଙ୍କୁ ଟ୍ରେନ୍‌ରେ ବସାଇଦେଇ ରିନି ଓ ନୀଳ ଫେରି ଆସିଲେ ଘରକୁ । ନୀଳ ଠିକ୍ ବୁଝିପାରିଥିଲେ, ମୁହଁରେ ନ କହିଲେ ବି ମାଆ ଚାଲିଯିବା ଫଳରେ ରିନି ଖୁବ୍ ବିଚଳିତ ହୋଇପଡ଼ିଛି । ଫେରିବା ବାଟରେ କହିଲେ, "ଚାଲ, ହୋଟେଲରୁ କିଛି ଖାଇବା ଜିନିଷ କିଣିନେବା ଯେ ଘରେ ଗରମ କରି ଖାଇହେବ ।"

ରିନି ଛୋଟ ଉତ୍ତରଟିଏ ଦେଇଥିଲା, "ବେଶ୍ ।"

ମାଆଙ୍କୁ ଛାଡ଼ି ଏକା ରହିବା, କହିବାକୁ ଗଲେ ତା'ର ଏହା ପ୍ରଥମ । ଘରେ ବସି ବଡ଼ ଖାଲି ଖାଲି ଲାଗୁଥିଲା । ସେଦିନ ସେପରି କଥାଭାଷା ଜମିଲା ନାହିଁ । ନୀଳ ବୁଝିଗଲେ, ସେ ଏକା ରହିବାକୁ ଚାହେ । ତେଣୁ ଖିଆପିଆ ପରେ ପରେ ତା' ପରଦିନ ରାତିରେ ଆସିବେ କହି ଚାଲିଗଲେ ।

ଦିନସାରା କାର୍ଯ୍ୟବ୍ୟସ୍ତ ରହିଲେ ବି ପ୍ରତିଦିନ ରାତିରେ ସେମାନେ ଏକାଠି ଖାଆନ୍ତି । କେବେ ଘରେ ତ କେବେ ବାହାରେ । କେତେ ଗପ । ସେ ଗପର ଯେପରି ଶେଷ ନାହିଁ ।

ନୀଳଙ୍କ ସଙ୍ଗେ ଗପ କରିବାକୁ ରିନିକୁ ବଡ଼ ଭଲ ଲାଗେ । ଅତି ଆନନ୍ଦ ଉଲ୍ଲାସରେ ଦୁହିଁଙ୍କର ସମୟ କଟିଯିବାକୁ ଲାଗିଲା ।

Digitized by srujanika@gmail.com

ରିନି ଦେଖିଲା, ନୀଳ ଡାକ୍ତର ହେଲେ ମଧ୍ୟ ଛବି-ଜଗତ ବିଷୟରେ ମଧ୍ୟ ଅଭିଜ୍ଞ । ସେ ତ ଆଉ ଜାଣେନା ଯେ ତାକୁ ଭଲ ଲାଗିବ ବୋଲି ହିଁ ନୀଳ ଏ ବିଷୟରେ ଯଥେଷ୍ଟ ପଢ଼ାଶୁଣା କରିଛନ୍ତି ଓ କରୁଛନ୍ତି । ରିନିର ମଧ୍ୟ ରୋଗ ଓ ରୋଗୀଙ୍କ ବିଷୟରେ ଜାଣିବାକୁ ଏକାପରି ଆଗ୍ରହ ।

ଦିନେ ରବିବାର ହୋଇଥାଏ । ଦିହେଁ ଚାଲିଗଲେ ବଟାନିକ୍ସ ଆଡ଼େ । ରିନି ହିଁ କହିଥିଲା, ''ତୁମେ କୌଣସି ଦିନ ଛୁଟି ନେଇପାରୁ ନା ? ଦିହେଁ ଟିକିଏ ବୁଲି ଯାଆନ୍ତେ ।''

''ଠିକ୍ ଅଛି । ମୋର ଜଣେ ବନ୍ଧୁ ଡାକ୍ତରଙ୍କୁ ମୋ ପେସେଣ୍ଟଗୁଡ଼ିକର ଦାୟିତ୍ୱ ଟିକିଏ ନେଇଥାନ୍ତୁ ବୋଲି କହିଆସିବି । ଦରକାର ବୋଧହୁଏ ପଡ଼ିବ ନାହିଁ । ସେପରି କୌଣସି କେତେବେଳେ କ'ଣ ହୋଇଯିବା ଅବସ୍ଥାର କେସ୍ ନାହିଁ ।''

ସେଦିନ ଅନେକ ଆଡ଼େ ବୁଲାବୁଲି କରି ଆସି ବସିଗଲେ ବିଖ୍ୟାତ ବିରାଟ ଅଶ୍ୱତ୍ଥ ଗଛ ତଳେ ।

ନୀଳ ଠିକ୍ କରି ଆସିଥିଲେ ଆଜି କଥାଟା ପକାଇବେ । ରିନିକୁ ସେ ଭଲପାଇ ସାରିଛନ୍ତି । ଏ କିଛିଦିନ ଧରି ସେ ତାକୁ ବିଭିନ୍ନ ଭାବରେ ପରୀକ୍ଷା କରିଛନ୍ତି । ନିଜକୁ ବି ପରୀକ୍ଷା କରିଛନ୍ତି । ଏଥର ସେ ବୁଝି ସାରିଛନ୍ତି ଯେ ଏହା କିଛି ହଠାତ୍ ଚାଲି ଆସିଥିବା କଥା ନୁହେଁ, ଏ ଭଲ ପାଇବାଟା ଗଭୀର ।

ନୀଳ କୌଣସି ଦିନ ଝିଅଙ୍କ ପ୍ରତି ଆଗ୍ରହୀ ନ ଥିଲେ । ତାଙ୍କ ମାଆ ପ୍ରାୟ କହିଥାନ୍ତି, ''ପୁଅଟା କ'ଣ ଶେଷରେ ବାବାଜି ହୋଇଯିବ ! ଡାକ୍ତର–ନର୍ସମାନଙ୍କୁ ନେଇ କେତେ କଥା ଶୁଣାଯାଉଛି, କିନ୍ତୁ ନୀଳକୁ ଦେଖି ଅବାକ୍ ଲାଗୁଛି । କି ଉଦାସୀନ ! ବିଲାତରେ ଏତେଦିନ ରହି ଫେରିଆସିଲା; କୌଣସି ପରିବର୍ତ୍ତନ ନାହିଁ ।''

ଥରେ ବାପାମାଆ ମିଶି କହିଥିଲେ, ''ଏଥର ବାହା ହେବୁ ତ ?''

''ନା, ଇଚ୍ଛା ନାହିଁ ।''

''ତତେ ଯେଉଁଠି ଭଲ ଲାଗୁଛି ।''

ସେହି ଗୋଟିଏ ଉତ୍ତର ଦେଇଥିଲେ, ''ଭଲଲାଗିବା ନ ଲାଗିବା କଥା ତ ନୁହେଁ, ଇଚ୍ଛା ନାହିଁ ।''

ସାନଭାଇ ଓକିଲାତି ପାସ୍ କରି ଭାଗଲପୁରରେ ତାଙ୍କର ପୈତୃକ ଘରେ ବାପାଙ୍କ ଜୁନିଅର ହୋଇ ପ୍ରାକ୍‌ଟିସ୍ କରୁଛି ।

Digitized by srujanika@gmail.com

ନୀଳ କହିଥିଲେ, ''ତୁମେ ଭାନୁକୁ ବାହା କରାଇଦିଅ ।''

ଶେଷରେ ତାହା ହିଁ ହୋଇଛି । ସାନ ଭାଇର ବାହାଘର ହୋଇଯାଇଛି । ଗୋଟିଏ ପୁଅ ବି ହୋଇଛି ।

ସେହି ଲୋକ ମନରେ ଆଜି କେତେ ପରିବର୍ତ୍ତନ !

ରିନି ତୁଳନାରେ ବୟସରେ ଟିକିଏ ବେଶୀ ବଡ଼ ହେବେ; ବୋଧହୁଏ ଆଠ ନଅ ବର୍ଷ ହେବ । ଟିକିଏ ଦ୍ୱିଧାବୋଧ କରୁଛନ୍ତି । ତାପରେ ଭାବୁଛନ୍ତି, ତାର ବି ଆପତ୍ତି ନ ଥାଇପାରେ । ଅନେକ ଥର ଏ ବିଷୟରେ ଭାବିଛନ୍ତି ଏବଂ ପଛେଇ ଆସିଛନ୍ତି ।

କିନ୍ତୁ ଆଜି କହିପକାଇଲେ, ''ରିନ୍, ତୁମକୁ ଗୋଟିଏ କଥା କହିବାକୁ ଭାବିଛି ।''

ରିନିର ଛାତି ଭିତରଟା ଧଡ଼୍ କରି ପଡ଼ିଗଲା । କ'ଣ ନୀଳ ତା ମନର ଦୁର୍ବଳତାର ଟେର୍ ପାଇଗଲେ ? ସେ ଯେ ତାଙ୍କୁ ଭଲଲାଗେ, ତାହା ଖୁବ୍ ସ୍ପଷ୍ଟ ବୁଝିହୁଏ । ପ୍ରତିଦିନ ତା ପାଖକୁ ଚାଲିଆସନ୍ତି । ଅନ୍ୟ ବନ୍ଧୁଙ୍କ ପାଖକୁ ବିଶେଷ ଯାଆନ୍ତି ନାହିଁ । ଏ କଥା ଅନେକ ଦିନ ହେଲା ଘଟିଲାଣି । ବୋଧହୁଏ ମାସ କଣ, ବର୍ଷ ପୂରିବାକୁ ବସିଲାଣି ।

ଏ କଥା ପକାଇ ସଙ୍ଗୀତା କେତେଥର ଥଟ୍ଟା ବି କରିଛି, ''ଆଲୋ, ଗୋଟିଏ ଥର ହଁ କରିଦେ ନା; ଦେଖିବୁ ଦିହେଁ ଏକା ସମୟରେ ଉଠିଯିବା ।''

''ଆଲୋ, ତମେ ଦି'ଜଣ ତ ଉଠିଯାଇଛ । ମୁଁ ପଡ଼ି ରହିବାକୁ ହିଁ ଚାହେଁ ।''

ବେଳେବେଳେ ସିଧା ଉତ୍ତର ବି ଦେଇଦେଇଛି, ''କି ଦରକାର ଲୋ ? ମୁଁ ମୋର ବେଶ୍ ଚାଲିଛି ।''

ପୁଣି ଥରେ କେବେ କହିଦେଇଛି, ''ଦେଖ, ବାହାହେବା ମୋ ପକ୍ଷରେ ସମ୍ଭବ ନୁହେଁ, ସମୟ ଆସିଲେ ଦିନେ ସବୁକଥା ତତେ କହିବି ।''

ଏ କଥା କହୁ କହୁ ତା ମୁହଁରେ କିପରି ଏକ ଦୁଃଖର ଭାବ ଫୁଟିଉଠିଛି । ତେଣୁ ସଙ୍ଗୀତା ଧୀରେ ଧୀରେ ଥଟ୍ଟା କରିବା ଛାଡ଼ିଦେଇଛି । ସେ ବୁଝିପାରି ନାହିଁ, ତା ବନ୍ଧୁର କ'ଣ ଏପରି କଥା ଅଛି ଯେ, ତାହା କହିବାର ସମୟ ହୋଇନାହିଁ ।

Digitized by srujanika@gmail.com

ନୀଳ କଥା ଶୁଣି ରିନି ମନଟି ଚଞ୍ଚଳ ହୋଇଗଲା । ଏବେ କଣ କରାଯିବ ? ଏ ବନ୍ଧୁତ୍ୱଟି ଯଦି ତୁଟିଯାଏ, ତାଙ୍କ ଦୁଇଜଣଙ୍କର, ମାନେ ତାର ଓ ତା' ମାଆଙ୍କର— ଉଭୟଙ୍କର ବଡ଼ କଷ୍ଟ ହେବ ।

କିନ୍ତୁ ଉପାୟ ନାହିଁ । ତାକୁ କଠିନ ହେବାକୁ ପଡ଼ିବ । ମାଆଙ୍କୁ ସେ କୌଣସି ପ୍ରକାରେ କୌଣସି ଦିଗରୁ ଆଘାତ ଦେଇ ନ ପାରେ ।

"ରିନ୍, ମୁଁ ପରା ତୁମକୁ ଗୋଟିଏ କଥା କହିବାକୁ ଭାବିଛି, ମୋ କଥା ଶୁଣିବନି ?"

ଟିକିଏ ଚୁପ୍ ରହି ରିନି କହିଲା, "ବେଶ୍, କୁହ । ତୁମେ ତ କେତେ କଥା କୁହ । ଆଜି ହଠାତ୍ ଏପରି କାହିଁକି ପଚାରୁଛ ?"

"ଇଏ ଗୋଟିଏ ବିଶେଷ କଥା ।"

"ତା ହେଲେ ଥାଉ, ବିଶେଷ କଥା ବିଶେଷ ଲୋକଙ୍କ ପାଇଁ ରହିଥାଉ । ମୁଁ ସାଧାରଣ, ମୋ ଭାଗରେ ସାଧାରଣ କଥା ହିଁ ପଡୁ ।"

ରିନ୍‌ରିନ୍‌ର କଥା କହିବା ଭଙ୍ଗୀରେ ନୀଳକଣ୍ଠ ବୋଧହୁଏ ଟିକିଏ ଆଘାତ ପାଇଲେ । ଟିକିଏ ଚୁପ୍ ହୋଇ ରହିଗଲେ । "ଠିକ୍ ଅଛି । ଆଉଦିନେ କହିବି ।"

ରିନି ସ୍ୱସ୍ତିର ନିଃଶ୍ୱାସ ମାରିଲା । "ଚାଲ ନୀଳ, ଆଜି ଏତିକି ଥାଉ; ଫେରିବା । ସନ୍ଧ୍ୟା ହୋଇ ଆସିଲା । ଗୁଡ଼ାଏ ବାଟ ଯିବାକୁ ପଡ଼ିବ । ଏତେବାଟ ତୁମକୁ ଏକା ଡ୍ରାଇଭ୍ କରିବାକୁ ପଡୁଛି । ରହ, ମୁଁ ବି ଡ୍ରାଇଭିଂ ଶିଖିବି । କଣ କହୁଛ ?"

ନୀଳ ବୁଝିପାରିଥିଲେ, ରିନି ମନ ଭିତରେ କିଛି ଗୋଟିଏ ବାଧା ରହିଛି ।

ତାଙ୍କ ବୟସଟା ?

ଆଉ କେହି ?

ଏତେଦିନ ଧରି ସେମାନଙ୍କ ସହିତ ମିଶି ଏହା ଖୁବ୍ ଭଲ ଭାବରେ ବୁଝିପାରିଛନ୍ତି ଯେ, ତା ଜୀବନରେ ଅନ୍ୟ କୌଣସି ପୁରୁଷ ସ୍ଥାନ ପାଇ ନାହିଁ । ଏବଂ ବୟସଟା ଯଦି ବାଧା ସୃଷ୍ଟି କରୁଥାନ୍ତା, ତେବେ ତାଙ୍କ ସାନ୍ନିଧରେ ବେଶୀ ସମୟ ରହନ୍ତା ନାହିଁ ।

Digitized by srujanika@gmail.com

ସେ ସ୍ପଷ୍ଟଭାବରେ ବୁଝିସାରିଛନ୍ତି ଯେ, ସେ ଗିନିକୁ ଭଲ ଲାଗନ୍ତି । ସେ ଦିନ ପରେ ଦିନ ନୀଳଙ୍କ ସହିତ ଗପ କରି ହିଁ କଟାଇ ଦେଇଛି ନା ? ପୁଣି ଫେରିଗଲା ବେଳେ କହେ, ''କାଲି ଆସିବ ।''

ସେ ବି ଯେପରି ସାରାଦିନର କାମ ଶେଷ କରିଦେଇ ଗିନି ପାଖକୁ ଯିବାକୁ ବ୍ୟସ୍ତ ହୋଇପଡ଼ନ୍ତି । ତାଙ୍କୁ ଲାଗେ ଗିନି ତାଙ୍କ ପାଇଁ ଚାହିଁବସିଥାଏ ।

ଏ ଘଟଣା ପରେ ଗିନି କିଛିଦିନ ନୀଳକଣ୍ଠଙ୍କୁ ଆସିବାରେ ବାଧାଦେଲା । ''ନାହିଁ, ଥାଉ । ଆଜି ଆଉ ଆସନି ନୀଳ । ଚିତ୍ରଗୁଡ଼ିକ ନେଇ ଏ କିଛିଦିନ ମତେ ବଡ଼ ବ୍ୟସ୍ତ ରହିବାକୁ ପଡ଼ିବ । କେତୋଟି ଚିତ୍ର ବାକି ଅଛି; ଏ ସାତଦିନ ଭିତରେ ମୋତେ ସବୁ ସାରିବାକୁ ପଡ଼ିବ । ଆମ୍ମିଙ୍କ ଚିଠି ପାଇଛି । ସେମାନେ ସାତଦିନ ଭିତରେ ଫେରି ଆସୁଛନ୍ତି ।''

''ସେମାନଙ୍କର ଛୁଟିଦିନଗୁଡ଼ାକ ଏତେ ଶୀଘ୍ର ସରିଗଲା ?''

''ନା, ଠିକ୍ ତାହା ନୁହେଁ । ଆହୁରି ପାଞ୍ଚ ଛ'ଦିନ ରହିପାରନ୍ତେ । କିନ୍ତୁ ମଉସା ଫେରିଆସିବାକୁ ଚାହୁଁଛନ୍ତି । କେତେଗୁଡ଼ିଏ ବଡ଼ ବଡ଼ କେସ୍ ରହିଛି, କୋର୍ଟ ଖୋଲିବା ପୂର୍ବରୁ ସେଗୁଡ଼ିକ ପ୍ରିପେୟାର୍ କରିବାକୁ ପଡ଼ିବ ।''

''ଆନନ୍ଦର ଦିନଗୁଡ଼ିକ ବଡ଼ ଶୀଘ୍ର ସରିଯାଏ, ନୁହେଁ ?''

''ସତରେ ଆମ ଦିନଗୁଡ଼ିକ ବି ସରିଆସିଲା ।''

''ଆଜି ଯିବାକୁ କାହିଁକି ବାଧା ଦେଉଛ, ଗିନ୍ ?''

''ଉପାୟ ନାହିଁ ନୀଳ । ଗୋଟିଏ ପୂରାଦିନ ପାଗଳଙ୍କ ପରି ଖଟିବାକୁ ପଡ଼ିବ । ମାଆ ଆସିଗଲେ ଏତେ ସମୟ ପାଇବି ନାହିଁ । ଆମ କଲେଜ ତ ଖୋଲିଯାଉଛି । କିଛି ମନେ କରିବନି, ପ୍ଲିଜ୍ ।''

''ସାବଧାନ ଥିବ । କାଲି ଫୋନ୍ କରିବି ।''

ନୀଳ ଫୋନ୍ ଛାଡ଼ିଦେଲେ । ଗିନ୍‌ଗିନ୍ ସେତେବେଳଯାଏ ରିସିଭର ଧରିଛି । ନାହିଁ କରିଦେଇ ମନଟା ଖରାପ ହୋଇଗଲା ।

ଚିତ୍ର ଅଙ୍କନ କରିବା କଥାଟି ତ ଗୋଟିଏ ଆଳ ମାତ୍ର ।

ପ୍ରତିଦିନ ସନ୍ଧ୍ୟାବେଳକୁ କିଛି ସମୟ ବିଶ୍ରାମ ନେବା ତାର ନିତାନ୍ତ ଦରକାର । ତାର ଚିତ୍ର ଅଙ୍କନ କାମ ତ ପ୍ରାୟ ସରି ଆସିଲାଣି ।

Digitized by srujanika@gmail.com

ଘରେ ଚୁପ୍ ହୋଇ ବସିପଡ଼ି ସେ ଅନେକ ସମୟ ଭାବିଚାଲିଲା । ସେ କଣ ଡଃ ଚାଟାର୍ଜିଙ୍କୁ ଏପରି ଭାବରେ ଦୂରେଇ ଦେଇପାରିବ ? ତାଙ୍କୁ ଛାଡ଼ିଦେଲେ ଜୀବନଟା କିପରି ହେବ ?

ମାଆ ଯେତେବେଳେ ବୁଝିପାରିବେ, ସେତେବେଳେ ତାଙ୍କୁ ବା କି ଉତ୍ତର ଦେବ ? ତାଙ୍କୁ ପାଇ ମାଆଙ୍କ ମନ କିପରି ପୂର୍ଣ୍ଣ ହୋଇଉଠିଛି ତାହା ସେ ବେଶ୍ ବୁଝିପାରିଛି । ତାକୁ ଲାଗୁଛି, ସେମାନଙ୍କର ଜୀବନରେ ନୀଳଙ୍କର ବଡ଼ ଦରକାର ।

ସେ ବର୍ତ୍ତମାନ କରିବ କଣ ? ତିନି ଚାରିଦିନ ନୀଳଙ୍କୁ ଏଡ଼ାଇ ଚାଲିଲା । ଅନେକ ଭାବିଲା ।

ବେଳେବେଳେ ଭାବିଲା, ସବୁକଥା ଖୋଲି କହିଦେଲେ କିପରି ହୁଅନ୍ତା ? ସେ ଯଦି ସତରେ ତାକୁ ଭଲ ପାଆନ୍ତି, ତେବେ ସବୁ ଜାଣିବା ପରେ ମଧ ସେ ତାକୁ ଗ୍ରହଣ କରିପାରନ୍ତି । —ତା ବାପା ଯେପରି ତା ମାଆଙ୍କୁ ଗ୍ରହଣ କରିଥିଲେ ।

ସେ ଯଦି ପ୍ରକୃତରେ ତାକୁ ଭଲପାଆନ୍ତି, ତେବେ ପ୍ରିୟଜନ ଲାଗି ସେ ସେକ୍ରିଫାଇସ୍ କରିପାରନ୍ତି । ଏ ପର୍ଯ୍ୟନ୍ତ ଝିଅମାନେ ଯାହା କରିଛନ୍ତି ବା ଯାହା କରିଆସିଛନ୍ତି, ସେ ତ କେବଳ ସେତିକି କର ବୋଲି କହିବ । ତାଠାରୁ ତ କିଛି ବେଶୀ ନୁହେଁ ।

ନୂଆ କିଛି କରିବାକୁ ଚାହିଲେ ଅନ୍ତରାୟ ଅନେକ । ସେ କଥା କଣ ସେ ଜାଣେନି ? କିନ୍ତୁ ତା' ବୋଲି କଣ ତାହା କୌଣସି ଦିନ ହେବ ନାହିଁ ? କଣ କେହିହେଲେ ତାହା ମୁଣ୍ଡପାତି ଗ୍ରହଣ କରିନେବେ ନାହିଁ ? କାହାକୁ ହେଲେ ତ ପ୍ରଥମ କରି ନୂଆବାଟରେ ପାଦ କାଢ଼ିବାକୁ ପଡ଼ିବ !

ତା'ଛଡ଼ା ସେ ନିରୁପାୟ । ଏହି ଗୋଟିଏ ବାଟ ଛଡ଼ା ତା ପାଇଁ ଅନ୍ୟ ବାଟ ଖୋଲା ନାହିଁ । କେହି ଯଦି ତା ହାତ ଧରିବାକୁ ଚାହାନ୍ତି, ତେବେ ତାଙ୍କୁ ଏହି ନୂଆ ବାଟରେ ହିଁ ଚାଲିବାକୁ ପଡ଼ିବ ।

ବେଳେବେଳେ ଭାବେ, ନୀଳଙ୍କୁ ସବୁକଥା କହିବା କି ଦରକାର ? ଝିଅମାନଙ୍କର କୌଣସି ଅଭାବ ହେବ ନାହିଁ । କିଛିଦିନ କଷ୍ଟ, ତାପରେ ଜୀବନରେ ହେବ ନୂତନ କାହାର ଆବିର୍ଭାବ ।

Digitized by srujanika@gmail.com

ସେ ତା ନିଜ ପାଇଁ ଚିନ୍ତିତ ନୁହେଁ । ପ୍ୟାରିସ୍ ଯିବାପୂର୍ବରୁ ମାଆଙ୍କଠାରୁ ସବୁ ଶୁଣି ସେ ତା'ଜୀବନର ଧାରା ଠିକ୍ କରି ସାରିଛି । ଏତେବର୍ଷ ଧରି ସେ ମନକୁ ଅନ୍ୟ ପ୍ରକାରେ ଗଢ଼ି ରଖିଛି ।

ବିଦେଶରେ ତ କେତେ ଯୁବକ ତାର ସାନ୍ନିଧ ଲାଭ ପାଇଁ ଆସିଛନ୍ତି । ଆସିଛନ୍ତି ଆଗ୍ରହର ସହିତ, ଭଲପାଇବା ସହିତ, ଆନ୍ତରିକତାର ସହିତ । କିନ୍ତୁ ସେ ଦୂରେଇ ଯାଇଛି; ରହିଛି ଅଚଳ ଅଟଳ ହୋଇ ।

ସେ ପାରିବ । ନୀଳଙ୍କୁ ସେ ପ୍ରତ୍ୟାଖ୍ୟାନ କରିଦେଇ ପାରିବ । ତାର ସେତିକି ମାନସିକ ଶକ୍ତି ରହିଛି । ଅନ୍ତର୍ବେଦନା ପାଇବ ସତ, କିନ୍ତୁ ତାକୁ ବି ସେ ଜୟ କରିଦେଇ ପାରିବ । ତା ସମ୍ମୁଖରେ ଅନେକ କିଛି କରିବାକୁ ପଡ଼ିଛି ।

ସଂସାରରେ ସଂସାରୀ ଭାବରେ ପ୍ରବେଶ ନ କରି ମଧ୍ୟ ମଣିଷ ଯେ ଭଲଭାବରେ ଚଳିପାରେ ଏବଂ ଦେଶ ଓ ଦଶକୁ ଅନେକ ବଡ଼ କଥା ଦେଇପାରେ, ତାହାର ଦୃଷ୍ଟାନ୍ତ ସେ ବିଦେଶରେ ଦେଖିଆସିଛି । ଲୋକେ ବିବାହ ନ କରି ମଧ୍ୟ ଆନନ୍ଦରେ ଅଛନ୍ତି ।

କିନ୍ତୁ ଆମ୍ମି ?

ଜୀବନକୁ ସେ ବଡ଼ ଭଲ ପାଇ ସାରିଛନ୍ତି । ତାଙ୍କ ମନରେ ଯେପରି ଏକ ନୂତନ ଦିଗନ୍ତ ଖୋଲିଯାଇଛି । ଆନନ୍ଦ ଉପଭୋଗ କରିବାକୁ ସେ ସେମାନଙ୍କ ସହିତ କେତେ ଜାଗାକୁ ବୁଲି ଯାଇଛନ୍ତି । ହସ ଯେପରି ଆମ୍ମିଙ୍କ ମୁହଁରେ ଲାଗି ରହିଥାଏ । ଆମ୍ମି, ମନେହୁଏ, ସେ ଆସିବେ, ସେହି ଅପେକ୍ଷାରେ ଥାଆନ୍ତି ।

ନୀଳଙ୍କୁ ଦୂରେଇଦେଲେ ବା ନୀଳ ଦୂରେଇଗଲେ ମାଆ ଯେ କେତେ ବ୍ୟଥା ପାଇବେ ! ସେ ଦୁଇଜଣଙ୍କର ବୟସ କମ୍ । ସେମାନେ ସହ୍ୟ କରିପାରିବେ । କିନ୍ତୁ ମାଆ କଣ ଏ ବୟସରେ ନୂଆ କରି କୌଣସି ଆଘାତ ସହ୍ୟ କରି ପାରିବେ ?

ସେ ଯେପରି ଦିଗହରା ହୋଇଯାଏ । କେଉଁ ଦିଗରେ ଯିବ ? କଣ କରିବ ?

‘‘ହେ ଭଗବାନ୍, କାହିଁକି ତୁମେ ମୋତେ ଏ ସମସ୍ୟା ଭିତରେ ପକାଇଦେଇଛ ? ସହିପାରିବ କି ? ଦୟା ମାୟା ବୋଲି କ'ଣ ତୁମର କିଛି ନାହିଁ ?

Digitized by srujanika@gmail.com

ମାଆ-ଝିଅରେ ଦିନ ବେଶ୍ କଟିଯାଉଥିଲା । ନୀଳଙ୍କୁ ଆଣି ମଝିରେ ଠିଆ କରାଇଦେବାର କି ଦରକାର ଥିଲା ? ସେ ବିବାହିତ ହୋଇପାରିଥାନ୍ତେ । ସେ ଅନ୍ୟାନ୍ୟ ଡାକ୍ତରଙ୍କ ପରି ହୋଇପାରିଥାନ୍ତେ । ଗଢ଼ିଉଠିଥାନ୍ତା ତାଙ୍କ ସହିତ ରୋଗୀ ଓ ଡାକ୍ତରର ସମ୍ପର୍କ ।

ତା'ହୋଇଥିଲେ ତ ଏହି ସୁଖର ବର୍ଷଟି, ଆନନ୍ଦର ବର୍ଷଟି, ନୂତନ ସ୍ୱାଦର ବର୍ଷଟି ମାଆ ଝିଅଙ୍କ ଜୀବନରେ ଆସି ନ ଥାନ୍ତା ।

Digitized by srujanika@gmail.com

କୋଡ଼ିଏ

ତା ମୁଣ୍ଡଟା ନାନା ଚିନ୍ତାରେ ଝିମ୍ ଝିମ୍ କରିବାକୁ ଲାଗିଲା । ତା' ଭିତରେ ସେ ଯେ କେତେବେଳେ ଶୋଇପଡ଼ିଛି, ତା'ର ମନେ ନାହିଁ । ଟେଲିଫୋନ୍ ଶବ୍ଦରେ ନିଦ ଭାଙ୍ଗିଗଲା ।

"ହ୍ୟାଲୋ, କଣ କରୁଥିଲ ? କେଉଁଠି ଥିଲ ? ତୁମ କଣ୍ଠଟା ଏପରି ଭାରି ଭାରି ଶୁଭୁଛି କାହିଁକି ? ଦେହପା ଭଲ ଅଛି ତ ?"

"ରହ । ଏତେଗୁଡ଼ିଏ ପ୍ରଶ୍ନର ଉତ୍ତର ଏକାଥରକେ ଦେବି କିପରି ? ପ୍ରଥମ— ଶୋଇପଡ଼ିଥିଲି । ଦ୍ୱିତୀୟ— ତେଣୁ ଫୋନ୍ ଧରିବାକୁ ଡେରି ହେଲା । ତୃତୀୟ— କଣ୍ଠଟା ସେହି କାରଣରୁ ଠିକ୍ ନାହିଁ । ଚତୁର୍ଥ— ଦେହ ଖୁବ୍ ଭଲ ।"

"ତାହେଲେ ତୁମେ ଏହି ଛବି ଆଙ୍କୁଛ, ନା ? ମୁଁ ଏପଟେ ଭଲ ମଣିଷଙ୍କ ପରି ଚୁପ୍ ହୋଇ ଦିନ ଗଡ଼ାଉଛି କାହିଁକିନା, ରିନି ଛବି ଆଙ୍କୁଛି; ରିନିର ଏକ୍‌ଜିଭିସନ୍ । ମୁଁ କିନ୍ତୁ ଆଜି ସନ୍ଧ୍ୟାବେଳେ, ମାନେ ଡାକ୍ତରଙ୍କ ସନ୍ଧ୍ୟାବେଳେ ଆସୁଛି ।"

ଫୋନ୍ ଭିତରୁ ହିଁ ରିନିର ହସ ରିନ୍‌ରିନ୍ ହୋଇ ଭାସିଆସିଲା ।

"ଏଥିରେ ଏତେ ହସର କାରଣ ?"

"ହେଲାନି ? ସେ ଯେଉଁ କହିଲ ଡାକ୍ତରଙ୍କର ସନ୍ଧ୍ୟା । ଗୋଟିଏ ନୂଆ କଥା କିନ୍ତୁ ଆବିଷ୍କାର ହୋଇଗଲା ।"

ରିନିର ହସଖୁସିଆ କଥା ଶୁଣି ନୀଳଙ୍କର ଆଶା ବଢ଼ିଗଲା ।

"ତା'ହେଲେ ଏହିକଥା ଠିକ୍ ହେଲା । ଏଥର ଫୋନ୍ ଛାଡ଼ । ଅନ୍ୟ କେତେବେଳେ ମତ ବଦଳାଇବ । ଆର୍ଟିଷ୍ଟ୍‌ଙ୍କ କଥା ତ ।"

"କିନ୍ତୁ ଠିକ୍ ଧରିପାରିଲ ନି । ମତ କେତେବେଳେ ଦେଲି ଯେ ବଦଳାଇବା ପ୍ରଶ୍ନ ଉଠିବ ?"

"ଇଏ ପୁଣି କଣ ? ଯିବାକୁ ମନା କରୁଛ ?"

Digitized by srujanika@gmail.com

କଥାଟି ବଡ଼ ଗମ୍ଭୀର ଶୁଭିଲା । ମନେହେଲା କଣ୍ଠ ରୁଦ୍ଧ ହୋଇଆସୁଛି । ରିନି ମନରେ ଆଘାତ ଲାଗିଲା । ସେ ତ ତାଙ୍କ ମନରେ କଷ୍ଟ ଦେବାକୁ ଚାହେ ନା ।

ସଙ୍ଗେ ସଙ୍ଗେ କହିଲା, ''ପ୍ଲିଜ୍, ଫୋନ୍ ଛାଡ଼ିଦିଅନି । ରାଗିଲ ?''

''ନା, ଭାବୁଥିଲି ତୁମ ମାଆ ଥିଲେ ଏହା ହୁଅନ୍ତା ନାହିଁ ।''

ମାଆଙ୍କ କଥା ଉଠିବାରୁ ରିନି ଜାଣ କିପରି ହୋଇଗଲା । ସତକଥା, ମାଆ ନୀଳଙ୍କୁ ବଡ଼ ସ୍ନେହ କରନ୍ତି । ମାଆଙ୍କୁ ଏପରି ଆଘାତ ଦେବାପାଇଁ ତା'ର କି ଅଧିକାର ଅଛି ?

''ଠିକ୍ ଅଛି । ଆସ । କିନ୍ତୁ ଶୁଣ ନୀଳ, ବଡ଼ ଟାୟାର୍ଡ଼ । ତେଣୁ ଟିକିଏ ଶୀଘ୍ର ଶୋଇପଡ଼ିବି । ବାହାରେ ଖାଇବା ଏବଂ କୌଣସି ଭାରୀ ଆଲୋଚନା କରିବାନି ।''

''ଡଃ ଚାଟାର୍ଜିଙ୍କ ମନର ଅବସ୍ଥା ସତରେ ଅସମ୍ଭାଳ । କିଛିଦିନ ଧରି ରିନିକୁ ନ ଦେଖି ତା କଥା ଶୁଣିବାକୁ ନ ପାଇ ସେ ଆଉ ସମ୍ଭାଳି ପାରୁନଥିଲେ । ତେଣୁ ସେ ଯାହା କହିଲା, ତାହା ହିଁ ତଥାସ୍ତୁ ପରି ଲାଗିଲା । ତାକୁ ତ ଅନ୍ତତଃ ଦେଖିବାକୁ ପାଇବେ ।

ସେଦିନ ସନ୍ଧ୍ୟାଟି ବଡ଼ ହସଖୁସିରେ କଟିଗଲା । ଏତେଦିନ ପରେ ଦେଖାହେବା ଫଳରେ ଉଭୟେ ଭାଷାରେ ଉଜ୍ଜ୍ୱଳ, ଭାବରେ ଉଚ୍ଛଳ ।

ରିନି ମନ ହାଲୁକା । —କୌଣସି କଥା ଉଠିବ ନାହିଁ । ନୀଳ ତାଙ୍କ କଥାରେ ଖିଲାପ କରିବେ ନାହିଁ ।

''ତୁମେ କି ସୁନ୍ଦର ଛବି ଆଙ୍କୁଛ ! ସତରେ ତୁମର ପ୍ୟାରିସ୍ ଯାଇ ଶିଖିବାଟା ସାର୍ଥକ ହୋଇଛି ।''

''କିନ୍ତୁ ମୁଁ ଠିକ୍ ସେପରି ମନେକରେନି । ସେଠାକୁ ଯାଇ ମୁଁ ଅନେକ କିଛି ଶିଖିଛି, ଅନେକ କିଛି ଦେଖିଛି । କେବଳ ଅଙ୍କନ-ବିଦ୍ୟା ନୁହେଁ; ଆଜି ମୁଁ ଯାହାକିଛି ହୋଇପାରିଛି, ସବୁ । ତେବେ ପ୍ରକୃତ ବାଟ ଦେଖାଇଛି ଆମ ଦେଶ । ଆମର ଏହି ରଙ୍ଗ-ରସ-ଭରା ଦେଶରେ ଯେଉଁ ସୌନ୍ଦର୍ଯ୍ୟ ବିଚ୍ଛୁରିତ ହୋଇ ରହିଛି, ତାହା ମୋତେ ଅନ୍ୟ କେଉଁଠି ମିଳିବ ? କିନ୍ତୁ ତାକୁ ଦେଖିବାର ଆଖି ଖୋଲିଦେଇଛି ବିଦେଶ ଓ ବିଦେଶୀ ଶିକ୍ଷା ।''

''ତୁମେ ଠିକ୍ କହିଛ ରିନ୍ । ଅଜନ୍ତାର ଅଙ୍କିତ ଚିତ୍ର ହଜାର ବର୍ଷ ତଳର । ତାହା ହିଁ ଆମକୁ ମନେପକାଇଦିଏ, ଏ ବିଦ୍ୟାରେ ଆମେ ଅଗ୍ରଣୀ ଥିଲୁ,

Digitized by srujanika@gmail.com

ସେଥିରେ କୌଣସି ସନ୍ଦେହ ନାହିଁ । ଆଉ, ସେଗୁଡ଼ାକ ସବୁ ଭାରୀ ଭାରୀ କଥା, ମୁଁ ମୋ ପ୍ରତିଜ୍ଞା ଭାଙ୍ଗିବି ନାହିଁ । ଏ କିଛିଦିନ ଭିତରେ କ'ଣ ସବୁ ଆଙ୍କିଲ ଦେଖାଅ ।''

''ବାଃ ! ସେଗୁଡ଼ାକ କାହିଁକି ଦେଖାଇବି ? ସେହି ବିଶେଷଦିନ ସମସ୍ତେ ଦେଖିବେ ।''

''ବରଂ କହିଥାନ୍ତ, ସେହି ବିଶେଷଦିନ ସବୁ ଦେଖଣାହାରୀଙ୍କ ଦେହରେ ଦେହ ଘଷିହୋଇ ଦେଖିବ, ତୁମେ ଏପରି କିଏ ଯେ, ସେଗୁଡ଼ାକୁ ଆଗରୁ ଦେଖିବ ?''

କଥାଟା ଶୁଣି ରିନି ହସିପକାଇଲା, ''ମୁଁ ତ ସେକଥା କହିନି । କଥା ହେଉଛି, ପ୍ରତ୍ୟେକ ଶିଳ୍ପୀ ତା ଶିଳ୍ପକୁ ପୂର୍ଣ୍ଣତା ମଧ୍ୟରେ ଦେଖାଇବାକୁ ଚାହେଁ । ଏପରି କି, କଣ ଅଧା ଅପରେସନ୍ କରି କୌଣସି ଡାକ୍ତର କାହାକୁ କେବେ ଦେଖାଇପାରନ୍ତି ? ସବୁ କାମ ସାରି ମନ ତୃପ୍ତହେବା ପରେ କହନ୍ତି— କିଛି ଭାବିବାର ନାହିଁ । ନିଖୁଣ ଭାବରେ ହୋଇଛି ।''

''ବାପ୍ ରେ ବାପ୍, ଆମ ଅପରେସନ୍ ଆଉ ତୁମ ଚିତ୍ରାଙ୍କନ ଉଭୟକୁ ଗୋଟିଏ ପର୍ଯ୍ୟାୟରେ ରଖିଦେଲ ! ଶହେଥର ମୁଣ୍ଡ ପିଟିଥିଲେ ବି ମୋ ମୁଣ୍ଡକୁ ଏପରି ଉପମା ଆସି ନ ଥାନ୍ତା । ମୁଁ ଏଥର ଚୁପ୍ ।''

ଅନେକଦିନ ପରେ ରିନି ମନ ଖୋଲି ହସିଥିଲା ତାଙ୍କର ସେହି କହିବାର ଭଙ୍ଗୀ ଦେଖି । ଦିହେଁ ଯାଇ ପହଞ୍ଚିଥିଲେ ଗୋଟିଏ ହୋଟେଲରେ । ଡାଇନିକ୍ ।

''ସେମାନେ ତା'ହେଲେ ଶୀଘ୍ର ଫେରି ଆସୁଛନ୍ତି ?''

''ମାଆ ତ ସେହିକଥା ଲେଖିଛନ୍ତି । ଆଉ କିଛିଦିନ ରହିଲେ ଭଲ ହୁଅନ୍ତା । ମଉସା ମାଉସୀ ଉଭୟେ ଶାନ୍ତ ହୋଇ ଆସିଲେଣି । ଜଣାପଡୁଛି, ମୋତେ ଛାଡ଼ି ବେଶୀଦିନ ରହିବାକୁ ଆମ୍ଭିଙ୍କୁ ବି ଆଉ ଭଲ ଲାଗୁ ନାହିଁ । ସେମାନେ ଚାଲିଆସିବା ଭଲ । ମତେ ବି ଏକା ଏକା ଭଲ ଲାଗୁନି । କେତେବେଳେ ଯେ ମାୟା କାଟିଦେଇ ଚାଲିଯିବେ, କିଏ ଜାଣେ ? ଏତିକିବେଳେ ଯେତେ ପାରୁଛି ସାନ୍ନିଧ ସଞ୍ଚୟ କରି ରଖେ ।''

ନୀଳ ଦେଖିଲେ, ରିନିର ମୁଖମଣ୍ଡଳରେ ବିଷାଦର ଛାୟା ।

ସେ ସଙ୍ଗେ ସଙ୍ଗେ କହିଲେ, ''ସେପରି କାହିଁକି ଭାବୁଛ ? ତାଙ୍କର ଏପରି କେତେ ବା ବୟସ ?''

Digitized by srujanika@gmail.com

''ବାପାଙ୍କୁ ବା କି ବୟସ ହୋଇଥିଲା ? ପଚାରିପାର ଆମ୍ଭି କାହିଁକି ସାରା ଜୀବନ ଗୋଟିଏ ପରେ ଗୋଟିଏ ଦୁଃଖ ପାଇଲେ ? ଦେବୀ କିପରି ହୋଇଥିବେ ଜାଣେନା । କିନ୍ତୁ ସେମାନେ କଣ ମୋ ଆମ୍ଭିଙ୍କଠାରୁ ଭଲ ହୋଇଥିବେ ?''

''ତୁମେ ଏତେ ଭାବ କାହିଁକି ରିନ୍ ? ମୁଁ କହୁଛି, ସେ ତୁମ ପାଖରେ ଅନେକଦିନ ରହିବେ ଏବଂ ତୁମେ ଚିରଦିନ ତାଙ୍କ ମନରେ ଆନନ୍ଦର ଝଙ୍କାର ତୋଳିବ ରିନ୍‌ରିନ୍ କରି ।''

ରିନ୍ ଏକଦୃଷ୍ଟିରେ ତାଙ୍କ ଆଡ଼କୁ ଚାହିଁ ରହିଲା ଅପଲକ ନୟନରେ ।

ତା ହାତଟିକୁ ଟିକିଏ ଝାଙ୍କିଦେଇ ନୀଳ ପଚାରିବସିଲେ, ''କ'ଣ ହେଲା ତୁମର ? ଏପରି ଚାହିଁ ରହି କ'ଣ ଦେଖୁଛ ?''

''ତୁମେ କିପରି ବାପାଙ୍କ କଥାଗୁଡ଼ିକ କହିଦେଲ ? —ମୁଁ ସେହିକଥା ଭାବୁଛି ।''

''କିପରି ?''

''ବାପା ହିଁ ମୋ ନାଆଁ ଦେଇଥିଲେ ଏବଂ ଠିକ୍ ଏହି କଥା କହିଥିଲେ । କିନ୍ତୁ ବାପାଙ୍କ ଜୀବନରେ ତାହା ଘଟିପାରିଲା ନାହିଁ । ମାଆଙ୍କ ଜୀବନରେ ତାହା କିପରି ସତ୍ୟରେ ପରିଣତ କରିବି, ତାହା ହିଁ ମୋର ଏକମାତ୍ର କାମ୍ୟ । ମୋତେ ବାପାଙ୍କର ଆକାଙ୍‌କ୍ଷା ପୂର୍ଣ୍ଣ କରିବାକୁ ହିଁ ପଡ଼ିବ । ଧନ ନୁହେଁ, ମାନ ନୁହେଁ, କେବଳ ଏହିତିକ ମୁଁ ଚାହେ ।''

ନୀଳ କହିଲେ, ''ଦେଖିବ, ତାହା ହିଁ ହେବ ।''

ସେତେବେଳକୁ ହୋଟେଲରେ ଖୁବ୍ ଜୋର୍‌ରେ ଗାନାବାଜଣା ଆରମ୍ଭ ହୋଇଗଲାଣି ।

ଏ ହଟ୍ଟଗୋଳ ଭିତରେ ଆଉ ବସିହେବନି । ଚାଲ ଘରକୁ ଯିବା ।''

''ଚାଲ ତା'ହେଲେ ।

ଦିହେଁ ଆସି ବସିଗଲେ ରିନିର ଫ୍ଲାଟ୍‌ରେ । ତାପର ଦୁଇଦିନ ଧରି ରିନି କେବଳ ଚିତ୍ର ଅଙ୍କନ କରିଚାଲିଲା କୌଣସି ଡିଷ୍ଟରବେନ୍‌ସକୁ ପ୍ରଶ୍ରୟ ନ ଦେଇ । ସ୍ଥିର କରିନେଲା ଯେ, ଏହି ଦୁଇଦିନ ଭିତରେ ସବୁ ଅଙ୍କନ ସାରିଦେବ । ତାପରେ ଅବଶ୍ୟ ଆହୁରି ମାସେଖଣ୍ଡେ ସମୟ ମିଳିବ । କିନ୍ତୁ ସେ ସମୟଟି ରଖିବ କେବଳ ଫିନିଶିଙ୍ଗ୍ ଟଚ୍ ଦେବାଲାଗି ।

Digitized by srujanika@gmail.com

ସେଦିନ ରିନିର ରାତିଖିଆ ତଳମହଲାରେ ହୋଇଥିଲା । କାମଦାମ ସବୁ ସାରିଦେଇଥିବାରୁ ତା ମନଟି ବେଶ୍ ହାଲୁକା ଲାଗୁଥିଲା । ଭାବିଥିଲା ଖାଇପିଇ ସାରିଲେ ଆରାମରେ ଶୋଇବ । ଏ କିଛିଦିନ ହେଲା ରାତି ଅନିଦ୍ରା ହୋଇ ବିତ୍ର ଆଙ୍କିଛି । ଖାଇସାରିବା ପରେ ଯଥାଶୀଘ୍ର ଆସି ବିଛଣାରେ ପଡ଼ିଗଲା ।

କିନ୍ତୁ ଆଶ୍ଚର୍ଯ୍ୟ ! ନିଦ କାହିଁ ?

ରାତି ବଢ଼ି ଚାଲିଲା । ଆଖିକୁ ଟୋପାଏ ବି ନିଦ ଆସିଲା ନାହିଁ । ନାନା ଚିନ୍ତା ଆସି ମୁଣ୍ଡ ଭିତରେ ଭିଡ଼ ଜମାଇଲେ ।

ଯେଉଁ ବାହାନା ଦେଖାଇ ସେ ନୀଳଙ୍କୁ ଦୂରେଇ ରଖିଥିଲା, ହାତ ଦେଇ ତାଙ୍କ ମୁହଁ ବନ୍ଦ କରିଥିଲା, ଏଥର ତାହା ସରିଗଲା । ଏଥର ତାକୁ ମୁହାଁମୁହିଁ ହେବାକୁ ପଡ଼ିବ ନୀଳଙ୍କର ସେହି ବିଶେଷ କଥା ସହିତ ।

ବିଶେଷ କଥାଟି ଯେ କଣ, ତାହା ସେ ଭଲକରି ଜାଣେ । ଭାବିଲା, ଆମ୍ମି ଆସିବା ପର୍ଯ୍ୟନ୍ତ କିଛି ଗୋଟିଏ ଚାତୁରୀ ଦେଖାଇ ତାଙ୍କୁ ଦୂରେଇ ରଖିଲେ କିପରି ହୁଅନ୍ତା ? ପୁଣି ଭାବିଲା, ଏପରି ଏଡ଼େଇ ଏଡ଼େଇ କେତେଦିନ ବା ଚଳିବ ? ଏପରି ଚଳିଲେ ନିଜକୁ କଷ୍ଟ ଲାଗୁଛି; ଆଉ ନୀଳ ତ କେତେ ଯନ୍ତ୍ରଣା ପାଉଛନ୍ତି । ଯାହା ହେବାକଥା, ତାହା ହୋଇଯିବା ଭଲ ।

କଷ୍ଟ ଯାହା ପାଇବାକୁ ପଡ଼ିବ, ପଡ଼ିବ ।

ନୀଳଙ୍କୁ ଯେ ଏପରି ଧରି ରଖିହେବ ନାହିଁ, ତାହା ନିଶ୍ଚିତ । ସବୁ ଜାଣିବାପରେ ସେ ଯଦି ଦୂରେଇ ଯାଆନ୍ତି, ଯାଆନ୍ତୁ । କିନ୍ତୁ ତା ପାଖକୁ ଫେରିଆସିବାର ବାଟ, ଯାହା ମନେହେଉଛି, ଚିରଦିନ ଖୋଲା ରହିବ ।

ତା ମନରେ ବଡ଼ ଗଭୀର ରେଖାପାତ କରିଛନ୍ତି ନୀଳ, ଲାଗୁଛି ତାହା ଲିଭିବାର ନୁହେଁ । ସେ ଯେତେଦିନ ବଞ୍ଚିଥିବ, ସେହି କ୍ଷତର ଗାଡ଼ରେ ହିଁ ତା'ମନର ସୁଅ ଉଇଁରୀ ଖାଉଥିବ । ହଠାତ୍ ବୁକୁ ଭିତରେ କିପରି ଗୋଟିଏ ବେଦନା ଦେଖାଦେଲା ପରି ଲାଗିଲା । ବୁକୁଟା ଚିପିଧରି ସେ ଶୋଇରହିଲା ଏବଂ ଆଖିରୁ ଗଡ଼ିଚାଲିଲା ଲୁହର ଧାର । କେତେବେଳେ ଯେ ଶାନ୍ତ ହୋଇ ଶୋଇପଡ଼ିଲା, ଜାଣେନି ।

ନୀଳକଣ୍ଠ ହସ୍ପିଟାଲ ଯାଇ ଫୋନ୍ କଲେ । ସେ ଆଜି ଯେକୌଣସିମତେ ଦେଖା କରିବେ । କିନ୍ତୁ ଫୋନ୍ ବାଜି ଚାଲିଛି, ଅଥଚ ଉତ୍ତର ନାହିଁ ! ଦୁଇ ତିନିଥର ଚେଷ୍ଟାକରି ମଧ୍ୟ ଯେତେବେଳେ ଉତ୍ତର ମିଳିଲା ନାହିଁ, ସେ ଆଉ

Digitized by srujanika@gmail.com

ସ୍ଥିର ହୋଇ ରହିପାରିଲେ ନାହିଁ । ନିଜର ଦେହ ଖରାପ ଲାଗୁଛି ବୋଲି ଜଣେ ସହକର୍ମୀଙ୍କୁ କହିଦେଇ ସେ ବାହାରି ପଡ଼ିଲେ ରିନି ଉଦ୍ଦେଶ୍ୟରେ !

ଭିତରୁ କବାଟ ବନ୍ଦ । ତା'ଅର୍ଥ ବାହାରକୁ ଯାଇ ନାହିଁ । ଯିବା କଥା ବି ନୁହେଁ ।

ଖୁବ୍ ଜୋରରେ କେତେଥର ବେଲ୍ ବାଜିବାପରେ ରିନି ଘୁମନ୍ତ ନୟନରେ କବାଟ ଖୋଲିଦେଲା । ରାତିପିନ୍ଧା ଲୁଗା ପିନ୍ଧିଛି । ମୁଣ୍ଡବାଳ ଅଲରା । ଜଣାପଡୁଛି ଏହିମାତ୍ର ଶେଯରୁ ଉଠିଆସିଛି ।

''ଇଏ କ'ଣ ରିନ୍, ଏତେବେଳଯାଏ ତୁମେ ଶୋଇଥିଲ ! ଦେହ ଖରାପ ହୋଇନାହିଁ ତ ?'' କହୁ କହୁ ଡଃ ଚାଟାର୍ଜି ଯାଇ ରିନି କପାଳରେ ହାତମାରି ଉତ୍ତାପ ଦେଖିଦେଲେ ।

''ନା, ଜ୍ୱର ନାହିଁ ତ ! ତୁମ ମୁହଁ ଏତେ ଶୁଖିଯାଇଛି କାହିଁକି ?''

ରିନି ସେହି ମୁହୂର୍ତ୍ତରେ ସ୍ୱପ୍ନ ଦେଖୁଥିଲା, ନୀଳ ମୁହଁଫୁଲାଇ ଚାଲି ଯାଉଛନ୍ତି । ତାଙ୍କ ମତରେ ଏସବୁ କରିବା ତାଙ୍କ ପକ୍ଷରେ ଉଚିତ ନୁହେଁ । ଠିକ୍ ସେହି ମୁହୂର୍ତ୍ତରେ ନୀଳଙ୍କୁ ଆଖିଆଗରେ ଠିଆ ହୋଇଥିବା ଦେଖି ସେ କିପରି ଚକିତ ହୋଇଯାଇଛି ।

''କ'ଣ ହୋଇଛି ? ଏପରି ଚାହିଁ ରହିଛ କାହିଁକି ରିନ୍ ? ମୋତେ କହ ।''

''ତୁମେ ଚାଲିଯାଇ ନାହଁ ?''

''ସେ ପୁଣି କି କଥା !! ମୁଁ ତ ହେଇଟି ଆସୁଛି । ହସ୍ପିଟାଲ୍‌ରୁ ବାରମ୍ବାର ଫୋନ୍ କରି କୌଣସି ଉତ୍ତର ନ ପାଇବା ଫଳରେ ସିଧା ଏଠିକି ଚାଲି ଆସିଲି । ଖଟି ଖଟି ତୁମ ମୁଣ୍ଡ ଗରମ ହୋଇଯାଇଛି । କିଛିଦିନ ତୁମକୁ ଆଉ କୌଣସି କାମ କରିବାକୁ ଦେବି ନାହିଁ ।''

ଏ ଭିତରେ ରିନ୍‌ରିନ୍ ପ୍ରକୃତିସ୍ଥ ହୋଇ ସାରିଲାଣି । ବୁଝି ସାରିଲାଣି ଯେ ସେ ସ୍ୱପ୍ନ ଦେଖୁଥିଲା ।

''ଯାଅ ରିନ୍, ହାତ ମୁହଁ ଧୋଇ ଆସ । ମୁଁ ସଙ୍ଗେ ସଙ୍ଗେ କଫି ଓ ଆମ୍‌ଲେଟ୍ କରି ଦେଉଛି । ଖୁବ୍ ଭୋକ ଲାଗୁଥିବ ନିଶ୍ଚୟ । ଏତେ ବେଳ ହେଲାଣି, କିଛି ଖାଇ ନାହଁ ?''

ନୀଳ ରୋଷଘରେ ପଶିଲେ ।

Digitized by srujanika@gmail.com

କଫି ଖାଉ ଖାଉ ନୀଳ କହିଲେ, ''ରିନ୍, ତୁମେ ଶୋଇ ଶୋଇ ବହି ପଢ଼ । ତୁମ ଫ୍ରିଜ୍‌ରେ ଦେଖିଲି କେତେଖଣ୍ଡ ଇଲିଶିମାଛ ଅଛି । ମୁଣ୍ଡକୁ ଗୋଟିଏ ଗ୍ରାଣ୍ଡ ଆଇଡ଼ିଆ ଜୁଟିଛି । ମୁଁ ଏହି ସଙ୍ଗେ ସଙ୍ଗେ ଖେଚିଡ଼ି ଓ ଇଲିସି ଭଜା କରି ଦେଉଛି । ଆଜି ଆଉ ହସ୍ପିଟାଲ ଯିବି ନାହିଁ ବୋଲି କହିଦେଇ ଆସିଛି । ସେପରି କିଛି ଅର୍ଜେଣ୍ଟ କଲ୍ ପଡ଼ିବ ତ ଏ ଘର ଫୋନ୍ ନମ୍ବର ଦେଇ ଆସିଛି; ଖବର ଦେବେ । ବୁଦ୍ଧିମାନର କାମ କରିନି ?''

ଏ ଭିତରେ ରିନି ଠିକ୍ ସ୍ୱାଭାବିକ ହୋଇ ସାରିଲାଣି । ନୀଳଙ୍କୁ ପାଖରେ ପାଇ ମନ ଆନନ୍ଦରେ ପୂର୍ଣ୍ଣ । ଭାବୁଛି, ନୀଳଙ୍କୁ ଛାଡ଼ିଦେଲେ ସତରେ ଦିନ କିପରି କଟିବ ? ପୁଣି ଭାବୁଛି, ନୀଳ ତ ସବୁକଥା ମାନିଯାଇ ପାରନ୍ତି ?

''କଣ, ମୋ କଥା ପସନ୍ଦକୁ ଆସିଲା ନାହିଁ ?''

''ବଢ଼ିଆ, ବୁଦ୍ଧିମାନ ଆଇଡ଼ିଆ ! ମୁଁ କିନ୍ତୁ କୁଟାଖଣ୍ଡ ଦିଖଣ୍ଡ କରିବି ନାହିଁ । ବଡ଼ ଅଳସ ଲାଗୁଛି । ଆଉ ଭାବୁଛି ଭୋକ ବି କରୁଛି ।''

''ତୁମକୁ କିନ୍ତୁ ଗୋଟିଏ କାମ କରିବାକୁ ପଡ଼ିବ ।''

''ନାଇଁଲୋ ବାପ ! ମୋ ଦେଇ କିଛି ହେବନି ।''

''ତଳକୁ ଯାଇ କହିଦେଇ ଆସ ଯେ ଆଜି ତାଙ୍କ ଘରକୁ ଖାଇବାକୁ ଯିବ ନାହିଁ ।''

''ସତେ ତ ! ଭୁଲି ଯାଇଛି ।''

ଦୁବ୍‌ଦାବ୍ ହୋଇ ତଳକୁ ଓହ୍ଲାଇଗଲା ରିନି । ଫେରିଆସି ରୋଷଘରେ ଟିକିଏ ଉଁକି ମାରିଦେଇ ଆସି ଲମ୍ବା ଚଉଡ଼ା ହୋଇ ଶୋଇପଡ଼ିଲା । ବଡ଼ କ୍ଳାନ୍ତ ଲାଗୁଥାଏ । ସାରାରାତି ଶୋଇନାହିଁ ।

ତା'ଛଡ଼ା ମନ ଭିତରୁ କେହି ଯେପରି ଆଶ୍ୱାସନା ଦେଉଥାଏ, ଆଜି ସବୁ ଚିନ୍ତାର ଅବସାନ ଘଟିବ ।

''ମେମ୍ ସାହେବ, ଉଠନ୍ତୁ । ଟେବୁଲରେ ଖାନା ବଢ଼ାହୋଇ ସାରିଲାଣି ।''

ଆଖି ଖୋଲିଦେଇ ରିନି ଫେଁ କରି ହସିଦେଲା ।

''ଗୁଲାମ୍‌ର ସଲାମ୍ ନିଅନ୍ତୁ ।'' ମୁଣ୍ଡନୁଆଁଇ ଗୋଟିଏ ଲମ୍ବା ସଲାମ୍ ପକାଇଦେଲେ ନୀଳକଣ୍ଠ ।

Digitized by srujanika@gmail.com

ଖାଇବାଘରକୁ ଆସି ରିନ୍ ଅବାକ୍ । ଟେବୁଲ ଭର୍ତ୍ତି ପରଷା ଯାଇଛି—ମାଛ, ମାଂସ, ମିଠା, ଚଟଣି, ଡାଲମା । ତା'ଛଡ଼ା ଖେଚିଡ଼ି, ମାଛଭଜା, ଆଳୁଦମ୍ ତ ଅଛି ।

"କ'ଣ ନ କରିଛ ତୁମେ ! କିନ୍ତୁ ଫ୍ରିଜ୍‌ରେ ତ ମାଂସ ନ ଥିଲା । ଆଉ ଏଭଳି ମାଛ ?"

"ଫୁସ୍‌ମନ୍ତରରେ ଏକ ଅନେକ ହୋଇଯାଇଛି ।"

"ତୁମ ଫାଜିଲାମି ରଖିଦେଇଥାଅ ।"

"କଥା କ'ଣ କି, ମୁଁ ଆସିଛି ଏବଂ ରୁଷେଇ କରୁଛି ଜାଣି ତୁମ ତଳମହଲାର ମାଉସୀ ଦୁହିଁଙ୍କ ପାଇଁ ଏସବୁ ପଠାଇଦେଇଛନ୍ତି ।"

"ମୁଁ ତ ନାହିଁ କରିଦେଇ ଆସିଥିଲି ।"

"ତୁମ କଥା କାନରେ ନେଲେ ନାହିଁ । ଭାବିଲେ, ଏତେବଡ଼ ଜଣେ ଡାକ୍ତର, ତାଙ୍କର ତ ପୁଣି ମାନମହତ ରଖିବାକୁ ପଡ଼ିବ । ଝିଅଟାର ବୁଦ୍ଧିବୃତ୍ତି ବୋଲି କିଛି ନାହିଁ; ମାଆ ଥିଲେ ବା ଯାହା କରନ୍ତେ ।" ଟିକିଏ ରହି ପୁଣି କହିଲେ, "ଏ କଣ ! ଏତେ ଶୁଣିବାପରେ ମଧ୍ୟ ଚୁପ୍ ହୋଇ ବସି ରହିଲ ? କଥାଟି ତ କିଛି ସୁବିଧା ଲାଗୁନି ।"

"ମତେ କିମିତି ଲାଗୁଛି ।"

"କିଛି ଲାଗିବା ଆବଶ୍ୟକ ନାହିଁ । ମୁଁ ସବୁ ପ୍ଲାନ୍ ଠିକ୍ କରିସାରିଛି । ସେ ପଠାଇଥିବା ମାଛ, ମାଂସ ତରକାରୀ ସବୁ ରାତି ପାଇଁ ଫ୍ରିଜ୍‌ରେ ଭରି କରି ରଖି ଦେଇଛି, ତା ସହିତ କିଛି ମିଠା ମଧ୍ୟ । ଏ ବେଳା ମୋ ରନ୍ଧା ହିଁ ଖାଇବା । ତା ସହିତ ଚଟଣି ଓ କିଛି ମିଠା ମିଶିବ ।

ଖାଇସାରିବା ପରେ ଦିହେଁ ଆସି ଶୋଇବାଘରେ ବସିଲେ ।

"କାଲି ସମସ୍ତେ ଚାଲି ଆସୁଛନ୍ତି । ଆଜି କିନ୍ତୁ ତୁମକୁ ମୋ କଥା ଶୁଣିବାକୁ ପଡ଼ିବ ରିନ୍ ।"

Digitized by srujanika@gmail.com

ଏକୋଇଶି

ଏହି କଥାଟି ଲାଗି ହିଁ ରିନ୍‌ରିନ୍ ଅପେକ୍ଷା କରିଥିଲା । ଏହି ପ୍ରସ୍ତାବନାଟି ଲାଗି ହିଁ ସେ ବୋଧହୁଏ ପ୍ରତି ମୁହୂର୍ତ୍ତ ଗଣି ଚାଲିଥିଲା । ଏଥର ସେ ସବୁକଥା ନୀଳଙ୍କୁ କହିଦେବ ।

ତା ଜୀବନର ଘଣ୍ଟାକଣ୍ଟା ଆସି ସମୟର ଶେଷ ମୁହୂର୍ତ୍ତରେ ଠିଆ ହୋଇଛି । ଦେଖିଲା, ନୀଳ ତା'ଆଡ଼କୁ ଏକଦୃଷ୍ଟିରେ ଚାହିଁ ରହିଛନ୍ତି । ତାଙ୍କ ମୁହଁରେ ବି ଚିନ୍ତାର ରେଖା ।

କଣ ହେବ ? ଭଲ ନା ମନ୍ଦ ? ସୁଖ ନା ଦୁଃଖ ? କିଛି ଜଣା ନାହିଁ ।

ବୋଧହୁଏ ସମସ୍ତ ଦ୍ୱିଧା ଦୂର କରି ନୀଳକଣ୍ଠ କହି ଉଠିଲେ, "ରିନ୍, ମୁଁ ଚାହେଁ ତୁମେ ମୋର ହେବ । ମୁଁ ତୁମକୁ ବିବାହ କରିବାକୁ ଚାହେଁ ରିନ୍ । କହିବି କହିବି ବୋଲି ଅନେକ ଦିନ ହେଲା ଭାବୁଛି, କହିପାରୁ ନ ଥିଲି ।"

ରିନି କ'ଣ କହିବାକୁ ଯାଉଥିଲା ।

ଅଟକାଇ ଦେଇ ନୀଳ କହିଲେ, "ଆଗେ ମୋତେ ସବୁକଥା କହିଦେବାକୁ ସୁଯୋଗ ଦିଅ । ମୁଁ କେବେ ବାହାହେବା କଥା ଭାବି ନ ଥିଲି । ଝିଅଙ୍କ ପ୍ରତି ମୋର କେବେ ଆକର୍ଷଣ ନ ଥିଲା । ସମସ୍ତେ କହନ୍ତି ଅସ୍ୱାଭାବିକ । ହୋଇଥାଇପାରେ ମଧ୍ୟ । ମୁଁ ସେଇଆ ଥିଲି । ଏଠାରୁ ଡାକ୍ତରି ପାସ୍ କରି ବିଦେଶ ଗଲି ବିଶେଷଜ୍ଞ ହେବାକୁ । ସେଠାରେ ଓ ସେ ପରିବେଶରେ ମଧ୍ୟ ମନରେ କୌଣସି ଚଞ୍ଚଳତା ଆସିନାହିଁ । ଦେଶକୁ ଫେରିବାପରେ ବାପା ମାଆ ଜିଦ୍ ଧରି ବସିଲେ । ସେମାନେ ଅବଶ୍ୟ ମୋ ମନୋଭାବ ଜାଣନ୍ତି । ଯାହାହେଉ, ମୁଁ କହିଦେଲି ସାନଭାଇ ଭାନୁର ବାହାଘର କରାଇଦିଅ । ତେଣୁ ମୋ ବାହାଘର ଆଶା ଛାଡ଼ିଦେଇ ସେମାନେ ଭାନୁକୁ ବାହା କରାଇଦେଲେ । ତାର ଏବେ ଦୁଇଟି ଛୋଟ ଛୋଟ ଗୁଲୁଗୁଲିଆ ପୁଅ । ମାଆ ବାପା ସେ ଦିଗରୁ ଶାନ୍ତିରେ ଅଛନ୍ତି । ତଥାପି ମୋ ପାଇଁ ଭାବନ୍ତି । କହନ୍ତି— ଯାହାକୁ ଭଲ ଲାଗୁଛି, ତାକୁ ବାହା ହୁଅ; ଜାଣ ଯେ, ଆମର ସବୁକଥାକୁ ମତ ଅଛି । ମୁଁ କହିଛି, ଜୀବନରେ ଯଦି ସେପରି ଘଟେ, ତେବେ ତୁମକୁ ଜଣାଇବି । ଏତେଦିନ ପରେ ସେଦିନ ଆସିଛି ରିନ୍, ତୁମେ ଆସ, ମୋ ଜୀବନକୁ ଆସ ।" ନୀଳ ଅଟକିଲେ ।

Digitized by srujanika@gmail.com

ରିନି ନିଶ୍ଚଳ ହୋଇ ବସିଛି ଦେଖି ନୀଳଙ୍କ ମୁହଁରେ ବିଷାଦର ଛାୟା ଖେଳିଗଲା ।

''କହ ରିନ୍ । ମୋ ବୟସ ବେଶୀ । ସେହିକଥା ତ ?''

''ନା, ନା, ନା !'' ଆର୍ତ୍ତନାଦ କରି ଉଠିଲା ରିନି, ''ସେକଥା କହନି । ମୁଁ ତୁମକୁ ଭଲପାଏ ନୀଳ । ପ୍ରାଣଠାରୁ ବି ଅଧିକ । କାହାରିକୁ କେବେ ଏପରି ଭଲ ପାଇନି । କିନ୍ତୁ...ଏକଥା ହୋଇ ପାରିବନି ।''

ନୀଳ ଆବେଗରେ ତା'ର ହାତଟି ଚିପି ଧରିଲେ, ''ମୋ ଛାତିରୁ ଗୋଟିଏ ବୋଝ ଓହ୍ଲାଇଗଲା । ଆମେ ଦୁହେଁ ଦୁହିଁଙ୍କୁ ଭଲପାଉ । ଏଥର ତ ଆଉ କୌଣସି ବାଧା ରହି ନ ପାରେ । ତୁମ ମାଆ ମୋତେ ଭଲ ପାଆନ୍ତି । ମୁଁ ତାହା ଜାଣେ । ମୋ ବାପାମାଆ ତୁମକୁ ସାଦରେ ଗ୍ରହଣ କରିବେ । ଆଉ ବାଧା କଣ ?''

''ଅନେକ ବାଧା ରହିଛି, ଜାଣିଲେ ବୁଝିବ । ଏ ହେବାର ନୁହେଁ, ହେବ ନାହିଁ । ତେଣୁ ମୁଁ କୌଣସି ଦିନ ବିବାହ କରିବି ନାହିଁ, ଏହା ମୋର ପ୍ରତିଜ୍ଞା । ତୁମେ ଜାଣନି ନୀଳ, ଏଥିପାଇଁ ମୋ ମନ ବିଦୀର୍ଣ୍ଣ ହୋଇଯାଉଛି, ବିଦୀର୍ଣ୍ଣ ହୋଇଯାଉଛି ତୁମକୁ ପ୍ରତ୍ୟାଖ୍ୟାନ କରିବାକୁ । କିନ୍ତୁ ନିରୁପାୟ ହୋଇ ମୋତେ ଏହା କରିବାକୁ ପଡୁଛି । ଭବିଷ୍ୟତରେ ତୁମେ ନିଶ୍ଚୟ କାହାକୁ ହେଲେ ଜୀବନରେ ପାଇବ, ସେ ତୁମକୁ ଶାନ୍ତିରେ ଆନନ୍ଦରେ ରଖିପାରିବ ।''

''ନା ରିନ୍, ନା; ତୁମ ଛଡ଼ା ମୋର ଅନ୍ୟ ବାଟ ନାହିଁ । ତୁମେ ଜାଣିରଖ ଯେ ମୁଁ ଯେତେଦିନ ବଞ୍ଚିରହିବି, ତୁମ ଭିତରେ ଜଣେ ହୋଇ । ତୁମେ ମୋତେ ଆଉ ସେଥିରୁ ବଞ୍ଚିତ କର ନାହିଁ ।''

''ଯେତେବେଳେ ଏ କଥା କହୁଛ, ତେବେ ତୁମ ଆଗରେ ସବୁକଥା ଖୋଲି କହିଦିଏ, ଯାହା ତୁମେ ଅନ୍ୟ କାହାକୁ କହିବ ନାହିଁ ।''

''କଥା ଦେଉଛି ।''

''ମୋର ମାଆ, ଯାହାଙ୍କର ତୁଳନା ନାହିଁ, ତାଙ୍କ ଜନ୍ମ ରହସ୍ୟାବୃତ ।''

''ମାନେ ?''

''ବ୍ୟସ୍ତ ହୁଅନି; ଆଜି ମୁଁ ତୁମକୁ ସବୁକଥା ଖୋଲି କହିଦେବି । ମାନ୍ଦ୍ରାଜରେ, ସେଠାରେ ରାମକୃଷ୍ଣ ଆଶ୍ରମର ସ୍ୱାମୀଜୀ ମହାରାଜ ରାସ୍ତାକଡ଼ର ଧୂଳିରୁ ସାଉଁଟି ଆଣିଥିଲେ ଲକ୍ଷେ ରାଜାଙ୍କର ଗଣ୍ଠିର ଧନ ସେହି ଅମୂଲ୍ୟ ମଣିଟିକୁ । ମୋ ଜେଜେମା ସାରଦାଦେବୀ ତାଙ୍କୁ ମଣିଷ କରିଥିଲେ । ତାଙ୍କ କଥା ତ ତୁମେ ଜାଣ ।''

Digitized by srujanika@gmail.com

"ଏ ତାଙ୍କ ଦିଅରଙ୍କର ଝିଅ ନା ?"

"ସେସବୁ ଠିକ୍ ନୁହେଁ । ସଂସାର ଦାଉରୁ ବଞ୍ଚାଇବାଲାଗି ସେ ସମସ୍ତଙ୍କୁ ସେପରି କହିଥିଲେ । ମାଆ ବି ତାହା ହିଁ ଜାଣିଥିଲେ । ମାଆ ବି.ଏ. ପଢ଼ିବାବେଳେ ଜେଜେମା' ମରିଗଲେ । ମଲାବେଳେ ବି ତାଙ୍କୁ ସତକଥାଟି କହି ନ ଥିଲେ । ମୋ ବାପା ଯେତେବେଳେ ବିବାହ କରିବାକୁ ଚାହିଲେ, ସେତେବେଳେ ମହାରାଜ ମାଆଙ୍କୁ ପ୍ରକୃତ ସତକଥାଟି କହିଥିଲେ । ତାହାଶୁଣି ମାଆ ଠିକ୍ କରିଥିଲେ ଯେ, ସଂସାରରୁ ବାହାରେ ରହି ଜୀବନ କଟାଇଦେବେ । ତେଣୁ ବାପାଙ୍କଠାରୁ ଦୂରେଇ ରହିଥିଲେ । ହଁ ଗୋଟିଏ କଥା କହିନାହିଁ । ମହାରାଜ ମାଆଙ୍କୁ ଦେଖିଥିଲେ ଅମୃତସ୍ୟ ପୁତ୍ରୀ ହିସାବରେ । ତେଣୁ ନାଆଁ ଦେଇଥିଲେ ଅମୃତା । ମୋ ବାପା ଏସବୁ ଜାଣିଶୁଣି ମାଆଙ୍କୁ ନିଜର କରି ତୋଳି ନେଇଥିଲେ ।"

ରିନ୍‌ରିନ୍‌ର ଆଖି ଛଳଛଳ ହୋଇ ଉଠିଲା !

"ଦୁହେଁ ବଡ଼ ଶାନ୍ତିରେ ଥିଲେ । କିନ୍ତୁ ସେହି ସୁଖ- ଶାନ୍ତିର ଘର ଗଲା ଭୁଷୁଡ଼ି । ଆମକୁ ଛାଡ଼ିଦେଇ ବାପା ଚାଲିଗଲେ ସେହି ଜଗତକୁ, ଯେଉଁଠାରୁ ଆଉ କେହି କେବେ ଫେରନ୍ତି ନାହିଁ । ତା ପରର ଘଟଣା ସବୁ ତ ତୁମେ ଜାଣିଛ ।"

ନୀଳ କିଛି ସମୟ ଚୁପ୍ ହୋଇ ରହିଲେ । ତା ପରେ ଧୀରେ ଧୀରେ ଘୁଞ୍ଚି ଆସିଲେ ରିନି ପାଖକୁ । ତା ହାତ ଉପରେ ହାତରଖି କହିଲେ—

"ଶୁଣ ରିନ୍, ତୁମ ବାପା ଯେତେବେଳେ ବିବାହ କରିଥିଲେ, କରିଥିଲେ ଏକ ମହତ୍ କାର୍ଯ୍ୟ । ବର୍ତ୍ତମାନ ବିଶେଷ ନ ହେଲେ ବି ଦିନ କିଛିଟା ବଦଳି ଯାଇଛି । ଆହୁରି ବଦଳିଯିବ । ସେ ଯୁଗରେ ଯାହା ହୋଇପାରିଥିଲା, ବର୍ତ୍ତମାନ ତାହା ନ ହୋଇପାରିବ କାହିଁକି ? ମୁଁ ତୁମକୁ ସତରେ ଭଲପାଏ । ଏପରି କି, ତୁମ ଅବସ୍ଥା ଯଦି ତୁମ ମାଆଙ୍କ ପରି ହୋଇଥାନ୍ତା, ତଥାପି ତୁମେ ମୋ ପାଖରେ ହୋଇଥାନ୍ତ ପରଶମଣି । ତୁମ ବାପାଙ୍କ ପରି ଉଚ୍ଚାସନରେ ବସିବାର ସୁଯୋଗ ମୋର କାହିଁ ? ତୁମ ବାପା ଓ ମାଆ ଉଭୟେ ସାଧାରଣଙ୍କଠାରୁ ଖୁବ୍ ଉଚ୍ଚରେ । ମାଆଙ୍କୁ ତ ଏତେଦିନ ଦେଖିଆସିଲି । ଏପରି ମଣିଷ ଆଉ ଦେଖି ନାହିଁ । ଅନ୍ୟତ୍ର ଦେଖିବି ବୋଲି ମଧ୍ୟ ଭାବିପାରୁ ନାହିଁ ।"

ରିନ୍‌ରିନ୍‌ର ମନ ଆନନ୍ଦରେ ଭରିଗଲା । ସବୁ ଶୁଣିବାପରେ ବି ତା ମାଆଙ୍କୁ ସେ ଏତେ ଶ୍ରଦ୍ଧା ଭକ୍ତି ଦେଖାଉଛନ୍ତି !

Digitized by srujanika@gmail.com

"ଏତେ ଶୁଣିବାପରେ ମଧ ମାଆଙ୍କୁ ଏପରି ସମ୍ମାନ ଦେଖଉଛ ! ଶୁଣିଲେ କେଡ଼େ ଆନନ୍ଦ ଯେ ଲାଗୁଛି ମତେ !"

କହୁ କହୁ ଆନନ୍ଦରେ ଆତୁର ହୋଇ ସେ ଏକ କାଣ୍ଡ କରିବସିଲା । ଆବେଗରେ ଜାବୋଡ଼ି ଧରିଲା ନୀଳଙ୍କୁ ।

ନୀଳ ଧୀରେ ଧୀରେ ରିନିର ମୁଣ୍ଡ ସାଉଁଳିଦେବାକୁ ଲାଗିଲେ ।

ତା ଅନ୍ତରର ଗଭୀରତା ତାଙ୍କୁ ସ୍ପର୍ଶ କଲା । ବାହାରୁ ମୋଟେ ଜାଣିହୁଏ ନା ଯେ, ଏହି କୋମଳ କୁମାରୀ ଅନ୍ତରରେ ଏତେ ବେଦନା ଲୁଚି ରହିଛି ।

ଲୁଚି ହିଁ ରହିଥିଲା ।

ହସଖୁସିଆ ପ୍ରାଣଚଞ୍ଚଳ ତରୁଣୀ । ଖୁସିର ଆଲୋକ ଝରିପଡ଼େ ଦୁଇ ନୟନ ଦେଇ । ମନେହୁଏ ଜୀବନର ଆନନ୍ଦର ଧାରା । ସତେ ଯେପରି କୌଣସି ଦିନ ତାକୁ ଆଘାତ ସ୍ପର୍ଶ କରିନାହିଁ । ଅବଶ୍ୟ ପ୍ରଥମ ଦିନର ମାଆଙ୍କ ପାଇଁ ବ୍ୟାକୁଳତା ଜଣାଇ ଦେଉଥିଲା ଯେ, ଏ ଝିଅଟିର ମନ ହେଉଛି ସହଜ, ସରଳ, କୋମଳ । ତାର ଭଲପାଇବାର ଶକ୍ତି ଅଛି । ସେଥିପାଇଁ ତ ମାଆଙ୍କୁ ଏତେ ଭଲ ପାଇପାରିଛି ।

ସେହି ଗୁଣଟି ହିଁ ଡକ୍ଟର ଚାଟାର୍ଜିଙ୍କୁ ପ୍ରଥମେ ଆକର୍ଷଣ କରିଥିଲା । ଆଜିର ଦୁନିଆରେ ଏ ଗୁଣଟିର ବିଶେଷ ଅଭାବ । ସମସ୍ତେ ନିଜ ଭିତରେ ସ୍ୱୟଂସଂପୂର୍ଣ୍ଣ ।

"କଣ ଯେ ମୁଁ କଲି !" କହି ରିନି ନୀଳଙ୍କୁ ଛାଡ଼ିଦେଇ ସଲଜ୍ଜ ଭାବରେ ଘୁଞ୍ଚି ଠିଆହେଲା ।

ଦୁହେଁ ଅନେକ ସମୟ ଯାଏଁ ଝରକା ପାଖରେ ଠିଆହୋଇ କଥା ହୋଇଥିଲେ ।

"ଆସ ରିନ୍, ଆମେ ବସିବା । ବହୁଦିନର ଅନିଶ୍ଚିତ ଭାବର ଅବସାନ ଘଟିଛି । ଆମର ଆକାଙ୍‌କ୍ଷା ପୂର୍ଣ୍ଣ ହେବାକୁ ଯାଉଛି ।

ରିନ୍‌ରିନ୍‌ର ଛାତି ଭିତରଟା କମ୍ପିଉଠିଲା । ଏପରି ଜଣେ ମନୁଷ୍ୟଙ୍କୁ ସେ କିପରି କହିବ ଯେ ଏହା ସମସ୍ୟାର ଶେଷ ନୁହେଁ, ଏହା ଆରମ୍ଭ ମାତ୍ର; ଏବେ ବି ଆହୁରି ଅନେକ କଥା କହିବାକୁ ବାକି ଅଛି । ଏବେ ବି ପାରହେବାକୁ ବାକି ଅଛି ଆହୁରି ଅନେକ ଗଳି କନ୍ଦି ।

ବର୍ତ୍ତମାନ ସେ ଯାହା କହିବାକୁ ଯାଉଛି, ତାହା ଆହୁରି କଠିନ । ତାହା ଏକ ସଂପୂର୍ଣ୍ଣ ନୂତନ ପଥ, ନୂତନ ବିଷୟ ।

Digitized by srujanika@gmail.com

ନୀଳ କ'ଣ ତା'ହାତ ଧରି ସେ ପଥରେ ପାଦ ବଢ଼ାଇ ପାରିବେ ? ସେ ମନେ ମନେ ଯାହା ଠିକ୍ କରି ରଖିଛି, ସେଥିରୁ ତ ଫେରିଆସି ନ ପାରେ । ବର୍ଷ ବର୍ଷ ଧରି ଅନେକ ଚିନ୍ତା କରି ସେ ଏହି ସିଦ୍ଧାନ୍ତରେ ପହଞ୍ଚିଛି ।

ସେ ଜାଣେ, ଏଥିପାଇଁ ତାକୁ ଅନେକ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ । ସମାଜର ଏହି ପର୍ବତପ୍ରମାଣ କଠିନ ବାଧାକୁ ଭାଙ୍ଗିବାକୁ ପଡ଼ିବ । ଯେକୌଣସି ମହତ୍ ପରିବର୍ତ୍ତନ ପାଇଁ ଯେ ଅଗ୍ରସର ହୁଏ, ସେ ବୋଧହୁଏ ପାଷାଣ କାରାର ଏପଟେ ହିଁ ମୁଣ୍ଡ ପିଟି ପିଟି ଶେଷ ହୋଇଯାଏ ।

ଏପରିଭାବରେ ଅନେକଙ୍କର ତ୍ୟାଗ ସ୍ୱୀକାର ପରେ ପାଦ କାଢ଼ି ଆଗେଇ ପାରିବାର ସଂକୀର୍ଣ୍ଣ ପଥ ଦେଖାଯାଏ । ସେହି ସଂକୀର୍ଣ୍ଣ ସୁଡ଼ଙ୍ଗ ପଥଦେଇ ଯେଉଁ ଆଲୋକ ଝରିଆସେ, ସେହି ଆଲୋକ ହିଁ ପଥ ଦେଖାଇ ନେଇଯାଏ ଶତ ଶତ ମନୁଷ୍ୟଙ୍କୁ ।

"କ'ଣ ହେଲା ରିନ୍ ? କଥା କହୁନା କାହିଁକି ?"

"କ'ଣ କହିବି ନୀଳ, କହିବାକୁ ଯେ ଅନେକ ବାକି ରହିଛି । ତେଣୁ କହୁଥିଲି, ତୁମେ ମୋ ଆଶା ଛାଡ଼ିଦିଅ । ମରୀଚିକା ପଛରେ ଧାଇଁ ଜୀବନଟାକୁ ଦୁଃଖମୟ କରିଦିଅ ନାହିଁ । ଜାଣ ଯେ ମୁଁ ସାଧାରଣ ପାଞ୍ଚଟି ଝିଅପରି ନୁହେଁ । ଯାହା କେବେ ହୋଇନାହିଁ ଏବଂ କେବେ ଯେ ହେବ ତାର ଠିକ୍ ନାହିଁ, ସେପରି ଏକ ବିଷୟ ନେଇ ମୁଁ ପଡ଼ିରହିଛି । ସେ କଥା ଶୁଣି କି ଦରକାର ? ତା ଅପେକ୍ଷା ଆମେ ବରଂ ବନ୍ଧୁ ହୋଇ ରହିବା ଭଲ । ତୁମେ ତୁମ ବାଟରେ ଚାଲିବ । କିନ୍ତୁ ଜାଣିଥାଅ, ମୁଁ ତୁମକୁ ହିଁ ଭଲ ପାଇଛି ଏବଂ ଯେତେଦିନ ବଞ୍ଚି ରହିଥିବି, ତୁମକୁ ହିଁ ଭଲ ପାଉଥିବି । ଆଉ ଅଧିକ ଆଗକୁ ଯିବା ସମ୍ଭବ ନୁହେଁ ।"

ଅବାକ୍ ହୋଇ ତା ଆଡ଼କୁ ଚାହିଁ ରହିଥାନ୍ତି ନୀଳ । ପୁଣି କଣ ହେଲା ? ଯାହା କହିବାର ଥିଲା ସବୁ ତ କୁହାହେଲା; ପୁଣି କି ପ୍ରହେଳିକା ? କାହିଁକି ସେ ଆଗେଇଆସି ମଧ୍ୟ ବାରମ୍ବାର ପଛେଇ ଯାଉଛି ? କାହିଁକି ସେ ବୁଝିପାରୁ ନାହିଁ ଯେ, ତାଙ୍କୁ ନ ଦେବାଭଳି ତାଙ୍କର କିଛି ନାହିଁ ? ତା ପାଇଁ ସେ ସବୁକିଛି କରିପାରନ୍ତି, ସେ କଥା ସେ କାହିଁକି ବିଶ୍ୱାସ କରିପାରୁ ନାହିଁ ?

"ରିନ୍, ତୁମେ ଏତିକି ବୁଝୁନା କାହିଁକି ଯେ, ମୁଁ ଘରେ ଥାଏ ବା ଘରୁ ବାହାରିଯାଏ, ତୁମ ଦୃଷ୍ଟିପଥରେ ଥାଏ ବା ଦୃଷ୍ଟିର ବାହାରେ ଥାଏ, ତୁମେ

Digitized by srujanika@gmail.com

ହିଁ ହେବ ମୋର ଚିରକାଳର ସଙ୍ଗୀ, ଜନ୍ମଜନ୍ମାନ୍ତରର ସାଥୀ । ମୋ ମନର ଏ କଥା କଣ ତୁମ ପ୍ରାଣରେ ବାଜୁନି ? ମୋ ହୃଦୟର ବ୍ୟାକୁଳତା କଣ ତୁମ କାନରେ ପଡୁନି ? କହ ରିନି, କହ । ତୁମେ କହିଛ, ମୋତେ ଭଲ ପାଉଛ । ସେହିତକ ମୋର ପରମ ତୃପ୍ତି । ମୋର ଭଲପାଇବା ବ୍ୟର୍ଥ ହୋଇଯାଇନି, ଏହା ହିଁ ମୋର ପୂର୍ଣ୍ଣତା । ତଥାପି ତୁମକୁ ବାରମ୍ବାର ପଚାରୁଛି, ତୁମ କଥା ମୋତେ ଜାଣିବାକୁ ଦିଅ, ତୁମ ବ୍ୟଥା ମୋତେ ବୁଝିବାକୁ ଦିଅ । କହିବନି ରିନ୍ ?''

ନୀଲଙ୍କର କଥା ଶୁଣି ରିନି ଆଉ ନ କହି ରହିପାରିଲା ନାହିଁ ।

''ମୁଁ କହିବି, ସବୁ ତୁମକୁ କହିବି । ତୁମେ ପ୍ରତ୍ୟାଖ୍ୟାନ କଲେ ମଧ୍ୟ ମୁଁ କହିଦେଇ ମୁକ୍ତ ହେବାକୁ ଚାହେଁ ।''

''ଏତେକାଳ ଝିଅମାନଙ୍କୁ ହିଁ ନିଜର ସମସ୍ତ ସତ୍ତା ତ୍ୟାଗ କରିବାକୁ ପଡୁଛି; ତେବେ ଯାଇ ସେମାନେ ପୁଅମାନଙ୍କ ହାତ ଧରି ପାରୁଛନ୍ତି । ଯେଉଁଠି ସେମାନଙ୍କର ଜନ୍ମ, ଯେଉଁମାନେ ସେମାନଙ୍କୁ କଷ୍ଟ ସ୍ୱୀକାର କରି ଛୋଟରୁ ବଡ଼ କରୁଛନ୍ତି, ସେମାନଙ୍କର କୌଣସି ଚିହ୍ନ ଝିଅମାନେ ରଖିପାରୁ ନାହାନ୍ତି । ସେମାନଙ୍କର ଅସ୍ତିତ୍ୱଟିକ ମଧ୍ୟ ପୋଛିଦେଉଛନ୍ତି; ସେମାନେ ନୂଆ ପରିଚୟରେ ପରିଚିତ ହେଉଛନ୍ତି । କିନ୍ତୁ କାହିଁକି ? ଏ କଥା କାହିଁକି ଚିରକାଳ ଘଟିବ ? ପୁଅମାନେ କାହିଁକି ସେମାନଙ୍କର ଭଲପାଇବାର ପାତ୍ରୀମାନଙ୍କ ପାଇଁ ମଝି ମଝିରେ ତ୍ୟାଗ ସ୍ୱୀକାର ନ କରିବେ ?''

ଟିକିଏ ରହି ରିନି ପୁଣି କହିଲା, ''ବୁଝୁଛି, ଆଗକାଳରେ ଏହାର ଏକ ବଡ଼ କାରଣ ଥିଲା । ଝିଅମାନେ ଥିଲେ ଶିକ୍ଷାରେ ପଛୁଆ, ସେମାନଙ୍କର ରୋଜଗାରର ପଥ ଥିଲା ରୁଦ୍ଧ; ସାଂସାରିକ ଜୀବନରେ ସେତକ ହେଉଛି ବଡ଼ ପାଥେୟ । କିନ୍ତୁ ଏବେ ? ତେଣୁ ସେପରି ଉପଯୁକ୍ତ ଝିଅମାନେ କାହିଁକି ବାପାମାଆଙ୍କର ନାମ ଅକ୍ଷୟ କରି ରଖି ନ ପାରିବେ ? ସେତେବେଳେ ଦେଖିବ, ଝିଅଟିଏ ଜନ୍ମ ହେଲେ ଆଉ କାହାର ମୁହଁ ମଉଳି ପଡ଼ିବନି । ଯେତେବେଳେ ସବୁ କ୍ଷେତ୍ରରେ ପୁଅ ଓ ଝିଅ ଉଭୟେ ଆଗେଇବାକୁ ଚେଷ୍ଟା କରୁଛନ୍ତି, ସାମାଜିକ କ୍ଷେତ୍ରରେ ନ କରିବେ କାହିଁକି ?''

ପୁଣି ଟିକିଏ ରହି ରିନି ଆରମ୍ଭ କଲା, ''ଯାଃ, ଏକା ରାହାକେ ଏତେଗୁଡ଼ିଏ କଥା କହିଦେଲି । ମୋ ମନ ଏଥର ହାଲୁକା ହୋଇଗଲା । ବିବାହ କରିବା ଯେ କାହିଁକି ମୋ ପକ୍ଷରେ ଅସମ୍ଭବ, ତୁମେ ଏଥର ତାହା ବୁଝିପାରୁଥିବ । ମୁଁ ଯେତେଦିନ ବଞ୍ଚି ରହିଥିବି, ମୋ ମାଆ ବାପାଙ୍କ ନାଆଁ ରଖି ଚାଲିଥିବି ।

Digitized by srujanika@gmail.com

ମୁଁ ଯେତେବେଳେ ରହି ନ ଥିବି, ସେତେବେଳେ କଣ ହେବ, ତାହା ମୁଁ ଭାବେନା । ମୋର ଯଦି ଭାଇଟିଏ ଥାଆନ୍ତା, ବୋଧହୁଏ ମୁଁ ଏତେଟା ଭାବନ୍ତିନି ।''

ରିନି ଚୁପ୍ ହୋଇଗଲା । ମନେହେଲା, ସେ ଯେପରି ବର୍ତ୍ତମାନର ପରିବେଶଠାରୁ ବହୁ ଦୂରକୁ ଚାଲିଯାଇଛି । ସେ କଣ ଚାଲିଯାଇଛି ମାଆଙ୍କ ପାଖକୁ ? ହୋଇପାରେ ବାପାଙ୍କର ସାନ୍ନିଧ ପାଇବାକୁ ବି ଚେଷ୍ଟା କରୁଛି । ବୋଧହୁଏ ବାପାଙ୍କର କାନେ କାନେ କହିବାକୁ ଚାହୁଁଛି— 'ତୁମ ରିନ୍‌ରିନ୍ ତୁମ ନାଆଁ ରିନ୍‌ରିନ୍ କରି ବଜାଇ ଚାଲିବ ।'

ନୀଳ ଅନେକ ସମୟ ଧରି ଚୁପ୍ ହୋଇ ବସି ରହିଲେ ।

ରିନିର କଥା ଆଦୌ ଯୁକ୍ତିହୀନ ନୁହେଁ । ସତରେ ସେପରି ନ ହେବ କାହିଁକି ? ଏ ସମାଜ ପୁରୁଷଶାସିତ, ତେଣୁ କୌଣସିଦିନ ନାରୀମାନଙ୍କର କଥା ଭାବି ଦେଖିନାହିଁ । ଏହା ଏକ ବିରାଟ ଅସ୍ତ୍ର, ଯାହା ଦେଇ ନାରୀମାନଙ୍କୁ ଚାପିରଖିବା ସମ୍ଭବ । ସେହି କାରଣରୁ ଏ ବ୍ୟବସ୍ଥା କରାଯାଇଛି । ଜର୍ମାନୀରେ ତ ଏହି କିଛିଦିନ ଆଗେ ଆଇନ୍ ପାସ୍ କରାଯାଇଛି । ସଂଜ୍ଞାଟା ବଡ଼ କଥା ନୁହେଁ, ତେଣୁ ଯେଉଁମାନେ ବିବାହ କରିବେ, ସେମାନେ ଯେକୌଣସି ସଂଜ୍ଞା ଇଚ୍ଛା, ତାହା ଗ୍ରହଣ କରିପାରିବେ; ଏପରି କି ଏକସମୟରେ ଦୁଇଟିଯାକ ସଂଜ୍ଞା ନେଇପାରିବେ । ସେଥିରେ କିଛି ଯାଏ ଆସେ ନାହିଁ ।

କ'ଣ ପାଶ୍ଚାତ୍ୟ ଦେଶ ହିଁ ସବୁକଥା ଆଗ କରିବ ? ଏବଂ ତା'ର ବହୁବର୍ଷ ପରେ ଆମେ ତାହା ଅନୁକରଣ କରିବୁ ?

କୌଣସି କୌଣସି ବିଷୟରେ ଆମେ କାହିଁକି ଅଗ୍ରଣୀ ନ ହେବୁ ? କଦମ୍ ବଢ଼ାଇବାକୁ ହେଲେ ପ୍ରତ୍ୟେକ ଦିଗରେ ବଢ଼ାଇବାକୁ ପଡ଼ିବ ।

ତା ଛଡ଼ା ରିନି ବାପା-ମାଆଙ୍କର ଏକମାତ୍ର ସନ୍ତାନ । ସେ କିପରି ତା ବାପାମାଆଙ୍କ ନାମ ଲୋପ କରିଦେବ ? ତା'ହେଲେ ତ ସେ ଅନୁପଯୁକ୍ତ ସନ୍ତାନ ।

ଦୁଇଜଣ ଥିଲେ ବା ହୁଅନ୍ତା । ତାଙ୍କ ନିଜ ବାପମାଆଙ୍କ ପାଇଁ ଭାନୁ ରହିଛି । କେବଳ ସେତିକି ତ ନୁହେଁ, ତା'ର ଦୁଇଟି ପୁଅ ବି ହେଲାଣି । ଏ ବିଷୟରେ ସେମାନଙ୍କର ଆପତ୍ତି କରିବା ବା ଦୁଃଖ କରିବା ଅନ୍ୟାୟ ହେବ । ଏକଥା ବି ସେ ଜାଣେ ଯେ, ଯାହା ଠିକ୍, ସେମାନେ ତାହା ମାନିନେବେ । ସେ ତ ପ୍ରତ୍ୟେକ କଥାରେ ତାହା ହିଁ ଦେଖିଛନ୍ତି ।

ତା'ହେଲେ ସେ ରିନି ମତରେ ଏକମତ ନ ହେବେ କାହିଁକି ? ସେ ହେବେ ଅମୃତା ମାଆଙ୍କର ଏକମାତ୍ର ପୁଅ, ଯେପରି ରିନି ତାଙ୍କର ଏକମାତ୍ର ଝିଅ ।

Digitized by srujanika@gmail.com

ରିନି ମନେ ମନେ ବୁଝିପାରିଥିଲା, ନୀଳକଣ୍ଠଙ୍କ ପକ୍ଷରେ ଏଥିରେ ରାଜି ହେବା ସମ୍ଭବ ନୁହେଁ । ପ୍ରଥମେ ଯାହା ଶୁଣିଥିଲେ, ସେଥିରେ ରାଜିହେବା ଯେତେ ସହଜ, ଇଏ ତ ତାହା ନୁହେଁ । ତାଙ୍କୁ ପ୍ରତିରୋଧ ପାଇଁ ପ୍ରସ୍ତୁତ ହୋଇ ଠିଆହେବାକୁ ପଡ଼ିବ । ଯାହା ସମାଜରେ ହୁଏ ନାହିଁ, ସମସ୍ତଙ୍କ ସମକ୍ଷରେ ଖୋଲାଖୋଲି ଭାବରେ ତାହା କରିବାକୁ ପଡ଼ିବ, —ଅଗୋଚରରେ ନୁହେଁ, ଲୁଚିଛପି ନୁହେଁ ।

କିନ୍ତୁ ରିନିକୁ ନିଜର ସ୍ୱଷ୍ଟ ପଥରେ ସରଳ ଭାବରେ ଦଣ୍ଡାୟମାନ ହୋଇ ରହିବାକୁ ପଡ଼ିବ । ତାର ଅନ୍ତର କ୍ଷତବିକ୍ଷତ ହୋଇଗଲେ ମଧ୍ୟ ଏହା ହିଁ ତାର ପଥ । ଏହି ପଥରେ ହିଁ ତାକୁ ଚାଲିବାକୁ ପଡ଼ିବ ।

ହଠାତ୍ ନୀଳଙ୍କର ଗମ୍ଭୀର କଣ୍ଠସ୍ୱର ଶୁଣି ରିନି ଚମକିପଡ଼ି ଚାହିଁଦେଲା ।

"ଶୁଣ ରିନି, ତୁମେ ଯାହାସବୁ କହିଲ, ମୁଁ ତାରି ଉପରେ ଏଯାଏଁ ଭାବୁଥିଲି । ସବୁଦିଗରୁ ଚିନ୍ତାକରି ମୁଁ ମୋର କର୍ତ୍ତବ୍ୟ ସ୍ଥିର କରିଛି ।

ରିନି ନିର୍ବାକ୍ ହୋଇ କେବଳ ତାଙ୍କର ମୁହଁଟିକୁ ଚାହିଁ ରହିଲା ।

ନୀଳ କହିଲେ, "ପ୍ରଥମେ ଭାବିଲି, ରିନ୍ କାହିଁକି ଏପରି ଓଲଟା କାର୍ଯ୍ୟ କରିବାକୁ ଚାହୁଛି ? କିନ୍ତୁ ଭାବି ଦେଖିଲି, ଏହା ହିଁ ଠିକ୍; ଏହା ହିଁ ହେବା ଉଚିତ । ଯେଉଁଦିନ ଦୁଇଜଣଙ୍କର ଅଧିକାର ସମାନ ବୋଲି ଗ୍ରାହ୍ୟ ହେବ, ସେହିଦିନ ହିଁ ପ୍ରକୃତ ଭଲପାଇବା ସମ୍ଭବ ହୋଇପାରିବ । ଏହି ସତ୍ୟପଥରେ ମୁଁ ତୁମ ସହିତ ଚାଲିବାକୁ ଚାହେ । ଆମେ ଦିହେଁ ଦିହିଁଙ୍କୁ ସାହାଯ୍ୟ କରିବା ଏହି ନୂତନ ପଥରେ ଚାଲିବାରେ ।"

ପଶ୍ଚିମରେ ଢଳିଯିବା ଆଗରୁ ସୂର୍ଯ୍ୟ ହଠାତ୍ ଉଜ୍ଜ୍ୱଳ ହୋଇଉଠିଲେ ଏବଂ ଫଗୁରଙ୍ଗରେ ରଙ୍ଗାଇଦେଲେ ସେ ଦୁଇଜଣଙ୍କୁ । ପ୍ରସନ୍ନ ଚିତ୍ତରେ ଯେପରି କହିଗଲେ, "ନାରୀ ହୃଦୟର ଗୋପନ ବ୍ୟଥା ଯେ କ'ଣ, ତୁମେମାନେ ତାହା ଅନୁଭବ କରିପାରିଛ । ଜୟ ହେଉ ! ଜୟ ହେଉ ତୁମମାନଙ୍କର !!"

Digitized by srujanika@gmail.com